# ଭାରତୀୟ ସାହିତ୍ୟର

odia.org

ଶ୍ରୀ ପଠାଣି ପଟ୍ଟନାୟକ

# ଭାରତୀୟ ସାହିତ୍ୟର ଭୂମିକା

ଅଧ୍ୟାପକ ଶ୍ରୀ ପଠାଣି ପଟ୍ଟନାୟକ

ଅଗ୍ରଣୀ ଷ୍ଟୁଡେଣ୍ଟସ୍ ଷ୍ଟୋର

ପ୍ରକାଶକ—
ଶ୍ରୀ ଅନନ୍ତ ମିଶ୍ର
**କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର**
ବାଲୁବଜାର, କଟକ-୨

ପ୍ରଥମ ସଂସ୍କରଣ
୧-୧-୬୮

ମୁଦ୍ରାକର—
ଶ୍ରୀ କୁଳମଣି କର
**ଅନ୍ନପୂର୍ଣ୍ଣା ପ୍ରେସ,**
ଆଲିଶାବଜାର, କଟକ-୨

ମୂଲ୍ୟ—ବନ୍ଧାଇ ଟ୭.୦୦
ସାଦା ଟ୫.୦୦

# ଉତ୍ସର୍ଗ

ଦେହ ଓ ଦେହାତୀତର ସାଥୀ

ଶ୍ରୀମତୀ ପ୍ରଭାତକୁମାରୀ ପଟ୍ଟନାୟକ

ଲେଖକ

# ସୂଚୀ


| ବିଷୟ | ପୃଷ୍ଠା |
|---|---|
| ୧ । ଓଡ଼ିଆ ସାହିତ୍ୟ | ୧ |
| ୨ । ବଙ୍ଗଳା ସାହିତ୍ୟ | ୨୫ |
| ୩ । ଆସାମୀ ସାହିତ୍ୟ | ୩୭ |
| ୪ । ହିନ୍ଦୀ ସାହିତ୍ୟ | ୫୦ |
| ୫ । ଉର୍ଦ୍ଦୁ ସାହିତ୍ୟ | ୫୯ |
| ୬ । ମହାରାଷ୍ଟ୍ରୀ ସାହିତ୍ୟ | ୬୯ |
| ୭ । ଗୁଜରାଟୀ ସାହିତ୍ୟ | ୭୬ |
| ୮ । କାଶ୍ମୀର ସାହିତ୍ୟ | ୮୫ |
| ୯ । ପଞ୍ଜାବୀ ସାହିତ୍ୟ | ୯୦ |
| ୧୦ । ତେଲୁଗୁ ସାହିତ୍ୟ | ୧୦୦ |
| ୧୧ । ତାମିଲ ସାହିତ୍ୟ | ୧୧୩ |
| ୧୨ । ମଳୟାଲମ ସାହିତ୍ୟ | ୧୨୫ |
| ୧୩ । କନ୍ନଡ ସାହିତ୍ୟ | ୧୩୪ |
| ୧୪ । ପ୍ରାକୃତ ସାହିତ୍ୟ | ୧୪୪ |
| ୧୫ । ପାଲି ସାହିତ୍ୟ | ୧୫୪ |
| ୧୬ । ସଂସ୍କୃତ ସାହିତ୍ୟ | ୧୬୦ |
| ୧୭ । ଅପଭ୍ରଂଶ ସାହିତ୍ୟ | ୧୭୪ |
| ୧୮ । ସିନ୍ଧୀ ସାହିତ୍ୟ | ୧୮୩ |

# ମୁଖବନ୍ଧ

ମହାପଣ୍ଡିତ ମାକ୍ସମୁଲେର ତାଙ୍କର "ଭାରତ ଆମ୍ଭମାନଙ୍କୁ କଅଣ ଶିକ୍ଷା ଦେଇଛି" ଶୀର୍ଷକ ପୁସ୍ତକରେ ଲେଖିଥିଲେ—

"If I were to ask myself from what literature we in Europe may draw that corrective which is wanted in order to make our inner life more perfect, more universal, in fact more truly human, I should point to India."

ଅତି ପ୍ରାଚୀନ ଏବଂ ବିଶାଳ ଭାରତବର୍ଷର ସମୃଦ୍ଧ ସାହିତ୍ୟ ସମ୍ପର୍କରେ ପାଶ୍ଚାତ୍ୟ ପଣ୍ଡିତଙ୍କର ଉପରୋକ୍ତ ମତ ଅତ୍ୟନ୍ତ ସ୍ମରଣୀୟ । ଭାରତର ପ୍ରାଚୀନ ସଂସ୍କୃତ-ସାହିତ୍ୟ ପୃଥିବୀର ସାହିତ୍ୟ-ସଂସାରରେ ଏକ ବିସ୍ମୟ । ଯେତେବେଳେ ପୃଥିବୀର ଅଧିକାଂଶ ଅଞ୍ଚଳରେ ଅସଭ୍ୟତା ଏବଂ ବର୍ବରତାର ଅମାଅନ୍ଧକାର ଘୋଟି ଯାଇଥିଲା, ସେତେବେଳେ ଭାରତର ସଭ୍ୟତା, ସଂସ୍କୃତି ଏବଂ ସାହିତ୍ୟ ପୃଥିବୀର ସଭ୍ୟତା ଓ ସଂସ୍କୃତି ସମକ୍ଷରେ ଆଲୋକ ବର୍ତ୍ତିକା ପରି ପ୍ରତିଭାତ ହେଉଥିଲା । କାଳକ୍ରମେ ପ୍ରାକୃତ ଭାଷା ଏବଂ ସଂସ୍କୃତ ଭାଷାର ସମନ୍ୱୟରେ ଭାରତବର୍ଷର ବିଭିନ୍ନ ଅଞ୍ଚଳରେ ବହୁ ଭାଷା ଓ ସାହିତ୍ୟର ଅଭ୍ୟୁଦୟ ହୋଇଥିଲା । ଏହି ଭାଷା-ଗୁଡ଼ିକ ମୁଖ୍ୟତଃ ଉତ୍ତର ଭାରତୀୟ ଭାଷାଗୋଷ୍ଠୀ ଏବଂ ଦକ୍ଷିଣ ଭାରତୀୟ ଭାଷାଗୋଷ୍ଠୀ ଏହିପରି ଦୁଇ ଶ୍ରେଣୀରେ ବିଭକ୍ତ ହୋଇଥିଲେ ହେଁ ସେମାନଙ୍କ ମଧ୍ୟରେ ଅନୈକ୍ୟ ମଧ୍ୟରେ ଏକ ମୌଳିକ ଏକତା ବିଦ୍ୟମାନ ଅଛି । ଭାରତର ବିଭିନ୍ନ ପ୍ରାନ୍ତ'ର ଭାଷା-ସାହିତ୍ୟରେ ରାମାୟଣ, ମହାଭାରତ ଏବଂ ପୁରାଣମାନଙ୍କର ପ୍ରଭାବ ଯେପରି ଲକ୍ଷ୍ୟ କରାଯାଏ, ଏହି ପବିତ୍ର ଭୂମିର ଧାର୍ମିକ ଆନ୍ଦୋଳନର ଯାବତୀୟ ପ୍ରତିକ୍ରିୟାକୁ ଭିତ୍ତି କରି ସୃଷ୍ଟି-ସମ୍ଭାର ମଧ୍ୟ ଦେଖାଯାଏ । ବିଭିନ୍ନ ଯୁଗରେ ଯେତେ ପ୍ରକାର ରାଜନୈତିକ ଏବଂ ଆଧ୍ୟାତ୍ମିକ ଆନ୍ଦୋଳନ ଭାରତଭୂମିକୁ ମନ୍ଥିତ କରିଅଛି, ଭାରତୀୟ

ସାହିତ୍ୟରେ ତାହାର ରୂପାୟନ ଅତ୍ୟନ୍ତ ସଫଳତାର ସହିତ ହୋଇଥିବା ଅନୁଭୂତ ହୁଏ ।

ଭାରତବର୍ଷ ଏକ ବିଶାଳ ଦେଶ । ଏ ଦେଶରେ ବିଷୁବମଣ୍ଡଳଠାରୁ ସମକଟିବନ୍ଧ ପର୍ଯ୍ୟନ୍ତ ସମ୍ଭବ ହୋଇଥିବା ନାନା ପ୍ରକାର ଜଳବାୟୁ ଭୌଗୋଳିକ ପରିବେଶ ଦେଖିବାକୁ ମିଳେ । ତାହା ଛଡ଼ା ଅସଂଖ୍ୟ ଧର୍ମ, ବହୁ ଭାଷାଭାଷୀ, ଏବଂ ବହୁ ସାହିତ୍ୟର ଅଧିକାରୀ ବିଭିନ୍ନ ବର୍ଣ୍ଣ, ଶ୍ରେଣୀ ଓ ଗୋଷ୍ଠୀର ଲୋକ ଏ ଦେଶରେ ବସବାସ କରୁଅଛନ୍ତି । ତଥାପି ଏତେ ବଡ଼ ଅନୈକ୍ୟ ମଧ୍ୟରେ ସୁଦ୍ଧା ଏ ଦେଶର ସଂସ୍କୃତି, ଐକ୍ୟର ମୂଳମନ୍ତ୍ର ପ୍ରଚାର କରିଆସିଛି । ଦକ୍ଷିଣରେ ରାମେଶ୍ୱର, ପଶ୍ଚିମରେ ଦ୍ୱାରକା, ଉତ୍ତରରେ ବଦ୍ରୀନାଥ ଏବଂ ପୂର୍ବରେ ପୁରୁଷୋତ୍ତମ-ଜଗନ୍ନାଥ କ୍ଷେତ୍ରକୁ ଭାରତର ଚାରିଧାମ କୁହାଯାଏ । ଏହି ଚାରିଧାମ ମଧ୍ୟରେ ଭାରତର ଅସଂଖ୍ୟ ଭାଷା, ଗୋଷ୍ଠୀ ଏବଂ ସାହିତ୍ୟର ଅଧିକାରୀ ଜନସାଧାରଣ ଏକ ମୌଳିକ ସାଂସ୍କୃତିକ ଏକତାର ସ୍ୱାଦ ଅନୁଭବ କରନ୍ତି । ଏହି ଚାରିଧାମ ଦର୍ଶନ ନକଲେ ବିଶାଳ ଦେଶ ଦର୍ଶନ ଯେପରି ଅପୂର୍ଣ୍ଣ ରହିଯିବ, ସେହିପରି ଭାରତର ମୂଳ ଭାଷା ସଂସ୍କୃତ ସହିତ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ଓ ସାହିତ୍ୟ ଅଧ୍ୟୟନ ନକଲେ ଭାରତୀୟ ସଂସ୍କୃତିର ସ୍ପଷ୍ଟ ପରିଚୟ ଲାଭ କରିବା ସମ୍ଭବ ହେବ ନାହିଁ । ସେଥିପାଇଁ ସ୍ୱାଧୀନତା ପରେ ଭାରତର ବିଭିନ୍ନ ପ୍ରାନ୍ତରେ ସାହିତ୍ୟ ଏକାଡେମି ମାଧ୍ୟମରେ ବିଭିନ୍ନ ପ୍ରଦେଶ ସହିତ ସାଂସ୍କୃତିକ ଯୋଗାଯୋଗ ପାଇଁ ଉଦ୍ୟମ ହେଉଅଛି । ଭାରତର ଜାତୀୟ ସଂହତି ପାଇଁ ଭାରତୀୟ ଭାଷା-ସାହିତ୍ୟର ଅଧ୍ୟୟନ ଏକାନ୍ତ ଆବଶ୍ୟକ । ଶଙ୍କର, ଚୈତନ୍ୟ, ଜୟଦେବ ଓ ମହାତ୍ମା ଗାନ୍ଧୀ ଯେଉଁ ପ୍ରଦେଶର ଏବଂ ଯେଉଁ ଭାଷା ଗୋଷ୍ଠୀର ହୋଇଥାନ୍ତୁ ନା କାହିଁକି, ସେମାନଙ୍କୁ ସମଗ୍ର ଭାରତବର୍ଷ ଆପଣାର କରି ଗ୍ରହଣ କରିଅଛି । ସେମାନଙ୍କ ପ୍ରଚାରିତ ମତବାଦ ଭାରତୀୟ ସାହିତ୍ୟର ସମ୍ପତ୍ତି ହୋଇଅଛି । ଭାରତୀୟ ସଂସ୍କୃତିର ସେମାନେ ଉପଯୁକ୍ତ ମାର୍ଗିକ ହୋଇଥିବାରୁ ଜାତୀୟ ସାହିତ୍ୟରେ ସେମାନଙ୍କର ବାଣୀ ପ୍ରଚାରିତ ହୋଇ ଏକ ସର୍ବଭାରତୀୟ ତରଙ୍ଗ ସୃଷ୍ଟି କରିଅଛି ।

ଏହି ପୁସ୍ତକ ଜରିଆରେ ଓଡ଼ିଆ ଭାଷାରେ ଭାରତୀୟ ସାହିତ୍ୟର ଆଲୋଚନା ବୋଧହୁଏ ସର୍ବପ୍ରଥମ ଉଦ୍ୟମ । ତେଣୁ ଏଥିରେ ଅପୂର୍ଣ୍ଣତା

ରହିବା ସ୍ୱାଭାବିକ । ତେବେ ଏହି ପ୍ରବନ୍ଧଗୁଡ଼ିକ ଲେଖିବା ପାଇଁ ଇଂରାଜୀ, ହିନ୍ଦୀ ଏବଂ ବଙ୍ଗଳା ଭାଷାର କେତେକ ପୁସ୍ତକ ଏବଂ ପ୍ରକାଶିତ ସନ୍ଦର୍ଭର ସାହାଯ୍ୟ ଗ୍ରହଣ କରାଯାଇଅଛି । ମୁଖ୍ୟତଃ ସାହାଯ୍ୟକାରୀ ପୁସ୍ତକଗୁଡ଼ିକ ହେଲା—

(1) Encyclopedia of Literature
Edited by Joseph T. Shipley
Vol I. 1946

(2) Literature in Modern Indian Languages.
Edited by-V. K. Gokak
1957—Publication Division
*Govt. of India*

(3) Contemporary Indian Literature
Sahitya Akademi
New Delhi-1957

(4) ହିନ୍ଦୀ ସାହିତ୍ୟ କୋଷ (ହିନ୍ଦୀ)
(ପ୍ରଥମ ସଂସ୍କରଣ)

(5) ଆଧୁନିକ ଭାରତୀୟ ସାହିତ୍ୟ (ବଙ୍ଗଳା)
ଲେଖକ—ଶାନ୍ତିରଞ୍ଜନ ବନ୍ଦୋପାଧ୍ୟାୟ

(6) ହିନ୍ଦୀ ଭାଷା କା ଉଦ୍‌ଭବ ଔର ବିକାଶ
ଡକ୍ଟର ଉଦୟ ନାରାୟଣ ତିବାରୀ

(7) ହିନ୍ଦୀ ଭାଷା
ଡକ୍ଟର ଶ୍ୟାମସୁନ୍ଦର ଦାସ

(8) ଭାରତ କା ଭାଷା ସର୍ବେକ୍ଷଣ
ଲେ-ସାର ଜର୍ଜ ଆବ୍ରାହମ ଗ୍ରିୟର୍ସନ
ଅନୁବାଦ—ଉଦୟ ନାରାୟଣ ତିବାରୀ

(୨) ହିନ୍ଦୀ ସାହିତ୍ୟ କା ଇତିହାସ
ରାମଚନ୍ଦ୍ର ଶୁକ୍ଲ

(10) ଆଜ କା ଭାରତୀୟ ସାହିତ୍ୟ (ହିନ୍ଦୀ)

(ସାହିତ୍ୟ ଏକାଡ଼େମୀ ନିର୍ଦ୍ଦେଶରେ ରାଜପାଲ ଏଣ୍ଡ ସନ୍ସ, ଦିଲ୍ଲୀ ଦ୍ୱାରା ପ୍ରକାଶିତ ।)

ଭାରତୀୟ ସାହିତ୍ୟ ସମ୍ପର୍କରେ ଏହି ପୁସ୍ତକ ଖଣ୍ଡି ଓଡ଼ିଆ ସାହିତ୍ୟର ଇତିହାସ ପାଠକମାନଙ୍କ ନିକଟରେ ତୁଳନାତ୍ମକ ବିଚାର ପାଇଁ ଯଦି କାହିଁ ସାହାଯ୍ୟ କରେ, ତାହା ହେଲେ ଲେଖକର ଶ୍ରମ ସାର୍ଥକ ହେବ ।

ଶ୍ରୀ ପଠାଣି ପଟ୍ଟନାୟକ
୧-୧-୧୯୭୮
ସିଦ୍ଧେଶ୍ୱର ସାହି, କଟକ-୧

# ଓଡ଼ିଆ ସାହିତ୍ୟ

ଉତ୍କଳ ଏକ ପ୍ରାଚୀନ ଦେଶ । ଏହାର ସଭ୍ୟତା ଅତି ସମୃଦ୍ଧ ଏବଂ ସେ ଏକ ଦୀର୍ଘ ଗୌରବମୟ ପରଂପରାର ଅଧିକାରିଣୀ । ମହାଭାରତ ଏବଂ ଅଷ୍ଟାଦଶ ପୁରାଣମାନଙ୍କରେ ଉତ୍କଳ ପ୍ରାନ୍ତର ନାମ ବହୁ ସ୍ଥଳରେ ଉଲ୍ଲେଖ ଅଛି । ଶୌର୍ଯ୍ୟ, ବୀର୍ଯ୍ୟ ଏବଂ ପବିତ୍ରତାର ଦେଶ ଉତ୍କଳଭୂମି ଯୁଗେ ଯୁଗେ ବହୁ ସାଧୁ, ସନ୍ଥ ଏବଂ ଦିଗ୍‌ବିଜୟୀ ଶାସକମାନଙ୍କ ଦ୍ୱାରା ଅଧିଷ୍ଠିତ ହୋଇଅଛି । ପୃଥିବୀର ସ୍ୱର୍ଗଭୂମି ଭାବରେ ଉତ୍କଳଭୂମିକୁ ପୁରାଣକାରମାନେ ବନ୍ଦନା କରିଛନ୍ତି । 'ତନ୍ତ୍ରଯାମଳ' ଗ୍ରନ୍ଥରେ କୁହାଯାଇଛି –

"ଭାରତେ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ
ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ ।"

ମହାଭାରତରେ କଳିଙ୍ଗ, ଉତ୍କଳ ଏବଂ ଓଡ୍ର ଦେଶର ପରିଚୟ ଦିଆଯାଇଛି । ମହର୍ଷି ମନୁଙ୍କ ନାତି ସୁଦ୍ୟୁମ୍ନ ଏବଂ ତାଙ୍କର ପୁତ୍ର 'ଉତ୍କଳ' ବୋଲି କୁହାଯାଇଛି ।

ନିରତି ନାମକ ସ୍ଥାନରୁ ମହାଭବଗୁପ୍ତ ରାଜା ଅର୍ଜ୍ଜୁନଙ୍କର ଏକ ତାମ୍ର-ଶାସନ ମିଳିଅଛି । ତହିଁରୁ ଜଣାଯାଏ ଯେ ତତ୍କାଳୀନ ଉତ୍କଳ ରାଜକନ୍ୟା ପଦ୍ମାବତୀ ସତ୍ୟମାର୍ତ୍ତଣ୍ଡ ନାମକ ନରପତିଙ୍କୁ ବିବାହ କରିଥିଲେ ଏବଂ ଓଡ୍ରବାଡ଼ ବା ଓଡ୍ରଦେଶ ଯୌତୁକ ସ୍ୱରୂପ ଉତ୍କଳର ନରପତିଙ୍କ ଜାମାତାଙ୍କୁ ଅର୍ପଣ କରାଯାଇଥିଲା । ପରବର୍ତ୍ତୀକାଳରେ ଉତ୍କଳର ରାଜା ଅପୁତ୍ରିକ ହୋଇ ମୃତ୍ୟୁବରଣ କରିବାରୁ ଜାମାତା ସତ୍ୟମାର୍ତ୍ତଣ୍ଡ ସମଗ୍ର ଉତ୍କଳମଣ୍ଡଳର ଶାସକ ହୋଇଥିଲେ । ଏହିପରି ଉତ୍କଳ ଏବଂ ଓଡ୍ରବାଡ଼ ପରଯୁଗରେ 'ଓଡ଼ିଶା' ନାମରେ ଖ୍ୟାତ ହୋଇଥିଲା । ମହାଭାରତରୁ ଜଣାଯାଏ ଯେ କଳିଙ୍ଗର ଶାସକ ଶ୍ରୁତାୟୁ କୌରବ ଅଧିପତି ଦୁର୍ଯ୍ୟୋଧନ ସପକ୍ଷରେ ମହାଭାରତ ସମରରେ ଯୋଗ ଦେଇଥିଲେ । କଳିଙ୍ଗ ବାହିନୀଙ୍କର ଅପୂର୍ବ ରଣକୌଶଳ ଏବଂ ସାହସିକତା ସମ୍ପର୍କରେ ମହାଭାରତକାର ଯଥେଷ୍ଟ ପ୍ରଶଂସା କରିଅଛନ୍ତି । କଳିଙ୍ଗ ଏବଂ ଉତ୍କଳର

ସମ୍ପର୍କ ଅତ୍ୟନ୍ତ ନିବିଡ଼ ଥିଲା । ଚନ୍ଦ୍ରବଂଶୀୟ ଉଡ୍ର ରାଜାମାନେ ଏଦେଶକୁ ଶାସନ କରୁଥିବାରୁ ସେମାନଙ୍କ ନାମାନୁସାରେ ଏ ଦେଶର ନାମ ଉଡ୍ରଦେଶ ଏବଂ ପରେ ତାହା ଓଡ଼ିଶା ନାମରେ ପରିଚିତ ହେଲା । ଅତି ପ୍ରାଚୀନ କାଳରେ ଉତ୍ତରରେ ଦାମୋଦର ନଦୀଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ଏବଂ ପୂର୍ବରେ ମହୋଦଧିଠାରୁ ପଶ୍ଚିମରେ ସପ୍ତଗଡ଼ା ପର୍ଯ୍ୟନ୍ତ ଅଞ୍ଚଳ ଭିନ୍ନ ଭିନ୍ନ ରାଜ୍ୟରେ ବିଭକ୍ତ ଥିଲା । ଏହାର ଦକ୍ଷିଣ ଉପକୂଳ ଅଂଶକୁ ଦକ୍ଷିଣ କଳିଙ୍ଗ, ଉତ୍ତର ଉପକୂଳ ଅର୍ଥାତ୍ ଆଧୁନିକ ସିଂହଭୂମି, ମୟୂରଭଞ୍ଜ, ମେଦିନୀପୁର ଏବଂ କଟକ ଜିଲ୍ଲାର ଉତ୍ତରାଞ୍ଚଳକୁ ଉତ୍ତର କଳିଙ୍ଗ ଏବଂ ମଧ୍ୟ ଅଂଶକୁ କଳିଙ୍ଗ କୁହାଯାଉଥିଲା । ପୁନଶ୍ଚ ଏହି ଭୌଗୋଳିକ ସୀମାର ପଶ୍ଚିମରେ ପାଟଣା, ସୋନପୁର, ସମ୍ବଲପୁର ପ୍ରଭୃତି ଅଞ୍ଚଳକୁ ନେଇ କୋଶଳ ରାଜ୍ୟ ଗଠିତ ହୋଇଥିଲା ଏବଂ କଳାହାଣ୍ଡି, ବସ୍ତର ଓ ଜୟପୁର ପ୍ରଭୃତି ରାଜ୍ୟକୁ କେନ୍ଦ୍ରକରି ମୂଷିକରାଜ୍ୟ ପ୍ରତିଷ୍ଠିତ ହୋଇଥିଲା । ବୌଦ୍ଧ ପ୍ରଭୃତି ଗଡ଼ଜାତ ଏବଂ ଖୋର୍ଦ୍ଧାର କେତେକ ଅଂଶ ତୋଷଳ ରାଜ୍ୟ ନାମରେ ପରିଚିତ ହେଉଥିଲା । କାଳକ୍ରମେ ଏହି ତୋଷଳ ରାଜ୍ୟ ଉଡ୍ରରାଜ୍ୟ ନାମ ଧାରଣ କଲା ଏବଂ ପରବର୍ତ୍ତୀ କାଳରେ ଶକ୍ତିଶାଳୀ ଗଜପତିମାନଙ୍କ ରାଜତ୍ୱକାଳରେ ଏ ସମସ୍ତ ରାଜ୍ୟ ଗୋଟିଏ ଶାସନାଧୀନରେ ରହି ଗୋଟିଏ ଭାଷା ଓ ସଂସ୍କୃତିକୁ ଗ୍ରହଣ କଲା । ଏହି ସାମ୍ରାଜ୍ୟର ଭାଷା ଓଡ଼ିଆ ଭାଷା ବହୁ କାଳରୁ ବିକାଶପ୍ରାପ୍ତ ହୋଇ ଆସିଅଛି ।

ଓଡ଼ିଆ ଭାଷାର ପ୍ରାଚୀନତା ସମ୍ବନ୍ଧରେ "ପ୍ରାଚୀନ ଉତ୍କଳ"ର ଲେଖକ ବିଶେଷ ଆଲୋଚନା କରିଛନ୍ତି । ତହିଁରୁ ଜଣାଯାଏ ଯେ, ଅତି ପ୍ରାଚୀନ ଗ୍ରନ୍ଥ ପ୍ରାକୃତ ଲଙ୍କେଶ୍ୱର ବ୍ୟାକରଣରେ ଶାସ୍ତ୍ରୀୟ ଅଷ୍ଟାଦଶ ଭାଷାର ଉଲ୍ଲେଖ ଅଛି । ଏହି ଅଷ୍ଟାଦଶ ଭାଷା ମଧ୍ୟରେ ଓଡ୍ରଆ ବା ଓଡ୍ରିୟା ଭାଷାର ନାମୋଲ୍ଲେଖ ଅଛି । ବୌଦ୍ଧମାନଙ୍କର ଧର୍ମଗ୍ରନ୍ଥ ଲଳିତବିସ୍ତର ଗ୍ରନ୍ଥରୁ ଜଣାଯାଏ ଯେ, ବୁଦ୍ଧଦେବ ଯେଉଁ ୬୪ ପ୍ରକାର ଲିପି ଶିକ୍ଷା କରିଥିଲେ ସେଥି ମଧ୍ୟରେ "ଉଗ୍ରଲିପି" ଏକତମ । ଏହି ଉଗ୍ରଲିପି ଉଡ୍ରଲିପି ବୋଲି ଅନୁମାନ କରାଯାଇ ପାରେ । ଜୈନମାନଙ୍କର ଧର୍ମଶାସ୍ତ୍ର ସମବାୟସୂତ୍ର ଓ "ପ୍ରଜ୍ଞାପନସୂତ୍ର"ଗ୍ରନ୍ଥ ଦ୍ୱୟରେ 'ଦାସ ପୁରିସ୍ୟା' ଓ 'ଦାସ ଉଡ଼ିସ୍ୟା' ଲିପିର ନାମୋଲ୍ଲେଖ ଅଛି । ନନ୍ଦୀସୂତ୍ର ନାମକ ଅନ୍ୟ ଏକ ଜୈନ ଗ୍ରନ୍ଥରେ ଉଲ୍ଲେଖ

ଥିବା ଚଉଷଠି ପ୍ରକାର ଲିପିମାନଙ୍କ ମଧ୍ୟରୁ 'ଉଡ୍ରୀଲିପି' ଗୋଟିଏ ବୋଲି ଜଣାଯାଏ । ଭାଷା ଦୁଇ ପ୍ରକାର (୧) କଥିତ (୨) ଲିଖିତ । ବୈଦିକ କାଳରେ ଆର୍ଯ୍ୟ ପଣ୍ଡିତମାନେ ବୈଦିକ ସଂସ୍କୃତରେ ସାହିତ୍ୟ ରଚନା କରିଥିଲେ; କିନ୍ତୁ ସାଧାରଣ ଲୋକେ ପ୍ରାକୃତ ଭାଷାକୁ କଥିତ ଭାଷା ରୂପେ ବ୍ୟବହାର କରୁଥିଲେ । କାଳକ୍ରମେ ବୈଦିକ ପ୍ରାକୃତ ଏବଂ ବୈଦିକ ସଂସ୍କୃତର ସମନ୍ୱୟରେ ଏପରି ଏକ ଭାଷା ସୃଷ୍ଟି ହେଲା ଯାହାକୁ ପାଣିନିଙ୍କ ଭଳି ବୈୟାକରଣଗଣ ସଂସ୍କାର କରିବାପାଇଁ ଉଦ୍ୟମ କରିଥିଲେ । ଏହି ପରିବର୍ତ୍ତିତ ଭାଷା ସଂସ୍କୃତ ଭାଷା ଭାବରେ ପରିଚିତ ହେଲା । ସଂସ୍କୃତ ଭାଷା କେବଳ ସମାଜର ଶିଷ୍ଟ ଲୋକମାନଙ୍କ ମଧ୍ୟରେ ଆବଦ୍ଧ ରହିଲା । ମାତ୍ର ଲୋକଶିକ୍ଷା ପାଇଁ ପ୍ରାକୃତ ଭାଷାହିଁ ଏକମାତ୍ର ମାଧ୍ୟମ ଥିଲା । ତେଣୁ ବୁଦ୍ଧଦେବ ତତ୍କାଳୀନ ପ୍ରାକୃତ ଭାଷାରେ ଲୋକ ସମାଜରେ ଧର୍ମ ପ୍ରଚାର କରିଥିଲେ । ବୌଦ୍ଧଧର୍ମର ସାହିତ୍ୟ ମୁଖ୍ୟତଃ ସେହି ଲୋକଙ୍କର କଥିତ ଭାଷାରେ ରଚିତ ଓ ପ୍ରଚାରିତ ହେଲା । ବିଖ୍ୟାତ ବୌଦ୍ଧ ନରପତି ଅଶୋକ ଏବଂ ଜୈନ ସମ୍ରାଟ୍ ଖାରବେଳ ଲୋକଙ୍କର କଥିତ ପ୍ରାକୃତ ଭାଷାରେ ଶିଳାଲେଖମାନ ଲିପିବଦ୍ଧ କରି ଯାଇଅଛନ୍ତି ।

ଏହି ପ୍ରାକୃତ ଭାଷାମାନଙ୍କ ମଧ୍ୟରେ ପାଲି ପ୍ରାଚୀନତମ । ପାଲି-ଭାଷାରେହିଁ ବୌଦ୍ଧଗ୍ରନ୍ଥମାନ ରଚିତ ହୋଇଥିଲା । ଅଶୋକ ଖ୍ରୀ. ପୂ. ତୃତୀୟ ଶତାବ୍ଦୀରେ ଓଡ଼ିଶାର ଧଉଳି ଏବଂ ଜଉଗଡ଼ ପର୍ବତରେ ପାଲି ଭାଷାରେ ଅନୁଶାସନ ଖୋଦନ କରି ଯାଇଅଛନ୍ତି । ତାଙ୍କର ଶହେ ବର୍ଷ ପରେ ଜୈନ ସମ୍ରାଟ ଖାରବେଳ ଭୁବନେଶ୍ୱରର ଖଣ୍ଡଗିରି ପର୍ବତରେ ପାଲିଭାଷାରେ ଯେଉଁ ଲିପି ଖୋଦନ କରି ଯାଇଅଛନ୍ତି, ତାହା ହାତୀଗୁମ୍ଫା ଶିଳାଲେଖ ନାମରେ ଭାରତବିଖ୍ୟାତ ।

ସେ କାଳର ପାଲିଭାଷା ମାଗଧି ଭାଷା ଭାବରେ ପରିଚିତ ହେଉଥିଲା । ଏହି ମାଗଧି ଭାଷାରୁ କାଳକ୍ରମେ ଆଧୁନିକ ଓଡ଼ିଆ ଭାଷାର ଉଦ୍ଭବ ହୋଇଅଛି ।

ଏକଦା ପ୍ରାକୃତ ଭାଷା ବହୁଧା ବିଭକ୍ତ ହୋଇଗଲା । ସେମାନଙ୍କ ମଧ୍ୟରେ (୧) ମାଗଧୀ (୨) ସୌରସେନୀ ଓ (୩) ମହାରାଷ୍ଟ୍ରୀ ପ୍ରାକୃତ ଅଗ୍ରଗଣ୍ୟ । କାଳକ୍ରମେ ମାଗଧୀ ଏବଂ ସୌରସେନୀର ମିଶ୍ରଣରେ

ଅର୍ଦ୍ଧ ମାଗଧୀ ପ୍ରାକୃତର ସୃଷ୍ଟି ହେଲା । ଏହି ଅର୍ଦ୍ଧ ମାଗଧୀ ଭାଷାରେ ଜୈନ ଧର୍ମର ସାହିତ୍ୟ ରଚିତ ହୋଇଅଛି । ପ୍ରାକୃତ ଭାଷା ସାହିତ୍ୟିକ ରୂପ ଗ୍ରହଣ କରିବାରୁ କଥିତ ଭାଷା ଅପଭ୍ରଂଶ ଭାଷା ଭାବରେ ଆଖ୍ୟାତ ହେଲା ! ଏକାଦଶ ଶତାବ୍ଦୀ ଯାଏଁ ଅପଭ୍ରଂଶ ଭାଷାରେ ସାହିତ୍ୟ ରଚିତ ହୋଇଥିବା ଜଣାଯାଏ । ପରେ ପରେ ଏହି ଅପଭ୍ରଂଶ ଭାଷାରୁ ଭାରତୀୟ ଆଧୁନିକ ଭାଷା ଗୋଷ୍ଠୀ ଜନ୍ମଗ୍ରହଣ କରିଥିଲା । ତେବେ ମାଗଧୀ ପ୍ରାକୃତ ଅଥବା ମାଗଧୀ ଅପଭ୍ରଂଶ ଯେ ଆଧୁନିକ ବଙ୍ଗଳା, ଆସାମୀ ଏବଂ ଓଡ଼ିଆ ଭାଷାର ଜନନୀ ଏଥିରେ ଆଦୌ ସନ୍ଦେହ ନାହିଁ ।

ସେଥିପାଇଁ ବୋଧହୁଏ ସପ୍ତମଠାରୁ ଦଶମ ଖ୍ରୀଷ୍ଟାବ୍ଦରେ ରଚିତ ହୋଇଥିବା "ବୌଦ୍ଧଗାନ ଓ ଦୋହାକୁ" ବଙ୍ଗଳା, ଆସାମ ଏବଂ ଓଡ଼ିଆ ସାହିତ୍ୟର ପ୍ରଥମ କାଳର ରଚନା ବୋଲି, ଦାବି କରାଯାଉଛି ।

ଓଡ଼ିଆଭାଷା ଅତ୍ୟନ୍ତ ପ୍ରାଚୀନ ବୋଲି ପୂର୍ବରୁ ସୂଚିତ ହୋଇଅଛି । ପାଲିଭାଷାରେ ଖୋଦିତ ଖ୍ରୀ. ପୂ. ତୃତୀୟ ଶତାବ୍ଦୀର ଅଶୋକଙ୍କ ଶିଳାଲେଖରୁ ଏବଂ ତାର ପରବର୍ତ୍ତୀ ଖାରବେଳଙ୍କ ଅନୁଶାସନରୁ ବହୁ ଓଡ଼ିଆ ଶବ୍ଦର ପରିଚୟ ମିଳିଥାଏ ।

ଅଶୋକଙ୍କ ଅନୁଶାସନରେ ବ୍ୟବହୃତ କେତେକ ଶବ୍ଦ ସହିତ ଓଡ଼ିଆ ଭାଷାର ସାମ୍ୟ ଥିବାର ଦେଖାଯାଏ । ଯଥା :—

| ପାଲି | ଓଡ଼ିଆ |
|---|---|
| କଛି | କଚ୍ଛି |
| ତିନି | ତିନି |
| ନଛି | ନାହିଁ |
| ପଛ୍ଛ | ପଛ |
| ବଢ଼ି | ବଢ଼ି |
| ମିତ | ମିତ |
| ହାନି | ହାନି |
| ହୋତୁ | ହୋଉ |
| ସିରି | ଶିରୀ |
| ଏକେ | ଏକେ |
| ଓସଧ | ଓଷଧ |
| ପୁତ | ପୁତ |

ପ୍ରାକୃତରୁ ଜନ୍ମଗ୍ରହଣ କରିଥିଲେ ହେଁ ଓଡ଼ିଆ ଭାଷା ସଂସ୍କୃତ ଭାଷାରୁ ଅସଂଖ୍ୟ ଶବ୍ଦାବଳୀ ଗ୍ରହଣ କରିଅଛି । ତାହା ଛଡ଼ା ବିଭିନ୍ନ ଯୁଗରେ ଦ୍ରାବିଡ଼ ଆରବୀ, ଫାର୍ସି, ପର୍ତ୍ତୁଗୀଜ, ଓଲନ୍ଦାଜ, ଇଂରେଜ ପ୍ରଭୃତି ଭାଷାମାନଙ୍କରୁ ବହୁଶବ୍ଦ ଗ୍ରହଣ କରି ଓଡ଼ିଆଭାଷା ସମୃଦ୍ଧ ହୋଇଅଛି । ହିନ୍ଦି ଓ ବଙ୍ଗଳା ଭାଷାରେ ସଂସ୍କୃତରୁ ଗୃହୀତ ଅକାରାନ୍ତ ଶବ୍ଦର ଶେଷ ବର୍ଣ୍ଣ ଯେପରି ବିକୃତ ହୋଇ ହସନ୍ତ ବର୍ଣ୍ଣ ପରି ଉଚ୍ଚାରିତ ହୁଏ, ଓଡ଼ିଆରେ ସେପରି ହୁଏ ନାହିଁ । ଏହାହିଁ ଓଡ଼ିଆ ଭାଷାର ପ୍ରଧାନ ବିଶେଷତ୍ୱ । ମନୁଷ୍ୟ ପ୍ରାକୃତିକ ଭାବରେ ଯେଉଁ ଧ୍ୱନି ଉଚ୍ଚାରଣ କରେ ସଂସ୍କୃତ ଭାଷାର ମୌଳିକ ବର୍ଣ୍ଣ ସମୂହ ବୈଜ୍ଞାନିକ ନିୟମରେ ସେହିସବୁ ଧ୍ୱନି ଉପରେ ପ୍ରତିଷ୍ଠିତ । ଅନ୍ୟ କୌଣସି ଭାଷା ମୌଳିକ ଧ୍ୱନିକୁ ଅବଲମ୍ବନ କରି ସୃଷ୍ଟି ହୋଇଅଛି ବୋଲି ଜଣାନାହିଁ; ଅଥଚ ଓଡ଼ିଆଭାଷା ଭାରତର ପ୍ରାଦେଶିକ ଆର୍ଯ୍ୟ ଭାଷାମାନଙ୍କ ମଧ୍ୟରେ ଏହି ବିଶେଷତ୍ୱକୁ ଏକକ ଭାବରେ ଅକ୍ଷୁଣ୍ଣ ରଖିପାରିଅଛି ।

ଓଡ଼ିଆ ଭାଷା ସମ୍ପର୍କରେ ଆଲୋଚନା କରି ବିଶିଷ୍ଟ ଭାଷାତତ୍ତ୍ୱବିତ ଶ୍ରୀ ସୁକୁମାର ସେନ ତାଙ୍କର "ଭାଷାର ଇତିବୃତ୍ତ" ପୁସ୍ତକରେ ଲେଖିଛନ୍ତି— ଉଡ଼ିୟା-ଅସମୀୟାର ସଙ୍ଗେ ବାଙ୍ଗାଲାର ସମ୍ପର୍କ ଅତ୍ୟନ୍ତ ନିକଟ । ଆଦିତେ ଏଇ ତିନଟି ଏକଇ ଭାଷା ଛିଲ । ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀର ପର ହଇତେ ମୂଳଧାରା ହଇତେ ଉଡ଼ିୟା ବିଚ୍ଛିନ୍ନ ହଇୟା ପଡ଼େ । ତ୍ରୟୋଦଶ ଶତାବ୍ଦୀର ତାମ୍ରଶାସନେ ଉଡ଼ିୟାର ପ୍ରାଚୀନତମ ନିଦର୍ଶନ ମିଲିତେଛେ । ପଞ୍ଚଦଶ ଶତାବ୍ଦୀତେ ଲେଖା କାବ୍ୟ କିଛୁ କିଛୁ ପାଓୟା ଗିୟାଛେ । ଷୋଡ଼ଶ ଶତାବ୍ଦୀତେ ଶ୍ରୀଚୈତନ୍ୟ-ପ୍ରବର୍ତ୍ତିତ ବୈଷ୍ଣବ ଧର୍ମେର ପ୍ରଭାବେ ପୁରାନୋ ଉଡ଼ିୟା ସାହିତ୍ୟେର ସମୃଦ୍ଧି ହୟ । (ପରିବର୍ତ୍ତିତ ପଞ୍ଚମ ସଂସ୍କରଣ ୧୯୫୭-ପୃ୧୬୧-୬୨ )

ଶ୍ରୀଯୁକ୍ତ ସେନ ଓଡ଼ିଆଭାଷା ସମ୍ପର୍କରେ ଯେଉଁ ମତ ପ୍ରକାଶ କରିଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ଓଡ଼ିଆ ଭାଷାର ପ୍ରାଚୀନତା ଏବଂ ସ୍ୱାତନ୍ତ୍ର୍ୟ ସମ୍ପର୍କରେ ମତ ପ୍ରକାଶ କରି ବିଶିଷ୍ଟ ଭାଷାତତ୍ତ୍ୱବିଦ୍ ପାଶ୍ଚାତ୍ୟ ପଣ୍ଡିତ ବିମସ୍ ସାହେବ ଲେଖିଛନ୍ତି

Oriya language used at the time of Upendra Bhanja continues to be used now, while

Bidyapati's (contemporary of Bhanja ) language is used from the present Bengali.

At a period when Oriya was already a fixed and settled language, Bengali did not exist. The Bengalees spoke a vast variety of currupt forms of eastern Hindi. It is not till quite recent times that we find anything that can with propriety be called a Bengali language.

(Beams' Comparative Grammar of Four Languages. Vol. I., P. 119).

ଏହି ଆଲୋଚନାରୁ ଜଣାଯାଏ ଯେ ଭାରତର ପ୍ରାଦେଶିକ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ହିଁ ପ୍ରାଚୀନ ସାହିତ୍ୟର ଐଶ୍ୱର୍ଯ୍ୟ ଦୃଷ୍ଟିରୁ ଶୀର୍ଷସ୍ଥାନୀୟ । ସେ କାଳରେ ପ୍ରତିବେଶୀ ବଙ୍ଗଳ ଭାଷା ଅତ୍ୟନ୍ତ ଅନୁନ୍ନତ ଅବସ୍ଥାରେ ରହିଥିଲା । ଭାରତବିଖ୍ୟାତ ଭାଷାତତ୍ତ୍ୱବିଦ୍ ଡକ୍ଟର ସୁନୀତିକୁମାର ଚଟର୍ଜୀ ତାଙ୍କର ବଙ୍ଗଳା ଭାଷାର ଉଦ୍ଭବ ଏବଂ ବିକାଶ ଶୀର୍ଷକ ଗ୍ରନ୍ଥରେ ଓଡ଼ିଆ ଭାଷା ସମ୍ପର୍କରେ କେତେକ ଲଘୁ ମତ ପ୍ରକାଶ କରିଅଛନ୍ତି । ମାତ୍ର ନିରପେକ୍ଷ ଆଲୋଚକଗଣ ସର୍ବଦା ଓଡ଼ିଆ ଭାଷାର ପ୍ରାଚୀନତା ଏବଂ ନିଜସ୍ୱ ବିଭବକୁ ସ୍ୱୀକାର କରି ଯାଇ-ଅଛନ୍ତି ।

ବୈଦିକ ସଂସ୍କୃତ ଭାଷାରୁ କ୍ରମଶଃ ପାଲି, ପ୍ରାକୃତ ଓ ସଂସ୍କୃତ ଭାଷା ଏବଂ ପରବର୍ତ୍ତୀ କାଳରେ ପ୍ରାକୃତ ଅପଭ୍ରଂଶରୁ ବଙ୍ଗଳା, ଓଡ଼ିଆ, ହିନ୍ଦୀ ଇତ୍ୟାଦି ବିଭିନ୍ନ ଭାରତୀୟ ଭାଷାମାନଙ୍କର ଉଦ୍ଭବ ହୋଇଥିବା ଜଣାଯାଏ । ଅତଏବ, ସଂସ୍କୃତ ଭାଷା ଓଡ଼ିଆ ଭାଷାର ମା ନୁହେ, ମାଉସୀ । ଓଡ଼ିଆ ଭାଷା ଉପରେ ଏହି କାରଣରୁ ସଂସ୍କୃତ ଭାଷାର ପ୍ରଭାବ ଅତ୍ୟନ୍ତ ବେଶି । ଓଡ଼ିଆ ଭାଷାର ପ୍ରଭାବ ଅତ୍ୟନ୍ତ ସୁସ୍ପଷ୍ଟ । ଧ୍ୱନିରେ କେବଳ ନୁହେଁ, ଓଡ଼ିଆ ଲେଖନ-ପଦ୍ଧତିରେ ମଧ୍ୟ ସଂସ୍କୃତ ଭାଷାର ପ୍ରଭାବ ଲକ୍ଷ୍ୟ କରାଯାଏ । ଏହି କାରଣରୁ ଓଡ଼ିଆ ଭାଷାରେ ଅନ୍ତଃସ୍ଥ 'ଯ' ର ସୃଷ୍ଟି ହୋଇଅଛି ।

ପ୍ରାକୃତ ଭାଷାରେ କେବଳ ବର୍ଗ୍ୟ 'ଜ'ର ବ୍ୟବହାର ଦେଖାଯାଏ । ସଂସ୍କୃତର ଦୀର୍ଘ ବର୍ଣ୍ଣ ଓ ହ୍ରସ୍ୱ ବର୍ଣ୍ଣ ପ୍ରାକୃତରେ ବିଭିନ୍ନ ପରିସ୍ଥିତିରେ ହ୍ରସ୍ୱ ଏବଂ ଦୀର୍ଘରେ ପରିଣତ ହୋଇଥାଏ । ପ୍ରାକୃତର ହ୍ରସ୍ୱ ଏବଂ ଦୀର୍ଘ ବର୍ଣ୍ଣ ଓଡ଼ିଆରେ ସର୍ବଦା ହ୍ରସ୍ୱ ବର୍ଣ୍ଣରେହିଁ ପରିଣତ ହୁଏ ।

କିନ୍ତୁ ଓଡ଼ିଆ ଭାଷାରେ ଅନେକ କ୍ଷେତ୍ରରେ ଦୀର୍ଘବର୍ଣ୍ଣର ଲିଖନ ପରିଦୃଷ୍ଟ ହେଲେ ହେଁ ତାହା ସର୍ବଦା ହ୍ରସ୍ୱ ଉଚ୍ଚାରିତ ହୁଏ । ସଂସ୍କୃତ ଭାଷାରେ ତିନୋଟି 'ସ' କାର (ସ, ଷ, ଶ) ପ୍ରାକୃତ ଭାଷାରେ ଗୋଟିଏ ସ' ରେ ପରିଣତ ହୋଇଛି । ମାତ୍ର ଓଡ଼ିଆରେ ସଂସ୍କୃତ ଅନୁରୂପ ତିନିଗୋଟି 'ସ' କାର ପ୍ରଚଳିତ ଥିଲେହେଁ ଦନ୍ତ୍ୟ 'ସ'ର ଉଚ୍ଚାରଣ ଦୃଷ୍ଟିଗୋଚର ହୁଏ । କେବଳ ଏତିକି ନୁହେଁ, ଓଡ଼ିଆ ଶବ୍ଦରୂପ ଉପରେ ମଧ୍ୟ ସଂସ୍କୃତ ଭାଷାର ପ୍ରଭାବ ପ୍ରତିଫଳିତ ହୋଇଅଛି । ସଂସ୍କୃତ ଭାଷାର ଚତୁର୍ଥୀ ବିଭକ୍ତି ପ୍ରାକୃତ ଭାଷା ଯୁଗରେ ଅବଲୁପ୍ତ ହେଲେ ହେଁ ଓଡ଼ିଆ ଭାଷାରେ ତାହା ଅକ୍ଷୁଣ୍ଣ ରହିଅଛି । ଓଡ଼ିଆ ଭାଷା ଉପରେ ସଂସ୍କୃତ ଭାଷାର ପ୍ରଭାବ ଏତେ ପ୍ରଚୁର ଯେ ତାହାର ତୁଳନା ନାହିଁ । ଓଡ଼ିଆର ସମସ୍ତ ତତ୍ସମ ଶବ୍ଦ ସଂସ୍କୃତରୁ ଗୃହୀତ ହୋଇଅଛି । ଏହା ଛଡ଼ା ଅର୍ଦ୍ଧ ତତ୍ସମ ଶବ୍ଦଗୁଡ଼ିକ ମଧ୍ୟ ଶବ୍ଦର ଉଚ୍ଚାରଣ ପରିବର୍ତ୍ତନ ଦ୍ୱାରା ସଂସ୍କୃତରୁ ଗୃହୀତ ହୋଇଥିବା ଜଣାଯାଏ ।

ଓଡ଼ିଆ ଲିପି କେବେ କେଉଁଠାରୁ ଉଦ୍ଭବ ହେଲା, ସେ ବିଷୟରେ ପଣ୍ଡିତମାନଙ୍କ ମଧ୍ୟରେ ମତଭେଦ ଦେଖାଯାଏ । ତେବେ ଖ୍ରୀ: ପୂ: ତୃତୀୟ ଶତାବ୍ଦୀରେ ସମ୍ରାଟ ଅଶୋକଙ୍କ ଧର୍ମାନୁଶାସନ ଓଡ଼ିଶାର ଧଉଳି ଏବଂ ଜଉଗଡ଼ ପର୍ବତଗାତ୍ରରେ ଖୋଦିତ ହେଲା । ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇଥିବା ଲିପିମାନଙ୍କ ମଧ୍ୟରେ ଏହାହିଁ ସର୍ବ ପ୍ରାଚୀନ ବୋଲି ଜଣାଯାଇଛି ।

ଅଶୋକଙ୍କ ଅନୁଶାସନର ଲିପି ପ୍ରାଚୀନ ବ୍ରାହ୍ମୀଲିପି ନାମରେ ପରିଚିତ । ଏହି ଲିପିର ଅଧିକାଂଶ ଅକ୍ଷର କୋଣବିଶିଷ୍ଟ ଏବଂ ସରଳ ବା ଗୋଲ ରେଖାରେ ଅଙ୍କିତ । ସେହି ସମୟରେ ଖରୋଷ୍ଠୀ ନାମକ ଏକ ଲିପି ସୁଦୂର ପଞ୍ଜାବ ପ୍ରଦେଶରେ ବ୍ୟବହୃତ ହେଉଥିଲା । ଶିକ୍ଷିତ ସମ୍ପ୍ରଦାୟ ବ୍ରାହ୍ମୀଲିପିକୁହିଁ

ଅବଲମ୍ବନ କରିଥିଲେ । ଭାରତର ପ୍ରାନ୍ତୀୟ ଭାଷାର ଲିପିଗୁଡ଼ିକ ଏହି ପ୍ରାଚୀନ ବ୍ରାହ୍ମୀଲିପିର ବଂଶଧର ବୋଲି କୁହାଯାଇଥାଏ । ଖ୍ରୀ. ପୂ. ୫ମ ଶତାବ୍ଦୀରେ ପ୍ରାଚୀନ ବ୍ରାହ୍ମୀଲିପି ପ୍ରବର୍ତ୍ତିତ ହୋଇଥିଲା । କାଳକ୍ରମେ ଏହି ଲିପି ପରିବର୍ତ୍ତିତ ହୋଇ ଖ୍ରୀ. ପୂ. ପ୍ରଥମ ଶତାବ୍ଦୀ ବେଳକୁ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ବ୍ୟବହୃତ ହୋଇଥିବା ଜଣାଯାଏ । ଚତୁର୍ଥଠାରୁ ସପ୍ତମ ଶତାବ୍ଦୀ ମଧ୍ୟରେ କଳିଙ୍ଗଦେଶ ଗୁପ୍ତ ସାମ୍ରାଜ୍ୟର ଅଧୀନ ଥିଲା । ସେତେବେଳେ କଳିଙ୍ଗରେ ମାଠରବଂଶୀୟ ରାଜାମାନେ ରାଜତ୍ବ କରୁଥିଲେ । ଏହି ମାଠରବଂଶୀୟ ରାଜାମାନେ ସେମାନଙ୍କର ତାମ୍ରଶାସନରେ ଯେଉଁ ଲିପି ବ୍ୟବହାର କରିଅଛନ୍ତି, ତାହା ଗୁପ୍ତଲିପି ନାମରେ ପରିଚିତ । ଏହି ଗୁପ୍ତଲିପି ଆଲୋଚନା କଲେ ଜଣାଯାଏ ଯେ, ଓଡ଼ିଆ ବର୍ଣ୍ଣମାଳାର "ଖ, ଗ, ଣ, ଥ, ଦ ଏବଂ ଶ" ଏହି ଛଅଟି ଅକ୍ଷରର ଆଧୁନିକ ଆକୃତି ପ୍ରାୟ ଜଣା ପଡ଼ଯାଉଛି ।

ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀଠାରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ପେଟିକା ଲିପି ଏବଂ ବିଭିନ୍ନ ରାଜବଂଶର ତମ୍ବାପଟାରେ ଏପରି କେତେକ ଲିପିର ପ୍ରଚଳନ ହେଲା ଯାହା ନବମ ଶତାବ୍ଦୀର ଶେଷଭାଗରେ ଆଧୁନିକ ଓଡ଼ିଆ ବର୍ଣ୍ଣମାଳାର "ଏ, କ, ଖ, ଗ, ଥ, ଧ, ମ ଯ, ଲ, ଶ ଷ, ହ, " ପ୍ରଭୃତି ଅକ୍ଷରଗୁଡ଼ିକର ଆକୃତି ପ୍ରାୟ ଗଠିତ ହୋଇ ସାରିଥିଲା । ଏହାକୁ ପ୍ରତ୍ନ-ଓଡ଼ିଆ ଲିପିର ଅଭ୍ୟୁଦୟ-ଯୁଗ କୁହାଯାଏ । ଓଡ଼ିଆ ବର୍ଣ୍ଣମାଳାର କେତୋଟି ଅକ୍ଷର ତଳେ ସୌନ୍ଦର୍ଯ୍ୟ ବର୍ଦ୍ଧନ ପାଇଁ ପୁଚ୍ଛପରି ଚିହ୍ନ ଏହି ସମୟରେ ଯୁକ୍ତ ହୋଇଥିଲା । ପରବର୍ତ୍ତୀ କାଳରେ ଝ, ଊ, ର, ଲ, ହ, ପ୍ରଭୃତି ଅକ୍ଷରର ପୁଚ୍ଛଗୁଡ଼ିକ ତାହାର ନିଦର୍ଶନ ମାତ୍ର । ଏକାଦଶ ଶତାବ୍ଦୀ ବେଳକୁ ଓଡ଼ିଆ ବର୍ଣ୍ଣମାଳା ସ୍ଵତନ୍ତ୍ର ଆକାର ଧାରଣ କରି ଆଧୁନିକ ଓଡ଼ିଆ ଅକ୍ଷର ସହିତ ପ୍ରାୟ ସମତା ରକ୍ଷା କରିପାରିଥିଲା । ବାଲେଶ୍ବର ସୋର ସନ୍ନିକଟ ଗଣ୍ଡିବେଡ଼ ନାମକ ସ୍ଥାନରୁ ପ୍ରାପ୍ତ ଗୋଟିଏ ବୌଦ୍ଧ ପ୍ରତିମାରେ ଦୁଇ ଧାଡ଼ି ଲେଖା ଆବିଷ୍କୃତ ହୋଇଅଛି । ଏହି ଲିପିର ସମୟ ଏକାଦଶ ଶତାବ୍ଦୀ ହେବା ଜଣାଯାଏ । ଏଥିରେ ଆଧୁନିକ ବର୍ଣ୍ଣମାଳାର ଅନେକ ଅକ୍ଷର ଅତ୍ୟନ୍ତ ସ୍ପଷ୍ଟ ଭାବରେ ବିକାଶ ପ୍ରାପ୍ତ ହୋଇଅଛି । ତ୍ରୟୋଦଶ ଶତାବ୍ଦୀ ବେଳକୁ ଆବିଷ୍କୃତ ଲିପିଗୁଡ଼ିକ ଅବିକଳ ଆଧୁନିକ ଓଡ଼ିଆ ଅକ୍ଷର ପରି ।

କେତେକ ପଣ୍ଡିତ ଏହି ଅକ୍ଷରକୁ ପ୍ରତ୍ନ-ବଙ୍ଗଳା ଲିପି ବୋଲି ନାମିତ କଲେହେଁ ଐତିହାସିକ ସତ୍ୟନାରାୟଣ ରାଜଗୁରୁ ତାହାକୁ ପ୍ରତ୍ନ-ଓଡ଼ିଆ ଲିପି ବୋଲି କହନ୍ତି ।

ଗଙ୍ଗବଂଶୀୟ ୪ର୍ଥ ନରସିଂହଙ୍କ ଅମଳର କେନ୍ଦୁଲି ତାମ୍ରଶାସନ ଏବଂ ପୁରୀ ଶଙ୍କରାନନ୍ଦ ମଠରୁ ପ୍ରାପ୍ତ ତାମ୍ରଶାସନରେ ଓଡ଼ିଆ ଭାଷାର ବ୍ୟବହାର ଦେଖାଯାଏ । ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ଭାଗକୁ ଖାଣ୍ଟି ଓଡ଼ିଆ ଭାଷାର ପ୍ରଚଳନ ହୋଇ ସାରିଥିଲା । ପଞ୍ଚଦଶ ଖ୍ରୀଷ୍ଟାବ୍ଦରେ ସମ୍ରାଟ କପିଳେନ୍ଦ୍ର ସୂର୍ଯ୍ୟବଂଶର ପ୍ରତିଷ୍ଠା କଲେ । ତାଙ୍କର ରାଜତ୍ୱକାଳରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ଲିପିର ସ୍ପଷ୍ଟ ବିକାଶ ଲକ୍ଷ୍ୟ କରାଯାଏ ।

ଓଡ଼ିଆ ସାହିତ୍ୟର ଇତିହାସ ସମ୍ପର୍କରେ ବିଗତ ଶତାବ୍ଦୀରୁ ଆଲୋଚନା ଆରମ୍ଭ ହୋଇଅଛି । ଉପଯୁକ୍ତ ପ୍ରମାଣ ଅଭାବରୁ ଓଡ଼ିଆ ସାହିତ୍ୟର ଏକ ବିଧିବଦ୍ଧ ଇତିହାସ ସଙ୍କଳନ କରିବା ବହୁକାଳ ପର୍ଯ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର ଥିଲେହେଁ, ଏ କ୍ଷେତ୍ରରେ ବହୁ ଉତ୍କଳୀୟ ଏବଂ ଅଣ-ଉତ୍କଳୀୟ ପଣ୍ଡିତ ଆଲୋଚନା କରି ସ୍ମରଣୀୟ ହୋଇଅଛନ୍ତି । ପ୍ରଥମେ ୧୮୭୨ ଖ୍ରୀଷ୍ଟାବ୍ଦରେ ଐତିହାସିକ ହଣ୍ଟର ସାହେବ ତାଙ୍କର 'ଓଡ଼ିଶା' ସମ୍ପର୍କୀୟ ଇତିହାସ ପୁସ୍ତକର ଦ୍ୱିତୀୟ ଖଣ୍ଡର ପରିଶିଷ୍ଟରେ କେବଳ କେତେକ ଓଡ଼ିଆ ପୁସ୍ତକର ଟିପ୍ପଣୀ ଦେଇଥିଲେ । ବହୁଳାଂଶରେ ଏହି ଟିପ୍ପଣୀ ପ୍ରମାଦପୂର୍ଣ୍ଣ ଥିଲା । ୧୮୯୭ ଖ୍ରୀଷ୍ଟାବ୍ଦରେ ବିଖ୍ୟାତ "ଉତ୍କଳଦୀପିକା" ସାମୟିକ ପତ୍ରର ଅଗଷ୍ଟ ଏବଂ ସେପଟେମ୍ବର ସଂଖ୍ୟାରେ ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ ଏକ କବି ତାଲିକା ପ୍ରକାଶ କରିଥିଲେ ।

୧୮୯୭ ଏବଂ ୧୮୯୮ ସାଲର ବଙ୍ଗଳାର ପ୍ରଖ୍ୟାତ ଏସିଆଟିକ ସୋସାଇଟି ଅନୁଷ୍ଠାନର ମୁଖପତ୍ରରେ ଐତିହାସିକ ମନମୋହନ ଚକ୍ରବର୍ତ୍ତୀ ଓଡ଼ିଆ ସାହିତ୍ୟ ସମ୍ପର୍କରେ ଏକ ତାତ୍ତ୍ୱିକ ଆଲୋଚନା କରିଥିଲେ ।

୧୯୧୬ ସାଲରେ ଐତିହାସିକ ତାରଣୀଚରଣ ତାଙ୍କର "ଓଡ଼ିଆ" ସାହିତ୍ୟର 'ଇତିହାସ' ପୁସ୍ତକ ପ୍ରକାଶ କରିଥିଲେ । ଏହି କ୍ଷୁଦ୍ର ପୁସ୍ତକରେ ତାରଣୀଚରଣ ଓଡ଼ିଆ ସାହିତ୍ୟର ଯୁଗ ନିର୍ଣ୍ଣୟ କରି କବିମାନଙ୍କ ସମ୍ପର୍କରେ

ସଂକ୍ଷିପ୍ତ ଟିପ୍‌ପଣୀ ପ୍ରଦାନ କରିଥିଲେ । ୧୯୨୧, ୧୯୨୩ ଓ ୧୯୨୫ ଖ୍ରୀଷ୍ଟାବ୍ଦରେ କଲିକତା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବିଜୟଚନ୍ଦ୍ର ମଜୁମଦାରଙ୍କ ସମ୍ପାଦିତ Typical Selections From Oriya Literature ପୁସ୍ତକର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଖଣ୍ଡ ଯଥାକ୍ରମେ ପ୍ରକାଶିତ ହୋଇଥିଲା । ଏହି ଗ୍ରନ୍ଥଗୁଡ଼ିକର ମୁଖବନ୍ଧରେ ଇଂରାଜି ଭାଷାରେ ବିଜୟ ମଜୁମଦାର ଓଡ଼ିଆ ଭାଷା ଓ ସାହିତ୍ୟର ଇତିହାସ ସମ୍ପର୍କରେ ଆଲୋଚନା କରିଥିବା ଜଣାଯାଏ । ୧୯୨୧ ସାଲରେ ଶ୍ରୀଯୁକ୍ତ ଅପର୍ଣ୍ଣା ପଣ୍ଡା ଓଡ଼ିଆ ସାହିତ୍ୟ ସଂପର୍କରେ ଦୁଇଖଣ୍ଡି ପୁସ୍ତକ ପ୍ରଣୟନ କରି ପ୍ରଥମ ଭାଗଟି ପ୍ରକାଶ କରିଥିଲେ । ତାଙ୍କର ପୁସ୍ତକର ପ୍ରଥମ ଭାଗଟି "ଗ୍ରନ୍ଥ ଚନ୍ଦ୍ରିକା" ନାମରେ ପ୍ରକାଶିତ ହୋଇଥିଲା ଏବଂ ୧୯୨୫ ଖ୍ରୀଷ୍ଟାବ୍ଦରେ ଏହି ପୁସ୍ତକର ଦ୍ୱିତୀୟ ଭାଗ "କବି ଜୀବନୀ" ନାମରେ ଆତ୍ମପ୍ରକାଶ କଲା ।

୧୯୦୫ ଖ୍ରୀଷ୍ଟାବ୍ଦର ଉତ୍କଳ ସାହିତ୍ୟ, (୭ମ ଭାଗ, ୬ଷ୍ଠ ସଂଖ୍ୟା) ପତ୍ରିକାରେ ମଧୁସୂଦନ ଦାସ "ଓଡ଼ିଆ ଭାଷା ଏବଂ ପ୍ରାଚୀନ ଓଡ଼ିଆ ସାହିତ୍ୟ' ଶୀର୍ଷକ ଏକ ଉପାଦେୟ ପ୍ରବନ୍ଧ ପ୍ରକାଶ କରିଥିଲେ । ୧୯୨୮ ମସିହାରେ ପଣ୍ଡିତ ବିନାୟକ ମିଶ୍ରଙ୍କର ଓଡ଼ିଆ ସାହିତ୍ୟର ଇତିହାସ ପୁସ୍ତକ ପ୍ରକାଶିତ ହେଲା ଏବଂ ୧୯୬୨ ମସିହାରେ ଭିନ୍ନ ରୂପ ଓ ବ୍ୟାଖ୍ୟାରେ ବର୍ଦ୍ଧିତ କଳେବର ଧରି ପୁନର୍ବାର ଏହି ପୁସ୍ତକ ପ୍ରକାଶିତ ହୋଇଅଛି । ୧୯୨୯ ଖ୍ରୀଷ୍ଟାବ୍ଦରେ ପଣ୍ଡିତ ଜଗବନ୍ଧୁ ସିଂହ ତାଙ୍କର "ପ୍ରାଚୀନ ଉତ୍କଳ" ପୁସ୍ତକରେ ଓଡ଼ିଆ ସାହିତ୍ୟ ସମ୍ପର୍କରେ କେତେକ ଆଲୋଚନା ପ୍ରକାଶ କରିଥିଲେ; କିନ୍ତୁ ଏ ଆଲୋଚନା କୌଣସି ଶୃଙ୍ଖଳିତ ପର୍ଯ୍ୟାୟରେ ହୋଇ ନ ଥିଲା । ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ୧୯୪୫ ଖ୍ରୀଷ୍ଟାବ୍ଦରେ ତାଙ୍କର ବିଖ୍ୟାତ "ଓଡ଼ିଆ ସାହିତ୍ୟର ପରିଚୟ" ଗ୍ରନ୍ଥ ପ୍ରକାଶ କଲେ । ବହୁତ ଦିନ ପର୍ଯ୍ୟନ୍ତ ଏହି ଗ୍ରନ୍ଥଟି ଓଡ଼ିଆ ସାହିତ୍ୟ ଇତିହାସର ଏକମାତ୍ର ବିସ୍ତୃତ ଆଲୋଚନା ବୋଲି ପରିଗଣିତ ହେଉଥିଲା । ସୁଖର କଥା ଯେ ୧୯୬୩ ସାଲ ପରେ ପଣ୍ଡିତ ସୂର୍ଯ୍ୟନାରାୟଣଙ୍କ "ଓଡ଼ିଆ ସାହିତ୍ୟର ଇତିହାସ" ସମ୍ପର୍କୀୟ ଏକାଧିକ ଖଣ୍ଡରେ ବିଭକ୍ତ ବିଶାଳକାୟ ଗ୍ରନ୍ଥ ପ୍ରକାଶିତ ହୋଇଅଛି । ଏତଦ୍‌ବ୍ୟତୀତ ୧୯୬୩ ଖ୍ରୀଷ୍ଟାବ୍ଦରେ "ଓଡ଼ିଆ ସାହିତ୍ୟର ଆଦିପର୍ବ" ଗ୍ରନ୍ଥ ପ୍ରଣୟନ କରି ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଏକ ନୂତନ ଚିନ୍ତାଧାରା ଅବତାରଣା କରିଅଛନ୍ତି ।

ଏହି ଆଲୋଚକଗଣ ଓଡ଼ିଆ ସାହିତ୍ୟର ଯୁଗ ବିଚାର କଲାବେଳେ ନାନା ପନ୍ଥା ଅବଲମ୍ବନ କରିଅଛନ୍ତି । ଐତିହାସିକ ଚାରଣୀଚରଣଙ୍କ ମତରେ ଓଡ଼ିଆ ସାହିତ୍ୟର ଯୁଗ-ବିଭାଗର ଭିତ୍ତି ହେଲା—

(୧) ସାରଳା ବା ଆଦିଯୁଗ (୧୦୦୦-୧୫୦୦ )
(୨) ଜଗନ୍ନାଥ ବା ବୈଷ୍ଣବ ଯୁଗ ବା ଅନୁବାଦ ଯୁଗ (୧୫୦୦-୧୭୦୦)
(୩) ଉପେନ୍ଦ୍ର ବା କାବ୍ୟଯୁଗ ( ୧୭୦୦-୧୮୫୦ )
(୪) ରାଧାନାଥ ବା ଆଧୁନିକଯୁଗ ( ୧୮୫୦- )

ଅଧ୍ୟାପକ ବିଜୟ ମଜୁମଦାରଙ୍କ ବିଚାରରେ ଓଡ଼ିଆ ସାହିତ୍ୟର ଇତିହାସ ଚାରିଗୋଟି ଯୁଗରେ ବିଭକ୍ତ ହୋଇଅଛି । ଏ ଗୁଡ଼ିକର ସମୟ ହେଲା—

| | |
|---|---|
| ପ୍ରଥମ ଯୁଗ | ୧୪୫୦ – ୧୫୬୮ |
| ଦ୍ୱିତୀୟ ଯୁଗ | ୧୫୬୯ – ୧୭୫୦ |
| ତୃତୀୟ ଯୁଗ | ୧୭୫୦ – ୧୮୦୩ |
| ଆଧୁନିକ ଯୁଗ | ୧୮୦୩ – |

ଶ୍ରୀଯୁକ୍ତ ଅପର୍ଣ୍ଣା ପଣ୍ଡା ଓଡ଼ିଆ ସାହିତ୍ୟର ଇତିହାସକୁ ମାତ୍ର ତିନି ଭାଗରେ ବିଭକ୍ତ କରିଅଛନ୍ତି । ଯଥା-(୧) ପୌରାଣିକ (୨) କାବ୍ୟ (୩) ଅନୁବାଦ ବା ଉପନ୍ୟାସ ଯୁଗ । ତାଙ୍କ ବିଚାରରେ ପୁରାଣକବି ସାରଳାଙ୍କଠାରୁ କବି ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ ପୁରାଣ ଯୁଗ ଏବଂ ଉପେନ୍ଦ୍ରଙ୍କଠାରୁ ରାଧାନାଥଙ୍କ ପର୍ଯ୍ୟନ୍ତ କାବ୍ୟଯୁଗ ଭାବରେ ପରିଚିତ । ଆଧୁନିକ ଯୁଗର ପ୍ରବର୍ତ୍ତକ ଭାବରେ ରାଧାନାଥଙ୍କୁ ଗ୍ରହଣ କରାଯାଇଛି । ଶ୍ରୀଯୁକ୍ତ ପଣ୍ଡା ଏ ଯୁଗକୁ ଅନୁବାଦ ଏବଂ ଉପନ୍ୟାସ ଯୁଗ ବୋଲି ନାମିତ କରିଅଛନ୍ତି ।

ମଧୁସୂଦନ ଦାସ ତାଙ୍କର ପ୍ରବନ୍ଧରେ (୧) ପୁରାଣ (୨) କାବ୍ୟ ଏବଂ (୩)ବିବିଧ, ଏହି ଭଳି ତିନି ଭାଗରେ ଯୁଗ ସାହିତ୍ୟର ବିଚାର କରିଛନ୍ତି । ପଣ୍ଡିତ ବିନାୟକ ମିଶ୍ର ପ୍ରଥମ ପୁସ୍ତକରେ ଶତାବ୍ଦୀ ଅବଲମ୍ବନରେ ସାହିତ୍ୟର ଯୁଗ ନିର୍ଣ୍ଣୟ କରିଥିଲେ ହେଁ ଦ୍ୱିତୀୟ ପୁସ୍ତକରେ ସାହିତ୍ୟର ବିଷୟ ଅନୁକ୍ରମେ ଆଲୋଚନା କରିଥିବାରୁ କୌଣସି ନିର୍ଦ୍ଦିଷ୍ଟ ସମୟ-ସୂଚୀର ଆବଶ୍ୟକତା ପଡ଼ିନାହିଁ । ବିଷୟ—ଧର୍ମ ଅନୁସାରେ ତାଙ୍କର ଏହି ବିଚାର

ନିମ୍ନଲିଖିତ ଭାବେ ଉପସ୍ଥାପିତ କରାଯାଇଛି ।
(୧) ବ୍ରତ ବା ଓଷା ସାହିତ୍ୟ, କାହାଣୀ ସାହିତ୍ୟ ଓ ଗଦ୍ୟର ଉତ୍ପତ୍ତି ।
(୨) ପୁରାଣ ସାହିତ୍ୟ
(୩ ଯୋଗାଶ୍ରୟର ଓଡ଼ିଆ ସାହିତ୍ୟ
(୪) ପ୍ରେମଭକ୍ତିର ସାହିତ୍ୟ
(୫) ପ୍ରମୋଦ ସାହିତ୍ୟ
(୬) ଓଡ଼ିଆ ଛାନ୍ଦ ଓ ବିବିଧ ସାହିତ୍ୟ

ଐତିହାସିକ ଜଗବନ୍ଧୁ କୌଣସି ଯୁଗ ବିଭାଗ କରି ଆଲୋଚନା କରିନାହାନ୍ତି । ମାତ୍ର ପଣ୍ଡିତ ସୂର୍ଯ୍ୟନାରାୟଣ ଏ କ୍ଷେତ୍ରରେ ଅଧିକ ବୈଜ୍ଞାନିକ ମନୋଭାବର ପରିଚୟ ଦେଇଅଛନ୍ତି ।

ପ୍ରଥମତଃ ସେ ପ୍ରତିଭାଶାଳୀ ଲେଖକମାନଙ୍କ ନାମାନୁସାରେ ଯୁଗ ବିଭାଗ କରିଅଛନ୍ତି । ତାହା ହେଲା—

(୧) ସାରଳାଦାସ ଯୁଗ (ସାରଳା ପର୍ବଯୁଗ ସହିତ) ଖ୍ରୀ: ୧୧ଶ ଶତାବ୍ଦୀର ପ୍ରଥମାର୍ଦ୍ଧଠାରୁ ୧୬ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ।

(୨) ପଞ୍ଚସଖା ଯୁଗ-୧୬ଶ ଶତାବ୍ଦୀର ପ୍ରଥମାର୍ଦ୍ଧଠାରୁ ୧୮ଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ।

(୩) ଉପେନ୍ଦ୍ର ଯୁଗ-୧୮ଶ ଶତାବ୍ଦୀ ଆରମ୍ଭଠାରୁ ୧୯ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ପର୍ଯ୍ୟନ୍ତ ।

(୪) ଆଧୁନିକ ଯୁଗ-୧୯ଶ ଶତାବ୍ଦୀରୁ ଆଜ ପର୍ଯ୍ୟନ୍ତ ।

ଦ୍ୱିତୀୟତଃ ସାହିତ୍ୟିକ ପ୍ରବୃତ୍ତିର ପ୍ରାଧାନ୍ୟ ଅନୁସାରେ ତାଙ୍କ ମତରେ ଏହିପରି କାଳ ବିଭାଗ କରାଯାଇଅଛି । ଯଥା—
(୧) ଆଦିଯୁଗ—ଇତିବୃତ୍ତଯୁଗ—୧୧ଶ ଠାରୁ ୧୬ଶ
(୨) ମଧ୍ୟଯୁଗ—ଭକ୍ତିଯୁଗ-୧୬ଶ ଠାରୁ ୧୮ଶ
(୩) ଉତ୍ତର ମଧ୍ୟ କାଳ—ରୀତିକାଳ—୧୮ଶ ଠାରୁ ୧୯ଶ
(୪) ଆଧୁନିକ କାଳ—୧୯ଶ ର ଦ୍ୱିତୀୟାର୍ଦ୍ଧଠାରୁ ଆରମ୍ଭ ।

ତୃତୀୟତଃ ଓଡ଼ିଶାର ରାଜନୈତିକ ଯୁଗ ଅନୁସାରେ ସାହିତ୍ୟର ମଧ୍ୟ ଯୁଗବିଭାଗ କରାଯାଇଛି ।

(୧) ଗଙ୍ଗବଂଶ ଯୁଗ-ଖ୍ରୀ. ୧୦୪୨ ଠାରୁ ଖ୍ରୀ. ୧୪୩୫
(୨) ସୂର୍ଯ୍ୟବଂଶ ଯୁଗ-୧୪୩୫ ଠାରୁ ୧୫୬୮
(୩) ମୋଗଲ ଯୁଗ-୧୫୬୮ ଠାରୁ ୧୭୫୧
(୪) ମରହଟ୍ଟାଯୁଗ-୧୭୫୧ ଠାରୁ ୧୮୦୩
(୫) ବ୍ରିଟିଶ ଯୁଗ-୧୮୦୩ରୁ ଆରମ୍ଭ ।

ଓଡ଼ିଆ ସାହିତ୍ୟର ଆଦିଯୁଗକୁ ସାରଳା ଦାସଙ୍କ ନାମରେ ନାମିତ କରାଗଲେ ହେଁ ସାରଳାଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଢଗ, ଡାକବଚନ, ଲୋକଗୀତିକା ପ୍ରଭୃତି ପଲ୍ଲୀ ସାହିତ୍ୟ, ଶିଳାଲିପି, ରୁଦ୍ରସୁଧାନିଧି, ସପ୍ତାଙ୍ଗ ଗୋରଖନାଥ ଏବଂ ବୌଦ୍ଧଗାନ ଓ ଦୋହା ପ୍ରଭୃତି ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । କେତେକ ଆଲୋଚକ ମାଦଳା ପାଞ୍ଜିକୁ ସାରଳାଙ୍କ ପୂର୍ବର ରଚନା ବୋଲି ମତ ପ୍ରକାଶ କରିଥିଲେ ହେଁ ସେ ବିଷୟରେ ଗୁରୁତର ମତଭେଦ ଦେଖାଯାଏ ।

"ବୌଦ୍ଧଗାନ ଓ ଦୋହା" ଓଡ଼ିଆ ଭାଷାର ପ୍ରାଥମିକ ଅବସ୍ଥାରେ ବୋଧହୁଏ ରଚିତ ହୋଇଥିଲା । ବୌଦ୍ଧଗାନ ଓ ଦୋହାକୁ ବଙ୍ଗୀୟ ଏବଂ ଆସାମୀ ପଣ୍ଡିତଗଣ ସେମାନଙ୍କ ସାହିତ୍ୟର ସମ୍ପତ୍ତି ବୋଲି ଦାବୀ କରୁଥିଲେ ହେଁ ତାହା ଓଡ଼ିଆ ସାହିତ୍ୟର ପ୍ରଥମ ଅବସ୍ଥାର ପ୍ରକାଶ ବୋଲି ପ୍ରମାଣ କରାଯାଇ ପାରିବ । ୧୯୧୭ ମସିହାରେ ହରପ୍ରସାଦ ଶାସ୍ତ୍ରୀ ଏହି 'ଦୋହା'ଗୁଡ଼ିକ ନେପାଳରୁ ଆବିଷ୍କାର କରି ୧୯୨୭ ସାଲରେ "ବୌଦ୍ଧ ଗାନ ଓ ଦୋହା" ନାମରେ ପ୍ରକାଶ କରିଥିଲେ । କେତେକ ଆଲୋଚକଙ୍କ ମତରେ ଏହାର ନାମ ହେଉଛି "ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ ।" ଧର୍ମ ସମ୍ବନ୍ଧୀୟ ବିଧି ନିଷେଧ ଏହାର ପ୍ରତିପାଦିତ ବିଷୟବସ୍ତୁ ହୋଇଥିବାରୁ ଏପରି ନାମକରଣ ହୋଇଅଛି ।

ହରପ୍ରସାଦ ଶାସ୍ତ୍ରୀ ଯେଉଁ ଯୁକ୍ତି ବଳରେ ବୌଦ୍ଧଗାନ ଓ ଦୋହାକୁ ବଙ୍ଗଳା ଭାଷାର ପୂର୍ବ ରୂପ ବୋଲି ଦାବୀ କରିଅଛନ୍ତି ତାହା ଯେ କୌଣସି ପୂର୍ବାଞ୍ଚଳ ଭାଷା ପ୍ରତି ପ୍ରଯୋଜ୍ୟ ହୋଇ ପାରିବ । ତାହା ଛଡ଼ା ବଙ୍ଗୀୟ ଗବେଷକଗଣ ପ୍ରଥମେ ଏହି ଦୋହାଗୁଡ଼ିକ ସମ୍ପାଦନା କରିଥିବାରୁ ସଂକଳନର ପଦ୍ୟାଂଶଗୁଡ଼ିକୁ ବେଳେ ବେଳେ ବଙ୍ଗାନୁକୃତ କରି-ପକାଇଛନ୍ତି ।

ସେଥିପାଇଁ ମୈଥିଳୀ ସାହିତ୍ୟର ଇତିହାସ ଲେଖକ ଶ୍ରୀ ଜୟକାନ୍ତ ମିଶ୍ର ଯଥାର୍ଥରେ କହିଅଛନ୍ତି :

Indeed it seems that the fact that these padas have found so far mainly Bengali Editors account for many 'restorations and improvements in the text and the interpretations being given a Bengali garb. A faithful edition alone can therefore bring to light the true character of the language of the 'Caryapadas.'

(History of Maithili Literature Vol. I. P. 109)

ଏହି ପରିପ୍ରେକ୍ଷରେ ବିଗୁର କଲେ ବୌଦ୍ଧଗାନ ଓ ଦୋହା ଯେ ଓଡ଼ିଆ ଭାଷାର ପୂର୍ବ ରୂପ, ଏଥିପାଇଁ ବହୁ ବଳିଷ୍ଠ ଯୁକ୍ତିର ଅବତାରଣା କରାଯାଇପାରିବ । ପ୍ରଥମତଃ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରେ କାହ୍ନୁପାଦ, ଶବରପାଦ, ଲୋହିପାଦ, ରାଜା ଇନ୍ଦ୍ରଭୂତି, ବିରୂପ, ଜାଳନ୍ଧରୀ. କମ୍ବଳ, ରାହୁଳଭଦ୍ର, ଶ୍ରୀଜ୍ଞାନ, ଅଭୟଙ୍କର ଗୁପ୍ତ, ଶାନ୍ତିଗୁପ୍ତ ପ୍ରଭୃତି ଓଡ଼ିୟାନ୍ ପୀଠବାସୀ ବା ଓଡ଼ିଶାବାସୀ ସାଧକ ଥିଲେ । ଓଡ଼ିଶାରେ ନାଥସିଦ୍ଧ ପରଂପରାରେ ହାଡ଼ିପା, କାହ୍ନୁପା, ତନ୍ତୀପା, ଚୌରଙ୍ଗୀନାଥ, ଗୋରକ୍ଷନାଥ, ମତ୍ସ୍ୟେନ୍ଦ୍ରନାଥ ଓ ଲୁଇ ବିଶେଷ କୀର୍ତ୍ତିତ ହୋଇଅଛନ୍ତି । ଲୁଇପା, ଧାରିକପା, କମ୍ବଳପା ପ୍ରଭୃତି ସିଦ୍ଧଗଣ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ । ଏଥିପାଇଁ ପ୍ରମାଣର ଅଭାବ ନାହିଁ । ତେଣୁ ଏମାନଙ୍କ ରଚିତ ପଦାବଳୀ ଯେ ପ୍ରାଚୀନ ଓଡ଼ିଆ ଭାଷାରେ ରୂପାୟିତ, ଏ କଥା ପ୍ରମାଣିତ ହେଉଛି । ପୁନଶ୍ଚ ବ୍ୟାକରଣଗତ ପ୍ରମାଣ ଦ୍ୱାରା ମଧ୍ୟ ଏହି ଦୋହାଗୁଡ଼ିକୁ ପ୍ରାଚୀନ ଓଡ଼ିଆ ଭାଷାର ପୂର୍ବ ପ୍ରକାଶ ବୋଲି କୁହାଯାଇ ପାରିବ । "ନଗର ବାହିରେ ଡୋମ୍ବି ତୋହରି କୁଡ଼ିଆ" ଏଠାରେ ଓଡ଼ିଆ ସପ୍ତମୀ ବିଭକ୍ତିର ଚିହ୍ନ ଲକ୍ଷ କରାଯାଇ ପାରେ । 'ଲୁଇଙ୍କ' କବିତା ପାଠକଲେ ଦ୍ୱିତୀୟ ବିଭକ୍ତିରେ 'ରେ' ପ୍ରତ୍ୟୟର (ଓଡ଼ିଆ ବ୍ୟାକରଣ ଅନୁସାରେ) ପ୍ରମାଣ ମିଳେ । ଏହି କବିତାଗୁଡ଼ିକରେ କସ, କାହିଁ, ଆମ୍ଭେ ପ୍ରଭୃତି ଓଡ଼ିଆ ସର୍ବନାମର ପ୍ରୟୋଗ ଦେଖାଯାଏ । କାହ୍ନୁଙ୍କ କବିତାରେ କର୍ମକାରକ ଦ୍ୱିତୀୟା ବିଭକ୍ତିରେ 'କୁ' ର ବ୍ୟବହାର ମିଳେ । ଯଥା:- "ବିଦ୍ୟା କରି ଜମକୁ ଅକଳି ସେ" ପୁନଶ୍ଚ ଉଆଁସ, କୁଡ଼ିଆ, ଶାଶୁ,

ନଣନ୍ଦ, ବାପୁଡ଼ି ପ୍ରଭୃତି ଖାଣ୍ଟି ଓଡ଼ିଆ ଶବ୍ଦର ବହୁଳ ବ୍ୟବହାର ଏହି ଦୋହାଗୁଡ଼ିକରୁ ମିଳିଥାଏ ।

'ସପ୍ତାଙ୍ଗ ଗୋରଖନାଥ' ଏହା ଆଦିଯୁଗ ଓଡ଼ିଆ ସାହିତ୍ୟର ଏକ ଉଲ୍ଲେଖଯୋଗ୍ୟ ପୁସ୍ତକ । ଏଥିରେ ଗୋରଖନାଥ ଓ ମତ୍ସ୍ୟେନ୍ଦ୍ରନାଥଙ୍କ କଥୋପକଥନ ଛଳରେ ଯୋଗତତ୍ତ୍ୱ ବର୍ଣ୍ଣିତ ହୋଇଅଛି । ଏହାର ଲେଖକ ହେଉଛନ୍ତି ସାଧକ ଗୋରଖନାଥ । ପୁନଶ୍ଚ ନାରାୟଣ ଅବଧୂତ ସ୍ୱାମୀଙ୍କ ରୁଦ୍ରସୁଧାନିଧି ଏକ ଅଭିନବ ପୁସ୍ତକ । ଏଥିରେ ଉଭୟ ଗଦ୍ୟ ଏବଂ ପଦ୍ୟର ବ୍ୟବହାର କରାଯାଇଅଛି । ପ୍ରାଚୀନ ଓଡ଼ିଆ ଗଦ୍ୟର ନମୁନା ଏଥିରୁ ମିଳିଥାଏ । ନାରାୟଣ ଅବଧୂତ ଏକାମ୍ରକାନନର ଜଣେ ପ୍ରସିଦ୍ଧ ଯୋଗୀ ଥିଲେ । ବତ୍ସାଦାସଙ୍କ ରଚିତ "କଳସା ଚଉତିଶା" ଓଡ଼ିଶାର ପ୍ରାଚୀନତମ ଚଉତିଶାମାନଙ୍କ ମଧ୍ୟରେ ଅନ୍ୟତମ ଏବଂ ଏହା ସାରଳା ପୂର୍ବ ଯୁଗର ବୋଲି ସ୍ୱୀକୃତ ହୋଇଛି । ଏଥିରେ ଶିବଙ୍କର ବିବାହ କାହାଣୀଟି ହାସ୍ୟରସ ମାଧ୍ୟମରେ ପରିବେଷଣ କରାଯାଇଛି । ଏତଦ୍‌ବ୍ୟତୀତ ସାରଳାଦାସଙ୍କ ପୂର୍ବରୁ ବହୁ ଶିଳାଲେଖ ଆବିଷ୍କୃତ ହୋଇଅଛି, ଯହିଁରୁ ସେ କାଳର ଓଡ଼ିଆଭାଷାର କ୍ରମବିକାଶର ପରିଚୟ ମିଳିପାରିବ । ଏହି ଶିଳାଲେଖମାନଙ୍କ ମଧ୍ୟରେ ଷଷ୍ଠ ସପ୍ତମ ଶତାବ୍ଦୀର ଦେବଳ ଦେବଙ୍କ ଶିଳାଲେଖ ( ବୋଡ଼ାସମ୍ବର ନରସିଂହନାଥ ମନ୍ଦିର ) ଶୈଳୋଦ୍ଭବ ବଂଶର ମାଧବ ବର୍ମାଙ୍କ ତାମ୍ରଶାସନ, ଧର୍ମରାଜ ଦେବ ୨ୟଙ୍କ ନବତା ତାମ୍ରଶାସନ, ବାଲେଶ୍ୱରରୁ ପ୍ରାପ୍ତ ଗଣ୍ଡିବେଡ଼ା ଶିଳାଲିପି, ଅନନ୍ତ ବର୍ମାଙ୍କ ସମୟର ଶିଳାଲିପି ଉଲ୍ଲେଖଯୋଗ୍ୟ ।

ଓଡ଼ିଆ ସାହିତ୍ୟର ଏହି ଆଦିଯୁଗରେ ସିଦ୍ଧକବି ସାରଳାଦାସ ସର୍ବଶ୍ରେଷ୍ଠ ବିଭୂତି । ସୂର୍ଯ୍ୟ ବଂଶର ପ୍ରତିଷ୍ଠାତା ସମ୍ରାଟ କପିଳେନ୍ଦ୍ରଙ୍କ ରାଜତ୍ୱ କାଳରେ ସାରଳାଦାସ ଲେଖନୀ ଚାଳନା କରିଥିଲେ । ତାଙ୍କର ରଚନାବଳୀ ମଧ୍ୟରେ (୧) ମହାଭାରତ, (୨) ଚଣ୍ଡୀପୁରାଣ, (୩) ବିଲଙ୍କା ରାମାୟଣ ଓ (୪) ଲକ୍ଷ୍ମୀନାରାୟଣ ବଚନିକା ପ୍ରଧାନ । ବହୁ ଆଲୋଚକଙ୍କ ମତରେ ବିଲଙ୍କା ରାମାୟଣ ସାରଳା ଦାସଙ୍କର ମୌଳିକ ରଚନା; ମାତ୍ର ଏହି ମତ ସମ୍ପୂର୍ଣ୍ଣ ଭ୍ରମାତ୍ମକ । ସଂସ୍କୃତ "ଅଦ୍ଭୁତ ରାମାୟଣ" ର ସପ୍ତଦଶ ସର୍ଗଟାରୁ ବିଲଙ୍କା ରାବଣର କଥାବସ୍ତୁ ଆରମ୍ଭ ହୋଇଛି । ଏହି କଥାବସ୍ତୁକୁ କେନ୍ଦ୍ରକରି

ସାରଳାଦାସ ବିଲଙ୍କା ରାମାୟଣ ପ୍ରଣୟନ କରିଥିଲେ । ଏଥିରେ ଶକ୍ତିର ପ୍ରତିଷ୍ଠା କାମନା କରାଯାଇଛି । ଚଣ୍ଡୀପୁରାଣ ଗ୍ରନ୍ଥରେ ଚଣ୍ଡୀଙ୍କର ମହିମା କୀର୍ତ୍ତନ ଏବଂ ମହିଷାସୁର ନିଧନ ବିଷୟରେ ଲେଖାଯାଇଛି । ଲକ୍ଷ୍ମୀନାରାୟଣ ବଚନିକା ଅପ୍ରକାଶିତ ଥିଲେ ହେଁ ଏଥିରେ ଓଡ଼ିଆ ସମାଜର ସ୍ତ୍ରୀ ପୁରୁଷଙ୍କର ନିୟମନିଷ୍ଠା ସଂପର୍କରେ କବି ବର୍ଣ୍ଣନା କରିଅଛନ୍ତି । ସାରଳାଙ୍କର ବିଖ୍ୟାତ ଗ୍ରନ୍ଥ "ମହାଭାରତ" ସଂସ୍କୃତ ମହାଭାରତର ଅନୁବାଦ ନୁହେଁ । ଏଥିରେ ସାରଳାଙ୍କର ବହୁ ମୌଳିକ ଚିନ୍ତା ପ୍ରକାଶିତ ହୋଇଅଛି । ମୂଳଗ୍ରନ୍ଥର ପର୍ବ ଅଥବା ବିଷୟ କ୍ରମକୁ ସାରଳାଦାସ ଗ୍ରହଣ କରି ନାହାନ୍ତି । ମୂଳ ଗ୍ରନ୍ଥର ସୌପ୍ତିକ, ଅନୁଶାସନିକ, ମହାପ୍ରସ୍ଥାନିକ ପର୍ବ ସାରଳାଦାସ ଗ୍ରହଣ କରିନାହାନ୍ତି ଏବଂ ସେ ନିଜ ମହାଭାରତରେ ମଧ୍ୟ, ଗଦା, ଐଷିକ ପ୍ରଭୃତି ପର୍ବର ନାମକରଣ କରି ନିଜର ମୌଳିକତାର ପରିଚୟ ଦେଇଅଛନ୍ତି । ସାରଳାଦାସ ମୂଳଗ୍ରନ୍ଥର ଅନେକ କଥା ପରିହାର କରିବା ସଙ୍ଗେ ସଙ୍ଗେ କେତେକ କଥାକୁ ସଂକ୍ଷିପ୍ତ କରି ଦେଇଛନ୍ତି ଅଥବା କେତେକ ନୂତନ କଥାକୁ ସଂଯୁକ୍ତ କରିଅଛନ୍ତି । ଉଦାହରଣସ୍ୱରୂପ, ହନୁମାନ—ଅର୍ଜ୍ଜୁନ ଭେଟ, କୁନ୍ତୀ-ଗାନ୍ଧାରୀ ଶିବପୂଜା, ଭୀମ-ବଲ୍ଲଲସେନ ପ୍ରସଙ୍ଗ, ଯାଜପୁରରେ ହରିସାହୁ କନ୍ୟା ସିଂହାଣୀକୁ ଯୁଧିଷ୍ଠିରଙ୍କ ବିବାହ ପ୍ରଭୃତି କାହାଣୀଗୁଡ଼ିକ ସାରଳାଦାସଙ୍କର ମୌଳିକ ସୃଷ୍ଟି । ସାରଳା ଦାସଙ୍କ ମହାଭାରତ ଓଡ଼ିଆ ସାହିତ୍ୟରେ ଏକ ଅମୂଲ୍ୟ ଗ୍ରନ୍ଥ । ସାରଳା ଦାସଙ୍କ ଶହେବର୍ଷ ପରେ ବଙ୍ଗଳା ସାହିତ୍ୟରେ ମହାଭାରତ ରଚିତ ହୋଇଥିଲା । ବଙ୍ଗଳାରେ ପ୍ରଥମେ କବୀନ୍ଦ୍ର ମହାଭାରତ ପ୍ରଣୟନ କରିଥିଲେ; ମାତ୍ର କାଶୀରାମଙ୍କ ମହାଭାରତ ରଚିତ ନ ହେବା ପର୍ଯ୍ୟନ୍ତ ଅନ୍ୟ କୌଣସି ଗ୍ରନ୍ଥ ବଙ୍ଗ ଦେଶରେ ବିଶେଷ ଆଦୃତ ହୋଇ ପାରି ନ ଥିଲା । ବଡ଼ ଆଶ୍ଚର୍ଯ୍ୟର କଥା ଯେ ଏହି କାଳରେ ସାରଳାଙ୍କର ଓଡ଼ିଆ ମହାଭାରତ ବଙ୍ଗାକ୍ଷରରେ ମୁଦ୍ରିତ ହୋଇ ବଙ୍ଗଦେଶରେ ପ୍ରଚଳିତ ହୋଇଥିଲା । ଶ୍ରୀଯୁକ୍ତ ବିଜୟ ମଜୁମଦାର ଏହି ସଂପର୍କରେ କହିଅଛନ୍ତି :—

"It is very remarkable that the Oriya poet acquired celebrity even in Bengal and his Mohabharat was introduced in Bengali Translation not later than the early part of the 16th century."

ସାରଳାଦାସଙ୍କ ପରେ ଓଡ଼ିଆ ସାହିତ୍ୟରେ ପଞ୍ଚସଖାଯୁଗର ଅଭ୍ୟୁଦୟ ହୋଇଥିଲା । ଏହି ପଞ୍ଚସଖାଙ୍କ ମଧ୍ୟରେ ରାମାୟଣ ରଚୟିତା ବଳରାମ ଦାସ ଏବଂ ଭାଗବତ ରଚୟିତା ଜଗନ୍ନାଥ ଦାସ ଯୁଗାନ୍ତକାରୀ ବିପ୍ଳବ ସୃଷ୍ଟି କରିଯାଇଅଛନ୍ତି । ପ୍ରାକୃତ ଭାଷାରେ ରାମାୟଣ, ଭାଗବତ, ହରିବଂଶ ଇତ୍ୟାଦି ଗ୍ରନ୍ଥ ରଚନା କରି ପଞ୍ଚସଖା ଲେଖକଗଣ ବ୍ରାହ୍ମଣମାନଙ୍କ ଏକାଧିପତ୍ୟ ବିରୁଦ୍ଧରେ ପ୍ରବଳ ଆନ୍ଦୋଳନ କରିଥିଲେ । ରାଜା ପ୍ରତାପରୁଦ୍ରଙ୍କ ରାଜତ୍ୱ କାଳରେ ଭକ୍ତିଧର୍ମର ପ୍ରଚାର ପାଇଁ ଓଡ଼ିଶାରେ ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିଲା । ଅନେକେ ମନେ କରନ୍ତି ଯେ ଚୈତନ୍ୟ ଦେବଙ୍କ ଆଗମନ ଫଳରେ ଓଡ଼ିଶାରେ ଭକ୍ତିଧର୍ମ ପ୍ରବର୍ତ୍ତିତ ହୋଇଥିଲା; ମାତ୍ର ଏ ମତ ଠିକ୍ ନୁହେଁ । ପ୍ରତାପରୁଦ୍ରଙ୍କ ସମୟରେ ପରମ ବୈଷ୍ଣବ ବଲ୍ଲଭାଚାରୀ, ହିତହରିବଂଶ ଗୋସ୍ୱାମୀ ଏବଂ ଚୈତନ୍ୟ ଦେବ ପୁରୀରେ ଅବସ୍ଥାନ କରିଥିଲେ । ମାତ୍ର ଚୈତନ୍ୟଙ୍କ ବହୁ ପୂର୍ବରୁ ରାମାନୁଜ, ନିମ୍ବାର୍କ ପ୍ରଭୃତି ଓଡ଼ିଶାରେ ନିଜ ମତ ପ୍ରଚାର କରି ଯାଇଥିଲେ । ଏପରି କି ଚୈତନ୍ୟଙ୍କ ଗୁରୁ ଈଶ୍ୱର ପୁରୀ ଏବଂ ତାଙ୍କ ଗୁରୁ ମାଧବେନ୍ଦ୍ର ପୁରୀ ଓଡ଼ିଶାରେ ନିଜ ନିଜର ଲୀଳା ଖେଳା କରିଥିଲେ । ଏହି ପ୍ରସଙ୍ଗରେ ଶ୍ରୀଯୁକ୍ତ ଏସ. କେ. ସେନ ତାଙ୍କର "ବ୍ରଜବୋଲି ସାହିତ୍ୟର ଇତିହାସ" ପୁସ୍ତକର ୧୩ ପୃଷ୍ଠାରେ ମତ ପ୍ରକାଶ କରିଅଛନ୍ତି—

"Chaitanayadev and his immediate predecessors (who were the chief companions of his life) were thus the disciples direct and indirect of Madhabendra. Madhabendra was probably a saint and scholar from Orissa which at that time more intimately connected to the sister province of Bengal."

କେବଳ ସେତିକି ନୁହେଁ, ଚୈତନ୍ୟ ନିଜେ ତତ୍କାଳୀନ ଉତ୍କଳର ପ୍ରଧାନ ସେନାପତି ପରମ ବୈଷ୍ଣବ ରାୟ ରାମାନନ୍ଦଙ୍କ ନିକଟରୁ ବୈଷ୍ଣବଧର୍ମର ମୌଳିକ ତତ୍ତ୍ୱ ଗ୍ରହଣ କରିଥିଲେ ଏବଂ ଭାରତର ବିଭିନ୍ନ ସ୍ଥାନରେ ପ୍ରଚାର କରିଥିଲେ । ଏ ସଂପର୍କରେ Cultural Heritage of India ପୁସ୍ତକର ପ୍ରଣେତା ଶ୍ରୀ ରାଧାଗୋବିନ୍ଦ ବାଚସ୍ପତିଙ୍କର ମତ ଉଦ୍ଧାର କରାଯାଇପାରେ । ତାହା ହେଲା :—

"From the historical point of view it appears that Chaitanva took the detail idea of Radhakrushna cult as current in Bengal School from Rai Ramananda and transmitted it to Rupagoswami at Allahab ad and Sanatana Goswami at Benaras."

ଚୈତନ୍ୟଙ୍କ ଆଗମନ ପୂର୍ବରୁ ଓଡ଼ିଆରେ ଭାଗବତର ଅନୁବାଦ ଆରମ୍ଭ ହୋଇ ଯାଇଥିଲା । ଜଗନ୍ନାଥ ଦାସ ମୂଳ ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ କରି ନ ଥିଲେ । ସେ ଶ୍ରୀଧର ସ୍ୱାମୀଙ୍କ ଟୀକା ଅବଲମ୍ବନରେ ମୂଳଗ୍ରନ୍ଥର ଅନୁବାଦ କରିଥିଲେ ହେଁ ତାଙ୍କର ମୌଳିକ ଚିନ୍ତାଧାରା ବହୁସ୍ଥଳରେ ପରିଦୃଷ୍ଟ ହୁଏ । ଓଡ଼ିଆ ଭାଗବତ ୧୩ଟି ସର୍ଗରେ ବିଭକ୍ତ ହେଲେ ହେଁ ଜଗନ୍ନାଥ ଦାସ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ରଚନା କରିଥିଲେ । ତାଙ୍କ ଅନ୍ତେ ମହାଦେବ ଦାସ ଅନ୍ୟ ଦୁଇଟି ସ୍କନ୍ଧ ଭରଣା କରି ଦେଇଥିଲେ । ଶଙ୍କରଙ୍କୁ ଅନୁସରଣ କରି ଜଗତ ମିଥ୍ୟା ଏବଂ ବ୍ରହ୍ମ ସତ୍ୟ ବୋଲି ଜଗନ୍ନାଥ ଦାସ ପ୍ରତିପାଦନ କରିଅଛନ୍ତି । ଦାସଙ୍କ ରଚନାରେ ଜ୍ଞାନମିଶ୍ରା ଭକ୍ତିର ପ୍ରାଧାନ୍ୟ ଦେଖାଯାଏ । ସେଥିପାଇଁ ଗୌଡ଼ୀୟ ବୈଷ୍ଣବଗଣ ତାଙ୍କର ବ୍ୟାଖ୍ୟାକୁ ସ୍ୱୀକାର କରନ୍ତି ନାହିଁ ।

ଜଗନ୍ନାଥ ଦାସଙ୍କ ଭାଗବତ ଉତ୍କଳର ଘରେ ଘରେ ସୁପରିଚିତ । [illegible]

ଓଡ଼ିଆ ସାହିତ୍ୟକୁ ଯଥେଷ୍ଟ ପ୍ରଭାବିତ କରିଅଛି । ହରିବଂଶର ଲେଖକ ଅଚ୍ୟୁତାନନ୍ଦ, ଶିଶୁ ସଂପ୍ରଦାୟର ପ୍ରତିଷ୍ଠାତା ଶିଶୁ ଅନନ୍ତ ଦାସ, ପ୍ରେମଭକ୍ତି ବ୍ରହ୍ମଗୀତା, ଗୋବିନ୍ଦଚନ୍ଦ୍ର ପ୍ରଭୃତି ଗ୍ରନ୍ଥର ଲେଖକ ଯଶୋବନ୍ତ ଦାସ ଜ୍ଞାନମିଶ୍ରା ଭକ୍ତିଯୋଗର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାପାଇଁ ଯଥେଷ୍ଟ ସାଧନା କରିଯାଇଛନ୍ତି ।

ଏ କାଳରେ ହିନ୍ଦୁଧର୍ମରେ ବହୁ ସଂପ୍ରଦାୟ ମତବାଦ ବିରୁଦ୍ଧରେ ପଞ୍ଚସଖା ଓଡ଼ିଆ ଲେଖକଗଣ ପ୍ରବଳ ଅଭିଯାନ ଚଳାଇଥିଲେ । ସେମାନେ ଏକେଶ୍ୱରବାଦ ସ୍ୱୀକାର କରି ଏହାର ସମାଧାନ କରିବାପାଇଁ ଶୂନ୍ୟ ବା ନିର୍ଗୁଣ ବ୍ରହ୍ମର ଉପାସନା ପ୍ରଚ୍ଚର କରିଥିଲେ । ଏହି ସମୟରେ ଭାରତପ୍ରସିଦ୍ଧ ଗୁରୁ ନାନକ, ମହାତ୍ମା କବୀର ପ୍ରଭୃତି ପ୍ରଚ୍ଚର କରିବାପାଇଁ ଉତ୍କଳଭୂମିକୁ ଆଗମନ କରିଥିଲେ । ଓଡ଼ିଶାରେ ଭକ୍ତିଧର୍ମର ପ୍ରଚ୍ଚର ହେବା ଫଳରେ ସାହିତ୍ୟ ମଧ୍ୟ ଏହି ମତବାଦ ଦ୍ୱାରା ପ୍ରଭାବିତ ହେଲା । ବଲ୍ଲଭାଚ୍ଚର୍ଯ୍ୟ, ଚୈତନ୍ୟ ପ୍ରଭୃତିଙ୍କ ଓଡ଼ିଶା ଆଗମନ ପୂର୍ବରୁ ଏଠାରେ ଜଗନ୍ନାଥ ଦାସ, ବଳରାମ ଦାସ, ଚୈତନ୍ୟ ଦାସ, ରାୟ ରାମାନନ୍ଦ ପ୍ରଭୃତି ଭକ୍ତିମାର୍ଗରେ ବହୁ ଚର୍ଚ୍ଚା ଓ ସାଧନା କରିଥିଲେ ।

ଭକ୍ତି ଯୁଗ ଓଡ଼ିଆ ସାହିତ୍ୟ ଥିଲା ବାସ୍ତବିକ ଗଣଧର୍ମୀ । ଗଣଧର୍ମ, ଗଣଭାଷା ଓ ଗଣ ଚେତନାବୋଧକୁ ରୂପାୟିତ କରି ପଞ୍ଚସଖା ଯୁଗର ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇଥିଲା । ଏହି ଯୁଗ ସାହିତ୍ୟର ଭାଷା ଥିଲା ଅତ୍ୟନ୍ତ ସରଳ ଏବଂ ସହଜ । ସଂସ୍କୃତ ପୁରାଣ ଏବଂ ଧର୍ମ ସାହିତ୍ୟ ପ୍ରଚୁର ପରିମାଣରେ ଅନୁବାଦ କରାଯାଇ ଥିବାରୁ ଏ ଯୁଗକୁ ଅନୁବାଦ ଯୁଗ ମଧ୍ୟ କୁହାଯାଇଥାଏ ।

ମାତ୍ର ଏ ଯୁଗର ଅନୁବାଦ ଆକ୍ଷରିକ ନ ଥିଲା । ଜଗନ୍ନାଥ, ବଳରାମ ଏବଂ ଅଚ୍ୟୁତାନନ୍ଦ ପ୍ରଭୃତି ଯଥାକ୍ରମେ ଭାଗବତ, ରାମାୟଣ ଏବଂ ହରିବଂଶର ଅନୁବାଦ କରିଥିଲେ ହେଁ ସେମାନେ ମୂଳଗ୍ରନ୍ଥର କେତେକ ବ୍ୟତିକ୍ରମ କରିଥିବା ଜଣାଯାଏ । ବେଳେ ବେଳେ ନିଜ ନିଜର ଟିପ୍ପଣୀ ସହିତ ସ୍ୱ-ମତ ପ୍ରତିଷ୍ଠା ପାଇଁ ମଧ୍ୟ ଏହି ଗ୍ରନ୍ଥଗୁଡ଼ିକରେ ଉଦ୍ୟମ ହୋଇଅଛି । ଧର୍ମ ଓ ଯୋଗ ସମ୍ବନ୍ଧୀୟ ବିଷୟରେ ବହୁଳ ଚର୍ଚ୍ଚା

ହେଉଥିବାରୁ ସାହିତ୍ୟ ମଧ୍ୟ ତହିଁରୁ ମୁକ୍ତ ହୋଇ ପାରିନାହିଁ । ତେବେ ପଞ୍ଚସଖା ସାହିତ୍ୟିକଗଣ ପ୍ରଧାନତଃ ଥିଲେ ସାଧକ ଏବଂ ସଂସ୍କାରକ । ସେମାନଙ୍କ ଲେଖନୀ ତତ୍କାଳୀନ ଯୁଗର ନାନା କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ କରିଥିଲା ।

ଧର୍ମାଚରଣ ସମ୍ପର୍କରେ ବ୍ରାହ୍ମଣମାନଙ୍କର ଏକାଧିପତ୍ୟକୁ ଏମାନେ ଅସ୍ୱୀକାର କରିଅଛନ୍ତି । ସର୍ବତ୍ର ଜଗନ୍ନାଥଙ୍କୁ ମୂଳାଧାର କରି ଧର୍ମ ଆଲୋଚନା କରାଯାଇଅଛି । ଯୋଗ ସାଧନ ଏବଂ ଈଶ୍ୱରଭକ୍ତି କୌଣସି ଜାତିର ଏକଚାଟିଆ ଅଧିକାର ନୁହେଁ ବୋଲି ପଞ୍ଚସଖାଗଣ ପ୍ରଚୁର କରି ପ୍ରତିପାଦନ କରିଥିଲେ ଏବଂ ଏଥିପାଇଁ ସେମାନଙ୍କୁ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ପୁରାଣ ଯୁଗ ପରେ ଓଡ଼ିଆ ସାହିତ୍ୟରେ ରୀତିଯୁଗର ଆବିର୍ଭାବ ହେଲା । ୧୬୯୨ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବ ମୃତ୍ୟୁ ବରଣ କଲେ ଏବଂ ଓଡ଼ିଶା ଭୂଖଣ୍ଡ ବହୁକାଳ ପାଇଁ ସ୍ୱାଧୀନତା ହରାଇ ବସିଲା । ମୁସଲମାନ ଏବଂ ମରହଟ୍ଟା ରାଜତ୍ୱକାଳରେ ସମଗ୍ର ଦେଶ ଖଣ୍ଡ-ବିଖଣ୍ଡିତ ହୋଇ ଦେଶର ନୈତିକ ପତନ ଆରମ୍ଭ ହେଲା । ରାଜନୈତିକ, ଅର୍ଥନୈତିକ ତଥା ଆଧ୍ୟାତ୍ମିକ ଦୁର୍ଗତି ଫଳରେ ଦେଶର ଜାତୀୟ ଜୀବନ କଳଙ୍କିତ ହୋଇଗଲା । ତେଣୁ ସାହିତ୍ୟ, କଳା ଓ ଧର୍ମର ପୃଷ୍ଠପୋଷକତା ପାଇଁ କୌଣସି ରାଷ୍ଟ୍ରୀୟ ଶକ୍ତି ଉପସ୍ଥିତ ନ ଥିଲେ । ତେବେ ସୁଖର କଥାଯେ ଏହି ଖଣ୍ଡବିଖଣ୍ଡିତ ଦେଶରେ ପରାଧୀନତାର ସମସ୍ତ ଗ୍ଳାନି ସତ୍ତ୍ୱେ ସଂସ୍କୃତ ସାହିତ୍ୟର ଚର୍ଚ୍ଚା ଅକ୍ଷୁଣ୍ଣ ରହିଥିଲା । ମଧ୍ୟଯୁଗୀୟ ସାମନ୍ତବାଦୀ ଗୋଷ୍ଠୀ ସାମାଜିକ ଜୀବନରେ ପ୍ରଭାବଶାଳୀ ହୋଇଥିବାରୁ ସାହିତ୍ୟର ମୂଲ୍ୟାଙ୍କନ ମଧ୍ୟ ସେହିମାନଙ୍କର ରୁଚିବୋଧ ଏବଂ ଆଦର୍ଶକୁ କେନ୍ଦ୍ର କରି ଗଢ଼ି ଉଠିଲା । ସାହିତ୍ୟ ହେଲା ସମ୍ପୂର୍ଣ୍ଣ ଭାବରେ ଭୋଗସର୍ବସ୍ୱ ଏବଂ ପାଣ୍ଡିତ୍ୟପୂର୍ଣ୍ଣ । ସଂସ୍କୃତ ଆଳଙ୍କାରିକ ରୀତି ଅନୁସରଣ କରି କାବ୍ୟକାରଗଣ କାବ୍ୟ ରଚନା କଲେ । ଏହି କାରଣରୁ ପୁରାଣଯୁଗ ପରବର୍ତ୍ତୀ ସାହିତ୍ୟିକ ଧାରା ହେଲା କାବ୍ୟ ଓ ସଂଗୀତର ସମୃଦ୍ଧ ପ୍ରବାହ ।

ଏ ଯୁଗକୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ନାମିତ କରା-ଯାଇଥାଏ । ତାଙ୍କ ପରି ଶକ୍ତିଶାଳୀ କବି ସମକାଳୀନ ଭାରତୀୟ ସାହିତ୍ୟ

କାହିଁକି, ସଂସ୍କୃତ ସାହିତ୍ୟରେ ମଧ୍ୟ ଦୁର୍ଲଭ ବୋଲି ଆଲୋଚକଗଣ ମତ ପ୍ରଦାନ କରିଥାଆନ୍ତି । ତେବେ ଉପେନ୍ଦ୍ର ଭଞ୍ଜଙ୍କ ଆଗମନ ପୂର୍ବରୁ କାବ୍ୟ-ଧାରାର ପ୍ରବର୍ତ୍ତିକରୂପେ ଯେଉଁ କେତେ ଜଣ ଅମର କବି ଲେଖନୀ ଧାରଣ କରିଥିଲେ, ସେମାନଙ୍କ ମଧ୍ୟରେ "କନକଲତା" ର ସ୍ରଷ୍ଟା ନୀଳାମ୍ବର ଭଞ୍ଜ, "ରାମକୃଷ୍ଣକେଳିକଲ୍ଲୋଳ"ର ନିତ୍ୟାନନ୍ଦ ଦାସ, "କାଞ୍ଚନଲତା"ର ଶ୍ରୀଧର ଦାସ, "ରଘୁନାଥ ବିଳାସ"ର ଧନଞ୍ଜୟ ଭଞ୍ଜ, "ସର୍ବାଙ୍ଗସୁନ୍ଦରୀ"ର ଲୋକନାଥ, "ଶଶୀସେଣା"ର ପ୍ରତାପ ରାୟ, "ଗୋପୀଭାଷା"ର ପ୍ରସିଦ୍ଧ ଦନାଇ ଦାସ, 'ରହସ୍ୟମଞ୍ଜରୀ'ର ଦେବଦୁର୍ଲଭ, 'ରାମବିଭା' ଖ୍ୟାତ ଅର୍ଜୁନ ଦାସ "ଉଷାଭିଳାଷ"ର ଲେଖକ ଶିଶୁଶଙ୍କର ଦାସ, "ଲୀଳାବତୀ"ର ରଘୁନାଥ ହରିଚନ୍ଦନ ପ୍ରଭୃତି ଉଲ୍ଲେଖଯୋଗ୍ୟ । ମାତ୍ର "ରସକଲ୍ଲୋଳ"ର ଲେଖକ ଦୀନକୃଷ୍ଣ ଦାସ ଓଡ଼ିଆ କାବ୍ୟ ଯୁଗର ଗୌରବ ବୃଦ୍ଧି କରିବାରେ ପ୍ରଧାନ ଦିଗଦ୍ରଷ୍ଟା କହିଲେ ଚଳେ । ତାଙ୍କର କାନ୍ତ-ଲଳିତ ପଦାବଳୀ ମଧ୍ୟରେ ଅଳଙ୍କାର ଅନୁପ୍ରାସର ଅପୂର୍ବ ପରୀକ୍ଷା ସଙ୍ଗେ ସଙ୍ଗେ ସଙ୍ଗୀତ ଓ କବିତ୍ୱର ଯେପରି ସାର୍ଥକ ସମନ୍ୱୟ ହୋଇଅଛି, ତାହା ଓଡ଼ିଆ କାବ୍ୟ ସାହିତ୍ୟ ସଂସାରରେ ଅନନ୍ୟସାଧାରଣ । ସମଗ୍ର କାବ୍ୟର ପ୍ରତ୍ୟେକ ପାଦର ଆଦ୍ୟ ଚରଣରେ 'କ' ଅକ୍ଷର ଯୋଜନା କରି ୩୪ଟି ଛାନ୍ଦ ବିଶିଷ୍ଟ ଏକ କାବ୍ୟ ରଚନା କରିବା ସହଜ କଥା ନୁହେ । ଦୀନକୃଷ୍ଣଙ୍କ ବହୁ ପରେ ଅଭିମନ୍ୟୁ ସାମନ୍ତସିଂହାର ବିଖ୍ୟାତ ବିଦଗ୍ଧ ଚିନ୍ତାମଣି କାବ୍ୟ ରଚନା କରିଥିଲେ । ଏହି ବିଶାଳ କାବ୍ୟସୌଧର ଗୌରବ ବର୍ଣ୍ଣନାତୀତ । କୃଷ୍ଣ ଓ ରାଧାଙ୍କ ପ୍ରେମଲୀଳା ବିଷୟରେ ବିଦଗ୍ଧ ଚିନ୍ତାମଣି ଏବଂ ରସକଲ୍ଲୋଳ ରଚିତ ହୋଇଥିଲେହେଁ ଏବଂ ଏହି କଥାବସ୍ତୁ ଅବଲମ୍ବନରେ ଅନ୍ୟ ପ୍ରାନ୍ତର ସାହିତ୍ୟରେ ଶତ ଶତ ପୁସ୍ତକ ରଚିତ ହୋଇଥିଲେ ହେଁ କବିତ୍ୱ କଳ୍ପନାବିଳାସ, ଅଳଙ୍କାର ଯୋଜନା, ଦାର୍ଶନିକ ପୃଷ୍ଠଭୂମି ଅଥବା କବି ପ୍ରତିଭା କୌଣସି ଦିଗରୁ ଏହି ଦୁଇଟି କାବ୍ୟର ସମକକ୍ଷ କାବ୍ୟ ଅନ୍ୟ ଭାଷାରେ ମିଳିବା ଦୁଷ୍କର । ତେବେ ଏ ଯୁଗର ସର୍ବଶ୍ରେଷ୍ଠ ଲେଖକ ହେଉଛନ୍ତି ଉପେନ୍ଦ୍ର ଭଞ୍ଜ । ଘୁମୁସର ରାଜବଂଶର ରାଜକୁମାର କ୍ଷଣଜନ୍ମା ଉପେନ୍ଦ୍ର ଭଞ୍ଜ ବାସ୍ତବିକ ଜଣେ ଯାଦୁକର । ପାଣ୍ଡିତ୍ୟ, ସଙ୍ଗୀତ, ଅଳଙ୍କାର, କବିତ୍ୱ, କଳ୍ପନା ବିଳାସ, ଗୂଢ଼ାର୍ଥ ଏବଂ ବହୁଦର୍ଶୀ ପ୍ରତିଭାର ବିସ୍ତାରରେ ଉପେନ୍ଦ୍ରଙ୍କ କାବ୍ୟ ସଂସାର ସର୍ବଦା ସମୁଜ୍ଜ୍ୱଳ । ଉପେନ୍ଦ୍ର ଭଞ୍ଜ ବାସ୍ତବିକ ଅତୁଳନୀୟ

ଏବଂ କବି ସମ୍ରାଟ ପଦର ଯଥାର୍ଥ ଅଧିକାରୀ । ତାଙ୍କର ବୈଦେହୀଶବିଳାସ, ଲାବଣ୍ୟବତୀ, କୋଟୀ ବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମସୁଧାନିଧି, ରସିକହାରାବଳୀ ପରି କାବ୍ୟ ଅତ୍ୟନ୍ତ ମନୋଜ୍ଞ ଏବଂ ରସୋତ୍ତୀର୍ଣ୍ଣ । ଗୀତିକା, ପୌରାଣିକ କାବ୍ୟ, କାଳ୍ପନିକ କାବ୍ୟ, ଆଳଙ୍କାରିକ କାବ୍ୟ ପର୍ଯ୍ୟାୟରେ ଉପେନ୍ଦ୍ରଭଞ୍ଜ ବହୁଗ୍ରନ୍ଥ ପ୍ରଣୟନ କରିଅଛନ୍ତି ।

ସଂସ୍କୃତ ଅଳଙ୍କାରର ମାନଦଣ୍ଡରେ କାବ୍ୟର ସମସ୍ତ ବିଭବ ଏ ଯୁଗରେ ଅନୁସୃତ ହେଉଥିଲା । ଶୃଙ୍ଗାର ରସପ୍ରଧାନ କାବ୍ୟଗୁଡ଼ିକ ବେଳେ ବେଳେ ଅଶ୍ଳୀଳ ଏବଂ କ୍ଲିଷ୍ଟ ହୋଇପଡୁଥିଲା । ତେବେ ଉପମା ଧ୍ୱନି, ଅର୍ଥ ଗାମ୍ଭୀର୍ଯ୍ୟ ଏବଂ ସରଳ ପଦ ଯୋଜନାରେ କାବ୍ୟଯୁଗର କବିଗଣ ଚମତ୍କାର ପାରଦର୍ଶିତା ପ୍ରଦର୍ଶନ କରି ଯାଇଅଛନ୍ତି । ଏ ଯୁଗର ସାହିତ୍ୟ ଓଡ଼ିଆ ଭାଷାର ଗଙ୍ଗାଧର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଯୁଗରେ ସଂସ୍କୃତ ଭାଷା ଓ ସାହିତ୍ୟର ପ୍ରଭାବ ଥିଲା ଅତ୍ୟନ୍ତ ପ୍ରବଳ । ସେଥିପାଇଁ କବିତ୍ୱ ଅପେକ୍ଷା ପାଣ୍ଡିତ୍ୟ ପ୍ରଦର୍ଶନ ପାଇଁ ଅନେକ କବି ସଚେଷ୍ଟ ହୋଇ ପଡ଼ିଥିଲେ । ତେବେ ଉପେନ୍ଦ୍ରଭଞ୍ଜଙ୍କ ପରବର୍ତ୍ତୀ ଭକ୍ତଚରଣ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ବନମାଳୀ, ଗୌରଚରଣ, ଯଦୁମଣି ପ୍ରାଚୀନ କ୍ଲିଷ୍ଟତା ଏବଂ କୃତ୍ରିମ ରଚନା ପାଟବତାରୁ, କାବ୍ୟସୁନ୍ଦରୀଙ୍କୁ ମୁକ୍ତ କରି ସାବଲୀଳ ସାଙ୍ଗୀତିକ ଏବଂ ସୁବୋଧ କରିଦେଲେ ।

ଗୋପାଳକୃଷ୍ଣ ଏବଂ କବିସୂର୍ଯ୍ୟଙ୍କ ଅଭ୍ୟୁଦୟ କାଳରେ ଏ ଦେଶରେ ଇଂରେଜ ଶାସନ ଏବଂ ଶିକ୍ଷାବିସ୍ତାର ଲାଭ କରୁଥିଲା । ମଧ୍ୟଯୁଗୀୟ ବ୍ୟବସ୍ଥାରୁ ମୁକ୍ତ ହୋଇ ଦେଶରେ ଏକ ନବଜାଗରଣ ଦେଖା ଦେଇଥିଲା । ତେଣୁ ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗର ସୂତ୍ରପାତ ହେଲା । ଏହି ଆଧୁନିକ ଯୁଗର ବାର୍ତ୍ତାବହ ଭାବରେ କାବ୍ୟଲେଖକ ରାଧାନାଥ ଓ ଗଙ୍ଗାଧର, ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ସ୍ରଷ୍ଟା ଫକୀରମୋହନ, ଭକ୍ତକବି ମଧୁସୂଦନ ଏବଂ ପଲ୍ଲୀକବି ନନ୍ଦକିଶୋର ବଳ ନାଟ୍ୟକାର ଓ ଔପନ୍ୟାସିକ ରାମଶଙ୍କର, ସାହିତ୍ୟିକ ଓ ସାମ୍ବାଦିକ ଗୌରୀଶଙ୍କର ଓ ବିଶ୍ୱନାଥ ପ୍ରଭୃତି ଅତ୍ୟନ୍ତ ସ୍ମରଣୀୟ । ଏଯୁଗରେ ସାହିତ୍ୟିକ ପ୍ରେରଣା କେବଳ ସଂସ୍କୃତ-ସାହିତ୍ୟରୁ ଗୃହୀତ ନ ହୋଇ ଭାରତର ବିଭିନ୍ନ ପ୍ରାନ୍ତୀୟ ସାହିତ୍ୟ ଏବଂ ଇଂରେଜ ସାହିତ୍ୟ ମାଧ୍ୟମରେ ପାଶ୍ଚାତ୍ୟ ସାହିତ୍ୟରୁ ଆହରଣ କରାଯାଇଥିଲା । ବିଭିନ୍ନ ଛନ୍ଦ, କଥାବସ୍ତୁ, ସାହିତ୍ୟିକ ଆଦର୍ଶ ଇତ୍ୟାଦିର ପରୀକ୍ଷାରେ ଏ

ଯୁଗର ସାହିତ୍ୟ ପରମ୍ପରାଠାରୁ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଥିଲା । ପଦ୍ୟ ସହିତ ଗଦ୍ୟ ସାହିତ୍ୟର ଅଭ୍ୟୁଦୟ ପାଇଁ ଏ ଯୁଗରେ ଅଧିକ ଯତ୍ନ ନିଆଯାଇଥିଲା । ଜାତୀୟତାବାଦୀ ଭାବନା ଏବଂ ପ୍ରକୃତି ବର୍ଣ୍ଣନାରେ ଏ ଆଧୁନିକ ସାହିତ୍ୟ ହେଲା ଅଧିକ ବାସ୍ତବଧର୍ମୀ ଏବଂ ପ୍ରାଣବନ୍ତ ।

ଇଂରେଜମାନଙ୍କ ବିରୁଦ୍ଧରେ ସ୍ୱଦେଶୀ ଆନ୍ଦୋଳନ ଫଳରେ ସମଗ୍ର ଦେଶରେ ଏକ ଉଗ୍ର ଜାତୀୟତାବାଦୀ ମନୋଭାବ ପ୍ରକାଶିତ ହେଲା । ଏହି ଆନ୍ଦୋଳନର ବାର୍ତ୍ତାବହରୂପେ ସତ୍ୟବାଦୀ ପଞ୍ଚସଖାଦଳ ସାହିତ୍ୟ ଓ ରାଜନୀତିରେ କେତେକ ନୂତନ ପରୀକ୍ଷା ଚଳାଇଥିଲେ । ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠ ଏବଂ ଏମାନଙ୍କ ଆଦର୍ଶର ଅନୁଗାମୀ ଭାବରେ ଜଗବନ୍ଧୁ ସିଂହ, କୃପାସିନ୍ଧୁ ମିଶ୍ର, ମୃତ୍ୟୁଞ୍ଜୟ ରଥ, ଗୋପୀନାଥ ନନ୍ଦ ପ୍ରଭୃତି ଓଡ଼ିଆ ସାହିତ୍ୟର ସମୃଦ୍ଧି କଲ୍ପେ ଯଥେଷ୍ଟ ସାଧନା କରିଯାଇଅଛନ୍ତି । ପ୍ରାଚୀନ ଆର୍ଯ୍ୟ ସଂସ୍କୃତିର ଆଦର୍ଶରେ ଏ ଯୁଗ ସାହିତ୍ୟ ଅଧିକ ଅନୁପ୍ରାଣିତ ହୋଇଥିବା ଜଣାଯାଏ । ଇତିହାସର ଗବେଷଣା ମୌଳିକ ଗଦ୍ୟରଚନା, ଆଦର୍ଶବାଦୀ ନାଟକ ଓ କାବ୍ୟ ସୃଷ୍ଟି ଏବଂ ସର୍ବୋପରି ବିଶ୍ୱ ଉପନ୍ୟାସର ଛାୟାରେ ଓଡ଼ିଆ ଉପନ୍ୟାସର ସ୍ୱରୂପ ପ୍ରତିଷ୍ଠା ପାଇଁ ଏ ଯୁଗରେ ଉଦ୍ୟମ ହୋଇଥିଲା । ମାତ୍ର ଜାତୀୟ ଆନ୍ଦୋଳନର ଘନାବର୍ତ୍ତ ମଧ୍ୟରେ ଏଯୁଗର ଆଦର୍ଶ ଏବଂ ସଂଗଠିତ ସାଧନା ସଙ୍କୁଚିତ ହୋଇ ଯାଇଥିଲା । ତଥାପି ସେହି ସ୍ୱଳ୍ପକାଳର ପଦକ୍ଷେପ ଥିଲା ଅତ୍ୟନ୍ତ ଅବିସ୍ମରଣୀୟ ।

ପ୍ରଥମ ମହାଯୁଦ୍ଧ ପରେ ପୃଥିବୀର ସାମାଜିକ ଜୀବନ ବଦଳି ଯାଇଥିଲା । ଭାରତବର୍ଷରେ ଯୁଦ୍ଧ ପରବର୍ତ୍ତୀ ଅବସାଦଗ୍ରସ୍ତ ସମାଜରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଜାତୀୟ ଆନ୍ଦୋଳନ ଏକ ନୂତନ ଚେତନା ଏବଂ ଆଶାର ସଂଚାର କରାଇ ପାରିଥିଲା । ଯୁବପ୍ରାଣ ନବ ଉନ୍ମାଦନାରେ ନୂତନ ସାହିତ୍ୟିକ ଆଦର୍ଶର ପ୍ରତିଷ୍ଠା ପାଇଁ ବ୍ୟାକୁଳ ହେବା ସ୍ୱାଭାବିକ । ଏହି ପରିପ୍ରେକ୍ଷିରେ ଓଡ଼ିଆ ସାହିତ୍ୟରେ ଆରମ୍ଭ ହୋଇଥିଲା ସବୁଜ ଯୁଗର ସାହିତ୍ୟିକ ପୃଷ୍ଠଭୂମି । ସବୁଜ ଦଳରେ ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ ଏବଂ ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକଙ୍କ ସାହିତ୍ୟିକ ସାଧନା ଅଧିକ ସ୍ମରଣୀୟ । ଏହି ଦଳ ସହିତ ସମକାଳରେ ଆଧୁନିକ ଯୁଗର ବହୁ ଔପନ୍ୟାସିକ, ଗାଳ୍ପିକ, ନାଟ୍ୟକାର, ପ୍ରାବନ୍ଧିକ ଏବଂ କବି ଯୋଗ ଦେଇଥିଲେ ।

ପଦ୍ୟବହୁଳ ଓଡ଼ିଆ ସାହିତ୍ୟରେ ସବୁଜଯୁଗର ଲେଖକଗଣ ବଳିଷ୍ଠ ଗଦ୍ୟ ରଚନା କରି ପ୍ରତିଷ୍ଠା ଅର୍ଜନ କଲେ । ନାଟକ, ଉପନ୍ୟାସ, ଏକାଙ୍କିକା, ବିଜ୍ଞାନ, ରାଜନୀତି, ସମାଲୋଚନା, ଖଣ୍ଡକବିତା ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ସାହିତ୍ୟର ସ୍ରୋତ ପ୍ରବାହିତ ହେଲା । ସାହିତ୍ୟ ହେଲା ବହୁମୁଖୀ ଏବଂ ତାହାର ଅନ୍ତର୍ନିହିତ ପ୍ରଧାନ ସ୍ୱର ହେଲା ମାନବିକତା । ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଯୋଗୁ ସାହିତ୍ୟ ହେଲା ଯୁକ୍ତିଧର୍ମୀ ଏବଂ ବିଶ୍ଳେଷଣାତ୍ମକ । ରୋମାଣ୍ଟିକ ସବୁଜ ଦଳୀୟ ଆଦର୍ଶ ଅଧିକକାଳ ପ୍ରେରଣା ଦେଇ ପାରିଲା ନାହିଁ । ସୋଭିଏତ୍ ରୁଷିଆର ଅକ୍‌ଟୋବର ବିପ୍ଳବ ଏବଂ ସାମ୍ୟବାଦୀ ଆଦର୍ଶର ବାଣୀ ପୃଥିବୀର ଯୁବସମାଜରେ ନୂତନ ଆଲୋଡ଼ନ ସୃଷ୍ଟି କଲା ଏବଂ ଏହି କାରଣରୁ ମାର୍କସୀୟ ଆଦର୍ଶରେ ଅନୁପ୍ରାଣିତ ଏକ ବାସ୍ତବଧର୍ମୀ ସାହିତ୍ୟିକ ଆନ୍ଦୋଳନ ଆରମ୍ଭ ହେଲା । କବି ଅନନ୍ତ-ପଟ୍ଟନାୟକ ଓ ପଦ୍ମଶ୍ରୀ ଶଚୀଦାନନ୍ଦ ରାଉତରାୟ ଏହି ଭାବଧାରାର ପ୍ରଧାନ ପୁରୋଧା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଦ୍ୱିତୀୟ ମହାଯୁଦ୍ଧ ଏବଂ ସ୍ୱାଧୀନତା ପରବର୍ତ୍ତୀ ସାହିତ୍ୟରେ ଯୁଗାନ୍ତକାରୀ ପରିବର୍ତ୍ତନ ସମ୍ଭବ ହୋଇଅଛି । ବହୁ ଯୁଗର ପରାଧୀନତାର ଗ୍ଲାନିରୁ ମୁକ୍ତ ହୋଇ ଥିବାରୁ ସମାଜରେ ନୂତନ ମୂଲ୍ୟବୋଧ ଏବଂ ମର୍ଯ୍ୟାଦା-ବୋଧ ଜାତ ହେବା ସ୍ୱାଭାବିକ । ବିଶ୍ୱ ଦରବାର ଓ ପରିବାର ସହିତ ଅଧିକ ଘନିଷ୍ଠ ଭାବରେ ମିଳିତ ହେବାପାଇଁ ଯେଉଁ ସୁଯୋଗ ପହଞ୍ଚିଲା ତାହା ଫଳରେ ଜାତୀୟ ଚିନ୍ତାଧାରାରେ ମଧ୍ୟ ଅଭାବନୀୟ ଚେତନାବୋଧ ଜାଗ୍ରତ ହେଲା ।

ବହୁ ପତ୍ରପତ୍ରିକା ଏବଂ ଏକ ନୂତନ ଶିକ୍ଷିତ ଗୋଷ୍ଠୀର ଅଭ୍ୟୁଦୟ ଫଳରେ ସାହିତ୍ୟର ଆଲୋଚନା ପାଇଁ ଆଜ ଏକ ବ୍ୟାପକ କ୍ଷେତ୍ର ସୃଷ୍ଟି ହୋଇଅଛି । ନାଟକ, ଭ୍ରମଣ କାହାଣୀ, କବିତା, ଗଳ୍ପ, ଉପନ୍ୟାସ, ସମାଲୋଚନା, ଅନୁବାଦ, ବୈଜ୍ଞାନିକ ସାହିତ୍ୟ, ଏକାଙ୍କିକା, ସଂବାଦ, ସାହିତ୍ୟ, ଧର୍ମ, ଦର୍ଶନ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ସାହିତ୍ୟ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରି ଅଗ୍ରସର ହେଉଅଛି । ସଂଖ୍ୟାଗତ ଏବଂ ଗୁଣାତ୍ମକ ଉଭୟ କ୍ଷେତ୍ରରେ ଆଧୁନିକ ଓଡ଼ିଆ ସାହିତ୍ୟର ସମୃଦ୍ଧି ଓ ପ୍ରତିଷ୍ଠା ଅବିସମ୍ବାଦିତ ।

# ବଙ୍ଗଳା ସାହିତ୍ୟ

ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନେପାଳରୁ 'ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ' ନାମରେ ଏକ ପୋଥି ସଂଗ୍ରହ କରି ପ୍ରକାଶ କରିଥିଲେ । ବୌଦ୍ଧଧର୍ମର ସାଧକମାନଙ୍କଦ୍ୱାରା ରଚିତ ବହୁ ଗାନଦ୍ୱାରା ଏହି ଗ୍ରନ୍ଥ ସମୃଦ୍ଧ ହୋଇଥିବାରୁ ଏହାକୁ 'ବୌଦ୍ଧଗାନ ଓ ଦୋହା' ବୋଲି ମଧ୍ୟ କୁହାଯାଏ । ହରପ୍ରସାଦ ଶାସ୍ତ୍ରୀ ଏହି ଚର୍ଯ୍ୟାଗୁଡ଼ିକୁ ପ୍ରାଚୀନ ବଙ୍ଗଳାସାହିତ୍ୟର ଆଦିରୂପ ବୋଲି ଦାବୀ କରିଅଛନ୍ତି । ବଙ୍ଗୀୟ ଆଲୋଚକମାନଙ୍କ ପରି ଓଡ଼ିଆ ଏବଂ ହିନ୍ଦୀ ସାହିତ୍ୟର ଗବେଷକଗଣ ଏହି ଗ୍ରନ୍ଥକୁ ସେମାନଙ୍କ ଭାଷାର ପ୍ରାଚୀନ ରୂପ ବୋଲି ଦାବୀ କରିଥାଆନ୍ତି । ସେ ଯାହା ହେଉ, ଦଶମ ଶତାବ୍ଦୀଠାରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷା ପରି ବଙ୍ଗଳା ଭାଷାର ମଧ୍ୟ ଅଭ୍ୟୁଦୟ ହୋଇଥିବା ଅନୁମାନ କରାଯାଏ ।

ଭାରତର ସର୍ବପ୍ରାଚୀନ ଲିପି ହେଉଛି ବ୍ରାହ୍ମୀ । କାଳକ୍ରମେ ଏହି ବ୍ରାହ୍ମୀଲିପି ବିଭିନ୍ନ ତିନୋଟି ଭାଗରେ ରୂପାନ୍ତରିତ ହୋଇଥିଲା । ଉତ୍ତର ଭାରତରେ ଏହି ଲିପିର ନାମ ହେଲା 'ଶାରଦା' ଏବଂ ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଏହି ଲିପି 'ନାଗର' ନାମ ଗ୍ରହଣ କଲା । ପୂର୍ବାଞ୍ଚଳର ଲିପି 'କୁଟିଳ' ନାମରେ ପରିଚିତ ହେଲା । ଏହି କୁଟିଳ ଲିପିରୁ ବଙ୍ଗଳାଭାଷା ସମେତ ପୂର୍ବାଞ୍ଚଳର ଲିପିଗୁଡ଼ିକର ବିକାଶ ହୋଇଅଛି ବୋଲି ପଣ୍ଡିତମାନେ ମନେ କରିଥାଆନ୍ତି ।

ଆଲୋଚନାର ସୁବିଧାପାଇଁ ବଙ୍ଗଳାସାହିତ୍ୟକୁ ଇତିହାସ ଦୃଷ୍ଟିରେ ପାଞ୍ଚଭାଗରେ ବିଭକ୍ତ କରାଯାଇଥାଏ । ଯଥା—(୧) ବଙ୍ଗଳାସାହିତ୍ୟର ଆଦିକାଳ (୨) ଚୈତନ୍ୟ ପୂର୍ବଯୁଗ (୩) ଚୈତନ୍ୟୋତ୍ତର ଯୁଗ (୪) ଆଧୁନିକ କାଳ (୫) ଅତ୍ୟାଧୁନିକ ଅଥବା ରବୀନ୍ଦ୍ରୋତ୍ତର ଯୁଗ ।

ପ୍ରାଚୀନକାଳରେ ପ୍ରାକୃତ ଭାଷାରେ ରଚନା କରିବାପାଇଁ ପଣ୍ଡିତ-ମାନେ ଘୃଣା କରୁଥିଲେ । ସେଥିପାଇଁ କୃତ୍ତିବାସ ଏବଂ କାଶୀରାମଙ୍କ ରଚିତ ରାମାୟଣ ଓ ମହାଭାରତକୁ ସେମାନେ ଏପରି ଅବଜ୍ଞା ଚକ୍ଷୁରେ

ଦେଖୁଥିଲେ ଯେ ଏହି କବିମାନଙ୍କୁ ଲୋକଚକ୍ଷୁରେ 'ସର୍ବନେଶେ' କହି ନିନ୍ଦିତ କରଥିଲେ । ଏହି କୁସଂସ୍କାରକଦଳ କହୁଥିଲେ—'କୃତ୍ତିବାସେ କାଶୀଦାଶେ ଆର ବାମୁନ ଘେଁସେ, ଏଇ ତିନ ସର୍ବନେଶେ ।'

ସାହିତ୍ୟର ପ୍ରାରମ୍ଭକାଳରେ ସମାଜ ଥିଲା ସମ୍ପୂର୍ଣ୍ଣଭାବରେ ଧର୍ମ-ପ୍ରଭାବିତ । ଏହି ଆଦିକାଳରେ ନାନା ଲୋକକଥା ଓ କାହାଣୀ, ବ୍ରତକଥା ଇତ୍ୟାଦି ପ୍ରଚଳିତ ଥିଲା । ପ୍ରାନ୍ତୀୟ ପ୍ରାକୃତ ଭାଷାର ସାହିତ୍ୟ ରାଜ-ପୃଷ୍ଠପୋଷକତା ଲାଭ କରୁ ନ ଥିଲା । ତ୍ରୟୋଦଶ ଶତାବ୍ଦୀରେ ମୁସଲମାନ-ଗଣ ବଙ୍ଗଳା ଅଧିକାର କରି ରାଜତ୍ୱ କଲେ । ସେମାନେ ମୁସଲମାନ ଧର୍ମ-ପ୍ରଚାର କରିବାପାଇଁ ଯତ୍ନବାନ ଥିଲେ ହେଁ ହିନ୍ଦୁପୁରାଣ ଓ ଦର୍ଶନ ଚର୍ଚ୍ଚା କରି ପ୍ରାନ୍ତୀୟ ଭାଷାରେ ତାହାର ପ୍ରକାଶ ପାଇଁ ଉତ୍ସାହ ପ୍ରଦାନ କରିଥିଲେ । ନାଦିରସାହଙ୍କ ରାଜତ୍ୱରେ ମହାଭାରତର ପ୍ରଥମ ବଙ୍ଗାନୁବାଦ ସମ୍ଭବ ହୋଇଥିଲା । ମୁସଲମାନ ଶାସକଗଣ ଏ ଦେଶକୁ ନିଜର ବୋଲି ଗ୍ରହଣ କରି ନେଇଥିଲେ । ତେଣୁ ଏ ଦେଶର ସାହିତ୍ୟ ଓ ସଂସ୍କୃତିର ବିକାଶରେ ସେମାନଙ୍କର ଉତ୍ସାହ କମ୍ ନ ଥିଲା ।

ଚୈତନ୍ୟଙ୍କ ଆଗମନ ପୂର୍ବରୁ ବିଦ୍ୟାପତିଙ୍କ ପଦାବଳୀ ବଙ୍ଗ ସମାଜରେ ଯଥେଷ୍ଟ ଆଦୃତ ହୋଇଥିଲା । ବିଦ୍ୟାପତିଙ୍କ ପଦାବଳୀକୁ ବଙ୍ଗଳା ଭାଷା କହିବାର କୌଣସି କାରଣ ନାହିଁ । ସେ ବ୍ରଜବୋଲି ଭାଷାରେ ନିଜର ପଦାବଳୀ ରଚନା କରିଥିଲେ । ଐତିହାସିକଗଣ ବିଦ୍ୟାପତିଙ୍କ ଭାଷାକୁ ବଙ୍ଗଳା ଭାଷାର ପ୍ରାଚୀନ ରୂପ ବୋଲି ଦାବି କରିଥାଆନ୍ତି । ବାସ୍ତବରେ ବିଦ୍ୟାପତି ହେଉଛନ୍ତି ବଙ୍ଗଳାସାହିତ୍ୟର ବୈଷ୍ଣବ କବିମାନଙ୍କର ଗୁରୁସ୍ଥାନୀୟ । ବଙ୍ଗଳାର ଘରେ ଘରେ ବିଦ୍ୟାପତି-ପଦାବଳୀ ପଠିତ ଏବଂ ଆଦୃତ । ବିଦ୍ୟାପତି ମିଥିଳାର ରାଜା ଶିବସିଂହଙ୍କ ସଭାକବି ଥିଲେ । ପଞ୍ଚଦଶ ଶତାବ୍ଦୀରେ ତାଙ୍କର ଅଭ୍ୟୁଦୟ ହୋଇଥିଲା ।

ଚୈତନ୍ୟ ପୂର୍ବ ଯୁଗର ପ୍ରଧାନ କବି ହେଉଛନ୍ତି ବଡ଼ୁ ଚଣ୍ଡୀଦାସ । ତାଙ୍କ ରଚିତ 'ଶ୍ରୀକୃଷ୍ଣକୀର୍ତ୍ତନ' ଗ୍ରନ୍ଥ ଉଲ୍ଲେଖଯୋଗ୍ୟ । ପଞ୍ଚଦଶ ଶତାବ୍ଦୀର ଶେଷଭାଗରେ ବଡ଼ୁ ଚଣ୍ଡୀଦାସ ଅବତୀର୍ଣ୍ଣ ହୋଇଥିଲେ । ଆଲୋଚକମାନଙ୍କ ମତରେ ବଙ୍ଗଳା ସାହିତ୍ୟରେ ଦୁଇ ଜଣ ଚଣ୍ଡୀଦାସ ଥିବାର ଜଣା ଯାଇଛି ।

ପ୍ରଥମ ଚଣ୍ଡୀଦାସ ବଡ଼ୁ ଚଣ୍ଡୀଦାସ ନାମରେ ସୁପରିଚିତ ଏବଂ ସେ ଚୈତନ୍ୟ ପୂର୍ବ ଯୁଗରେ ଲେଖନୀ ଧାରଣ କରିଥିଲେ । ମାତ୍ର ଦ୍ୱିତୀୟ ଚଣ୍ଡୀଦାସ ଶ୍ରୀକୃଷ୍ଣକୀର୍ତ୍ତନ ପାଲାର ରଚୟିତା ଏବଂ ତାଙ୍କ ରଚିତ ପଦାବଳୀଗୁଡ଼ିକରୁ ସେ ଚୈତନ୍ୟଙ୍କ ପରବର୍ତ୍ତୀ ଯୁଗର କବି ଥିଲେ ବୋଲି ପ୍ରମାଣ ମିଳୁଅଛି । ଚଣ୍ଡୀଦାସ ଏବଂ ତାଙ୍କ ଶିଷ୍ୟ ଗୋବିନ୍ଦ ଦାସଙ୍କ ରଚନାରେ ଜୟଦେବଙ୍କ ଗୀତଗୋବିନ୍ଦର ପ୍ରଭାବ ଯଥେଷ୍ଟ ଲକ୍ଷ୍ୟ କରାଯାଏ । ବୈଷ୍ଣବ-ଭକ୍ତିଦର୍ଶନ ତଥା ପଦଲାଳିତ୍ୟରେ ଏମାନଙ୍କ ପଦାବଳୀଗୁଡ଼ିକ ଅତ୍ୟନ୍ତ ମନୋଜ୍ଞ । ଉଦାହରଣ ସ୍ୱରୂପ ଗୋବିନ୍ଦ ଦାସଙ୍କ ଏକ ପଦ ଉଲ୍ଲେଖ କରାଯାଇ ପାରେ ।

"ନନ୍ଦ ନନ୍ଦନ ଚନ୍ଦ ଚନ୍ଦନ ଗନ୍ଧନନ୍ଦିତ ଅଙ୍ଗ,
ଜଳଦ ସୁନ୍ଦର କମ୍ବୁ କନ୍ଧର ନିନ୍ଦ ସିନ୍ଦୂର ଭଙ୍ଗ ।
ପ୍ରେମ ଆକୁଳ ଗୋପ ଗୋକୁଳ କୁଳଜ କାମିନୀକାନ୍ତ,
କୁସୁମ ରଞ୍ଜନ ମଞ୍ଜୁ ବଞ୍ଜୁଳ କୁଞ୍ଜ ମନ୍ଦିର ସନ୍ତ ।
ଗଣ୍ଡମଣ୍ଡଳ ବୋଳ କୁଣ୍ଡଳ ଉଡ଼େ ଚୂଡ଼େ ଶିଖଣ୍ଡ,
କେଳି ତାଣ୍ଡବ ତାଳ ପଣ୍ଡିତ ବାହୁ ଦଣ୍ଡିତ ଦଣ୍ଡ
କଞ୍ଜଲୋଚନ କଲୁଷମୋଚନ ଶ୍ରବଣ ରୋଚନ ଭାଷ,
ଅମଳ କୋମଳ ଚରଣ କମଳଯୁ ନିଳୟୁ ଗୋବିନ୍ଦ ଦାସ ।"

ଚୈତନ୍ୟ ପୂର୍ବଯୁଗ ଲୋଚନ ଦାସ, ଜ୍ଞାନ ଦାସ, ବଳରାମ ଦାସ ପ୍ରଭୃତିଙ୍କ ମଧ୍ୟରେ ଗୋବିନ୍ଦ ଦାସଙ୍କ ପଦାବଳୀ ଅତ୍ୟନ୍ତ ହୃଦ୍ୟ ଏବଂ ରସୋତ୍ତୀର୍ଣ୍ଣ । ତେବେ ଏହି ବୈଷ୍ଣବ କବିମାନଙ୍କ ପଦାବଳୀ ଏପରି ଭାବରେ ରସାଣିତ ଏବଂ ଛନ୍ଦରେ ଝଙ୍କୃତ ଯେ ତାହା ଯେ କୌଣସି ପାଠକର ମନରେ ଗଭୀର ଭାବରେ ରେଖାପାତ କରିବ । ପଥ ମଧ୍ୟରେ କୃଷ୍ଣ ବାଟ ଓଗାଳନ୍ତେ ପ୍ରେମମୟୀ ରାଧା କୃଷ୍ଣଙ୍କ ଉଦ୍ଦେଶ୍ୟରେ ଯେଉଁ ଅଭିମାନ କରିଛନ୍ତି, କବି ଜ୍ଞାନ ଦାସଙ୍କ ଲେଖନୀରେ ତାହା ଅମରତ୍ୱ ଲାଭ କରିଅଛି । ସେ ଲେଖିଛନ୍ତି—

"ଘରେ ବୈରୀ ନନନ୍ଦୀ ପଥେ ବୈରୀ ମହାଦାନୀ
ଦେହେ ବୈରୀ ହଇଲ ଯୌବନ
ହେନ ମନେ ଉଠେ ତାପ ଯମୁନାୟ ଦିୟା ଝାମ୍ପ
ନା ରାଖିବ ଏ ଛାର ଜୀବନ ।

ଅବଲା ବଳୟା ଗାୟ ବଳେ ହାତ ଧରତେ ଗୃୟ
ପସାରୟା ଆଇଷେ ଦୁଟି ବାହୁ
କବ ଜ୍ଞାନଦାସ କୟ ମୋର ମନେ ଦହନ ଲୟ
ଚାନ୍ଦେ ଯେନ ଗରାସୟେ ରାହୁ ।”

ଚୈତନ୍ୟ-ପୂର୍ବଯୁଗର ଶ୍ରେଷ୍ଠ କବ ହେଉଛନ୍ତି ବଙ୍ଗଳା-ରାମାୟଣ ପ୍ରଣେତା କୃତ୍ତିବାସ । ବଙ୍ଗଳା-ପ୍ରଦେଶରେ ଘରେ ଘରେ ତାଙ୍କ ଲିଖିତ ରାମାୟଣ ପାଠ କରାଯାଇଥାଏ । ଆଦିଯୁଗ ଓ ମଧ୍ୟଯୁଗ ବଙ୍ଗଳା-ସାହିତ୍ୟରେ ବହୁ ରାମାୟଣ ରଚନାର ପରିଚୟ ମିଳୁଥିଲେହେଁ କୃତ୍ତିବାସଙ୍କ ରାମାୟଣର ଲୋକପ୍ରିୟତାକୁ କେହି ଅତିକ୍ରମ କରି ପାରି ନାହାନ୍ତି ।

ଆଲୋଚକମାନଙ୍କ ମତରେ କୃତ୍ତିବାସ ଚନ୍ଦ୍ର ସୂର୍ଯ୍ୟ ଭଳି ବଙ୍ଗଳାର ପ୍ରତ୍ୟେକ କୋଣକୁ ଆଲୋକିତ କରିଅଛନ୍ତି । ଫୁଲିୟା ଗ୍ରାମରେ ବନମାଳୀ ଓଝାଙ୍କର ଔରସରୁ କୃତ୍ତିବାସ ଜନ୍ମଗ୍ରହଣ କରିଥିଲେ । କୃତ୍ତିବାସଙ୍କ ପୂର୍ବରୁ ବଙ୍ଗଭାଷାରେ ପୁରାଣ-ପ୍ରସଙ୍ଗ ଏପରି ଲୋକପ୍ରିୟ ଭାଷାରେ ଅନ୍ୟ କୌଣସି କବ ପ୍ରଚାର କରି ନ ଥିଲେ । କୃତ୍ତିବାସଙ୍କ ରଚିତ ମୂଳ ରାମାୟଣ ମିଳେ ନାହିଁ । ପରବର୍ତ୍ତୀ କାଳରେ ବୈଷ୍ଣବ ଧର୍ମର ପ୍ରଚାରକାଳରେ ଏହି ରାମାୟଣର କଳେବର ବିଭିନ୍ନ କବିଙ୍କ ଦ୍ୱାରା ବୃଦ୍ଧି ପାଇଛି ବୋଲି ଅନୁମାନ କରାଯାଏ । ଏ ଗ୍ରନ୍ଥରେ ଶୈବ, ଶାକ୍ତ ଓ ବୈଷ୍ଣବ ପ୍ରଭାବ ଲକ୍ଷ୍ୟ କରାଯାଏ । ବଙ୍ଗଳାରେ ଷଷ୍ଠୀବର ଓ ଗଙ୍ଗାଦାସ-ରାମାୟଣ, କବଚନ୍ଦ୍ର-ରାମାୟଣ, ଜଗତରାମଙ୍କ ରାମାୟଣ ପ୍ରଭୃତି ପ୍ରଚଳିତ ଥିଲା ! ତେବେ ଉତ୍ତର-ପୂର୍ବ ବଙ୍ଗରେ କୃତ୍ତିବାସଙ୍କ ରାମାୟଣ ଅଧିକ ପ୍ରଚଳିତ ଥିଲା । ଏହି ଦୁଇଟି ରାମାୟଣକୁ ଏକାଠି କରିବା ପରେ ଶ୍ରୀରାମପୁରର ମିସନାରୀଗଣ ଯେଉଁ ରାମାୟଣ ପ୍ରକାଶ କଲେ ତାହା କୃତ୍ତିବାସଙ୍କ ରାମାୟଣ ନାମରେ ବର୍ତ୍ତମାନ ଚଳୁଅଛି । ବାଲ୍ମୀକି ସହିତ କୃତ୍ତିବାସ ରାମାୟଣର ଅନେକ ପାର୍ଥକ୍ୟ ଦେଖାଯାଏ । କାଳକ୍ରମେ ଏଥିରେ ଅନେକ ଉପାଖ୍ୟାନ ଯୋଗ କରି ଦିଆଯାଇଛି । ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ପରେ କୃତ୍ତିବାସଙ୍କ ଭାଷା ଏବଂ ପୟାରକୁ ଏଡ଼ି ଦେଇ ମାର୍ଜିତ ଭାଷା ଓ ଚତୁର୍ଦ୍ଦଶ ବନ୍ଧନୀରେ ପ୍ରକାଶକଗଣ ରାମାୟଣ ପ୍ରଚାର କରିଛନ୍ତି ଏବଂ ସାଧାରଣ ପାଠକ ତାହା କୃତ୍ତିବାସଙ୍କର ମୌଳିକ ଲେଖା ବୋଲି ବିଶ୍ୱାସ କରନ୍ତି । ଶ୍ରୀଯୁକ୍ତ ଦୀନେଶଚନ୍ଦ୍ର ସେନ୍ ଏହି ରାମାୟଣ

ସମ୍ପାଦନା କରିଥିଲେ ହେଁ ପ୍ରକାଶକଙ୍କ ଅନୁରୋଧରେ ବାଧ୍ୟ ହୋଇ ମାର୍ଜିତ ଭାଷା ଏବଂ ଚତୁର୍ଦ୍ଦଶ ଅକ୍ଷର ବନ୍ଧନୀ-ଯୁକ୍ତ ରାମାୟଣ ପ୍ରକାଶ କରିଛନ୍ତି । ତେବେ କୃତ୍ତିବାସଙ୍କ ମୂଳ ରଚନାର ପ୍ରମାଣ ଦେବାପାଇଁ ସେ କେବଳ ଉତ୍ତରାକାଣ୍ଡର ଶିବବିବାହ ଅଧ୍ୟାୟଟି କୃତ୍ତିବାସଙ୍କ ଅନୁସାରେ ମୁଦ୍ରିତ କରିଥିଲେ ।

× × ×

"ଏତ ଶୁନି ମେନକା ସ୍ୱାମୀକେ ପାଡ଼େ ଗାଲି
କୋପେ ପର୍ବତରାଜ ମେନକାର ଧରେ ଚୁଲି ।
ସାତ ପାଞ୍ଚ ଦଶ ବଂଶ କରେ ମାରାମାରି
କାହାକେ କେ ମାରେ ନାରଦ ଦେୟ ଟିଠକାରି ।
ନାରଦ ବୋଲେ ତୋମରା କେନ କର ମାରାମାରି
ଏ ତିନ ଭୁବନେ ରାଜା ଦେବ ତ୍ରିପୁରାରି ।
କୋନ ଜନା ବୁଝିତେ ପାରେ ମହାଦେବେର କାଜ
ମହାଧର୍ମୀ ମହାଦେବ ଦେବେର ସମାଜ ।
କନ୍ଦଳୀ ଘୁରୁୟାଁ ନାରଦ ଗେଲ ଦେବତାର ପାଶ
ଉତ୍ତରାକାଣ୍ଡ ରଚିଲ ପଣ୍ଡିତ କୃତ୍ତିବାସ ।"

ଚୈତନ୍ୟ ପୂର୍ବ ଯୁଗର ସର୍ବଶେଷ ଉଲ୍ଲେଖଯୋଗ୍ୟ କବି ହେଉଛନ୍ତି ମାଳାଧର ବସୁ । ସଂସ୍କୃତ ଭାଗବତ ଅବଲମ୍ବନରେ ସେ ଲେଖିଥିଲେ ଶ୍ରୀକୃଷ୍ଣବିଜୟ କାବ୍ୟ । ଏହା ଭାଗବତର ଆକ୍ଷରିକ ଅନୁବାଦ ନୁହେଁ । କେବଳ ମୂଳଗ୍ରନ୍ଥର ଭାବକୁ ଅନୁସରଣ କରି ମାଳାଧର ବସୁ ଏହି କାବ୍ୟ ରଚନା କରିଥିଲେ । ୧୪୮୦ ଖ୍ରୀଷ୍ଟାବ୍ଦରେ ଏହି ଗ୍ରନ୍ଥ ରଚନା ସମାପ୍ତ ହୋଇଥିଲା ବୋଲି ସେ ସ୍ପଷ୍ଟଭାବରେ ଉଲ୍ଲେଖ କରି ଯାଇଛନ୍ତି । ଏହି ଗ୍ରନ୍ଥରୁ ଶ୍ରୀକୃଷ୍ଣଙ୍କ ଗୁଣ କୀର୍ତ୍ତନ ପାଠ କରି ମହାପ୍ରଭୁ ଚୈତନ୍ୟଦେବ ଅତ୍ୟନ୍ତ ଚମତ୍କୃତ ହେଉଥିଲେ ।

ବଙ୍ଗ-ସମାଜରେ ଚୈତନ୍ୟଙ୍କ ଆବିର୍ଭାବ କେବଳ ବଙ୍ଗଳାରେ ନୁହେଁ, ସାରା ଭାରତବର୍ଷରେ ଏକ ଅଭାବନୀୟ ପରିବର୍ତ୍ତନ ଆନୟନ

କରିଥିଲା । ବୌଦ୍ଧଧର୍ମର ପତନ ପରେ ଭାରତବର୍ଷର ପ୍ରତ୍ୟେକ ପ୍ରାନ୍ତରେ ଚୈତନ୍ୟଙ୍କ ପ୍ରବର୍ତ୍ତିତ ବୈଷ୍ଣବ ଧର୍ମ ଘରେ ଘରେ ଆଦୃତ ହେଲା । ଚୈତନ୍ୟଙ୍କ ପ୍ରବର୍ତ୍ତିତ ପ୍ରେମଧର୍ମ ବଙ୍ଗସାହିତ୍ୟରେ ନବଜାଗରଣ ସୃଷ୍ଟି କରି ଅପୂର୍ବ ଭାବାବେଶଦ୍ୱାରା ବଙ୍ଗସମାଜକୁ ଆପ୍ଲୁତ କରିଦେଲା । ଚଣ୍ଡିଦାସଙ୍କ ପରେ ପରେ ବଙ୍ଗସମାଜର ସାହିତ୍ୟିକ ପ୍ରାଣ ଯେପରି ଧୂସର ମରୁବାଲିରେ ପରିଣତ ହୋଇ ଯାଇଥିଲା । ଚୈତନ୍ୟଙ୍କ ଆବିର୍ଭାବ ସତେ ଯେପରି କି ସେହି ନୀରସ ପରିବେଶକୁ ଶ୍ୟାମଳ ଓ ଶାଦ୍ୱଳ କରି ସଙ୍ଗୀତର ଅପୂର୍ବ ନିକ୍ୱଣରେ ପ୍ଲାବିତ କରିଦେଲା । ସାହିତ୍ୟରେ ବୈଷ୍ଣବ ଭକ୍ତି ସଙ୍ଗୀତର ରଚନା ପ୍ରତିଷ୍ଠା ଲାଭ କଲେ ହେଁ ସଂସ୍କୃତ ଗ୍ରନ୍ଥର ଅନୁବାଦ ଏବଂ ପୌରାଣିକ ଆଖ୍ୟାୟିକା ଅବଲମ୍ବନ ପୂର୍ବକ ଅନେକ ଗ୍ରନ୍ଥ ପ୍ରସ୍ତୁତ ହେଲା । ଚୈତନ୍ୟୋତ୍ତର ଯୁଗର ଅନ୍ୟତମ ପ୍ରଧାନ ରଚନା ହେଉଛି କାଶୀରାମଙ୍କ ରଚିତ ମହାଭାରତ । ତେବେ ଷୋଡ଼ଶ ଶତାବ୍ଦୀରେ ପ୍ରଥମେ କବୀନ୍ଦ୍ର ନାମକ ଜଣେ କବି ମହାଭାରତର ଆଖ୍ୟାୟିକା ଅବଲମ୍ବନରେ ରଚନା କରିଥିଲେ "ପାଣ୍ଡବବିଜୟ କଥା" ବା "ଭାରତପାଞ୍ଚାଳୀ" । ବଙ୍ଗର ମୁସଲମାନ ଶାସକ ହୋସେନଶାହାଙ୍କ ସେନାପତି ପରାଗଳ ଖାନଙ୍କ ଆଦେଶରେ କବୀନ୍ଦ୍ର ଏହି କାବ୍ୟ ରଚନା କରିଥିବାରୁ ଜନସାଧାରଣରେ ଏହି ଗ୍ରନ୍ଥ "ପରାଗଲୀ ମହାଭାରତ" ନାମରେ ସୁପରିଚିତ । ପରାଗଳ ଖାନ୍‌ଙ୍କ ପୁତ୍ର ଛୁଟିଖାନ୍‌ଙ୍କ ପୃଷ୍ଠପୋଷକତାରେ ଶ୍ରୀକର ନନ୍ଦୀ ମଧ୍ୟ ମହାଭାରତର ଅଶ୍ୱମେଧ ପର୍ବ ଅନୁବାଦ କରିଥିଲେ । ଏମାନଙ୍କ ବ୍ୟତୀତ ସଞ୍ଜୟ, ରାମଚନ୍ଦ୍ର ସେନ, ଦ୍ୱିଜ ରଘୁନାଥ, ଯଦୁନନ୍ଦନ ନିତ୍ୟାନନ୍ଦ ପ୍ରଭୃତି ମହାଭାରତର କଥା ଅବଲମ୍ବନ କରି ଗ୍ରନ୍ଥ ରଚନା କରିଥିଲେ, ମାତ୍ର କାଶୀରାମଙ୍କ ପରି ଆଉ କାହାରି ମହାଭାରତ ଲୋକସମାଜରେ ଆଦୃତ ହୋଇ ପାରି ନ ଥିଲା । କାଶୀରାମଙ୍କ ମହାଭାରତର ପ୍ରସ୍ତୁତି ପୂର୍ବେ ପଶ୍ଚିମ-ବଙ୍ଗଳାରେ ନିତ୍ୟାନନ୍ଦଙ୍କ ମହାଭାରତ ପ୍ରଚଳିତ ଥିଲା । ଗୌରୀମଙ୍ଗଳ ନାମକ ଏକ ଗ୍ରନ୍ଥରେ ଲେଖାଯାଇଛି —

"ଅଷ୍ଟାଦଶ ପର୍ବଭାଷା କୈଲ କାଶୀଦାସ
ନିତ୍ୟାନନ୍ଦ କୈଲ ପୂର୍ବେ ଭାରତ ପ୍ରକାଶ"

ମାତ୍ର କାଶୀରାମ ମହାଭାରତର ସମ୍ପୂର୍ଣ୍ଣ ଅନୁବାଦ କରି ପାରି ନାହାନ୍ତି ବୋଲି ଆଲୋଚକଗଣ ପ୍ରକାଶ କରିଅଛନ୍ତି । ଗୋଟିଏ ପ୍ରବାଦ ଅଛି ଯେ—

"ଆଦି, ସଭା, ବନ, ବିରାଟେର କତଦୂର
ଇହା ରଚି କାଶୀଦାସ ଗେଲ ସ୍ୱର୍ଗପୁର

ବୋଧହୁଏ ମହାଭାରତର ଅନ୍ୟ ଅଂଶତକ ଅନ୍ୟ କେହି ରଚନା କରି କାଶୀରାମଙ୍କ ନାମରେ ପ୍ରଚାର କରି ଦେଇଅଛନ୍ତି । ପୂର୍ବବର୍ତ୍ତୀ ରଚନା ନିତ୍ୟାନନ୍ଦଙ୍କ ମହାଭାରତର କେତେକ ଅଂଶ ପରିବର୍ତ୍ତିତ ଆକାରରେ କାଶୀରାମଙ୍କ ଗ୍ରନ୍ଥରେ ସ୍ଥାନ ଲାଭ କରିଥିବା ଜଣାଯାଏ । କାଶୀରାମଙ୍କ ମହାଭାରତରେ ମୂଳ ମହାଭାରତର କଥାବସ୍ତୁଟି ସଂକ୍ଷେପରେ ଗୃହୀତ ହୋଇଅଛି । କାଶୀରାମ ଜନସାଧାରଣଙ୍କ ଶିକ୍ଷା ଉଦ୍ଦେଶ୍ୟରେ ମହାଭାରତ ରଚନା କରିଥିବାରୁ ମୂଳଗ୍ରନ୍ଥର ବହୁ ଦାର୍ଶନିକ ବିଚାର ଏବଂ କାହାଣୀ ପରିହାର କରିଛନ୍ତି । ବଙ୍ଗଳା-ସାହିତ୍ୟର ଐତିହାସିକଗଣ କାଶୀରାମଙ୍କୁ କବିଗୁରୁର ଆସନ ପ୍ରଦାନ କରିଅଛନ୍ତି । କାରଣ ତାଙ୍କୁ ଅନୁସରଣ କରି ବହୁ କବି ଓ ନାଟ୍ୟକାର ଗ୍ରନ୍ଥ ରଚନା କରିଥିବା ଜଣାଯାଏ । ଆଚଣ୍ଡାଳ ବ୍ରାହ୍ମଣ, ଆବାଳବୃଦ୍ଧବନିତା କାଶୀରାମଙ୍କ ମହାଭାରତ ପାଠ କରି ଯୁଗ-ଯୁଗ ଧରି ମୁଗ୍ଧ ହେଉଅଛନ୍ତି ।

ତତ୍କାଳୀନ ସମାଜରେ ଚଣ୍ଡୀ, ମନସା ଏବଂ ଶିବ ଉପାସନାର ପ୍ରଭାବ ଯଥେଷ୍ଟ ଅନୁଭୂତ ହେଉଥିଲା । ଏହି ଦେବୀ ଏବଂ ଦେବତାଙ୍କର ମାହାତ୍ମ୍ୟ ପ୍ରଚାରପାଇଁ ନାନା ଅଲୌକିକ କାହାଣୀ ଅବଲମ୍ବନରେ କାବ୍ୟ ପ୍ରଚାର କରାଗଲା । ଭକ୍ତିଭାବରେ ଆପ୍ଳୁତ ଜନସାଧାରଣ ଏହି କାହାଣୀଗୁଡ଼ିକୁ ଆନ୍ତରିକତାର ସହିତ ପୂଜା କରୁଥିଲେ । ସମାଜରେ ବୈଷ୍ଣବୀୟ ଭାବଧାରା ପ୍ରତିଷ୍ଠା ଅର୍ଜନ କରିଥିଲେହେଁ ଶୈବ ଏବଂ ଶାକ୍ତ ଉପାସନାର ପ୍ରଭାବ କିଛି କମ୍ ନ ଥିଲା । ସେଥିପାଇଁ ମଙ୍ଗଳ ସାହିତ୍ୟର ଲୋକପ୍ରିୟତା ଅତ୍ୟନ୍ତ ପ୍ରବଳ ଥିଲା । ଏହି ମଙ୍ଗଳ କାବ୍ୟ ମଧ୍ୟରେ ମନସାମଙ୍ଗଳ, ଚଣ୍ଡୀମଙ୍ଗଳ, ଧର୍ମମଙ୍ଗଳ, ଶିବମଙ୍ଗଳ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଚୈତନ୍ୟଙ୍କ ପୂର୍ବରୁ ଏବଂ ପରେ ମନସା ଦେବୀଙ୍କ କାହାଣୀକୁ ଅବଲମ୍ବନ କରି ଅସଂଖ୍ୟ

ଲେଖକ କାବ୍ୟ ରଚନା କରି ଯାଇଅଛନ୍ତି । ବିଜୟଗୁପ୍ତ ଏବଂ ବିପ୍ରଦାସ ପ୍ରଥମେ ମନସାମଙ୍ଗଳ ରଚନା କରିଥିଲେ ବୋଲି କୁହାଯାଇଥାଏ । ମନସା ଦେବୀଙ୍କ କାହାଣୀକୁ କେନ୍ଦ୍ର କରି ଯେପରି ମନସାମଙ୍ଗଳ କାବ୍ୟ ରଚିତ ହେଲା, ଚଣ୍ଡୀଦେବୀଙ୍କୁ ଗ୍ରହଣ କରି ଲେଖା ହେଲା ଅସଂଖ୍ୟ ଚଣ୍ଡୀମଙ୍ଗଳ କାବ୍ୟ । ତେବେ ମୁକୁନ୍ଦରାମଙ୍କ ରଚିତ ଚଣ୍ଡୀମଙ୍ଗଳ କାବ୍ୟ ଅଧିକ ଆଦର ଲାଭ କରିଥିଲା । ମୁକୁନ୍ଦରାମଙ୍କ ବ୍ୟତୀତ ମାଧବାଚାର୍ଯ୍ୟ, ଭବାନୀପ୍ରସାଦ, ରୂପନାରାୟଣ ପ୍ରଭୃତି ଚଣ୍ଡୀମଙ୍ଗଳ କାବ୍ୟ ରଚନା କରିଥିଲେ । ମନସାମଙ୍ଗଳ, ଚଣ୍ଡୀମଙ୍ଗଳ ପରି ଧର୍ମମଙ୍ଗଳ ମଧ୍ୟ ଆଉ ଏକ ଶ୍ରେଣୀର କାବ୍ୟ ରଚନା । ଏହି ଶ୍ରେଣୀର ରଚନାରେ ଧର୍ମ ଠାକୁରଙ୍କର ମହତ୍ତ୍ୱ ପ୍ରଚାର କରାଯାଇଛି । ଧର୍ମ ଠାକୁର ତାଙ୍କର ଭକ୍ତ ଲାଉସେନଙ୍କୁ ନାନା ବିପଦରୁ ଉଦ୍ଧାର କରିଥିବା କଥା ଏହି ମଙ୍ଗଳକାବ୍ୟରୁ ଜଣାଯାଇଥାଏ । ଧର୍ମମଙ୍ଗଳର ସର୍ବଶ୍ରେଷ୍ଠ କବି ହେଉଛନ୍ତି ଘନରାମ । ଅଷ୍ଟାଦଶ ଶତାବ୍ଦୀରେ ବର୍ଦ୍ଧମାନର ରାଜା କୀର୍ତ୍ତିଚନ୍ଦ୍ରଙ୍କ ଆଶ୍ରୟରେ ସେ ଗ୍ରନ୍ଥ ରଚନା କରିଥିଲେ । ଘନ ରାମଙ୍କ ବ୍ୟତୀତ ସୀତାରାମ ମହାଦେବ ମାଣିକରାମ ପ୍ରଭୃତି କବି ବିଭିନ୍ନ କାଳରେ ଧର୍ମମଙ୍ଗଳ କାବ୍ୟ ରଚନା କରି ଯାଇଅଛନ୍ତି । ମଙ୍ଗଳ କାବ୍ୟର ଅନ୍ୟତମ ବିଭାଗ ହେଉଛି ଶିବମଙ୍ଗଳ । ଶିବଙ୍କର ମହିମାକୀର୍ତ୍ତନ ଏ ଗ୍ରନ୍ଥର ପ୍ରଧାନ କାହାଣୀ । ଶିବମଙ୍ଗଳ କାବ୍ୟ ରଚନା କରି ରାମେଶ୍ୱର ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରି ଯାଇଅଛନ୍ତି । ଏତଦ୍‌ବ୍ୟତୀତ ଏ ପ୍ରାଚୀନ ଯୁଗରେ ବଙ୍ଗସାହିତ୍ୟରେ ଗୋବିନ୍ଦ ଦାସଙ୍କ କଡ଼ଚା, ବୃନ୍ଦାବନ ଦାସଙ୍କ ଚୈତନ୍ୟ ଭାଗବତ, ଜୟାନନ୍ଦଙ୍କ ଚୈତନ୍ୟମଙ୍ଗଳ, ଲୋଚନଦାସଙ୍କ ଚୈତନ୍ୟ ଚରିତାମୃତ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏହି ପ୍ରାଚୀନ ଯୁଗର ସର୍ବଶ୍ରେଷ୍ଠ କବି ଭାରତଚନ୍ଦ୍ରଙ୍କ ନାମ ଉଲ୍ଲେଖ ନ କଲେ ଆଲୋଚନା ଅସମାପ୍ତ ରହିଯିବ । ତାଙ୍କ ରଚିତ ଅନ୍ନଦାମଙ୍ଗଳ ମଙ୍ଗଳ-କାବ୍ୟ ଅନ୍ତର୍ଗତ ହେଲେ ହେଁ ଏ କାବ୍ୟରେ ଲୌକିକ ଅନୁଭୂତି ଏପରି ପ୍ରାଣବନ୍ତ ଭାବରେ ରୂପାୟିତ ହୋଇଅଛି ଯେ ତାହା ବଙ୍ଗଳାର ପାଠକ ଓ ଲେଖକସମାଜକୁ ବହୁକାଳ ପର୍ଯ୍ୟନ୍ତ ପ୍ରଭାବିତ କରିବାକୁ ସକ୍ଷମ ହୋଇଥିଲା । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗର କବି ଭାରତଚନ୍ଦ୍ର ସଂସ୍କୃତ କାବ୍ୟ ସାହିତ୍ୟର ଆଦର୍ଶରେ କାବ୍ୟ ରଚନା କରିଥିଲେ ହେଁ ତାଙ୍କର ପ୍ରକାଶଭଙ୍ଗୀରେ ବହୁ ପରିମାଣରେ ଆଧୁନିକତାର ରୂପ ଦେଖିବାକୁ ମିଳୁଥିଲା । ସର୍ବଜନ ପରିଚିତ ବିଦ୍ୟାସୁନ୍ଦର ଏହି

ଭାରତଚନ୍ଦ୍ରଙ୍କ ରଚନାର ଅନ୍ତର୍ଗତ । ଇଂରେଜଙ୍କ ଆଗମନ ପୂର୍ବରୁ ବଙ୍ଗସମାଜର ଚିତ୍ର ଭାରତଚନ୍ଦ୍ରଙ୍କ ରଚନାରେ ଯେପରି ପ୍ରାଣବନ୍ତ ଏବଂ ଯଥାର୍ଥ ଭାବରେ ରୂପାୟିତ, ଅନ୍ୟ କୌଣସି କବି ସେପରି କରିଛି ବୋଲି ମନେ ହୁଏ ନାହିଁ । ସେ କାବ୍ୟ ମାଧ୍ୟମରେ ଉପନ୍ୟାସ ରଚନା କରିଛନ୍ତି ବୋଲି ଆଲୋଚକମାନେ କହିଥାଆନ୍ତି ।

ଊନବିଂଶ ଶତାବ୍ଦୀ ହେଉଛି ବଙ୍ଗସାହିତ୍ୟ ଓ ସମାଜରେ ଏକ ସନ୍ଧିକ୍ଷଣ । ଏହି କାଳରେ ଇଂରେଜ ଶାସନ ପ୍ରତିଷ୍ଠିତ ହୋଇ ସାରିଥିଲା ଏବଂ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ପ୍ରଭାବ ଫଳରେ ବଙ୍ଗଳାର ସାଂସ୍କୃତିକ ଜୀବନରେ ଅପୂର୍ବ ପରିବର୍ତ୍ତନ ସମ୍ଭବ ହୋଇଥିଲା । ଏହି ପରିବର୍ତ୍ତନ-ପରମ୍ପରାକୁ ଅନୁସରଣ ନ କରି ସମ୍ପୂର୍ଣ୍ଣ ନୂତନ ଆଭିମୁଖ୍ୟ ନେଇ ପ୍ରକଟିତ ହେଲା । ଏହି ନୂତନ ଯୁଗ ସାହିତ୍ୟରେ ଗଦ୍ୟ ରଚନା ପ୍ରଧାନ ସ୍ଥାନ ଗ୍ରହଣ କଲା ଏବଂ ନାନା ପତ୍ରପତ୍ରିକା, ପାଠ୍ୟପୁସ୍ତକ ଓ ମିସନାରୀମାନଙ୍କ ପ୍ରକାଶିତ ପ୍ରଚାର ସାହିତ୍ୟ ମାଧ୍ୟମରେ ଆଧୁନିକ ବଙ୍ଗଳା ଗଦ୍ୟର ପ୍ରାଣପ୍ରତିଷ୍ଠା ସମ୍ଭବ ହେଲା । ୧୮୧୮ ଖ୍ରୀଷ୍ଟାବ୍ଦରେ ଶ୍ରୀରାମପୁରର ମିସନାରୀମାନଙ୍କ ଉଦ୍ୟମରେ "ଦିଗ୍‌ଦର୍ଶନ" ନାମକ ଏକ ମାସିକ ପତ୍ରିକା ଏବଂ "ସମାଚାର ଦର୍ପଣ" ନାମରେ ଏକ ସାପ୍ତାହିକ ପତ୍ରିକା ପ୍ରକାଶିତ ହେଲା । ବଙ୍ଗଳା ଗଦ୍ୟର ପ୍ରଚାରପାଇଁ ଏହିଭଳି ପତ୍ରିକାଗୁଡ଼ିକ ତତ୍କାଳୀନ ବଙ୍ଗ ସମାଜପାଇଁ ଯଥେଷ୍ଟ କାର୍ଯ୍ୟ କରିଥିଲେ । ୧୮୩୧ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ "ସମ୍ବାଦ ପ୍ରଭାକର" ପତ୍ରିକା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ସେ କାଳର ବିଖ୍ୟାତ ସାହିତ୍ୟିକ ଈଶ୍ୱରଗୁପ୍ତ ଏହି ପତ୍ରିକାର ସମ୍ପାଦକ ଥିଲେ । ସେ ଯୁଗର ବିଖ୍ୟାତ ଲେଖକ ରଙ୍ଗଲାଲ, ଅକ୍ଷୟ ଦତ୍ତ, ଦୀନବନ୍ଧୁ, ବଙ୍କିମ ଚନ୍ଦ୍ର ପ୍ରଭୃତି ଏହି ପତ୍ରିକାରେ ପ୍ରତିଷ୍ଠା ଅର୍ଜନ କରିଥିଲେ । ପୁନଶ୍ଚ ୧୮୭୩ ଖ୍ରୀଷ୍ଟାବ୍ଦରେ ବିଖ୍ୟାତ ଔପନ୍ୟାସିକ ବଙ୍କିମଚନ୍ଦ୍ର ବଙ୍ଗଦର୍ଶନ ପତ୍ରିକା ପ୍ରକାଶ କଲେ । ତାଙ୍କର ବହୁ ରଚନା ଏହି ପତ୍ରିକା ମାଧ୍ୟମରେ ପ୍ରସାରିତ ହୋଇଥିଲା । ରବୀନ୍ଦ୍ର-ପୂର୍ବଯୁଗ ବଙ୍ଗସାହିତ୍ୟରେ ଏହି ସାମୟିକ ପତ୍ରଗୁଡ଼ିକ ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟର ପ୍ରସାରପାଇଁ ଯଥେଷ୍ଟ ସାହାଯ୍ୟ କରିଥିଲେ । ଏହି ଯୁଗ କୃତୀ ସନ୍ତାନମାନଙ୍କ ମଧ୍ୟରେ ପ୍ୟାରୀଚାନ୍ଦ ମିତ୍ର, ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ, ରମେଶଚନ୍ଦ୍ର ଦତ୍ତ, ତାରକାନାଥ ବନ୍ଦୋପାଧ୍ୟାୟ, ମଧୁସୂଦନ, ହେମଚନ୍ଦ୍ର

ନବୀନଚନ୍ଦ୍ର, ଦୀନବନ୍ଧୁ ମିତ୍ର, ଗିରୀଶଚନ୍ଦ୍ର, ଅମୃତଲାଲ, ଦ୍ୱିଜେନ୍ଦ୍ରଲାଲ ରାୟ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏମାନେ ଉପନ୍ୟାସ, ନାଟକ, କାବ୍ୟ ଓ ପ୍ରବନ୍ଧ ଇତ୍ୟାଦି ସାହିତ୍ୟର ବିଭିନ୍ନ ବିଭାଗରେ ପ୍ରଚୁର ଅବଦାନ ଦେଇ ଯାଇଅଛନ୍ତି । ବଙ୍ଗସାହିତ୍ୟର ପ୍ରଥମ ଉପନ୍ୟାସ 'ଆଲାଲେରଘରେର ଦୁଲାଲ' ଶ୍ରୀଯୁକ୍ତ ପ୍ୟାରୀଚାନ୍ଦ ମିତ୍ରଙ୍କ ଦ୍ୱାରା ଲିଖିତ । ପ୍ୟାରୀଚାନ୍ଦ ଏହି ଗ୍ରନ୍ଥରେ ନିଜ ନାମ ପ୍ରକାଶ ନ କରି ଟେକଚାନ୍ଦ ଠାକୁର ନାମରେ ପରିଚିତ ହୋଇଥିଲେ । ବିଖ୍ୟାତ ଔପନ୍ୟାସିକ ବଙ୍କିମଚନ୍ଦ୍ର ଅନେକ ଗୁଡ଼ିଏ ଉପନ୍ୟାସ ରଚନା କରିଥିଲେ । ସେଥିରୁ ଅନେକ ଉପନ୍ୟାସ ଐତିହାସିକ ଏବଂ ଦେଶପ୍ରୀତିମୂଳକ । ତାଙ୍କର "ଆନନ୍ଦମଠ ଉପନ୍ୟାସ"ରେ ଭାରତପ୍ରସିଦ୍ଧ "ବନ୍ଦେ ମାତରଂ" ଗୀତଟି ସ୍ଥାନଲାଭ କରିଥିଲା । ବଙ୍କିମଙ୍କ ରଚିତ ଉପନ୍ୟାସଗୁଡ଼ିକ ହେଲା (୧) ଦୁର୍ଗେଶନନ୍ଦିନୀ (୨) ରାଜସିଂହ (୩) ଚନ୍ଦ୍ରଶେଖର (୪) ବିଷବୃକ୍ଷ (୫) କୃଷ୍ଣକାନ୍ତେର ଉଇଲ (୬)ଇନ୍ଦିରା (୭) ମୃଣାଳିନୀ (୮) ସୀତାରାମ (୯) ରାଧାରାଣୀ (୧୦) କପାଳକୁଣ୍ଡଳା (୧୧) ଯୁଗଳାଙ୍ଗୁରୀୟ (୧୨) ଆନନ୍ଦମଠ (୧୩) ଦେବୀ ଚୌଧୁରାଣୀ (୧୪) ରଜନୀ ।

ବଙ୍କିମଚନ୍ଦ୍ରଙ୍କ ପରେ ଶ୍ରୀ ରମେଶଚନ୍ଦ୍ର ଦତ୍ତ ଔପନ୍ୟାସିକ ଭାବରେ ଅତ୍ୟନ୍ତ ସ୍ମରଣୀୟ । ସେ ଐତିହାସିକ ଉପନ୍ୟାସ ରଚନା କରିବାରେ ଅତ୍ୟନ୍ତ ସିଦ୍ଧହସ୍ତ ଥିଲେ । ତାଙ୍କ ରଚିତ (୧) ରାଜପୁତ-ଜୀବନ-ସନ୍ଧ୍ୟା ଓ (୨) ମହାରାଷ୍ଟ୍ର-ଜୀବନ-ପ୍ରଭାତ ପ୍ରଭୃତି ଗ୍ରନ୍ଥ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ।

ଆଧୁନିକ କାବ୍ୟ-ସଂସାର ମଧ୍ୟରେ ମଧୁସୂଦନଙ୍କ 'ମେଘନାଦ ବଧ, କାବ୍ୟ, 'ବୀରାଙ୍ଗନା', ନବୀନଚନ୍ଦ୍ରଙ୍କ 'ପଲାଶୀର ଯୁଦ୍ଧ' ଏବଂ ହେମଚନ୍ଦ୍ରଙ୍କ 'ବୃତ୍ରସଂହାର' ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ ।

ଆଧୁନିକ ନାଟକମାନଙ୍କ ମଧ୍ୟରେ ଦୀନବନ୍ଧୁ ମିତ୍ରଙ୍କ 'ନୀଲଦର୍ପଣ', 'ସଧବାର ଏକାଦଶୀ', 'ଜାମାଇ ବାରିକ',ଗିରୀଶଚନ୍ଦ୍ରଙ୍କ ଜନା, ପ୍ରଫୁଲ୍ଲ, ବିଲ୍ୱମଙ୍ଗଳ, ସିରାଜଉଦ୍ଦୌଲା, ମୀରକାଶିମ୍, ପାଣ୍ଡବଗୌରବ, ଅମୃତଲାଲ ବସୁଙ୍କ ରଚିତ 'ବିବାହ ବିଭ୍ରାଟ', 'ତରୁବାଳା' ଏବଂ ଦ୍ୱିଜେନ୍ଦ୍ରଲାଲ ରାୟଙ୍କ

ରଚିତ 'ସାଜାହାନ', 'ଚନ୍ଦ୍ରଗୁପ୍ତ' 'ମେବାର ପତନ' ଇତ୍ୟାଦି ନାଟକ ବିଶେଷଭାବରେ ଆଲୋଚକର ଦୃଷ୍ଟି ଆକର୍ଷଣ କରିଥାଏ । ଏମାନଙ୍କ ବ୍ୟତୀତ ଏହି ଆଧୁନିକ ଯୁଗର ପ୍ରାରମ୍ଭକାଳରେ ରାଜେନ୍ଦ୍ରଲାଲ ମିତ୍ର, ଭୁଦେବ ମୁଖୋପାଧ୍ୟାୟ, ରାଜନାରାୟଣ ବସୁ ପ୍ରଭୃତି ପ୍ରବନ୍ଧସାହିତ୍ୟର ଉନ୍ନତିରେ ଯଥେଷ୍ଟ କୃତିତ୍ୱ ଅର୍ଜନ କରିଥିଲେ ।

ତେବେ ଆଧୁନିକ ଯୁଗର ସର୍ବଶ୍ରେଷ୍ଠ କବି ହେଉଛନ୍ତି ବିଶ୍ୱକବି ରବୀନ୍ଦ୍ରନାଥ । 'ଗୀତାଞ୍ଜଳି' କବିତାଗୁଚ୍ଛପାଇଁ ସେ ବିଶ୍ୱବିଖ୍ୟାତ ନୋବେଲ ପୁରସ୍କାର ପାଇଥିଲେ ହେଁ ସେ ଏକାଧାରରେ କବି, ଔପନ୍ୟାସିକ, ନାଟ୍ୟକାର, ସଙ୍ଗୀତକାର, ପ୍ରାବନ୍ଧିକ ଓ ଦାର୍ଶନିକ । ରବୀନ୍ଦ୍ରନାଥ ଥିଲେ ଜଣେ ଅଦ୍ଭୁତକର୍ମା ପୁରୁଷ । କାଳିଦାସଙ୍କ ପରେ ବୋଧହୁଏ ଏଭଳି ଶକ୍ତିଶାଳୀ ସ୍ରଷ୍ଟା ତାଙ୍କ ଛଡ଼ା ଆଉ କେହି ଜନ୍ମ ହୋଇଥିଲେ ବୋଲି କହି ହେବ ନାହିଁ । ସେ ଥିଲେ ଅଦ୍ୱିତୀୟ ପ୍ରତିଭାଶାଳୀ ପୁରୁଷ । ତାଙ୍କର ରଚନାବଳୀ ସମସାମୟିକ ବଙ୍ଗସାହିତ୍ୟ ତଥା ଭାରତର ପ୍ରତ୍ୟେକ ପ୍ରାନ୍ତୀୟ ସାହିତ୍ୟକୁ ଅନୁପ୍ରାଣିତ କରିଥିବାର ପ୍ରମାଣ ମିଳୁଅଛି । ସାହିତ୍ୟର ପ୍ରତ୍ୟେକ ବିଭାଗରେ ସେ ହାତ ଦେଇଛନ୍ତି ଏବଂ ତାଙ୍କ ରଚିତ ପ୍ରତ୍ୟେକ ବିଭାଗରେ ରବୀନ୍ଦ୍ର ପ୍ରତିଭାର ଉନ୍ନତ ଶିଳ୍ପୀପ୍ରାଣ ପ୍ରକଟିତ ହୋଇଅଛି । ରବୀନ୍ଦ୍ରନାଥଙ୍କ ପରେ ପରେ ବହୁ ଉପନ୍ୟାସର ଜନକ ଶରତଚନ୍ଦ୍ର ଆଧୁନିକ ଭାବଧାରାକୁ ପ୍ରତିଷ୍ଠିତ କଲେ । ବଙ୍ଗଳାର ଘରେ ଘରେ ଶରତ୍‌ଚନ୍ଦ୍ର ସୁପରିଚିତ । ଶରତ୍‌ଚନ୍ଦ୍ରଙ୍କ ପର୍ବରୁ ଆଉ କେହି ଲେଖକ ତାଙ୍କ ପରି ବଙ୍ଗଳାର ସାମାଜିକ ଜୀବନକୁ ଏପରି ପ୍ରାଞ୍ଜଳ ଭାବରେ ପ୍ରକାଶ କରିପାରି ନ ଥିଲେ । ଏ କ୍ଷେତ୍ରରେ ସେ ଜଣେ ବିପ୍ଳବୀ ଥିଲେ । ଶରତ୍‌ଚନ୍ଦ୍ରଙ୍କ ପ୍ରତ୍ୟେକଟି ଚରିତ୍ର ହୃଦୟସ୍ପର୍ଶୀ । ଦତ୍ତା, ଗୃହଦାହ, ଚରିତ୍ରହୀନ, ଶ୍ରୀକାନ୍ତ, ପଥେର ଦାବୀ, ଦେବଦାସ ପ୍ରଭୃତି ଶରତ୍‌ଚନ୍ଦ୍ରଙ୍କର ବିଖ୍ୟାତ ଉପନ୍ୟାସଗୁଡ଼ିକ ବଙ୍ଗଳାର ପାଠକସଂସାରରେ ଅତ୍ୟନ୍ତ ସୁପରିଚିତ ।

ବଙ୍ଗଳା ଉପନ୍ୟାସରେ କ୍ରମଶଃ ଏକ ବୈପ୍ଳବିକ ପରିବର୍ତ୍ତନ ସଂଘଟିତ ହେଲା । ବିଭୂତିଭୂଷଣ, କେଦାରନାଥ ବନ୍ଦୋପାଧ୍ୟାୟ, ପରଶୁରାମ, ଅଚିନ୍ତ୍ୟକୁମାର, ବନଫୁଲ, ତାରାଶଙ୍କର, ଅନ୍ନଦାଶଙ୍କର, ଶୈଳଜାନନ୍ଦ, ପ୍ରବୋଧ ସାନ୍ୟାଲ, କମଳ ମିତ୍ର ପ୍ରେମେନ୍ଦ୍ର ମିତ୍ର ପ୍ରଭୃତି ବହୁ ଔପନ୍ୟାସିକ

ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ନିଜର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଅଛନ୍ତି । ଉପନ୍ୟାସ, ନାଟକ, କ୍ଷୁଦ୍ରଗଳ୍ପ, ସମାଲୋଚନା ଏବଂ ପ୍ରବନ୍ଧ ଇତ୍ୟାଦି ସାହିତ୍ୟର ବିଭିନ୍ନ ବିଭାଗରେ ଆଧୁନିକ ଆଦର୍ଶ ଗଭୀର ରେଖାପାତ କରିଅଛି ଏବଂ ବଙ୍ଗସାହିତ୍ୟ ଯୁଗାନୁସାରୀ ଆଦର୍ଶକୁ ବହନ କରି ପ୍ରଗତି-ପଥରେ ଅଗ୍ରସର ହେଉଅଛି ।

ଆଧୁନିକ ବଙ୍ଗସାହିତ୍ୟ ଦୁଇଟି ସଂସ୍କୃତିର ସଙ୍ଗମ ସ୍ଥଳରେ ଅବସ୍ଥିତ-ତାହା ହେଉଛି ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ସମନ୍ୱୟ । ବାସ୍ତବଧର୍ମୀ ବସ୍ତୁବାଦୀ ଆଦର୍ଶରେ ଆଧୁନିକ ସାହିତ୍ୟର ସମସ୍ୟମାଣ ରଚନା ଯେପରି ରୂପାୟିତ, ସେହିପରି ପ୍ରାଚ୍ୟ ଆଦର୍ଶର ମୂଲ୍ୟବୋଧ ବୈଜ୍ଞାନିକ ଦୃଷ୍ଟି କୋଣରୁ ପରୀକ୍ଷିତ ହୋଇ ଆଧୁନିକ ସାହିତ୍ୟକୁ ମଧ୍ୟ ଅନୁପ୍ରାଣିତ କରୁଅଛି । ଆଧୁନିକ କବିତା, ଗଳ୍ପ କିମ୍ବା ଉପନ୍ୟାସ ଇତ୍ୟାଦିରେ ଜୀବନର ବହୁରଙ୍ଗୀ ବିଭବକୁ ପ୍ରତିନିଧିତ୍ୱ କରି ସଫଳତା ଅର୍ଜନ କରିଅଛି । ଭାରତୀୟ ସାହିତ୍ୟ ସଂସାରରେ ବଙ୍ଗସାହିତ୍ୟ ଯେ ଅନ୍ୟତମ ସମୃଦ୍ଧ ଓ ପ୍ରଗତିଧର୍ମୀ ସାହିତ୍ୟ ଏହା କହିବା ବାହୁଲ୍ୟ ମାତ୍ର ।

# ଆସାମୀ ସାହିତ୍ୟ

ଆସାମର ପ୍ରାଚୀନତମ ନାମ ଥିଲା କାମରୂପ । ଚୀନ ପରିବ୍ରାଜକ ହୁଏନ୍‌ସାଂ ସପ୍ତମ ଶତାବ୍ଦୀରେ କାମରୂପର ଅଧିପତି ଭାସ୍କର ବର୍ମନଙ୍କ ନିମନ୍ତ୍ରଣ କ୍ରମେ କାମରୂପ ବା ବର୍ତ୍ତମାନର ଆସାମ ପ୍ରାନ୍ତକୁ ଭ୍ରମଣ କରିବା ପାଇଁ ଯାଇଥିଲେ । ହୁଏନ୍‌ସାଂଙ୍କ ବିବରଣୀ ପାଠ କଲେ ତତ୍କାଳୀନ ଆସାମର ଭାଷା ଓ ସାମାଜିକ ଜୀବନ ସମ୍ପର୍କରେ ଅନେକ କଥା ଜଣା ଯାଇଥାଏ ।

ପୁରାଣଯୁଗରେ ଆସାମ ପ୍ରାଗ୍‌ଜ୍ୟୋତିଷପୁର ନାମରେ ଖ୍ୟାତି ଅର୍ଜନ କରିଥିଲା । ଭାରତୀୟ ପ୍ରାଚୀନ ପୁରାଣମାନଙ୍କରେ ପ୍ରାଗ୍‌ଜ୍ୟୋତିଷ-ପୁରର ନାମ ବାରମ୍ବାର ଉଲ୍ଲିଖିତ କରାଯାଇଛି । ଆସାମର ଭାଷା ଅତ୍ୟନ୍ତ ପ୍ରାଚୀନ ବୋଲି ଚୀନ ପରିବ୍ରାଜକ ଉଲ୍ଲେଖ କରିଯାଇଅଛନ୍ତି । ତାଙ୍କ ମତରେ ଆସାମୀ ଭାଷା ପୂର୍ବମାଗଧୀ ଅପଭ୍ରଂଶର ଅନ୍ୟତମ ରୂପ ହେଲେ ହେଁ ଏହା ମାଙ୍ଗୋଲ ଭାଷାଗୋଷ୍ଠୀଦ୍ୱାରା ବହୁ ପରିମାଣରେ ପ୍ରଭାବିତ ହୋଇଥିବା ଜଣାଯାଏ । ତ୍ରୟୋଦଶ ଶତାବ୍ଦୀ ପରେ କାମରୂପର ଆଧୁନିକ ନାମ ହେଲା 'ଆସାମ' ।

ଆସାମ ସାହିତ୍ୟର ଇତିହାସ ଲେଖକଗଣ ବୌଦ୍ଧଗାନ ଓ ଦୋହାକୁ ପ୍ରାଚୀନ ଆସାମୀ ଭାଷାର ଆଦ୍ୟପ୍ରକାଶ ବୋଲି ଦାବୀ କରିଥାନ୍ତି । ହିନ୍ଦୀ, ବଙ୍ଗଳା ଏବଂ ଓଡ଼ିଆ ଭାଷାରେ ମଧ୍ୟ ଏହି ପ୍ରକାର ଦାବୀ କରା-ଯାଇଥାଏ । ଆସାମୀ ଆଲୋଚକଗଣ ମନେ କରନ୍ତି ଯେ ବୌଦ୍ଧଗାନ ଓ ଦୋହାର ଅନେକ ସାଧକ ଆସାମ ଅଞ୍ଚଳର ଅଧିବାସୀ ଥିଲେ । ପୁନଶ୍ଚ ପଣ୍ଡିତ ରାହୁଳ ସାଙ୍କୃତାୟନ ତିବ୍ବତରୁ "ବାହ୍ୟାନ୍ତରବୋଧି ଚିତ୍ତବନ୍ଧୋ ପ୍ରଦେଶ" ନାମକ ପୋଥି ସଂଗ୍ରହ କରିଥିବା ଜଣାପଡ଼େ । ତାଙ୍କ ମତରେ ଏହି ଗ୍ରନ୍ଥ ପ୍ରାଚୀନ ଆସାମୀ ଭାଷାରେ ଲିଖିତ ହୋଇଥିଲା ।

ତେବେ ତ୍ରୟୋଦଶ ଶତାବ୍ଦୀ ବେଳକୁ ଆସାମୀ ଭାଷାରେ ଲିଖିତ ସାହିତ୍ୟର ପ୍ରମାଣ ମିଳୁଅଛି । ଏହି ଲିଖିତ ସାହିତ୍ୟର ଅଭ୍ୟୁଦୟ ପୂର୍ବରୁ

ଆସାମୀ ଭାଷାରେ ବହୁକାଳ ପର୍ଯ୍ୟନ୍ତ ଏକ ସମୃଦ୍ଧ କଥିତ ସାହିତ୍ୟ ପ୍ରଚଳିତ ଥିଲା । ଏହି ମୌଖିକ ସାହିତ୍ୟ ମଧ୍ୟରେ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ହେଉଛି, 'ମଣିକୋବର-ଫୁଲକୋବର ଗୀତ'' । ଅତ୍ୟନ୍ତ ଲୋକପ୍ରିୟ ଏବଂ ବହୁ ପ୍ରଚଳିତ କାହାଣୀଗୁଡ଼ିକର ଏହା ହେଉଛି ଗୀତ-ରୂପାୟନ । ଏ କାଳରେ ଅସଂଖ୍ୟ ଡାକ ବଚନ, ଭଗତମାଳି, ମନ୍ତ୍ର, ଲୋକଗାଥା ଓ କାହାଣୀର ପ୍ରଚଳନ ଥିବା ମଧ୍ୟ ଜଣାଯାଇଛି । କେତେକ ଐତିହାସିକଙ୍କ ମତରେ ଆସାମୀ ଭାଷାରେ ଲିଖିତ ପ୍ରାଚୀନତମ ପୁସ୍ତକ ହେଉଛି, 'ପ୍ରହ୍ଲାଦ ଚରିତ' । ଏହି ଗ୍ରନ୍ଥର ରଚୟିତା ଥିଲେ ହେମ ସରସ୍ୱତୀ । ଏହି କବି ତ୍ରୟୋଦଶ ଶତାବ୍ଦୀରେ ଅବତୀର୍ଣ୍ଣ ହୋଇଥିଲେ ଏବଂ ପୁରାଣର ଆଖ୍ୟାୟିକାକୁ ଅବଲମ୍ବନ କରି କାବ୍ୟଗ୍ରନ୍ଥଟି ରଚନା କରିଥିଲେ ।

ଆଲୋଚନାର ସୁବିଧାପାଇଁ ଆସାମୀ ସାହିତ୍ୟର ଇତିହାସକୁ ପାଞ୍ଚଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥାଏ । ତାହା ହେଲା—

(୧) ବୈଷ୍ଣବ—ପୂର୍ବଯୁଗ ଆସାମୀ ସାହିତ୍ୟ ୧୨୦୦ – ୧୪୪୯ ।

(୨) ବୈଷ୍ଣବ କାଳ ସାହିତ୍ୟ ୧୪୪୯—୧୬୫୦ ।

(୩) ଗଦ୍ୟ ସାହିତ୍ୟ—ବୁରାଂଜୀକାଳ ୧୬୫୦—୧୯୨୬ ।

(୪) ଆଧୁନିକ କାଳ—୧୯୨୬—୧୯୪୬ ।

(୫) ସ୍ୱାଧୀନତା କାଳ—୧୯୪୭...

ବୈଷ୍ଣବ କାଳ –ପୂର୍ବ ସାହିତ୍ୟ ଥିଲା ସମ୍ପୂର୍ଣ୍ଣଭାବରେ ଧର୍ମ ପ୍ରଧାନ । ଏ ଯୁଗରେ ସଂସ୍କୃତ ପୁରାଣମାନଙ୍କ ଆଖ୍ୟାୟିକାକୁ ଅବଲମ୍ବନ କରି ଅଥବା ପୌରାଣିକ ଉପାଖ୍ୟାନକୁ ଅନୁସରଣ କରି ଅନେକ ଗ୍ରନ୍ଥ ରଚିତ ହୋଇଥିଲା । ଆସାମୀ ସାହିତ୍ୟର ଏହି ପ୍ରାଥମିକ ଯୁଗକୁ ଅନ୍ୟ ପ୍ରାନ୍ତର ସାହିତ୍ୟ ଭଳି ପୁରାଣ ଯୁଗ ଅଥବା ଅନୁବାଦ ଯୁଗ କୁହାଯାଇପାରେ । ଏ ଯୁଗରେ ବହୁ ସଂସ୍କୃତ ପୁରାଣ ଅନୁବାଦ ହୋଇ ପ୍ରଚାରିତ ହେଲା । ଅବଶ୍ୟ ଆଧୁନିକ ଯୁଗର ଆକ୍ଷରିକ ଅନୁବାଦ ପଦ୍ଧତି ସେ କାଳରେ ଅନୁସୃତ ହେଉ ନ ଥିଲା । ଯେଉଁ କବିଗଣ ପୁରାଣର ଅନୁବାଦ କଲେ ସେମାନେ ନିଜର ମୌଳିକ ପ୍ରତିଭାର ପରିଚୟ ଦେଇ ମୂଳ ବିଷୟ ବହିର୍ଭୂତ ବହୁ ନୂତନ ବିଷୟ ଅବତାରଣା କରିଛନ୍ତି ।

ତ୍ରୟୋଦଶ ଶତାବ୍ଦୀରେ ପଶ୍ଚିମ ଆସାମର କମଣପୁର ଅଞ୍ଚଳରେ ଦୁର୍ଲଭନାରାୟଣ ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ହେମ ସରସ୍ୱତୀ ତାଙ୍କର ରାଜତ୍ୱକାଳରେ ଲେଖନୀ ଧାରଣ କରି ଆସାମୀ ଭାଷାର ଉପଲବ୍ଧ ପ୍ରଥମ ଗ୍ରନ୍ଥ "ପ୍ରହ୍ଲାଦ ଚରିତ" ରଚନା କରିଥିଲେ । ଆସାମୀ ସାହିତ୍ୟରେ ସେତେବେଳେ ଭକ୍ତିଭାବନାର ପ୍ରାବଲ୍ୟ ଦୃଷ୍ଟିଗୋଚର ହେଉଥିଲା । ତେଣୁ ଆଲୋଚ୍ୟ ଗ୍ରନ୍ଥରେ ଭକ୍ତ ପ୍ରହ୍ଲାଦର ଜୀବନ ଚରିତ ପ୍ରତିପାଦିତ ହୋଇଅଛି । ଏହି କାଳରେ ହରିହର ବିପ୍ର ଏବଂ କବିରତ୍ନ ସରସ୍ୱତୀ ଉଭୟେ ମିଳିମିଶି ମହାଭାରତ ପ୍ରଣୟନ କରିଥିଲେ । ବୈଷ୍ଣବ-ପୂର୍ବଯୁଗ ସାହିତ୍ୟରେ ପ୍ରଧାନ ମହାରଥୀ ହେଉଛନ୍ତି—ମାଧବ କାନ୍ଦଲୀ । ଚତୁର୍ଦ୍ଦଶ ଶତାବ୍ଦୀରେ ଆଦିବାସୀ ନରପତି ମହାମାଣିକ୍ୟଙ୍କ ପୃଷ୍ଠପୋଷକତାରେ ସେ ରାମାୟଣ ଗ୍ରନ୍ଥ ରଚନା କରି ଯଶସ୍ୱୀ ହୋଇ ଅଛନ୍ତି । ଆସାମୀ ଭାଷାରେ କଥିତ ଛନ୍ଦରେ ଏଭଳି ସରଳ ଏବଂ ସାଙ୍ଗୀତିକ ପଦ୍ୟାନୁବାଦ ଅତୁଳନୀୟ । ଅବଶ୍ୟ ମାଧବ କାନ୍ଦଲୀଙ୍କ ଏହି ଅନୁବାଦ କାର୍ଯ୍ୟରେ ଅନ୍ୟ କେତେ ଜଣ ପଣ୍ଡିତ ସାହାଯ୍ୟ କରିଥିବା ଜଣାଯାଏ । "ଦେବଜିତ୍" ନାମରେ ମାଧବ କାନ୍ଦଲୀଙ୍କର ଆଉ ଏକ ରଚନା ଥିବାର ଜଣାଯାଇଛି । ଏହି ଗ୍ରନ୍ଥରେ ଲେଖକ ବୈଷ୍ଣବ ଧର୍ମ ଆନ୍ଦୋଳନଦ୍ୱାରା ପ୍ରଭାବିତ ହୋଇଅଛନ୍ତି । କାନ୍ଦଲୀଙ୍କ ରାମାୟଣ ଆସାମୀ ଭାଷାର ମୂଳଭିତ୍ତି ପ୍ରତିଷ୍ଠା କରିଅଛି । ଆସାମୀ ସାହିତ୍ୟରେ ଭକ୍ତିକାଳର ଅଭ୍ୟୁଦୟ ପୂର୍ବରୁ ଆଦିଯୁଗର ହେମ ସରସ୍ୱତୀ ଏବଂ ମାଧବ କାନ୍ଦଲୀ ନିଜ ନିଜ ରଚନାରେ ଭକ୍ତିଭାବନା ପ୍ରଚାର କରିଥିଲେ । ତେଣୁ ଭକ୍ତିକାଳ ଆସାମୀ ସାହିତ୍ୟରେ ଭକ୍ତି ଆନ୍ଦୋଳନପାଇଁ ସେମାନେ ଯଥେଷ୍ଟ ପ୍ରେରଣା ପ୍ରଦାନ କରିଥିଲେ । ଏ ଯୁଗର ଅପ୍ରତିଦ୍ୱନ୍ଦ୍ୱୀ ଲେଖକ ହେଲେ ଶଙ୍କର ଦେବ । ସେ ଏକାଧାରରେ କବି ଏବଂ ଧର୍ମ ପ୍ରଚାରକ ଥିଲେ । ଶଙ୍କରଦେବ (୧୪୯୯—୧୫୬୮) ପଞ୍ଚଦଶ ଶତାବ୍ଦୀର ଶେଷଭାଗରେ ଅବତୀର୍ଣ୍ଣ ହୋଇଥିଲେ । ସେ ମାଧବ କାନ୍ଦଲୀଙ୍କୁ 'ଅପ୍ରମାଦୀ' କବି ନାମରେ ଆଖ୍ୟାତ କରି ଯଥେଷ୍ଟ ପ୍ରଶଂସା କରିଥିଲେ । ଏ ଯୁଗରେ କଚ୍ଛକାଳ ଶାକ୍ତ ବ୍ରାହ୍ମଣ ଏବଂ ଅହୋମ ରାଜାମାନଙ୍କର ପ୍ରାଧାନ୍ୟ ବୃଦ୍ଧିଲାଭ କରିଥିଲେ ହେଁ କାଳକ୍ରମେ ବୈଷ୍ଣବ ଧର୍ମ ଯୁଗଧର୍ମ ଭାବରେ ଜନସମାଜରେ ସ୍ୱୀକୃତ ହେଲା । ବୈଷ୍ଣବ ଭାବଧାରା ଓ ଆଧ୍ୟାତ୍ମିକ ଆଦର୍ଶଦ୍ୱାରା ସମଗ୍ର ଆସାମୀ ସମାଜ ଓ ସାହିତ୍ୟ

ଅନୁପ୍ରାଣିତ ହେଲା । ଶଙ୍କର ଦେବ ଥିଲେ ସମାଜ ଓ ସାହିତ୍ୟର ଅପୂର୍ବ ନିର୍ମାତା ଏବଂ ବଳିଷ୍ଠ ସଂସ୍କାରକ । ବୈଷ୍ଣବ ଭାବନାର ପ୍ରତିଷ୍ଠାପାଇଁ ସେ ସଂସ୍କୃତ ଭାଗବତର କେତେକାଂଶ ଅନୁବାଦ କରିଥିଲେ । ରାଜନୈତିକ ଅସ୍ଥିରତା ଓ ଆନ୍ଦୋଳନ କାଳରେ ମାଧବ କାନ୍ଦଲିଙ୍କ ରଚିତ ରାମାୟଣର କେତେକ ଅଧ୍ୟାୟ ନଷ୍ଟ ହୋଇଯାଇଥିଲା । ଶଙ୍କର ଦେବ ମାଧବଦେବଙ୍କ ସହଯୋଗରେ ଏହି ଅଭାବ ପୂରଣ କରିଥିଲେ । "କୀର୍ତ୍ତନ ଘୋଷ" ରଚନା କରି ଶଙ୍କର ଦେବ ଆସାମୀ ସାହିତ୍ୟ ଓ ସମାଜରେ ଅମର ହୋଇଅଛନ୍ତି । ଏତଦ୍‌ବ୍ୟତୀତ ତାଙ୍କ ରଚିତ "ଭକ୍ତି ପ୍ରଦୀପ," "ରୁକ୍ମିଣୀ ହରଣ", "ଗୁଣମାଳା," "ଲୀଳାମାଳା" ପ୍ରଭୃତି ଆସାମୀ ବୈଷ୍ଣବ ସାହିତ୍ୟରେ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ସଂସ୍କୃତ ଭାଷାରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ନିଜର ମାତୃଭାଷା ଆସାମୀରେ ଭକ୍ତି ଗ୍ରନ୍ଥ ରଚନା କରି ଆସାମୀ ସାହିତ୍ୟର ପ୍ରାଣ ପ୍ରତିଷ୍ଠା କରିଥିଲେ ହେଁ ସଂସ୍କୃତ ଭାଷାରେ ମଧ୍ୟ ସେ ଗ୍ରନ୍ଥ ରଚନା କରିଯାଇଅଛନ୍ତି । ତାଙ୍କ ରଚିତ ସଂସ୍କୃତ ଗ୍ରନ୍ଥର ନାମ ହେଲା "ଭକ୍ତି ରତ୍ନାକର" । ଏତଦ୍‌ବ୍ୟତୀତ ଶଙ୍କରଦେବଙ୍କ ନାମରେ ଅନ୍ୟ କେତେକ ଗ୍ରନ୍ଥ ପ୍ରଚଳିତ ହୋଇଥିବା ଜଣାଯାଏ । ଏହି ଭକ୍ତି ଗ୍ରନ୍ଥଗୁଡ଼ିକ ବ୍ୟତିରେକେ ଶଙ୍କର ଦେବ ଅନେକଗୁଡ଼ିଏ ନାଟକ ଏବଂ ବହୁ ଭକ୍ତିମୂଳକ ସଙ୍ଗୀତ ରଚନା କରିଯାଇ ଅଛନ୍ତି । କେତେକ ଐତିହାସିକଙ୍କ ମତରେ ଭାରତର ପ୍ରାନ୍ତୀୟ ସାହିତ୍ୟରେ ଶଙ୍କର ଦେବ ବୋଧହୁଏ ସର୍ବପ୍ରାଚୀନ ନାଟ୍ୟକାର । ଆସାମୀ ଭାଷାରେ ତାଙ୍କ ରଚିତ ନାଟକ "ଅଙ୍କୀୟା ନାଟକ" ନାମରେ ସୁପରିଚିତ । ଏହି ନାଟକ ଗୁଡ଼ିକ ଏକ ଅଙ୍କ ବିଶିଷ୍ଟ । ଏହି ନାଟକ ରଚନାରେ ମଧ୍ୟ ଲେଖକଙ୍କର ଭକ୍ତିମତ୍ତାର ପରିଚୟ ମିଳେ । ନାଟକ ଗୁଡ଼ିକରେ ସେ ଗଦ୍ୟ ଭାଷାର ମଧ୍ୟ ପ୍ରଚଳନ କରାଇ ଅଛନ୍ତି । ତାଙ୍କ ରଚିତ ନାଟକ ମଧ୍ୟରେ ରାମ ବିଜୟ, କାଳୀ ଦଳନ, ପାରିଜାତ ହରଣ, ରୁକ୍ମିଣୀ ହରଣ ଓ ପତ୍ନୀ-ପ୍ରସାଦ ପ୍ରଧାନ । ଏହି ନାଟକଗୁଡ଼ିକରେ ରଚିତ ପଦ୍ୟାଂଶଗୁଡ଼ିକ ବ୍ରଜବୋଲି ଭାଷାରେ ଲିଖିତ ଏବଂ ମଧୁର ସଙ୍ଗୀତପାଇଁ ସେଗୁଡ଼ିକ ଅତ୍ୟନ୍ତ ଲୋକପ୍ରିୟ । ଶଙ୍କର ଦେବ କେତେକ କାବ୍ୟ ମଧ୍ୟ ଲେଖିଥିବା ଜଣାଯାଏ ।

ଶଙ୍କର ଦେବଙ୍କ ପରେ ତାଙ୍କର ପ୍ରଧାନତମ ଶିଷ୍ୟ ମାଧବ ଦେବ ଆସାମୀ ସାହିତ୍ୟରେ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ । ଉପଯୁକ୍ତ ଦାୟାଦଭାବରେ ମାଧବ ଦେବ ଶଙ୍କରଙ୍କ ବାଣୀର ପ୍ରଚାର ଏବଂ ପ୍ରତିଷ୍ଠା କରି ପାରିଥିଲେ । ସେ ଥିଲେ ଜଣେ ଅଦ୍ୱିତୀୟ ଜ୍ଞାନୀ ଏବଂ ପଣ୍ଡିତ ସାଧକ । ସାଂସାରିକ ବନ୍ଧନରୁ ମୁକ୍ତ ହୋଇ ସେ କଠୋର ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିଥିଲେ । ନିଜର ପ୍ରସିଦ୍ଧ ଗୁରୁଦେବଙ୍କ ପରି ସେ ଥିଲେ ଏକାଧାରରେ କବି, ଧର୍ମପ୍ରଚାରକ, ସଙ୍ଗୀତକାର ଏବଂ ନାଟ୍ୟକାର । ଶଙ୍କର ଦେବଙ୍କ ପ୍ରବର୍ତ୍ତିତ ଭାଗବତ ଧର୍ମ ପ୍ରଚାର କରିବାରେ ସେ ଥିଲେ ଅତ୍ୟନ୍ତ ଅଗ୍ରଣୀ । ନିଜର ଗୁରୁଙ୍କ ସହିତ ସେ ଭାରତର ବହୁ ତୀର୍ଥ ପରିଭ୍ରମଣ କରିଥିଲେ ଏବଂ ବୈଷ୍ଣବ ଧର୍ମ ପ୍ରଚାର ଛଳରେ ଭାରତର ବିଭିନ୍ନ ପ୍ରାନ୍ତରେ ବହୁ ପଣ୍ଡିତ ଏବଂ ସନ୍ଥ ବ୍ୟକ୍ତିମାନଙ୍କ ସମ୍ପର୍କରେ ଆସିବାର ସୁଯୋଗ ଲାଭ କରିଥିଲେ । ୧୫୬୯ ଖ୍ରୀଷ୍ଟାବ୍ଦରେ ଶଙ୍କର ଦେବଙ୍କର ମୃତ୍ୟୁ ହୁଅନ୍ତେ ମାଧବ ଦେବ ତାଙ୍କର ଉତ୍ତରାଧିକାରୀ ଭାବରେ ଧର୍ମପ୍ରଚାର ଦିଗରେ ସମସ୍ତ ଶକ୍ତି ନିୟୋଜିତ କରିଥିଲେ । ଓଡ଼ିଶାରେ ଭାଗବତ ଘର ପରି ଆସାମରେ ବୈଷ୍ଣବ ଧର୍ମର ଚର୍ଚ୍ଚା ପାଇଁ ଶଙ୍କର ଦେବ ଗ୍ରାମେ ଗ୍ରାମେ "ସାହା" ପ୍ରତିଷ୍ଠା କରିଥିଲେ । ମାଧବ ଦେବ ମଧ୍ୟ ଏହି କାର୍ଯ୍ୟକୁ ଅଧିକ ଅଗ୍ରସର କରାଇ ନେଇଥିଲେ । ମାଧବ ଦେବଙ୍କର ସର୍ବଶ୍ରେଷ୍ଠ ମହତ୍ତ୍ୱପୂର୍ଣ୍ଣ ରଚନା ହେଉଛି "ନାମଘୋଷା" । ଏହି ଗ୍ରନ୍ଥ ଆସାମର ଘରେ ଘରେ ସୁପରିଚିତ । ଏହି ଗ୍ରନ୍ଥର "ଯୁଗଧର୍ମ ନିର୍ଣ୍ଣୟ" ଶୀର୍ଷକ ପ୍ରସଙ୍ଗ ଏଠାରେ ଉଦାହରଣ ଛଳରେ ଲକ୍ଷ୍ୟ କରାଯାଇ ପାରେ:—

"ମିନତି ବଚନ ବୋଲେ ସର୍ବଜନ
ଶୁନିଯୋ ଶାସ୍ତ୍ରର ମର୍ମ
ଆପୋ ନ କୁଶଲ ଗୃବା ଯେବେ ତେବେ
କେତ ବାହା ଯୁଗଧର୍ମ ।
ସତ୍ୟଯୁଗେ ଧ୍ୟାନ ତ୍ରେତାଯୁଗେ ଯଜ୍ଞ
ଦ୍ୱାପର ଯୁଗତ ପୂଜା
କଲି ତ ହରିର କୀର୍ତ୍ତନ ବିନାଇ
ଆବର ନାଇକେ ଦୁଜା ।

କଳି ତ ହରିର କୀର୍ତ୍ତନ ବିନାଇ
ଅନ୍ୟ ଧର୍ମ ଆଚରେ
ମିଛତେ କେବଳ ଶ୍ରମ ମାତ୍ର ପାରେ
ଏକେକୋ ଫଳ ନ ଧରେ ।
କଳି ତ ହରିର କୀର୍ତ୍ତନ ଏଡ଼ିଯ଼ା
ଆନମତେ ସ୍ପୃହେ ଗତି
ଯେନ କୁଳବଧୂ ନିଜ ସ୍ୱାମୀ ତେଜି
ଭଜେ ଗୈଯ଼ା ଉପପତି ।
ସଂସାର ତରିତେ ଇଚ୍ଛା ଆଛେ ଯାଇ
କରିଯ଼ୋ ହରି କୀର୍ତ୍ତନ
ପରମ ନିର୍ମଳ ଗତିପାୟା ସୁଖେ
ଛିଣ୍ଡିୟୋ କର୍ମ ବନ୍ଧନ ।"

(ନାମଘୋଷା—୩୯୮-୪୦୪)

ମାଧବ ଦେବ "ନାମଘୋଷା" ବ୍ୟତୀତ "ଆଦିକାଣ୍ଡ ରାମାୟଣ," "ଭକ୍ତି ରତ୍ନାବଳୀ," "ନାମ ମାଳିକା," "ରାଜସୂୟ ପଙ୍କ," "ବୈଷ୍ଣବ କୀର୍ତ୍ତନ" ଏବଂ ଶଙ୍କର ଦେବଙ୍କ "ଭକ୍ତି ରତ୍ନାକର" ଉପରେ ଟୀକା ରଚନା କରିଥିଲେ । ସଂସ୍କୃତ ସାହିତ୍ୟରେ ଗୀତା ଏବଂ ଉପନିଷଦ୍ ଯେଉଁ ସ୍ଥାନ ଅଧିକାର କରିଅଛି, ଆସାମୀ ସାହିତ୍ୟରେ "ନାମଘୋଷା" ସେହି ସମ୍ମାନ ଦାବୀ କରିଥାଏ । ଏହି କାଳରେ କୋଚବିହାର ଶାସକ ନରନାରାୟଣଙ୍କ ପୃଷ୍ଠପୋଷକତାରେ ରାମ ସରସ୍ୱତୀ ସଂସ୍କୃତ ମହାଭାରତର ଅନୁବାଦ କରିଥିଲେ । ଏତଦ୍‌ବ୍ୟତୀତ ସେ ମହାଭାରତର ଆଖ୍ୟାୟିକା ଅବଲମ୍ବନରେ ଅନେକଗୁଡ଼ିଏ କାବ୍ୟ ମଧ୍ୟ ରଚନା କରିଥିଲେ । ଶଙ୍କରଦେବ ନିଜର ନାଟକଗୁଡ଼ିକରେ ଗଦ୍ୟର ପ୍ରଚଳନ କରିଥିଲେ ହେଁ ତାଙ୍କର ପରବର୍ତ୍ତୀ ଭଟ୍ଟଦେବଙ୍କୁ ଆସାମୀ ଗଦ୍ୟ ସାହିତ୍ୟର ପିତା ଭାବରେ ସମ୍ମାନିତ କରାଯାଇଥାଏ । ଭଟ୍ଟଦେବ ଗଦ୍ୟ ଭାଷାରେ ଭାଗବତ ଏବଂ ଗୀତାର ଅନୁବାଦ କରିଯାଇଅଛନ୍ତି ।

ବୈଷ୍ଣବକାଳ ପରେ ପରେ ଆସାମୀ ସାହିତ୍ୟରେ ପ୍ରାଧାନ୍ୟ ବିସ୍ତାର କରେ "ବୁରୁଂଜୀ" ସାହିତ୍ୟ । ଏହାକୁ ଆସାମୀ ସାହିତ୍ୟରେ ଗଦ୍ୟର ଯୁଗ କୁହାଯାଇପାରେ । "ବୁରୁଂଜୀ"ର ଆକ୍ଷରିକ ଅର୍ଥ ହେଲା 'ଅଜ୍ଞାତ

କଥାର ଭଣ୍ଡାର'। ଅନ୍ୟ ପକ୍ଷରେ ଏହା ହେଉଛି ଇତିହାସ। ଓଡ଼ିଶାର ମାଦଳା ପାଞ୍ଜି ପରି, "ବୁରୁଂଜୀ" ଆସାମୀ ସାହିତ୍ୟର ଉଲ୍ଲେଖଯୋଗ୍ୟ ଅବଦାନ। ଅହୋମ ରାଜବଂଶର ପୁରୋହିତ ପୁରୁଷାନୁକ୍ରମେ ଏହି ପାଞ୍ଜି ଲିପିବଦ୍ଧ କରି ଆସୁଥିଲେ। ପ୍ରଥମ କାଳରେ ରାଜ-ପୁରୋହିତଙ୍କ ଦ୍ୱାରା ଏହା ରଚିତ ହୋଇଥିଲେ ହେଁ ପରବର୍ତ୍ତୀ କାଳରେ ରାଜକର୍ମଚାରୀମାନଙ୍କୁ ଏହି ଇତିହାସ ଲେଖିବାର ଦାୟିତ୍ୱ ଦିଆଯାଇଥିଲା। ଏହି ଗଦ୍ୟ ରଚନା ବିଭିନ୍ନ ରାଜବଂଶ ଅମଳରେ ଭିନ୍ନ ଭିନ୍ନ ରାଜ କର୍ମଚାରୀଙ୍କଦ୍ୱାରା ଲିପିବଦ୍ଧ ହୋଇଥିବାରୁ ସମସ୍ତେ ସମସ୍ତେ ବିଷୟକ୍ରମ ରକ୍ଷିତ ହୋଇ ପାରିନାହିଁ। ତଥାପି ଇତିହାସ ଭାବରେ ଏ ଗ୍ରନ୍ଥର ମୂଲ୍ୟ ଅନସ୍ୱୀକାର୍ଯ୍ୟ। ଏତଦ୍‌ବ୍ୟତୀତ ଏ ଯୁଗରେ କଳା, ଦର୍ଶନ, ଜ୍ୟୋତିଷ, ଗଣିତ, ଆୟୁର୍ବେଦ ପ୍ରଭୃତି ବିଭିନ୍ନ ବିଷୟରେ ଗ୍ରନ୍ଥ ରଚନା ହୋଇଥିଲା। ପୁରୁଷୋତ୍ତମ ବିଦ୍ୟାବାଗୀଶ ଏହି ସମୟରେ ପ୍ରସିଦ୍ଧ ବ୍ୟାକରଣ ପୁସ୍ତକ ରଚନା କରିଥିଲେ ଏବଂ ବକୁଳ କାୟସ୍ଥଙ୍କ ରଚିତ ଅଙ୍କ ପୁସ୍ତକ ଯଥେଷ୍ଟ ପ୍ରତିଷ୍ଠା ଅର୍ଜନ କରିଥିଲା।

ରାଜନୈତିକ ଅସ୍ଥିରତା ଯୋଗୁଁ ଅଷ୍ଟାଦଶ ଶତାବ୍ଦୀରେ ଆସାମୀ ସାହିତ୍ୟର ଉଲ୍ଲେଖଯୋଗ୍ୟ ବିକାଶ ଦୃଷ୍ଟିଗୋଚର ହୁଏ ନାହିଁ। ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ନାନା ରାଜନୈତିକ ଅସ୍ଥିରତା ମଧ୍ୟରେ ଇଂରେଜମାନେ ୧୮୨୬ ସାଲରେ ଆସାମ ଅଧିକାର କରନ୍ତି। ଇଂରେଜୀ ଶାସନର ପ୍ରବର୍ତ୍ତନ ପରେ ପରେ ଇଂରେଜୀ ସାହିତ୍ୟ ଓ ପାଶ୍ଚାତ୍ୟ ସଭ୍ୟତାର ସମ୍ପର୍କରେ ଆସି ଆସାମୀ ସାହିତ୍ୟରେ ନବଜାଗରଣ ସୃଷ୍ଟି ହୁଏ। ତେଣୁ ଆଧୁନିକ ଆସାମୀ ସାହିତ୍ୟର ପ୍ରାଣ ପ୍ରତିଷ୍ଠାପାଇଁ ଉପଯୁକ୍ତ ସମୟ ଉପସ୍ଥିତ ହୁଏ। ଇଂରେଜମାନେ ଆସାମ ଅଧିକାର କରିବା ସମୟରେ ବଙ୍ଗଳା ଭାଷାକୁ ଆସାମର ସରକାରୀ ଭାଷାରୂପେ ୧୮୩୬ ସାଲରେ ପ୍ରବର୍ତ୍ତନ କଲେ। ସ୍କୁଲ ଏବଂ କଚେରୀ ଭାଷା ଭାବରେ ବଙ୍ଗଳା ପ୍ରାୟ ୩୫ ବର୍ଷ କାଳ ଚାଲିଲା। ଆଧୁନିକ ଆସାମୀ ସାହିତ୍ୟ ପକ୍ଷରେ ତାହା ଥିଲା ଏକ ଗଭୀର ସଙ୍କଟକାଳ। ଆସାମୀ ଭାଷା ଓ ସାହିତ୍ୟ ସରକାରୀ ଅନୁଗ୍ରହରୁ ବଞ୍ଚିତ ହେଲା ଏବଂ ଆସାମୀ ସମାଜ ଓ ସାଂସ୍କୃତିକ ଜୀବନରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଲା। ଇଂରେଜମାନେ ପ୍ରଥମେ ବଙ୍ଗ ପ୍ରଦେଶ ଦଖଲ କରିଥିବାରୁ ବଙ୍ଗୀୟମାନେ ଇଂରେଜୀ ଶିକ୍ଷା ଗ୍ରହଣ

କରି ଇଂରେଜ ସରକାରଙ୍କର ପ୍ରଧାନ ସହକାରୀ ହୋଇଥିଲେ । ତେଣୁ ସରକାରୀ କାର୍ଯ୍ୟ ପରିଚାଳନା ଦୃଷ୍ଟିରୁ ବଂଗୀୟ ରାଜକର୍ମଚାରୀମାନଙ୍କ ପ୍ରରୋଚନାରେ ଇଂରେଜ ସରକାର ଆସାମରେ ବଙ୍ଗଳା ଭାଷାକୁ ସରକାରୀ ଭାଷାଭାବରେ ଗ୍ରହଣ କରି ନେଇଥିଲେ ହେଁ ଇଂରେଜ ଏବଂ ଆମେରିକାନ୍ ମିସନାରୀଗଣ ଆସାମୀ ଭାଷାର ପୁନରୁଦ୍ଧାର ଓ ପ୍ରଚାରପାଇଁ ଯତ୍ନବାନ ହେଲେ । ସେମାନେ ଅନୁଭବ କରିପାରିଲେ ଯେ ସ୍ଥାନୀୟ ଲୋକଙ୍କ ଭାଷାରେ ଧର୍ମ ପ୍ରଚାର ନ କଲେ ତାହା ଜନସାଧାରଣ ହୃଦୟଙ୍ଗମ କରି ପାରିବେ ନାହିଁ । ଆସାମୀ ଭାଷା ପକ୍ଷରେ ଏହା ଥିଲା ଅତ୍ୟନ୍ତ ଶୁଭ ସୂଚନା । ୧୮୪୬ ଖ୍ରୀଷ୍ଟାବ୍ଦରେ ଶିବସାଗରଠାରେ ଆମେରିକାର ମିସନାରୀଗଣ ଆସାମୀ ଭାଷାରେ 'ଅରୁଣୋଦୟ ସମ୍ବାଦପତ୍ର' ଶୀର୍ଷକ ଏକ ମାସିକ ପତ୍ରିକା ପ୍ରକାଶ କଲେ । ଆସାମୀ ଭାଷାର ଏହା ହେଉଛି ପ୍ରଥମ ପତ୍ରିକା । ବଙ୍ଗଳା ଭାଷା ବିରୁଦ୍ଧରେ ଆନ୍ଦୋଳନ କରି ଆସାମୀ ଭାଷାର ପୁନଃ ପ୍ରତିଷ୍ଠା ପାଇଁ ଯେଉଁ କେତେ ଜଣ ନେତୃତ୍ୱ ନେଇଥିଲେ, ସେମାନଙ୍କ ମଧ୍ୟରେ ପ୍ରଧାନ ଥିଲେ ଶ୍ରୀ ଆନନ୍ଦରାମ ଢେକିୟାଲ ଫୁକନ୍ । ତାଙ୍କର ଉଦ୍ୟମରେ ଆସାମରୁ ବଙ୍ଗଳା ଭାଷା କାଳକ୍ରମେ ଉଠାଇ ଦେବାକୁ ଇଂରେଜ ସରକାର ବାଧ୍ୟ ହୋଇଥିଲେ । ଶ୍ରୀ ଆନନ୍ଦରାମ ଢେକିୟାଲ ଫୁକନଙ୍କୁ ଆସାମର ରାମମୋହନ ଭାବରେ ସମ୍ମାନିତ କରାଯାଇଥାଏ । ଅବଶ୍ୟ "ଅରୁଣୋଦୟ ସଂବାଦପତ୍ର" ପ୍ରକାଶିତ ହେବା ପୂର୍ବରୁ ମିସନାରୀଗଣ ୧୮୧୯ ଖ୍ରୀଷ୍ଟାବ୍ଦରେ ଆସାମୀ ଭାଷାରେ ବାଇବେଲର ଅନୁବାଦ କରି ପ୍ରଚାର କରିଥିଲେ । ସେହି ବିଦେଶୀ ଧର୍ମପ୍ରଚାରକମାନଙ୍କ ଉଦ୍ୟମରେ ୧୮୬୭ ସାଲରେ ଆସାମୀ ଭାଷାର ପ୍ରଥମ ଶବ୍ଦକୋଷ ସଂକଳିତ ହେଲା । ଏହିପରି ଆଧୁନିକ ଆସାମୀ ସାହିତ୍ୟର ଅଭ୍ୟୁଦୟ ପାଇଁ ମିସନାରୀମାନେ ପାଣିପାଗ ପ୍ରସ୍ତୁତ କରିଥିଲେ । ମାଇଲ୍ସ ବ୍ରନସନ, ବ୍ରାଉନ, କେରେ, ଶ୍ରୀକାନ୍ତର ଆଦି ମିସନାରୀଗଣ ଆସାମୀ ଭାଷାରେ ବହୁ ପୁସ୍ତକ ରଚନା କରି ଆଧୁନିକ ଆସାମୀ ସାହିତ୍ୟକୁ ସମୃଦ୍ଧ କଲେ । ଆଧୁନିକ ଆସାମୀ ସାହିତ୍ୟ ବହୁ ପରିମାଣରେ ପାଶ୍ଚାତ୍ୟ ଆଦର୍ଶଦ୍ୱାରା ପ୍ରଭାବିତ ଏବଂ ଅନୁପ୍ରାଣିତ ହେଲା । ଇଂରେଜୀ ସାହିତ୍ୟ ପ୍ରଭାବରେ ଅନୁପ୍ରାଣିତ ହୋଇ ଯେଉଁ କେତେଜଣ ଆସାମୀ ସାହିତ୍ୟରେ ନବଯୁଗ ଆନୟନ କରିଥିଲେ, ସେମାନଙ୍କ ମଧ୍ୟରେ ହେମ ବରୁଆ,

ଗୁଣାଭିରାମ ବରୁଆ, ଆନନ୍ଦରାମ ଫୁକନ ଇତ୍ୟାଦି ଉଲ୍ଲେଖଯୋଗ୍ୟ । ହେମ ଚନ୍ଦ୍ର ବରୁଆ ଆସାମୀ ସାହିତ୍ୟକୁ ସମୃଦ୍ଧ କରିବାପାଇଁ ବହୁ ନାଟକ, ଉପନ୍ୟାସ, ପାଠ୍ୟପୁସ୍ତକ, ଅଭିଧାନ ଇତ୍ୟାଦି ପ୍ରଣୟନ କରିଅଛନ୍ତି । ତାଙ୍କ ରଚିତ ଗ୍ରନ୍ଥମାନଙ୍କ ମଧ୍ୟରେ "କାନିୟାର କୀର୍ତ୍ତନ," "ବାହିରେ ରଙ୍ଗଚଙ୍ଗ ଭିତରେ କୋୱା ଭାତୁରୀ," "ପଢ଼ାଶଳୀୟା ଅଭିଧାନ" "ହେମକୋଷ" ଇତ୍ୟାଦି ପ୍ରଧାନ । "କାନିୟାର କୀର୍ତ୍ତନ" ତାଙ୍କ ରଚିତ ପ୍ରଥମ ନାଟକ । ଏହି ଗ୍ରନ୍ଥରେ ସେ ଅଫିମ ସେବନ ବିରୁଦ୍ଧରେ ମତ ପ୍ରକାଶ କରିଥିଲେ । ସେହିପରି ତାଙ୍କ ରଚିତ ପ୍ରଥମ ଉପନ୍ୟାସ ହେଉଛି "ବାହିରେ ରଙ୍ଗ ଚଙ୍ଗ ଭିତରେ କୋୱା ଭାତୁରୀ" । ଏହି ଗ୍ରନ୍ଥରେ ପୌରୋହିତ୍ୟପ୍ରଥା ବିରୁଦ୍ଧରେ ସେ ପ୍ରବଳ ମତ ପ୍ରଦାନ କରିଥିଲେ ।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଆସାମର କେତେକ ଉଦୀୟମାନ ଯୁବକ କଲିକତା କଲେଜରେ ବିଦ୍ୟାଧ୍ୟୟନ କାଳରେ "ଜୋନାକୀ" ନାମରେ ଏକ ପତ୍ରିକା ଆସାମୀ ଭାଷାରେ ପ୍ରକାଶ କରିଥିଲେ । ଏହି ପତ୍ରିକା ଆସାମୀ ସାହିତ୍ୟର ବିକାଶ ଦିଗରେ ଯଥେଷ୍ଟ ସାହାଯ୍ୟ କରିଥିଲା । ଏହି ପତ୍ରିକାକୁ କେନ୍ଦ୍ର କରି ଯେଉଁ କେତେ ଜଣ ଆସାମୀ ବନ୍ଧୁ ଆସାମୀ ସାହିତ୍ୟର ବିକାଶ ଦିଗରେ ବ୍ରତୀ ହୋଇଥିଲେ, ସେମାନଙ୍କୁ "ଜୋନାକୀ ଗୋଷ୍ଠୀ" କୁହାଯାଏ । ଏମାନଙ୍କ ମଧ୍ୟରେ ଶ୍ରୀ ଲକ୍ଷ୍ମୀକାନ୍ତ ବେଜବରୁଆ ଶ୍ରୀ ଚନ୍ଦ୍ରକୁମାର ଅଗରୱାଲା, ଶ୍ରୀ ହେମଚନ୍ଦ୍ର ଗୋସ୍ୱାମୀ, ଶ୍ରୀ ରଜନୀକାନ୍ତ ବରଦୌଲୈ ପ୍ରଭୃତି ପ୍ରଧାନ । ପାଶ୍ଚାତ୍ୟ ସାହିତ୍ୟ ଏହି ଗୋଷ୍ଠୀର ସାହିତ୍ୟ ସାଧନାକୁ ଅତ୍ୟନ୍ତ ଋଦ୍ଧିମନ୍ତ କରିଥିଲା । ଜୋନାକୀ ଲେଖକଗଣ ପ୍ରବନ୍ଧ, ଉପନ୍ୟାସ, ନାଟକ, କ୍ଷୁଦ୍ର ଗଳ୍ପ, ଜୀବନୀ ଇତ୍ୟାଦି ସାହିତ୍ୟର ବିଭିନ୍ନ ବିଭାଗକୁ ସମୃଦ୍ଧ କରିଯାଇଛନ୍ତି ।

ଭାରତର ଅନ୍ୟାନ୍ୟ ପ୍ରାନ୍ତର ସାହିତ୍ୟ ପରି ଆସାମୀ ସାହିତ୍ୟରେ ମଧ୍ୟ ଇଂରେଜି ଶିକ୍ଷା ଓ ସଂସ୍କୃତିର ପ୍ରଭାବର ଫଳରେ ନବଯୁଗର ଅଭ୍ୟୁଦୟ ହୋଇଥିଲା । ଏହି ନବଯୁଗର ସ୍ରଷ୍ଟାଭାବରେ ଜୋନାକୀ ଗୋଷ୍ଠୀ ପ୍ରସିଦ୍ଧ ହୋଇଥିଲେହେଁ ଏମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ବେଜବରୁଆ ଯୁଗସ୍ରଷ୍ଟା ଭାବରେ ସମ୍ମାନିତ ହୋଇଥାଆନ୍ତି । ଜାତୀୟବାଦୀ

ଏବଂ ପ୍ରକୃତି କବି ଭାବରେ ଆଧୁନିକ ସାହିତ୍ୟରେ ତାଙ୍କର ସ୍ଥାନ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ସାମ୍ବାଦିକତା ତଥା ଗଦ୍ୟ ରଚନାରେ ସୁଦ୍ଧା ଲକ୍ଷ୍ମୀକାନ୍ତ ଯଥେଷ୍ଟ କୃତିତ୍ୱ ଅର୍ଜନ କରିଥିଲେ । ଏ ଯୁଗରେ ସାହିତ୍ୟକୁ ଯେଉଁ କେତେ ଜଣଙ୍କର ସାଧନା ସମୃଦ୍ଧ କରିଅଛି, ସେମାନଙ୍କ ମଧ୍ୟରେ କମଳାକାନ୍ତ ଭଟ୍ଟାଚାର୍ଯ୍ୟ, ଚନ୍ଦ୍ରକୁମାର ଅଗ୍ରୱାଲ, ହିତେଶ୍ୱର ବରବରୁଆ, ଅମ୍ବିକାଗିରି ରାୟଚୌଧୁରୀ, ରଘୁନାଥ ଚୌଧୁରୀ, ଯତୀନ୍ଦ୍ରନାଥ ଦୁଆରା, ରତ୍ନାକର ବଡକାକତି, ଉମେଶ୍ୱର ନିୟୋଗ ଏବଂ ବିନୋଦଚନ୍ଦ୍ର ବରୁଆ ଇତ୍ୟାଦି ପ୍ରଧାନ ।

ଆସାମର ନାଟକ ରଚନା ଅତ୍ୟନ୍ତ ପ୍ରାଚୀନ ବୋଲି ଜଣାଯାଏ । ମଧ୍ୟଯୁଗରେ ରଚିତ ଏବଂ ବହୁଳ ପ୍ରଚାରିତ ଅଙ୍କୀୟା ନାଟକ ବର୍ତ୍ତମାନ ମଧ୍ୟ ଆସାମର ପଲ୍ଲୀସମାଜରେ ଅତ୍ୟନ୍ତ ଲୋକପ୍ରିୟ ଏବଂ ଆଦୃତ । ଆଧୁନିକ ଆସାମୀ ନାଟକର ସ୍ରଷ୍ଟା ଭାବରେ ହେମଚନ୍ଦ୍ର ବରୁଆ, ଗୁଣାଭିରାମ ବରୁଆ, ରୁଦ୍ରରାମ ବର୍ଦ୍ଦୋଲେ ଅତ୍ୟନ୍ତ ସୁପରିଚିତ । ଲକ୍ଷ୍ମୀକାନ୍ତ ବେଜବରୁଆ ଏବଂ ପଦ୍ମନାଭ ବରୁଆ ନାଟକ ରଚନାରେ ଅଧିକ ସଫଳତା ଅର୍ଜନ କରି ପ୍ରସିଦ୍ଧ ହୋଇଥିଲେ । ବେଜବରୁଆ ଥିଲେ ପ୍ରଧାନତଃ ଜାତୀୟତାବାଦୀ । ତାଙ୍କର ଐତିହାସିକ ନାଟକଗୁଡ଼ିକରେ ଆସାମର ପ୍ରାଚୀନ ଗୌରବର କାହାଣୀ ଅତ୍ୟନ୍ତ ଚମତ୍କାର ଭାବରେ ରୂପାୟିତ ହୋଇଅଛି । "ଚକ୍ରଧ୍ୱଜସିଂହ" ଓ 'ବେଲମାର,' ଲକ୍ଷ୍ମୀକାନ୍ତଙ୍କ ଐତିହାସିକ ନାଟକ ମଧ୍ୟରେ ଉଲ୍ଲେଖଯୋଗ୍ୟ । ଏତଦ୍ ବ୍ୟତୀତ ତାଙ୍କ ରଚିତ ଫାର୍ସଗୁଡିକ ହାସ୍ୟରସ ପରିବେଷଣ କରିବାରେ ଅତ୍ୟନ୍ତ ସିଦ୍ଧହସ୍ତ ।

ପଦ୍ମନାଥ ବରୁଆ ଉଭୟ ଐତିହାସିକ ଏବଂ ପୌରାଣିକ କଥାବସ୍ତୁ ଅବଲମ୍ବନରେ ନାଟକ ରଚନା କରିଅଛନ୍ତି । ତାଙ୍କର ରଚିତ ନାଟକ ମଧ୍ୟରେ ଜୟମତି, ଗଦାଧର, ସାଧନୀ, ଲଚ୍ଛିତ ଫୁକନ ପ୍ରଧାନ । ଆସାମର ପ୍ରସିଦ୍ଧ ଅହୋମ ରାଜବଂଶର ଗୌରବପୂର୍ଣ୍ଣ କାହାଣୀକୁ କେନ୍ଦ୍ର କରି ଏହି ନାଟକଗୁଡିକର କଥାବସ୍ତୁ ପରିକଳ୍ପିତ । "ଗାଁ ବୁଢ଼ା" ଶୀର୍ଷକ ଏକ ଫାର୍ସ ମାଧ୍ୟମରେ ପଦ୍ମନାଥ ଊନବିଂଶ ଶତାବ୍ଦୀର ଶେଷଭାଗରେ ଇଂରେଜ ଶାସନର ଏକ ଚମତ୍କାର ପରିଚୟ ପ୍ରଦାନ କରିଅଛନ୍ତି । ଆସାମୀ ସାହିତ୍ୟର ଆଲୋଚକଗଣ ବଙ୍ଗଳା

ସାହିତ୍ୟର ଦୀନବନ୍ଧୁ ମିତ୍ରଙ୍କ ନୀଳଦର୍ପଣ ନାଟକ ସହିତ ଏହି ଫାର୍ସକୁ ତୁଳନା କରିଥାଆନ୍ତି । ପଦ୍ମନାଥଙ୍କ ନାଟକଗୁଡ଼ିକ ବିଂଶ ଶତାବ୍ଦୀର ପ୍ରଥମ ଦୁଇଟି ଦଶନ୍ଧି ମଧ୍ୟରେ ପ୍ରକାଶିତ ହୋଇଥିଲା । ଏହି କାଳରେ ଅନ୍ୟତମ ନାଟ୍ୟକାର ଚନ୍ଦ୍ରଧର ବରୁଆ ଲେଖନୀ ଧାରଣ କରିଥିଲେ । "ମେଘନାଦ ବଧ" ଏବଂ "ତିଲୋତ୍ତମା ସମ୍ଭବ" ତାଙ୍କ ରଚିତ ଦୁଇ ଗୋଟି ପୌରାଣିକ ନାଟକ । ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଅନେକଗୁଡ଼ିଏ ପୌରାଣିକ ନାଟକ ଏବଂ ଫାର୍ସ ଲିଖିତ ହୋଇଥିଲେ ହେଁ ଐତିହାସିକ ନାଟକଗୁଡ଼ିକ ଲୋକଚିତ୍ତରେ ଜାତୀୟତାର ପ୍ରସାର ଯୋଗୁ ଅଧିକ ପ୍ରଭାବ ବିସ୍ତାର କରି ପାରିଥିଲେ । ଅନେକଗୁଡ଼ିଏ ପୌରାଣିକ ନାଟକର ରଚୟିତା ଭାବରେ ଖ୍ୟାତି ଅର୍ଜନ କରିଥିବା ଅତୁଳଚନ୍ଦ୍ର ହାଜାରିକା ଐତିହାସିକ ନାଟକ ରଚନାର ଲୋଭ ସମ୍ବରଣ କରିପାରି ନ ଥିଲେ । ତାଙ୍କର ଦୁଇଗୋଟି ଐତିହାସିକ ନାଟକ ହେଲା "କନୌଜ କୁମାରୀ", ଏବଂ "ଛତ୍ରପତି ଶିବାଜୀ" । ଅତୁଳ ଚନ୍ଦ୍ର ହାଜାରିକା ଆସାମୀ ନାଟକ ସାହିତ୍ୟରେ ଜଣେ ବିପ୍ଳବୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ଆଗମନ ପୂର୍ବରୁ ଆସାମର ରଙ୍ଗମଞ୍ଚରେ କେବଳ ବଙ୍ଗଳା ନାଟକ ଅଭିନୀତ ହେଉଥିଲା । ଆସାମୀ ନାଟ୍ୟ ଲେଖକଗଣ ରଙ୍ଗମଞ୍ଚ ଉପଯୋଗୀ ନାଟକ ଲେଖିବା ପାଇଁ ଧ୍ୟାନ ଦେଇପାରି ନ ଥିଲେ । ମାତ୍ର ଅତୁଳଚନ୍ଦ୍ର ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ ଥିଲେ । ସେ ରଙ୍ଗମଞ୍ଚ ଉପଯୋଗୀ ନାଟକ ରଚନା କରି ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କଲେ । ଫଳରେ ଆସାମର ରଙ୍ଗମଞ୍ଚରେ ବଙ୍ଗଳା ନାଟକ ପରିବର୍ତ୍ତେ ଆସାମୀ ଭାଷାରେ ନାଟକ ଅଭିନୀତ ହେଲା । ସ୍ୱାଧୀନତା ପରେ ଆସାମୀ ସାହିତ୍ୟରେ ନାଟକ ଯଥେଷ୍ଟ ଅଗ୍ରଗତି କରିଅଛି । କମଳାନନ୍ଦ ଭଟ୍ଟାଚାର୍ଯ୍ୟ, ଜ୍ୟୋତିପ୍ରସାଦ ଅଗ୍ରୱାଲ୍ ପ୍ରଭୃତି ଲେଖକଗଣ ଆଧୁନିକ ଆସାମୀ ନାଟକର ବିକାଶରେ ଯଥେଷ୍ଟ ସାହାଯ୍ୟ କରିଅଛନ୍ତି । ଆଧୁନିକ ଆସାମୀ ନାଟକ ସାହିତ୍ୟରେ "ଶୋଣିତ କୁଆଁରୀ" ଅନ୍ୟତମ ପ୍ରସିଦ୍ଧ ନାଟକ ଭାବରେ ସ୍ୱୀକୃତ ।

ଊନବିଂଶ ଶତାବ୍ଦୀରେ ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟ ପରି ଆସାମୀ ସାହିତ୍ୟରେ ମଧ୍ୟ ଉପନ୍ୟାସର ବିକାଶ ହୋଇଥିଲା । ତେବେ ଏହି ଶତାବ୍ଦୀରେ କୌଣସି ଉଲ୍ଲେଖଯୋଗ୍ୟ ଉପନ୍ୟାସ ରଚିତ ହୋଇନାହିଁ । ୧୮୯୫ ଖ୍ରୀଷ୍ଟାବ୍ଦରେ ରଜନୀକାନ୍ତ ବର୍ଦ୍ଦୋଲୈଙ୍କ ଲିଖିତ

ଆସାମୀ ଭାଷାର ପ୍ରଥମ ଉପନ୍ୟାସ ପ୍ରକାଶିତ ହୋଇଥିଲା । ଏହି ଉପନ୍ୟାସଟି "ମିରିଜିୟାରି" ନାମରେ ସୁପରିଚିତ । ମିରି ଜାତିର ଦୁଇଟି ପୁଅଝିଅଙ୍କର ପ୍ରଣୟ କାହାଣୀକୁ ଅବଲମ୍ବନ କରି ଏହି ଉପନ୍ୟାସ ପରିକଳ୍ପିତ । ଏହି ଲେଖକଙ୍କର ଅନ୍ୟାନ୍ୟ ଉପନ୍ୟାସଗୁଡ଼ିକ ହେଲା "ମନୋମତି," "ରହଦାଇ ଲିଗିରି" ଏବଂ "ଦନ୍ଦୁଆ ଦ୍ରୋହ" । ବର୍ଦୋଲୈଙ୍କର ପ୍ରଥମ ଉପନ୍ୟାସଟି ସାମାଜିକ ହେଲେହେଁ ପରବର୍ତ୍ତୀ ରଚନାଗୁଡ଼ିକ ଐତିହାସିକ କଥାବସ୍ତୁ ଉପରେ ପର୍ଯ୍ୟବସିତ । କଂଗ୍ରେସର ଜାତୀୟ ସଂଗ୍ରାମ ଏବଂ ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନର ପ୍ରଭାବରେ ଅନୁପ୍ରାଣିତ ହୋଇ କେତେକ ପ୍ରସିଦ୍ଧ ଆସାମୀ ଉପନ୍ୟାସ ରଚିତ ହୋଇଥିବା ଜଣାଯାଏ । ଏହି ଉପନ୍ୟାସଗୁଡ଼ିକ ସାଧାରଣତଃ ଆଦର୍ଶବାଦୀ ଭାବନାରେ ପରିପୂର୍ଣ୍ଣ । ସଂଖ୍ୟା ଦୃଷ୍ଟିରୁ ଆସାମୀ ଉପନ୍ୟାସ ଯଥେଷ୍ଟ ସମୃଦ୍ଧିଶାଳୀ ନ ହେଲେହେଁ ଗୁଣାତ୍ମକ ବିଚାରରେ ତାହାର ଉଚ୍ଚ ମୂଲ୍ୟବୋଧ ଅନସ୍ୱୀକାର୍ଯ୍ୟ । ଆଧୁନିକ ସମାଜର ବାସ୍ତବ ରୂପାୟନ, ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଏବଂ ସ୍ୱାଭାବିକ ଜୀବନ-ଚିତ୍ରଣ ଆସାମୀ ଉପନ୍ୟାସକୁ ମହିମାନ୍ୱିତ କରିଅଛି । ହିତେଶ ଡେକାଙ୍କ ଲିଖିତ "ଆଜିର ମାନୁଷ", ଆଦ୍ୟନାଥ ଶର୍ମାଙ୍କ "ଜୀବନର ତିନ ଅଧ୍ୟା," ଚନ୍ଦ୍ରକାନ୍ତ ଗୋଗୋଇଙ୍କର "ସୋନାର ନଙ୍ଗଲ", ଗୋବିନ୍ଦ ମହାନ୍ତଙ୍କ 'କୃଷକର ନାତି' ପ୍ରଭୃତି ଆସାମୀ ସାହିତ୍ୟର କେତେକ ଉଲ୍ଲେଖଯୋଗ୍ୟ ସାମାଜିକ ଉପନ୍ୟାସ ସାମ୍ପ୍ରତିକ ସମାଜର ଆଦର୍ଶଗତ ବିରୋଧ ଏବଂ ଦ୍ୱନ୍ଦ୍ୱାତ୍ମକ ମନୋବୃତ୍ତି, ଅବସାଦଗ୍ରସ୍ତ ସଂଘର୍ଷ ପରିପୂର୍ଣ୍ଣ ମାନସିକ ପ୍ରତିକ୍ରିୟାକୁ ସମ୍ବଳ କରି କେତେକ ଅତି ଆଧୁନିକ ଉପନ୍ୟାସ ରଚିତ ହୋଇ ସାହିତ୍ୟସଂସାରରେ ସଫଳ ପଦକ୍ଷେପ ଗ୍ରହଣ କରିଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଲକ୍ଷ୍ମୀକାନ୍ତ ବେଜବରୁଆ ଆସାମୀ କ୍ଷୁଦ୍ର ଗଳ୍ପର ପିତା ଭାବରେ ସମ୍ମାନିତ ହେଲେହେଁ ଅତ୍ୟାଧୁନିକ ଗଳ୍ପ ସାହିତ୍ୟର ବିକାଶରେ ଯେଉଁ କେତେଜଣଙ୍କର କୃତିତ୍ୱ ସ୍ୱୀକୃତ, ସେମାନଙ୍କ ମଧ୍ୟରେ ବୀଣା ବରୁଆ, ରମ ଦାସ ପ୍ରଭୃତି ପ୍ରଧାନ । ସମାଜର ନାନା ସମସ୍ୟାକୁ ଆଚ୍ଛନ୍ନ କରି ଆଧୁନିକ କ୍ଷୁଦ୍ର ଗଳ୍ପଗୁଡ଼ିକ ରଚିତ । ଅବଦୁଲ ମଲ୍ଲିକ, ଯୋଗେଶ ଦାସ, ବୀରେନ୍ଦ୍ରକୁମାର ଭଟ୍ଟାଚାର୍ଯ୍ୟ ପ୍ରଭୃତିଙ୍କର ଗଳ୍ପଗୁଡ଼ିକ ଆଧୁନିକ ଧର୍ମକୁ ରସାଣିତ କରି ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନ କରିଅଛନ୍ତି ।

ଆଧୁନିକ ଗଦ୍ୟସାହିତ୍ୟର ପୁରୋଧା ଭାବରେ ଆସାମୀ ସାହିତ୍ୟର ଇତିହାସରେ ଲକ୍ଷ୍ମୀକାନ୍ତ ବେଜବରୁଆଙ୍କୁ ସ୍ମରଣ କରାଗଲେହେଁ ଏ କ୍ଷେତ୍ରରେ ପ୍ରଥମେ ବାଣୀକାନ୍ତ କାକତି ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କଲେ । ଆସାମୀ ଭାଷା ଏବଂ ସାହିତ୍ୟ ବିଷୟରେ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ପ୍ରବନ୍ଧାବଳୀ ବିଶେଷ ପ୍ରଣିଧାନଯୋଗ୍ୟ । ହେମଚନ୍ଦ୍ର ଗୋସ୍ୱାମୀ, ସୂର୍ଯ୍ୟକୁମାର ଭୂୟାଁ, ବେଣୁଧର ଶର୍ମା, ହରିନାରାୟଣ ଦତ୍ତ ବରୁଆ, କାଳିରାମ ମେଧି, ବିରିଞ୍ଚି କୁମାର ବରୁଆ, ସତ୍ୟେନ୍ଦ୍ରନାଥ ଶର୍ମା ପ୍ରଭୃତି ପଣ୍ଡିତ ଓ ଗବେଷକଗଣ ଆସାମୀ ଗଦ୍ୟ ସାହିତ୍ୟର ବିକାଶରେ ଯଥେଷ୍ଟ ସାଧନା କରିଅଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ ଆସାମୀ ସାହିତ୍ୟରେ କେତେକ ବୈପ୍ଲବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ଏ ଯୁଗର ନୂତନ କବି ନୂତନ ଯୁଗର ବାର୍ତ୍ତାବହ । ପାଶ୍ଚାତ୍ୟ କବି ଟି. ଏସ୍. ଇଲିଏଟ ଅଥବା ଏଜରା-ପାଉଣ୍ଡଙ୍କ କାବ୍ୟଧର୍ମ ଏ ଯୁଗର କବିପ୍ରାଣକୁ ଉଭୟ ଆଙ୍ଗିକ ଏବଂ ଶୈଳୀ ଦୃଷ୍ଟିରୁ ପ୍ରଭାବିତ କରିଅଛି । ଆଧୁନିକ ସମାଜରେ ପୁଞ୍ଜିବାଦୀ ଶୋଷଣ, ଯୌନଜୀବନର ପ୍ରତିକ୍ରିୟା, ରାଜନୈତିକ ତଥା ଅର୍ଥନୈତିକ ଶ୍ରେଣୀ ସଂଘର୍ଷ ପ୍ରଭୃତି ଆଧୁନିକ ସାହିତ୍ୟର ମୁଖ୍ୟ କଥାବସ୍ତୁ । ପ୍ରାଚୀନ ବିରୁଦ୍ଧରେ ବିଦ୍ରୋହର ସ୍ୱର ଉତ୍ତୋଳନ କରି ସାମ୍ପ୍ରତିକ ସମାଜର ଆଶୁ ପରିବର୍ତ୍ତନ ପାଇଁ ଏ ଯୁଗର ଲେଖକଗଣ ଅତ୍ୟନ୍ତ ବ୍ୟଗ୍ର । ଆଧୁନିକ କାଳ ଆସାମୀ ସାହିତ୍ୟର ପରିପ୍ରକୃତି ଏବଂ ପ୍ରତିଷ୍ଠା ପାଇଁ ବହୁ ସାହିତ୍ୟ ପତ୍ରିକା ପ୍ରଧାନତଃ ଦାୟୀ । ଯୁଦ୍ଧ ପରବର୍ତ୍ତୀ ଆଧୁନିକ ବୈଜ୍ଞାନିକ ଚିନ୍ତାଧାରା ଦ୍ୱାରା ଆଧୁନିକ ଯୁଗର ଆସାମୀ ସାହିତ୍ୟ ପରିପୁଷ୍ଟ । ଏ କ୍ଷେତ୍ରରେ ଆସାମୀ ସାହିତ୍ୟିକଗଣ ସଫଳ ପରୀକ୍ଷା ଚଳାଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

# ହିନ୍ଦୀ ସାହିତ୍ୟ

ପ୍ରାଚୀନ ଭାରତର ଆର୍ଯ୍ୟାବର୍ତ୍ତ ହିଁ ବର୍ତ୍ତମାନ ଭାରତବର୍ଷର ହିନ୍ଦୀଭାଷୀ ଅଞ୍ଚଳ ଭାବରେ ସୁପରିଚିତ । ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହିମାଚଳପ୍ରଦେଶ, ଏବଂ ପଞ୍ଜାବର କେତେକ ଅଞ୍ଚଳରେ ପ୍ରାୟ ହିନ୍ଦୀଭାଷୀ ଲୋକଙ୍କର ଆନୁମାନିକ ସଂଖ୍ୟା ହେଉଛି ସତର କୋଟି ।

ଭାରତର ଆର୍ଯ୍ୟଭାଷା-ଗୋଷ୍ଠୀ ମଧ୍ୟରେ ହିନ୍ଦୀ ଅନ୍ୟତମ ପ୍ରଧାନ ଭାଷା ଭାବରେ ଗୃହୀତ । ଭାରତର ପ୍ରାୟ ସର୍ବାଞ୍ଚଳରେ ହିନ୍ଦୀଭାଷା ଜନସାଧାରଣରେ ସହଜବୋଧ ହୋଇଥିବାରୁ ଭାରତୀୟ ସମ୍ବିଧାନରେ ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଅଛି ।

ହିନ୍ଦୀ ଭାଷାର ଆରମ୍ଭ କେବେ ହୋଇଛି ବୋଲି କହିବା ଆଦୌ ସମ୍ଭବ ନୁହେଁ । ଗବେଷକଗଣ ଏ ବିଷୟରେ ନାନା ମତର ପୋଷକ ହେଲେ ହେଁ ଏ କଥା ସର୍ବବାଦୀସମ୍ମତ ଯେ ଅପଭ୍ରଂଶ ଭାଷାର ପରେ ପରେ ହିନ୍ଦୀ ଭାଷା ଜନ୍ମଗ୍ରହଣ କରିଅଛି । ଅପଭ୍ରଂଶ ଭାଷାକୁ ତିନୋଟି ପ୍ରଧାନ ବିଭାଗରେ ବିଭକ୍ତ କରାଯାଇଥାଏ (୧) ନାଗର (୨) ବାଚଡ଼ (୩) ଉପନାଗର । ନାଗର ଅପଭ୍ରଂଶକୁ ପଶ୍ଚିମୀ ଅପଭ୍ରଂଶ ଅଥବା ସୌରସେନୀ ଅପଭ୍ରଂଶ କୁହାଯାଏ । ଏହି ସୌରସେନୀ ଅପଭ୍ରଂଶରୁ ପରବର୍ତ୍ତୀ କାଳରେ ହିନ୍ଦୀଭାଷା ଉଦ୍ଭବ ହୋଇଛି ବୋଲି ଗବେଷକଗଣ ଅନୁମାନ କରନ୍ତି । ଉତ୍ତର ଭାରତର ବିଭିନ୍ନ ଅଞ୍ଚଳରେ ହିନ୍ଦୀଭାଷାର ପରମ୍ପରା ନାନା ରୂପରେ ପ୍ରକଟିତ ହୋଇଛି । ସେଗୁଡ଼ିକୁ ଆଲୋଚନାର ସୁବିଧା ପାଇଁ ସାଧାରଣତଃ ପାଞ୍ଚଗୋଟି ବିଭାଗରେ ପର୍ଯ୍ୟବସିତ କରାଯାଇଛି । ତାହା ହେଲା—(୧) ଡିଂଗାଲ (୨) ବ୍ରଜଭାଷା (୩) ଖଡ଼ିବୋଲି (୪) ଅବଧୀ (୫) ମୈଥିଳୀ ।

ପ୍ରାୟ ଦଶମ ଶତାବ୍ଦୀବେଳକୁ ହିନ୍ଦୀ ସାହିତ୍ୟର ବିକାଶ ହୋଇ ସାରିଥିଲା ବୋଲି ଅନୁମାନ କରାଯାଏ । ଏ ଯୁଗ ସାହିତ୍ୟରେ ସାମାଜିକ ଧର୍ମଧାରଣାର ରୂପ ଅଧିକ ଅନୁଭୂତ ହୁଏ । ତତ୍କାଳୀନ ସମାଜରେ ବୌଦ୍ଧଧର୍ମର ପ୍ରଭାବ ଲକ୍ଷ୍ୟ କରାଯାଇଥାଏ । ଅନ୍ୟ କେତେକ ପ୍ରାନ୍ତୀୟ ସାହିତ୍ୟ ପରି ହିନ୍ଦୀ ସାହିତ୍ୟରେ ମଧ୍ୟ ବୌଦ୍ଧଗାନ ଓ ଦୋହାକୁ ହିନ୍ଦୀ ସାହିତ୍ୟର ପ୍ରାଥମିକ କାଳର ରଚନା ବୋଲି ଦାବୀ କରାଯାଇଅଛି । ବୌଦ୍ଧ ସିଦ୍ଧମାନଙ୍କ ରଚିତ ଦୋହାଗୁଡ଼ିକରେ ହିନ୍ଦୀ ସାହିତ୍ୟର ମୁଦ୍ରାଙ୍କ ରହିଅଛି । ଏତଦ୍‌ବ୍ୟତୀତ ବାମପନ୍ଥୀ ସାଧକଗଣଙ୍କ ରଚନାରେ ମଧ୍ୟ ହିନ୍ଦୀ ସାହିତ୍ୟର ପଦାଭାଷ ଅନୁମାନ କରାଯାଏ ।

ହିନ୍ଦୀ ସାହିତ୍ୟର ଇତିହାସକୁ ମୁଖ୍ୟତଃ ତିନୋଟି କାଳରେ ବିଭକ୍ତ କରାଯାଇଅଛି—(୧) ହିନ୍ଦୀ ସାହିତ୍ୟର ଆଦିକାଳ (୧୪୦୦ ଖ୍ରୀଷ୍ଟାବ୍ଦ ପୂର୍ବ ପର୍ଯ୍ୟନ୍ତ) (୨) ମଧ୍ୟକାଳ (୧୪୦୦—୧୮୦୦ଖ୍ରୀଷ୍ଟାବ୍ଦ) (୩) ଆଧୁନିକ କାଳ (୧୮୦୦ ଖ୍ରୀଷ୍ଟାବ୍ଦ ପରବର୍ତ୍ତୀ) । ଆଦିକାଳର ହିନ୍ଦୀ ସାହିତ୍ୟରେ ସିଦ୍ଧମାନଙ୍କ ରଚନାକୁ ବାଦ ଦେଲେ ଆଉ ଦୁଇ ଗୋଟି ପ୍ରଧାନ ଧାରା ଲକ୍ଷ୍ୟ କରାଯାଏ । ପ୍ରଥମଟି ହେଲା ନାଥ ସାହିତ୍ୟ ଏବଂ ଦ୍ୱିତୀୟ ଧାରାଟି ହେଲା ଚାରଣ ସାହିତ୍ୟ । ବୌଦ୍ଧଧର୍ମର ଅବସାନ ପରେ ପରେ ନାଥ ସଂପ୍ରଦାୟ ଅଧିକ ପ୍ରଭାବଶାଳୀ ହୋଇ ପଡ଼ିଲେ । ଏହି ସଂପ୍ରଦାୟର ପ୍ରତିଷ୍ଠାତା ଗୋରକ୍ଷନାଥ ବୌଦ୍ଧ ସିଦ୍ଧମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ମହାପୁରୁଷ ଥିଲେ । ଏହି ନାଥ ସଂପ୍ରଦାୟର ମତବାଦକୁ ମୂଳଭିତ୍ତି କରି ବହୁ ଗ୍ରନ୍ଥ ରଚିତ ହୋଇଥିଲା । ଏ ଯୁଗ ସାହିତ୍ୟର ଦ୍ୱିତୀୟ ଧାରାଟି ହେଲା ଚାରଣ ସାହିତ୍ୟ । ରାଜାମାନଙ୍କର ପ୍ରଶସ୍ତି ଗାନ ଛଳରେ ବହୁ ଗ୍ରନ୍ଥ ରଚିତ ହୋଇଥିଲା । ବିଶେଷତଃ ମଧ୍ୟପ୍ରଦେଶର ରାଜବଂଶଗୁଡ଼ିକୁ କେନ୍ଦ୍ର କରି ଏହି ଚାରଣ ସାହିତ୍ୟର ବିକାଶ ହୋଇଥିଲା ବୋଲି କୁହାଯାଇଥାଏ । ମଧ୍ୟଭାରତର ଏହି ରାଜପୁରୁଷଗଣ ବିଦ୍ୟାନୁରାଗୀ ଥିଲେ ଏବଂ ସର୍ବତୋଭାବେ ଭାଷା ଓ ସାହିତ୍ୟର ପୃଷ୍ଟପୋଷକତା କରୁଥିଲେ । ଏହିକାଳରେ କନୌଜ ଦରବାରର ପୃଷ୍ଟପୋଷକତାରେ ସଂସ୍କୃତ ସାହିତ୍ୟର ବିଖ୍ୟାତ ଗ୍ରନ୍ଥ 'ନୈଷଧ' ରଚିତ ହୋଇଥିଲା । ଏହି କାଳରେ ହିନ୍ଦୀ

ଭାଷାରେ ଅନେକ ଗ୍ରନ୍ଥ ରଚନା ହୋଇଥିଲେହେଁ ପରବର୍ତ୍ତୀ କାଳରେ ମୁସଲମାନ ଆକ୍ରମଣ ଫଳରେ କନୌଜ ଧ୍ୱଂସ ହୋଇଯିବାରୁ ତାହାକୁ କେନ୍ଦ୍ର କରି ହିନ୍ଦୀ ସାହିତ୍ୟ ମଧ୍ୟ ଲୋକଲୋଚନକୁ ଆସି ପାରିଲା ନାହିଁ । ଆଜମୀରର ଚୌହାନ ନରପତି ବିସଲଦେବଙ୍କ ଦରବାରରେ ନରପତି ନାହ୍ଲ ସଭାକବି ଭାବରେ ସମ୍ମାନିତ ହୋଇଥିଲେ । ସେ ୧୧୫୫ ଖ୍ରୀଷ୍ଟାବ୍ଦରେ "ବୀସଳଦେବ—ରାସୋ" ରଚନା କରିଥିଲେ । ତତ୍କାଳୀନ ଦିଲ୍ଲୀର ନରପତି ମହାରାଜା ପୃଥ୍ୱୀରାଜଙ୍କ ଦରବାରରେ କବି ଚନ୍ଦ୍ର ସଭାକବିର ଆସନ ଅଳଙ୍କୃତ କରିଥିଲେ । ତାଙ୍କର ପ୍ରସିଦ୍ଧ ରଚନା ହେଉଛି "ପୃଥ୍ୱୀରାଜ ରାସୋ" । ପୃଥ୍ୱୀରାଜ ଦିଲ୍ଲୀର ଶେଷ ହିନ୍ଦୁ ରାଜା ଥିଲେ । ହିନ୍ଦୁ ରାଜାମାନଙ୍କ ରାଜତ୍ୱକାଳରେ ହିନ୍ଦୀଭାଷାର ବିକାଶ ପାଇଁ ଯଥେଷ୍ଟ ଧ୍ୟାନ ଦିଆ ଯାଇଥିଲା ଏବଂ ହିନ୍ଦୀ ସାହିତ୍ୟର ଲେଖକଗଣ ରାଜପୃଷ୍ଠପୋଷକତା ଲାଭ କରିଥିଲେ । ଦ୍ୱାଦଶ ଶତାବ୍ଦୀଠାରୁ ସମ୍ରାଟ ଆକବରଙ୍କ ରାଜତ୍ୱକାଳ ପର୍ଯ୍ୟନ୍ତ ପାୟ ତିନି ଶହ ବର୍ଷ କାଳ ହିନ୍ଦୀ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ କୌଣସି ରାଷ୍ଟ୍ରୀୟ ଉଦ୍ୟମ ହୋଇ ନ ଥିଲା । ମହାରାଜା ଆକବର ଏ ଦିଗରେ କିଞ୍ଚିତ ଆଗ୍ରହ ପ୍ରକାଶ କରିଥିଲେ ।

ମଧ୍ୟଯୁଗର ହିନ୍ଦୀ ସାହିତ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଏ । ମୋଟାମୋଟି ଭାବରେ ଏହାକୁ ଭକ୍ତିଯୁଗ ବୋଲି ନାମିତ କରାଗଲେହେଁ ୧୪୦୦ ଖ୍ରୀଷ୍ଟାବ୍ଦରୁ ୧୭୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କାଳକୁ ମୁଖ୍ୟତଃ ଭକ୍ତିକାଳ ଏବଂ ୧୭୦୦ ଖ୍ରୀଷ୍ଟାବ୍ଦରୁ ୧୮୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସମୟକୁ ରୀତିକାଳ ନାମରେ ନାମିତ କରାଯାଏ । ରାମାନୁଜ, ମାଧବ ବିଷ୍ଣୁସ୍ୱାମୀ, ନିମ୍ବାର୍କ ପ୍ରଭୃତି ଆଚାର୍ଯ୍ୟଗଣ ଦକ୍ଷିଣଭାରତରେ ଯେଉଁ ଭକ୍ତିଧର୍ମ ପ୍ରଚାର କରିଥିଲେ ତାହା କାଳକ୍ରମେ ଉତ୍ତର ଭାରତରେ ପ୍ରତିଷ୍ଠା ଅର୍ଜନ କଲା ଏବଂ ହିନ୍ଦୀ ଭାଷୀ ଅଞ୍ଚଳକୁ ପ୍ରଭାବିତ କଲା । ଉତ୍କଳର ଜୟଦେବ ଦ୍ୱାଦଶ ଶତାବ୍ଦୀ ବେଳକୁ ଗୀତଗୋବିନ୍ଦ ରଚନା କରିଥିଲେ ଏବଂ ସମଗ୍ର ଉତ୍କଳ ତଥା ବଙ୍ଗଦେଶରେ ତାଙ୍କର ପ୍ରଭାବ ବିସ୍ତୃତ ହୋଇଥିଲା । ପରବର୍ତ୍ତୀକାଳରେ ରାଧାକୃଷ୍ଣଙ୍କ ପ୍ରେମ ସଂପର୍କରେ ମୈଥିଳୀ କବି ବିଦ୍ୟାପତି ତାଙ୍କର ଅନବଦ୍ୟ ଭକ୍ତି ସଙ୍ଗୀତ ରଚନା କରିଥିଲେ । ଷୋଡ଼ଶ ଏବଂ ସପ୍ତଦଶ ଶତାବ୍ଦୀ ବେଳକୁ ବ୍ରଜଭାଷାରେ ମୀରାବାଈଙ୍କର ଭକ୍ତି ସଙ୍ଗୀତ ଏକ ଉଲ୍ଲେଖଯୋଗ୍ୟ

ବିପ୍ଳବ ଆନୟନ କରିଥିଲା । ମୀରାବାଈଙ୍କର ସଙ୍ଗୀତ ବୋଧହୁଏ ସେହିକାଳରୁ ସମଗ୍ର ହିନ୍ଦୀଭାଷୀ ଅଞ୍ଚଳରେ ଅପୂର୍ବ ଲୋକପ୍ରିୟତା ଅର୍ଜନ କରି ଅପ୍ରତିଦ୍ୱନ୍ଦୀ ହୋଇଅଛି । ସ୍ୱାମୀ ରାମାନନ୍ଦ ଏବଂ ବଲ୍ଲଭାଚାର୍ଯ୍ୟ ହିନ୍ଦୀଭାଷୀ ଅଞ୍ଚଳରେ ବୈଷ୍ଣବ ଭକ୍ତିଧର୍ମ ପ୍ରଚାର କରି ଅପୂର୍ବ ସଫଳତା ଅର୍ଜନ କରିଥିଲେ । ହିନ୍ଦୀ ସାହିତ୍ୟର ଅପ୍ରତିଦ୍ୱନ୍ଦୀ ସାଧକ ସନ୍ଥ ତୁଳସୀ ଦାସ ଏହି ଭକ୍ତି ଆନ୍ଦୋଳନର ପ୍ରଧାନ ପୁରୋଧା ଥିଲେ । ତାଙ୍କ ରଚିତ 'ରାମଚରିତମାନସ' ପ୍ରତ୍ୟେକ ହିନ୍ଦୀଭାଷୀର ଘରେ ଘରେ ପଠିତ ଓ ପ୍ରଚରିତ । ଷୋଡ଼ଶ ଶତାବ୍ଦୀରେ ଗୋସ୍ୱାମୀ ତୁଳସୀଦାସ ରାମାୟଣ ରଚନା କରି ହିନ୍ଦୀଭାଷୀ ଜଗତରେ ଏକ ଅପୂର୍ବ ଆଲୋଡ଼ନ ସୃଷ୍ଟି କରିଦେଲେ ।

ରାମାୟଣ ବ୍ୟତୀତ ବ୍ରଜଭାଷାରେ ସୁଲଳିତ ସାଙ୍ଗୀତିକ ଶୈଳୀରେ ସେ ଅସଂଖ୍ୟ ରଚନା ଲେଖିଯାଇଅଛନ୍ତି ଯାହା କି ହିନ୍ଦୀଭାଷୀ ଜନସାଧାରଣଙ୍କର ଅତ୍ୟନ୍ତ ଆଦରର ସମ୍ପତ୍ତି ଭାବରେ ପରିଗଣିତ ହୋଇଥାଏ । ସଂସ୍କାରକ ତୁଳସୀ ଦାସଙ୍କ ରାମାୟଣ ପାଠ କରି ଜନସାଧାରଣ ଯୁଗ ଯୁଗ ଧରି ଉଦ୍‌ବୁଧ ହେଉଅଛନ୍ତି । ଭାରତୀୟ ସାହିତ୍ୟରେ ସନ୍ଥ ତୁଳସୀଦାସଙ୍କ ରାମାୟଣ ଏକ ଅନନ୍ୟସାଧାରଣ ଗ୍ରନ୍ଥ ଏବଂ ପୃଥିବୀର ବହୁଭାଷାରେ ଏହି ଗ୍ରନ୍ଥର ଅନୁବାଦ ଅତ୍ୟନ୍ତ ଆଦୃତ ହୋଇଅଛି । ଭକ୍ତିକାଳର ଅନ୍ୟତମ କବି ମହାକବି ସୁରଦାସଙ୍କ ନାମ ସହିତ ହିନ୍ଦୀଭାଷୀ ଜନସାଧାରଣ ଅତ୍ୟନ୍ତ ସୁପରିଚିତ । ତାଙ୍କର ସଙ୍ଗୀତାବଳୀ ଭାଷାର ବନ୍ଧନକୁ ଅତିକ୍ରମ କରି ସମଗ୍ର ଭାରତବର୍ଷରେ ସୁପ୍ରଚରିତ । ବ୍ରଜଭାଷାରେ କୃଷ୍ଣଭକ୍ତି ସମ୍ବଳିତ ଅସଂଖ୍ୟ ସଂଗୀତ ରଚନା କରି ସେ ବ୍ରଜଭାଷାକୁ ସାହିତ୍ୟିକ ମର୍ଯ୍ୟାଦା ଅର୍ପଣ କରି ଯାଇଅଛନ୍ତି । ସୁରଦାସଙ୍କ ରଚନାରେ କୃଷ୍ଣଙ୍କ ପ୍ରେମଭକ୍ତି ସାଧନାର ତୁଳନା ନାହିଁ । ଧାରାବାହିକ ଭାବରେ ଏହି କାଳରେ ଅନେକ ଭକ୍ତିଧର୍ମୀ ପ୍ରେମକାବ୍ୟ ମଧ୍ୟ ରଚନା କରାଯାଇଥିଲା । ଏହି କାବ୍ୟଗୁଡ଼ିକୁ ଜନସାଧାରଣ ଅଧିକ ଆଦର କରୁଥିଲେ । ଭକ୍ତିଯୁଗର ଏହି କବିମାନଙ୍କ ମଧ୍ୟରେ ମାଲିକ ମହମ୍ମଦ ଜ୍ୟାସି ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଚିତୋରର ରାଜପୁତ ରାଣୀ ପଦ୍ମିନୀ ଅଥବା ପଦ୍ମାବତୀଙ୍କୁ କେନ୍ଦ୍ର କରି ସେ ତାଙ୍କର ବିଖ୍ୟାତ ମହାକାବ୍ୟ 'ପଦ୍ମାବତୀ' ରଚନା କରିଥିଲେ । ବାହ୍ୟ ଦୃଷ୍ଟିରେ ଏହି କାବ୍ୟ ଏକ

ଐତିହାସିକ ପ୍ରେମ କଥାକୁ ବର୍ଣ୍ଣନା କରିଥିଲେହେଁ ସୁଫୀ ଦାର୍ଶନିକ—ପୃଷ୍ଠଭୂମିକୁ କେନ୍ଦ୍ର କରି ଏଥିରେ ଆତ୍ମାର ପରମାତ୍ମା ଦର୍ଶନପାଇଁ ଚରମ ବ୍ୟାକୁଳତା ପ୍ରକାଶିତ ହୋଇଅଛି । ମଧ୍ୟଯୁଗୀୟ ହିନ୍ଦୀ ସାହିତ୍ୟ ସଂସାରରେ 'ପଦ୍ମାବତୀ' ମହାକାବ୍ୟ ଅତ୍ୟନ୍ତ ଉଚ୍ଚ ସ୍ଥାନ ଅଧିକାର କରିଥାଏ । ଜ୍ୟାସିଙ୍କ ପରେ ପରେ 'ମୃଗାବତୀ'ର ଲେଖକ କୁତବନ୍, 'ମଧୁମାଳତୀ'ର ଲେଖକ ମାନ୍‌ଜାହାନ, 'ଚିତାବଳୀ'ର ଲେଖକ ଉସ୍‌ମାନ୍ ଏବଂ 'ଇନ୍ଦ୍ରାବତୀ'ର ଲେଖକ ମହମ୍ମଦ ଇତ୍ୟାଦି ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ । କାବ୍ୟକଳା ଦୃଷ୍ଟିରୁ ଏହି ସୁଫୀ କବିମାନେ ଅତ୍ୟନ୍ତ ମହିମାମୟ ଯଶର ଅଧିକାରୀ ହୋଇଅଛନ୍ତି ।

ଭକ୍ତିକାଳର ପରାର୍ଦ୍ଧ ଅର୍ଥାତ୍ ସପ୍ତଦଶ ଶତାବ୍ଦୀଠାରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ହିନ୍ଦୀ ସାହିତ୍ୟରେ ରୀତି ବା ଶୃଙ୍ଗାର ଭାବନା ଅଧିକ ପ୍ରକାଶିତ ହେଲା । ଏହି କାଳରେ ନନ୍ଦଦାସଙ୍କ 'ରସମଞ୍ଜରୀ', କୃପାରାମଙ୍କର 'ହିତତରଙ୍ଗିଣୀ', କେଶବଦାସଙ୍କର 'କବିପ୍ରିୟା', କୁଳପତିଙ୍କର 'ରସ ରହସ୍ୟ', ଚିନ୍ତାମଣିଙ୍କର 'ଶୃଙ୍ଗାର ମଞ୍ଜରୀ', ଦେବକବିଙ୍କର "ସୁଖସାଗର ତରଙ୍ଗ" ଇତ୍ୟାଦି ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ।

ମୋଗଲ ଶାସନକାଳରେ ହିନ୍ଦୀ ସାହିତ୍ୟର ବିଶେଷ ଉନ୍ନତି ହୋଇ ନ ଥିଲା । ମୋଗଲ ଦରବାରରେ କୌଣସି ବିଶିଷ୍ଟ ହିନ୍ଦୀ ଲେଖକ ରାଜପୃଷ୍ଠପୋଷକତା ଲାଭ କରି ନ ଥିଲେ । ଇଷ୍ଟଇଣ୍ଡିଆ କମ୍ପାନୀ ଊନବିଂଶ ଶତାବ୍ଦୀ ବେଳକୁ ନିଜର ପ୍ରଭୁତ୍ୱ ବିସ୍ତାର କରିସାରିଥିଲେ । ତାଙ୍କର ଉଦ୍ୟମରେ କଲିକତାରେ ଫୋର୍ଟଉଇଲିୟମ କଲେଜର ପ୍ରତିଷ୍ଠା ହୋଇଥିଲା ଏବଂ ସେଠାରେ ଭାରତୀୟ ଭାଷାର ଉନ୍ନତି ପାଇଁ କେତେକ ଉଦ୍ୟମ ହୋଇଥିଲା । ଶ୍ରୀରାମପୁରରେ ମିସନାରୀଗଣ ହିନ୍ଦୀ ଭାଷାରେ ବାଇବେଲର ଅନୁବାଦ କରିଥିଲେ । କ୍ରମେ କ୍ରମେ ହିନ୍ଦୀ-ଭାଷୀ ଅଞ୍ଚଳରେ ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ହେବାରୁ ସାମୟିକ ପତ୍ର ପ୍ରକାଶିତ ହେବା ଫଳରେ ହିନ୍ଦୀ ସାହିତ୍ୟରେ ଆଧୁନିକ ଗଦ୍ୟର ବିକାଶ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇପାରିଥିଲା । ୧୮୩୪ ଖ୍ରୀଷ୍ଟାବ୍ଦରେ 'ପ୍ରଜାମିତ୍ର' ନାମରେ ଏକ ହିନ୍ଦୀ ପତ୍ରିକା ପ୍ରକାଶିତ ହେଲା । ୧୮୪୪ ଖ୍ରୀଷ୍ଟାବ୍ଦରେ ରାଜା ଶିବପ୍ରସାଦ "ବନାରସ ସମାଚାର" ପ୍ରକାଶ କଲେ ।

କ୍ରମଶଃ ଇଂରେଜ ସ୍କୁଲମାନଙ୍କ ପାଇଁ ପାଠ୍ୟପୁସ୍ତକର ଅଭାବ ଅନୁଭୂତ ହେଲା ଏବଂ ପାଠ୍ୟ ପୁସ୍ତକ ମାଧ୍ୟମରେ ହିନ୍ଦୀ ଗଦ୍ୟର ପ୍ରଚାର ହୋଇ ପାରିଥିଲା । ଖ୍ରୀଷ୍ଟିଆନ ମିସନାରୀଗଣ ବାଇବେଲ ବ୍ୟତୀତ ହିନ୍ଦୀରେ ବହୁ ପ୍ରଚାର ପୁସ୍ତିକା ପ୍ରକାଶ କରିଥିଲେ । ଏଗୁଡ଼ିକ ପ୍ରଚାରପତ୍ର ହେଲେହେଁ ହିନ୍ଦୀ ଗଦ୍ୟ ସାହିତ୍ୟର ରଚନାରେ ପ୍ରଚୁର ପ୍ରେରଣା ପ୍ରଦାନ କରିଗଲେ । ଏହାପରି ଆଧୁନିକ ହିନ୍ଦୀ ସାହିତ୍ୟର ଅଭ୍ୟୁଦୟ କାଳରେ ସଦଳ ମିଶ୍ରଙ୍କର 'ନାସିକେତୋପାଖ୍ୟାନ', ସଦାସୁଖଲାଲଙ୍କର "ସୁଖସାଗର' ମୁନସୀ ଲଲ୍ଲୁଜୀଲାଲଙ୍କର 'ପ୍ରେମସାଗର' ଓ ଇଂଶାଆଲାଖାଙ୍କର "ରାନୀ କେତକୀକୀ କହାଁନୀୟାଁ" ପ୍ରଭୃତି ପ୍ରଧାନ ଅଟେ ।

ଏହି କାଳରେ ଭାରତେନ୍ଦୁ ହରିଶ୍ଚନ୍ଦ୍ର ହିନ୍ଦୀ ସାହିତ୍ୟ ଆକାଶରେ ଯୁଗସ୍ରଷ୍ଟା ଭାବରେ ଉଦିତ ହେଲେ । ବାସ୍ତବକ୍ଷେତ୍ରରେ ଆଧୁନିକ ହିନ୍ଦୀ ସାହିତ୍ୟର ସେ ଥିଲେ ପ୍ରାଣପ୍ରତିଷ୍ଠାତା । ପ୍ରାୟ ୧୮୭୫ ସାଲଠାରୁ ୧୯୦୦ ପର୍ଯ୍ୟନ୍ତ ସମୟକୁ ହିନ୍ଦୀ ସାହିତ୍ୟରେ ଭାରତେନ୍ଦୁ-କାଳ ବୋଲି ନାମିତ କରାଯାଏ । ହିନ୍ଦୀ ସାହିତ୍ୟର ବିକାଶରେ ତାଙ୍କର ଦାନ ଅପରିସୀମ । ପ୍ରାଚୀନ ଯୁଗ ଏବଂ ଆଧୁନିକ ଯୁଗର ଏକ ସନ୍ଧିକ୍ଷଣରେ ତାଙ୍କର ଆବିର୍ଭାବ ଘଟିଥିଲା । ପ୍ରାଚୀନ ବ୍ରଜଭାଷା ପରିବର୍ତ୍ତେ ଆଧୁନିକ ଖଡ଼ିବୋଲି ପ୍ରାଧାନ୍ୟ ବିସ୍ତାର କରୁଥିଲେ । ପାଶ୍ଚାତ୍ୟ ସାହିତ୍ୟ ସମ୍ପର୍କରେ ଆସି ହିନ୍ଦୀ ସାହିତ୍ୟରେ ଏକ ନବଜାଗରଣ ସୃଷ୍ଟି ହୋଇସାରିଥିଲା । ଏତଦ୍‌ବ୍ୟତୀତ ପଡ଼ୋଶୀ ବଙ୍ଗୀୟ ସାହିତ୍ୟ ମଧ୍ୟ ହିନ୍ଦୀ ସାହିତ୍ୟକୁ ପ୍ରେରଣା ପ୍ରଦାନ କରିଥିଲେ । ଭାରତେନ୍ଦୁ ଜଣେ ଶକ୍ତିଶାଳୀ ଲେଖକ ଥିଲେ । ସେ ଗଦ୍ୟ ଏବଂ ପଦ୍ୟ, ଉଭୟ କ୍ଷେତ୍ରରେ ନିଜର ଲେଖନୀ ଚାଳନା କରି ଯଶସ୍ୱୀ ହୋଇଅଛନ୍ତି । ସେ ଏକାଧାରରେ ଥିଲେ କବି, ନାଟ୍ୟକାର, ସମାଲୋଚକ, ସାମ୍ବାଦିକ ଓ ସଂପାଦକ । ସମୃଦ୍ଧ ଇଂରାଜୀ ସାହିତ୍ୟରୁ ମୂଲ୍ୟବାନ ଧାର କରି ସେ ହିନ୍ଦୀ ସାହିତ୍ୟକୁ ସମୃଦ୍ଧ କରିଥିଲେ । କେବଳ ଇଂରାଜୀ ସାହିତ୍ୟ ନୁହେଁ, ସଂସ୍କୃତ, ଉର୍ଦ୍ଦୁ ଏବଂ ବଙ୍ଗଳା ସାହିତ୍ୟ ମଧ୍ୟ ତାଙ୍କର ପ୍ରେରଣାର ପ୍ରଧାନ ଉତ୍ସ ଥିଲା । ତାଙ୍କର ରଚନାମାନଙ୍କ ମଧ୍ୟରେ 'ସତ୍ୟ ହରିଶ୍ଚନ୍ଦ୍ର' ଏକ ଉଲ୍ଲେଖଯୋଗ୍ୟ ସ୍ଥାନ ଗ୍ରହଣ କରିଥାଏ । ଏହି ଗ୍ରନ୍ଥ କ୍ଷେମେଶ୍ୱରଙ୍କ ରଚିତ ସଂସ୍କୃତ ନାଟକ "ଚନ୍ଦ୍ରକୌଶିକ"ର ହିନ୍ଦୀ ରୂପାନ୍ତର ମାତ୍ର । ଏହା ଛଡ଼ା "ମୁଦ୍ରାରାକ୍ଷସ"

'କର୍ପୂରମଞ୍ଜରୀ', "ଧନଞ୍ଜୟ ବିଜୟ" ଏବଂ "ପାଖଣ୍ଡ ବିଡମ୍ବନ" ପ୍ରଭୃତି ଅନ୍ୟ କେତୋଟି ସଂସ୍କୃତ ଗ୍ରନ୍ଥର ଅନୁବାଦ ମଧ୍ୟ ତାଙ୍କରି ଦ୍ୱାରା ପ୍ରକାଶିତ ହୋଇଥିଲା ।

ଇଂରେଜୀ ସାହିତ୍ୟର ନାଟ୍ୟ ସମ୍ରାଟ୍ ସେକ୍ସପିଅରଙ୍କ "ମର୍ଚେଣ୍ଟ ଅଫ୍ ଭେନିସ"ର ଅବଲମ୍ବନରେ ସେ ହିନ୍ଦୀରେ ଏକ ପୁସ୍ତକ ପ୍ରଣୟନ କରିଥିଲେ । ଭାରତେନ୍ଦୁଙ୍କର ମୌଳିକ ରଚନାଗୁଡ଼ିକ ମଧ୍ୟରେ ଅନ୍ଧେରନଗରୀ, ବିଷସ୍ୟ ବିଷମୌଷଧମ୍, ସତ୍ୟପ୍ରତାପ, ନୀଳ-ଦେବୀ, ଚନ୍ଦ୍ରାବଳୀ, ଭାରତ-ଦୁର୍ଦ୍ଦଶା ଏବଂ ପ୍ରେମଯୋଗିନୀ ପ୍ରଧାନ । ଏହି ରଚନାଗୁଡ଼ିକରୁ ଭାରତେନ୍ଦୁଙ୍କର ସଂସ୍କାରପ୍ରାଣତା, ମାନବଧର୍ମ, ଐତିହାସିକତା ଏବଂ କୌତୁକପ୍ରାଣତାର ପରିଚୟ ମିଳିଥାଏ । ଭାରତେନ୍ଦୁ ହିନ୍ଦୀ ନାଟକର ପିତା ଭାବରେ ସମ୍ମାନ ଲାଭ କରିଥାଆନ୍ତି । ତାଙ୍କର ନୀଳଦେବୀ ଓ ଭାରତଦୁର୍ଦ୍ଦଶା ନାଟକରେ ପ୍ରଥମେ ଜାତୀୟତା ଭାବ ପ୍ରକାଶିତ ହୋଇଥିଲା । ସଂସ୍କାରକ ଭାରତେନ୍ଦୁ ବିଧବା ବିବାହ ଏବଂ ପୌରୋହିତ୍ୟ ପ୍ରଥା ଇତ୍ୟାଦି ସାମାଜିକ କଳଙ୍କ ବିରୁଦ୍ଧରେ ଲେଖନୀ ଚାଳନା କରିଥିଲେ । ଭାରତେନ୍ଦୁ ଅସଂଖ୍ୟ ଗୀତ ଏବଂ କବିତା ରଚନା କରି ଯାଇଅଛନ୍ତି । ସେ ଥିଲେ ବାସ୍ତବିକ ଅଦ୍ଭୁତକର୍ମା । ମାତ୍ର ୩୩ ବର୍ଷ ଜୀବନଧାରଣ କରି ସେ ହିନ୍ଦୀ ସାହିତ୍ୟରେ ବିପ୍ଳବ ସୃଷ୍ଟି କରିଯାଇଅଛନ୍ତି । ପରବର୍ତ୍ତୀ ଏବଂ ସମସାମୟିକ ବହୁ କବି ଓ ଲେଖକଙ୍କୁ ସେ ପ୍ରଭାବିତ କରିଥିବା ଜଣାଯାଏ । ଭାରତେନ୍ଦୁଙ୍କ ପରେ ମହାବୀରପ୍ରସାଦ ଦ୍ୱିବେଦୀ, ମୈଥିଳୀ ଶରଣ ପ୍ରଭୃତି ହିନ୍ଦୀ ସାହିତ୍ୟରେ ନୂତନ ଭୂମିକା ସୃଷ୍ଟି କରିଥିଲେ । ୧୯୧୪-୧୮ ଖ୍ରୀଷ୍ଟାବ୍ଦର ପ୍ରଥମ ମହାଯୁଦ୍ଧ କାଳରେ ହିନ୍ଦୀ ସାହିତ୍ୟରେ ଛାୟାବାଦୀ ଯୁଗ ଆରମ୍ଭ ହୋଇଥିଲା । ଛାୟାବାଦୀ କବିଗଣ ଥିଲେ ପ୍ରଧାନତଃ ସୌନ୍ଦର୍ଯ୍ୟବାଦୀ ଓ ମାନବଧର୍ମୀ । ସେମାନେ ଥିଲେ ପ୍ରକୃତି ରସିକ ଓ ବିପ୍ଳବୀ । ତେଣୁ ଛାୟାବାଦୀ କବିତାରେ ଛନ୍ଦର ପ୍ରୟୋଗରେ ନାନା ପରୀକ୍ଷା ଦେଖାଯାଇଅଛି । ଛାୟାବାଦୀ କବି-ମାନଙ୍କ ମଧ୍ୟରେ ଜୟଶଙ୍କର ପ୍ରସାଦ, ସୁମିତ୍ରାନନ୍ଦନ ପନ୍ତ, ସୂର୍ଯ୍ୟକାନ୍ତ ତ୍ରିପାଠୀ—'ନିରାଲା', ମହାଦେବୀ ବର୍ମା ପ୍ରଭୃତି ପ୍ରଧାନ । ଜୟଶଙ୍କରଙ୍କ ରଚିତ 'କାମାୟନୀ' ଏ ଯୁଗର ମହାକାବ୍ୟ ଭାବରେ ସ୍ୱୀକୃତ । ଦ୍ୱିତୀୟ ମହାଯୁଦ୍ଧର ଆରମ୍ଭ ବେଳକୁ ଛାୟାବାଦୀ କବିମାନଙ୍କର ପ୍ରଭାବ ହ୍ରାସ

ହୋଇ ଯାଇଥିଲା ଏବଂ ସ୍ୱାଧୀନତା-ପରବର୍ତ୍ତୀ କାଳରେ ଅତ୍ୟାଧୁନିକ ହିନ୍ଦୀ କବିତାର ରାଜତ୍ୱ ଚାଲିଅଛି । ଏ ଯୁଗକୁ ପ୍ରୟୋଗବାଦୀ ଯୁଗ ବୋଲି ମଧ୍ୟ ନାମିତ କରାଯାଇଛି । ନାନା ମତ ଓ ଦର୍ଶନର ପ୍ରଭାବରେ ପ୍ରୟୋଗବାଦୀ କବି ପ୍ରଭାବିତ । ପାଶ୍ଚାତ୍ୟ ବସ୍ତୁବାଦୀ ସଭ୍ୟତା ତାହାର ପ୍ରେରଣାର ପ୍ରଧାନ ପୃଷ୍ଠଭୂମି । ବିଜ୍ଞାନ ଓ ରାଜନୀତିର କବଳରେ ଆଧୁନିକ କବିତା ଅତ୍ୟନ୍ତ ବାସ୍ତବଧର୍ମୀ ଏବଂ ପରମ୍ପରାରୁ କଥୁଡ଼ିପରିମାଣରେ ବିଚ୍ୟୁତ ହୋଇଅଛି । ଯୁଦ୍ଧର ବିଭୀଷିକା ଏହି କବିତାର ଅନ୍ତର୍ନିହିତ ସ୍ୱରକୁ ନୀରସ ଏବଂ ନିଷ୍ପ୍ରାଣ କରିଅଛି । ବୁଦ୍ଧି-ଗ୍ରାହ୍ୟ ପ୍ରକାଶଭଙ୍ଗୀ ହେତୁ ଆଧୁନିକ କବିତା ପାଠକସମାଜରେ ଅତ୍ୟନ୍ତ ଦୁର୍ବୋଧ୍ୟ ଏବଂ କ୍ଲିଷ୍ଟ ମନେ ହୋଇଥାଏ ।

ହିନ୍ଦୀ ଉପନ୍ୟାସର ଜନ୍ମ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ସମ୍ଭବ ହୋଇଥିଲା । ୧୮୮୪ ଖ୍ରୀଷ୍ଟାବ୍ଦରେ ଶ୍ରୀନିବାସ ଦାସଙ୍କ ରଚିତ 'ପରୀକ୍ଷାଗୁରୁ" ପ୍ରଥମ ମୌଳିକ ହିନ୍ଦୀ ଉପନ୍ୟାସ ଭାବରେ ସମ୍ମାନିତ ହୋଇଥାଏ । ତେବେ ଏହି ଉପନ୍ୟାସ ରଚିତ ହେବା ପୂର୍ବରୁ ଭାରତେନ୍ଦୁ ହରିଶ୍ଚନ୍ଦ୍ର ମରାଠୀ ଭାଷାରୁ "ପୂର୍ଣ୍ଣପ୍ରଭା ଔର ଚନ୍ଦ୍ରପ୍ରଭା" ଉପନ୍ୟାସ ଅନୁବାଦ କରିଥିଲେ । ଏହି କାଳରେ ଅନ୍ୟ କେତେକ ପାର୍ସି ଉପନ୍ୟାସ ମଧ୍ୟ ଅନୂଦିତ ହୋଇଥିଲା । ହିନ୍ଦୀ ସାହିତ୍ୟରେ ଅସଂଖ୍ୟ ଐତିହାସିକ ଉପନ୍ୟାସ ରଚିତ ହୋଇଅଛି । ହିନ୍ଦୀ ସାହିତ୍ୟର କଥା ସମ୍ରାଟ ପ୍ରେମଚନ୍ଦ୍ରଙ୍କର ଆବିର୍ଭାବ ପୂର୍ବରୁ ହିନ୍ଦୀ ସାହିତ୍ୟରେ ବାସ୍ତବଧର୍ମୀ ଉପନ୍ୟାସ ରଚିତ ହୋଇ ନ ଥିଲା । ସେ ଭାରତର ପଲ୍ଲୀ ପ୍ରାଣକୁ ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ ଅଧ୍ୟୟନ କରିଥିଲେ ଏବଂ ପଲ୍ଲୀ ଜୀବନ ପ୍ରବାହର ସୁଖ ଦୁଃଖ ଓ ସଂପର୍କ ସହିତ ଅତ୍ୟନ୍ତ ପରିଚିତ ଥିଲେ । ତେଣୁ ରାଜନୈତିକ ଅତ୍ୟାଚାର, ଅର୍ଥନୈତିକ ଶୋଷଣ, ସାମାଜିକ ଉତ୍ପୀଡ଼ନ, ଆଧ୍ୟାତ୍ମିକ ପ୍ରବଞ୍ଚନା, ଅନ୍ଧବିଶ୍ୱାସ, ଅଶାନ୍ତି ଓ ଦୁର୍ନୀତି ପ୍ରଭୃତି ପ୍ରେମଚନ୍ଦ୍ରଙ୍କ ଉପନ୍ୟାସରେ ଜୀବନ୍ତ ହୋଇଅଛି । ପ୍ରେମଚନ୍ଦ୍ରଙ୍କ ପରେ ଜୈନେନ୍ଦ୍ରଙ୍କର ଆବିର୍ଭାବ ହିନ୍ଦୀ ଉପନ୍ୟାସକୁ ଅଧିକ ସମୃଦ୍ଧ କରିଥିଲା । ଜୈନେନ୍ଦ୍ରଙ୍କର ସମସାମୟିକ ଜୟଶଙ୍କର ପ୍ରସାଦ ମଧ୍ୟ ଅନ୍ୟତମ ବିଶିଷ୍ଟ ଔପନ୍ୟାସିକ । ଜୟଶଙ୍କରଙ୍କ ଉପନ୍ୟାସ ସଂସ୍କାରମୂଳକ । ମାତ୍ର ଜୈନେନ୍ଦ୍ରଙ୍କ ଉପନ୍ୟାସର ମାର୍ମିକ ସ୍ୱର ହେଉଛି କାରୁଣ୍ୟଭରା ଏବଂ ବେଦନାସିକ୍ତ ।

ମନୋବୈଜ୍ଞାନିକ ଭିତ୍ତି ଉପରେ ସେ ତାଙ୍କର ଚରିତ୍ରର ବିଶ୍ଳେଷଣ କରିଅଛନ୍ତି । ରହସ୍ୟରୋମାଞ୍ଚ ଏବଂ ଯୌନବିକୃତିର ରୂପାୟନରେ ଆଧୁନିକ ହିନ୍ଦୀ ଉପନ୍ୟାସ ବହୁ ପରିମାଣରେ ଭାରାକ୍ରାନ୍ତ । ତଥାପି ଆଧୁନିକ ଯୁଗରେ ସମସ୍ୟା ପ୍ରଧାନ ଏବଂ ମନୋବୈଜ୍ଞାନିକ ବିଶ୍ଳେଷଣ ଜନିତ ବହୁ ଉପନ୍ୟାସ ରଚିତ ହେବାର ଦେଖା ଯାଇଥାଏ । ବୈଜ୍ଞାନିକ ବିଷୟ ବସ୍ତୁକୁ ଆଧାର କରି ଅନେକ ଲେଖକ ହିନ୍ଦୀରେ ଉପନ୍ୟାସ ରଚନା କରୁଅଛନ୍ତି । ଉପନ୍ୟାସ କ୍ଷେତ୍ରରେ ହିନ୍ଦୀ ସାହିତ୍ୟ ଯେପରି ଅଗ୍ରସର, ନାଟକ କ୍ଷେତ୍ରରେ ସେପରି ଅଗ୍ରଗତି କରିପାରି ନାହିଁ । ଉପଯୁକ୍ତ ରଙ୍ଗମଞ୍ଚର ଅଭାବରେ ହିନ୍ଦୀଭାଷୀ ଅଞ୍ଚଳରେ ମଞ୍ଚୋପଯୋଗୀ ନାଟକର ଅଭାବ ଦେଖାଯାଏ । ସେଥିପାଇଁ ଯେଉଁମାନେ ନାଟକ ରଚନା କରିଅଛନ୍ତି, ତାହା ସାହିତ୍ୟିକ ଏବଂ କେବଳ ପାଠ୍ୟ ହୋଇଯିବା ସ୍ୱାଭାବିକ ।

ଭାରତୀୟ ସମ୍ବିଧାନରେ ହିନ୍ଦୀକୁ ରାଷ୍ଟ୍ରଭାଷା ଭାବରେ ଗ୍ରହଣ କରିବାପାଇଁ ପ୍ରସ୍ତାବ ଥିବାରୁ ହିନ୍ଦୀ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଯଥେଷ୍ଟ ଉଦ୍ୟମ ଲକ୍ଷ୍ୟ କରାଯାଏ । ପାଶ୍ଚାତ୍ୟ ସାହିତ୍ୟଠାରୁ ଆରମ୍ଭ କରି ଭାରତର ବିଭିନ୍ନ ପ୍ରାନ୍ତୀୟ ସାହିତ୍ୟରେ ଯାହା କିଛି ମୂଲ୍ୟବାନ ଗ୍ରନ୍ଥ ଅଛି, ସେ ସବୁର ହିନ୍ଦୀ ଅନୁବାଦ ପାଇଁ ପ୍ରବଳ ଉଦ୍ୟମ ଚାଲିଅଛି । ବୈଜ୍ଞାନିକ ପରିଭାଷା ମାଧ୍ୟମରେ ବିଭିନ୍ନ ଟାକ୍ନିକ ସାହିତ୍ୟର ଅନୁଶୀଳନ ଏବଂ ଅନୁବାଦ ପାଇଁ ମଧ୍ୟ ଆନ୍ତରିକ ଉଦ୍ୟମ ହେଉଅଛି । ଅତ୍ୟାଧୁନିକ ହିନ୍ଦୀ ସାହିତ୍ୟର ବିକାଶରେ ଅସଂଖ୍ୟ ପତ୍ରପତ୍ରିକା ପ୍ରଧାନ ଅଂଶ ଗ୍ରହଣ କରିଅଛନ୍ତି । ସରକାରୀ ପୃଷ୍ଠପୋଷକତା ବଳରେ ହିନ୍ଦୀ ସାହିତ୍ୟରେ ଅବିଳମ୍ବେ ଅଭିବୃଦ୍ଧିର ପ୍ରଗତି ଆଶା କରିବା ସ୍ୱାଭାବିକ ।

# ଉର୍ଦ୍ଦୁ ସାହିତ୍ୟ

ଏକାଦଶ ଶତାବ୍ଦୀରେ ଭାରତର ପଶ୍ଚିମାଞ୍ଚଳ ଗିରିସଙ୍କଟ ପାର ହୋଇ ବହୁ ବିଦେଶୀ ଏ ଦେଶରେ ଅନେକକାଳ ପର୍ଯ୍ୟନ୍ତ ସାମରିକ ଅଭିଯାନ ଚଳାଇଥିଲେ । ସେମାନଙ୍କ ମଧ୍ୟରେ ପାରସ୍ୟ-ଦେଶବାସୀ ମୁସଲମାନବାହିନୀ ଥିଲେ ଅନ୍ୟତମ । ପାର୍ସିଭାଷାଭାଷୀ ଏହି ମୁସଲମାନ-ବାହିନୀ ଭାରତର ଉତ୍ତରପଶ୍ଚିମ ଅଞ୍ଚଳରେ ଶିବିର ସ୍ଥାପନ କରି ଯୁଦ୍ଧ ପରିଚାଳନା କରୁଥିଲାବେଳେ ସ୍ଥାନୀୟ ଲୋକଙ୍କ ସହିତ ମିଳିତ ହୋଇ ଯେଉଁ କଥାବାର୍ତ୍ତା ପ୍ରଚଳନ କଲେ, ତାହା ଏକ ଅଦ୍ଭୁତ ରୂପ ଗ୍ରହଣ କଲା । ଏହି ଅଞ୍ଚଳରେ ସେନାବାହିନୀର ବ୍ୟବହୃତ ଭାଷା ହେଲା ଉର୍ଦ୍ଦୁ । 'ଉର୍ଦ୍ଦୁ' ଭାଷା ଏହିପରି ସାମରିକବାହିନୀର ଶିବିର ମଧ୍ୟରୁ ଜନ୍ମଗ୍ରହଣ କରିଥିଲା ଏବଂ ତୁର୍କୀ ଭାଷାରେ "ଉର୍ଦ୍ଦୁ" ଶବ୍ଦର ଅର୍ଥ ହେଲା 'ଶିବିର' ଅଥବା "ସେନାବାହିନୀ" ।

ତ୍ରୟୋଦଶ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଉର୍ଦ୍ଦୁଭାଷାରେ କେବଳ କେତେକ ଇସଲାମ ଧର୍ମଗ୍ରନ୍ଥ ଏବଂ ଏହି ଧର୍ମ ସମ୍ପର୍କୀୟ ଆଧ୍ୟାତ୍ମିକ ସଙ୍ଗୀତ ରଚନା କରାଯାଇଥିଲା । ତ୍ରୟୋଦଶ ଶତାବ୍ଦୀରେ ଦିଲ୍ଲୀର ବାଦଶାହଙ୍କ ସେନାବାହିନୀ ଯେତେବେଳେ ଦାକ୍ଷିଣାତ୍ୟ ବିରୁଦ୍ଧରେ ବାରମ୍ବାର ଅଭିଯାନ ଆରମ୍ଭ କଲେ ସେହି ଅବସରରେ ଦାକ୍ଷିଣାତ୍ୟରେ ମଧ୍ୟ ଉର୍ଦ୍ଦୁ ଭାଷାର ପ୍ରଚାର ହେବା ସମ୍ଭବ ହୋଇଥିଲା ।

ପରବର୍ତ୍ତୀ କାଳରେ ସେହି ଦାକ୍ଷିଣାତ୍ୟରେହିଁ ଉର୍ଦ୍ଦୁ ଭାଷା ପ୍ରଥମେ କଥିତ ଭାଷାରୁ ଲମ୍ଫ ପ୍ରଦାନ କରି ଏକ ସାହିତ୍ୟିକ ଭାଷା ଭାବରେ ପ୍ରତିଷ୍ଠା ଅର୍ଜନ କଲା ।

ଉର୍ଦ୍ଦୁ ଭାଷା କେବେ ସାହିତ୍ୟିକ ରୂପ ଗ୍ରହଣ କଲା, ଏ ବିଷୟରେ ଇତିହାସ ନୀରବ କହିଲେ ଚଳେ । ତେବେ ଅନେକ ଆଲୋଚକଙ୍କ

ମତରେ ଷୋଡ଼ଶ ଖ୍ରୀଷ୍ଟାବ୍ଦରେ ଉର୍ଦ୍ଦୁ ସାହିତ୍ୟର ପ୍ରକୃତ ମୂଲ୍ୟାଙ୍କନ କରାଯାଇଥିଲା । ଏହି ସାହିତ୍ୟର କ୍ରମଶଃ ଅଗ୍ରଗତି ହୋଇ ଅଷ୍ଟାଦଶ ଶତାବ୍ଦୀ ବେଳକୁ ଉର୍ଦ୍ଦୁ ସାହିତ୍ୟରେ ସୁବର୍ଣ୍ଣଯୁଗର ଅଭ୍ୟୁଦୟ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିଖ୍ୟାତ ପାର୍ସି କବି ଅମୀର ଖୁସ୍ରୁ (୧୨୫୫-୧୩୨୫)ଙ୍କୁ ଉର୍ଦ୍ଦୁ-ସାହିତ୍ୟର ଆଦିକବି ଭାବରେ ସମ୍ମାନ କରାଯାଇଥାଏ । ସେ ତାଙ୍କର ଗଜଲଗୁଡ଼ିକ ହିନ୍ଦୁସ୍ଥାନୀ ଏବଂ ପାର୍ସି ମିଶ୍ରିତ ଭାଷାରେ ରଚନା କରିଥିଲେ । କାଳକ୍ରମେ ଏହି ମିଶ୍ରିତ ରଚନାକୁ 'ରେଖତା' କୁହାଗଲା । ଆଧୁନିକ ଜଗତରେ ଉର୍ଦ୍ଦୁ ନାମରେ ପରିଚିତ ଭାଷା ମଧ୍ୟ ପ୍ରଥମ କାଳରେ 'ରେଖତା' ନାମରେ ଚିହ୍ନିତ ହୋଇଥିଲା ।

ଉର୍ଦ୍ଦୁ ସାହିତ୍ୟର ବିକାଶରେ ତିନୋଟି ସ୍ଥାନକୁ ନିର୍ଦ୍ଦେଶ କରାଯାଏ । ଯଥା (୧) ଦାକ୍ଷିଣାତ୍ୟ କାଳ (୨) ଦିଲ୍ଲୀ କାଳ (୩) ଆଧୁନିକ ଯୁଗ ବା କଲିକତା—କାଳ ।

ଦାକ୍ଷିଣାତ୍ୟରେ ଉର୍ଦ୍ଦୁ ସାହିତ୍ୟର ପ୍ରଥମ ବିକାଶ ସମ୍ଭବ ହୋଇଥିଲା । ଇସ୍‌ଲାମ ଧର୍ମ ପ୍ରଚାରରେ ଏବଂ ମୁସଲମାନ ସଂପ୍ରଦାୟର ସାଧୁସନ୍ଥଗଣ ଏହି ଭାଷାର ଉନ୍ନତିକଳ୍ପେ ପ୍ରଥମେ ଧ୍ୟାନ ଦେଇଥିଲେ । ୧୪୬୨ ଖ୍ରୀଷ୍ଟାବ୍ଦରେ ସୟଦ୍ ମହମ୍ମଦ ଏହି ଭାଷାରେ ଅସଂଖ୍ୟ ପୁସ୍ତିକା ପ୍ରଣୟନ କରିଥିଲେ । ତାଙ୍କ ନାମରେ ୧୦୧ଟି ପୁସ୍ତକ ପ୍ରଚଳିତ ଥିଲା ବୋଲି ଐତିହାସିକମାନେ ମନେ କରନ୍ତି ଏବଂ ସେଥିରୁ ବର୍ତ୍ତମାନ ମଧ୍ୟ କେତେଗୋଟି ପୁସ୍ତକର ସନ୍ଧାନ ମିଳୁଅଛି । ଅନେକ ସୁଫୀ ସଂପ୍ରଦାୟ ସନ୍ଥ ମଧ୍ୟ ଉର୍ଦ୍ଦୁ ଭାଷାରେ ଗ୍ରନ୍ଥ ପ୍ରଣୟନ କରିଥିଲେ । ସେମାନଙ୍କ ମଧ୍ୟରେ ସାହାମିରାନଜୀ (୧୪୯୬), ସାହାବୁରାନ୍ ଜାନମ୍ (୧୫୮୨) ଏବଂ ଅମିଦୁନଲ୍ଲା (୧୬୭୫) ଉଲ୍ଲେଖଯୋଗ୍ୟ । ଗୁଜରାଟର ସାହା ଅଲ୍ଲୀ ମହମ୍ମଦ (୧୫୬୫) ଶେଖ ଖୁବ୍ ମହମ୍ମଦ (୧୫୭୮) ଏବଂ ଅମୀନ୍ (୧୬୯୭) ଯଥାକ୍ରମେ ଜହରୁଲଅସ୍ରାର, ଖୁବତରଙ୍ଗ ଏବଂ ୟୁସୁଫ୍ ଏବଂ ଜୁଲେଖା" ପୁସ୍ତକ ପ୍ରଣୟନ କରି ଯଶସ୍ୱୀ ହୋଇଥିଲେ ।

ଦାକ୍ଷିଣାତ୍ୟରେ ଗୋଲକୁଣ୍ଡା ଏବଂ ବିଜାପୁର ଠାରେ ଦୁଇଟି ମୁସଲମାନ ରାଜବଂଶ ପ୍ରତିଷ୍ଠିତ ହେଲା । ସେମାନଙ୍କ ରାଜତ୍ୱକାଳରେ

ଉର୍ଦ୍ଦୁସାହିତ୍ୟର ଯଥେଷ୍ଟ ସମୃଦ୍ଧି ଏବଂ ଅଭ୍ୟୁଦୟ ସମ୍ଭବ ହୋଇଥିଲା । ଗୁଜରାଟରେ ସୁଜାଉଦ୍ଦିନ ନୁର ପ୍ରାଚୀନ ଉର୍ଦ୍ଦୁକବିମାନଙ୍କ ମଧ୍ୟରେ ଅନ୍ୟତମ । ଅମୀର ଖୁସ୍ରୁଙ୍କ ପରେ ଉର୍ଦ୍ଦୁସାହିତ୍ୟର ଇତିହାସରେ ବୋଧହୁଏ ସୁଜାଉଦ୍ଦିନ ପ୍ରଥମେ ସ୍ମରଣ ହୁଅନ୍ତି । ତାଙ୍କର ଅନେକଗୁଡ଼ିଏ ଗଜଲ ଥିବା ଜଣାଯାଏ । ଗୋଲକୁଣ୍ଡାର ଶାସକ 'କୁଲିକୁତବ ସାହା' ୧୬୧୧ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ବରଣ କଲେ । ସେ ଏହି ରାଜବଂଶର ଚତୁର୍ଥ ନରପତି ଥିଲେ ଏବଂ ତାଙ୍କରି ରାଜତ୍ୱକାଳରେ ହାଇଦ୍ରାବାଦ ନଗର ପ୍ରତିଷ୍ଠା କରାଯାଇଥିଲା । ଉର୍ଦ୍ଦୁସାହିତ୍ୟର ବିକାଶ ପାଇଁ ସେ ଯଥେଷ୍ଟ ପୃଷ୍ଠପୋଷକତା ପ୍ରଦର୍ଶନ କରିଥିଲେ । ସେ 'କୁଲିୟାତ୍' ନାମରେ ଏକ ଗ୍ରନ୍ଥ ଉର୍ଦ୍ଦୁରେ ପ୍ରଣୟନ କରିଥିଲେ । ଏଥିରେ ସମକାଳୀନ ସାଧାରଣ ଜୀବନର ବାସ୍ତବ ରୂପ ସୂଚନ କରାଯାଇଅଛି । ତାଙ୍କର ପରବର୍ତ୍ତୀ ଦୁଇ ଜଣ ଶାସକ ମଧ୍ୟ ଉର୍ଦ୍ଦୁଭାଷାରେ ଗ୍ରନ୍ଥ ପ୍ରଣୟନ କରିଥିଲେ । ସୁଲତାନ କୁଲିକୁତବ ସାହାଙ୍କ ସଭାକବି ମୁଲ୍ଲା ୱ୍ୟାଜି ଜଣେ ପ୍ରସିଦ୍ଧ ଉର୍ଦ୍ଦୁ କବି ଥିଲେ । ତାଙ୍କ ରଚିତ "କୁତବମୁଶାତରୀ" ଏକ ପ୍ରଣୟ-କାହାଣୀ-ସମ୍ବଳିତ ପଦ୍ୟ ରଚନା । ମୁଲ୍ଲା ୱ୍ୟାଜି ଉର୍ଦ୍ଦୁଭାଷାର ଏହି ପ୍ରାଥମିକ କାଳରେ 'ସବ୍‌ରସ' ଶୀର୍ଷକ ଏକ ଗଦ୍ୟ ଗ୍ରନ୍ଥ ମଧ୍ୟ ପ୍ରଣୟନ କରିଥିଲେ । ଏହାର କଥାବସ୍ତୁ ପାର୍ସି ସାହିତ୍ୟରୁ ଗୃହୀତ ହୋଇଥିଲା । ପୁନଶ୍ଚ ଅବ୍‌ଦୁଲ କୁତବସାହାଙ୍କ ରାଜତ୍ୱ-କାଳରେ 'ଘ୍ୟାସି' ଦୁଇଟି ଗ୍ରନ୍ଥ ରଚନା କରିଥିଲେ । ତୁତିନାମା ବା ଶୁକର କାହାଣୀ ତାଙ୍କର ପ୍ରଧାନ ଗ୍ରନ୍ଥ ଭାବରେ ପରିଗଣିତ ହୁଏ । ଏହି ଗ୍ରନ୍ଥ ପାର୍ସିରୁ ଅନୂଦିତ ହେଲେ ହେଁ ମୂଳତଃ ସେହି କଥାବସ୍ତୁ ସଂସ୍କୃତରୁ ଗ୍ରହଣ କରା-ଯାଇଥିଲା । ତେବେ ଏ ଯୁଗର ପ୍ରଧାନ କବି ଭାବରେ ଇବନନଶାତି ଅତ୍ୟନ୍ତ ସମ୍ମାନିତ । ତାଙ୍କ ଲିଖିତ ଫୁଲବନ (୧୬୫୫) ଏକ ପାର୍ସି ପ୍ରଣୟକାହାଣୀ ଅବଲମ୍ବନରେ ଲିଖିତ ହୋଇଥିଲା । ଏ ଗ୍ରନ୍ଥର ସରଳ ସାବଲୀଳ ଭାଷା ଏବଂ ଉଚ୍ଛ୍ୱାସପୂର୍ଣ୍ଣ ଶୈଳୀ ପାଠକ-ସଂସାରରେ ଅତ୍ୟନ୍ତ ଆକର୍ଷଣୀୟ ।

କୁତବସାହି ରାଜତ୍ୱକାଳରେ ଗୋଲକୁଣ୍ଡାରେ 'ତାହି' ନାମରେ ଜଣେ ବିଖ୍ୟାତ ଉର୍ଦ୍ଦୁ କବି ଥିଲେ । ସେ ୧୬୭୦ ଖ୍ରୀଷ୍ଟାବ୍ଦରେ 'କସାଇବାହାରମ-ୱ୍ୟା-ଗୁଲ୍-ଆନ୍ଦାମ୍' ପ୍ରଣୟନ କରିଥିଲେ । ଏହି କଥାବସ୍ତୁ ଅବଲମ୍ବନରେ ପୂର୍ବରୁ ଦୁଇଟି ଗ୍ରନ୍ଥ ରଚିତ ହୋଇଥିଲେ ହେଁ 'ତାହି'ଙ୍କର କବିତା ଅଧିକ ମୌଳିକ ଏବଂ ମନୋଜ୍ଞ ମନେ ହୋଇଥାଏ ।

ଗୋଲକୁଣ୍ଡା ପରି ବିଜାପୁରରେ ଉର୍ଦ୍ଦୁ ସାହିତ୍ୟର ବିକାଶ ମଧ୍ୟ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ । ସେଠାରେ ରାଜା ଇବ୍ରାହିମ୍ ଆଦିଲସାହାଙ୍କ ରାଜତ୍ୱକାଳରେ କଳା ଓ ସାହିତ୍ୟର ଉନ୍ନତି ପାଇଁ ଯଥେଷ୍ଟ ଧ୍ୟାନ ଦିଆଯାଇଥିଲା । ଇବ୍ରାହିମ୍ ଆଦିଲସାହା "ନୌରସ-ନାମା-ଜହୁର" ଶୀର୍ଷକ ଏକ ବିଖ୍ୟାତ ସଙ୍ଗୀତ ପୁସ୍ତକ ରଚନା କରିଥିଲେ । ରାଜା ଇବ୍ରାହିମ୍ ଜଣେ ବିଖ୍ୟାତ ସଙ୍ଗୀତଜ୍ଞ ଥିଲେ ଏବଂ ତାଙ୍କ ରାଜସଭା ବହୁ କବି, ପଣ୍ଡିତ ତଥା ସଙ୍ଗୀତଜ୍ଞମାନଙ୍କ ଦ୍ୱାରା ମଣ୍ଡିତ ହୋଇଥିଲା । ତାଙ୍କ ରାଜତ୍ୱକାଳରେ ବହୁ କବି ପୃଷ୍ଠପୋଷକତା ଲାଭ କରି ଉର୍ଦ୍ଦୁ ଭାଷାରେ କାବ୍ୟ-କବିତା ରଚନା କରିଥିଲେ । ସେମାନଙ୍କ ମଧ୍ୟରେ ରାଜକବି ହାସାନ୍ ସାକ ଅତ୍ୟନ୍ତ ବିଖ୍ୟାତ ଥିଲେ । ସେ 'ଫତ-ନାମାଇ-ନଜାମ, କାବ୍ୟ ରଚନା କରିଥିଲେ । ଉର୍ଦ୍ଦୁ ସାହିତ୍ୟର ପ୍ରଥମ ପୁରାଣ ଭାବରେ "ଖାଓ୍ୟାର-ନାମା" (୧୬୪୯) କୁ ଗ୍ରହଣ କରାଯାଏ । ଅଲ୍ଲୀଙ୍କର ଜୀବନୀ ଅବଲମ୍ବନରେ ରୁସ୍ତୁମି ଏହି ପୁରାଣ ରଚନା କରିଥିଲେ । ରୁସ୍ତୁମି ଗଦ୍ୟ ଲେଖକ ଭାବରେ ମଧ୍ୟ ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି । ମହମ୍ମଦ ଅଜଲ ସାହାଙ୍କ ସଭାକବି ମାଲିକ୍ ଖସନୁଜ ବାହାରମ୍ ଏବଂ "ୟୁସୁଫ ଏବଂ ଜଲେଖା" ନାମରେ ଦୁଇଟି ପ୍ରଣୟ ପ୍ରଧାନ ଗ୍ରନ୍ଥ ରଚନା କରିଥିଲେ । ଆଦିଲସାହାଙ୍କ ରାଜତ୍ୱକାଳରେ ସର୍ବଶ୍ରେଷ୍ଠ କବିଭାବରେ 'ନୁସରତି' (୧୬୧୭) ସମ୍ମାନିତ ହୋଇଥିଲେ । ତାଙ୍କର ରଚନା ମଧ୍ୟରେ ଗୁଲସ ନ-ଇ-ଇସାକ୍ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଏହି ଗ୍ରନ୍ଥର କଥାବସ୍ତୁ ସମ୍ପୂର୍ଣ୍ଣଭାବରେ ଭାରତୀୟ ବାତାବରଣରୁ ଗ୍ରହଣ କରାଯାଇଥିବାରୁ ପ୍ରାଚୀନ ଉର୍ଦ୍ଦୁ ସାହିତ୍ୟରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ଅଛି । "ମନୋହର ମଧୁ-ମାଳତୀ" ଶୀର୍ଷକ ପ୍ରେମ ଉପାଖ୍ୟାନ ଏହି ଗ୍ରନ୍ଥର ପ୍ରଧାନ ଉପଜୀବ୍ୟ କଥାବସ୍ତୁ । ତାଙ୍କର ଅନ୍ୟ ଏକ ପୁସ୍ତକ "ଆଲିନାମା"ରେ ସେ ସମକାଳୀନ ସାମାଜିକ ଅବସ୍ଥା ଏବଂ ତାଙ୍କର ରାଜାଙ୍କର ପ୍ରଶସ୍ତି ବର୍ଣ୍ଣନା କରିଅଛନ୍ତି ।

ତାଙ୍କ ରଚିତ 'ଗୁଲ୍ ଦସ୍ତା-ଇ-ଇସାକ' ଏକ ଗୀତିକାବ୍ୟ । ତାଙ୍କର କବିତାର ଭାଷା ଏବଂ କଳ୍ପନାବିଳାସ ଅତ୍ୟନ୍ତ ହୃଦୟସ୍ପର୍ଶୀ ମନେ ହୋଇଥାଏ ।

ଏମାନଙ୍କ ବ୍ୟତୀତ ବିଜାପୁର ରାଜତ୍ୱକାଳରେ ବହୁ ପ୍ରସିଦ୍ଧ କବି ଓ ଲେଖକ ଉର୍ଦ୍ଦୁ ସାହିତ୍ୟ-ଭଣ୍ଡାରକୁ ସମୃଦ୍ଧ କରିଯାଇଅଛନ୍ତି ।

ସେମାନଙ୍କ ମଧ୍ୟରେ ଆସୁଫି, ସମୂଦ୍ ବୁଲକ, ସାହାଅମିଜନ୍ଲ, ଅବଦୁଲ୍ ମମିନ୍, ସାହା ମହମ୍ମଦ କାଦର, ଅତସି, ଅମିନ ପ୍ରଭୃତି ପ୍ରଣିଧାନଯୋଗ୍ୟ ।

ଆଉରଙ୍ଗଜେବଙ୍କ ଦାକ୍ଷିଣାତ୍ୟ ଅବସ୍ଥାନ କାଳରେ ଆଉରଙ୍ଗାବାଦରେ ମଧ୍ୟ ଉର୍ଦ୍ଦୁ-ସାହିତ୍ୟର ବହୁ ବିଖ୍ୟାତ କବିଙ୍କର ଅଭ୍ୟୁଦୟ ହୋଇଥିଲା । ବିଶେଷତଃ 'ମହମ୍ମଦ ଅଲ୍ଲୀ' 'କସିଇ-ଫିରୋଜସାହା' ନାମରେ ଏକ କାଳ୍ପନିକ ପ୍ରଣୟପ୍ରଧାନ କାବ୍ୟ ରଚନା କରିଥିଲେ । ତାଙ୍କ ରଚନା ଉର୍ଦ୍ଦୁ ଭାଷାକୁ ଷ୍ଟାଣ୍ଡାର୍ଡ ଉର୍ଦ୍ଦୁ ଭାବରେ ବହୁକାଳ ପର୍ଯ୍ୟନ୍ତ ଗ୍ରହଣ କରାଯାଇଥିଲା । ସେ 'ଓ୍ୱାଜାଲା କାଦିର' 'ମାରଫାତ୍-ଇ-ସୁଲକ' ନାମକ ଏକ ବିଖ୍ୟାତ ପାର୍ସିଗ୍ରନ୍ଥର ଅନୁବାଦ କରିଥିଲେ । ଏହି ସମୟରେ ସ୍ଥାନୀୟ ବହୁ କବି ପାର୍ସି ସାହିତ୍ୟରୁ ଉର୍ଦ୍ଦୁ ଭାଷାରେ ଅନେକ ଗ୍ରନ୍ଥ ଅନୁବାଦ କରିଥିଲେ ।

ଦାକ୍ଷିଣାତ୍ୟରେ ଉର୍ଦ୍ଦୁ ସାହିତ୍ୟିକମାନଙ୍କ ମଧ୍ୟରେ ସାମସୁଦ୍ଦିନ ଓ୍ୱାଲିଓ୍ୱାଲି ଏକ ଗୌରବମୟ ସ୍ଥାନ ଅଧିକାର କରନ୍ତି । ଉର୍ଦ୍ଦୁ ସାହିତ୍ୟର ଇତିହାସରେ ସେ ଜଣେ ପ୍ରସିଦ୍ଧ ଲେଖକ ଭାବରେ ସୁପରିଚିତ ।

ଓ୍ୱାଲି ଜଣେ ଶକ୍ତିଶାଳୀ ଲେଖକ ଥିଲେ ଏବଂ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଯଶସ୍ୱୀ ହୋଇଥିଲେ । ଓ୍ୱାଲିଙ୍କ ପରେ ବହୁ ତରୁଣ କବି ଲେଖନୀ ଧାରଣ କରିଥିଲେ ହେଁ ତାଙ୍କର ଶିଷ୍ୟ ସିରାଜୁଦ୍ଦିନ ସିରାଜ ଓ୍ୱାଲିଙ୍କର ଉପଯୁକ୍ତ ସାହିତ୍ୟିକ ଉତ୍ତରାଧିକାରୀ ଥିଲେ । ସେ 'ଦିଓ୍ୱାନ', କୁଲିୟାତ୍' ଏବଂ "ବୁସ୍ତନ-ଇ-ଖିୟାଲ" ଗ୍ରନ୍ଥ ଲେଖିଯାଇଅଛନ୍ତି ।

ପ୍ରାୟ ୧୭୦୭ ଖ୍ରୀଷ୍ଟାବ୍ଦ ବେଳକୁ ଦାକ୍ଷିଣାତ୍ୟର ବିଖ୍ୟାତ ଉର୍ଦ୍ଦୁ କବି ଓ୍ୱାଲି ଦିଲ୍ଲୀରେ ପଦାର୍ପଣ କଲେ । ତାଙ୍କ ରଚିତ 'ଗଜଲ୍' କବିତା ଦିଲ୍ଲୀର ଜନସାଧାରଣଙ୍କୁ ପ୍ରବଳଭାବରେ ଅନୁପ୍ରାଣିତ କଲା । ସେ ପର୍ଯ୍ୟନ୍ତ ଦିଲ୍ଲୀର ରାଜସଭାରେ କେବଳ ପାର୍ସି ଭାଷାର କବିମାନେ ସ୍ଥାନଲାଭ କରୁଥିଲେ ଏବଂ ପାର୍ସି ସଙ୍ଗୀତ ହିଁ ଆଦୃତ ହେଉଥିଲା । ମାତ୍ର ଓ୍ୱାଲିଙ୍କ ଆବିର୍ଭାବ ଫଳରେ ପାର୍ସି ଭାଷା ଓ ସାହିତ୍ୟର ଏହି ଏକଚ୍ଛତ୍ରିଆ

ପ୍ରଭାବ ଦୂରୀଭୂତ ହୋଇ ଉର୍ଦ୍ଦୁ ଏକ ସମ୍ମାନିତ ଆସନ ଦାବୀ କରି ପାରିଲା। କ୍ରମେ ଉର୍ଦ୍ଦୁ ମଧ୍ୟ ଦିଲ୍ଲୀ-ଦରବାରର ପୃଷ୍ଠପୋଷକତା ଲାଭ କରିବାପାଇଁ ସକ୍ଷମ ହୋଇଥିଲା।

ଫଳରେ ଉର୍ଦ୍ଦୁ ସାହିତ୍ୟରେ ଦାକ୍ଷିଣାତ୍ୟ-ଯୁଗର ଅବସାନ ହୋଇ ଉତ୍ତର-ଭାରତ ଯୁଗର ଅଭ୍ୟୁଦୟ ହେଲା। ଦିଲ୍ଲୀକୁ କେନ୍ଦ୍ର କରି ବିହ୍ୱଦନ ପର୍ଯ୍ୟନ୍ତ ଉର୍ଦ୍ଦୁ ସାହିତ୍ୟ ବିକାଶପ୍ରାପ୍ତ ହେବାପାଇଁ ସୁଯୋଗ ଲାଭ କରିଥିଲା। ୱ୍ୟାଲିଙ୍କ ଦିଲ୍ଲୀ ଅବସ୍ଥାନ ପରେ ଦାକ୍ଷିଣାତ୍ୟର ବିଖ୍ୟାତ ଉର୍ଦ୍ଦୁ କବି 'ଫିରାକ', 'ଫାକିର' ଏବଂ 'ଆଜାଦ୍' ଉତ୍ତର-ଭାରତକୁ ପଳାଇ ଆସିଲେ। ଏହି କାଳରେ ଉର୍ଦ୍ଦୁ କବିତାର ଶୈଳୀ ଅତ୍ୟନ୍ତ ସରଳ ହେଲା ଏବଂ ଉର୍ଦ୍ଦୁ ସାହିତ୍ୟରେ ସୁଫୀ ମତବାଦର ପ୍ରଭାବ ମଧ୍ୟ ସ୍ୱୀକୃତ ହେଲା। ଜହୁରୁଦ୍ଦିନ ହାତିମ (୧୬୯୯-୧୭୮୧) ୱ୍ୟାଲିଙ୍କୁ ଅନୁସରଣ କରି କବିତା ରଚନା କରିଥିଲେ। ମିର୍ଜା-ଜାନଇ-ଜାଜାନ ମଜହର ଉର୍ଦ୍ଦୁ ସାହିତ୍ୟର ଜଣେ ବିଖ୍ୟାତ କବି। ତାଙ୍କ ରଚିତ 'ଆବ ଇ-ହୟାତ୍' ବିଶେଷ ଲୋକପ୍ରିୟ ଏବଂ ସମ୍ମାନିତ ଗ୍ରନ୍ଥ। ଆଲୋଚକଗଣ ତାଙ୍କୁ ଉର୍ଦ୍ଦୁ-ସାହିତ୍ୟର ଏକ ବଳିଷ୍ଠ ସ୍ତମ୍ଭ ଭାବରେ ସମ୍ମାନିତ କରିଥାନ୍ତି।

ଜହୁରୁଦ୍ଦିନଙ୍କ ବନ୍ଧୁ ନାଜ, ମଜନୁନ୍ ଏବଂ ଆବ୍ରୁ ଯଥେଷ୍ଟ ଖ୍ୟାତ ହୋଇଥିଲେ। ଉର୍ଦ୍ଦୁ କବିତାର ଅନ୍ୟତମ ପ୍ରଖ୍ୟାତ ସ୍ରଷ୍ଟା ଖାନ୍-ଅରଜୁ ଉତ୍ତର ଭାରତରେ ଖୁବ୍ ପ୍ରସିଦ୍ଧ ହୋଇଥିଲେ। ୧୭୩୯ ଖ୍ରୀଷ୍ଟାବ୍ଦରେ ନାଦରସାହା ଦିଲ୍ଲୀ ଆକ୍ରମଣ କରି ଧ୍ୱଂସ କରିବାରୁ ଖାନ୍-ଅରଜୁ ଦିଲ୍ଲୀରୁ ଯାଇଁ ଲକ୍ଷ୍ନୌରେ ଆଶ୍ରୟ ଗ୍ରହଣ କଲେ। ଦିଲ୍ଲୀର ପ୍ରସିଦ୍ଧ କବିଭାବରେ 'ସୌଦା' ଏବଂ 'ମୀରତକି' ମଧ୍ୟ ଖୁବ୍ ଲୋକପ୍ରିୟତା ଅର୍ଜ୍ଜନ କରିଥିଲେ। ପରବର୍ତ୍ତୀ କାଳରେ ସେମାନେ ଦିଲ୍ଲୀରୁ' ଯାଇଁ ଲକ୍ଷ୍ନୌରେ ଆଶ୍ରୟ ଗ୍ରହଣ କରିଥିଲେ। ଦିଲ୍ଲୀର ପ୍ରାଧାନ୍ୟ ହ୍ରାସ ହୋଇଯିବାରୁ କିଛିକାଳ ପାଇଁ ଉର୍ଦ୍ଦୁ ସାହିତ୍ୟର ବିକାଶ ଦିଗରେ ଲକ୍ଷ୍ନୌ ପ୍ରଧାନ ଭୂମିକା ଗ୍ରହଣ କରିଥିଲା। 'ଅରଜୁ,' 'ସୌଦା' ଏବଂ 'ମୀର' ସେହି ଲକ୍ଷ୍ନୌଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଲକ୍ଷ୍ନୌଠାରେ ମୀରହାସାନ, ମୀରସୋଜ, କଲନ୍ଦର-ବକ୍ସ-ଜୁରାତ ପ୍ରଭୃତି କେତେକ ପ୍ରସିଦ୍ଧ କବିଙ୍କର ଅଭ୍ୟୁଦୟ ହୋଇଥିଲା। ମହମ୍ମଦ ରଫି ସୌଜ (୧୭୧୩-୮୦) ବ୍ୟଙ୍ଗଧର୍ମୀ ରଚନା ଲେଖିବାରେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ।

୧୮୫୭ ଖ୍ରୀଷ୍ଟାବ୍ଦରେ ଲକ୍ଷ୍ନୌର ଶେଷ ରାଜା ଓ୍ୟାଜିଦ୍ ଆଲି ସିଂହାସନରୁ ବିତାଡ଼ିତ ହେଲେ । ତାଙ୍କ ଶାସନକାଳ ପର୍ଯ୍ୟନ୍ତ ଲକ୍ଷ୍ନୌର ଲେଖକଗଣ ଉର୍ଦ୍ଦୁ ସାହିତ୍ୟର ସମୃଦ୍ଧି କଳ୍ପେ ଯଥେଷ୍ଟ ଅଂଶ ଗ୍ରହଣ କରିଥିଲେ । ନିଜେ ଓ୍ୟାଜିଦ ଆଲି କବି ଏବଂ ପୃଷ୍ଠପୋଷକ ଥିଲେ । ଦିଲ୍ଲୀ ମୋଗଲ-ରାଜବଂଶର କେତେ ଜଣ ଶେଷ ରାଜା କବି ଥିବାର ଜଣାଯାଏ । ସାହାଆଲମ ଦ୍ୱିତୀୟ (୧୭୭୧-୧୮୦୬) 'ଅଫତାବ୍' ଛଦ୍ମ ନାଁରେ ଲେଖିଥିଲେ; ଦିଲ୍ଲୀର ଶେଷ ନରପତି ବାହାଦୁର ସାହା ଦ୍ୱିତୀୟ (୧୮୬୨) 'ଜାଫର' ଛଦ୍ମ ନାମରେ ସାହିତ୍ୟସାଧନା କରିଥିବାର ପ୍ରମାଣ ମିଳେ । ଶେଷ ମୋଗଲ-ରାଜବଂଶର ସଭାକବି ମିର୍ଜା ଅଶଦ୍ଦୁଲ୍ଲା ଖାଁ ଆଧୁନିକ ଦିଲ୍ଲୀ କବିମାନଙ୍କ ମଧ୍ୟରେ ଅତ୍ୟନ୍ତ ପ୍ରସିଦ୍ଧ ଥିଲେ । ଉର୍ଦ୍ଦୁ ସାହିତ୍ୟ ସଂସାରରେ ସେ 'ଗାଲିବ୍' ନାମରେ ସୁପରିଚିତ ଏବଂ ୧୮୭୧ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା । 'ଗାଲିବ୍' ପାର୍ସି ଭାଷାରେ ଲେଖିଥିଲେ ମଧ୍ୟ ତାଙ୍କ ରଚିତ ଉର୍ଦ୍ଦୁ ଦିଓ୍ୱାନା ଅତ୍ୟନ୍ତ ଲୋକପ୍ରିୟ ।

୧୮୫୭ ଖ୍ରୀଷ୍ଟାବ୍ଦରେ ଭାରତପ୍ରସିଦ୍ଧ ସିପାହୀବିଦ୍ରୋହ ସଂଗଠିତ ହୋଇଥିଲା । ଏତେବେଳକୁ ଭାରତୀୟ ସମାଜର ଏକ ବିଶାଳ ଅଞ୍ଚଳରେ ଉର୍ଦ୍ଦୁ କଥିତ ଭାଷାଭାବରେ ଗୃହୀତ ହୋଇ ସାରିଲାଣି । ଉର୍ଦ୍ଦୁ ସାହିତ୍ୟ ମଧ୍ୟ ଏକ ସମ୍ମାନିତ ଆସନର ଦାବୀ କରିବାକୁ ଯୋଗ୍ୟତା ଅର୍ଜନ କରି ସାରିଥାଏ ।

ଦାକ୍ଷିଣାତ୍ୟ, ଦିଲ୍ଲୀ ଏବଂ ଲକ୍ଷ୍ନୌର ପ୍ରଭାବ କ୍ରମେ ଶିଥିଳ ହୋଇ ଆସିଲା । ଇତିହାସର ଘୂର୍ଣ୍ଣିବାତ୍ୟା ଫଳରେ ଉର୍ଦ୍ଦୁ ସାହିତ୍ୟର ବିକାଶ ପାଇଁ କଲିକତା ପ୍ରଧାନ ଭୂମିକା ଗ୍ରହଣ କରିଥିଲା । ବାସ୍ତବରେ କଲିକତାକୁ କେନ୍ଦ୍ର କରି ଉର୍ଦ୍ଦୁ ସାହିତ୍ୟର ଆଧୁନିକ ଯୁଗ ଆରମ୍ଭ ହୋଇଥିଲା ବୋଲି ନିଃସଙ୍କୋଚରେ କୁହାଯାଇପାରେ ।

ଊନବିଂଶ ଶତାବ୍ଦୀର ପ୍ରଥମଭାଗରେ ଜନ ଗିଲକ୍ରୀଷ୍ଟ ଫୋର୍ଟ ଉଇଲିୟମ କଲେଜର ଅଧ୍ୟକ୍ଷ ଥିଲେ । ଇଉରୋପୀୟମାନଙ୍କ ସକାଶେ ଉର୍ଦ୍ଦୁ ଅଧ୍ୟୟନ କରିବା ପାଇଁ ସେ କେତେକ ପୁସ୍ତକ ପ୍ରଣୟନ କରିଥିଲେ । ସେଥିପାଇଁ ଗିଲକ୍ରୀଷ୍ଟ ତତ୍କାଳୀନ କେତେକ ବିଶିଷ୍ଟ ପଣ୍ଡିତମାନଙ୍କର

ସାହାଯ୍ୟ ଗ୍ରହଣ କରିଥିବା ଜଣାଯାଏ । ଉର୍ଦ୍ଦୁ ସାହିତ୍ୟର ସେହି ପଣ୍ଡିତ-ମାନଙ୍କ ମଧ୍ୟରେ ସୟଦ ମହମ୍ମଦ ହାଇଦର୍ସ, ମୀର ବାହାଦୁର ଅଲି (ହୁସେନ), ମୀର ଅମନ ଲତିଫ, ହାଫିଜୁଦ୍ଦିନ ଅହମ୍ମଦ, ସେରଅଲି ଅଫସେସ୍ ପ୍ରଭୃତି ଅଗ୍ରଗଣ୍ୟ ଥିଲେ ।

ସୟଦ ମହମ୍ମଦ ହାଇଦର୍ସ ୧୮୦୧ ସାଲରେ 'ତୋତା କାହାଣୀ' ଲେଖିଲେ । ପୁନଶ୍ଚ 'ଗୁଲ-ଇ-ମାଗଫିରତ' ପୁସ୍ତକରେ ହାଇଦର୍ସ ଇସଲାମ ସନ୍ଥମାନଙ୍କର ଜୀବନଚରିତ ସଂକଳନ କଲେ । ଏତଦ୍‌ବ୍ୟତୀତ 'ଗୁଲଜାର-ଇ-ଦାନସ' ଏବଂ 'ତାରିକ-ଇ ନାଦର' ନାମକ ଦୁଇଟି ପୁସ୍ତକ ପାର୍ସିରୁ ଅନୁବାଦ କରି ସେ ଯଶସ୍ୱୀ ହୋଇଅଛନ୍ତି । ମୀର ବାହାଦୁର ଅଲି (ହୁସେନ) ୧୮୦୨ ସାଲରେ 'ଅଖଲକ-ଇ-ହିନ୍ଦ୍' ଅନୁବାଦ ଗ୍ରନ୍ଥ ପ୍ରକାଶ କଲେ । ଏହା ପାର୍ସିରୁ ଭାଷାନ୍ତରିତ ହୋଇଥିଲେ ହେଁ ମୂଳଗ୍ରନ୍ଥଟି ସଂସ୍କୃତ ହିତୋପଦେଶର ପାର୍ସିରୂପାନ୍ତର ମାତ୍ର । ଅମୀର ଖସ୍ରୁଙ୍କର ପାର୍ସି ଉପନ୍ୟାସ 'ଗ୍ବର ଦାରଉଇଶ' ମୀର ଅମୀନଙ୍କ ଦ୍ୱାରା ଉର୍ଦ୍ଦୁ ଭାଷାରେ ଅନୂଦିତ ହେଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ହାଫିଜୁଦ୍ଦିନ ଅହମ୍ମଦ ଆବୁଲଫାଜଲଙ୍କର 'ଆଇନ ଆକବରୀ'ର ଅନୁବାଦ କରିଥିଲେ । ଏହି କାଳରେ ଅଫୋସ ଅତ୍ୟନ୍ତ ଶକ୍ତିଶାଳୀ ଲେଖକଭାବରେ ପରିଗଣିତ ହେଉଥିଲେ ଏବଂ ତାଙ୍କ ରଚିତ 'ହର୍ତ୍ତ୍ୟାନା' ଅଶେଷ ଲୋକପ୍ରିୟତା ଅର୍ଜନ କରିଥିଲା । 'ଜର୍ଓ୍ୟାନ' ସଂସ୍କୃତ ସାହିତ୍ୟର ଅମରକବି କାଳିଦାସଙ୍କର 'ଶକୁନ୍ତଳା' ନାଟକର ଉର୍ଦ୍ଦୁ ରୂପାନ୍ତର କଲେ । ଦଶମ ଶତାବ୍ଦୀରେ ରଚିତ କେତେକ ଆରବୀ ବିଜ୍ଞାନ ଗ୍ରନ୍ଥ ଏହି ସମୟରେ ଇକମ ଅଲିଙ୍କ ଦ୍ୱାରା ଅନୂଦିତ ହୋଇଥିଲା । ଲାଲୁଲାଲ ଗୁଜରାଟର ଜଣେ ବ୍ରାହ୍ମଣ ଅଧିବାସୀ ଥିଲେ । ମାତ୍ର ସେ ହିନ୍ଦୀ ଓ ଉର୍ଦ୍ଦୁ ସାହିତ୍ୟର ଯଥେଷ୍ଟ ଉନ୍ନତି କରିଯାଇଅଛନ୍ତି । 'ଲଟିଫ-ଇ-ହିନ୍ଦ' ପୁସ୍ତକରେ ହିନ୍ଦୀ ଓ ଉର୍ଦ୍ଦୁ ସାହିତ୍ୟର ଚଗ ସଂକଳନ ଏହାର ପ୍ରମାଣ । ପୁନଶ୍ଚ ଜର୍ଓ୍ୟାନଙ୍କୁ ସଂସ୍କୃତ ନାଟକ 'ଶକୁନ୍ତଳା' ଅନୁବାଦ କରିବାରେ ଲାଲୁଲାଲ ଯଥେଷ୍ଟ ସାହାଯ୍ୟ କରିଥିଲେ । ଜର୍ଓ୍ୟାନ ଏବଂ ଲାଲୁଲାଲଙ୍କ ଯୁଗ୍ମ ସମ୍ପାଦନାରେ ଉର୍ଦ୍ଦୁରେ 'ସିଂହାସନ—ବତିଶ' ପ୍ରକାଶିତ ହେଲା । ଏହା ସଂସ୍କୃତ ବତିଶ—ସିଂହାସନର ଭାଷାନ୍ତର ମାତ୍ର ।

ଫୋର୍ଟ ଉଇଲିୟମ କଲେଜକୁ କେନ୍ଦ୍ର କରି ଦୀର୍ଘ ୫୦ ବର୍ଷ କାଳ ନାନା ଭାବରେ ଉର୍ଦ୍ଦୁ ଗଦ୍ୟର ବିକାଶ ହୋଇଥିଲା । ୧୮୨୯ ଖ୍ରୀଷ୍ଟାବ୍ଦରେ

ଇସଲାମର ପବିତ୍ର ଧର୍ମଗ୍ରନ୍ଥ 'କୋରାନ୍' ଅବଦୁଲ କାଦରଙ୍କଦ୍ୱାରା ଉର୍ଦ୍ଦୁରେ ଅନୂଦିତ ହେଲା । କୋରାନର ଅନୁବାଦ ଉର୍ଦ୍ଦୁ ସାହିତ୍ୟକୁ ଏକ ବଳିଷ୍ଠ ରୂପ ଦେବାପାଇଁ କ୍ଷମ ହୋଇଥିଲା । ଉର୍ଦ୍ଦୁ ସାହିତ୍ୟରେ କ୍ରମଶଃ ଗଦ୍ୟର ଯୁଗ ଆରମ୍ଭ ହେଲା କହିଲେ ଚଳେ ।

କଲିକତା ସହିତ ସମତାଳରେ ଆଲିଗଡ଼ଠାରେ ଉର୍ଦ୍ଦୁ ସାହିତ୍ୟର ବିକାଶ ପାଇଁ ଏକ ସଫଳ ଆନ୍ଦୋଳନ ଏ ଯୁଗରେ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ସେ କାଳରେ ମୁସଲମାନମାନଙ୍କର ବିଶିଷ୍ଟ ନେତା ସାର୍ ସୟୁଦ୍ ଅହମ୍ମଦ ଏହି ଆନ୍ଦୋଳନର ପ୍ରଧାନ କର୍ଣ୍ଣଧାର ଥିଲେ ।

ତେବେ ସାର୍ ସୟୁଦଙ୍କ ଛଡ଼ା ମୌଲବୀ ଚିରାଗ ଅଲି, ଅହମ୍ମଦ ହୁସେନ୍ ଆଜାଦ, ଅଲ୍‌ତାଫ ହୁସେନହାଲି, ମୌଲବୀ ନାଦିର୍ ଅହମ୍ମଦ ପ୍ରଭୃତି ବହୁ ଲେଖକ ଅତ୍ୟନ୍ତ ଖ୍ୟାତି ଅର୍ଜନ କରିଥିଲେ । ଏମାନେ ପଦ୍ୟ ବଦଳରେ ଗଦ୍ୟ-ସାହିତ୍ୟରେ ନିଜ ନିଜର ପ୍ରତିଭା ଏବଂ କୃତିତ୍ୱ ପ୍ରଦର୍ଶନ କରିଥିଲେ । ତେବେ ଏହି କାଳରେ ବିଶ୍ୱବିଖ୍ୟାତ ଉର୍ଦ୍ଦୁ କବି ଇକବାଲ ଲେଖନୀ ଚାଳନା କରୁଥିଲେ । ୧୯୩୮ ସାଲରେ ତାଙ୍କର ମୃତ୍ୟୁ ହୋଇଥିଲା । ଭାରତୀୟ ଦର୍ଶନକୁ ସେ ନିଜର କବିତା ମାଧ୍ୟମରେ ପରିବେଷଣ କରିଥିଲେ ଓ ଉର୍ଦ୍ଦୁ ସାହିତ୍ୟର ଗଦ୍ୟଯୁଗରେ ଉପନ୍ୟାସ, ଗଳ୍ପ ପ୍ରଭୃତି ବିଭାଗରେ ବହୁ ଶକ୍ତିଶାଳୀ ଲେଖକ ଲେଖନୀ ଧାରଣ କରିଥିଲେ । ହିନ୍ଦୀ ସାହିତ୍ୟର କଥା ସମ୍ରାଟ ପ୍ରେମଚନ୍ଦ୍ର ଉର୍ଦ୍ଦୁ ସାହିତ୍ୟର ସର୍ବଶ୍ରେଷ୍ଠ ଔପନ୍ୟାସିକ ଥିଲେ । ସେ ୧୯୩୬ ସାଲରେ ମୃତ୍ୟୁବରଣ କରିଥିଲେ । 'ବଜାର-ଇ ହୁସ' ଏବଂ 'ଚଉଗାନ-ଇ-ହସ୍ତୀ' ପ୍ରେମଚନ୍ଦ୍ରଙ୍କ ଦ୍ୱାରା ଲିଖିତ ଦୁଇଖଣ୍ଡି ଉର୍ଦ୍ଦୁ ଉପନ୍ୟାସ । ଏଥିରେ ସେ ତତ୍‌କାଳୀନ ସମାଜର କୁସଂସ୍କାର ଏବଂ ଶୋଷଣ ବିରୁଦ୍ଧରେ ପ୍ରବଳ ଭାବରେ ସ୍ୱର ଉତ୍ତୋଳନ କରିଥିଲେ । ଏହି ଦୁଇଖଣ୍ଡି ଉପନ୍ୟାସ ପାଇଁ ଉର୍ଦ୍ଦୁ ସାହିତ୍ୟ-ଇତିହାସରେ ପ୍ରେମଚନ୍ଦ୍ର ଅମର ହୋଇଅଛନ୍ତି । ଏତଦ୍‌ବ୍ୟତୀତ ସେ ଅନେକଗୁଡ଼ିଏ ଗଳ୍ପ ମଧ୍ୟ ଲେଖିଅଛନ୍ତି । ପ୍ରେମଚନ୍ଦ୍ର ପରେ ପରେ କୃଷ୍ଣଚନ୍ଦ୍ର, ଉପେନ୍ଦ୍ରନାଥ, ଅସକ୍, ରାଜେନ୍ଦ୍ରସିଂହ ବେଦିଓଙ୍କ, ଆଖତାର ଆନସାରୀ ଆକବର ଉରେନବି ପ୍ରଭୃତି ଗଳ୍ପଲେଖକ ଭାବରେ ପ୍ରଧାନ ଅଂଶ ଗ୍ରହଣ କରିଅଛନ୍ତି । ଉର୍ଦ୍ଦୁ ସାହିତ୍ୟରେ ସ୍ୱର୍ଗତ ମୌଲାନା ଆବୁଲକାଲମ ଆଜାଦଙ୍କର ଦାନ ମଧ୍ୟ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ।

ଅତ୍ୟାଧୁନିକ ଉର୍ଦ୍ଦୁ ଔପନ୍ୟାସିକମାନଙ୍କ ମଧ୍ୟରେ ଲକ୍ଷ୍ନୌର ପଣ୍ଡିତ ରତ୍ନନାଥ ଅତ୍ୟନ୍ତ ପ୍ରସିଦ୍ଧ । ତାଙ୍କର ଫିସାନା-ଇ-ଆଜାଦ ଉର୍ଦ୍ଦୁ ସାହିତ୍ୟରେ ଏକ ପ୍ରଧାନ ଉପନ୍ୟାସ ଭାବରେ ସ୍ୱୀକୃତ ହୋଇଅଛି ।

ଉର୍ଦ୍ଦୁ ସାହିତ୍ୟ ମୁଖ୍ୟତଃ ମୁସଲିମ ସଂସ୍କୃତିର ବାର୍ତ୍ତାବହ ହେଲେ ହେଁ ଏହି ସାହିତ୍ୟର ବିକାଶରେ ଉଭୟ ହିନ୍ଦୁ ଏବଂ ମୁସଲମାନ ସମାନ ଅଂଶ ଗ୍ରହଣ କରିଅଛନ୍ତି । ତେଣୁ ଅନ୍ୟାନ୍ୟ ଭାରତୀୟ ସାହିତ୍ୟ ପରି ଉର୍ଦ୍ଦୁ ମଧ୍ୟ ସମ୍ପୂର୍ଣ୍ଣଭାବରେ ଭାରତୀୟ ସାହିତ୍ୟ ଏବଂ ଭାରତୀୟ ସଂସ୍କୃତିର ମୂଳଭିତ୍ତି ଉପରେ ଦଣ୍ଡାୟମାନ ।

# ମହାରାଷ୍ଟ୍ରୀ ସାହିତ୍ୟ

ମହର୍ଷି ଚାରି ପ୍ରକାରର ପ୍ରାକୃତ ଭାଷାର ଲକ୍ଷଣ ନିର୍ଦ୍ଦେଶ କରି ଯାଇଅଛନ୍ତି । ତାହା ହେଲା— (୧) ମହାରାଷ୍ଟ୍ରୀ, (୨) ସୌରସେନୀ (୩) ମାଗଧୀ, (୪) ପୈଶାଚୀ । ଏହି ପ୍ରାକୃତ ଭାଷାମାନଙ୍କ ମଧ୍ୟରେ କେବଳ ମହାରାଷ୍ଟ୍ରୀ ପ୍ରାକୃତ ସାହିତ୍ୟ ଉପଯୋଗୀ ଭାଷା ଥିଲା ବୋଲି ଭାଷାତତ୍ତ୍ୱବିତ୍‌ମାନେ ମତ ପ୍ରକାଶ କରିଅଛନ୍ତି । ତତ୍କାଳୀନ ସମାଜରେ ଭାଷାର ଲାଳିତ୍ୟ ଏବଂ ସାଙ୍ଗୀତିକ ଗୁଣ ପାଇଁ ମହାରାଷ୍ଟ୍ରୀ ପ୍ରାକୃତ ଅତ୍ୟନ୍ତ ଖ୍ୟାତି ଅର୍ଜନ କରିଥିଲା । ମହାରାଷ୍ଟ୍ରୀ ପ୍ରାକୃତ କେବଳ ଆଧୁନିକ ମହାରାଷ୍ଟ୍ର ଅଞ୍ଚଳରେ ପ୍ରଚଳିତ ଥିଲା ବୋଲି ବିଶ୍ୱାସ କରିବାର କୌଣସି କାରଣ ନାହିଁ । ବରଂ କେତେକ ପଣ୍ଡିତମାନଙ୍କ ମତରେ ଏହା ସେ କାଳର ଭାରତର ଶିଷ୍ଟ ସମାଜର ବ୍ୟବହୃତ ଭାଷା ଥିଲା କହିଲେ ଚଳେ । କାଳକ୍ରମେ ଏହି ମହାରାଷ୍ଟ୍ରୀ ପ୍ରାକୃତ ଭାଷାରୁ ମହାରାଷ୍ଟ୍ରୀ ଅପଭ୍ରଂଶ ଭାଷାର ଉଦ୍ଭବ ହେଲା । ଏହି ଅପଭ୍ରଂଶ ଭାଷାରୁ ଆଧୁନିକ ମହାରାଷ୍ଟ୍ରୀ ଭାଷା ଜନ୍ମଗ୍ରହଣ କରିଛି ବୋଲି ବିଶ୍ୱାସ କରିବାର ଅନେକ କାରଣ ରହିଅଛି । ସେହି କାରଣରୁ ବର୍ତ୍ତମାନର ମହାରାଷ୍ଟ୍ରୀ ଭାଷାର ଅନୁରୂପ ନାମକରଣ କରାଯାଇଅଛି ।

ମହାରାଷ୍ଟ୍ରୀ ସାହିତ୍ୟର ସ୍ୱତନ୍ତ୍ର ଲିପି ନାହିଁ । ହିନ୍ଦୀର ଦେବନାଗରୀ ଲିପି ମାଧ୍ୟମରେ ମହାରାଷ୍ଟ୍ରୀ ସାହିତ୍ୟ ପ୍ରକାଶିତ ହୁଏ । ତେବେ ହିନ୍ଦୀ ଏବଂ ମହାରାଷ୍ଟ୍ରୀ ଉଭୟ ଭାଷାର ସମାନ ଲିପି ହେଲେ ହେଁ ଉଭୟର ଉଚ୍ଚାରଣ ମଧ୍ୟରେ ବହୁ ମୌଳିକ ପାର୍ଥକ୍ୟ ଦୃଷ୍ଟିଗୋଚର ହୋଇଥାଏ ।

ମୋଟାମୋଟି ଭାବରେ ଐତିହାସିକଗଣ ମହାରାଷ୍ଟ୍ରୀ ସାହିତ୍ୟକୁ ତିନି ଗୋଟି ପର୍ଯ୍ୟାୟରେ ବିଚାର କରିଥାନ୍ତି । ତାହା ହେଲା ମହାରାଷ୍ଟ୍ରୀ ସାହିତ୍ୟର (୧) ଆଦି କାଳ (୨) ମଧ୍ୟକାଳ (୩) ଆଧୁନିକ କାଳ ।

ଏହି ଆଦିକାଳରେ ଚକ୍ରଧର ସ୍ୱାମୀ ମହାନୁଭବ ସମ୍ପ୍ରଦାୟର ପ୍ରତିଷ୍ଠା କରିଥିଲେ । କଥିତ ଭାଷା ଆକାରରେ ବହୁକାଳ ପ୍ରଚଳିତ ହେଲା ପରେ ମହାରାଷ୍ଟ୍ରୀ ଭାଷା ଦ୍ୱାଦଶ ଶତାବ୍ଦୀରେ ଏହି ମହାନୁଭବ ସମ୍ପ୍ରଦାୟର ସାଧକଗଣଙ୍କ ହାତରେ ସାହିତ୍ୟିକ ରୂପ ପରିଗ୍ରହ କଲା । ମହାନୁଭବ ସଂପ୍ରଦାୟ ଥିଲେ ପ୍ରଧାନତଃ ସଂସ୍କାରକ ଏବଂ ବିପ୍ଳବୀ । ସେମାନେ ବର୍ଣ୍ଣାଶ୍ରମ ସମାଜ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ । ଉଭୟ ଗଦ୍ୟ ଏବଂ ପଦ୍ୟ ମାଧ୍ୟମରେ ଏହି ସନ୍ଥ ସାଧକଗଣ ନିଜ ନିଜର ବାଣୀ ପ୍ରଚାର କରି ଜନସମାଜରେ ଅମରତ୍ୱ ଲାଭ କରିଅଛନ୍ତି । ଏହି ସନ୍ଥ-ସାହିତ୍ୟ ପ୍ରଚାର ଯୁଗରେ ମୁକୁନ୍ଦ ରାୟଙ୍କୁ ମହାରାଷ୍ଟ୍ର ସାହିତ୍ୟର ଆଦିକବି ଭାବରେ ସମ୍ମାନିତ କରାଯାଇଥାଏ । ସେ ୧୧୨୮ ଖ୍ରୀଷ୍ଟାବ୍ଦରୁ ୧୧୭୮ ମସିହା ମଧ୍ୟରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କ ରଚିତ ପ୍ରଧାନ ଗ୍ରନ୍ଥ ହେଉଛି "ବିବେକ ସିନ୍ଧୁ" । ଏହି ମହାନୁଭବ ସମ୍ପ୍ରଦାୟର ସାତ ଗୋଟି ଗ୍ରନ୍ଥ ଅତ୍ୟନ୍ତ ପ୍ରାମାଣିକ ଏବଂ ସମାଜରେ ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ଜଣାଯାଏ । ସେହି ଗ୍ରନ୍ଥଗୁଡ଼ିକ ହେଲା (୧) ଭାସ୍କର ଭଟ୍ଟଙ୍କ ରଚିତ ଶିଶୁପାଳ ବଧ (୨) ଭାସ୍କର ଭଟ୍ଟଙ୍କ ରଚିତ ଏକାଦଶ ସ୍କନ୍ଦ (୩) ଦାମୋଦରଙ୍କ ରଚିତ ବସ୍ତ୍ରହରଣ (୪) ନରେନ୍ଦ୍ର କବିଙ୍କ ଦ୍ୱାରା ରଚିତ ରୁକ୍ମିଣୀ ସ୍ୱୟମ୍ବର (୫) ବିଶ୍ୱନାଥ ବାଲା ପୁରକରଙ୍କ ଦ୍ୱାରା ଲିଖିତ ଜ୍ଞାନବୋଧ (୬) ରବଳୋ ବ୍ୟାସଙ୍କ ରଚିତ ସହ୍ୟାଦ୍ରି ବର୍ଣ୍ଣନ (୭) ନାରୋ ବ୍ୟାସଙ୍କ ରଚିତ ଅଦଦ୍ ପୁରବର୍ଣ୍ଣନା ମହାନୁଭବ ଗୋଷ୍ଠୀର ସାହିତ୍ୟିକ ସ୍ୱର ପ୍ରଧାନତଃ ବିଦ୍ରୋହ-ମୂଳକ । ଏହି ପୁସ୍ତକଗୁଡ଼ିକ ରଚିତ ହୋଇଥିଲା ଦ୍ୱାଦଶ ଶତାବ୍ଦୀଠାରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ । ଏହି ପ୍ରାଚୀନ ଯୁଗରେ ରୁକ୍ମଣୀ ସ୍ୱୟମ୍ବର ଏବଂ ଶିଶୁପାଳ ବଧ ଗ୍ରନ୍ଥରେ ଯେଉଁ ବଳିଷ୍ଠ ଗଦ୍ୟ ରଚନାର ପ୍ରମାଣ ମିଳେ ତାର ତୁଳନା ନାହିଁ । ମହାରାଷ୍ଟ୍ରର ଜନସାଧାରଣଙ୍କ ପ୍ରାଣ ଓ ମନରେ ଏହି ଆଧ୍ୟାତ୍ମିକ ସାହିତ୍ୟିକ ସ୍ୱାକ୍ଷର ଏବେ ମଧ୍ୟ ଲକ୍ଷ୍ୟ କରାଯାଇପାରେ ।

ମଧ୍ୟଯୁଗୀୟ ମହାରାଷ୍ଟ୍ରୀ ସାହିତ୍ୟରେ ଜ୍ଞାନଦେବ, ନାମଦେବ, ମୁକ୍ତେଶ୍ୱର, ରାମଦାସ, ତୁକାରାମ, ଏକନାଥ ପ୍ରଭୃତି ଆବିର୍ଭୂତ ହୋଇ ମହାରାଷ୍ଟ୍ର ସାହିତ୍ୟର ମୁଖ ଉଜ୍ଜ୍ୱଳ କରିଯାଇଅଛନ୍ତି । ଏହି ଲେଖକ-ମାନଙ୍କ ମଧ୍ୟରେ ଜ୍ଞାନଦେବ ଅତ୍ୟନ୍ତ ସ୍ମରଣୀୟ । ଭକ୍ତକବି ଜ୍ଞାନଦେବ

ଭକ୍ତି ଧର୍ମର ଜଣେ ଶ୍ରେଷ୍ଠ ପ୍ରଚାରକ ଥିଲେ । ଜ୍ଞାନେଶ୍ୱର 'ଭାବାର୍ଥଦୀପିକା' ନାମରେ ଭଗବତଗୀତାର ପ୍ରସିଦ୍ଧ ଟୀକା ରଚନା କରିଯାଇଅଛନ୍ତି । ଏହି ଗ୍ରନ୍ଥ ଜ୍ଞାନେଶ୍ୱରୀ ନାମରେ ପରିଚିତ । ଜ୍ଞାନେଶ୍ୱରୀ ମହାରାଷ୍ଟ୍ରୀ ସାହିତ୍ୟରେ ଏକ ମୂଲ୍ୟବାନ ଗ୍ରନ୍ଥ । ଭକ୍ତକବି ନାମଦେବ ଜ୍ଞାନେଶ୍ୱରଙ୍କ ପରେ ଏକନାଥ ଭାଗବତର ଏକାଦଶସ୍କନ୍ଧ ଉପରେ ଟୀକା ରଚନା କରିଥିଲେ । ଏହା ଏକନାଥୀ ଭାଗବତ ନାମରେ ମହାରାଷ୍ଟ୍ରର ଘରେ ଘରେ ପଠିତ ଓ ପ୍ରଚାରିତ । ଏତଦ୍ ବ୍ୟତୀତ ଏକନାଥ 'ଜ୍ଞାନେଶ୍ୱରୀ'ର ସଂଶୋଧନ କରି ତାର ବହୁଳ ପ୍ରଚାରରେ ସାହାଯ୍ୟ କରିଥିଲେ । ଏକନାଥ ଥିଲେ ପରମ ଭକ୍ତ ଓ ସଂସ୍କାରକ । ଜଣେ ତ୍ୟାଗୀ ଓ ମହାପୁରୁଷ ଭାବରେ ଏକନାଥ ସର୍ବତ୍ର ପୂଜିତ ହୁଅନ୍ତି । ମହାରାଷ୍ଟ୍ରୀ ସାହିତ୍ୟର ମହାଭାରତ ରଚୟିତା ଭାବରେ ମୁକ୍ତେଶ୍ୱର ଅତ୍ୟନ୍ତ ସ୍ମରଣୀୟ । ତାଙ୍କ ରଚିତ ବନପର୍ବ, ସଭାପର୍ବ, ବିରାଟପର୍ବ ଓ ସୌପ୍ତିକ ପର୍ବ ଅତ୍ୟନ୍ତ ଲୋକପ୍ରିୟ ।

ମହାବୀର ଶିବାଜୀଙ୍କ ଗୁରୁ ରାମଦାସ ଜଣେ ଇତିହାସପ୍ରସିଦ୍ଧ ବ୍ୟକ୍ତି । ଶିବାଜୀଙ୍କ ବୀରତ୍ୱପୂର୍ଣ୍ଣ ଅଭିଯାନରେ ଗୁରୁରାମ ଦାସ ଥିଲେ ପ୍ରଧାନ ପ୍ରେରଣାଦାତା ଓ ମନ୍ତ୍ରଣାଦାତା । ମଧ୍ୟଯୁଗୀୟ ମହାରାଷ୍ଟ୍ରୀ ସାହିତ୍ୟକୁ ତାଙ୍କର ଦାନ ଅତ୍ୟନ୍ତ ସ୍ମରଣୀୟ । ତାଙ୍କ ରଚିତ 'ଦାସ ବୋଧ ଗ୍ରନ୍ଥ' ଉଲ୍ଲେଖଯୋଗ୍ୟ । ମଧ୍ୟଯୁଗୀୟ ମହାରାଷ୍ଟ୍ରୀ ସାହିତ୍ୟ ଭକ୍ତି ଭାବନା ଦ୍ୱାରା ଯେପରି ଅନୁପ୍ରାଣିତ ହୋଇଥିଲା ଶୃଙ୍ଗାର ଭାବନାରେ ମଧ୍ୟ ପ୍ରଭାବିତ ହୋଇ ଅସଂଖ୍ୟ କାବ୍ୟ ଏ ଯୁଗରେ ରଚିତ ହୋଇଥିଲା । ସଂସ୍କୃତ ଆଳଙ୍କାରିକ-ମାନଙ୍କ ଆଦର୍ଶରେ ମହାରାଷ୍ଟ୍ରର ମଧ୍ୟଯୁଗୀୟ ଶୃଙ୍ଗାର ଭାବଧାରାଜନିତ ସାହିତ୍ୟ ବହୁଳ ପରିମାଣରେ ରଚିତ ହୋଇଥିଲା । ଏହି କାଳରେ ମହାରାଷ୍ଟ୍ର ସମାଜ ମୋଗଲଶାସନ ବିରୁଦ୍ଧରେ ଚରମ ଯୁଦ୍ଧରେ ବ୍ୟାପୃତ ଥିଲା ।

ତେଣୁ ବହୁ କବି ବୀରରସବ୍ୟଞ୍ଜକ ଅନେକ କାବ୍ୟ ମଧ୍ୟ ପ୍ରଣୟନ କରିଥିଲେ । ସେହି କାବ୍ୟ ସବୁ ଆଲୋଚନା କଲେ ତତ୍କାଳୀନ ମହାରାଷ୍ଟ୍ର ସମାଜର ମନୋଭାବ ସଂପର୍କରେ ଅନେକ କଥା ଧାରଣା କରାଯାଇଥାଏ । ଊନବିଂଶ ଶତାବ୍ଦୀର ପ୍ରଥମ ଦଶକରେ ମହାରାଷ୍ଟ୍ରୀ ସାହିତ୍ୟରେ ନବଯୁଗର ଆରମ୍ଭ ହୋଇଥିଲା । ୧୮୧୮ ଖ୍ରୀଷ୍ଟାବ୍ଦରେ ମରହଟ୍ଟା ଶାସକମାନଙ୍କଠାରୁ ଇଂରେଜମାନେ ଶାସନ କ୍ଷମତା ଚୂଡ଼ାନ୍ତ ଭାବରେ ଗ୍ରହଣ କରିଥିଲେ ।

ଇଂରେଜୀ ଶାସନର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଇଂରାଜୀ ସାହିତ୍ୟ ଓ ସଂସ୍କୃତିର ଆଦର୍ଶ ମହାରାଷ୍ଟ୍ରର ସମାଜକୁ ଅନୁପ୍ରାଣିତ କଲା । ଇଂରେଜମାନେ ଦେଶୀୟ ଭାଷାର ସମୃଦ୍ଧି ପାଇଁ ଧ୍ୟାନ ଦେଇଥିଲେ ଏବଂ ସେମାନଙ୍କ ପ୍ରଚେଷ୍ଟାରେ ବହୁ ବିଦେଶୀ ପୁସ୍ତକ ମହାରାଷ୍ଟ୍ର ଭାଷାରେ ଅନୁବାଦ ହେବାକୁ ଲାଗିଲା । ବିଖ୍ୟାତ ବାଇବେଲପ୍ରଚାରକ ଡକ୍ଟର ଉଇଲିୟମ କେରିଙ୍କ ଉଦ୍ୟମରେ ୧୮୧୦ ଖ୍ରୀଷ୍ଟାବ୍ଦରେ ପ୍ରଥମ ମହାରାଷ୍ଟ୍ର—ଇଂରାଜୀ ଅଭିଧାନ ସଂକଳିତ ହେଲା । ୧୮୪୦ ଖ୍ରୀଷ୍ଟାବ୍ଦରେ ମହାରାଷ୍ଟ୍ରୀ ଭାଷାରେ ପ୍ରଥମ ସମ୍ବାଦପତ୍ର 'ଦର୍ପଣ' ପ୍ରକାଶିତ ହୋଇଥିଲା ଏବଂ ଏହି ଘଟଣାର ୧୭ ବର୍ଷ ପରେ ୧୮୫୭ ଖ୍ରୀଷ୍ଟାବ୍ଦରେ ବମ୍ବେ ବିଶ୍ୱବିଦ୍ୟାଳୟ ଜନ୍ମଲାଭ କଲା । ଏଣୁ ମହାରାଷ୍ଟ୍ର ସମାଜରେ ଏକ ନବଜାଗରଣ ସୃଷ୍ଟି କରିବା ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ ହୋଇଗଲା । ମହାରାଷ୍ଟ୍ରୀ ସାହିତ୍ୟରେ ଏ ଯୁଗକୁ ଗଦ୍ୟର ଯୁଗ କୁହାଯାଇପାରେ । ପ୍ରଚୁର ପଦ୍ୟଗ୍ରନ୍ଥ ରଚିତ ହୋଇଥିଲେ ହେଁ ବିଭିନ୍ନ ଗଦ୍ୟ ଗ୍ରନ୍ଥର ପ୍ରକାଶରେ ମହାରାଷ୍ଟ୍ରୀ ସାହିତ୍ୟ ଏକ ପ୍ରକାର ଅଗ୍ରଣୀ ଥିଲା କହିଲେ ଚଳେ ।

୧୮୬୧ ସାଲରେ ମହାରାଷ୍ଟ୍ରୀ ଭାଷାରେ ଲକ୍ଷ୍ମଣଶାସ୍ତ୍ରୀ ହାଲବେ 'ମୁକ୍ତାମାଳା' ନାମରେ ପ୍ରଥମ ଉପନ୍ୟାସ ପ୍ରଣୟନ କରିଥିଲେ । ୧୮୬୪ ସାଲ ହେଉଛି ଆଧୁନିକ ମହାରାଷ୍ଟ୍ରୀ ସାହିତ୍ୟର ଇତିହାସରେ ଏକ ଯୁଗାନ୍ତ-କାରୀ ବର୍ଷ । ଏହି ବର୍ଷ ପ୍ରସିଦ୍ଧ ନିବନ୍ଧମାଳା ମାସିକପତ୍ର ପ୍ରକାଶିତ ହେଲା ଏବଂ ଶ୍ରୀ ବିଷ୍ଣୁ ସ୍ୱାମୀ ଚିପୁଲକର୍ ଏହି ପତ୍ରିକାର ସମ୍ପାଦକ ଏବଂ ପ୍ରାୟ ଧାରାବାହିକ ଲେଖକ ଥିଲେ । ବିଷ୍ଣୁଶାସ୍ତ୍ରୀ ଜାତୀୟତାର ଉନ୍ମେଷ ପାଇଁ ଆନ୍ଦୋଳନ ଚଳାଇଥିଲେ ଏବଂ ପାଶ୍ଚାତ୍ୟ ଭାବଧାରାର ଅନ୍ଧାନୁସରଣ ପାଇଁ ତୀବ୍ର ସମାଲୋଚନା କରୁଥିଲେ । ବିଷ୍ଣୁଶାସ୍ତ୍ରୀଙ୍କ ସହିତ ଆହୁରି ଦୁଇ ଜଣ ଯୋଗ୍ୟ ମହାରାଷ୍ଟ୍ର ସନ୍ତାନ ଯୋଗ ଦେଇଥିଲେ । ସେମାନେ ହେଲେ ଲୋକମାନ୍ୟ ତିଳକ ଏବଂ ଆଗରକର । ଆଗରକର ନିଜ ସମ୍ପାଦିତ 'କେଶରୀ' ପତ୍ରିକାରେ ଏବଂ ତିଳକ ତାଙ୍କର ଇଂରାଜୀ ସାପ୍ତାହିକ 'ମରହଟ୍ଟା' ରେ ନବଜାଗରଣ ପାଇଁ ପ୍ରବଳ ଆନ୍ଦୋଳନ ଚଳାଇଲେ । ବିଷ୍ଣୁଶାସ୍ତ୍ରୀଙ୍କ ମୃତ୍ୟୁ ପରେ ତିଳକ ଏବଂ ଆଗରକରଙ୍କ ମଧ୍ୟରେ ସମାଜସଂସ୍କାର ଏବଂ ରାଜନୈତିକ ମତବାଦ ନେଇ ମତବିରୋଧ ପ୍ରକାଶ

ପାଇଲା । ପରେ ତିଳକ 'କେଶରୀ' ପତ୍ରିକାର ସମ୍ପାଦକ ହେଲେ ଏବଂ ଆଗରକରଙ୍କ ପ୍ରକାଶ କଲେ ଅନ୍ୟ ଏକ ପତ୍ରିକା "ସୁଧାରକ" । ଏହି ସାମାଜିକ ଏବଂ ରାଜନୈତିକ ବିଭେଦ ପ୍ରାଚୀନ ଓ ନୂତନ ରୂପରେ ସାହିତ୍ୟିକ ସଂଘର୍ଷରେ ରୂପାୟିତ ହେଲା ଏବଂ ନୂତନ ଦଳର ପ୍ରତିନିଧି ହେଲେ ଆଗରକର ।

ପ୍ରଥମ କାଳର ମହାରାଷ୍ଟ୍ରୀ ଉପନ୍ୟାସ କେବଳ ଅତିରିକ୍ତ ପରିମାଣରେ ଥିଲା କଳ୍ପନା-ପ୍ରଧାନ । ନାରୀ ଓ ପୁରୁଷର ମିଳନ ଥିଲା ଏହାର ଏକମାତ୍ର କଥାବସ୍ତୁ । କ୍ରମଶଃ ଜୀବନଧର୍ମୀ ଆଦର୍ଶ ଔପନ୍ୟାସିକମାନଙ୍କୁ ଅନୁପ୍ରାଣିତ କଲା । ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଜାତୀୟ ଆନ୍ଦୋଳନ ମଧ୍ୟ ଆଧୁନିକ ମହାରାଷ୍ଟ୍ରୀ ଉପନ୍ୟାସକୁ ଯଥେଷ୍ଟ ପ୍ରଭାବିତ କଲା । ଜୀବନର ସାମ୍ପ୍ରତିକ ସମସ୍ୟା ଏବଂ ମଣିଷର ଅନ୍ତର୍ଦ୍ୱନ୍ଦ୍ୱ ଆଧୁନିକ ଉପନ୍ୟାସକୁ ଅଧିକ ମଣ୍ଡିତ କରିଅଛି ।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଇଂରାଜୀ କାବ୍ୟ ସାହିତ୍ୟର ପ୍ରଭାବରେ ଅନୁପ୍ରାଣିତ ହୋଇ ବହୁ କବି କାବ୍ୟ ରଚନା କରିଥିଲେ । ପ୍ରାଚୀନ ଯୁଗର ସଂସ୍କୃତ କାବ୍ୟାଦର୍ଶ ଆଉ ଆଦୃତ ହେଲା ନାହିଁ । ଏହି ନୂତନ କାବ୍ୟାଦର୍ଶ ଆଦର୍ଶରେ କାବ୍ୟ ରଚନାରେ ମହାରାଷ୍ଟ୍ର କାବ୍ୟ ସାହିତ୍ୟରେ ନୂତନ ଯୁଗର ସ୍ରଷ୍ଟାଭାବରେ ଅଭିନନ୍ଦିତ ହେଲେ କେଶବ ସୁତ । ତାଙ୍କ କାବ୍ୟରେ ପ୍ରକୃତିର ମନୋରମ ବର୍ଣ୍ଣନା ପ୍ରଦତ୍ତ ହେବା ସଙ୍ଗେ ସଙ୍ଗେ ନାୟକ ନାୟିକାମାନଙ୍କର ସାଧାରଣ ପ୍ରେମାନୁଭୂତି ମଧ୍ୟ ଅତ୍ୟନ୍ତ ସହଜ ଶୈଳୀରେ ପ୍ରକାଶିତ ହେଲା । ଯୁଗର ବିଶିଷ୍ଟ କବିମାନଙ୍କ ମଧ୍ୟରେ ରାମଗଣେଶ ଏକନାଥ, ନାରାୟଣ ମୁରଲୀଧର ପ୍ରଭୃତି ପ୍ରଧାନ । ଏମାନେ ଜାତୀୟ ଯୁଗର କବି ହୋଇଥିବାରୁ ଜାତୀୟତା ଭାବବ୍ୟଞ୍ଜକ ବହୁ କାହାଣୀ ସେମାନଙ୍କ କାବ୍ୟ-ଗୁଡ଼ିକରେ ସ୍ଥାନ ଲାଭ କରିଅଛି ।

ପ୍ରଥମ ମହାଯୁଦ୍ଧ ପରେ ସମାଜବାଦୀ ଆଦର୍ଶ ଭାରତୀୟ ସାମାଜିକ ଜୀବନକୁ ଅନୁପ୍ରାଣିତ କରିଥିଲା । ତେଣୁ ବିଂଶ ଶତାବ୍ଦୀର ତୃତୀୟ ଦଶକ ପରେ ପରେ ମହାରାଷ୍ଟ୍ର କାବ୍ୟ ସାହିତ୍ୟରେ ଅତ୍ୟାଧୁନିକ ଯୁଗର ଆରମ୍ଭ ହେଲା । ଏ ଯୁଗର କବିମାନେ କେବଳ ନୂତନ ଛନ୍ଦରେ କାବ୍ୟ ରଚନା କଲେ ନାହିଁ, ନୂତନ ପ୍ରଗତିଶୀଳ ବିଷୟବସ୍ତୁର ପରିବେଷଣରେ ମଧ୍ୟ ଏମାନେ

ପାଠକ ସଂସାରକୁ ବିସ୍ମିତ କରି ଦେଲେ । କୌଣସି ପ୍ରକାର ରକ୍ଷଣଶୀଳ ଭାବନା ଏବଂ ପରମ୍ପରାଗତ ଶୈଳୀ ସ୍ୱୀକାର କରିବାକୁ ଏମାନେ ପ୍ରସ୍ତୁତ ନ ଥିଲେ । ଏହି ନୂତନ ଯୁଗର ବାର୍ତ୍ତାବହ ହେଲେ ବାଳକୃଷ୍ଣ, ସୀତାରାମ, ଶରତଚନ୍ଦ୍ରଜୀ, ଇନ୍ଦିରା ସନ୍ତଜୀ, କାନ୍ତଜୀ, ମାଡଗୁ ଡକରଜୀ ଇତ୍ୟାଦି କବିଗଣ । ସେହିପରି ମହାରାଷ୍ଟ୍ରୀ ନାଟକ ସାହିତ୍ୟ ମଧ୍ୟ ଅତ୍ୟନ୍ତ ସମୃଦ୍ଧ । ପ୍ରଥମ କାଳରେ ପୌରାଣିକ ଏବଂ ଐତିହାସିକ ନାଟକର ଆଦର ଅଧିକ ଥିଲେ ହେଁ ପରବର୍ତ୍ତୀ କାଳରେ ରୁଚିବୋଧ ବଦଳିଗଲା । ନୂତନ ସାମାଜିକ ଆଦର୍ଶକୁ କେନ୍ଦ୍ର କରି ନୂତନ ନାଟକମାନ ରଚିତ ହେଲା । ବି. ଭି. ଓ୍ୟାରେକର, ପି. କେ. ଆତ୍ରେ, ଏମ. ଜି. ରାଙ୍ଗେନକର ପ୍ରଭୃତି ପ୍ରଥମ କାଳର ନାଟ୍ୟକାର ଭାବରେ ପ୍ରତିଷ୍ଠା ଅର୍ଜନ କରିଥିଲେ । କିନ୍ତୁ ପରେ ପରେ ପି. ଏଲ. ଦେଶପାଣ୍ଡେ, ବିଜୟ ଟେଣ୍ଡୁଲକର ପ୍ରଭୃତି ନାଟକ ରଚନାରେ ନୂତନ ଯୁଗର ସୂଚନା ଦେଲେ । ନାଟ୍ୟ ସାହିତ୍ୟର ଏହି ନୂତନ ବାର୍ତ୍ତାବହ ଗଣ କେବଳ ଆମୋଦ ପ୍ରମୋଦ ଉଦ୍ଦେଶ୍ୟରେ ନାଟକ ରଚନା ନ କରି ଜୀବନର ଚିରନ୍ତନ ମୂଲ୍ୟବୋଧକୁ ପ୍ରକଟିତ କରିବା ପାଇଁ ଅଧିକ ଯତ୍ନବାନ ହେଲେ । ଏତଦ୍‌ବ୍ୟତୀତ ସେକ୍‌ସପିୟର, ମଲିଅର୍, ପ୍ରିଷ୍ଟ୍‌ଲେ ପ୍ରଭୃତି ବହୁ ପାଶ୍ଚାତ୍ୟ ନାଟ୍ୟକାରମାନଙ୍କର ନାଟକ ମଧ୍ୟ ମହାରାଷ୍ଟ୍ରୀ ଭାଷାରେ ଅନୁଦିତ ହେଲା । ଆଧୁନିକ ନାଟକ ସହିତ ଏକାଙ୍କିକା ବିଭାଗରେ ମଧ୍ୟ ଲେଖକମାନେ ଲେଖନୀ ଚାଳନା କରିଥିଲେ ।

ଅଭିଧାନ ଏବଂ କୋଷ ଗ୍ରନ୍ଥ ରଚନାରେ ମହାରାଷ୍ଟ୍ର ଲେଖକଗଣ ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟ ତୁଳନାରେ ଅଧିକ ସମୃଦ୍ଧି ହାସଲ କରିଥିବା ଜଣାଯାଏ । ୧୯୨୩ ସାଲରେ ଡକ୍ଟର କେଟକାରଙ୍କ ସମ୍ପାଦନାରେ ମହାରାଷ୍ଟ୍ରୀ ବିଶ୍ୱକୋଷ ସମ୍ପୂର୍ଣ୍ଣ ୨୩ ଖଣ୍ଡରେ ପ୍ରକାଶିତ ହୋଇଥିଲା । ଲକ୍ଷ୍ମଣ ଶାସ୍ତ୍ରୀ ଯୋଶୀ ତିନୋଟି ଭାଗରେ ଧର୍ମକୋଷ ସଂକଳନ କରିଛନ୍ତି । ଶିଦ୍ଧେଶ୍ୱର ଶାସ୍ତ୍ରୀଙ୍କ ଦ୍ୱାରା ସଂପାଦିତ ତିନି ଖଣ୍ଡରେ ବିଭକ୍ତ ବିଖ୍ୟାତ ଚରିତ-କୋଷ ଏକ ମୂଲ୍ୟବାନ ସଂକଳନ । ଏତଦ୍‌ବ୍ୟତୀତ ବୈଜ୍ଞାନିକ ପ୍ରତିଶବ୍ଦ ଭାଷାକୋଷ, ଶବ୍ଦକୋଷ, ଇତିହାସ-କୋଷ ଇତ୍ୟାଦି ସାହିତ୍ୟର ବିଭିନ୍ନ ବିଭାଗକୁ କେନ୍ଦ୍ର କରି ବହୁ କୋଷ-ଗ୍ରନ୍ଥ ମହାରାଷ୍ଟ୍ରୀ ସାହିତ୍ୟକୁ ସମୃଦ୍ଧ କରିଅଛି ।

ଅତ୍ୟାଧୁନିକ ଯୁଗର ମହାରାଷ୍ଟ୍ରୀ ସାହିତ୍ୟ ସଂପୂର୍ଣ୍ଣ ପାଶ୍ଚାତ୍ୟ ବ୍ୟକ୍ତିନିଷ୍ଠ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଗ୍ରଗତି କରିଅଛି । ଆଧୁନିକ ଜୀବନର ନାନା ରାଜନୈତିକ ମତବାଦ ସାହିତ୍ୟରେ ବଳିଷ୍ଠ ଭୂମିକା ସୃଷ୍ଟି କରିଅଛି । ତେଣୁ ପ୍ରାଚୀନ ଆଧ୍ୟାତ୍ମିକ ଅଥବା ନୀତିମୟ ଆଦର୍ଶ ଆଜି ସଂପୂର୍ଣ୍ଣ ଭାବରେ ଦୂରେଇ ଯାଇଅଛି ।

ଆଧୁନିକ ସାହିତ୍ୟର ଅନ୍ୟ ଏକ ବିଭାଗ କ୍ଷୁଦ୍ର ଗଳ୍ପରେ ମଧ୍ୟ ମହାରାଷ୍ଟ୍ରୀସାହିତ୍ୟ ଅତ୍ୟନ୍ତ ପ୍ରଗତିଶୀଳ । ପ୍ରଥମକାଳରେ ଲେଖକମାନେ କାହାଣୀ-ପ୍ରଧାନ ଗଳ୍ପ ରଚନା କରୁଥିଲେ ହେଁ ଫଡ଼କେ, ଖଣ୍ଡେକରେ ପ୍ରଭୃତି ଏ ଦିଗରେ ନୂତନତ୍ୱ ଆନୟନ ପାଇଁ ପ୍ରଚେଷ୍ଟା ଚଳାଇଥିଲେ । ମାତ୍ର ସେମାନଙ୍କ ଗଳ୍ପଗୁଡ଼ିକ ମୁଖ୍ୟତଃ କାହାଣୀପ୍ରଧାନ ଥିଲା । ଗଙ୍ଗାଧର ଗାଡ଼ଗିଲ, ଅରବିନ୍ଦ ଗୋଖଲେ, ପି. ବି. ଭାବେ, ସଦାନନ୍ଦ ରେଗେ, ଜି. ଏ. କୁଲକାର୍ଣ୍ଣି, ଜି. ଡ଼ି. ମାଡ଼ଗୁଲକର ପ୍ରଭୃତି ଆଧୁନିକ କ୍ଷୁଦ୍ର ଗଳ୍ପ ରଚନାରେ ନୂତନ ଆଶାର ସଞ୍ଚାର କରିଅଛନ୍ତି ।

ହିନ୍ଦୀ ସାହିତ୍ୟ ଏବଂ ମହାରାଷ୍ଟ୍ରୀ ସାହିତ୍ୟ ମଧ୍ୟରେ ସମ୍ପର୍କ ଏବଂ ଆଦାନ ପ୍ରଦାନ ଅତ୍ୟନ୍ତ ନିବିଡ଼ । ନାମଦେବଙ୍କର ଅନେକ କବିତା ପଞ୍ଜାବୀ ସାହିତ୍ୟରେ ସଂଗୃହୀତ ହୋଇଥିବା ଜଣାଯାଏ । ସେଗୁଡ଼ିକ ହିନ୍ଦୀ ଭାଷାରେ ଲିଖିତ ହୋଇଥିଲା । ସେହିପରି ସନ୍ଥ ଜ୍ଞାନଦେବ, ଏକନାଥ, ତୁକାରାମ, ରାମଦାସ ପ୍ରଭୃତି ଅନେକ ହିନ୍ଦୀ ଭାଷାରେ ବହୁ ଲୋକପ୍ରିୟ ପ୍ରସିଦ୍ଧ ଭଜନ ଗାନ କରିଯାଇଅଛନ୍ତି । ସେହିପରି ହିନ୍ଦୀ ସାହିତ୍ୟର କବୀର ପ୍ରଭୃତିଙ୍କର ରଚନା ମଧ୍ୟ ମହାରାଷ୍ଟ୍ରୀ ସାହିତ୍ୟରେ ପ୍ରତିଷ୍ଠା ଅର୍ଜନ କରିଥିଲା । ନାମଦେବ ଜ୍ଞାନେଶ୍ୱର ପ୍ରଭୃତି ହିନ୍ଦୀ ନାଥ-ପନ୍ଥୀ ସାହିତ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲେ ।

ଆଧୁନିକ ମହାରାଷ୍ଟ୍ରୀ ସାହିତ୍ୟ ଏବଂ ହିନ୍ଦୀ ସାହିତ୍ୟ ମଧ୍ୟରେ ସୁଦ୍ଧା ଏ ପ୍ରକାର ଆଦାନ ପ୍ରଦାନ ଚାଲିଅଛି । ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟ ପରି ମହାରାଷ୍ଟ୍ରୀ ସାହିତ୍ୟ ଏକ ଆନ୍ତର୍ଜାତୀୟ ଆଭିମୁଖ୍ୟ ଗ୍ରହଣ କରି ଅଗ୍ରସର ହେଉଅଛି ।

# ଗୁଜରାଟୀ ସାହିତ୍ୟ

ଗୁଜରାଟୀ ଭାଷା କେବେ ସ୍ୱତନ୍ତ୍ର ରୂପ ଗ୍ରହଣ କରିଥିଲା, ତାହା କହିହେବ ନାହିଁ । ଗୁର୍ଜର ଶବ୍ଦରୁ କାଳକ୍ରମେ ଗୁଜରାଟ ଶବ୍ଦଟି ସୃଷ୍ଟି ହୋଇଛି ବୋଲି ଅନୁମାନ କରାଯାଇଥାଏ । ଅଷ୍ଟମ ଠାରୁ ଦଶମ ଶତାବ୍ଦୀ ମଧ୍ୟରେ ମିଳୁଥିବା ଲେଖାମାନଙ୍କରୁ ଗୁର୍ଜରତ୍ରା ମଣ୍ଡଳ କିମ୍ବା ଗୁର୍ଜରତ୍ରା-ଭୂମି ପ୍ରଭୃତି ଶବ୍ଦ ଦୃଷ୍ଟିଗୋଚର ହୁଏ । ପ୍ରସିଦ୍ଧ ଆରବ ପରିବ୍ରାଜକ ଆଲବରୁନି ଏକାଦଶ ଶତାବ୍ଦୀରେ ଗୁଜରାଟ ଶବ୍ଦର ବ୍ୟବହାର କରି ଯାଇଅଛନ୍ତି । ପ୍ରାକୃତ ବୈୟାକରଣ ହେମଚନ୍ଦ୍ର ମଧ୍ୟ ତାଙ୍କର ସରସ୍ୱତୀ କଣ୍ଠାଭରଣ ଗ୍ରନ୍ଥରେ ଗୁଜରାଟ ଶବ୍ଦର ବ୍ୟବହାର କରିଅଛନ୍ତି ।

ଗୁଜରାଟୀ ଭାଷା ସୌରସେନୀ ପ୍ରାକୃତରୁ ଉଦ୍ଭବ ହୋଇଥିବା ଜଣାଯାଏ । ଅବନ୍ତୀ ଅପଭ୍ରଂଶ ସହିତ ଏହାର ସଂପର୍କ ଅତ୍ୟନ୍ତ ନିବିଡ଼ । ଭାଷାତତ୍ତ୍ୱବିଦ୍‌ଗଣ ପ୍ରାଚୀନ ଗୁଜରାଟୀ ଏବଂ ପ୍ରାଚୀନ ରାଜସ୍ଥାନୀ ଭାଷା ମଧ୍ୟରେ ବହୁତ ସାମ୍ୟ ଲକ୍ଷ୍ୟ କରିଥାନ୍ତି । ଐତିହାସିକମାନଙ୍କ ମତରେ ଗୁଜରାଟର ପ୍ରଥମ କବି 'ନଳ' ଡିଙ୍ଗଲ ଭାଷାରେ ତାଙ୍କର ଗାଥା କବିତା ପ୍ରଣୟନ କରିଥିଲେ ।

ଗୁଜରାଟ ଅଞ୍ଚଳରେ ଗୁଜରାଟୀ ସାହିତ୍ୟର ବିକାଶ ହେବା ପୂର୍ବରୁ ପ୍ରାୟ ଏକ ହଜାର ବର୍ଷ ପର୍ଯ୍ୟନ୍ତ ସଂସ୍କୃତ, ପ୍ରାକୃତ ଏବଂ ଅପଭ୍ରଂଶ ସାହିତ୍ୟର ଯଥେଷ୍ଟ ସମୃଦ୍ଧି ସାଧିତ ହୋଇଥିଲା । ସଂସ୍କୃତରେ ବିଖ୍ୟାତ 'ଭଟ୍ଟିକାବ୍ୟ'ର ଲେଖକ ଭଟ୍ଟି ଏବଂ 'ଶିଶୁପାଳ ବଧ'ର ଲେଖକ 'ମାଘ' ଏହି ଗୁଜରାଟ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ । ବିଖ୍ୟାତ ଲେଖକ ହେମଚନ୍ଦ୍ର ଏବଂ ତାଙ୍କର ଶିଷ୍ୟଗଣ ଗୁଜରାଟ ଅଞ୍ଚଳର ବୋଲି କୁହା-ଯାଇଛି । ସେମାନଙ୍କ ଉଦ୍ୟମରେ ଅସଂଖ୍ୟ ସଂସ୍କୃତ ଏବଂ ପ୍ରାକୃତ ଗ୍ରନ୍ଥ ପ୍ରଣୟନ ହୋଇଥିଲା । ତେଣୁ ଦ୍ୱାଦଶ ଶତାବ୍ଦୀରେ ଗୁଜରାଟୀ

ସାହିତ୍ୟର ଉଦ୍ଭବ ହେବା ପୂର୍ବରୁ ଗୁଜରାଟ ଅଞ୍ଚଳରେ ଏକ ସମୃଦ୍ଧ ସାଂସ୍କୃତିକ ପରମ୍ପରା ରାଜପଣ କରୁଥିଲା ।

ଦ୍ୱାଦଶ ଶତାବ୍ଦୀ ବେଳକୁ ଗୁଜରାଟୀ ସାହିତ୍ୟର ଅନେକ ଉଲ୍ଲେଖ-ଯୋଗ୍ୟ ପ୍ରମାଣ ମିଳୁଅଛି । ଏହି ପ୍ରଥମ କାଳର ସାହିତ୍ୟକୁ ରାସ-ଯୁଗ କୁହାଯାଇପାରେ । ଉଭୟ ଗଦ୍ୟ ଏବଂ ପଦ୍ୟ ତଥା ବହୁ କାହାଣୀ ମଧ୍ୟ ଏ ଯୁଗରେ ପ୍ରଚଳିତ ଥିଲା । ପ୍ରେମ ଏବଂ ଦୁଃସାହସିକ ଘଟଣା ପରିପୂର୍ଣ୍ଣ କଥାବସ୍ତୁ ଅବଲମ୍ବନରେ ଅନେକ 'ଫଗୁଗୀତ' ମଧ୍ୟ ରଚିତ ହୋଇଥିଲା । ବାରମାସର ଘଟଣାବଳୀକୁ କେନ୍ଦ୍ର କରି ବାରମାସୀ ଗୀତ ମଧ୍ୟ ପ୍ରସ୍ତୁତ ହୋଇଥିଲା । ଗୁଜରାଟର ଗାର୍‌ବା ନୃତ୍ୟକୁ ଭିତ୍ତି କରି ଗାର୍‌ବା ଗୀତ ମଧ୍ୟ ସୃଷ୍ଟି ହୋଇଥିଲା । ଏ ସବୁ ଗୀତଗୁଡ଼ିକ ସାଧାରଣତଃ ସାଙ୍ଗୀତିକ ଶୈଳୀରେ ରଚିତ ହୋଇଥାଏ ଏବଂ ଦଳୀୟ ଅନୁଷ୍ଠାନରେ ତାହା ଗାନ କରାଯାଇଥାଏ । ଏ କାଳର ରଚିତ ଅନେକ ଗୀତର ପ୍ରକୃତ ଲେଖକ କିଏ ତାହା ଜଣାଯାଏ ନାହିଁ । ସେଗୁଡ଼ିକରେ ଲୋକଗାଥା ଓ କାହାଣୀର ପରମ୍ପରା ବିଦ୍ୟମାନ ।

ଐତିହାସିକଗଣ ସାଧାରଣତଃ ଗୁଜରାଟୀ ସାହିତ୍ୟକୁ ଚାରୋଟି ପର୍ଯ୍ୟାୟରେ ବିଭକ୍ତ କରିଥାଆନ୍ତି । (୧) ରାସଯୁଗ (୨) ଭକ୍ତିଯୁଗ (୩) ବର୍ଣ୍ଣନାତ୍ମକ ଯୁଗ (୪) ଆଧୁନିକ ଯୁଗ ।

ଗୁଜରାଟୀ ସାହିତ୍ୟରେ ରାସଯୁଗର ସାହିତ୍ୟକୁ ଆଦିଯୁଗ ଭାବରେ ନାମିତ କରାଯାଇପାରେ । ରାସଯୁଗ ପରେ ଗୁଜରାଟୀ ସାହିତ୍ୟରେ ଭକ୍ତି-ଯୁଗର ଅଭ୍ୟୁଦୟ ହୋଇଥିଲା । ରାଧାକୃଷ୍ଣଙ୍କ ପ୍ରେମଲୀଳା ଏବଂ ଭକ୍ତିକଥାକୁ ମୁଖ୍ୟ ଭାବରେ ଗ୍ରହଣ କରି ଭକ୍ତିଯୁଗର କବିଗଣ ସମଗ୍ର ଭାରତୀୟ ସାହିତ୍ୟରେ ଅତୁଳନୀୟ ଭକ୍ତିସଙ୍ଗୀତ ରଚନା କରିଯାଇଅଛନ୍ତି । ମିରାବାଈ ଏବଂ ସୁରଦାସ ପ୍ରଭୃତିଙ୍କର ଭକ୍ତି ଭାବନାରେ ଭାରତୀୟ ସମାଜରେ ଅପୂର୍ବ ପ୍ଲାବନ ସୃଷ୍ଟି ହେଲା । ସନ୍ଥ କବି ନରସିଂହ ମେହେଟା ଏହି ଭକ୍ତିଯୁଗର ଅନ୍ୟତମ ସ୍ମରଣୀୟ କବି । ଗୁଜରାଟୀ ସାହିତ୍ୟ ନରସିଂହ ମେହେଟାଙ୍କୁ ଲାଭ କରି ଗର୍ବିତ ହୋଇଅଛି । ଅନେକଙ୍କ ମତରେ ନରସିଂହ ମେହେଟାହିଁ ପ୍ରକୃତପକ୍ଷେ ଗୁଜରାଟୀ ସାହିତ୍ୟର ବଳିଷ୍ଠ ପ୍ରାଣପ୍ରତିଷ୍ଠାତା,

ତାଙ୍କଠାରୁ ଗୁଜରାଟୀ ସାହିତ୍ୟର ପ୍ରକୃତ ବିକାଶ ଆରମ୍ଭ ହୋଇଥିଲା କହିଲେ ଚଳେ । ମହାରାଷ୍ଟ୍ରର ତୁକାରାମ କିମ୍ବା ବଙ୍ଗଦେଶର ଶ୍ରୀଚୈତନ୍ୟଙ୍କ ସହିତ ସନ୍ଥକବି ନରସିଂହ ମେହେଟାଙ୍କୁ ତୁଳନା କରାଯାଏ । ନରସିଂହ ଅସଂଖ୍ୟ ସଙ୍ଗୀତ ରଚନା କରିଯାଇଅଛନ୍ତି । ସେଗୁଡ଼ିକରେ ଥିବା ନିର୍ମଳ ଭକ୍ତିଭାବନା, ନୈତିକତାବୋଧ ଏବଂ ଅପୂର୍ବ ଜୀବନାନୁଭୂତିର ତୁଳନା ନାହିଁ । ଏହି ସଙ୍ଗୀତଗୁଡ଼ିକର ପ୍ରାଣପ୍ରବେଦନା ଅପରସୀମ ।

ପ୍ରାନ୍ତୀୟ ସାହିତ୍ୟଗୁଡ଼ିକର ଆଦିଯୁଗରେ ସଂସ୍କୃତ ପୁରାଣ ସାହିତ୍ୟର ପ୍ରେରଣା ଅତ୍ୟନ୍ତ ସ୍ପଷ୍ଟ । ଏତଦ୍‌ବ୍ୟତୀତ ଲୋକ ସଂସାରରେ ପୁରୁଷାନୁକ୍ରମେ ଅସଂଖ୍ୟ ପ୍ରଚଳିତ ଲୋକକଥା ଏ ଯୁଗରେ ଲିପିବଦ୍ଧ ହେଲା । ଏହି ଲୋକକଥାଗୁଡ଼ିକରେ ଜୀବନର ବାସ୍ତବ ରୂପାୟନ ସାଧାରଣ ପାଠକଙ୍କୁ ଅଧିକ ଆକର୍ଷଣ କରିଥାଏ । ତେଣୁ ଏଗୁଡ଼ିକ ଖାଣ୍ଟି ଲୋକସାହିତ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ନରସିଂହ ମେହେଟାଙ୍କ ପରେ ସଂସ୍କୃତ ଭାଗବତକୁ ଅବଲମ୍ବନ କରି 'ଭାଲଣ' ଅସଂଖ୍ୟ କବିତା ରଚନା କରିଥିଲେ । ଭାଲଣ ଜଣେ ଶକ୍ତିଶାଳୀ ଲେଖକ ଥିଲେ ଏବଂ ସମସାମୟିକ ତଥା ପରବର୍ତ୍ତୀ ବହୁ କବିଙ୍କୁ ସେ ପ୍ରଭାବିତ କରିଥିଲେ ।

ପ୍ରାଚୀନ ଗୁଜରାଟୀ ସାହିତ୍ୟର ସୃଷ୍ଟିକାଳ ମୋଟାମୋଟି ତ୍ରୟୋଦଶ ଶତାବ୍ଦୀରୁ କଳ୍ପନା କରାଯାଏ । ଏହି ଆଦିକାଳରେ ଯେଉଁ କେତେକ ଗ୍ରନ୍ଥ ଆଲୋଚକମାନଙ୍କର ବିସ୍ମୟ, ସେଗୁଡ଼ିକ ହେଲା ଶାଳିଭଦ୍ର ସୁରିଙ୍କ ରଚିତ "ଭରତେଶ୍ୱର ବାହୁବଳିରାସ", ବିଜୟସେନ ସୁରିଙ୍କ ଦ୍ୱାରା ଲିଖିତ "ରେବନ୍ତଗିରି ରାସ", ଜିନଧରଙ୍କ କୃତ "କଂଛୁଳୀ ରାସ", ରାଜଶେଖରଙ୍କ ରଚିତ 'ନେମିନାଥ ଫାଗୁ", ଅଜ୍ଞାତ ଲେଖକ ଦ୍ୱାରା ପ୍ରଣୀତ "ବସନ୍ତ ବିଳାସ ଫାଗୁ", ଜୟଶେଖର କୃତ "ପ୍ରବୋଧ ଚିନ୍ତାମଣି' ପ୍ରଭୃତି ବହୁଗ୍ରନ୍ଥ । ତେବେ ପ୍ରାଚୀନ ଗୁଜରାଟୀ ସାହିତ୍ୟର ସର୍ବଶ୍ରେଷ୍ଠ କବି ନରସିଂହ ମେହେଟାଙ୍କ ରଚିତ "ଶାମଳଦାସନୋବିବାହ" "ରାସ ସହସ୍ରପଦୀ' ଶୃଙ୍ଗାରମାଳା, "ହୁଣ୍ଡି", ହିଂଡୋଳାନାପଦୋ, 'ବସନ୍ତନାପଦୋ, ସୁଦାମାଚରିତ ପ୍ରଭୃତି ଏହି ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ।

ପ୍ରାଚୀନ ଯୁଗର ଅବସାନ ପରେ ଗୁଜରାଟୀ ସାହିତ୍ୟରେ ବର୍ଣ୍ଣନାତ୍ମକ ଯୁଗର ଆରମ୍ଭ ହୁଏ । ଐତିହାସିକଗଣ ଏହି ଯୁଗକୁ ମଧ୍ୟଯୁଗ ନାମରେ ମଧ୍ୟ ନାମିତ କରିଥାଆନ୍ତି । ଏ ଯୁଗରେ ନାନା ଐତିହାସ କ କାହାଣୀ ଏବଂ କମ୍ବଦନ୍ତୀମୂଳକ ଉପାଖ୍ୟାନ ସାହିତ୍ୟ ସଂସାରର ପ୍ରଧାନ ଉପଜୀବ୍ୟ କଥାବସ୍ତୁ ହୋଇ ପଡ଼ିଲେ । ପୁନଶ୍ଚ ପୁରାଣର ଲୋକପ୍ରିୟ ଉପାଖ୍ୟାନଗୁଡ଼ିକ ମଧ୍ୟ କାବ୍ୟ ସଂସାରର କଥାବସ୍ତୁକୁ ପ୍ରଭାବିତ କଲା । ନଳ ଦମୟନ୍ତୀ, ନଚିକେତା ପ୍ରଭୃତି ବର୍ଣ୍ଣନାତ୍ମକ ପୌରାଣିକ ଉପାଖ୍ୟାନ ଅବଲମ୍ବନରେ ବହୁଳ ରଚନା ପ୍ରସ୍ତୁତ ହେଲା । ପୁନଶ୍ଚ ଅସୀମ ସାହସ ଏବଂ ବୀରତ୍ୱ ବ୍ୟଞ୍ଜକ "କହ୍ନାଡାଦା ପ୍ରବନ୍ଧ" ଭଳି ରଚନା ମଧ୍ୟ ଏଯୁଗର ସୃଷ୍ଟି । ଏଥିରେ ଯୁଦ୍ଧ, ପ୍ରେମ ଏବଂ ଅଲୌକିକତାର ଚମତ୍କାର ବର୍ଣ୍ଣନା ଦିଆଯାଇଛି । ଆଲ୍ଲାଉଦ୍ଦିନ ଖିଲଜୀଙ୍କଦ୍ୱାରା ଝାଲୋର ଅବରୋଧ ଏବଂ ଚୌହାନ ବୀରମାନଙ୍କର ସ୍ୱାଧୀନତାରକ୍ଷା ପାଇଁ ଯୁଦ୍ଧକ୍ଷେତ୍ରରେ ଅପୂର୍ବ ବୀରତ୍ୱ ପ୍ରଦର୍ଶନ ତଥା ଆତ୍ମୋତ୍ସର୍ଗ ଇତ୍ୟାଦିର ଚମତ୍କାର ବର୍ଣ୍ଣନା ଏ ଗ୍ରନ୍ଥରେ ଦେଖିବାକୁ ମିଳେ । ଅନେକ ସମୟରେ ଏହି ଭଳି ଗାଥା ସାହିତ୍ୟର କଳାଗତ ମୂଲ୍ୟକୁ ଅସ୍ୱୀକାର କରାଗଲେ ହେଁ ଏଗୁଡ଼ିକ ସେ ତତ୍କାଳୀନ ସମାଜର ନିଖୁଣ ଚିତ୍ର ପ୍ରଦାନ କରିଥାଏ, ଏଥିରେ ସନ୍ଦେହର ଅବକାଶ ନାହିଁ । ତେବେ ମଧ୍ୟକାଳୀନ ଗୁଜରାଟୀ ସାହିତ୍ୟରେ ପ୍ରେମାନନ୍ଦ ଜଣେ ପ୍ରଧାନ ଲେଖକ । ସପ୍ତଦଶ ଶତାବ୍ଦୀରେ ସେ ଗୁଜରାଟୀ ସାହିତ୍ୟରେ ଲେଖନୀ ଧାରଣ କରି ଅକ୍ଷୟ କୀର୍ତ୍ତି ଅର୍ଜନ କରିଯାଇଅଛନ୍ତି । ପ୍ରେମାନନ୍ଦଙ୍କ କବିତାରେ ପ୍ରକୃତିଚିତ୍ରଣ; ଚରିତ୍ରବିନ୍ୟାସ ଏବଂ କବିତ୍ୱର ତୁଳନା ନାହିଁ । ପ୍ରେମାନନ୍ଦଙ୍କ ଭଳି ଏ ଯୁଗରେ ଆଉ କୌଣସି କବି ଲୋକପ୍ରିୟ ହୋଇ ପାରି ନ ଥିଲେ । ପ୍ରେମାନନ୍ଦଙ୍କ ଅଧିକାଂଶ ରଚନାରେ ମହାଭାରତ ଏବଂ ରାମାୟଣର ଆଖ୍ୟାନ ଗ୍ରହଣ କରାଯାଇଅଛି । ସନ୍ଥକବି ନରସିଂହ ମେହେଟାଙ୍କ ଜୀବନୀ ଅବଲମ୍ବନରେ ସେ ମଧ୍ୟ କାବ୍ୟ ରଚନା କରିଅଛନ୍ତି । ବର୍ଣ୍ଣନାତ୍ମକ କବିତାରେ ପ୍ରେମାନନ୍ଦଙ୍କର ସଫଳତା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଏହି ଶତାବ୍ଦୀରେ ଦ୍ୱିତୀୟ ପ୍ରସିଦ୍ଧ କବି ହେଉଛନ୍ତି 'ଅଖା' । ଅଖାଙ୍କ ରଚିତ ଗୀତ କବୀରଦାସଙ୍କ ବାଣୀ ଭଳି ଅତ୍ୟନ୍ତ ଲୋକପ୍ରିୟ ଏବଂ ଦାର୍ଶନିକ ଛଟାରେ ପରିପୂର୍ଣ୍ଣ । ଏହି ଯୁଗରେ ଅନ୍ୟତମ ଲେଖକ 'ଶାମଲ' କବିତା ମାଧ୍ୟମରେ କାହାଣୀର ଚମତ୍କାର ପରିବେଷଣ କରି

ପାରିଥିଲେ । ତେଣୁ ତାଙ୍କର କାବ୍ୟକୁ ପଦ୍ୟରେ ରଚିତ ଉପନ୍ୟାସ ବୋଲି ଆଲୋଚକମାନେ ମତ ପ୍ରକାଶ କରିଥାଆନ୍ତି । କାହାଣୀର ଚମତ୍କାରିତା ଯୋଗୁ ଶାମଲଙ୍କର ରଚନା ଏବେ ମଧ୍ୟ ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନ କରିଅଛି । ଏମାନଙ୍କ ବ୍ୟତୀତ ପ୍ରୀତମ୍, ଭୋଜୋ ପ୍ରଭୃତି ବହୁ ଲୋକପ୍ରିୟ ଭଜନ ଏ ଯୁଗରେ ରଚନା କରି ଯଶସ୍ୱୀ ହୋଇଥିଲେ । ତେବେ ଏହି ଶତାବ୍ଦୀର ସର୍ବଶେଷ ସାର୍ଥକ କବି ହେଉଛନ୍ତି ଦୟାରାମ । ବ୍ରିଟିଶ ଶାସନର ପ୍ରତିଷ୍ଠା କାଳରେ ସେ ଜନ୍ମଗ୍ରହଣ କରି ଲେ । ଦୟାରାମ ମୁଖ୍ୟତଃ ଶୃଙ୍ଗାରଭାବାପନ୍ନ କବିତା ଲେଖିଯାଇଅଛନ୍ତି । ରାସ ଖେଳରେ ଗୁଜରାଟର ନାରୀମାନେ ଆଜ ସୁଦ୍ଧା ଦୟାରାମଙ୍କ ଶୃଙ୍ଗାର-କବିତା ଗାନ କରି ମୁଗ୍ଧ ହେଉଅଛନ୍ତି । ଦୟାରାମ ପ୍ରାଚୀନ ଗୁଜରାଟୀ ସାହିତ୍ୟର ସର୍ବଶେଷ କବି ଭାବରେ ସମ୍ମାନିତ । ସେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ୧୮୫୨ ଖ୍ରୀଷ୍ଟାବ୍ଦରେ ମାନବଲୀଳା ସମ୍ବରଣ କରିଥିଲେ ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଗୁଜରାଟୀଭାଷୀ ଅଞ୍ଚଳରେ ଇଂରେଜ ଶାସନ ସୁପ୍ରତିଷ୍ଠିତ ହେଲା । ଇଂରାଜି ଶିକ୍ଷା ଓ ଶାସନର ସମ୍ପର୍କରେ ଆସି ତତ୍କାଳୀନ ଗୁଜରାଟୀ ସମାଜରେ ନବଜାଗରଣ ଆସନ୍ନ-ପ୍ରାୟ । ଉଚ୍ଚଶିକ୍ଷିତ ଗୁଜରାଟୀ ଯୁବକଗଣ ପାଶ୍ଚାତ୍ୟ ସଭ୍ୟତାର ନୂତନ ଭାବଧାରାକୁ ସ୍ୱାଗତ କଲେ ଏବଂ ଉନ୍ନତ ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ମାତୃଭାଷାର ଉନ୍ନତିକଳ୍ପେ ଧ୍ୟାନ ଦେଇଥିଲେ । ସେମାନେ ଏ ଦେଶର ପ୍ରାଚୀନ ଚଳଣୀ ଏବଂ କୁସଂସ୍କାର ଇତ୍ୟାଦି ଲକ୍ଷ୍ୟ କରି ବିଚଳିତ ହୋଇ ପଡ଼ିଥିଲେ ଏବଂ ସେ ସବୁଥିରେ ଆଶୁ ପରିବର୍ତ୍ତନ କାମନା କରୁଥିଲେ । ଏହି କାଳରେ ଆଧୁନିକ ଗୁଜରାଟୀ ସାହିତ୍ୟର ପ୍ରଥମ ପ୍ରଧାନ ବ୍ୟକ୍ତି ହେଉଛନ୍ତି ନର୍ମଦା । ତାଙ୍କରି ପ୍ରଚେଷ୍ଟାରେ ଗୁଜରାଟୀ ସାହିତ୍ୟରେ ନବଯୁଗର ସଞ୍ଚାର ହୋଇଥିଲା । ତାଙ୍କର ରଚନାରେ ଜାତୀୟତାବୋଧ ମଧ୍ୟ ଲକ୍ଷ୍ୟ କରିବାର କଥା ।

୧୮୪୮ ଖ୍ରୀଷ୍ଟାବ୍ଦରେ ଗୁଜରାଟ ଭର୍ଣ୍ଣାକୁଲାର ସୋସାଇଟି ଗଠିତ ହେଲା । ଏ ଯୁଗର ଅନ୍ୟତମ ପ୍ରସିଦ୍ଧ କବି ନନ୍ଦରାମ ଦଲପତରାମ ଏହି ଅନୁଷ୍ଠାନ ସହିତ ସଂପୃକ୍ତ ଥିଲେ । ଆଧୁନିକ ଗୁଜରାଟୀ ସାହିତ୍ୟର ଏହି ପ୍ରଥମ କାଳର କବିଗଣ ବିଶେଷ ପରିମାଣରେ ଇଂରେଜ ରୋମାଣ୍ଟିକ

କବିମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ମୌଳିକ ରଚନା ସହିତ ଇଂରେଜୀ ସାହିତ୍ୟରୁ ଅନୁବାଦ କରି ଏହି ଯୁଗର ଲେଖକଗଣ ଗୁଜରାଟୀ ସାହିତ୍ୟକୁ ସମୃଦ୍ଧ କରିଥିଲେ । ପ୍ରାଚୀନର ବିଶାଳ କାବ୍ୟ ଆଉ ଆଦୃତ ହେଲା ନାହିଁ । ପାଶ୍ଚାତ୍ୟବସ୍ତୁବାଦୀ ସାହିତ୍ୟର ପ୍ରଭାବରେ ବ୍ୟକ୍ତିନିଷ୍ଠ ଭାବଧାରା ଗୁଜରାଟୀ ସାହିତ୍ୟକୁ ଅଧିକ ପ୍ରାଣବନ୍ତ କଲା । ତେଣୁ ବହୁ ପରିମାଣରେ କ୍ଷୁଦ୍ର କବିତା ଏବଂ ଗୀତି କବିତା ରଚିତ ହେଲା । ଗୁଜରାଟୀ ଭାଷାରେ ଗୀତି କବିତାକୁ ଊର୍ମି କବିତା କୁହାଯାଏ । ନରସିଂହ ରାଓ, ବାଲଶଙ୍କର, ମନିଲାଲ ପ୍ରଭୃତିଙ୍କର ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ରହିଅଛି । ଏହି ଗୀତିକାବ୍ୟ ଯୁଗରେ ଅନ୍ୟ ଏକ ଶକ୍ତିଶାଳୀ ଲେଖକ 'କଲପି' ମିଲ ଟନଙ୍କ ପ୍ରଭାବରେ ଗୁଜରାଟୀ ସାହିତ୍ୟରେ ଅମିତ୍ରାକ୍ଷର ଛନ୍ଦର ପ୍ରୟୋଗ ଓ ପରୀକ୍ଷା କରିଥିଲେ । ତାଙ୍କୁ ବଙ୍ଗ ସାହିତ୍ୟର ମାଇକେଲ ମଧୁସୂଦନ କିମ୍ବା ଓଡ଼ିଆ ସାହିତ୍ୟର ରାଧାନାଥ ରାୟଙ୍କ ସହିତ ତୁଳନା କରାଯାଇ ପାରେ । କଲପିଙ୍କ ପରେ ମସ୍ତକବି ତ୍ରିଭୁବନ ଏବଂ ଜଗନ୍ନାଥ ତ୍ରିପାଠୀ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ ।

ନନ୍ଦରାମ ଦଲପତ୍‌ରାମ ରବୀନ୍ଦ୍ରନାଥ ଟାଗୋରଙ୍କ ଦ୍ୱାରା ଯଥେଷ୍ଟ ପ୍ରଭାବିତ ହୋଇଥିଲେ ଏବଂ ତାଙ୍କର ପ୍ରେରଣାରେ ପ୍ରେମ, ପ୍ରକୃତି ଏବଂ ଦାର୍ଶନିକ ଭାବପୂର୍ଣ୍ଣ ବହୁ କାବ୍ୟ କବିତା ତାଙ୍କର ଉଲ୍ଲେଖଯୋଗ୍ୟ କୃତି । ଦଲପତ୍‌ରାମ ଅମିତ୍ରାକ୍ଷର ଛନ୍ଦରେ କାବ୍ୟ ରଚନା କରି ମଧ୍ୟ ଯଶସ୍ୱୀ ହୋଇଥିଲେ ।

ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ବେଳକୁ ମହାତ୍ମାଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରି ଭାରତୀୟ ରାଜନୀତି ଏବଂ ସାଂସ୍କୃତିକ ଜୀବନରେ ନିଜର ପ୍ରତିଷ୍ଠା ଲାଭ କରିଛନ୍ତି । ତାଙ୍କର ମାତୃଭାଷା ଗୁଜରାଟୀ ଥିଲା । ଗୁଜରାଟୀ ସାହିତ୍ୟକୁ ତାଙ୍କର ଦାନ ଅପରିସୀମ । ବିଶେଷତଃ ଗାନ୍ଧୀଙ୍କ ସରଳ ଗଦ୍ୟର ଶୈଳୀ ଆଧୁନିକ ଗୁଜରାଟୀ ଲେଖକମାନଙ୍କୁ ଯଥେଷ୍ଟ ପ୍ରଭାବିତ କରିଅଛି । ଗାନ୍ଧୀଦର୍ଶନ ଓ ବିଚାରଧାରା ବହୁ

ଚିନ୍ତାଶୀଳ ଲୋକଙ୍କୁ ଅନୁପ୍ରାଣିତ କରିଥିଲା, ଗାନ୍ଧୀ ରଚନାର ଶୈଳୀ ମଧ୍ୟ ସମ ପରିମାଣରେ ପ୍ରଭାବିତ କରିଥିଲା । କାକା ସାହେବ କାଲେକର, କିଶୋରୀଲାଲ ମଶ୍ରୁୱାଲା, ମହାଦେବଭାଇ ଦେଶାଇ ପ୍ରଭୃତି ଗାନ୍ଧୀ-ଯୁଗର ଲେଖକ ଏବଂ ଏମାନେ ଗୁଜରାଟୀ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିବାରେ ନିୟାମକ ହୋଇଅଛନ୍ତି ।

ଏ ଯୁଗର ପ୍ରଧାନ ସ୍ୱର ହେଲା ଜାତୀୟତାବାଦ । ଏହି ଜାତୀୟ ଯୁଗର ବାର୍ତ୍ତାବହ ଭାବରେ ଯେଉଁ କେତେ ଜଣ ଆଧୁନିକ ଗୁଜରାଟୀ ସାହିତ୍ୟରେ ସ୍ମରଣୀୟ ହୋଇଅଛନ୍ତି, ସେମାନେ ହେଲେ ମେଘାନି, ରାମନାରାୟଣ ପାଠକ, ସୁନ୍ଦରାମ, ଉମାଶଙ୍କର ଯୋଶୀ, ସି. ସି. ମେହେଟା, ଏମ. ଏମ. ଜାଭେରୀ । ଏହି ଜାତୀୟବାଦୀ ଯୁଗରେ ବହୁ ଲେଖକ ମାର୍କସଙ୍କ ପ୍ରଗତିବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହେଲେ । ବସ୍ତୁବାଦୀ ଆନ୍ଦୋଳନ ଏବଂ ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକ ଭାବଧାରା ମଧ୍ୟ ଏ ଯୁଗର ତରୁଣ କବି-ମାନଙ୍କୁ କବିତା ରଚନାରେ ପ୍ରେରଣା ପ୍ରଦାନ କରିଥିଲା ।

ଗୁଜରାଟୀ ସାହିତ୍ୟର ନାଟକ କ୍ଷେତ୍ରରେ ପ୍ରଥମେ ଯେଉଁମାନେ ଲେଖନୀ ଚାଳନା କଲେ, ସେମାନେ ଗତାନୁଗତିକ ସଂସ୍କୃତ ନାଟକର ପ୍ରଭାବରୁ ମୁକ୍ତ ହୋଇ ପାରିଲେ ନାହିଁ । ସଂସ୍କୃତ ଏବଂ ଇଂରେଜୀ ନାଟକର ପ୍ରଭାବରେ ଯେଉଁ କେତେକ ନାଟକ ଲେଖାଯାଇଥିଲା, ତାହା ଦୃଶ୍ୟ କାବ୍ୟ ଅପେକ୍ଷା ପାଠ୍ୟ କାବ୍ୟର ଅଧିକ ଯୋଗ୍ୟତା ଅର୍ଜନ କରିଥିଲା । କେ. ଏମ. ମୁନ୍‌ସିଙ୍କ ଐତିହାସିକ ଉପନ୍ୟାସଗୁଡ଼ିକର ନାଟ୍ୟରୂପ ଗୁଜରାଟୀ ସାହିତ୍ୟର ଅମୂଲ୍ୟ ସଂପଦ । ଆର. ଭି. ଦେଶାଇ, ସି. ସି. ମେହେଟା ପ୍ରଭୃତି ଅନେକ ନାଟକ ରଚନା କରିଅଛନ୍ତି । ଏକାଙ୍କିକା, ରେଡ଼ିଓ ଡ୍ରାମା ଏବଂ ପୂର୍ଣ୍ଣାଙ୍ଗ ନାଟକ ରଚନାରେ ଯଶୋଧର ମେହେଟା, ଜୟନ୍ତୀ ଦେଶାଇ, ଦୁର୍ଗେଶ ଶୁକ୍ଳ, ଯଶୋବନ୍ତ ପାଣ୍ଡେ ପ୍ରଭୃତିଙ୍କର ସଫଳତା ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ । ମୌଳିକ ନାଟକ ରଚନା ବ୍ୟତୀତ ଅନ୍ୟ ପ୍ରାନ୍ତର କେତେକ ବଶିଷ୍ଟ ନାଟକ ମଧ୍ୟ ଗୁଜରାଟୀ ସାହିତ୍ୟରେ ଅନୂଦିତ ହୋଇଥିଲା । ମେଘାନି ବଙ୍ଗଳାର

ବିଖ୍ୟାତ ନାଟ୍ୟକାର ଡି. ଏଲ୍. ରାୟଙ୍କର ବହୁ ନାଟକ ଅନୁବାଦ କରିଥିଲେ । କାଳିଦାସ, ସେକ୍‌ସପିୟର ପ୍ରଭୃତି ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ସାହିତ୍ୟର ମହାକବିମାନଙ୍କର ନାଟକ ମଧ୍ୟ ଏ ଯୁଗରେ ଗୁଜରାଟୀ ଭାଷାରେ ପ୍ରକାଶିତ ହୋଇଥିଲା ।

ନନ୍ଦଶେଖର ମେହେଟା ଗୁଜରାଟୀ ସାହିତ୍ୟର ପ୍ରଥମ ଔପନ୍ୟାସିକ । ୧୮୬୬ ଖ୍ରୀଷ୍ଟାବ୍ଦରେ ସେ ତାଙ୍କର ଉପନ୍ୟାସ "କରନ-ଘେଲେ" ପ୍ରକାଶ କରିଥିଲେ । ଏ ଯୁଗର ପ୍ରମୁଖ ଲେଖକଗଣ ହେଲେ ନନ୍ଦଶଙ୍କର ମେହେଟା, ଭୋଳାନାଥ ସାରାଭାଇ, ସୁଧାରକ ମହୀପତରାୟ ନୀଳକଣ୍ଠ, ଭଗବାନ ଲାଲ ଇନ୍ଦ୍ରଜୀ । ବଙ୍ଗଳାର ବିଖ୍ୟାତ ଔପନ୍ୟାସିକ ବଙ୍କିମ ଚନ୍ଦ୍ର, ରବୀନ୍ଦ୍ରନାଥ ଠାଗୋର, ଶରତଚନ୍ଦ୍ର ପ୍ରଭୃତିଙ୍କର ବହୁ ଉପନ୍ୟାସ ଗୁଜରାଟୀରେ ଅନୁବାଦ କରାଯାଇଥିଲା । ଇଂରାଜୀ ସାହିତ୍ୟର ସ୍କଟ ଏବଂ ଡୁମାସ ପ୍ରଭୃତିଙ୍କର ପ୍ରଭାବରେ ଅନୁପ୍ରାଣିତ ହୋଇ ମୁନ୍‌ସିଙ୍କ ଭଳି ଐତିହାସିକ ଲେଖକଗଣ ବହୁ ଐତିହାସିକ ଉପନ୍ୟାସ ପ୍ରଣୟନ କଲେ । ୧୮୮୭ ଖ୍ରୀଷ୍ଟାବ୍ଦରେ ଗୋବର୍ଦ୍ଧନ ତ୍ରିପାଠୀ ତାଙ୍କର ପ୍ରଖ୍ୟାତ ଉପନ୍ୟାସ "ସରସ୍ୱତୀଚନ୍ଦ୍ର"ର ପ୍ରଥମ ଖଣ୍ଡ ପ୍ରକାଶ କଲେ । ୧୯୦୧ ସାଲ ମଧ୍ୟରେ ଏହି ଉପନ୍ୟାସର ଅନ୍ୟ ତିନୋଟି ଭାଗ ପ୍ରକାଶିତ ହୋଇଥିଲା । ଏହି ଉପନ୍ୟାସକୁ ଆଲୋଚକଗଣ ଏକ "ଗଦ୍ୟ ମହାକାବ୍ୟ" ବୋଲି ସ୍ୱୀକାର କରିଥାନ୍ତି । ଆଲୋଚ୍ୟ ଗ୍ରନ୍ଥରେ ଗୁଜରାଟୀ ଗଦ୍ୟ ସାହିତ୍ୟର ବଳିଷ୍ଠ ରୂପାୟନ ହୋଇଅଛି । ଆର. ଭି. ଦେଶାଇ, ଧୂମକେତୁ, ଗୁଣବନ୍ତ ରାୟ ଆଚାର୍ଯ୍ୟ, ପାନାଲାଲ ପଟେଲ, ଚୂନିଲାଲ ମାଡ଼ିଆ, ପ୍ରଭୃତି ଲୋକପ୍ରିୟ ଅଥଚ ବହୁ ଶକ୍ତିଶାଳୀ ଔପନ୍ୟାସିକ ଏ ଯୁଗରେ ଲେଖନୀ ଧାରଣ କରି ଗୁଜରାଟୀ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି । କ୍ଷୁଦ୍ର ଗଳ୍ପ କ୍ଷେତ୍ରରେ ମଧ୍ୟ ଆଧୁନିକ ଗୁଜରାଟୀ ସାହିତ୍ୟ ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟ ପରି ଅଗ୍ରସର ହେଉଅଛି । ଇଂରେଜୀ ସାହିତ୍ୟ ଏବଂ ପାଶ୍ଚାତ୍ୟ ଦେଶର ଅନ୍ୟାନ୍ୟ ବହୁ ପ୍ରସିଦ୍ଧ ଲେଖକଙ୍କର ଗଳ୍ପ ଗୁଜରାଟୀରେ ଅନୁବାଦ ହୋଇଅଛି । ସୋମୟା, ଦ୍ୱିରେଫ, ଗୋଲବ ଦାସ, ଜୟନ୍ତୀ ଦଲାଲ, ବିନୋଦିନୀ ନୀଳକଣ୍ଠ, କୁନ୍ଦନିକା କପାଡ଼ିଆ, ରମଣ ଭଟ୍ଟ ପ୍ରଭୃତି ଶକ୍ତିଶାଳୀ ଗାଳ୍ପିକ ଭାବରେ ଖ୍ୟାତି ଅର୍ଜ୍ଜନ କରିଅଛନ୍ତି ।

ନିବନ୍ଧ ଏବଂ ଆଲୋଚନା ସାହିତ୍ୟ ବିଭାଗରେ ଗୁଜରାଟୀ ସାହିତ୍ୟର ପ୍ରଗତିଶୀଳ ଅଭିଯାନ ଲକ୍ଷ୍ୟ କରାଯାଇପାରେ । ପଣ୍ଡିତ ସୁଖଲାଲଜୀ, କେ. ଏମ୍. ଜାଭେରୀ, ରବିଶଙ୍କର ମହାରାଜ, କେଶବ ରାଓ, ଶାସ୍ତ୍ରୀ, ଭି. ଆର. ତ୍ରିବେଦୀ ପ୍ରଭୃତି ଆଲୋଚକ ଏବଂ ନିବନ୍ଧ ଲେଖକଗଣ ଗୁଜରାଟୀ ସାହିତ୍ୟର ମୁଖ ଉଜ୍ଜ୍ୱଳ କରିଅଛନ୍ତି ।

ଉପନ୍ୟାସ, କାହାଣୀ, ନାଟକ, କବିତା, ସମାଲୋଚନା ପ୍ରଭୃତି ବିଭିନ୍ନ ବିଭାଗରେ ଗୁଜରାଟୀ ସାହିତ୍ୟର ପ୍ରଗତି ସାଧିତ ହୋଇଅଛି ।

# କାଶ୍ମୀର ସାହିତ୍ୟ

ରାଜନୈତିକ ଦୃଷ୍ଟିକୋଣରୁ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହେଲେ ହେଁ ଭୌଗୋଳିକ ଦୃଷ୍ଟିରେ ସମଗ୍ର ଦେଶଠାରୁ ଏହାର ଅବସ୍ଥିତି ସ୍ୱତନ୍ତ୍ର । ସ୍ୱାଧୀନତା ପରେ ଅବଶ୍ୟ କାଶ୍ମୀର ପ୍ରଦେଶ ସହିତ ଅଧିକ ଭୌଗୋଳିକ ଯୋଗସୂତ୍ର ସ୍ଥାପନ ପାଇଁ ଉଦ୍ୟମ ଚାଲିଅଛି । ନଚେତ୍ ପାହାଡ଼-ପର୍ବତ-ଘେରା କାଶ୍ମୀର ଉପତ୍ୟକା ବର୍ଷର କେତେକ ସମୟ ସମଗ୍ର ଦେଶଠାରୁ ଏବେ ମଧ୍ୟ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ ।

କାଶ୍ମୀର ପ୍ରଦେଶର ଏହି ପ୍ରକାର ଭୌଗୋଳିକ ପରିସ୍ଥିତି ତାହାର ସମାଜ ଓ ସାହିତ୍ୟକୁ ମଧ୍ୟ ଅନୁପ୍ରାଣିତ କରିଅଛି । ଅତି ପ୍ରାଚୀନ କାଳରୁ କାଶ୍ମୀରରେ ଆର୍ଯ୍ୟମାନେ ବସତି ସ୍ଥାପନ କରିଥିଲେ, ତେଣୁ କାଶ୍ମୀରରେ ସଂସ୍କୃତ ସାହିତ୍ୟର ପ୍ରଚାର ଅତି ବ୍ୟାପକ ଭାବରେ ସମ୍ଭବ ହୋଇଥିଲା । କାଶ୍ମୀରରେ ଶୈବଧର୍ମର ପ୍ରାଧାନ୍ୟ ଅଧିକ ଅନୁଭୂତ ହୋଇଥିଲା ଏବଂ ସେହି କାରଣରୁ ଶୈବ-ଦର୍ଶନ ସଂପର୍କୀୟ ବହୁ ସମୃଦ୍ଧ ସାହିତ୍ୟ କାଶ୍ମୀରରେ ସୃଷ୍ଟି ହୋଇଥିଲା । ଏହି ସମୃଦ୍ଧ ସାହିତ୍ୟର ଲିପି ସାରଦା ଲିପି ନାମରେ ପରିଚିତ ।

ଐତିହାସିକ ଯୁଗରେ କାଶ୍ମୀରରେ ମୁସଲମାନ ଧର୍ମ ପ୍ରଚଳିତ ହେବା ସଙ୍ଗେ ସଙ୍ଗେ ମୁସଲମାନ ରାଜତ୍ୱ ମଧ୍ୟ ପ୍ରତିଷ୍ଠିତ ହେଲା । ମୁସଲମାନ ଶାସନକାଳରେ ଶାସକଗଣ ପାର୍ସିଭାଷାର ପୃଷ୍ଠପୋଷକତା କରିଥିଲେ । ତେଣୁ କାଶ୍ମୀର ଉପତ୍ୟକାରେ ଦୁଇଶ୍ରେଣୀର କାଶ୍ମୀର ଭାଷା ଦୃଷ୍ଟିଗୋଚର ହୁଏ । ଗୋଟିଏ ହେଲା ସଂସ୍କୃତ ପ୍ରଭାବିତ କାଶ୍ମୀର ଭାଷା ଯାହା କି ପ୍ରଧାନତଃ ହିନ୍ଦୁମାନଙ୍କ ଦ୍ୱାରା ଲିଖିତ ହୋଇଥିଲା । ଅନ୍ୟଟି ହେଲା ପାର୍ସି ପ୍ରଭାବିତ କାଶ୍ମୀର ସାହିତ୍ୟ ଯାହାକୁ କି ମୁସଲମାନ ଲେଖକଗଣ ବିକାଶ କରିବା ଦିଗରେ ସାହାଯ୍ୟ କରୁଥିଲେ ।

"ମହାନ୍ୟାୟ ପ୍ରକାଶ" କାଶ୍ମୀର ଭାଷାରେ ଆବିଷ୍କୃତ ହୋଇଥିବା ସର୍ବପ୍ରାଚୀନ ଗ୍ରନ୍ଥ । ଏହାକୁ କେହି କେହି 'ମହାଅର୍ଥପ୍ରକାଶ' ବୋଲି ମଧ୍ୟ ନାମିତ କରିଥାଆନ୍ତି । ଖ୍ରୀଷ୍ଟାବ୍ଦ ତ୍ରୟୋଦଶ ଶତାବ୍ଦୀରେ ଏହି ଗ୍ରନ୍ଥର ଲେଖକ ଆବିର୍ଭୂତ ହୋଇଥିଲେ । 'ମହା ଅର୍ଥ-ପ୍ରକାଶ' ଏକ ତାନ୍ତ୍ରିକ ଗ୍ରନ୍ଥ । ଏ ଗ୍ରନ୍ଥର ଲେଖକ ମହାଜ୍ଞାନୀ ଥିବାର ପ୍ରମାଣ ମିଳୁଅଛି ।

'ମହା-ଅର୍ଥ ପ୍ରକାଶ' ପ୍ରକାଶିତ ହେବାର ପ୍ରାୟ ଶହେ ବର୍ଷ ମଧ୍ୟରେ କୌଣସି ସାହିତ୍ୟ-ସୃଷ୍ଟିର ସନ୍ଧାନ ମିଳେ ନାହିଁ । ବୋଧହୁଏ ନାନା ରାଜନୈତିକ ଉତ୍ଥାନପତନ ମଧ୍ୟରେ କାଶ୍ମୀର ଉତ୍ପୀଡ଼ିତ ହେଉଥିବାରୁ ସାହିତ୍ୟ ସୃଷ୍ଟି ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା । ଅଥବା ବହୁକାଳ ଯୁଦ୍ଧର ଘନଘଟା ମଧ୍ୟରେ ପ୍ରାଚୀନ ସାହିତ୍ୟ ସମ୍ପଦ ନଷ୍ଟ ହୋଇ ଯାଇଅଛି । ଚତୁର୍ଦ୍ଦଶ ପଞ୍ଚଦଶ ଖ୍ରୀଷ୍ଟାବ୍ଦ ବେଳକୁ କାଶ୍ମୀରରେ ମୁସଲମାନ ଶାସନ ପ୍ରତିଷ୍ଠିତ ହେଲା । ଏହି ସମୟରେ ମଧ୍ୟଏସିଆରୁ ବହୁ ମୁସଲମାନ ସନ୍ଥ ଧର୍ମପ୍ରଚାର ଉଦ୍ଦେଶ୍ୟରେ କାଶ୍ମୀରରେ ପ୍ରବେଶ କରି ବସବାସ ଆରମ୍ଭ କଲେ । ଏହି ଇସଲାମ ଧର୍ମର ପ୍ରଚାରକଗଣ ସୁଫୀ ଦର୍ଶନ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ତେଣୁ କାଶ୍ମୀର ସାହିତ୍ୟରେ ଏକ ରହସ୍ୟବାଦୀ ଚିନ୍ତାଧାରା ପ୍ରବର୍ତ୍ତିତ ହେଲା । ଏହି ଚିନ୍ତାଶୀଳ ସ୍ରଷ୍ଟାମାନଙ୍କ ମଧ୍ୟରେ ଶେଖ୍ ନୁରୁଦ୍ଦିନ ଅନ୍ୟତମ । ଚତୁର୍ଦ୍ଦଶ ଖ୍ରୀଷ୍ଟାବ୍ଦର କବିମାନଙ୍କ ମଧ୍ୟରେ ତାଙ୍କର ପ୍ରତିଷ୍ଠା ଅନସ୍ୱୀକାର୍ଯ୍ୟ ।

ଏହି କାଳରେ ରହସ୍ୟବାଦୀ କବିତା ସହିତ ବହୁ ଶୃଙ୍ଗାର ଭାବନାତ୍ମକ କବିତା ମଧ୍ୟ ରଚିତ ହେଲା । ସେହି ଶ୍ରେଣୀର ଲେଖକ ଲେଖିକା ମାନଙ୍କ ମଧ୍ୟରେ ରାଣୀ ହାବ୍‌ବା ଖାତୁନଙ୍କ ରଚିତ ଗୀତିକବିତା ବିଶେଷ ଉଲ୍ଲେଖଯୋଗ୍ୟ ।

ଅଷ୍ଟାଦଶ ଶତାବ୍ଦୀରେ ଆଉ ଜଣେ କାଶ୍ମୀର ମହିଳା ପ୍ରଣୟ ଭାବନାକୁ ସମ୍ବଳ କରି ଅତି ମଧୁର ଏବଂ ଚମତ୍କାର ଗୀତିକବିତା ସୃଷ୍ଟି କରିଥିଲେ । ସେ ହେଉଛନ୍ତି ବିଖ୍ୟାତ ରାଜପୁରୁଷ ଏବଂ ଲେଖକ ମୁନ୍‌ସି ଭଗବାନ ଦାସଙ୍କ ଧର୍ମପତ୍ନୀ "ଅରନିମଲ" ।

ପ୍ରାଚୀନ କାଶ୍ମୀର ସାହିତ୍ୟରେ କୌଣସି ଗଦ୍ୟ ଲେଖାର ସନ୍ଧାନ ମିଳେ ନାହିଁ । କାଶ୍ମୀରର ଲୋକକଥା ଓ ସାହିତ୍ୟ ଅତି ସମୃଦ୍ଧ । ସେଥିରୁ ଅନେକଗୁଡ଼ିଏ ସଂକଳିତ ହୋଇ ଇଂରେଜୀ ଭାଷାରେ ଅନୂଦିତ ହୋଇଅଛି । ଊନବିଂଶ ଶତାବ୍ଦୀରେ ଯେଉଁ କେତେ ଜଣ ଲେଖକ କାଶ୍ମୀର ସାହିତ୍ୟକୁ ସମୃଦ୍ଧ କରିଥିଲେ, ସେମାନଙ୍କ ମଧ୍ୟରେ ମହମ୍ମଦ ଗାମି, ରସୁଲ ମୀର, ଓ୍ୟାହବ ଖାର ଏବଂ ପରମାନନ୍ଦ ବିଶେଷ ଭାବରେ ପ୍ରଣିଧାନଯୋଗ୍ୟ ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକର ଶେଷଭାଗରେ କାଶ୍ମୀରରେ ପୁନର୍ବାର ରାଜନୈତିକ ବିପ୍ଳବ ସଂଘଟିତ ହେଲା ଏବଂ ଶିଖମାନେ କାଶ୍ମୀରର ଶାସନ କ୍ଷମତା ଅଧିକାର କଲେ । ୧୮୪୮ ମସିହା ପର୍ଯ୍ୟନ୍ତ କାଶ୍ମୀରର ଭାଗ୍ୟଡୋରୀ ଶିଖମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥିଲା ଏବଂ ୧୮୪୮ ପରେ ଡୋଗ୍ରାଗଣ କାଶ୍ମୀର ଅଧିକାର କରି ଶାସନ କଲେ । ଏହି ଉଭୟ ରାଜତ୍ୱକାଳରେ କାଶ୍ମୀରର ରାଷ୍ଟ୍ରଭାଷା ଭାବରେ ପାର୍ସି ପ୍ରାଧାନ୍ୟ ଲାଭ କରିଥିଲା । ରାଜ୍ୟର ଶିକ୍ଷିତ ଲୋକେ ସାଧାରଣତଃ ପାର୍ସି ଭାଷାକୁ ହିଁ ନିଜର ଭାବ ପ୍ରକାଶ କରିବାର ମାଧ୍ୟମ ରୂପେ ଗ୍ରହଣ କରିଥିଲେ । ତେଣୁ କାଶ୍ମୀର ଭାଷାରେ ଅତି ବ୍ୟାପକ ଭାବରେ ପାର୍ସି ଭାଷାର ପ୍ରଭାବ ଅନୁଭୂତ ହେଲା । ପାର୍ସି ସାହିତ୍ୟର ଛନ୍ଦ, ଶୈଳୀ ଏବଂ ବିଷୟବସ୍ତୁ ଦ୍ୱାରା କାଶ୍ମୀର ସାହିତ୍ୟ ଏହି କାଳରେ ଏକପ୍ରକାର ନିୟନ୍ତ୍ରିତ ହେଲା କହିଲେ ଚଳେ ।

ମହମ୍ମଦ ଗାମି ପାର୍ସି ସାହିତ୍ୟର କଥାବସ୍ତୁ ଅବଲମ୍ବନରେ କାଶ୍ମୀର ସାହିତ୍ୟରେ ଅପୂର୍ବ ପ୍ରଣୟ-ମୂଳକ କାବ୍ୟ ରଚନା କଲେ । ସେଗୁଡ଼ିକ ମଧ୍ୟରେ 'ୟୁସୁଫ ଜୁଲେଖା" "ଲୈଲି-ଓ୍ୟା-ମଜନୁ" ଏବଂ "ସିରନ୍ ଓ ଖୁସ୍ରୋ,' ପ୍ରଧାନ । ଏହା ଛଡ଼ା ସେ ଅସଂଖ୍ୟ ଗଜଲ ଏବଂ କ୍ଷୁଦ୍ର କବିତା ରଚନା କରିଯାଇଅଛନ୍ତି ।

ମକବଲ ସାହା 'ଗ୍ରିସ୍ତାନାମା" ଶୀର୍ଷକ ଏକ ବ୍ୟଙ୍ଗଧର୍ମୀ ରଚନା ପାଇଁ ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କ ଲିଖିତ ପ୍ରଣୟଧର୍ମୀ "ଗୁଲରେଜ" ଅତ୍ୟନ୍ତ ଲୋକପ୍ରିୟ ହୋଇ ପାରିଥିଲା । କିଛିକାଳ ପୂର୍ବରୁ ପ୍ରକାଶରାମ କାଶ୍ମୀର ଭାଷାରେ ରାମାୟଣ ରଚନା କରିଥିଲେ । ତାଙ୍କ ରଚିତ ଲୀଳା ସଂଗୀତ ପାଇଁ ସେ କାଶ୍ମୀର ଭାଷାରେ ଚିରସ୍ମରଣୀୟ ହୋଇ ରହିବେ ।

ଓ୍ୟାହାବ ପାରେ କାଶ୍ମୀର ଭାଷାରେ 'ସାହାନାମା'ର ଅନୁବାଦ କରିଥିଲେ । ଏ କାଳର ସାହିତ୍ୟରେ ପ୍ରକାଶଗ୍ରାମ ଏବଂ ଓ୍ୟାହାବ ପାରେ ଏକ ସ୍ୱତନ୍ତ୍ର ଯୁଗର ସଙ୍କେତ ଦେଇଅଛନ୍ତି ।

କ୍ରମଶଃ ଲେଖକମାନେ ପାର୍ସି ସାହିତ୍ୟକୁ ଏକମାତ୍ର ପ୍ରେରଣାର କ୍ଷେତ୍ର ମନେ କରି ନିଜ ଦେଶର ପ୍ରଚଳିତ ଲୋକକଥା ଏବଂ କାହାଣୀକୁ କାବ୍ୟର ବିଷୟବସ୍ତୁ ରୂପେ ଗ୍ରହଣ କଲେ । ତେଣୁ ଲୋକପ୍ରଚଳିତ ବହୁ ପ୍ରଣୟପ୍ରଧାନ କାହାଣୀ କାବ୍ୟିକ-ରୂପ ପ୍ରାପ୍ତ ହୋଇ କାଶ୍ମୀର ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥିଲା । ସୁଫୀ ସଂପ୍ରଦାୟର ରହସ୍ୟବାଦୀ ଚିନ୍ତାଧାରା ସହିତ ଶୈବଧର୍ମ ଦର୍ଶନ ଦ୍ୱାରା ସାହିତ୍ୟିକ ଚିନ୍ତାଧାରା ଅଧିକ ମାର୍ଜିତ ଏବଂ ପୁଷ୍କଳ ହୋଇଥିଲା ।

ପରମାନନ୍ଦ କାଶ୍ମୀର ସାହିତ୍ୟରେ ଦୀର୍ଘ କବିତା ରଚନା ପାଇଁ ଅତ୍ୟନ୍ତ ଖ୍ୟାତି ଅର୍ଜନ କରିଅଛନ୍ତି । "ରାଧାସ୍ୱୟମ୍ବର", "ସୁଦାମାଚରିତ", "ଶିବଲଗନ", ପରମାନନ୍ଦଙ୍କ ଲିଖିତ ତିନିଗୋଟି ପ୍ରସିଦ୍ଧ ରଚନା । ଏହି ଲେଖାଗୁଡ଼ିକର ପ୍ରାଞ୍ଜଳ ଓ ମନୋମୁଗ୍ଧକର ଶୈଳୀ ତଥା ସାଙ୍ଗୀତିକ ପ୍ରକାଶଭଙ୍ଗୀ ଯୋଗୁ ଏଗୁଡ଼ିକ ଜନସମାଜରେ ଅତ୍ୟନ୍ତ ସମାଦୃତ । "ସୁଦାମା ଚରିତ" ଭଳି କବିତା କାଶ୍ମୀର ସାହିତ୍ୟରେ ଅତୁଳନୀୟ ।

ଇଂରେଜୀ ବାଇବେଲର ଅନୁବାଦ ଫଳରେ କାଶ୍ମୀର ଗଦ୍ୟ ସାହିତ୍ୟରେ ଏକ ନୂତନ ଯୁଗର ଆରମ୍ଭ ହେଲା । କାଶ୍ମୀର ଭାଷାରେ କୋରାନ ମଧ୍ୟ ଅନୂଦିତ ହେଲା । ପାର୍ସି ଭାଷା ବଦଳରେ କ୍ରମଶଃ କାଶ୍ମୀର ଭାଷା ଉର୍ଦ୍ଦୁ ଏବଂ ଇଂରାଜୀ ସାହିତ୍ୟର ନିବିଡ଼ ସଂପର୍କରେ ଆସି ନୂତନ ରୂପରେ ପ୍ରକାଶିତ ହେଲା । ବିଂଶ ଶତାବ୍ଦୀରେ ସମଗ୍ର ଭାରତବର୍ଷରେ ଜାତୀୟ ଆନ୍ଦୋଳନ ଆକୁମାରୀ-ହିମାଚଳ ଭାରତୀୟ ଚିନ୍ତାଧାରାରେ ଅଭାବନୀୟ ପରିବର୍ତ୍ତନ ଆନୟନ କରିଥିଲା । ସେହି ନବୀନ ଚେତନାର ବାର୍ତ୍ତାବହ ଭାବରେ ଗୁଲାମ ଅହମ୍ମଦ ମହଜୁର କାଶ୍ମୀର ସାହିତ୍ୟରେ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଆସନର ଅଧିକାରୀ । ପ୍ରକୃତିପ୍ରେରଣା ଏବଂ ଜାତୀୟତାବୋଧ ନୂତନ କାଶ୍ମୀର ସାହିତ୍ୟକୁ ସର୍ବତୋଭାବେ ପ୍ରଭାବିତ କଲେ ।

ବିଂଶ ଶତାବ୍ଦୀର ପ୍ରଥମ ଭାଗରେ କାଶ୍ମୀର ଭାଷାରେ ନାଟକ ରଚନାର ଅଗ୍ରୁମାରମ୍ଭ ହୋଇଥିଲେ ହେଁ ସେ କ୍ଷେତ୍ରରେ କାଶ୍ମୀର ସାହିତ୍ୟ ଆଶାନ୍ୱିତ ପ୍ରଗତି କରିଥିବାର ଜଣାଯାଏ ନାହିଁ । କେବଳ ସ୍ୱାଧୀନତାପ୍ରାପ୍ତି ପରେ କାଶ୍ମୀର ସାହିତ୍ୟର ନାଟକ ରଚନାର ଯଥେଷ୍ଟ ଉନ୍ନତି ସାଧିତ ହୋଇଅଛି ।

ଐତିହାସିକ ଯୁଗରୁ କାଶ୍ମୀର ଭୂଖଣ୍ଡ ନିରବଚ୍ଛିନ୍ନ ଭାବରେ ନାନା ରାଜନୈତିକ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ବିପ୍ଲବ ଦ୍ୱାରା ଉତ୍ପୀଡ଼ିତ । ରାଜନୈତିକ ଅଭିଯାନ ଏବଂ ପଟ୍ଟପରିବର୍ତ୍ତନ ଫଳରେ କାଶ୍ମୀର ସମାଜରେ ସର୍ବଦା ଅନିଶ୍ଚିତ ବାତାବରଣ ଏବଂ ବ୍ୟସ୍ତ-ଚଞ୍ଚଳ ମନୋଭାବ ରାଜପଣ କରୁଥିଲା । ତେଣୁ କାଶ୍ମୀର ସାହିତ୍ୟ ଆଶାନ୍ୱିତ ଭାବରେ ବିକାଶପ୍ରାପ୍ତ ହୋଇ ନାହିଁ ।

ଆଧୁନିକ ଯୁଗରେ ଭାରତର ପ୍ରଗତି ସହିତ କାଶ୍ମୀରର ପ୍ରଗତି ଅତି ନିବିଡ଼ ଭାବରେ ସଂପୃକ୍ତ । ଏହି ସଂଯୋଗ ଏବଂ ଭାବର ଆଦାନପ୍ରଦାନ ଫଳରେ ଆଧୁନିକ କାଶ୍ମୀର ସାହିତ୍ୟରେ ନୂତନ ଆଲୋକର ସନ୍ଧାନ ମିଳିଅଛି ଏବଂ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ କାଶ୍ମୀର ଅଧିବାସୀ ଲେଖମା ରଚନା କରି ଏକ ଗୌରବମୟ ଭବିଷ୍ୟତର ସୂଚନା ଦେଉଅଛନ୍ତି ।

# ପଞ୍ଜାବୀ ସାହିତ୍ୟ

ଭାରତବର୍ଷକୁ ଆସିବାପାଇଁ ପଞ୍ଜାବରାଜ୍ୟ ପ୍ରଧାନ ପ୍ରବେଶଦ୍ୱାର ରୂପେ ବହୁକାଳ ପର୍ଯ୍ୟନ୍ତ ବ୍ୟବହୃତ ହୋଇ ଆସିଥିଲା । ଆଦିମକାଳରୁ ମଧ୍ୟଯୁଗ ପର୍ଯ୍ୟନ୍ତ ବହୁ ଆକ୍ରମଣକାରୀ ଉତ୍ତର-ପଶ୍ଚିମ ଗିରିସଙ୍କଟ ଅତିକ୍ରମ କରି ପଞ୍ଜାବ ପ୍ରଦେଶରେ ଉପନୀତ ହୋଇଛନ୍ତି । କାଳ କାଳ ଧରି ପଞ୍ଜାବ ହିଁ ସେମାନଙ୍କର ଧ୍ୱଂସଲୀଳାର ପ୍ରଥମ କ୍ଷେତ୍ରରୂପେ ପରିଗଣିତ ହୋଇଅଛି । ଫଳରେ ପଞ୍ଜାବର ସାଂସ୍କୃତିକ ଜୀବନ ସର୍ବଦା ବିପର୍ଯ୍ୟସ୍ତ ହୋଇ ଆସିଛି । ତେଣୁ ବହୁକାଳ ପର୍ଯ୍ୟନ୍ତ ପଞ୍ଜାବୀ ସାହିତ୍ୟର କୌଣସି ସଂଗୃହୀତ ରୂପରେଖ ମିଳେ ନାହିଁ ।

ପଞ୍ଚଦଶ ଶତାବ୍ଦୀରେ ଶିଖ ଗୁରୁ ନାନକଙ୍କର ଆବିର୍ଭାବ ହୁଏ । ତାଙ୍କର ନେତୃତ୍ୱରେ ଶିଖ ଜାତି ନୂତନ ଚେତନା ଲାଭ କରେ । ତେଣୁ ନାନକଙ୍କ ସମୟରୁ ଅର୍ଥାତ୍ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରୁ ହିଁ ପଞ୍ଜାବୀ ସାହିତ୍ୟର ଧାରାବାହିକ ପ୍ରମାଣ ମିଳୁଅଛି ।

ପଞ୍ଜାବୀ ସାହିତ୍ୟ କେବଳ ଶିଖମାନଙ୍କର ସାହିତ୍ୟ ବୋଲି ଅନେକଙ୍କର ଭ୍ରାନ୍ତଧାରଣା ରହିଥିବା ଜଣାଯାଏ । ମାତ୍ର ପଞ୍ଜାବୀ ସାହିତ୍ୟର ଆଦ୍ୟପ୍ରବର୍ତ୍ତକ ହେଉଛନ୍ତି ଫରିଦ୍ ଶକରଗଞ୍ଜ ଯେ କି ଜଣେ ମୁସଲମାନ । ପରବର୍ତ୍ତୀ କାଳରେ ବହୁ ମୁସଲମାନ ସୁଫି-କବି ପଞ୍ଜାବୀ ସାହିତ୍ୟରେ ଲେଖନୀ ଚାଳନା କରିଥିଲେ ।

ପଞ୍ଜାବୀ ସାହିତ୍ୟର ଆଦିକବି ଶକରଗଞ୍ଜଙ୍କର ପୂରା ନାମ ହେଉଛି ହଜରତ ଫରିଦୁଦ୍ଦିନ ମସଉଦ; ଶକରଗଞ୍ଜଙ୍କର ୧୧୭୩-୧୨୬୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅଭ୍ୟୁଦୟ ହୋଇଥିଲା । ସେ ଥିଲେ ସୁଫୀ ଦର୍ଶନର କବି । ତାଙ୍କ କବିତାରେ ପାର୍ସି ଭାଷାର ପ୍ରଭାବ ସ୍ଥାନେ ସ୍ଥାନେ ଲକ୍ଷ୍ୟ

କରାଯାଏ । ତତ୍କାଳୀନ ସମାଜରେ ଫରିଦ୍ ଜଣେ ପ୍ରସିଦ୍ଧ ଫକୀର ଥିଲେ । ତାଙ୍କ ରଚିତ ଅନେକ ଶ୍ଳୋକ 'ଗୁରୁଗ୍ରନ୍ଥସାହେବ'ରେ ସଂକଳିତ ହୋଇ ରହିଅଛି ।

ତେବେ ମଧ୍ୟଯୁଗରେ ଗୁରୁ ନାନକଙ୍କ ଆବିର୍ଭାବ ପରେ ପଞ୍ଜାବୀ ସାହିତ୍ୟ ବଳିଷ୍ଠ ରୂପ ପରିଗ୍ରହ କରି ଅଗ୍ରସର ହେଲା । ଗୁରୁ ନାନକ (୧୪୬୯-୧୫୩୮) ଜଣେ ଧର୍ମସଂସ୍କାରକ ଭାବରେ ଅବତୀର୍ଣ୍ଣ ହୋଇ ଶିଖଧର୍ମ ପ୍ରତିଷ୍ଠା କଲେ । ସାଧାରଣ ଲୋକଙ୍କର ଭାଷାରେ ସେ ଧର୍ମପ୍ରଚାର କରୁଥିଲେ । ସେଥିପାଇଁ ଶିଖମାନେ ପଞ୍ଜାବୀ ଭାଷାକୁ ଦେବଭାଷା ଅଥବା ପବିତ୍ର ଭାଷା ବୋଲି ମନେ କରନ୍ତି । ଆଦିଗ୍ରନ୍ଥ ପଞ୍ଜାବୀ ସାହିତ୍ୟର ପ୍ରଥମ ପ୍ରଧାନ ଗ୍ରନ୍ଥ । ଶିଖଗଣ ଏହାକୁ ଭକ୍ତିରେ ଗୁରୁଗ୍ରନ୍ଥସାହେବ ବୋଲି ନାମିତ କରିଥାଆନ୍ତି । ଗୁରୁ ନାନକଙ୍କ ପ୍ରଚାରିତ ଧର୍ମମତ ବିକ୍ଷିପ୍ତ ଭାବରେ ଲିପିବଦ୍ଧ ହୋଇ ଆସିଥିଲା । କାଳବଶରେ ତହିଁରୁ କେତେକ ନଷ୍ଟ ହୋଇଯାଇଥିବା ଅସମ୍ଭବ ନୁହେଁ । ତେଣୁ ଶିଖ ସମ୍ପ୍ରଦାୟର ପଞ୍ଚମ ଗୁରୁ ଅର୍ଜୁନ ଦେବ ୧୬୦୪ ଖ୍ରୀଷ୍ଟାବ୍ଦରେ ଶିଖଗୁରୁମାନଙ୍କର ରଚିତ ବାଣୀକୁ ସଂକଳନ କରିଥିଲେ । ଏହି ଗ୍ରନ୍ଥରେ ପ୍ରାୟ ୧୫,୫୭୫ଟି ଶ୍ଳୋକ ସଂକଳିତ ହୋଇଅଛି ଏବଂ ତନ୍ମଧ୍ୟରୁ କେବଳ ଗୁରୁ ନାନକ ୨୯୪୯ଟି ଶ୍ଳୋକ ରଚନା କରିଥିବାର ପ୍ରମାଣ ରହିଅଛି । ଗୁରୁ ନାନକ ପାର୍ସି ରହସ୍ୟବାଦ, ଏବଂ ଭାରତର ନବପ୍ରଚଳିତ ଭକ୍ତିଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲେ । ତାଙ୍କର ପ୍ରଚାରିତ ମତବାଦ ପରବର୍ତ୍ତୀ ଶିଷ୍ୟ ପରମ୍ପରାରେ ପଞ୍ଜାବୀ ରଚନାକୁ ବହୁଦିନ ପର୍ଯ୍ୟନ୍ତ ପ୍ରଭାବିତ କରିଥିଲା ।

ଆଦିଗ୍ରନ୍ଥସାହେବଙ୍କର ଭାଷା ଅତ୍ୟନ୍ତ ବଳିଷ୍ଠ । ଗୁରୁ ଏବଂ ଭଗବାନଙ୍କଠାରେ ଅଗାଧ ବିଶ୍ୱାସ ସ୍ଥାପନ କରିବା ପାଇଁ ଏହି ଗ୍ରନ୍ଥରେ ନିର୍ଦ୍ଦେଶ ଦିଆଯାଇଅଛି । ସତ୍ୟ, ନୈତିକତା, ଧାର୍ମିକ ନିଷ୍ଠା ଏବଂ ହୃଦୟର ନିର୍ମଳ ଭାବନା ଉପରେ ଗ୍ରନ୍ଥସାହେବ ଗୁରୁତ୍ୱ ଆରୋପ କରିଛନ୍ତି । ସମକାଳୀନ ଚଳଣି ଓ ବିଶ୍ୱାସ ସଂପର୍କରେ ଅନେକ ତଥ୍ୟ ଏହି ଗ୍ରନ୍ଥରୁ ମିଳିପାରିବ । ନାନକଙ୍କ ବାଣୀ ସମେତ ପରବର୍ତ୍ତୀ ବହୁ ସନ୍ଥ ଏବଂ ଗୁରୁଙ୍କର ବାଣୀ ଏହି ଗ୍ରନ୍ଥରେ ସଂକଳିତ ହୋଇଅଛି ।

ପଞ୍ଜାବୀ ସାହିତ୍ୟର ଦ୍ୱିତୀୟ ପ୍ରଧାନ ଗ୍ରନ୍ଥ ହେଲା "ଦଶମ ଗ୍ରନ୍ଥ"। ଶିଖ ସଂପ୍ରଦାୟର ଶେଷ-ଗୁରୁ ଗୋବିନ୍ଦ ସିଂହ (୧୬୬୬-୧୭୦୮)ଙ୍କର ବାଣୀ ଏହି ଗ୍ରନ୍ଥରେ ସଂକଳିତ ହୋଇଅଛି। ୧୭୨୧-୩୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ମାନସିଂହ ଏହି ବିଖ୍ୟାତ ଗ୍ରନ୍ଥ ସଂକଳନ କରିଥିଲେ।

ଦଶମ ଗ୍ରନ୍ଥର ଭାଷା ବହୁ ପରିମାଣରେ ହିନ୍ଦୀ ଦ୍ୱାରା ପ୍ରଭାବିତ। ଗୁରୁ ଗୋବିନ୍ଦ ହିନ୍ଦୁ ପୁରାଣ, ଶାସ୍ତ୍ର ଯଥେଷ୍ଟ ଅଧ୍ୟୟନ କରିଥିଲେ ଏବଂ ପରଂପରାରେ ପ୍ରଚଳିତ ଲୋକକଥା ଓ କାହାଣୀ ସହିତ ଅତ୍ୟନ୍ତ ପରିଚିତ ଥିଲେ। ତାଙ୍କର ଏହି ଗ୍ରନ୍ଥରେ ବହୁ ପୌରାଣିକ ଆଖ୍ୟାୟିକା ଏବଂ ଲୋକକଥା ଓ କାହାଣୀର ପ୍ରଭାବ ଦେଖିବାକୁ ମିଳେ। ହିନ୍ଦୁ ଧର୍ମଗ୍ରନ୍ଥ ଦ୍ୱାରା ପ୍ରଭାବିତ ହୋଇଥିବାରୁ ରକ୍ଷଣଶୀଳ ଶିଖସଂପ୍ରଦାୟର ଲୋକେ 'ଦଶମ ଗ୍ରନ୍ଥ'କୁ ସେତେ ପବିତ୍ର ମନେ କରନ୍ତି ନାହିଁ।

ଗୁରୁ ନାନକଙ୍କ ନାମରେ 'ପ୍ରାଣ-ସଙ୍ଗୋଲ' ନାମକ ଏକ ଗ୍ରନ୍ଥ ପ୍ରଚଳିତ ଅଛି। ଏହି ଗ୍ରନ୍ଥରେ ତତ୍‌କାଳୀନ ଅନୁସୃତ ଯୋଗମାର୍ଗର ବିଷୟ ଉଲ୍ଲେଖ କରାଯାଇଅଛି। ଦଶମଗୁରୁ ଗୋବିନ୍ଦସିଂହଙ୍କର ଦଶମ ଗ୍ରନ୍ଥ' ବ୍ୟତୀତ "ଗୋବିନ୍ଦ ଗୀତା" ନାମରେ ଆଉ ଏକ ଗ୍ରନ୍ଥ ଅଛି। ଏହି ଗ୍ରନ୍ଥରେ ଗୁରୁଗୋବିନ୍ଦ ଭଗବତ୍ ଗୀତାକୁ ପଦ୍ୟାକାରରେ ଲେଖିଯାଇ-ଅଛନ୍ତି। ଗୁରୁ ଗୋବିନ୍ଦଙ୍କର ସର୍ବଶେଷ ଗ୍ରନ୍ଥ ହେଉଛି "ପ୍ରେମ ଅବୋଧ"। ଏହି ଗ୍ରନ୍ଥରେ ଦୋହା ଆକାରରେ ପ୍ରେମ-ଦର୍ଶନ ଅତ୍ୟନ୍ତ ଚମତ୍କାର ଭାବରେ ବର୍ଣ୍ଣନା କରାଯାଇଅଛି।

ଆଦିଗ୍ରନ୍ଥ ପରେ ପଞ୍ଜାବୀ ସାହିତ୍ୟରେ ଗୁରୁଦାସଙ୍କ ରଚନାବଳୀ ଅଧିକ ଆଦୃତ ଓ ପ୍ରଚଳିତ। ତାଙ୍କର ପ୍ରତ୍ୟେକଟି ରଚନା ପାର୍ଶ୍ଵ କବିତା କହିଲେ ଚଳେ। କବିତା ମାଧ୍ୟମରେ ଗଳ୍ପ ଛଳରେ ଗୁରୁଦାସ ତାଙ୍କର ମୀତମୟ ବାଣୀ ପ୍ରଚାର କରିଯାଇଅଛନ୍ତି।

ଗୁରୁ ନାନକ ଭକ୍ତି-ଭାବ ଯୁଗର ପ୍ରତିଷ୍ଠାତା ହେଲେ ହେଁ ଏହି ଭାବପରିପୂର୍ଣ୍ଣ ସାହିତ୍ୟ ରଚନା କରି ଗୁରୁ ଅଙ୍ଗଦ ସାହିବ, ଗୁରୁ ଅମର ଦାସ, ଗୁରୁ ରାମ ଦାସ, ଗୁରୁ ଅର୍ଜ୍ଜୁନ ଦେବ, ଭାଇ ଗୁରୁ ଦାସ

ଏବଂ ଗୁରୁ ଗୋବିନ୍ଦ ସିଂହ ପଭୃତି ପଞ୍ଜାବୀ ସାହିତ୍ୟର ସମୃଦ୍ଧି କରି ଯାଇ-ଅଛନ୍ତି । ପଞ୍ଜାବୀ ସାହିତ୍ୟର ଭକ୍ତ କବିମାନଙ୍କ ରଚନାରେ ଯେଉଁ ରାଜନୈତିକ ଚେତନା ଏବଂ ସମକାଳୀନ ସାମାଜିକ ଉଚ୍ଛ୍ୱାସ ଦେଖିବାକୁ ମିଳେ, ତାହା ଅନ୍ୟ ପ୍ରାନ୍ତର ଭକ୍ତି-ଭାବ ସାହିତ୍ୟରେ ଦୁର୍ଲଭ କହିଲେ ଚଳେ । ଗୁରୁ ନାନକ ତାଙ୍କର 'ବାବର-ବାଣୀ' କବିତାରେ ଗଭୀର ଦେଶ ପ୍ରୀତିର ପରିଚୟ ଦେଇଯାଇଅଛନ୍ତି । ଗୁରୁ ଅମର ଦାସଙ୍କ କବିତାବଳୀ ଅତ୍ୟନ୍ତ ସରଳ କିନ୍ତୁ ମାର୍ମିକ ଏବଂ ହୃଦୟଗ୍ରାହୀ । ସେ ଅସ୍ପୃଶ୍ୟତା, ଜାତିଭେଦ ଏବଂ ସତୀଦାହ ପ୍ରଥା ବିରୁଦ୍ଧରେ ମତପ୍ରକାଶ କରିଥିଲେ । ଗୁରୁ ରାମଦାସ ମଧ୍ୟ ତାଙ୍କର ରଚନା ମଧ୍ୟରେ ପାରିବାରିକ ପ୍ରେମ ଏବଂ ମୈତ୍ରୀ-ବନ୍ଧନ ଉପରେ ଅଧିକ ପ୍ରାଧାନ୍ୟ ଦେଇଥିବା ଜଣାଯାଏ । ଏହି ଗୁରୁଗଣ ଜନସାଧାରଣଙ୍କ ମନୋଭାବକୁ ସ୍ପଷ୍ଟ ଭାବରେ ହୃଦୟଙ୍ଗମ କରିଥିଲେ ଏବଂ ସେହିମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ନୀତିମୟ ବାଣୀ ପ୍ରଚାର କରିଥିଲେ । କୌଣସି ପ୍ରକାର ଅଲୌକିକତା କିମ୍ବା ଅବାସ୍ତବ ପରିକଳ୍ପନା ସେମାନଙ୍କ ରଚନାକୁ ସ୍ପର୍ଶ କରି ପାରି ନ ଥିଲା ।

ମିଳୁଥିବା ଗଦ୍ୟ ରଚନା ମଧ୍ୟରେ 'ଜନମସାଖୀ' ପଞ୍ଜାବୀ ଭାଷାରେ ଅତି ପ୍ରାଚୀନ । ଏହି ଗ୍ରନ୍ଥରେ ଗୁରୁ ନାନକଙ୍କର ଜୀବନୀ, ତାଙ୍କର ଭ୍ରମଣ କାହାଣୀ ଏବଂ ତାଙ୍କ ପ୍ରଚାରିତ ଧର୍ମମତ ସଂପର୍କୀୟ ବ୍ୟାଖ୍ୟା ଦେଖିବାକୁ ମିଳେ । ନାନକଙ୍କ ମୃତ୍ୟୁର ତିନି ବର୍ଷ ପରେ ୧୫୩୫ ଖ୍ରୀଷ୍ଟାବ୍ଦରେ 'ବାଲା' ନାମରେ ଲେଖକ ପ୍ରଥମ "ଜନମସାଖୀ" ରଚନା କରିଥିଲେ । ବାଲା ଥିଲେ ନାନକଙ୍କର ଆଜୀବନ ବନ୍ଧୁ । ୧୫୮୮ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ "ଜନମସାଖୀ" ସେବୀୟା ସିଂହ ରଚନା କରିଥିଲେ । ସର୍ବଶେଷ "ଜନମ-ସାଖୀ" ମନସିଂହଙ୍କ ଦ୍ୱାରା ୧୭୩୭ ଖ୍ରୀଷ୍ଟାବ୍ଦରେ ରଚିତ ହୋଇଥିଲା ।

ମୁସଲମାନ ଲେଖକମାନେ ପ୍ରଥମ କାଳରେ ପଞ୍ଜାବୀ ସାହିତ୍ୟର ଯଥେଷ୍ଟ ଉନ୍ନତି କରିଥିଲେ । ଏପରି କି ଗୁରୁ ନାନକଙ୍କ "ଆଦିଗ୍ରନ୍ଥ"କୁ ପଞ୍ଜାବୀ ଭାଷାର ପ୍ରଥମ ପ୍ରଧାନ ଗ୍ରନ୍ଥ ବୋଲି ସ୍ୱୀକାର କରାଗଲେ ହେଁ ପଞ୍ଜାବୀ ସାହିତ୍ୟର ପ୍ରଥମ ଲେଖକ ଭାବରେ ଚରପଟ ନାଥ ଏବଂ ଅମୀର ଖୁସ୍‌ରୋଙ୍କୁ ଗ୍ରହଣ କରାଯାଏ । କାରଣ ସେମାନେ ସୌରସେନୀ ଅପଭ୍ରଂଶ

ଭାଷାରେ ସ୍ୱ ସ୍ୱ କବିତା ରଚନା କରିଥିଲେ ଏବଂ ପ୍ରାଚୀନ ପଞ୍ଜାବୀ ଭାଷା ସୌରସେନୀ ଅପଭ୍ରଂଶରୁ ଜନ୍ମ ଗ୍ରହଣ କରିଅଛି ବୋଲି କୁହାଯାଇଥାଏ ।

ଭକ୍ତି-ଭାବ କାଳ ପରେ ସୁଫୀ ସଂପ୍ରଦାୟର ମୁସଲମାନ ଲେଖକଗଣ ପଞ୍ଜାବୀ ଭାଷାରେ ବହୁ ଗ୍ରନ୍ଥ ପ୍ରଣୟନ କରିଥିଲେ । ସେମାନେ ଧର୍ମମତ ପ୍ରଚାର ଉଦ୍ଦେଶ୍ୟରେ ଲେଖନୀ ଚାଳନା କରିଥିଲେ ହେଁ ଭାରତୀୟ ମାୟାବାଦ ଦର୍ଶନ ଏବଂ ନାନକଙ୍କ ପ୍ରଚାରିତ ଭକ୍ତି ଭାବନା ସେହି କବିମାନଙ୍କୁ ବହୁ ପରିମାଣରେ ପ୍ରଭାବିତ କରିଥିଲା । ନାନକଙ୍କ ସମକାଳୀନ ଫରିଦସାମୀ ଶଙ୍କର ଅଦ୍ୱୈତବାଦ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇ ସଂସାରର ଅସାରତା ପ୍ରମାଣ କରିଥିଲେ । ତାଙ୍କୁ ଅନୁସରଣ କରି ଶାହ ହୁସେନ୍, ସୁଲତାନ ବାହୁ ଅଲ୍ଲୀ ହୈଦର, ଶେଖ ଶରଫ, ଗୁଲାମ ଜାଲାନି ପ୍ରଭୃତି ବହୁ କବି ପଞ୍ଜାବୀ ସାହିତ୍ୟର ସମୃଦ୍ଧି ସାଧନ କରିଯାଇଅଛନ୍ତି । ସେମାନେ ସଂସାରର ଭୋଗବିଳାସ ବିରୁଦ୍ଧରେ ମତ ବ୍ୟକ୍ତ କରି ମନର ସଂଯମ ପାଇଁ ନିବେଦନ କରିଅଛନ୍ତି ।

ଭକ୍ତି-ଭାବ ପ୍ରଭାବିତ ସାହିତ୍ୟର ଯୁଗ କ୍ରମଶଃ ଶେଷ ହୋଇ ଆସିଲାପରେ ପଞ୍ଜାବୀ ସାହିତ୍ୟରେ ଲୌକିକ-କାବ୍ୟ ଯୁଗର କାଳ ଆରମ୍ଭ ହେଲା । ଏହି ଯୁଗରେ ମଧ୍ୟ ବହୁ ମୁସଲମାନ କବି ପଞ୍ଜାବୀ ଭାଷାରେ ଗ୍ରନ୍ଥ ପ୍ରଣୟନ କରି ପ୍ରସିଦ୍ଧି ଅର୍ଜନ କରିଯାଇଅଛନ୍ତି । ଏ ଯୁଗର କବି ସାଧାରଣତଃ ଥିଲେ ରୋମାଣ୍ଟିକ । କଳ୍ପନା-ବିଳାସ ଏ ଯୁଗର କାବ୍ୟ ମାନଙ୍କର ପ୍ରାଣ ହେଲେ ହେଁ ସାଧାରଣ ଜୀବନରୁ ସେମାନେ କଥାବସ୍ତୁ ଆହରଣ କରିଛନ୍ତି । ରୋମାଣ୍ଟିକ ଯୁଗର କାବ୍ୟ ଭିତରେ ମିର୍ଜା ସାହିବା, ସସୀ ପୁନୁଁ, କାମରୂପ, ସୋହନୀ-ମୋହିବାଲ୍ ପ୍ରଭୃତି ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ କିନ୍ତୁ ଏ ଯୁଗ ସାହିତ୍ୟରେ ଚରମ କୃତିତ୍ୱ ଅର୍ଜନ କରିଥିଲେ ଦାମୋଦର । ତାଙ୍କ ରଚନା ମଧ୍ୟରେ 'ହୀରର' ସର୍ବ ପ୍ରାଚୀନ ଏବଂ ଅତ୍ୟନ୍ତ ପ୍ରସିଦ୍ଧ । ଏ ଯୁଗର ଅନ୍ୟ ଅନେକ କବି ଦାମୋଦରଙ୍କ ରୋମାଣ୍ଟିକ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ଅନ୍ୟତମ ପ୍ରସିଦ୍ଧ କବି 'ପୀଲୁ' 'ମୀର୍ଜାସାହିବା' କଥାବସ୍ତୁ ଅବଲମ୍ବନରେ ଏକ ପ୍ରସିଦ୍ଧ କାବ୍ୟ ରଚନା କରିଥିଲେ । ଆଉ ଜଣେ ଲେଖକ ହାଫିଜ ବରଖୁରଦାର ସସୀ-ପୁନ୍ନୁଁ, ମୀର୍ଜା ସାହିବା ଏବଂ ୟୁସୁଫ୍-ଜୁଲେଖା ନାମକ ତିନିଗୋଟି କାବ୍ୟ ରଚନା କରିଥିଲେ ।

ପଞ୍ଜାବୀ ସାହିତ୍ୟର ଇତିହାସରେ ୟୁସୁଫ୍-ଜୁଲେଖା କାବ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ଅଛି । କାରଣ ଏହି କାବ୍ୟ ପ୍ରେମ-ଉପାଖ୍ୟାନମୂଳକ ହେଲେ ହେଁ ଏହାର କଥାବସ୍ତୁ ସାଧାରଣ ଲୋକ-ଜୀବନରୁ ଗ୍ରହଣ କରାଯାଇ ନ ଥିଲା । ପ୍ରସିଦ୍ଧ ଧର୍ମଗ୍ରନ୍ଥ 'କୋରାନ'ର ଏକ ଆଖ୍ୟାୟିକା ଅବଲମ୍ବନରେ ଏହି କାବ୍ୟ ରଚିତ ହୋଇଥିଲା ।

ରୋମାଣ୍ଟିକ୍ ଯୁଗର କାବ୍ୟଗୁଡ଼ିକ ଥିଲା ମୁଖ୍ୟତଃ ସଙ୍ଗୀତ ପ୍ରଧାନ । ତେଣୁ ଏବେ ମଧ୍ୟ ପଞ୍ଜାବର ପଲ୍ଲୀ ସଂସାରରେ ପ୍ରାଚୀନ ଲୋକେ ଏହି କାବ୍ୟଗୁଡ଼ିକ ଗାନ କରି ଆନନ୍ଦ ଲାଭ କରିଥାଆନ୍ତି । କୋରାନ-ପ୍ରସିଦ୍ଧ ୟୁସୁଫ ଏବଂ ଜୁଲେଖା ଗଳ୍ପ ଅବଲମ୍ବନ କରି ସୁଫୀ କବିଗଣ ବହୁ କାବ୍ୟ କବିତା ରଚନା କରିଥିଲେ ।

ପଞ୍ଜାବର ଇତିହାସରେ ମହାରାଜା ରଣଜିତ୍ ସିଂହଙ୍କ ରାଜତ୍ୱକାଳ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ତାଙ୍କ ସମୟରେ ସୁଫୀକବିମାନେ ପଞ୍ଜାବୀ ସାହିତ୍ୟର ସମୃଦ୍ଧି କଲ୍ପେ ଯଥେଷ୍ଟ ଧ୍ୟାନ ଦେଉଥିଲେ । ବହୁ ରୋମାଣ୍ଟିକ୍ କାବ୍ୟ ରଚିତ ହୋଇଥିଲା । ତେବେ ଏ ଯୁଗର ଏକ ପ୍ରଧାନ ଅଭିବ୍ୟକ୍ତି ହେଲା ଦେଶାତ୍ମବୋଧ । ସାହିତ୍ୟରେ ଦେଶଭକ୍ତି ପ୍ରଚାର କରି ଶାହ ମହମ୍ମଦ ଅମର ହୋଇଅଛନ୍ତି । ତାଙ୍କୁ ପଞ୍ଜାବର ପ୍ରଥମ ରାଷ୍ଟ୍ରକବି ଭାବରେ ସମ୍ମାନ କରାଯାଇଥାଏ । ଶିଖରାଜ୍ୟର ଉତ୍ଥାନ ପତନ ବିଷୟରେ ଏହି ଲେଖକ ଅତ୍ୟନ୍ତ ଚମତ୍କାର ବର୍ଣ୍ଣନା କରିଯାଇଅଛନ୍ତି । ଶାହ ମହମ୍ମଦଙ୍କ ପରେ ମଟକ କାହାନସିଂହ ଏବଂ ଭାଇ ବୀରସିଂହ ବିଶେଷଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲେ ।

ଶିଖରାଜ୍ୟର ପତନ ପରେ ପଞ୍ଜାବକୁ ଇଂରେଜମାନେ ଅଧିକାର କରିନେଲେ । ଇଂରେଜ ଶାସନ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ଇଂରେଜୀ ସାହିତ୍ୟ ଏବଂ ସଂସ୍କୃତିର ପ୍ରଭାବରେ ପଞ୍ଜାବୀ ସାହିତ୍ୟ କେତେକାଂଶରେ ନିୟନ୍ତ୍ରିତ ହେଲା । ୧୮୧୦-୧୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ପଞ୍ଜାବୀ ଭାଷାରେ ବାଇବେଲ ଅନୁବାଦ ହୋଇ ପ୍ରଚାରିତ ହେଲା । ଖ୍ରୀଷ୍ଟୀୟାନ ଧର୍ମପ୍ରଚାର ଉଦ୍ଦେଶ୍ୟରେ ଏହି ଯୁଗରେ ବହୁ ପୁସ୍ତକ ମଧ୍ୟ ପ୍ରଚାରିତ ହୋଇଥିଲା ।

ଊନବିଂଶ ଶତାବ୍ଦୀର ଶେଷଭାଗରେ ଏବଂ ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ପଞ୍ଜାବୀ ସାହିତ୍ୟର ଆଧୁନିକ ଯୁଗର ଅଭ୍ୟୁଦୟ ହୁଏ । ବିଶେଷତଃ କଲେଜ ସ୍ତରରେ ପଞ୍ଜାବୀ ଭାଷାର ଅଧ୍ୟୟନ ଅଧ୍ୟାପନ ହେବା ଫଳରେ ତାହାର ଉନ୍ନତି ପ୍ରତି ସାଧାରଣଙ୍କ ଦୃଷ୍ଟି ଆକୃଷ୍ଟ ହୋଇଥିଲା । ସମ୍ପୂର୍ଣ୍ଣ ଭାବରେ ଇଂରେଜ ସାହିତ୍ୟର ଆଦର୍ଶରେ ପଞ୍ଜାବୀ ସାହିତ୍ୟରେ ନବଯୁଗର ପ୍ରବର୍ତ୍ତନ ହେଲା ।

ଆଧୁନିକ ପଞ୍ଜାବୀ କବିତାର ଜନ୍ମଦାତା ଭାବରେ ଭାଇ ବୀରସିଂହଙ୍କୁ ସମ୍ମାନ କରାଯାଇଥାଏ । ସେ ପ୍ରଥମେ ପଞ୍ଜାବୀ ସାହିତ୍ୟରେ ମୁକ୍ତଛନ୍ଦର ପ୍ରଚଳନ କରାଇଥିଲେ । ତାଙ୍କ ରଚିତ "ରାଣୀ ସୁରତ ସିଂହ" ଏକ ବର୍ଣ୍ଣନାତ୍ମକ କାବ୍ୟ । ଏଥିରେ ପ୍ରକୃତିର ମନୋଜ୍ଞ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଲେଖକ ଭାବାବେଗର ଅପୂର୍ବ ବିଶ୍ଳେଷଣ କରିଅଛନ୍ତି । ଏ ଗ୍ରନ୍ଥର କଥାବସ୍ତୁ ଏବଂ ଭାଷାର ପ୍ରୟୋଗରେ ବୀରସିଂହ 'ଆଦିଗ୍ରନ୍ଥ" ନିକଟରେ ଯଥେଷ୍ଟ ଋଣୀ ହୋଇଅଛନ୍ତି । "ଲହରାଁ ଦୋହାର" ଏବଂ 'ପ୍ରୀତବୀଣା" ବୀରସିଂହଙ୍କର ଅନ୍ୟ ଦୁଇଟି ଉଲ୍ଲେଖଯୋଗ୍ୟ ରଚନା ଭାବରେ ବିବେଚିତ ହୋଇଥାଏ ।

ଆଧୁନିକ ପଞ୍ଜାବୀ ସାହିତ୍ୟ ପୂର୍ଣ୍ଣତଃ ପ୍ରଗତିଶୀଳ ଭାବଧାରାରେ ଉପାଣିତ ଓ ଅନୁପ୍ରାଣିତ । ମୋହନ ସିଂହ ଏବଂ ଗୋପାଳ ସିଂହ ପଞ୍ଜାବୀ କବିତାରେ ସମାଜବାଦୀ ଆଦର୍ଶର ପ୍ରୟୋଗ କରି ସଫଳ ହୋଇଅଛନ୍ତି । ପୂରନ୍ ସିଂହ ଏ ଯୁଗର ଅନ୍ୟତମ ଅପ୍ରତିଦ୍ୱନ୍ଦୀ କାବ୍ୟକାର । ତାଙ୍କ କାବ୍ୟାବଳୀର କଥାବସ୍ତୁ ମୁଖ୍ୟତଃ ପ୍ରେମ । ତାଙ୍କର ପ୍ରସିଦ୍ଧ ରଚନା ହେଉଛି 'ଖୁଲେ ଘୁଦ୍' (୧୯୨୩) ଏବଂ "ଖୁଲେ ମୈଦାନ (୧୯୨୫) । ଧନୀରାମ ଚୃତକ ଏବଂ କରପାସାଗର ଐତିହାସିକ କଥାବସ୍ତୁକୁ ସମ୍ବଳ କରି କାବ୍ୟ ରଚନା କରିଥିଲେ । କରପାସାଗରଙ୍କ ରଚିତ "ଲକ୍ଷ୍ମୀଦେବୀ" (୧୯୨୦-୨୧) ଏକ ପ୍ରସିଦ୍ଧ କାବ୍ୟ । ତାଙ୍କର କଳ୍ପନା ବିଳାସ, ସରଳ ଭାଷା, ସାଙ୍ଗୀତିକ ଶୈଳୀ, ଏବଂ ରମଣୀୟ ପ୍ରକୃତି ବର୍ଣ୍ଣନା ବାସ୍ତବିକ ଅନନ୍ୟସାଧାରଣ । ଧନୀରାମ ଚୃତକଙ୍କର "ଦ୍ୱିମାନ", "ଗଙ୍ଗା" ଏବଂ 'ରାତ' ଉଲ୍ଲେଖଯୋଗ୍ୟ ରଚନା । ଅତ୍ୟାଧୁନିକ ଯୁଗରେ ଅମୃତାପ୍ରୀତମ୍‌ଙ୍କ କବିତା ପଞ୍ଜାବୀ ସମାଜରେ ଗଭୀର ଆଲୋଡ଼ନ ସୃଷ୍ଟି କରିଅଛି । ତାଙ୍କ ପରି

ପ୍ରତିଭାସମ୍ପନ୍ନ ଓ ମହିୟସୀ ମହିଳା ବର୍ତ୍ତମାନ ପଞ୍ଜାବୀ ସାହିତ୍ୟରେ ବିରଳ କହିଲେ ଚଳେ । ତାଙ୍କ ବ୍ୟତୀତ ଫିରୋଜ ଦୀନ ଶରଫ, ବିଧାତା ସିଂହ ତୀର ଏବଂ ଜ୍ଞାନୀ ଗୁରୁମୁଖ ସିଂହ ମୁସାଫିର ମଧ୍ୟ କବିତା ରଚନା କରି ଯଶସ୍ୱୀ ହୋଇଅଛନ୍ତି ।

ମୌଳିକ ରଚନା ବ୍ୟତୀତ ବହୁ ଲେଖକ ଏହି କାଳରେ ଇଂରାଜୀ ଅଥବା ସଂସ୍କୃତ ସାହିତ୍ୟର ଅବଲମ୍ବନ ଅଥବା ଅନୁସରଣ କରି କାବ୍ୟ, ନାଟକ ଇତ୍ୟାଦି ରଚନା କରିଥିଲେ । କିର୍ପାସାଗର ଇଂରାଜୀ କାବ୍ୟ "ଲେଡ଼ି-ଅଫ-ଦି-ଲେକ" ଅବଲମ୍ବନରେ 'ଲକ୍ଷ୍ମୀଦେବୀ' କାବ୍ୟ ରଚନା କରି ଯଶସ୍ୱୀ ହୋଇଥିଲେ । ଠିକ୍ ଏହି କାଳରେ କାଳିଦାସଙ୍କ ରଚିତ 'ଶକୁନ୍ତଳା' ଏବଂ "ବିକ୍ରମୋର୍ବଶୀ" ପ୍ରଭୃତି ନାଟକଗୁଡ଼ିକ ପଞ୍ଜାବୀ ଭାଷାରେ ଅନୂଦିତ ହୋଇଥିଲା ।

ପଞ୍ଜାବୀ ନାଟକର ପ୍ରାରମ୍ଭିକ ଯୁଗ ଏହି କାରଣରୁ ଅନୁବାଦଯୁଗ ନାମରେ ଆଖ୍ୟାତ କରାଯାଇଥାଏ । ସଂସ୍କୃତ ବ୍ୟତୀତ ହିନ୍ଦୀ ଏବଂ ଇଂରାଜୀ ନାଟକ ମଧ୍ୟ ପଞ୍ଜାବୀ ଭାଷାରେ ରୂପାନ୍ତରିତ ହୋଇଥିଲା । ଆଧୁନିକ ପଞ୍ଜାବୀ ସାହିତ୍ୟରେ ନାଟକ ରଚନାରେ ଆଧୁନିକ ଶୈଳୀ ପ୍ରବର୍ତ୍ତନ କରିବା ଦିଗରେ ଈଶ୍ୱରଚନ୍ଦ୍ର ନନ୍ଦା ଅଗ୍ରଗଣ୍ୟ । ତାଙ୍କ ଲିଖିତ "ସୁଭଦ୍ରା" (୧୯୨୦) ମୌଳିକ ନାଟକ ଭାବରେ ଅତ୍ୟନ୍ତ ସ୍ମରଣୀୟ । ଏହି ନାଟକ ଜରିଆରେ ଲେଖକ ପ୍ରାଚୀନ ଚଳଣୀ ଏବଂ ବିଶ୍ୱାସ ବିରୁଦ୍ଧରେ ପ୍ରବଳ ବିଦ୍ରୋହ କରିଥିଲେ । ଏତଦ୍‌ବ୍ୟତୀତ ବ୍ରିଜଲାଲ ଶାସ୍ତ୍ରୀଙ୍କ ଲିଖିତ ସାବିତ୍ରୀ-ସୁକନ୍ୟା, ଓ ପୁରଣ ନାଟକ, ବାବା ବୁଧସିଂହ ରଚିତ 'ଦାମିନୀ' ଏବଂ "ନାରନବେଲ୍ଲି" ମୌଳିକ ନାଟକ ଭାବରେ ଜନ-ସାଧାରଣରେ ଅତ୍ୟନ୍ତ ଲୋକପ୍ରିୟ । ଗୁରୁବକ୍‌ସ ସିଂହ ତାଙ୍କର ନାଟକ "ପୁରବ-ତେ-ପଛମ" (ପୂର୍ବ ଓ ପଶ୍ଚିମ) ପରେ ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ଏ ଦେଶର ସଂସ୍କୃତିବିରୋଧୀ ଯୁବକମାନଙ୍କ ବିରୁଦ୍ଧରେ ମତ ପ୍ରକାଶ କରିଛନ୍ତି । ନାନା ସମସ୍ୟାସମ୍ବଳିତ କଥାବସ୍ତୁ ଅବଲମ୍ବନରେ ଆଧୁନିକ ପଞ୍ଜାବୀ ନାଟକ ଅତ୍ୟନ୍ତ ସମୃଦ୍ଧ ଏବଂ ସୁପ୍ରତିଷ୍ଠିତ ।

୧୮୯୭ ଖ୍ରୀଷ୍ଟାବ୍ଦରେ ପଞ୍ଜାବୀ ସାହିତ୍ୟର ପ୍ରଥମ ଉପନ୍ୟାସ ରଚିତ ହୋଇଥିଲା । ବୀରସିଂହଙ୍କ ରଚିତ "ସୁନ୍ଦରୀ" ଉପନ୍ୟାସ ଏହି ସମାଜର

ଅଧିକାର ଦାବୀ କରିଥାଏ । ଏହି ପୁସ୍ତକରେ ଶିଖ ଜାତିର ଗୌରବ ଏବଂ ମାହାତ୍ମ୍ୟ ପ୍ରତିପାଦନ କରାଯାଇଛି । ତେବେ ନାନକ ସିଂହ ବାସ୍ତବଧର୍ମୀ ଉପନ୍ୟାସ ରଚନା କରିବାରେ ଯଥେଷ୍ଟ ସଫଳତା ଅର୍ଜନ କରିଅଛନ୍ତି । ତାଙ୍କର ଲିଖିତ 'ଚିଟ୍ଟା ଲହୁ'' (୧୯୩୨) ଏବଂ ''ଗରିବ-ଦି-ଦୁନିଆ'' (୧୯୩୯) –ଏହି ଦୁଇଟି ଉପନ୍ୟାସରେ ଶ୍ରମିକ ଓ ପୁଞ୍ଜିପତି, ଥିଲା ଏବଂ ନ ଥିଲାର ସଂଘର୍ଷକୁ ଅତ୍ୟନ୍ତ ପ୍ରାଣବନ୍ତ ଭାବରେ ପ୍ରକଟନ କରିଅଛନ୍ତି ।

ପ୍ରଥମ ଗଳ୍ପ ଲେଖକ ଭାବରେ ନାନକ ସିଂହ ସର୍ବାଗ୍ରେ ସ୍ମରଣୀୟ । ତାଙ୍କର ଗଳ୍ପଗୁଡ଼ିକରେ ଦୁଃଖୀ, ଦଳିତ ଏବଂ ଅତ୍ୟାଚାରିତ ପ୍ରତି ସହାନୁଭୂତି ପ୍ରକାଶ କରାଯାଇଛି । ଅନ୍ୟତମ ଗଳ୍ପଲେଖକ କର୍ତ୍ତାର ସିଂହ ନିଜର ଗଳ୍ପଗୁଡ଼ିକରେ ମନସ୍ତାତ୍ତ୍ୱିକ ଚିତ୍ରଣ କରି ଯଶସ୍ୱୀ ହୋଇଅଛନ୍ତି । ଗୁରୁବକ୍ସ ସିଂହଙ୍କ ଗଳ୍ପଗୁଡ଼ିକ ସଂସ୍କାରଧର୍ମୀ । ମନୋଜ୍ଞ ଗଳ୍ପ ରଚନାର ଶୈଳୀ ପାଇଁ ତାଙ୍କର ଗଳ୍ପଗୁଡ଼ିକ ଅତ୍ୟନ୍ତ ଲୋକପ୍ରିୟ । ସାଂପ୍ରତିକ ଯୁଗର ପଞ୍ଜାବୀ କବିତା ଏବଂ ଗଳ୍ପଗୁଡ଼ିକରେ ଆଧୁନିକ ଯୁଗର ବାସ୍ତବ ଦୃଷ୍ଟିଭଙ୍ଗୀ ଏବଂ ନବୀନ ଚେତନାବୋଧ ଅତ୍ୟନ୍ତ ଆନ୍ତରିକତାର ସହିତ ରୂପାୟିତ ।

ସାଂପ୍ରତିକ ଯୁଗର ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ପୂରନ ସିଂହ, ଗୁରୁବକ୍ସ ସିଂହ ଓ ତେଜ ସିଂହ ପ୍ରଭୃତି ଯଥେଷ୍ଟ କାର୍ଯ୍ୟ କରିଅଛନ୍ତି । ହରିଦୟାଲ ସିଂହଙ୍କ ରଚିତ ''ପଞ୍ଜାବୀ ସାହିତ୍ୟ'' ପୁସ୍ତକ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । କାହାନ ସିଂହଙ୍କ ସଂକଳିତ ''ଶିଖ ସାହିତ୍ୟ କୋଷ'' ଗୁରୁଶବଦ ରତ୍ନାକର-ମହାକୋଷ) ଏକ ତଥ୍ୟସମ୍ବଳିତ ପାଣ୍ଡିତ୍ୟପୂର୍ଣ୍ଣ ଗ୍ରନ୍ଥ ।

ସ୍ୱାଧୀନତା ପରେ ପଞ୍ଜାବୀଭାଷାଭାଷୀ ପ୍ରଦେଶ ଦୁଇ ଖଣ୍ଡରେ ବିଭକ୍ତ ହୋଇଯିବା ଫଳରେ ପଞ୍ଜାବୀ ସମାଜ, ସାହିତ୍ୟ ଏବଂ ଅର୍ଥନୀତିର ପ୍ରଗତି ଯଥେଷ୍ଟ ଆଘାତପ୍ରାପ୍ତ ହୁଏ । ପୁନଶ୍ଚ ବହୁକାଳ ଯାବତ ହିନ୍ଦୀ ଏବଂ ଉର୍ଦ୍ଦୁ ରାଜପୃଷ୍ଠପୋଷକତା ଲାଭ କରିଥିବାରୁ ସେମାନଙ୍କ ସହିତ ପ୍ରତିଯୋଗିତାର ଦୌଡ଼ରେ ଲୋକ-ଭାଷା ପଞ୍ଜାବୀ ଯଥେଷ୍ଟ ଅଗ୍ରସର ହୋଇପାରୁ ନ ଥିଲା ମାତ୍ର ବର୍ତ୍ତମାନ ପଞ୍ଜାବୀ ସାହିତ୍ୟରେ ଏକ ଅଭିନବ ଚେତନାବୋଧ ଜାଗ୍ରତ ହୋଇଅଛି । ସାହିତ୍ୟର ବିଭିନ୍ନ ବିଭାଗରେ

ପଞ୍ଜାବୀ ସାହିତ୍ୟ ଅଗ୍ରସର ହେଉଅଛି । ଅତ୍ୟାଧୁନିକ ପଞ୍ଜାବୀ ସାହିତ୍ୟରେ ଔପନ୍ୟାସିକ ସୁରେନ୍ଦ୍ର ସିଂହ ନରୁଲା, ନାଟ୍ୟକାର ବଳବନ୍ତ ଗାର୍ଗୀ, କବି ମୋହନ ସିଂହ ସଫିର ଏବଂ ଅମୃତା ପ୍ରୀତମ୍ ପ୍ରଭୃତି ଲେଖକ ଲେଖିକାଗଣ ଅବିରତ ଲେଖନୀ ଚାଳନା କରି ଆଧୁନିକ ଭାରତୀୟ ସାହିତ୍ୟ-ସଂସାରରେ ପଞ୍ଜାବୀ ସାହିତ୍ୟର ଏକ ଗୌରବମୟ ପ୍ରତିଷ୍ଠା ଅର୍ଜ୍ଜନ କରିପାରିଅଛନ୍ତି ।

# ତେଲୁଗୁ ସାହିତ୍ୟ

'ତେଲୁଗୁ' ସଂସ୍କୃତର ତ୍ରିକଳିଙ୍ଗ ଶବ୍ଦରୁ ନିଷ୍ପନ୍ନ ହୋଇଅଛି । ଅର୍ଥାତ୍ ତିନକଳିଙ୍ଗ ପୂଜିତ ଅଞ୍ଚଳର ଭାଷା କାଳକ୍ରମେ ତେଲୁଗୁ ଭାଷା ନାମରେ ସୁପରିଚିତ । ଭାରତର ପୂର୍ବ ଉପକୂଳରେ ଓଡ଼ିଶା ଓ ମାନ୍ଦ୍ରାଜର ମଧ୍ୟବର୍ତ୍ତୀ ଅଞ୍ଚଳ ଆନ୍ଧ୍ରରାଜ୍ୟ ନାମରେ ବିଦିତ । ଏହି ଅଞ୍ଚଳର ଅଧିବାସୀ ମୁଖ୍ୟତଃ ତେଲୁଗୁ ଭାଷାଭାଷୀ ହେଲେ ହେଁ ମାନ୍ଦ୍ରାଜ, ମହୀଶୂର ଓ ଓଡ଼ିଶାର କେତେକ ଅଞ୍ଚଳରେ ତେଲୁଗୁ ଭାଷାଭାଷୀ ଲୋକେ ବହୁ ସଂଖ୍ୟାରେ ବସବାସ କରନ୍ତି ।

## ତେଲୁଗୁ ସାହିତ୍ୟର ଆଦିକାଳ

ପ୍ରାଚୀନ ଭାରତରେ ବହୁବିଧ ପ୍ରାକୃତଭାଷାର ପ୍ରଚଳନ ଥିଲା । ତେଲୁଗୁ ହେଉଛି ଏହି ଦ୍ରାବିଡ଼ ଭାଷା-ଗୋଷ୍ଠୀର ଅନ୍ୟତମ ପ୍ରଧାନ ଭାଷା । ବହୁକାଳ ପୂର୍ବରୁ ତେଲୁଗୁ ଲିପି ଆବିଷ୍କୃତ ହୋଇଥିଲେ ହେଁ ଅଷ୍ଟମ ଶତାବ୍ଦୀ ପୂର୍ବରୁ ତେଲୁଗୁ ଭାଷାରେ ଲିଖିତ କୌଣସି ସାହିତ୍ୟ ମିଳେ ନାହିଁ । ତେଲୁଗୁ ସାହିତ୍ୟର ପ୍ରାରମ୍ଭିକ କାଳ ହିସାବରେ ୧୦୨୨ରୁ ୧୫୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଐତିହାସିକଗଣ ନିର୍ଦ୍ଦିଷ୍ଟ କରିଥାଆନ୍ତି । ଏକାଦଶ ଶତାବ୍ଦୀର ପ୍ରଥମ ଭାଗରେ ଗୋଦାବରୀ ନଦୀର ପୂର୍ବ ଉପକୂଳରେ ରାଜ-ମହେନ୍ଦ୍ରଠାରେ ପ୍ରଧାନ ଚାଲୁକ୍ୟରାଜା ରାଜାରାଜା ରାଜତ୍ୱ କରୁଥିଲେ । ତାଙ୍କର ରାଜତ୍ୱକାଳରେ ତେଲୁଗୁ ସାହିତ୍ୟର ପ୍ରଭୁତ ଉନ୍ନତି ସାଧିତ ହୋଇଥିଲା । ତେଲୁଗୁ ସାହିତ୍ୟର ଆଦିପିତା "ନାନାୟା" ଏହି ରାଜ-ବଂଶର ଜନୈକ ରାଜପୁରୁଷ ବୋଲି ବିଶ୍ୱାସ କରାଯାଇଥାଏ । ସେ ପ୍ରଥମେ ସଂସ୍କୃତ ମହାଭାରତକୁ ତେଲୁଗୁ ଭାଷାରେ ଭାବାନୁବାଦ କରିଥିଲେ । ଏହି ଅନୁବାଦ କାର୍ଯ୍ୟରେ ସେ କାଳର ବହୁ ଭାଷାଭାଷୀ ପଣ୍ଡିତ ନାରାୟଣ ଭଟ୍ଟ "ନାନାୟା"ଙ୍କୁ ସାହାଯ୍ୟ କରିଥିଲେ ।

ମହାଭାରତରେ ୧୮ ପର୍ବ ମଧ୍ୟରୁ ମାତ୍ର ତିନୋଟି ପର୍ବର ଅନୁବାଦ 'ନାନାୟା'ଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା । ଏତଦ୍ ବ୍ୟତୀତ 'ଆନ୍ଧ୍ର ଶବ୍ଦ ଚିନ୍ତାମଣି' 'ଇନ୍ଦ୍ର ସେନ-ବିଜୟମୁ' ଓ "ଲକ୍ଷ୍ମଣ୍ଡିକା ବିଳାସମୁ" ପ୍ରଭୃତି ଗ୍ରନ୍ଥ ନାନାୟାଙ୍କ ରଚନା ବୋଲି କୁହାଯାଇଥାଏ ।

## ତେଲୁଗୁ ସାହିତ୍ୟରେ ମହାଭାରତ—

ନାନାୟାଙ୍କ ପରେ ପ୍ରାୟ ଦୁଇଶହ ବର୍ଷକାଳ ତେଲୁଗୁ ସାହିତ୍ୟରେ କୌଣସି ଉଲ୍ଲେଖଯୋଗ୍ୟ ବିକାଶ ଦେଖିବାକୁ ମିଳେ ନାହିଁ । ସୌଭାଗ୍ୟର କଥା ଯେ ତେଲୁଗୁ ସାହିତ୍ୟର ଆଦିକବିଙ୍କର ଆବିର୍ଭାବର ଦୁଇ ଶହ ବର୍ଷ ପରେ ଲେଖନୀ ଧାରଣ କଲେ ଏହି ସାହିତ୍ୟର ବ୍ୟାସଦେବ "ତିକ୍କାନା" । ସେ ପ୍ରଥମେ "ନିର୍ବଚନ ଉତ୍ତର ରାମାୟଣ" ଗ୍ରନ୍ଥ ରଚନା କରି ସାହିତ୍ୟିକ ଜୀବନ ଆରମ୍ଭ କରିଥିଲେ, ମାତ୍ର ତାଙ୍କ ଜୀବନର ସର୍ବଶ୍ରେଷ୍ଠ ସାଧନା ହେଉଛି ମହାଭାରତର ପୂର୍ଣ୍ଣାଙ୍ଗ ରଚନା । ତେଲୁଗୁ ସାହିତ୍ୟରେ ଏହାହିଁ ସର୍ବପ୍ରଧାନ ଗ୍ରନ୍ଥ । 'ତିକ୍କାନା'ଙ୍କ ସମୟ ହେଉଛି ତେଲୁଗୁ ସାହିତ୍ୟର ଏକ ଅଭ୍ୟୁଦୟ କାଳ । ଏଣୁ କେବଳ ମହାଭାରତର ପୂର୍ଣ୍ଣାଙ୍ଗ ରଚନାରେ ତେଲୁଗୁ ସାହିତ୍ୟ ସମୃଦ୍ଧ ହେଲା ନାହିଁ, ବହୁ କାବ୍ୟ ଓ କବିତା ରଚିତ ହୋଇ ସାହିତ୍ୟ ସଂସାରର ପ୍ରାଣ ପ୍ରତିଷ୍ଠା ଲାଭ କଲା । ଏହି ଲେଖକମାନଙ୍କ ମଧ୍ୟରେ 'କେତନା'ଙ୍କ "ଦଶକୁମାର ଚରିତମ୍" ଉଲ୍ଲେଖଯୋଗ୍ୟ । ଦଣ୍ଡୀଙ୍କର ବିଖ୍ୟାତ ଦଶକୁମାର ଚରିତର ଏହା ମର୍ମାନୁବାଦ । ଅନ୍ୟତମ ଲେଖକ "ମାରନ" ମାର୍କଣ୍ଡେୟ ପୁରାଣ ରଚନା କରିଥିଲେ । ତିକ୍କାନାଙ୍କ ଅଣନାତି "ମାଦିକ ସିଙ୍ଗାନା" ବେଦାନ୍ତ ଦର୍ଶନ ସଂପର୍କୀୟ ଏକ ଗ୍ରନ୍ଥ ପଦ୍ୟରେ ରଚନା କରିଥିଲେ । ତାହା 'ଜ୍ଞାନ-ବଶିଷ୍ଠମ୍ ନାମରେ ସୁପରିଚିତ ।

ମହାଭାରତକୁ ପୂର୍ଣ୍ଣାଙ୍ଗ କରି ତିକ୍କାନା କେବଳ ସ୍ମରଣୀୟ ନୁହନ୍ତି ଭାରତୀୟ ଭାଷା ସାହିତ୍ୟରେ ତାଙ୍କର ମହାଭାରତ ଏକ ଉଲ୍ଲେଖଯୋଗ୍ୟ ପଦକ୍ଷେପ ବୋଲି ଦାବୀ କରାଯାଇଥାଏ । ଓଡ଼ିଆ ସାହିତ୍ୟରେ ସାରଳା ଦାସ ତାଙ୍କଠାରୁ ଅଧିକ ଲୋକପ୍ରିୟ । କାରଣ ସଂସ୍କୃତ ମହାଭାରତକୁ ସେ ଅନୁସରଣ କରିଥିଲେହେଁ ଅନୁକରଣ କରିନାହାନ୍ତି । ତାହା ଯେପରି କ

ଏକ ସ୍ୱତନ୍ତ୍ର ସୃଷ୍ଟି । ତେଣୁ ସାରଳାଙ୍କର ମୌଳିକ କଳ୍ପନାବିଳାସ ଓଡ଼ିଆ ପାଠକ ସଂସାରରେ ଶହ ଶହ ବର୍ଷ ହେଲା ଗଭୀର ଭାବରେ ପ୍ରଭାବ ବିସ୍ତାର କରି ଆସୁଅଛି । ସେହିପରି ହିନ୍ଦୀ ସାହିତ୍ୟରେ ସଂସ୍କୃତ ରାମାୟଣ ଅପେକ୍ଷା ତୁଳସୀ ଦାସଙ୍କ ରଚିତ ରାମାୟଣ ଅଧିକ ଲୋକପ୍ରିୟ । କୁଟୀରବାସୀଠାରୁ ପ୍ରାସାଦ-ବିହାରୀ ପର୍ଯ୍ୟନ୍ତ ସମସ୍ତେ ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ତୁଳସୀ ଦାସଙ୍କୁ ସର୍ବୋଚ୍ଚ ଆସନ ପ୍ରଦାନ କରିଥାଆନ୍ତି । ତେଲୁଗୁ ସାହିତ୍ୟରେ "ତିକ୍କାନା" ସେହିପରି ସାହିତ୍ୟସମ୍ରାଟ ପଦବୀର ଅଧିକାରୀ । ଆନ୍ଧ୍ର ଜାତିର ଆଶା ଆକାଂକ୍ଷା ସବୁ ଯେପରି କି ପୂର୍ଣ୍ଣ ଭାବରେ ତିକ୍କାନାଙ୍କ ରଚିତ ମହାଭାରତରେ ରୂପାୟିତ ହୋଇଅଛି । ସେଥିପାଇଁ ଏହି ମହାଭାରତ କେବଳ ଏକ ସାଧାରଣ ପୁରାଣଗ୍ରନ୍ଥ ନୁହେଁ, ଏହା ହେଉଛି ଆନ୍ଧ୍ରମାନଙ୍କର ମହାନ୍ ଜାତୀୟ-ମହାକାବ୍ୟ ।

ତିକ୍କାନା ଗୋଟିଏ ଶ୍ରେଷ୍ଠ ଦେଶୀୟ ରାଜ୍ୟର କର୍ମଚାରୀ ଥିଲେ । ନିଜର ସାଧନା ବଳରେ ସେ ବଡ଼ ପଣ୍ଡିତ ହୋଇ ପାରିଥିଲେ । ତିକ୍କାନାଙ୍କ ସମକାଳୀନ ପଡ଼ୋଶୀ କନ୍ନଡ ସାହିତ୍ୟରେ ଜୈନଧର୍ମର ପ୍ରଭାବ ଅନୁଭୂତ ହେଉଥିଲା । ମାତ୍ର ତିକ୍କାନା ଏହି ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ ଥିଲେ । ବରଂ ସେ ଥିଲେ ସମନ୍ୱୟବାଦୀ । ଏଥିରୁ ସେକାଳର ଆନ୍ଧ୍ର ସମାଜର ମନୋଭାବ ଲକ୍ଷ୍ୟ କରାଯାଇପାରେ । ତିକ୍କାନା ମହାଭାରତର ପନ୍ଦରଟି ପର୍ବ ଉଭୟ ହରି ଏବଂ ହରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । କବିତ୍ୱ ଏବଂ କଳ୍ପନା ବିଳାସରେ ସ୍ଥାନେ ସ୍ଥାନେ ମୂଳ ଭାରତର ଲେଖକଙ୍କୁ ତିକ୍କାନା ଅତିକ୍ରମ କରି ଯାଇଛନ୍ତି ବୋଲି ଅନୁଭୂତ ହୋଇଥାଏ ।

ଚତୁର୍ଦ୍ଦଶ ଶତାବ୍ଦୀରେ ଲେଖକ "ଏରା ପ୍ରାଗଦା" ତେଲୁଗୁ ସାହିତ୍ୟରେ ଅପ୍ରତିଦ୍ୱନ୍ଦୀ ସାଧକ କହିଲେ ଚଳେ । ସେ ତେଲୁଗୁ ମହାଭାରତ ପ୍ରଣୟନରେ ଧ୍ୟାନ ଦେଇଥିଲେ । ମାତ୍ର ଏରା ପ୍ରାଗଦାଙ୍କ ମହାଭାରତ ପାଠକ ସଂସାରରେ ସେପରି କୌଣସି ପ୍ରଭାବ ବିସ୍ତାର କରି ପାରି ନାହିଁ । ସେ ମଧ୍ୟ 'ରାମାୟଣ' ଅନୁବାଦ କରିଥିଲେ । କିନ୍ତୁ ଆଲୋଚ୍ୟ ପୁସ୍ତକ ମଧ୍ୟ ତାଙ୍କୁ କବିଯଶ ଅଧିକାରୀ କରିପାରିଲା ନାହିଁ । "ଏରା ପ୍ରାଗଦା"ଙ୍କ ସର୍ବଶ୍ରେଷ୍ଠ କୃତି ହେଉଛି ହରିବଂଶର ଅନୁବାଦ । ଏହି ଗ୍ରନ୍ଥ ରଚନା କରି ତେଲୁଗୁ ସାହିତ୍ୟ-ସଂସାରରେ ସେ ପ୍ରକୃତ କବିର ସମ୍ମାନ

ଲାଭ କରି ପାରିଅଛନ୍ତି । ସୁଧୀ ସମାଜରେ ତାଙ୍କର ରଚିତ ହରିବଂଶ ଅତ୍ୟନ୍ତ ଆଦୃତ ହୋଇଥିବା ଦେଖାଯାଏ ।

## ତେଲୁଗୁ ରାମାୟଣ—

ସଂସ୍କୃତ ମହାଭାରତ ପରି ରାମାୟଣ ମଧ୍ୟ ଭାରତୀୟ ସମାଜ ଏବଂ ପ୍ରାକୃତ ସାହିତ୍ୟକୁ ବହୁକାଳ ପର୍ଯ୍ୟନ୍ତ ଅନୁପ୍ରାଣିତ କରି ଆସିଛି । ତାମିଲ ସାହିତ୍ୟ ତାର ରାମାୟଣ ରଚୟିତା କମ୍ବନଙ୍କୁ ସ୍ମରଣ କରି ଯେପରି ଗର୍ବ କରିଥାଏ ଓଡ଼ିଆ ସାହିତ୍ୟର ରାମାୟଣକାର ମତ୍ତ ବଳରାମ ଦାସ ସେହିପରି ଓଡ଼ିଶାର ଘରେ ଘରେ ପଠିତ ଓ ଆଲୋଚିତ । ହିନ୍ଦୀ ସାହିତ୍ୟର ରାମାୟଣ ଲେଖକ ତୁଳସୀଦାସ ସାହିତ୍ୟ ସଂସାରରେ ଅପ୍ରତିଦ୍ୱନ୍ଦୀ ଆସନର ଅଧିକାରୀ ହୋଇଅଛନ୍ତି । ଆସାମୀ ଭାଷାର ରାମାୟଣ ଲେଖକ ଶଙ୍କର ଦେବ କିମ୍ବା ବଙ୍ଗଳା ସାହିତ୍ୟର ରାମାୟଣ ସ୍ରଷ୍ଟା କୃତ୍ତିବାସ ଏହିପରି ସର୍ବଜନପ୍ରିୟ ଜାତୀୟ କବି ଭାବରେ ସମ୍ମାନିତ ଓ ସ୍ମରଣୀୟ ; ମାତ୍ର ତେଲୁଗୁ ସାହିତ୍ୟରେ କୌଣସି ଶକ୍ତିଶାଳୀ ଲେଖକ ରାମାୟଣ ଅନୁବାଦ କରି ନାହାନ୍ତି ।

ସେତେବେଳେ ରାମାୟଣ ଲେଖକମାନେ ସାଧାରଣତଃ ଦୁଇ ପ୍ରକାର ରୀତି ଅବଲମ୍ବନ କରୁଥିଲେ । (୧) ପ୍ରାଚୀନ ପ୍ରଚଳିତ ଚମ୍ପୂ ରୀତି (୨) ଅନ୍ୟଟି ଦ୍ୱିପଦ ରୀତି । ବିଭିନ୍ନ ପାଞ୍ଚଜଣ ଲେଖକ ଚମ୍ପୂ ରୀତିରେ ରାମାୟଣ ରଚନା କରିଥିଲେ । ସେମାନେ ହେଉଛନ୍ତି ମନ୍ତ୍ରୀ ଭାସ୍କର, ହୁଲକ ଭାସ୍କର ତାଙ୍କର ପୁତ୍ର ମଲ୍ଲିକାର୍ଜୁନ, ପୁତ୍ର କୁମାର ରୁଦ୍ର ଏବଂ ପରମବନ୍ଧୁ ଆୟଲ ରାୟ । ଆଲୋଚକଗଣ ମନ୍ତ୍ରୀ ଭାସ୍କର ଏବଂ ହୁଲକ ଭାସ୍କରଙ୍କୁ ଏକ ବ୍ୟକ୍ତି ବୋଲି ମନେ କରିଥାଆନ୍ତି । ଏହି ରାମାୟଣ "ଭାସ୍କର ରାମାୟଣ" ନାମରେ ଆନ୍ଧ୍ରଦେଶରେ ଘରେ ଘରେ ପରିଚିତ । ଏକାଧିକ ଲେଖକ ଏହି ରାମାୟଣ ରଚନା କରିଥିଲେ ହେଁ ଜନସାଧାରଣ ଜଣକର ରଚନା ବୋଲି ଗ୍ରହଣ କରିଥାଆନ୍ତି ।

ଏହା ବ୍ୟତୀତ 'ଦ୍ୱିପଦ' ରୀତିରେ ରଚିତ ତେଲୁଗୁ ରାମାୟଣ ମଧ୍ୟ ଏକାଧିକ ଲେଖକ ଲେଖିଥିବା ଜଣାଯାଏ । "ଗୋନ ବୁଦ୍ଧରାଜା" ପ୍ରଥମେ ରାମାୟଣ ପାଇଁ କାର୍ଯ୍ୟ କରି ଦ୍ୱିପଦ ରୀତିରେ ପ୍ରଥମ ଛଅକାଣ୍ଡ ପ୍ରଣୟନ କଲେ ଏବଂ ତାଙ୍କର ଦୁଇ ପୁଅ କାଚଭୂପ ଏବଂ ବିଥଲରାଜ ଉତ୍ତରକାଣ୍ଡଟି

ଶେଷ କରିଥିଲେ । ଦ୍ୱିପଦ ଛନ୍ଦକୁ "ପାଲକୁର୍କି ସୋମାନା" ତେଲୁଗୁ ସାହିତ୍ୟରେ ଅଧିକ ଲୋକପ୍ରିୟ କରି ଯଶସ୍ୱୀ ହୋଇଅଛନ୍ତି । ତାଙ୍କ ରଚିତ 'ବାସବ ପୁରାଣ" ଏବଂ "ପଣ୍ଡିତ ଅର୍ଦ୍ଧ୍ୟ ଚରିତମ୍" ଏହି ଖଣ୍ଡରେ ଦୁଇଟି ଉଲ୍ଲେଖ-ଯୋଗ୍ୟ ପୁସ୍ତକ । କାକତୀୟ ରାଜାମାନଙ୍କ ରାଜତ୍ୱକାଳରେ ପାଲକୁର୍କି ସୋମାନା ଲେଖନୀ ଧାରଣ କରିଥିଲେ । ତାଙ୍କ ରଚନାବଳୀରେ ଶୈବ ଧର୍ମର ପ୍ରଭାବ ଅତ୍ୟନ୍ତ ଅଧିକ । ଜାତିଭେଦ ବିରୁଦ୍ଧରେ ତାଙ୍କର ବିଦ୍ରୋହ ଏକାନ୍ତ ଉଲ୍ଲେଖଯୋଗ୍ୟ । ବେଦକୁ ସେ ଅନାଦି ବୋଲି ସ୍ୱୀକାର କରି ନାହାନ୍ତି । ବରଂ ଭଗବାନ ଶିବ ଅନାଦି ବୋଲି ସେ ପ୍ରଚାର କରିଯାଇ-ଅଛନ୍ତି । ଦ୍ୱିପଦ ଖଣ୍ଡରେ ରଚିତ ରାମାୟଣ "ରଙ୍ଗନାଥ ରାମାୟଣ" ନାମରେ ତେଲୁଗୁ ସଂସାରରେ ଅତ୍ୟନ୍ତ ସୁପରିଚିତ । ତେବେ ଏହାର ଲେଖକ ସମ୍ପର୍କରେ ମତବିରୋଧ ଦେଖାଯାଏ । ଅନେକେ ଏହି ରାମାୟଣର ଲେଖକ ଭାବରେ ଗୋନ ବୁଦ୍ଧରାଜ ବା ଗୋନ ବୁଦ୍ଧରେଡ୍ଡି ବୋଲି ସ୍ୱୀକାର କଲାବେଳେ କେହି କେହି ରଙ୍ଗନାଥ ନାମକ ଜଣେ ବ୍ରାହ୍ମଣ ଦ୍ୱାରା ତାହା ରଚିତ ବୋଲି ମତ ପ୍ରକାଶ କରିଥାଆନ୍ତି । ରାଗ ଓ ତାଳ ନିୟମ ଅନୁସାରେ ଏହି ରାମାୟଣ ବୋଲାଯାଇ ପାରୁଥିବାରୁ ଅତ୍ୟନ୍ତ ସୁପ୍ରଚଳିତ । ଏତଦ୍‌ବ୍ୟତୀତ ଗୋପୀନାଥ ଓ ମୋଲ୍ଲ ନାମ୍ନୀ ଜଣେ ଲେଖିକା ମଧ୍ୟ ରାମାୟଣ ରଚନାରେ ବ୍ରତୀ ହୋଇଥିଲେ । "ଭଲ୍ଲକୋଲନୁ ସୁବାରାଓ" ନାମରେ ଜନୈକ ଲେଖକ ମୂଳ ରାମାୟଣର ୨୪ ହଜାର ଶ୍ଳୋକର ଆକ୍ଷରିକ ଅନୁବାଦ କରିଥିଲେ । ସେହିପରି ଶେଷାଦ୍ରୀ ଶର୍ମା ମଧ୍ୟ ବ୍ୟାଖ୍ୟା ସହ ୬୦ ହଜାର ରାମାୟଣ ଶ୍ଳୋକର ଅନୁବାଦ ପ୍ରକାଶ କରିଥିଲେ । ଏତେ ରାମାୟଣ ରଚିତ ହୋଇଥିଲେ ହେଁ ରଙ୍ଗନାଥ ରାମାୟଣ ପରି କେହି ଲୋକ-ସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିପାରି ନ ଥିଲି ।

## ତେଲୁଗୁ ସାହିତ୍ୟରେ ଭକ୍ତିଯୁଗ-କାଳ—

ଷୋଡ଼ଶ ଶତାବ୍ଦୀରେ ଭାରତୀୟ ପ୍ରାନ୍ତୀୟ ସାହିତ୍ୟରେ ଭକ୍ତି ଭାବନାର ସ୍ରୋତ ଏପରି ଉତ୍ତରଳ ଭାବରେ ପ୍ରବାହିତ ହେଲା ଯେ ସାହିତ୍ୟର ବିଭିନ୍ନ ବିଭାଗରେ ତାର ପ୍ରତିକ୍ରିୟା ଅନୁଭୂତ ହେଲା । ବଙ୍ଗଳା, ଓଡ଼ିଶା, ମହାରାଷ୍ଟ୍ର, ଗୁଜରାଟ କିମ୍ବା ଆନ୍ଧ୍ର ଦେଶ—କୌଣସି ଅଞ୍ଚଳ ଏହି ମହାନ ସମାଜିକ ବିପ୍ଲବରୁ ମୁକ୍ତ ନ ଥିଲେ । ଭକ୍ତିଗାଥାକାଳ ପୂର୍ବରୁ ପ୍ରତ୍ୟେକ

ପ୍ରାନ୍ତର ସାହିତ୍ୟରେ ରାମଲୀଳାର ମହତ୍ତ୍ୱ କୀର୍ତ୍ତିତ ହେଉଥିଲା । ତେଲୁଗୁ ସାହିତ୍ୟରେ ମଧ୍ୟ ରାମଲୀଳାବିଷୟକ ବହୁ ଗ୍ରନ୍ଥ ଲିଖିତ ହୋଇଥିବା ଜଣାଯାଏ ।

ଭକ୍ତିଗାଥା କାଳର ସର୍ବପ୍ରଧାନ ସ୍ରଷ୍ଟା ହେଉଛନ୍ତି "ପୋତନା" । ତେଲୁଗୁ ଭାଷାରେ ଭାଗବତ ପ୍ରଣୟନ କରି ସେ ଅମର ହୋଇଅଛନ୍ତି । ଅବଶ୍ୟ ସେ ପ୍ରଥମେ "ଭୋଗିନୀ ଦଣ୍ଡକମ୍" ଶୀର୍ଷକ ଏକ ଲୌକିକ କାବ୍ୟ ପ୍ରଣୟନ କରିଥିଲେ । ଏହି କାବ୍ୟର ମୂଳ କଥା-ବସ୍ତୁ ହେଉଛି ଜଣେ ରାଜା ଏବଂ ବେଶ୍ୟାର ପ୍ରଣୟ କାହାଣୀ । ମାତ୍ର ଯୁଗର ଭକ୍ତିଭାବନାରେ "ପୋତନା" ଅନୁପ୍ରାଣିତ ହେଲେ ଏବଂ ଲୌକିକ କାବ୍ୟରଚନା ପରିବର୍ତ୍ତେ ଅଲୌକିକ କାବ୍ୟ ରଚନା କରି ସେ ସମାଜର ଆଶା ଓ ଆକାଂକ୍ଷାକୁ ଯଥାର୍ଥ ଭାବରେ ରୂପାୟିତ କଲେ । ତେବେ ଭକ୍ତିଗାଥା କାଳ ତେଲୁଗୁ ସାହିତ୍ୟର ପ୍ରଧାନ ଆଭିମୁଖ୍ୟ ହେଉଛି ଆଧ୍ୟାତ୍ମିକ ଉଦାରତା ଓ ସହିଷ୍ଣୁତା । କୃଷ୍ଣପୂଜା ଲୋକପ୍ରିୟ ହେଲେ ହେଁ ସମକାଳରେ ରାମପୂଜା ଏବଂ କୃଷ୍ଣଲୀଳା ବିଷୟକ ରଚନା ଜନସମାଜରେ ଆଦର ଲାଭ କରୁଥିଲା ।

## ତେଲୁଗୁ ସାହିତ୍ୟରେ ସୁବର୍ଣ୍ଣଯୁଗ—

ରାଜା କୃଷ୍ଣ-ଦେବରାୟ ଦକ୍ଷିଣ-ଭାରତର ଏକ ଶକ୍ତିଶାଳୀ ଶାସକ ଥିଲେ । ସେ ନିଜେ କବି ଥିଲେ ଏବଂ କାବ୍ୟ କବିତାର ପୃଷ୍ଠପୋଷକ ଭାବରେ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା । ବିଜୟନଗର ସାମ୍ରାଜ୍ୟର ପ୍ରତିଷ୍ଠା ଫଳରେ ଆନ୍ଧ୍ର ଭାଷାଭାଷୀ ଜନସାଧାରଣ ଏକ ସୁଖୀ ଓ ସମୃଦ୍ଧ ଜୀବନ ଯାପନ କରୁଥିଲେ । ସ୍ୱାଧୀନତା, ଆନ୍ଧ୍ର ସମାଜର ପ୍ରାଣ ଓ ମନରେ ଗଭୀର ଆତ୍ମ-ବିଶ୍ୱାସ ଆନୟନ କଲା । ତେଣୁ ଗଭୀର ଆତ୍ମ-ଜିଜ୍ଞାସା ଏବଂ ଆତ୍ମପରୀକ୍ଷାର ପରିଣତି ହେଲା ତେଲୁଗୁ ସାହିତ୍ୟରେ ପ୍ରବନ୍ଧ-କାଳର ଅଭ୍ୟୁଦୟ । ପୂର୍ବଯୁଗକୁ ମୁଖ୍ୟତଃ ପୁରାଣଯୁଗ କୁହାଯାଉ-ଥିଲା । ଏହି ପ୍ରବନ୍ଧ-ଯୁଗରେ କଥାବସ୍ତୁ ପୁରାଣରୁ ଆହୃତ ହେଉଥିଲେ ହେଁ ତାହା କେବଳ କାବ୍ୟର ବହିରଙ୍ଗ ମାତ୍ର ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ କାଳରେ ତେଲୁଗୁ କାବ୍ୟର ଅନ୍ତର୍ନିହିତ ସ୍ୱର ଥିଲା ସୌନ୍ଦର୍ଯ୍ୟ ସାଧନା । ଶକ୍ତିଶାଳୀ ପଣ୍ଡିତ-କବିମାନଙ୍କ ଦ୍ୱାରା ତେଲୁଗୁ

କାବ୍ୟ ସାହିତ୍ୟ ଅଧିକ ପ୍ରାଣବନ୍ତ ଏବଂ ସମୃଦ୍ଧ ହୋଇ ଉଠିଲା । ଏ ଯୁଗର ସର୍ବଶ୍ରେଷ୍ଠ କାବ୍ୟକାର ହେଲେ "ଆଲ୍‌ସନ ପେଦାନା" । "ପେଦାନା" କୃଷ୍ଣ ଦେବରାୟଙ୍କର ସଭା-ପଣ୍ଡିତ ଭାବରେ ସମ୍ମାନିତ ହୋଇଥିଲେ । ପେଦାନାଙ୍କ "ମନୁଚରିତ୍ର" ଏକ ଅମର ସୃଷ୍ଟି । ଯେତେକାଳ ଯାଏଁ ତେଲୁଗୁ ସାହିତ୍ୟ ବଞ୍ଚିଥିବ, ପେଦାନାଙ୍କ ନାମ ମଧ୍ୟ ସେତେକାଳ ଯାଏ ଅକ୍ଷୟ ଓ ଅମର ହୋଇ ରହିଥିବ । ତାହାଙ୍କୁ ଯଥାର୍ଥରେ କବିସମ୍ରାଟ ଆଖ୍ୟା ଦିଆଯାଇ-ପାରେ । କିଛିକାଳ ପୂର୍ବରୁ ଶ୍ରୀନାଥ ସଂସ୍କୃତ ମହାକବି ଶ୍ରୀହର୍ଷଙ୍କ "ନୈଷଧ"କୁ ତେଲୁଗୁ ସାହିତ୍ୟରେ ଭାଷାନ୍ତର କରି ଯେଉଁ ନୂତନ କାବ୍ୟଶୈଳୀର ପ୍ରବର୍ତ୍ତନ କରିଥିଲେ, ତାହା ସମୃଦ୍ଧିର ଚୂଡ଼ା ସ୍ପର୍ଶ କରିଥିଲା ପେଦାନାଙ୍କ ସାଧନାରେ । "କାଶୀଖଣ୍ଡମ୍" କାବ୍ୟ ରଚନା କରି ଶ୍ରୀନାଥ ନିଜର କୃତିତ୍ୱର ପରିଚୟ ଦେଇଅଛନ୍ତି ।

ବିଜୟନଗର-କାଳ ସାହିତ୍ୟ ରଚନା ସମୟରେ ଅନ୍ୟତମ ପ୍ରଧାନ କବି ହେଉଛନ୍ତି "ଉତ୍ତର-ହରିବଂଶ"ର ଲେଖକ "ନାଚନା ସୋମନାଥ" । "ପିଲାଲ୍ମାରି ପିନଭିରନା" ନିଜର ଜୈମିନୀଭାରତ ଓ ଶକୁନ୍ତଳା ପରିଣୟ ରଚନା କରିଆରେ ଏକ ମଧୁର ସାଙ୍ଗୀତିକ ଶୈଳୀର ପ୍ରବର୍ତ୍ତନ କରିଥିଲେ । "ନନ୍ଦିତିମ୍ମନା" କୃଷ୍ଣ ଦେବରାୟଙ୍କ ସଭାରେ ଅନ୍ୟତମ ପ୍ରସିଦ୍ଧ କବି । ତାଙ୍କର ଡାକ ନାମ ମୁକ୍କୁ ତିମ୍ମନା ନାମରେ ସେ ଅଧିକ ସୁପରିଚିତ । ତାଙ୍କ ରଚିତ "ପାରିଜାତହରଣମ୍" ଏକ ଉଲ୍ଲେଖଯୋଗ୍ୟ କାବ୍ୟ । ସୁଲଳିତ ଶୈଳୀ ପାଇଁ ଏହି କାବ୍ୟ ତେଲୁଗୁ-ପାଠକ ସଂସାରରେ ସର୍ବଜନାଦୃତ । କୃଷ୍ଣଦେବରାୟ କେବଳ କବିତାର ପୃଷ୍ଠପୋଷକତା କରି ସନ୍ତୁଷ୍ଟ ହୋଇ ନାହାନ୍ତି, ନିଜେ କବିତା ରଚନା କରି ତେଲୁଗୁ ସାହିତ୍ୟକୁ ସମୃଦ୍ଧ କରି ଯାଇଅଛନ୍ତି । ତାଙ୍କ ରଚିତ "ଅମୁକ୍ତ ମାଲ୍ୟଦା" ବା "ବିଷ୍ଣୁଚିତ୍ତିୟମ୍" କାବ୍ୟ-ଯୁଗ ରଚନାର ଏକ ଉଜ୍ଜ୍ୱଳ ବ୍ୟତିକ୍ରମ । 'ପେଦାନା' କିମ୍ବା "ତିମନା'ଙ୍କ ରଚନା ଯେପରି ସହଜବୋଧ ଏବଂ ସରଳ ରାଜା କୃଷ୍ଣଦେବରାୟଙ୍କର ରଚନା ସେ ଶ୍ରେଣୀର ଅନ୍ତର୍ଗତ ନୁହେଁ । ବରଂ ଏହା ଅତ୍ୟନ୍ତ ପାଣ୍ଡିତ୍ୟପୂର୍ଣ୍ଣ ଏବଂ ଦୁର୍ବୋଧ । କାବ୍ୟ-ଅଳଙ୍କାର ଶାସ୍ତ୍ରରେ ଧୁରୀଣ ନ ହେଲେ 'ବିଷ୍ଣୁଚିତ୍ତିୟମ୍' ଉପଲବ୍ଧି କରିବା ସହଜ ନୁହେଁ । ପୁନଶ୍ଚ ଏହି ଗ୍ରନ୍ଥ ବୈଷ୍ଣବ-ଦର୍ଶନର ପ୍ରଖ୍ୟାପକ

ହୋଇଥିବାରୁ କେବଳ ଉଚ୍ଚ ଶ୍ରେଣୀର ପାଠକମାନେ ହିଁ ତାହାର ରସାସ୍ୱାଦନ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି ।

ଏମାନଙ୍କ ବ୍ୟତୀତ ତେଲୁଗୁ କାବ୍ୟ ସାହିତ୍ୟକୁ ବହୁ କବି ସମୃଦ୍ଧ କରିଥିବା ଜଣାଯାଏ । ସେମାନଙ୍କ ମଧ୍ୟରେ ତେନାଲି ରାମକୃଷ୍ଣ, ଧୂର୍ଜଟୀ, ପିଙ୍ଗଳି ସୂରନା ପ୍ରଭୃତି ପ୍ରଧାନ । ପିଙ୍ଗଳି ସୁରନା ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କ ରଚିତ "କାଳପୂର୍ଣ୍ଣୋଦୟ" ତେଲୁଗୁ ସାହିତ୍ୟରେ ସ୍ୱତନ୍ତ୍ର ଆସନର ଅଧିକାରୀ । କବିତ୍ୱ ଏବଂ ରଚନା-ଶୈଳୀର ପାଟବତା କେବଳ ଏହି କାବ୍ୟକୁ ସ୍ମରଣୀୟ କରିନାହିଁ, ଏହାର ବିଷୟବସ୍ତୁ ମଧ୍ୟ ଅତ୍ୟନ୍ତ ଚମତ୍କାର । ଦ୍ୱି ଅର୍ଥବ୍ୟଞ୍ଜକ ଏହି କାବ୍ୟ ଏକ ପକ୍ଷରେ ରାମଚରିତ ଏବଂ ଅନ୍ୟ ପକ୍ଷରେ ପାଣ୍ଡବଚରିତର ସାର୍ଥକ ବିଶ୍ଳେଷଣ କରିଥାଏ । ସଂସ୍କୃତ ସାହିତ୍ୟର ଯାବତୀୟ ଆଳଙ୍କାରିକ ରୀତି ଏହି କାବ୍ୟରେ ଅନୁସୃତ ହୋଇଅଛି । ଭଟ୍ଟମୂର୍ତ୍ତିଙ୍କ ଲିଖିତ "ବସୁଚରିତ୍ର" ତେଲୁଗୁ ପଞ୍ଚକାବ୍ୟ ମଧ୍ୟରୁ ଅନ୍ୟତମ । କଳ୍ପନା ବିଳାସ, ଶବ୍ଦାଡ଼ମ୍ବର ଏବଂ ରୂପକଧର୍ମୀ ବର୍ଣ୍ଣନା ପାଇଁ ଏ କାବ୍ୟ ତେଲୁଗୁ ସାହିତ୍ୟରେ ଅତୁଳନୀୟ ।

ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରେ ବିଜୟନଗର ସାମ୍ରାଜ୍ୟ ବହୁ ଖଣ୍ଡରେ ବିଭକ୍ତ ହୋଇଗଲା । କେନ୍ଦ୍ରୀୟ ଶକ୍ତି ଦୁର୍ବଳ ହୋଇ ପଡ଼ିବାରୁ ତାଞ୍ଜୋର, ମଦୁରା ପ୍ରଭୃତି ସ୍ଥାନରେ ସ୍ୱତନ୍ତ୍ର ସ୍ୱାଧୀନ ଦେଶୀୟ ରାଜ୍ୟ ପ୍ରତିଷ୍ଠିତ ହେଲା । ମାତ୍ର ଏହି ସବୁ ରାଜବଂଶ ଅତ୍ୟନ୍ତ ଦୁର୍ବଳ ଥିଲେ ଏବଂ ସମାଜରେ ଅଭ୍ୟୁଦୟ ଆନୟନ ପାଇଁ ସେମାନେ ସୁଦକ୍ଷ ହୋଇ ପାରିଲେ ନାହିଁ । ତେଣୁ ସମୃଦ୍ଧ ତେଲୁଗୁ ସାହିତ୍ୟ କ୍ରମଶଃ ଦୁର୍ବଳ ହୋଇ ପଡ଼ିଲା । ପେଦାନା, ତିକ୍କନାଙ୍କ ଭଳି ଶକ୍ତିଶାଳୀ କବିମାନଙ୍କର ଆବିର୍ଭାବ ଆଉ ସମ୍ଭବ ହେଲା ନାହିଁ । ତେବେ ତାଞ୍ଜୋର ଏବଂ ମଦୁରା ରାଜବଂଶର ପୃଷ୍ଠପୋଷକତାରେ କେତେକ କବି ତେଲୁଗୁ ସାହିତ୍ୟର ବିକାଶରେ ବ୍ରତୀ ହୋଇଥିଲେ । ସେମାନଙ୍କ ରଚନା ମଧ୍ୟରେ ସାରଙ୍ଗ ତମ୍ମାନାୟୁଙ୍କ "ବୈଜୟନ୍ତୀ ବିଳାସମ୍", ଭେଙ୍କଟ କୃଷ୍ଣ ନାୟକଙ୍କ "ଅହଲ୍ୟା", ଶେଷମ୍ ଭେଙ୍କଟ ପତିଙ୍କ "ତାରାଶଶାଙ୍କ ବିଜୟ" ପ୍ରଭୃତି ପ୍ରଧାନ । ଏ ଯୁଗର ଲେଖକଗଣ ଥିଲେ ଅଧିକ ବାସ୍ତବଧର୍ମୀ ।

ବର୍ଣ୍ଣନା ବିଳାସର ମାଧ୍ୟମରେ ତତ୍କାଳୀନ ସାମାଜିକ ଜୀବନର କେତେକ ପ୍ରତିଛବି ସେମାନେ ରୂପାୟିତ କରିବାକୁ ଆଦୌ ଭୁଲି ନାହାନ୍ତି ।

## ସାହିତ୍ୟରେ ଶତକ-କବିତା—

କାବ୍ୟଯୁଗର ସମୃଦ୍ଧ ପରଂପରା ତେଲୁଗୁ ସାହିତ୍ୟରେ କ୍ରମଶଃ ଦୁର୍ବଳ ହୋଇ ଆସିଲା । ପୂର୍ବ ପରି କୌଣସି ଶକ୍ତିଶାଳୀ କାବ୍ୟ-ସାଧକ ଆଉ ସାହିତ୍ୟରେ ଦୃଷ୍ଟିଗୋଚର ହେଲେ ନାହିଁ । ସାଧାରଣତଃ ଅଷ୍ଟାଦଶ ଶତାବ୍ଦୀ ବେଳକୁ ଯେଉଁ କବିଗଣ ଲେଖନୀ ଧାରଣ କରିଥିଲେ, ସେମାନେ ଭାବ ଅପେକ୍ଷା ଶବ୍ଦର ଗୁରୁତ୍ୱ ପ୍ରତି ଅଧିକ ଧ୍ୟାନ ଦେଇଥିଲେ । ଅଦ୍ଭୁତ ଉପମା ଜରିଆରେ କାବ୍ୟର ବାହ୍ୟ ଅଳଙ୍କରଣ ପ୍ରତି ଏ ଯୁଗ କବିମାନଙ୍କର ଅଧିକ ଧ୍ୟାନ ଥିଲା ।

ଏହି ବଡ଼ ବଡ଼ କାବ୍ୟ ବ୍ୟତୀତ ତେଲୁଗୁ ସାହିତ୍ୟରେ ବହୁ କ୍ଷୁଦ୍ର କବିତାର ସଂକଳନ ଦେଖାଯାଏ । ଏଗୁଡ଼ିକ "ଶତକ" ନାମରେ ବିଖ୍ୟାତ । ଏହାର ଆକ୍ଷରିକ ଅର୍ଥ ହେଲା ଶହେଟି କବିତାର ସମାହାର । ଏହି କବିତା-ଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ଆରାଧ୍ୟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ରଚିତ ହୋଇଥାଏ । ଶତକ କବିତାଗୁଡ଼ିକ ସାଧାରଣତଃ ଭକ୍ତିଭାବନାରେ ଅନୁପ୍ରାଣିତ । ଉଭୟ ଶୈବ ଏବଂ ବୈଷ୍ଣବ ଧର୍ମ-ଦର୍ଶନ ଦ୍ୱାରା ଏ ଯୁଗର ସାହିତ୍ୟ ପ୍ରଭାବିତ ହୋଇଥିବା ଜଣାଯାଏ ।

## ଆଧୁନିକ କାବ୍ୟ-ଯୁଗ—

ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟ ପରି ତେଲୁଗୁ ସାହିତ୍ୟରେ ଆଧୁନିକ ଯୁଗର ଅଭ୍ୟୁଦୟ ବିଂଶ ଶତାବ୍ଦୀର ପ୍ରାରମ୍ଭରେ କିମ୍ବା ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଆରମ୍ଭ ହୋଇଛି କହିଲେ ଠିକ୍ ହେବ । ପ୍ରାଚୀନର ପରମ୍ପରା ବିରୁଦ୍ଧରେ ବିଦ୍ରୋହ କରି ସାହିତ୍ୟରେ ଏକ ନୂତନ ଶୈଳୀର ପ୍ରବର୍ତ୍ତନ କଲେ ତିରୁପତି ଶାସ୍ତ୍ରୀ ଏବଂ ବେଙ୍କଟ ଶାସ୍ତ୍ରୀ । ଏହି ଦୁଇ ଜଣ କବି ଉଭୟ ସଂସ୍କୃତ ଓ ତେଲୁଗୁ ଭାଷାରେ ପଣ୍ଡିତ ଥିଲେ । ସାଧାରଣ ଜନତା ଏମାନଙ୍କର କାବ୍ୟର ସରଳ ସ୍ୱାଭାବିକ ଶୈଳୀ ପ୍ରତି ଅଧିକ ଆକୃଷ୍ଟ ହୋଇ ପଡ଼ିଲେ । ଏମାନଙ୍କ କାବ୍ୟ ମଧ୍ୟରେ ଶତାବଧାନ ସାର,

କାବ୍ୟକୁସୁମାବଳୀ ଏବଂ ବୁଦ୍ଧ ଚରିତ୍ର ଆଦି ପ୍ରଧାନ । ଅପ୍ପା ରାଓ ଓ ଦେବୁଲପଲ୍ଲି କୃଷ୍ଣଶାସ୍ତ୍ରୀ ମଧ୍ୟ ଏ ଯୁଗର ଅନ୍ୟ ଦୁଇଜଣ ବିଶିଷ୍ଟ କବି । ନୂତନ ଭାବଧାରାକୁ ବଳିଷ୍ଠ ଏବଂ ଲୋକପ୍ରିୟ କରିବାପାଇଁ ସେମାନଙ୍କର ଦାନ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ।

ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ତେଲୁଗୁ ସାହିତ୍ୟରେ ନାନା କାରଣରୁ ଏକ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ ହେଲା । ଦେଶରେ ଇଂରେଜୀ ଶିକ୍ଷାର ପ୍ରସାର ଏବଂ ଜାତୀୟ ଆନ୍ଦୋଳନର ବାର୍ତ୍ତା ଆନ୍ଧ୍ର ସମାଜର ତରୁଣମାନଙ୍କର ମନ ଓ ପ୍ରାଣରେ ଅପୂର୍ବ ଆନ୍ଦୋଳନ ସୃଷ୍ଟି କଲା । ବଙ୍ଗଦେଶର ନବଯୁଗର ଅନ୍ୟତମ ପ୍ରବକ୍ତା ଔପନ୍ୟାସିକ ବଙ୍କିମଚନ୍ଦ୍ରଙ୍କର ଜାତୀୟଧର୍ମୀ ରଚନାବଳୀ ତେଲୁଗୁ ସାହିତ୍ୟିକମାନଙ୍କୁ ନୂତନ ପ୍ରେରଣା ପ୍ରଦାନ କଲା । ରବୀନ୍ଦ୍ରଙ୍କ ରଚନାବଳୀ ମଧ୍ୟ ତେଲୁଗୁ ସାହିତ୍ୟର ନବଯୁଗର ଧାରା ପ୍ରବର୍ତ୍ତନରେ କମ୍ ସାହାଯ୍ୟ କରି ନ ଥିଲା ।

ପ୍ରଥମ ମହାଯୁଦ୍ଧର ପ୍ରତିକ୍ରିୟା ଏବଂ ନାନା ସାହିତ୍ୟିକ ଆନ୍ଦୋଳନ ଫଳରେ ତେଲୁଗୁ ସାହିତ୍ୟରେ ଅଭାବନୀୟ ପରିବର୍ତ୍ତନର ସୂତ୍ରପାତ ହେଲା । ଏ ଯୁଗର ଲେଖକମାନେ ମୁଖ୍ୟତଃ ଥିଲେ ରୋମାଣ୍ଟିକ ଧର୍ମୀ ଏବଂ ସେମାନେ ଗୀତିକବିତା ପ୍ରଣୟନରେ ଅଧିକ ଧ୍ୟାନ ଦେଉଥିଲେ । ଆଧୁନିକ ଯୁଗର ପ୍ରାରମ୍ଭ କାଳରେ ଗୀତିକବିତାର ଲୋକପ୍ରିୟତା ଯୋଗୁ ଏ ଯୁଗକୁ ଗୀତିକବିତାର ଯୁଗ କୁହାଯାଇଥାଏ ।

ଶିବଶଙ୍କର ଶାସ୍ତ୍ରୀ ଏହି ନବୀନ ସାହିତ୍ୟ ଆନ୍ଦୋଳନର ଅନ୍ୟତମ ଶ୍ରେଷ୍ଠ ପୁରୋଧା ଥିଲେ । ତାଙ୍କୁ କବିଗୁରୁ ଭାବରେ ସମ୍ମାନ କରାଯାଇଥାଏ । ଶିବଶଙ୍କର ସଂସ୍କୃତ ସାହିତ୍ୟ, ଏକାଧିକ ଭାରତୀୟ ପ୍ରାନ୍ତୀୟ ସାହିତ୍ୟ ଏବଂ ସମକାଳୀନ ଇଂରାଜୀ ସାହିତ୍ୟରେ ଯଥେଷ୍ଟ ଦକ୍ଷତା ହାସଲ କରିଥିଲେ । ତାଙ୍କର ତେଲୁଗୁ ରଚନା ଦ୍ୱାରା ସମକାଳୀନ ବହୁ ଲେଖକ, କବି ଓ ଗାଳ୍ପିକ ଅନୁପ୍ରାଣିତ ହୋଇଥିବା ଜଣାଯାଏ । ଗୀତିକବିତା ସହିତ ଏ ଯୁଗରେ ସଙ୍ଗୀତ ରଚନା ମଧ୍ୟ ଏକ ଲୋକପ୍ରିୟ ମାଧ୍ୟମ ରୂପେ ପ୍ରକଟିତ ହେଲା । ବାସବରାଜୁ ଆପ୍ପା ରାଓ ଏବଂ ନାନ୍ଦୁରି ସୁବାରାଓ ଏହି ସଂଗୀତ ଯୁଗର ଦୁଇ ଜଣ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା । ଏମାନଙ୍କ ରଚିତ ସଙ୍ଗୀତ ଆନ୍ଧ୍ର

ସମାଜରେ ଘରେ ଘରେ ଆଦୃତ ଏବଂ ସୁପ୍ରଚ୍ଛରିତ । ଏ ଯୁଗର ବିଶ୍ୱନାଥ ସତ୍ୟନାରାୟଣ ଜଣେ ସୁପ୍ରସିଦ୍ଧ ପ୍ରକୃତି କବି । ତାଙ୍କ ଲିଖିତ "କୋକିଳାମା ପେଣ୍ଡି" ରେ ପ୍ରକୃତି ସଂସାର ନୂତନ ରୂପରେ ରୂପାୟିତ । ବିଶ୍ୱନାଥ ନବଯୁଗ ତେଲୁଗୁ ସାହିତ୍ୟର ଅନ୍ୟତମ ପ୍ରବର୍ତ୍ତକ ଭାବରେ ସମ୍ମାନିତ ହୋଇଥାନ୍ତି । ସେ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସଫଳତା ଅର୍ଜନ କରିଅଛନ୍ତି । ଏ ଯୁଗର ଅଧିକାଂଶ କବିଙ୍କ କାବ୍ୟ ସାଧନା ପ୍ରେମ ଏବଂ ପ୍ରକୃତିକୁ ପ୍ରଧାନ ଉପଜୀବ୍ୟ କରି ରସାଣିତ ହୋଇ-ଥିବା ଜଣାଯାଏ । ଜାତୀୟତାବୋଧ ଏହି କବିମାନଙ୍କର କାବ୍ୟଧାରାର ମାର୍ମିକ ନିବେଦନ ହେଲେ ହେଁ ତହିଁରେ ଗଣର ଚେତନା ଅନୁଭୂତ ହୁଏ ନାହିଁ ।

ଓଡ଼ିଆ ସାହିତ୍ୟରେ ସବୁଜଦଳଙ୍କ ରୋମାଣ୍ଟିକ ଚିନ୍ତାଧାରା ବିରୁଦ୍ଧରେ "ଆଧୁନିକ ସାହିତ୍ୟ ଗୋଷ୍ଠୀ" ବିଦ୍ରୋହ କରି ମାର୍କ୍ସୀୟ ବସ୍ତୁବାଦୀ ଆଦର୍ଶର ଅନୁପ୍ରେରଣାରେ ସଂପୂର୍ଣ୍ଣ ବାସ୍ତବଧର୍ମୀ ସାହିତ୍ୟ ସୃଷ୍ଟି କଲା ପରି ତେଲୁଗୁ ସାହିତ୍ୟରେ ମଧ୍ୟ ଅନୁରୂପ ଆନ୍ଦୋଳନ ଦେଖାଯାଇଥିଲା । ଏହି ଆନ୍ଦୋଳନର ପ୍ରଧାନ ପ୍ରଧାନ ପୁରୋଧା ଥିଲେ ଶ୍ରୀରଙ୍ଗମ ଶ୍ରୀନିବାସ ରାଓ । ସେ "ଶ୍ରୀଶ୍ରୀ" ନାମରେ ତେଲୁଗୁ ସାହିତ୍ୟରେ ସୁପରିଚିତ । ଏହି ଆନ୍ଦୋଳନ ପ୍ରଭାବିତ ଲେଖକଗଣ କଳ୍ପନା ବିଳାସ ଓ ପରୀମହଲର ସ୍ୱପ୍ନ ପରିତ୍ୟାଗ କରି ଏକ ନୂତନ ଜଗତ ଏବଂ ସମାଜର ସନ୍ଧାନ ପାଇଁ ବ୍ୟାକୁଳ ହୋଇ ପଡିଲେ । ସେମାନଙ୍କର କାବ୍ୟ କବିତାରେ ରୂପାୟିତ ହେଲା ଶୋଷିତର ଦୁଃଖ ଓ ଦୈନ୍ୟର ଜୀବନ ସଂଗ୍ରାମ ଓ ଅତ୍ୟାଚରିତର କରୁଣ କାହାଣୀ ।

ଅତ୍ୟାଧୁନିକ ତେଲୁଗୁ ସାହିତ୍ୟରେ କ୍ଷୁଦ୍ର ଗଳ୍ପର ଜନ୍ମ ଅଧିକ କାଳର ନୁହେଁ । ଗୁରଜାଡା ଅପ୍ପା ରାଓ ତେଲୁଗୁ ଗଳ୍ପସାହିତ୍ୟର ପିତା ଭାବରେ ସମ୍ମାନିତ । ଆଧୁନିକ ଗଳ୍ପ ସାହିତ୍ୟକୁ ବହୁ ଲେଖକଙ୍କର ସାଧନା ପରିପୁଷ୍ଟ କରିଅଛି । ତେବେ ଚିନ୍ତା ଦିକ୍ଷିତୁଲୁ ତେଲୁଗୁ ଗଳ୍ପ ଲେଖକ-ମାନଙ୍କ ମଧ୍ୟରେ ଜଣେ ଅତି ପ୍ରଭାବଶାଳୀ ସ୍ରଷ୍ଟା । ମୁନି ମାଣିକ୍ୟ ନରସିଂହ ରାଓ, ଗୁଡ଼ିପତି ଭେଙ୍କଟ ଚଳମ, ଇଲିଣ୍ଡଲା ସରସ୍ୱତୀ ଦେବୀ, ମାଲତୀ ଚନ୍ଦୁର ପ୍ରଭୃତି ଆଧୁନିକ ଗଳ୍ପ ସାହିତ୍ୟରେ ଉଲ୍ଲେଖଯୋଗ୍ୟ କୃତିତ୍ୱ ଅର୍ଜନ କରି-ଅଛନ୍ତି ।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ତେଲୁଗୁ ଉପନ୍ୟାସ ଜନ୍ମଗ୍ରହଣ କରିଥିଲା । ପାଶ୍ଚାତ୍ୟ ସାହିତ୍ୟର ସଂପର୍କରେ ଆସି ତେଲୁଗୁ ଲେଖକଗଣ ଉପନ୍ୟାସ ରଚନା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ବୀରେଶଲିଙ୍ଗମ ପ୍ରଥମ ତେଲୁଗୁ ଉପନ୍ୟାସର ସ୍ରଷ୍ଟା ଭାବରେ ସାହିତ୍ୟର ଇତିହାସରେ ସମ୍ମାନିତ । ତାଙ୍କ ରଚିତ ଉପନ୍ୟାସ "ରାଜଶେଖର ଚରିତମ", ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରର ଜୀବନ କାହାଣୀ । ବୀରେଶଲିଙ୍ଗମ ତେଲୁଗୁ ସାହିତ୍ୟର ପ୍ରଥମ ଉପନ୍ୟାସରେ ସାମାଜିକ ଜୀବନର କଥାବସ୍ତୁ ପରିବେଷଣ କରିଥିଲେ ହେଁ ତାଙ୍କ ପରେ ପରେ ଐତିହାସିକ ଉପନ୍ୟାସ ହିଁ ଅଧିକ ଲୋକପ୍ରିୟତା ହାସଲ କରିଥିଲା । ଚିଲକାମର୍ତ୍ତି ଲକ୍ଷ୍ମୀନରସିଂହମ୍ ଐତିହାସିକ ଉପନ୍ୟାସ ପ୍ରଣୟନ କରି ଲୋକପ୍ରିୟତା ଅର୍ଜନ କରିଥିଲେହେଁ ତାଙ୍କର ସାମାଜିକ ଉପନ୍ୟାସ "ରାମଚନ୍ଦ୍ର ବିଜୟମ୍" ଆଲୋଚକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲା । ଏହି କାଳରେ ବଙ୍ଗଳା ସାହିତ୍ୟର ବିଖ୍ୟାତ ଔପନ୍ୟାସିକ ବଙ୍କିମ ଚନ୍ଦ୍ର ଏବଂ ରମେଶଦତ୍ତଙ୍କ ଉପନ୍ୟାସଗୁଡ଼ିକ ତେଲୁଗୁ ଭାଷାରେ ଅନୂଦିତ ହୋଇ ତେଲୁଗୁ ସାହିତ୍ୟର ସମୃଦ୍ଧି କରିଥିଲା । ସାମ୍ପ୍ରତିକ ତେଲୁଗୁ ଉପନ୍ୟାସ କ୍ଷେତ୍ରରେ "ଚିଭରକୁ ମିଗିଲେଡ଼ି" ଏକ ଉଲ୍ଲେଖଯୋଗ୍ୟ ଅବଦାନ । ଆଧୁନିକ ଯାନ୍ତ୍ରିକ ସଭ୍ୟତାର ଶ୍ରେଣୀ ସଂଘର୍ଷ ଏହି ଉପନ୍ୟାସରେ ଅତିଶୟ ପ୍ରାଣବନ୍ତ ଭାବରେ ରୂପାୟିତ । ଏହି ଉପନ୍ୟାସର ଲେଖକ ବୁଚିବାବୁ ଓରଫ ଏସ. ଭି. ସୁବାରାଓ ଏହି କାରଣରୁ ଜଣେ ବିପ୍ଳବୀ ଲେଖକ ଭାବରେ ପରିଗଣିତ । ଅନୁବାଦ କ୍ଷେତ୍ରରେ ମଧ୍ୟ ତେଲୁଗୁ ଉପନ୍ୟାସ ଅତିଶୟ ସମୃଦ୍ଧ । ଇଂରାଜୀ ସାହିତ୍ୟ ଏବଂ ପ୍ରାନ୍ତୀୟ ହିନ୍ଦୀ ଏବଂ ବଙ୍ଗଳା ସାହିତ୍ୟର ବିଖ୍ୟାତ ଉପନ୍ୟାସଗୁଡ଼ିକ ତେଲୁଗୁ ଭାଷାରେ କ୍ରମେ କ୍ରମେ ଅନୂଦିତ ହେଉଅଛି ।

ଅନ୍ୟାନ୍ୟ ପ୍ରାନ୍ତର ତୁଳନାରେ ତେଲୁଗୁ ଭାଷାରେ ସଂବାଦ ସାହିତ୍ୟ ପଛରେ ପଡ଼ିଛିବୋଲି କହିହେବ ନାହିଁ । ବରଂ ନାଟକ, ସାମ୍ବାଦିକତା, ରାଜନୀତି, ଦର୍ଶନ, ବିଜ୍ଞାନ, ଅର୍ଥନୀତି, ସମାଜନୀତି ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ତେଲୁଗୁ ଭାଷାରେ ବହୁ ଉଚ୍ଚକୋଟିର ପୁସ୍ତକ ରଚିତ ହୋଇଅଛି । ପ୍ରବନ୍ଧ ଏବଂ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ମଧ୍ୟ ଆଧୁନିକ

ତେଲୁଗୁ ସାହିତ୍ୟ ଅଧିକ ସଚେତନ । ପାଶ୍ଚାତ୍ୟ ଏବଂ ପ୍ରାଚ୍ୟ ସାହିତ୍ୟାଦର୍ଶ ଏହି ଆଲୋଚକମାନଙ୍କର ଚିନ୍ତାଧାରାକୁ ପ୍ରଭାବିତ କରୁଥିବା ଜଣାଯାଏ ।

ତେବେ ଅତ୍ୟାଧୁନିକ ତେଲୁଗୁ ସାହିତ୍ୟକୁ ଏକ ପରୀକ୍ଷାବାଦୀ ସାହିତ୍ୟ କୁହାଯାଇପାରେ । ଛନ୍ଦ, ବିଷୟବସ୍ତୁ ଏବଂ ଆଦର୍ଶ ଦିଗରୁ ନାନା ଦିଗରେ ନୂତନ କବିତାର ପରୀକ୍ଷା ଚାଲିଅଛି । ଯୁଗଧର୍ମକୁ ଅନୁସରଣ କରି ତେଲୁଗୁ ସାହିତ୍ୟ ସର୍ବଦା ପ୍ରଗତିଶୀଳ ।

# ତାମିଲ୍ ସାହିତ୍ୟ

ଅନେକ ଆଲୋଚକ ସଂସ୍କୃତ "ଦ୍ରାବିଡ଼" ଶବ୍ଦରୁ 'ତାମିଲ' ଶବ୍ଦଟି ଉଦ୍ଭବ ହୋଇଛି ବୋଲି ଅନୁମାନ କରନ୍ତି । ସେମାନଙ୍କ ମତରେ ଦ୍ରାବିଡ଼, ଦ୍ରବିଡ଼, ଦ୍ରମିଡ଼, ଦ୍ରମିଳ, ଦମିଳ, ତମିଳ ଏବଂ ତହିଁରୁ ତାମିଲ ହେଲା ବୋଲି କୁହାଯାଇଥାଏ । ମାତ୍ର ଏ ପ୍ରକାର ବିଶ୍ଳେଷଣକୁ ଅଧିକାଂଶ ତାମିଲ୍ ଆଲୋଚକ ଗ୍ରହଣ କରନ୍ତି ନାହିଁ ।

ତାମିଲ ସାହିତ୍ୟ-ଇତିହାସର ଦ୍ୱିତୀୟ ସଂଘକାଳ ଯୁଗରେ 'ତୋଲକାପ୍ପିୟର' ନାମରେ ଜଣେ ଲେଖକଙ୍କର ଆବିର୍ଭାବ ହୋଇଥିଲା । ସେ ତାମିଲ ସାହିତ୍ୟର ପ୍ରାଚୀନତମ ବ୍ୟାକରଣ ଗ୍ରନ୍ଥ "ତୋଲ୍‌ଗାପିୟମ୍" ରଚନା କରିଥିଲେ । ପଣ୍ଡିତମାନଙ୍କର ବିଶ୍ୱାସ ଯେ "ତୋଲ୍‌ଗାପିୟମ୍" ପାଣିନୀଙ୍କ ଆବିର୍ଭାବର ପୂର୍ବରୁ ଅର୍ଥାତ୍ ଖ୍ରୀ: ପୂ: ୪୦୦ ବର୍ଷ ପୂର୍ବରେ ରଚିତ ହୋଇଥିଲା । ଏହି ଗ୍ରନ୍ଥରେ 'ତାମିଲ' ପଦ ପ୍ରୟୋଗ କରାଯାଇ-ଥିବାରୁ 'ତାମିଲ' ଶବ୍ଦର ପ୍ରାଚୀନତା ସଂପର୍କରେ ଧାରଣା କରାଯାଇ ପାରେ ।

ତାମିଲ ଭାଷା ଦ୍ରାବିଡ଼ ଭାଷା ପରିବାରର ଅନ୍ତର୍ଭୁକ୍ତ । ଏହି ଭାଷା କେବେ ଉତ୍ପତ୍ତି ଗ୍ରହଣ କରିଥିଲା ସେ ବିଷୟରେ ଐତିହାସିକମାନେ ଏବେ ମଧ୍ୟ ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ପାରିନାହାନ୍ତି । ତଥାପି ତାମିଲ ଭାଷା ଯେ ଦ୍ରାବିଡ଼-ଭାଷା ପରିବାର ମଧ୍ୟରେ ସବୁଠାରୁ ପ୍ରାଚୀନତମ ଏଥିରେ ସନ୍ଦେହର ଆଦୌ ଅବକାଶ ନାହିଁ । ବିଶ୍ୱସାହିତ୍ୟର ଦରବାରରେ ପ୍ରାଚୀନ ପରଂପରା ଓ ଗୌରବରେ ଗରୀୟାନ ସଂସ୍କୃତ, ଗ୍ରୀକ୍, ଲାଟିନ ଆଦି ଭାଷା ଯେଉଁ ଗୌରବ ଅର୍ଜନ କରିଥାଆନ୍ତି ତାମିଲ ଭାଷା ମଧ୍ୟ ସେହି ସମ୍ମାନର ଅଧିକାରୀ ହୋଇଥାଏ । ଏ କଥା ନିର୍ବିବାଦରେ ପ୍ରମାଣିତ ଯେ ଖ୍ରୀଷ୍ଟ ଜନ୍ମ

କେତେ ଶହ ବର୍ଷ ପୂର୍ବରୁ ତାମିଲ ଭାଷା ଓ ସାହିତ୍ୟ ପ୍ରତିଷ୍ଠିତ ଏବଂ ସମୃଦ୍ଧ । ତାମିଲ ବହୁ ପ୍ରାଚୀନ କାଳରୁ ସୁସଂସ୍କୃତ ଏବଂ ସୁବ୍ୟବସ୍ଥିତ ଭାଷା ହୋଇ ଥିବାରୁ ଅତି ଆଧୁନିକ ଯୁଗରେ ଯେ କୌଣସି ପ୍ରକାର ବକ୍ତବ୍ୟକୁ ଏହି ଭାଷା ଜରିଆରେ ପ୍ରକାଶ କରାଯାଇ ପାରୁଛି । ବିଶେଷତଃ ଭାରତର ଅନ୍ୟତମ ପ୍ରାଚୀନତମ ଭାଷା ସଂସ୍କୃତର ବିନା ପ୍ରଭାବ ଓ ସାହାଯ୍ୟରେ ମଧ୍ୟ ଏହି ଭାଷା ଆଧୁନିକ ଜ୍ଞାନରାଜ୍ୟର ଯେ କୌଣସି କଥା ପ୍ରକାଶ କରିବାକୁ ଅତ୍ୟନ୍ତ କ୍ଷମ ହୋଇଥିବା ଜଣାଯାଏ । ପଣ୍ଡିତମାନଙ୍କ ମତରେ ପୃଥିବୀର କଥିତ ଭାଷା ମଧ୍ୟରେ ତାମିଲ ହେଉଛି ପ୍ରାଚୀନତମ ଭାଷା । ଏହି ଭାଷାରେ ଖ୍ରୀଷ୍ଟପୂର୍ବର ବହୁ ଶହ ବର୍ଷ ପୂର୍ବରୁ ସାହିତ୍ୟ ସୃଷ୍ଟି ହୋଇଥିଲେ ହେଁ କାଳବକ୍ଷରେ ସେଥିରୁ ଅନେକ ଧ୍ୱଂସମୁଖରେ ପତିତ ହୋଇଅଛି । ତେବେ ସେ ସାହିତ୍ୟରେ ମିଳୁଥିବା ପ୍ରାଚୀନତମ ଲେଖା ହେଉଛି "ତୋଲ୍‌କାପିୟମ୍" । ଏହି ଗ୍ରନ୍ଥ ପ୍ରାୟ ଖ୍ରୀଷ୍ଟ ଜନ୍ମର ୫୦୦ ବର୍ଷ ପୂର୍ବରୁ ରଚିତ ହୋଇଥିଲା । ତାମିଲ ସାହିତ୍ୟର ଅଢେଇ ହଜାର ବର୍ଷର ଇତିହାସ ମଧ୍ୟରେ ବହୁ ଉଚ୍ଚକୋଟିର ଗ୍ରନ୍ଥ ରଚିତ ହୋଇଛି । ଏହି ମୂଲ୍ୟବାନ୍ ସାହିତ୍ୟ ସମ୍ଭାର ମଧ୍ୟରେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକରେ ରଚିତ "କୁରାଲ" ଗ୍ରନ୍ଥ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ତାମିଲ ସାହିତ୍ୟର ପ୍ରାଚୀନକାଳ କେବଳ ସୃଷ୍ଟି ସମ୍ଭାରରେ ସମୃଦ୍ଧ ନୁହେଁ, ତାହା ପ୍ରାଚୀନ ଭାରତର ବିଭିନ୍ନ ଦାର୍ଶନିକ ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ । ବ୍ରାହ୍ମଣ୍ୟ ଧର୍ମ, ବୌଦ୍ଧ ଦର୍ଶନ ଓ ଜୈନ ଦର୍ଶନର ଆଦର୍ଶ ପ୍ରାଚୀନ ତାମିଲ ସାହିତ୍ୟକୁ ବହୁ ପରିମାଣରେ ପ୍ରଭାବିତ କରିଅଛି । ଏହି କାଳରେ ରଚିତ ଅସଂଖ୍ୟ ଭକ୍ତି ସଙ୍ଗୀତ ପ୍ରାଚୀନ ତାମିଲ ସାହିତ୍ୟର ଚିରନ୍ତନ ସମ୍ପଦ । ପରବର୍ତ୍ତୀ କାଳରେ ଶୈବ ଏବଂ ବୈଷ୍ଣବ ଧର୍ମ ଦର୍ଶନର ପ୍ରଭାବରେ ତାମିଲ ସାହିତ୍ୟ ଭଣ୍ଡାର କମ୍ ସମୃଦ୍ଧ ହୋଇ ନ ଥିଲା ।

ଇତିହାସ ଆଲୋଚନାରୁ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ପଞ୍ଚମ କିମ୍ବା ଷଷ୍ଠ ଶତାବ୍ଦୀ ବେଳକୁ ତାମିଲ ସାହିତ୍ୟରେ ପର୍ଯ୍ୟାପ୍ତ ସାହିତ୍ୟିକ ରଚନା ଆରମ୍ଭ ହୋଇଗଲାଣି । ଏହି କାଳରେ ପାଣ୍ଡ୍ୟ ରାଜାମାନେ ତାମିଲ୍ ଭାଷୀ ଅଞ୍ଚଳରେ ରାଜତ୍ୱ କରୁଥିଲେ । ପାଣ୍ଡ୍ୟ ରାଜାମାନେ ଥିଲେ ଅତ୍ୟନ୍ତ ବିଦ୍ୟାନୁରାଗୀ ଏବଂ ସେମାନେ ତାମିଲ ସାହିତ୍ୟର ଯଥେଷ୍ଟ ପୃଷ୍ଠପୋଷକତା କରିଥିଲେ । ଏହି ରାଜବଂଶର ଉତ୍ସାହରେ ସାହିତ୍ୟର ଉନ୍ନତିକଳ୍ପେ ସାହିତ୍ୟ

ଅନୁଷ୍ଠାନମାନ ଗଢ଼ାଯାଇଥିଲା ଏବଂ ସେମାନଙ୍କ ଜରିଆରେ ସାହିତ୍ୟର ବିକାଶ ପାଇଁ ଉଦ୍ୟମ କରାଯାଇଥିଲା । ତାମିଲରେ ସାହିତ୍ୟ ଅନୁଷ୍ଠାନକୁ "ସଂଘମ" କୁହାଯାଏ । ପାଣ୍ଡ୍ୟ ରାଜାମାନଙ୍କ ଅମଳରେ ତିନୋଟି 'ସଂଘମ' ସ୍ଥାପିତ ହୋଇଥିଲା ଏବଂ ଏହି ସଂଘମର ଉଦ୍ୟୋକ୍ତାମାନେ ଅତୁଳନୀୟ ଗ୍ରନ୍ଥ ରଚନା କରି ଯଶସ୍ୱୀ ହୋଇଥିଲେ । ମାତ୍ର ଦୁଃଖର କଥା ଯେ ପ୍ରଥମ ଦୁଇଟି ସଂଘମ କାଳରେ ରଚିତ ଗ୍ରନ୍ଥର କୌଣସି ଅବଶେଷ ମିଳେ ନାହିଁ । କାଳବକ୍ଷରେ ସେ ସବୁ ନଶ୍ଚିହ୍ନ ହୋଇଯାଇଛି । କେବଳ ଶେଷୋକ୍ତ ସଂଘମ କାଳର ରଚନା ଏବେ ମଧ୍ୟ ପ୍ରାମାଣିକ ହୋଇ ରହିଅଛି ଏବଂ ତାମିଲ ସାହିତ୍ୟର ପ୍ରାଚୀନତାକୁ ପ୍ରମାଣ କରୁଅଛି ।

ଆଲୋଚକଗଣ ତାମିଲ ସାହିତ୍ୟର ଇତିହାସକୁ ସଂଘମର କାଳ ଅନୁସାରେ ବିଭକ୍ତ କରିଥାନ୍ତି । ପ୍ରଥମ ଦୁଇ ସଂଘମ କାଳର ରଚିତ ଗ୍ରନ୍ଥ ସବୁ ଦୁର୍ଲଭ ବୋଲି ପୂର୍ବରୁ ସୂଚିତ ହୋଇଛି । ପୁରାଣରୁ ଜଣାଯାଏ ଯେ ମହର୍ଷି ଅଗସ୍ତି ଉତ୍ତରଭାରତରୁ ଯାଇ ବିନ୍ଧ୍ୟାଞ୍ଚଳ ଅତିକ୍ରମ କରି ଦକ୍ଷିଣ ଭାରତରେ ଆର୍ଯ୍ୟ ସଂସ୍କୃତି ପ୍ରଚାର କରିଥିଲେ । ତାମିଲ ସାହିତ୍ୟର ପ୍ରଥମ ବ୍ୟାକରଣ ସେ ରଚନା କରିଥିଲେ ବୋଲି ବିଶ୍ୱାସ କରାଯାଏ । ଏହି ପ୍ରଥମ ବ୍ୟାକରଣ ଗ୍ରନ୍ଥ "ଅଗତ୍ତିୟମ" କେବଳ ଇତିହାସ ଦୃଷ୍ଟିରୁ ସ୍ମରଣ କରାଗଲେ ହେଁ ଏହାର ଆଲୋଚନା ପାଇଁ ଆଜି କୌଣସି ସୁଯୋଗ ନାହିଁ । ପ୍ରଥମ ସଂଘମ କାଳ ପରେ ପରେ ଦ୍ୱିତୀୟ ସଂଘମ କାଳରେ ତାମିଲ ସାହିତ୍ୟର ପ୍ରଧାନ ସ୍ରଷ୍ଟା ଥିଲେ "ତୋଲକାପ୍ପିୟର" । ସେ ଥିଲେ ମହର୍ଷି ଅଗସ୍ତିଙ୍କର ଶିଷ୍ୟ ଏବଂ ଅଗସ୍ତିଙ୍କ ରଚିତ ପ୍ରଥମ ବ୍ୟାକରଣ ଗ୍ରନ୍ଥର ଅବଲମ୍ବନରେ ସେ ଲେଖିଥିଲେ "ତୋଲ୍କାପିୟମ" । ଏହା ତାମିଲ ସାହିତ୍ୟର ପ୍ରାଚୀନତମ ଉପଲବ୍ଧ ଗ୍ରନ୍ଥ । ଏହି ଗ୍ରନ୍ଥକୁ ସେ ୧୨୭୮ ସଂଖ୍ୟକ ସୂତ୍ର ଆକାରରେ ପ୍ରଣୟନ କରିଥିଲେ । "ତୋଲ୍କାପିୟମ୍"ରେ ଅନେକ ପ୍ରାଚୀନ ଲେଖକଙ୍କର ପରିଚୟ ମିଳେ । ତତ୍କାଳୀନ ଏବଂ ତତ୍ପୂର୍ବବର୍ତ୍ତୀ ସମାଜର ବର୍ଣ୍ଣନା ମଧ୍ୟ ଏହି ପୁସ୍ତକରୁ ମିଳିଥାଏ । ପ୍ରଥମ ଦୁଇ ସଂଘମ କାଳ ବହୁ ଶତାବ୍ଦୀ ପର୍ଯ୍ୟନ୍ତ ରାଜପଣ କରିଥିଲେ ହେଁ ଏ କାଳର କୌଣସି ଲେଖା ପ୍ରାମାଣିକ ହୋଇ ରହି ପାରିଲା ନାହିଁ । କେବଳ ତୃତୀୟ ସଂଘମ କାଳର ଲେଖାମାନଙ୍କରୁ ପୂର୍ବୋକ୍ତ ସଂଘମ କାଳର ସମାଜ ଏବଂ ଲେଖକମାନଙ୍କ ସଂପର୍କରେ ଧାରଣା କରାଯାଇଥାଏ ।

ତୋଲ୍କାପିୟମ୍ ତିନି ଭାଗରେ ବିଭକ୍ତ । ଯଥା :—

୧ । ଏଳୁତ୍ତଧିକାରମ୍ (ବର୍ଣ୍ଣବିଚାର)

୨ । ଶୋଲ୍ଲଧିକାରମ୍ (ଶବ୍ଦବିଚାର)

୩ । ପୋରୁଳଧିକାରମ୍ (ଅର୍ଥବିଚାର)

ଏହି ବିଭାଗଗୁଡ଼ିକରେ ବ୍ୟାକରଣ ନିୟମଗୁଡ଼ିକ ସୂତ୍ର ଆକାରରେ ଦିଆଯାଇଅଛି । ଏହି ଗ୍ରନ୍ଥରୁ ଜଣାଯାଏ ଯେ ତାମିଲଭାଷୀ ଅଞ୍ଚଳର ସୀମା ସେ କାଳରେ ଉତ୍ତରରେ ତିରୁପତି ଏବଂ ଦକ୍ଷିଣରେ କୁମାରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପୂର୍ବକାଳରେ ତାମିଲଭାଷୀ ଅଞ୍ଚଳରେ ଅନେକ ରାଜ୍ୟ ସାଗର ପ୍ରଳୟ ଦ୍ୱାରା ନଷ୍ଟ ଭ୍ରଷ୍ଟ ହୋଇଯାଇଛି । ବୋଧହୁଏ ସେହି କାରଣରୁ ପ୍ରଥମ ଦୁଇଟି ସଂଘମ କାଳର ସମୃଦ୍ଧ ସାହିତ୍ୟ ଆଜି ଆଉ ଦେଖିବାକୁ ମିଳୁନାହିଁ । ଏହି ଜଳପ୍ରଳୟ ସମ୍ପର୍କରେ କେତେକ ବିବରଣୀ ସିଂହଳର ବୌଦ୍ଧ ଇତିହାସ "ରାଜାବଳୀ"ରୁ ଜଣାଯାଏ । ଏହି ଗ୍ରନ୍ଥ ଅନୁସାରେ ପାଣ୍ଡ୍ୟ ରାଜ୍ୟମାନଙ୍କର ଐଶ୍ୱର୍ଯ୍ୟଶାଳୀ ରାଜଧାନୀ 'କବାଟପୁରମ୍' ଏହିଭଳି ଏକ ପ୍ରଳୟ ଜଳରେ ନିମଗ୍ନ ହୋଇଗଲା । ଅନେକ ଐତିହାସିକ ମନେ କରନ୍ତି ଯେ ଖ୍ରୀଷ୍ଟପୂର୍ବ କାଳରେ ତାମିଲ ଭାଷା କେବଳ ଦକ୍ଷିଣଭାରତରେ ନୁହେଁ, ସିଂହଳ, ଆଫ୍ରିକାର କେତେକ ଅଞ୍ଚଳ ଏବଂ ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜର କେତେକ ଅଞ୍ଚଳରେ କଥିତ ହେଉଥିଲା । ବର୍ତ୍ତମାନ ତାମିଲ ଭାଷା କହୁଥିବା ଲୋକଙ୍କର ସଂଖ୍ୟା ପ୍ରାୟ ତିନି କୋଟିରୁ କମ୍ ହେବ ନାହିଁ ।

ଭାରତର ବିଭିନ୍ନ ପ୍ରାନ୍ତର ସାହିତ୍ୟ ଲିପି ସମ୍ପର୍କରେ ଆଲୋଚନା କରାଯାଇ ପ୍ରମାଣିତ ହୋଇଛି ଯେ ପ୍ରାଚୀନ ବ୍ରାହ୍ମୀଲିପି ହେଉଛି ସେ ସମସ୍ତଙ୍କର ମୂଳାଧାର । ମାତ୍ର ଏ କ୍ଷେତ୍ରରେ ତାମିଲ ଲିପି ସ୍ୱତନ୍ତ୍ର । ଏହା ବହୁ ପ୍ରାଚୀନ ଲିପି "ମିଶ୍ରୀ ଲିପି"ର ପରବର୍ତ୍ତୀ ପ୍ରକାଶ ବୋଲି ଅନୁମାନ କରାଯାଇଥାଏ । ତାମିଲ ଭାଷାର ବର୍ଣ୍ଣମାଳା ମଧ୍ୟ ଅନ୍ୟ ଭାରତୀୟ ଭାଷାର ବର୍ଣ୍ଣମାଳା ଅପେକ୍ଷା ସଂଖ୍ୟା ଦୃଷ୍ଟିରୁ ଅତ୍ୟନ୍ତ ଅଳ୍ପ । ତାମିଲ ଭାଷାରେ ବାରଗୋଟି ସ୍ୱରବର୍ଣ୍ଣ ଏବଂ ଅଠର ଗୋଟି ବ୍ୟଞ୍ଜନ ବର୍ଣ୍ଣ ଥାଏ । ଏହା ଛଡ଼ା ଏହି ଭାଷାରେ ବିସର୍ଗ ଭଳି ଏକ ଅର୍ଦ୍ଧସ୍ୱର ମଧ୍ୟ ପ୍ରଚଳନ ଅଛି ।

ତାମିଲ ସାହିତ୍ୟର ଇତିହାସକୁ ଆଲୋଚକମାନେ ନିମ୍ନମତେ ବିଭକ୍ତ କରିଅଛନ୍ତି । (୧) ସଂଘ ପୂର୍ବକାଳ (୨) ସଂଘକାଳ (୩) ସଂଘୋତ୍ତର କାଳ (୪) ଭକ୍ତିକାଳ (୫) କମ୍ବନ କାଳ (୬) ମଧ୍ୟକାଳ (୭) ଆଧୁନିକ କାଳ ।

ପ୍ରଥମ ଦୁଇ ସଂଘମ୍‌ର ସାହିତ୍ୟରତ୍ନ ସମୁଦ୍ରଗର୍ଭରେ ଲୀନ ହୋଇଯିବା ପରେ ପାଣ୍ଡ୍ୟ ରାଜାମାନେ ମଧୁରା ନଗରୀରେ ତାଙ୍କର ରାଜଧାନୀ ପ୍ରତିଷ୍ଠା କଲେ । ଏହି ନଗରୀରେ ତୃତୀୟ ସଂଘମ ସ୍ଥାପନ କରାଗଲା । ଖ୍ରୀଷ୍ଟପୂର୍ବ ୧୫୦ ବେଳକୁ ତୃତୀୟ ସଂଘମ କାଳର ପ୍ରତିଷ୍ଠା ସମୟ ବୋଲି ଅନୁମାନ କରାଯାଏ । ଏହି କାଳକୁ ତାମିଲ ସାହିତ୍ୟର ସୁବର୍ଣ୍ଣଯୁଗ ବୋଲି ନାମିତ କରାଯାଇଥାଏ । ଏହି କାଳର କେତେକ ମୂଲ୍ୟବାନ ରଚନା ଆବିଷ୍କୃତ ହୋଇ ପ୍ରକାଶିତ ହୋଇଛି । ତାହା ହେଲ—(୧) ଏଟ୍ଟୁତୋଗେ (ଆଠସଂଗ୍ରହ) (୨) ପତ୍ତୁପାଟ୍ଟୁ (ଦଶକବିତା ସଂଗ୍ରହ) (୩) ପଦିନୋଣ କୀଲକଣକ୍କୁ (ଅଠରଟି ଲଘୁ କବିତା ସଂଗ୍ରହ) । ଏହି ସବୁ କବିତା ଗ୍ରନ୍ଥ ନାତିଦୀର୍ଘ କବିତାଗୁଡ଼ିକର ସଂକଳନ ମାତ୍ର । ଏ ଗୁଡିକରେ ଶୃଙ୍ଗାର ରସ ଏବଂ ବୀରରସର ପ୍ରାବଲ୍ୟ ଅନୁଭୂତ ହୁଏ । ଏହି ଏଟ୍ଟୁତୋଗେ ଗ୍ରନ୍ଥଟି ଅତ୍ୟନ୍ତ ଆଶ୍ଚର୍ଯ୍ୟପୂର୍ଣ୍ଣ । ଏହି ଗ୍ରନ୍ଥଟି ଆଠଗୋଟି ବିଭାଗରେ ବିଭକ୍ତ । ଏଥିରେ ସନେଟ-ଧର୍ମୀ କବିତା, ଶୃଙ୍ଗାର-କବିତା ଏବଂ ବହୁ ଆଡମ୍ବରପୂର୍ଣ୍ଣ କବିତାର ସଂଗ୍ରହ ଥିବା ଜଣାଯାଏ । କବିତା ପାଠ କଲେ ମଧ୍ୟଯୁଗୀୟ ରାଜାମାନଙ୍କର ଶୌର୍ଯ୍ୟ, ଐଶ୍ୱର୍ଯ୍ୟ, ଦିଗ୍‌ବିଜୟ ଆଦିର ବର୍ଣ୍ଣନା ଦେଖିବାକୁ ମିଳେ । ପତ୍ତୁପାଟ୍ଟୁ ଗ୍ରନ୍ଥଟି ଦଶଟି ଦୀର୍ଘ କବିତାର ସଂଗ୍ରହ । ତାମିଲ ଭାଷାରେ ପାଟ୍ଟୁ ଶବ୍ଦର ଅର୍ଥ ହେଲ ଅଧିକ ପଂକ୍ତିଯୁକ୍ତ କବିତା । କୌଣସି କୌଣସି କବିତାରେ ୭୦୦ ପର୍ଯ୍ୟନ୍ତ ପଂକ୍ତି ଥିବାର ଜଣାଯାଇଛି । ଏହି ଗ୍ରନ୍ଥ ଶୈବମାନଙ୍କ ପକ୍ଷରେ ଅତ୍ୟନ୍ତ ମୂଲ୍ୟବାନ ଏବଂ ପବିତ୍ର ଧର୍ମ ଗ୍ରନ୍ଥ ଭାବରେ ଗୃହୀତ । ଏ ଗ୍ରନ୍ଥ ମଧ୍ୟ ତତ୍କାଳୀନ ସାମାଜିକ ଜୀବନ ସମ୍ପର୍କରେ ବିସ୍ତୃତ ପରିଚୟ ପ୍ରଦାନ କରିଥାଏ । ସେ ଯୁଗର ତୃତୀୟ ଉଲ୍ଲେଖଯୋଗ୍ୟ ଗ୍ରନ୍ଥ ହେଲ 'ପଦିନେଣକୀଲକଣକ୍କୁ । ଏହା ଏକ ନୀତିଗର୍ଭିତ ସୂକ୍ତି ଗ୍ରନ୍ଥ । ଦୀର୍ଘକବିତାର ଯୁଗ ପ୍ରାୟ ସାଙ୍ଗ ହୋଇ ଆସୁଥିଲା । କବିମାନେ କ୍ଷୁଦ୍ର ଖଣ୍ଡ କବିତାମାନ ରଚନା କରିବାକୁ ଅଧିକ ଆଗ୍ରହୀ ହେଲେ ଏବଂ ତାମିଲ

ସାହିତ୍ୟ ଅସଂଖ୍ୟ ଭକ୍ତିମୂଳକ ଖଣ୍ଡକବିତା ଦ୍ୱାରା ସମୃଦ୍ଧ ହେଲା । ଅଠରଟି ଗ୍ରନ୍ଥ ଏହି ସମୟରେ ରଚିତ ହୋଇଥିଲା । ଏହି ପର୍ଯ୍ୟାୟରେ ଶେଷୋକ୍ତ ଗ୍ରନ୍ଥଟି ହେଲା ବିଶ୍ୱବିଖ୍ୟାତ 'ତିରୁକ୍କୁରଲ' । ବହୁ ଭାରତୀୟ ଏବଂ ପୃଥିବୀର କେତେକ ପ୍ରସିଦ୍ଧ ଭାଷାରେ ଏ ଗ୍ରନ୍ଥର ଅନୁବାଦ ହୋଇଛି । ଏହି ଗ୍ରନ୍ଥଟି ତାମିଲ ସାହିତ୍ୟର ବେଦ ଭାବରେ ସମ୍ମାନିତ ଏବଂ ସୁପରିଚିତ । ଏହି ବିଶ୍ୱବିଖ୍ୟାତ ଗ୍ରନ୍ଥର ରଚୟିତା ହେଉଛନ୍ତି ତିରୁବଲ୍ଲୁବର । ଆଜକୁ ଦୁଇ ହଜାର ବର୍ଷ ପୂର୍ବେ ସେ ଲେଖନୀ ଚାଳନା କରି ଯଶସ୍ୱୀ ହୋଇଥିଲେ । ତିରୁକ୍କୁରଲ ତିନୋଟି ଭାଗରେ ବିଭକ୍ତ—

(୧) ଅରତ୍ତୁପ୍ପାଲ (ଧର୍ମ ଭାଗ)

(୨) ପୋରୁଟ୍‌ପାଲ (ଅର୍ଥ ଭାଗ)

(୩) କାମତ୍ତୁପ୍ପାଲ (କାମ ଭାଗ)

ଏହି ତିନି ଭାଗରେ ରଚିତ ସମସ୍ତ ସୂକ୍ତର ସଂଖ୍ୟା ହେଉଛି ସର୍ବମୋଟ ତେରଶହ ତିରିଶ । ଏ ଗ୍ରନ୍ଥରେ ମାନବ ପ୍ରକୃତିର ଗଭୀର ଅଧ୍ୟୟନ ଏବଂ ଅନୁଶୀଳନ ହୋଇଅଛି । ଏହି ଗ୍ରନ୍ଥ ବାସ୍ତବିକ ଦେଶକାଳକୁ ଅତିକ୍ରମ କରି ସର୍ବକାଳିକ ଏବଂ ଚିରନ୍ତନ ସୌନ୍ଦର୍ଯ୍ୟରେ ମଣ୍ଡିତ ହୋଇଅଛି । ଏ ଗ୍ରନ୍ଥର ଲେଖକ କେଉଁ ଧର୍ମ ଓ ମତବାଦର ପରିପୋଷକ ଥିଲେ, ତାହା ଏବେ ମଧ୍ୟ ଗବେଷଣାର ବସ୍ତୁ ହୋଇ ରହିଅଛି । ତାଙ୍କର ଜନ୍ମ ଓ ଧର୍ମବିଶ୍ୱାସ ସମ୍ପର୍କରେ ଏବେ ସୁଦ୍ଧା ଐତିହାସିକଗଣ କୌଣସି ଆଲୋକପାତ କରିପାରି ନାହାନ୍ତି । ବରଂ ତାମିଲ ବେଦର ପରବର୍ତ୍ତୀ କାଳରେ ସାର୍ବଜନୀନ ପ୍ରୟୋଗ ଆଲୋଚକମାନଙ୍କୁ ସ୍ତମ୍ଭୀଭୂତ କରି ଦେଉଅଛି । ଶୈବ, ବୈଷ୍ଣବ, ବୌଦ୍ଧ, ଜୈନ ପ୍ରଭୃତି ବିଭିନ୍ନ ଧର୍ମ ସମ୍ପ୍ରଦାୟର ଆଚାର୍ଯ୍ୟଗଣ ଏହି ଗ୍ରନ୍ଥକୁ ନିଜ ନିଜର ମତ ସମର୍ଥନ କଲା ଭଳି ବ୍ୟାଖ୍ୟା କରିଥାଆନ୍ତି । ସଂସ୍କୃତ ଭାଷାରେ ଏହି ଗ୍ରନ୍ଥର ଅନୁବାଦ 'ସୁନୀତିକୁସୁମମାଳା' ନାମରେ ପ୍ରଚଳିତ ହେଉଅଛି ।

ସଂଘୋତ୍ତର କାଳ ତାମିଲ ସାହିତ୍ୟରେ କାବ୍ୟକାଳ ନାମରେ ସୁପରିଚିତ । ଏହି କାଳରେ ତାମିଲ ପ୍ରାନ୍ତରେ ବୈଦିକ ଧର୍ମ, ବୌଦ୍ଧ

ଓ ଜୈନ ଧର୍ମର ପ୍ରବଳ ପ୍ରଚାର ହୋଇଥିଲା । ଏକ ପକ୍ଷରେ ବୈଦିକ ଧର୍ମପ୍ରଚାରକଗଣ ସଂସ୍କୃତ ଭାଷାର ଏବଂ ଅନ୍ୟ ପକ୍ଷରେ ଜୈନ ଏବଂ ବୌଦ୍ଧମାନେ ପାଲି ଭାଷାର ପ୍ରଚାର କରିବାକୁ ଲାଗିଲେ । ତେଣୁ ତାମିଲ ଭାଷା ସହିତ ସଂସ୍କୃତ ଓ ପାଲି ଭାଷାର ଅପୂର୍ବ ସମନ୍ୱୟ ଓ ଆଦାନ ପ୍ରଦାନ ସାଧିତ ହେଲା । ଏହି ଯୁଗର ପାଞ୍ଚ ଗୋଟି ଉଲ୍ଲେଖଯୋଗ୍ୟ ମହାକାବ୍ୟ ହେଉଛି—

(୧) ଶିଳପ୍ପଦିକାରମ୍
(୨) ମଣିମେକଲୈ
(୩) ଜୀବକ ଚିନ୍ତାମଣି
(୪) ବଳୟାପତି
(୫) କୁଣ୍ଡଳକେଶୀ

'ଶିଳପଦିକାରମ' ତାମିଲ ସାହିତ୍ୟର ସର୍ବପ୍ରଥମ ମହାକାବ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ମହାକାବ୍ୟକୁ ଇଲଂଗୋ ମୁନି ରଚନା କରିଥିଲେ । ସେ ଚେଲରାଜ ବଂଶରେ ଜନ୍ମଗ୍ରହଣ କରିଥିଲେ ଏବଂ ଜୈନଧର୍ମାବଲମ୍ବୀ ଥିଲେ । ସତୀତ୍ୱର ମହତ୍ତ୍ୱ ପ୍ରତିପାଦନ ଏହି ମହାକାବ୍ୟର ପ୍ରଧାନ ଉଦ୍ଦେଶ୍ୟ । ସତ୍ୟର ଜୟ ଏବଂ ଅଧର୍ମର ପରାଜୟ ଏହି କାବ୍ୟର ପ୍ରଧାନ ବାଣୀ ଅଟେ । ତେଣୁ ଶହ ଶହ ବର୍ଷ ପରେ ମଧ୍ୟ ଏହି କାବ୍ୟର ଲୋକପ୍ରିୟତା ହ୍ରାସ ହୋଇ ନାହିଁ । ଏହି ଗ୍ରନ୍ଥର କେତେକ ସ୍ଥଳରେ ଗଦ୍ୟଶୈଳୀରେ କେତେକ ଅଂଶ ଲିଖିତ ହୋଇଥିବା ଜଣାଯାଏ । ସେଥିପାଇଁ କେବଳ ତାମିଲ ସାହିତ୍ୟର ପ୍ରଥମ ମହାକାବ୍ୟ ଭାବରେ ନୁହେ, ତାମିଲ ଗଦ୍ୟ ସାହିତ୍ୟର ପ୍ରଥମ ଆଧାର ଭାବରେ ଏହି ଗ୍ରନ୍ଥର ମହତ୍ତ୍ୱ ବିଦ୍ୟମାନ ।

ଏ ଯୁଗର ଦ୍ୱିତୀୟ ପ୍ରଧାନ ମହାକାବ୍ୟ ହେଲା ମଣିମେକଲୈ' । ଏ ଗ୍ରନ୍ଥର ରଚୟିତା ହେଉଛନ୍ତି ମହାପଣ୍ଡିତ 'ଶୀତଲୈଚତ୍ତନାର' । ତୃତୀୟ ମହାକାବ୍ୟ 'ଜୀବକ ଚିନ୍ତାମଣି'ର ଲେଖକ ଥିଲେ ଜୈନ ମୁନି 'ତିରୁତ୍ତକ୍-କତେବର' । ତାମିଲ ରାମାୟଣର ଲେଖକ କମ୍ବନ ଏହି ଶେଷୋକ୍ତ ଗ୍ରନ୍ଥ ଦ୍ୱାରା ବହୁ ପରିମାଣରେ ପ୍ରଭାବିତ ହୋଇଥିଲେ । ଦୁର୍ଭାଗ୍ୟବଶତଃ ଏ

ଯୁଗର ଆଉ ଦୁଇଟି ପ୍ରସିଦ୍ଧ ମହାକାବ୍ୟ (୧) ବଳୟାପଦି ଓ (୨)କୁଣ୍ଡଲ-କେଶୀ ବର୍ତ୍ତମାନ ଅନୁପଲବ୍ଧ । ଆଲୋଚନା ପାଇଁ ତାହାର କୌଣସି ପ୍ରାମାଣିକ ଅଂଶ ମିଳୁନାହିଁ । ଏହି ମହାକାବ୍ୟ ବ୍ୟତୀତ ନୀଳକେଶୀ, ଚୂଳାମଣି, ଯଶୋଧାରା କାବ୍ୟମ୍ ନାଗକୁମାର କାବ୍ୟମ୍ ଏବଂ ଉଦୟନ୍ କଥୈ ପ୍ରଭୃତି ଖଣ୍ଡକାବ୍ୟ ମଧ୍ୟ ଏ ଯୁଗରେ ରଚିତ ହୋଇଥିଲା । ଏହି ମହାକାବ୍ୟ ଯୁଗରେ ଜୈନଧର୍ମର ପ୍ରଭାବ ଅଧିକ ଅନୁଭୂତ ହେଉଥିଲା ।

ସଂଘୋତ୍ତର କାଳରେ ବୈଦିକ ଧର୍ମ, ଜୈନ ଧର୍ମ ଏବଂ ବୌଦ୍ଧ ଧର୍ମ ବିଶେଷ ଭାବରେ ପ୍ରଚଳିତ ହେଲେ ହେଁ କାଳକ୍ରମେ ଶୈବଧର୍ମ ତାମିଲ ପ୍ରାନ୍ତରେ ପ୍ରତିଷ୍ଠିତ ହେଲା । ପ୍ରାୟ ୬୦୦ ଖ୍ରୀଷ୍ଟାବ୍ଦ ବେଳକୁ ସମଗ୍ର ଦକ୍ଷିଣଭାରତରେ ଶୈବଧର୍ମ ସୁପ୍ରଚଳିତ ଏବଂ ସୁପ୍ରତିଷ୍ଠିତ । ଶୈବଧର୍ମ ସହିତ ଧୀରେ ଧୀରେ ବୈଷ୍ଣବ ଧର୍ମ ମଧ୍ୟ ପ୍ରଚଳିତ ହେବାକୁ ଲାଗିଲା । ଶୈବପ୍ରଚାରକ ନାୟନ୍ମାର ଏବଂ ବୈଷ୍ଣବ ପ୍ରଚାରକଗଣ ଆଲବାର ନାମରେ ସୁପରିଚିତ ଥିଲେ । ଏ ଯୁଗକୁ ତାମିଲ ସାହିତ୍ୟରେ ଭକ୍ତିଯୁଗ ନାମରେ ନାମିତ କରାଯାଏ । ଶୈବ ଏବଂ ବୈଷ୍ଣବ ଧର୍ମ ସମ୍ପର୍କୀୟ ଅସଂଖ୍ୟ ଭକ୍ତିସଙ୍ଗୀତ ତାମିଲ ସାହିତ୍ୟକୁ ସମୃଦ୍ଧ କଲା । ଶୈବ ସଂପ୍ରଦାୟର କବିମାନଙ୍କ ମଧ୍ୟରେ ଚାରିଜଣ ମୁଖ୍ୟ ଥିଲେ—

(୧) ମାଣିକ୍କବାଚକର (୨) ତିରୁଜ୍ଞାନ ସଂବନ୍ଧର (୩) ଅପ୍ପର (୪) ସୁନ୍ଦର ମୂର୍ତ୍ତି ସ୍ୱାମିଗଳ ।

ଶୈବ କବିମାନଙ୍କ ପରି ବୈଷ୍ଣବ କବିମାନେ ମଧ୍ୟ ଅସଂଖ୍ୟ ଭକ୍ତି ସଙ୍ଗୀତ ରଚନା କରିଥିଲେ । ସର୍ବମୋଟ ବାର ଜଣ ପ୍ରଧାନ ବୈଷ୍ଣବ କବି ବାର ହଜାର ପଦ ରଚନା କରିଥିବା ଜଣାଯାଏ । ଏହି ଗୀତମାନଙ୍କର ସଂଗ୍ରହ 'ନାଲୟିର ଦିବ୍ୟ ପ୍ରବନ୍ଧମ୍' ନାମରେ ପରିଚିତ ।

ଖ୍ରୀଷ୍ଟ ନବମ ଏବଂ ଦଶମ ଶତାବ୍ଦୀ ବେଳକୁ ଚୋଳ ସାମ୍ରାଜ୍ୟ ଚରମ ସମୃଦ୍ଧି ଲାଭ କରିଥିଲା । ଚୋଳବଂଶୀୟ ରାଜାମାନେ ଥିଲେ ସାହିତ୍ୟାନୁରାଗୀ ଏବଂ ସେମାନଙ୍କ ପୃଷ୍ଠପୋଷକତା ଯୋଗୁ ଆଲବାର ଏବଂ ନାୟନ୍ମାରମାନେ ଯଥେଷ୍ଟ ଉତ୍ସାହିତ ହୋଇଥିଲେ । 'କାଂଚୀପୁରମ୍'ର

'ବାମନ' ନାମକ ଜୈନ ମୁନି 'ମେରୁ ମନ୍ଦର ପୁରାଣମ୍' ନାମକ ଗ୍ରନ୍ଥ ରଚନା କରିଥିଲେ ।

ପ୍ରବନ୍ଧ କାବ୍ୟ କାଳ ସମୟରେ ୬୩ ଜଣ ଶୈବ ସନ୍ଥମାନଙ୍କର ଜୀବନୀସଂକଳିତ 'ପେରିୟ ପୁରାଣମ୍' ଏବଂ ସଂସ୍କୃତ 'ଶଙ୍କର ସଂହିତା' ଅବଲମ୍ବନରେ ଲିଖିତ 'କନ୍ଦ ପୁରାଣମ୍' ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । 'ନୈଷଧ ଚରିତ'କୁ ଆଧାର କରି ଏହି କାଳରେ ତାମିଲ ସାହିତ୍ୟରେ ପ୍ରସିଦ୍ଧ ପ୍ରବନ୍ଧ କାବ୍ୟ "ନଳ ବେଣ୍‌ପା" ରଚିତ ହେଲା । ଏତଦ୍‌ବ୍ୟତୀତ ତାମିଲ ସାହିତ୍ୟରେ ଅଦ୍ୱିତୀୟ କବି କମ୍ବନ ସଂସ୍କୃତ ରାମାୟଣକୁ ଅବଲମ୍ବନ କରି ରଚନା କଲେ ତାମିଲ ସାହିତ୍ୟରେ 'ଶ୍ରୀମଦ୍ ରାମାୟଣ' । କମ୍ବନ ଥିଲେ ଜଣେ ଅଦ୍ଭୁତ କର୍ମା କବି । ଏହି ରାମାୟଣକୁ ସେ ୧୨ ହଜାର ପଦରେ ରଚନା କରିଛନ୍ତି । 'ଶ୍ରୀମଦ୍ ରାମାୟଣ' ମହାକାବ୍ୟ ହେଲେହେଁ ଏଥିରେ ଦୃଶ୍ୟକାବ୍ୟର ସମସ୍ତ ଗୁଣ ପୂରି ରହିଅଛି । ପଣ୍ଡିତମାନେ ଏହାକୁ ଦୃଶ୍ୟକାବ୍ୟ ଭାବରେ ଗ୍ରହଣ କରିଥାଆନ୍ତି । କଥାବସ୍ତୁ, ଚରିତ୍ରଚିତ୍ରଣ, କାବ୍ୟମରମଣୀୟର ଚମତ୍କାରିତା ଦୃଷ୍ଟିରୁ ତାମିଲ ରାମାୟଣର ତୁଳନା ନାହିଁ । ରାମାୟଣ ରଚନା କରି କମ୍ବନ ଭାରତୀୟ ସାହିତ୍ୟସଂସାରରେ ଅକ୍ଷୟକୀର୍ତ୍ତି ରଖିଯାଇ-ଅଛନ୍ତି । ଏହି କାଳରେ ସଂସ୍କୃତ ରାମାୟଣ, ମହାଭାରତ ଏବଂ ଭାଗବତ ଭଳି ଗ୍ରନ୍ଥର ସାର୍ଥକ ତାମିଲ ଅନୁବାଦ ହୋଇଥିବା ଜଣାଯାଏ ।

ପ୍ରାୟ ତ୍ରୟୋଦଶ ଶତାବ୍ଦୀ ଠାରୁ ୧୫ଶହ ଶତାବ୍ଦୀ ପର୍ଯ୍ୟନ୍ତ ଦୀର୍ଘ ଦୁଇଶହ ବର୍ଷ ତାମିଲ ସାହିତ୍ୟର 'ମଧ୍ୟ କାଳ' ଭାବରେ ନାମିତ କରାଯାଇ-ଥାଏ । ଏହି ମଧ୍ୟକାଳ ସାହିତ୍ୟକୁ ଟୀକା-କାଳ ବା ସମୀକ୍ଷା-କାଳ କୁହାଯାଏ । ଏହି କାଳରେ ନୂତନ କାବ୍ୟ ସୃଷ୍ଟି ପ୍ରତି ଅଧିକ ଉତ୍ସାହ ପ୍ରକାଶ ପାଇ ନ ଥିଲା । ବରଂ ସଙ୍ଘକାଳୀନ ତଥା ଭକ୍ତିକାଳୀନ ଗ୍ରନ୍ଥ-ଗୁଡ଼ିକର ନାନା ଟୀକା ଏବଂ ସମୀକ୍ଷା ରଚନା କରାଯାଇଥିଲା । ଏହି ଯୁଗକୁ ତାମିଲ ସାହିତ୍ୟର ଗଦ୍ୟ ଯୁଗ ବୋଲି କୁହାଯାଇପାରେ । ତାମିଲ ସାହିତ୍ୟର ପ୍ରସିଦ୍ଧ ଆଦି-ବ୍ୟାକରଣ ଗ୍ରନ୍ଥ 'ତୋଲକାପ୍‌ପିୟମ' ଉପରେ "ହଳ ପୁରଣମ୍" ନାମରେ ଏକ ଭାଷ୍ୟ ରଚିତ ହୋଇଥିଲା । ତିରୁକ୍କୁରଳ ବିଷୟରେ ପ୍ରାମାଣିକ ଟୀକା ମଧ୍ୟ ଏ ଯୁଗର ଉଲ୍ଲେଖଯୋଗ୍ୟ ଅବଦାନ । ପ୍ରସିଦ୍ଧ ଟୀକାକାର ପରିମେଳଳଗର ଏହି ଭାଷ୍ୟ ରଚନା କରିଥିଲେ ।

ଆଧୁନିକ ଭାରତରେ ବିଭିନ୍ନ ପ୍ରାନ୍ତୀୟ ସାହିତ୍ୟରେ ଗଦ୍ୟ ସାହିତ୍ୟର ବିକାଶ ପାଇଁ ଖ୍ରୀଷ୍ଟିଆନ ପାଦ୍ରୀମାନେ ଯଥେଷ୍ଟ ସାହାଯ୍ୟ କରିଅଛନ୍ତି । ତାମିଲ ସାହିତ୍ୟର ଗଦ୍ୟ ବିଭାଗକୁ ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କର ଦାନ ମଧ୍ୟ କମ ନ ଥିଲା । ଏ କ୍ଷେତ୍ରରେ ସପ୍ତଦଶ ଶତାବ୍ଦୀରେ ଇଟାଲୀରୁ ଆଗତ 'ଫାଦର୍ ବିସ୍‌କି' ଅତ୍ୟନ୍ତ ସ୍ମରଣୀୟ । ସପ୍ତଦଶ ଶତାବ୍ଦୀର ଶେଷ ଦଶକରେ 'ଫାଦର ବିସ୍‌କି' ଭାରତରେ ପଦାର୍ପଣ କରିଥିଲେ । ଏଠାରେ ପହଞ୍ଚିବା ସଙ୍ଗେ ସଙ୍ଗେ ଫାଦର ବିସ୍‌କିଙ୍କ୍ କେତେଗୁଡ଼ିଏ ଭାରତୀୟ ଭାଷା ଶିଖିବାକୁ ହୋଇଥିଲା । କାଳକ୍ରମେ ସେ ଭାରତୀୟ ପୁରାଣ ଏବଂ ଶାସ୍ତ୍ର ଅଧ୍ୟୟନ କରିଥିଲେ । ବିସ୍‌କିଙ୍କ ପୂର୍ବବର୍ତ୍ତୀ ପାଦ୍ରୀ ରବର୍ଟ-ଡ଼-ନୋବିଲ ଏ ବିଗରେ ଥିଲେ ତାଙ୍କର ପରମ ଆଦର୍ଶ । ସମସାମୟିକ ଚର୍ଚବନ୍ଧୁମାନଙ୍କର ବାରଣ ସତ୍ତ୍ୱେ ସେ ନିଜକୁ ଏ ଦେଶର ପାଣିପାଗ ସହିତ ସମ୍ପୂର୍ଣ୍ଣ ଭାବରେ ମିଶାଇ ଦେଲେ । ଦେଶୀୟ ସାଧାରଣ ଲୋକଙ୍କ ସହିତ ତାଙ୍କର ଅପୂର୍ବ ବନ୍ଧୁତ୍ୱ ପ୍ରତିଷ୍ଠିତ ହେଲା । ତାମିଲଭାଷୀଲୋକେ ତାଙ୍କୁ ଅତି ଆପଣାର ମନେ କରିବାକୁ ଲାଗିଲେ । ସେ ନିଜେ ମଧ୍ୟ ତାମିଲଭାଷୀଙ୍କ ସହିତ ଏକ ହେବାପାଇଁ 'ବୀରମା ମୁନିବର' ନାମ ଧାରଣ କରିଥିଲେ । ସଂସ୍କୃତରେ ତାଙ୍କ ନାମ ଥିଲା 'ସ୍ୱାମିଗଲ' ଏବଂ ପାର୍ସି ଭାଷାରେ ସେ ନିଜର ନାମ ରଖିଥିଲେ 'ଇସ୍‌ମତି' । ଭାରତୀୟ ନୈଷ୍ଠିକ ବ୍ରାହ୍ମଣମାନଙ୍କ ପରି ସେ ଆମିଷ ଆହାର ଛାଡ଼ିଦେଲେ ଏବଂ କାଠର ଖଡ଼ମ ବ୍ୟବହାର କରୁଥିଲେ । ହିନ୍ଦୁଧର୍ମପ୍ରଚାରକମାନଙ୍କ ପରି ସେ ପାଲିଙ୍କିରେ ବସି ଯାତାୟାତ କରୁଥିଲେ । ପାର୍ସି ଏବଂ ଆରବ୍ୟ ଭାଷାରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଲକ୍ଷ୍ୟ କରି ମୁସଲମାନ ଜନସାଧାରଣ ଯେପରି ତାଙ୍କ ପ୍ରତି ଆକୃଷ୍ଟ ଥିଲେ, ସଂସ୍କୃତ ଏବଂ ତାମିଲ ଭାଷାରେ ତାଙ୍କର ପ୍ରବେଶ ଉପଲବ୍ଧି କରି ହିନ୍ଦୁ ଜନସାଧାରଣ ମଧ୍ୟ ତାଙ୍କର ସ୍ତାବକ ହୋଇ ପଡ଼ିଲେ ।

ବିସ୍‌କି ତାମିଲ ଭାଷାର କେତେକ ଉଚ୍ଚ ଶ୍ରେଣୀର କବିତା ଲାଟିନ୍ ଭାଷାରେ ଅନୁବାଦ କରିଥିଲେ । ତାମିଲ ଭାଷାରେ 'ତାମ୍ବାବାଣୀ' ନାମରେ ଏକ କାବ୍ୟ ମଧ୍ୟ ସେ ରଚନା କରିଥିଲେ । ଏହି କାବ୍ୟର କଥାବସ୍ତୁ ହେଉଛି ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କର ଆତ୍ମଚରିତ । ତାମିଲ ଭାଷାର ଉଚ୍ଚାରଣ ସମ୍ପର୍କରେ ଫାଦର ବିସ୍‌କି କେତେକ ସଂସ୍କାର ଆନୟନ କରିଯାଇଅଛନ୍ତି । ତାମିଲ ଗଦ୍ୟ ସାହିତ୍ୟକୁ ତାଙ୍କର ଦାନ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ।

ଯେତେବେଳେ ତାମିଲ ଗଦ୍ୟ ଅତ୍ୟନ୍ତ ଅନୁନ୍ନତ ଅବସ୍ଥାରେ, ସେତେବେଳେ ତାଙ୍କ ରଚିତ ଗଦ୍ୟଗ୍ରନ୍ଥ 'ବେଦବର ଓଝୁକମ୍' ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ । ତାଙ୍କ ରଚିତ 'ପରମାର୍ଥ ଗୁରୁକଥୈ' ଏକ ହାସ୍ୟରସାତ୍ମକ ଗଦ୍ୟସାହିତ୍ୟ । ଅନେକ ଆଲୋଚକ ବିସ୍କିଙ୍କୁ ତାମିଲ ଗଦ୍ୟସାହିତ୍ୟର ପିତା ଭାବରେ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । ୧୭୪୭ ଖ୍ରୀଷ୍ଟାବ୍ଦରେ ଫାଦର ବିସ୍କିଙ୍କର ମୃତ୍ୟୁ ହୋଇଥିଲେହେଁ ଏହି ବିଦେଶୀ ପାଦ୍ରୀ ସବୁକାଳ ପାଇଁ ତାମିଲ ସାହିତ୍ୟର ଇତିହାସରେ ସ୍ମରଣୀୟ ହୋଇ ରହିଅଛନ୍ତି ।

ଊନବିଂଶ ଶତାବ୍ଦୀ ପରେ ତାମିଲ ସାହିତ୍ୟରେ ଆଧୁନିକ କାଳ ଆରମ୍ଭ ହୁଏ । ଏ ଯୁଗରେ ବହୁ କ୍ଷୁଦ୍ର କ୍ଷୁଦ୍ର କାବ୍ୟ, ନାଟକ ଏବଂ ଅନେକ ଗଦ୍ୟ ରଚନା ଲେଖାଯାଇଥିଲା । ଏ ଯୁଗର ରୁଚିବୋଧକୁ ଲକ୍ଷ୍ୟ ରଖି ବହୁ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ପ୍ରଭୃତି ରଚିତ ହେଲା । ପାଶ୍ଚାତ୍ୟ ଶିକ୍ଷା ଓ ସାହିତ୍ୟର ପ୍ରଭାବରେ ଭାରତର ଅନ୍ୟାନ୍ୟ ପ୍ରାନ୍ତ ପରି ତାମିଲ ପ୍ରାନ୍ତରେ ମଧ୍ୟ ନବଜାଗରଣ ସମ୍ଭବ ହେଲା । ଏହି ନବଜାଗରଣର ଶ୍ରେଷ୍ଠ ପୁରୋଧା ହେଲେ ସୁବ୍ରମନ୍ୟମ୍ ଭାରତୀ । ଆଧୁନିକ ଯୁଗର ତାମିଲ ସାହିତ୍ୟରେ କେବଳ ନୁହେଁ, ଆଧୁନିକ ଭାରତୀୟ ସାହିତ୍ୟରେ ମଧ୍ୟ ସେ ଅନ୍ୟତମ ଶ୍ରେଷ୍ଠ ଓ ଶକ୍ତିଶାଳୀ କବି ଭାବରେ ସମ୍ମାନିତ । ତାମିଲ ଭାଷାରେ ପ୍ରେସ କମିସନଙ୍କ ହିସାବ ଅନୁସାରେ ଦଶଗୋଟି ଦୈନିକ, ୭୯ଟି ସାପ୍ତାହିକ, ୪୨ଟି ପାକ୍ଷିକ ଏବଂ ୧୯୮ଟି ମାସିକ ପତ୍ରିକା ପ୍ରକାଶିତ ହୁଏ । ଧର୍ମ, ସାହିତ୍ୟ, ସମାଜ, ଦର୍ଶନ, ବାଣିଜ୍ୟ, ଚଳଚିତ୍ର, ଶିଳ୍ପ, ସ୍ୱାସ୍ଥ୍ୟ, ଶ୍ରମ, କୃଷି ପ୍ରଭୃତି ବିଭିନ୍ନ ବିଭାଗକୁ କେନ୍ଦ୍ର କରି ଏହି ପତ୍ର-ପତ୍ରିକାଗୁଡ଼ିକ ପ୍ରକାଶିତ ହୋଇଥାଏ । ଅବଶ୍ୟ ଏ ପତ୍ରିକାଗୁଡ଼ିକର ବର୍ତ୍ତମାନ ସଂଖ୍ୟା ଅଧିକ ହେବା ଆଶା କରାଯାଏ । ଏହି ପତ୍ର-ପତ୍ରିକା ମାଧ୍ୟମରେ ଆଧୁନିକ ତାମିଲ ସାହିତ୍ୟ ଯଥେଷ୍ଟ ଅଗ୍ରସର ହୋଇଅଛି । ଆଧୁନିକ ତାମିଲ ସାହିତ୍ୟ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଜାତୀୟତା ଆନ୍ଦୋଳନ ଦ୍ୱାରା ଯଥେଷ୍ଟ ପ୍ରଭାବିତ ହୋଇଥିବା ଜଣାଯାଏ । ବିନାୟଗମ୍ ପିଲ୍ଲଇ, ନାମକ୍କଲ ରାମଲିଙ୍ଗମ୍ ପିଲ୍ଲଇ ପ୍ରଭୃତି ଜାତୀୟ ଯୁଗର ଉଲ୍ଲେଖ-ଯୋଗ୍ୟ କବି । ଆର କୃଷ୍ଣମୂର୍ତ୍ତି ଲୋକସମାଜରେ ନିଜର ଛଦ୍ମନାମ 'କଲ୍କି' ନାମରେ ସୁପରିଚିତ । ଏହି ନାମରେ ତାଙ୍କ ଦ୍ୱାରା ସଂପାଦିତ ଏକ ସାପ୍ତାହିକ ପତ୍ରିକା

ତାମିଲ ପ୍ରାନ୍ତରେ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା । ବହୁ ଚମତ୍କାର ଐତିହାସିକ ଉପନ୍ୟାସ ଲେଖି ସେ ଅମର ହୋଇଅଛନ୍ତି । ପ୍ରବନ୍ଧ-ଲେଖକମାନଙ୍କ ମଧ୍ୟରେ ଏମ. ଭରତବାଜନ, ଶ୍ରୀ କ. ଭା. ଜଗନ୍ନାଥନ ବିଶେଷ ଉଲ୍ଲେଖଯୋଗ୍ୟ । ବିଜ୍ଞାନ, ରାଜନୀତି, ଅର୍ଥନୀତି, ସମାଜନୀତି ପ୍ରଭୃତି ବିଷୟରେ ମଧ୍ୟ ବହୁତ ଲେଖକ ଅତ୍ୟନ୍ତ ଉଚ୍ଚକୋଟୀର ଲେଖା ପ୍ରକାଶ କରୁଅଛନ୍ତି । ଆଧୁନିକ ତାମିଲ ସାହିତ୍ୟରେ ବହୁ ଗବେଷଣାତ୍ମକ ଗ୍ରନ୍ଥ ପ୍ରକାଶିତ ହୋଇ ଏହାର ସମୃଦ୍ଧି ସାଧନ କରୁଅଛି ।

ବିଂଶ ଶତାବ୍ଦୀରେ ଇଂରାଜୀ ରାଷ୍ଟ୍ରଭାଷା ହେବାରୁ ପ୍ରାନ୍ତୀୟ ଭାଷା ତାମିଲ ଅବହେଳିତ ହେଲେହେଁ ଇଂରାଜୀ ସାହିତ୍ୟ ପ୍ରଭାବରେ ତାମିଲ ସାହିତ୍ୟରେ ଅନେକ ନୂତନ ପରୀକ୍ଷା ଚାଲିଲା । ଆଧୁନିକ କବିତା ରଚନା କ୍ଷେତ୍ରରେ ସୁନ୍ଦରଂ ପିଲାଇ ଓ କୃଷ୍ଣ ପିଲାଇ ସର୍ବ ପ୍ରଧାନ । ଅମର କବି ସୁବ୍ରମନ୍ୟମ୍ ଭାରତୀ ସରଳ ସୁବୋଧ ଭାଷାରେ ସମୟୋପଯୋଗୀ ରଚନା କରି ସମଗ୍ର ତାମିଲ ପ୍ରାନ୍ତରେ ବିପ୍ଳବ ଆନୟନ କଲେ । ସେଥିପାଇଁ ଏ ଯୁଗକୁ ଭାରତୀଙ୍କ ନାମରେ ନାମିତ କରାଯାଇଅଛି । ଭାରତୀଙ୍କୁ ମଧ୍ୟ ରାଷ୍ଟ୍ରକବି ଭାବରେ ସମ୍ମାନ କରାଯାଇଥାଏ ।

ଏ ଯୁଗରେ ତାମିଲ ଭାଷାରେ ଉପନ୍ୟାସ ଏବଂ ଗଳ୍ପର ଆଶାତୀତ ଉନ୍ନତି ଲକ୍ଷ୍ୟ କରାଯାଏ । ସାହିତ୍ୟର ବିଭିନ୍ନ ବିଭାଗରେ ମଧ୍ୟ ଉନ୍ନତ ରଚନା ପରିଦୃଷ୍ଟ ହେଲା । ଇଂରାଜୀ ଉପନ୍ୟାସର ପ୍ରଭାବରେ ତାମିଲ ଭାଷାରେ ମଧ୍ୟ ପ୍ରଚୁର ପରିମାଣରେ ରୋମାଞ୍ଚକର ଉପନ୍ୟାସ ରଚିତ ହେଲା । ସେହିପରି କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ଏବଂ ଆଧୁନିକ ବୈଜ୍ଞାନିକ ଯୁଗର ନାନା ବିଭାଗରେ ତାମିଲ ସାହିତ୍ୟ ଯୁଗ ସହିତ ତାଳ ପକାଇ ଅଗ୍ରସର ହୋଇଅଛି । ବିଶ୍ୱର ତଥା ବିଭିନ୍ନ ପ୍ରାନ୍ତର ଉଚ୍ଚକୋଟୀର ସାହିତ୍ୟ ଅନୂଦିତ ହୋଇ ତାମିଲ ସାହିତ୍ୟ ସମୃଦ୍ଧ ହେଉଅଛି । ମୋଟ ଉପରେ ତାମିଲ ସାହିତ୍ୟର ଯେପରି ଏକ ବିରାଟ ଗୌରବମୟ ଐତିହ୍ୟ ରହିଅଛି, ଆଧୁନିକ ତାମିଲ ସାହିତ୍ୟ ମଧ୍ୟ ଯୁଗଧର୍ମୀ ଆଦର୍ଶରେ ସେହିପରି ସମୃଦ୍ଧ ଓ ପ୍ରଗତିଶୀଳ ।

# ମଲୟାଲମ ସାହିତ୍ୟ

ଭାରତର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ କେରଳ ରାଜ୍ୟର ଭାଷାକୁ ମଲୟାଲମ କୁହାଯାଏ । ଭାରତର ଅଗ୍ରଗଣ୍ୟ ଶିକ୍ଷିତ ରାଜ୍ୟର ଭାଷା ଓ ସାହିତ୍ୟ ଭାବରେ ଭାରତୀୟ ସାହିତ୍ୟ ସଂସାରରେ ମଲୟାଲମ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ଅଛି ।

ମଲୟାଲମ ଭାଷାର ଉତ୍ପତ୍ତି ସଂପର୍କରେ ପଣ୍ଡିତମାନେ ନାନା ମତ ପୋଷଣ କରନ୍ତି । ଅନେକଙ୍କ ମତରେ ମଲୟାଲମ ଭାଷା ପ୍ରାଚୀନ ସଂସ୍କୃତ ଭାଷାର ଦୁହିତା, ମାତ୍ର ଏ ମତ ଠିକ୍ ନୁହେଁ । ଏକ ସମୟରେ ସଂସ୍କୃତ ଭାଷା ମଲୟାଲମ ଭାଷାକୁ ଅତ୍ୟନ୍ତ ନିବିଡ଼ ଭାବରେ ପ୍ରଭାବିତ କରିଥିଲା । ଉଭୟ ଭାଷାର ଆଦାନ ପ୍ରଦାନ ଛଳରେ ମଲୟାଲ ଭାଷାରେ ଏକ ସ୍ୱତନ୍ତ୍ର ଶୈଳୀ ମଧ୍ୟ ଅନୁସୃତ ହୋଇଥିଲା । ତାହା "ମଣିପ୍ରବାଳ" ଶୈଳୀ ନାମରେ ସୁପରିଚିତ । ମାତ୍ର ପରବର୍ତ୍ତୀ କାଳରେ ସଂସ୍କୃତର ପ୍ରଭାବରୁ ମୁକ୍ତ ହୋଇ ମଲୟାଲମ ନିଜର ସ୍ୱତନ୍ତ୍ର ଶୈଳୀ ଗ୍ରହଣ କରିଥିଲା ।

ସେହିପରି ଅନ୍ୟ କେତେକ ଆଲୋଚକ ତାମିଲ ଭାଷାକୁ ମଲୟାଲମ ଭାଷାର ଜନନୀ ବୋଲି ଦାବୀ କରିଥାଆନ୍ତି । ମାତ୍ର ଏହି ମତ ମଧ୍ୟ ଗ୍ରହଣ-ଯୋଗ୍ୟ ନୁହେଁ । ଦକ୍ଷିଣ ଭାରତୀୟ ଭାଷାପରିବାର ମଧ୍ୟରେ ତାମିଲ ଭାଷା ବୟୋଜ୍ୟେଷ୍ଠା ହୋଇଥିବାରୁ ସ୍ୱଭାବତଃ ତାର ପ୍ରଭାବ 'ମଲୟାଲମ' ଉପରେ ଲକ୍ଷ୍ୟ କରିବାର କଥା । ସଂସ୍କୃତ ଭାଷା ଦ୍ୱାରା ପ୍ରଭାବିତ ହେବା ପୂର୍ବରୁ ତାମିଲ ଭାଷାର ନିବିଡ଼ ସଂପର୍କରେ ମଲୟାଲମ ଭାଷା ଆସିଥିଲା । ତେଣୁ ତାମିଲ ଭାଷାର 'ମଣି ପ୍ରବାଳ' ଶୈଳୀ ବହୁକାଳ ପର୍ଯ୍ୟନ୍ତ ମଲୟାଲମ ଭାଷାରେ ପ୍ରଚଳିତ ଥିଲା, ମାତ୍ର ଏ ପ୍ରକାର ଶୈଳୀକୁ ଲକ୍ଷ୍ୟ କରି ମଲୟାଲମ ତାମିଲ ଭାଷାର ସନ୍ତାନ ବୋଲି କହିବାର କୌଣସି କାରଣ ନାହିଁ ।

ଏ ସଂପର୍କରେ ଶେଷୋକ୍ତ ମତଟି ହେଲା—ଅନ୍ୟାନ୍ୟ ଦକ୍ଷିଣ ଭାରତୀୟ ଭାଷା ଭଳି ମଳୟାଲମ ମଧ୍ୟ ମୂଳ ଦ୍ରାବିଡ ଭାଷାରୁ ଉତ୍ପନ୍ନ । ଅଧିକାଂଶ ଆଲୋଚକ ଏହି ମତର ସାରବତ୍ତାକୁ ସ୍ୱୀକାର କରନ୍ତି । ତେବେ ଏ କଥା ସତ୍ୟ ଯେ ଦକ୍ଷିଣ ଭାରତୀୟ ଭାଷାଗୋଷ୍ଠୀ ମଧ୍ୟରେ ଏକମାତ୍ର ମଳୟାଲମ ଭାଷା ସଂସ୍କୃତ ଭାଷା ସହିତ ଘନିଷ୍ଠ ସଂପର୍କ ରକ୍ଷା କରିଥିଲା । ପୁନଶ୍ଚ ତାମିଲ ଭାଷା ସହିତ ଏହି ଭାଷାର ଅଧିକ ସାମ୍ୟ ଦୃଷ୍ଟିଗୋଚର ହୁଏ ।

କେରଳରେ ଦୁଇ ପ୍ରକାର ଲିପି ପ୍ରଚଳିତ ଥିଲା । ତାହା ହେଲା—(୧) ବଟେ ଯୁତ୍ତୁ (୨) କୋଲେ ଯୁତ୍ତୁ । ବଟେ ଯୁତ୍ତୁ ଲିପି ତାମିଲ ଲିପିଠାରୁ ଅଧିକ ପ୍ରାଚୀନ ବୋଲି ବିଶେଷଜ୍ଞମାନେ ମନେ କରିଥାଆନ୍ତି । ପଣ୍ଡିତମାନେ ବ୍ରାହ୍ମୀ ଲିପିକୁ ବଟେ ଯୁତ୍ତୁ ଲିପିର ଜନନୀ ବୋଲି କହି-ଅଛନ୍ତି ।

ମଳୟାଲମ ଭାଷାରେ କେବଳ ଏକ ବଚନ ଏବଂ ବହୁ ବଚନ ଦୃଷ୍ଟିଗୋଚର ହୁଏ । ଖ୍ରୀଷ୍ଟୀୟ ତୃତୀୟ ଶତକରେ ମଳୟାଲମ ଭାଷା ଓ ଲିପିର ପରିଚୟ ମିଳୁଥିଲେହେଁ ବହୁକାଳ ପର୍ଯ୍ୟନ୍ତ ଏହି ଭାଷାରେ ରଚିତ ସାହିତ୍ୟର ପ୍ରମାଣ ମିଳୁ ନାହିଁ । ବହୁକାଳ ଯାବତ୍ ତାମିଲଭାଷୀ ରାଜା କେରଳ ଭୂଖଣ୍ଡକୁ ଶାସନ କରିଥିବାରୁ ସେ ଅଞ୍ଚଳରେ ତାମିଲ ରାଷ୍ଟ୍ରଭାଷା ଭାବରେ ପ୍ରଚଳିତ ହେବା ସ୍ୱାଭାବିକ । ତେଣୁ ପ୍ରଥମ କାଳର ମଳୟାଲମ ସାହିତ୍ୟରେ ତାମିଲର ପ୍ରଭାବ ଲକ୍ଷ୍ୟ କରାଯାଇଥାଏ । ରାମାୟଣର ଯୁଦ୍ଧ କାଣ୍ଡକୁ ଅବଲମ୍ବନ କରି ଜଣେ ପ୍ରାଚୀନ କେରଳୀ ରାଜା "ରାମ ଚରିତ" ରଚନା କରିଥିଲେ । କେତେକ ଆଲୋଚକ ଏହି ଗ୍ରନ୍ଥକୁ ସର୍ବ ପ୍ରାଚୀନ ମଳୟାଲମ ଗ୍ରନ୍ଥ ବୋଲି ଦାବି କରିଥାଆନ୍ତି । ମାତ୍ର ଏହି ମତ ପ୍ରମାଣ-ସିଦ୍ଧ ନୁହେ । ତେବେ ଏ ଗ୍ରନ୍ଥରେ ତାମିଲ ଭାଷାର ପ୍ରଭାବ ବହୁତ ବେଶୀ । ତେବେ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ଏହା ରଚିତ ହୋଇଥିଲା । ଏହି ଗ୍ରନ୍ଥ ରଚିତ ହେବାର ଦୁଇଶହ ବର୍ଷପୂର୍ବରୁ ମଳୟାଲମ ଭାଷାରେ ଗୀତ ରଚିତ ହୋଇଥିବାର ପ୍ରମାଣ ମିଳୁଅଛି । ତେଣୁ କାଳବକ୍ଷରେ ଏହି ଭାଷାର ଆଦି ଯୁଗର ବହୁ ଗ୍ରନ୍ଥ ନଷ୍ଟ ହୋଇ ଯାଇଥିବା ଅନୁମାନ କରା-ଯାଇପାରେ ।

ତ୍ରୟୋଦଶ ଶତାବ୍ଦୀରେ ଏହି ଭାଷାରେ ଦୁଇଟି ଚଂପୂ କାବ୍ୟ ରଚିତ ହୋଇଥିବାର ପ୍ରମାଣ ମିଳେ । ସେ ଦୁଇଟି ହେଲା—(୧)ଉନ-ୟ୍ୟାଚ ଚରିତମ୍ । (୨) ଉନୟ୍ୟାଚ ଚରିତମ୍ । ଏହି ଗ୍ରନ୍ଥ ଦୁଇଟିରେ ତତ୍କାଳୀନ ରାଜନର୍ତ୍ତକୀମାନଙ୍କର ଜୀବନ କାହାଣୀ ସଂପର୍କରେ ଅନେକ କଥା ଲିପିବଦ୍ଧ ହୋଇଅଛି, ଏହି ଦୁଇଟି ଗ୍ରନ୍ଥର ରଚନା ଶୈଳୀ ଅତ୍ୟନ୍ତ ଉଚ୍ଚ କୋଟୀର ଏବଂ ସମୃଦ୍ଧ । ଭାରତୀୟ ସାହିତ୍ୟସଂସାରରେ ମଲୟାଲମ ସାହିତ୍ୟର ଏହି ଆଦିଯୁଗର ରଚନା ଅତ୍ୟନ୍ତ ସ୍ୱତନ୍ତ୍ର । ଅନ୍ୟାନ୍ୟ ପ୍ରାନ୍ତରେ ସାହିତ୍ୟର ପ୍ରଥମ କେତେଯୁଗ ଧର୍ମର ଧାରଣାରେ ନିୟନ୍ତ୍ରିତ ଏବଂ ସଂପୂର୍ଣ୍ଣ ଭାବରେ ଅଲୌକିକ ଆଦର୍ଶରେ ଅନୁପ୍ରାଣିତ । ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି ଯେ ମଲୟାଲମ ସାହିତ୍ୟର ଆଦିଯୁଗର କେତେକ ରଚନାରେ ଅଲୌକିକତା ଅଥବା ଆଧ୍ୟାତ୍ମିକତାର ଆଦୌ ସ୍ପର୍ଶ ନାହିଁ । ବରଂ ପ୍ରଥମ କାଳର ଦୁଇଟି ପ୍ରସିଦ୍ଧ ଚଂପୂ କାବ୍ୟ ଉନୟ୍ୟାଚ ଚରିତମ୍ ଏବଂ ଉନୟ୍ୟାଚ ଚରିତମ୍ ଗ୍ରନ୍ଥ ଦ୍ୱୟରେ ତତ୍କାଳୀନ ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ ଜୀବନର ବହୁ ପରିଚୟ ମିଳିଥାଏ । ଚତୁର୍ଦ୍ଦଶ ଖ୍ରୀଷ୍ଟାବ୍ଦରେ ଆଉ ଗୋଟିଏ ରାମାୟଣ ରଚିତ ହୋଇଥିଲା । ପ୍ରସିଦ୍ଧ କବି ରାମ ପାଣିକ୍କର ଏହି ଯୁଗରେ ରାମାୟଣର ରଚକ ଥିଲେ । ଏହି ରାମାୟଣ 'କଣିଶ୍ଶ ରାମାୟଣ' ନାମରେ ଖ୍ୟାତ ହୋଇଅଛି ।

ଏକଦା ସଂସ୍କୃତ ସାହିତ୍ୟ ସହିତ ମଲୟାଲମ ସାହିତ୍ୟର ନିବିଡ଼ ଯୋଗସୂତ୍ର ଥିଲା । ସେହି କାଳରେ କେରଳର ଲେଖକଗଣ କାଳିଦାସଙ୍କ 'ମେଘଦୂତ' କାବ୍ୟ ଅନୁରୋଧରେ ଉଭୟ ମଲୟାଲମ ଏବଂ ସଂସ୍କୃତ ଭାଷାରେ ଅନେକ ଦୂତକାବ୍ୟ ରଚନା କରିଥିଲେ । ଏହି ଦୂତକାବ୍ୟ ମଧ୍ୟରେ "ଉନ ନୀଳ ସନ୍ଦେଶମ୍" ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟ ଭାଗରେ ରଚିତ ଏହି ଦୂତକାବ୍ୟ ସବୁଯୁଗ ପାଇଁ ମଲୟାଲମ ସାହିତ୍ୟର ଏକ ଚିରନ୍ତନ ସଂପଦ । ପଞ୍ଚଦଶ ଶତାବ୍ଦୀର ପ୍ରଥମ ଭାଗରେ ରଚିତ "ଲୀଲାତିଲକମ୍" ଏବଂ 'ପଦ୍ୟ ରତ୍ନ' ଦୁଇଟି ବିଶିଷ୍ଟ ଗ୍ରନ୍ଥ । ଏହି ଗ୍ରନ୍ଥ ଦ୍ୱୟରେ ଅତୀତର ବହୁ ମୂଲ୍ୟବାନ ପଦ୍ୟାଂଶର ସମୃଦ୍ଧ ସଂକଳନ ହୋଇଅଛି । କେରଳୀ ଭାଷାର ତୁଳନାତ୍ମକ ଅଧ୍ୟୟନ ପାଇଁ ଏ ଗ୍ରନ୍ଥ ଅତ୍ୟନ୍ତ ସାହାଯ୍ୟକାରୀ ମନେ ହୋଇଥାଏ ।

ମଲୟାଲମ ସାହିତ୍ୟର ଅନ୍ୟ ଏକ ବିଶେଷତ୍ୱ ହେଲା ତାହାର ପ୍ରାଚୀନ ଗଦ୍ୟ ସାହିତ୍ୟ । କୌଟିଲ୍ୟଙ୍କର ବିଖ୍ୟାତ ଅର୍ଥ ଶାସ୍ତ୍ରର ବ୍ୟାଖ୍ୟା କରି ଚତୁର୍ଦ୍ଦଶ ଶତାବ୍ଦୀରେ ମଲୟାଲମ ଭାଷାରେ ଏକ ଗଦ୍ୟ ରଚନା ପ୍ରକାଶିତ ହୋଇଥିବା ଜଣାଯାଏ । ଓଡ଼ିଶା ଏବଂ ଆସାମ ଭଳି ପ୍ରଦେଶର ସାହିତ୍ୟ ବ୍ୟତୀତ ଭାରତର ଅନ୍ୟ ପ୍ରାନ୍ତୀୟ ସାହିତ୍ୟରେ ଏପରି ସମୃଦ୍ଧ ଗଦ୍ୟ ରଚନାର ବିକାଶ ଏହି କାଳରେ ହୋଇଥିବା ଜଣାଯାଏ ନାହିଁ ।

ପଞ୍ଚଦଶ ଶତାବ୍ଦୀର ପ୍ରଥମ ଭାଗରେ ମଲୟାଲମ ସାହିତ୍ୟରେ ପୁରାଣ ଯୁଗର ଅଭ୍ୟୁଦୟ ହୋଇଥିଲା । ଏହି କାଳରେ କେରଳ ଭୂଖଣ୍ଡରେ ସଂସ୍କୃତ ସାହିତ୍ୟର ଯଥେଷ୍ଟ ଚର୍ଚ୍ଚା ହେଉଥିଲା । ସାହିତ୍ୟରେ ଲୌକିକତା ପରିବର୍ତ୍ତେ ଅଲୌକିକତା ପ୍ରାଧାନ୍ୟ ବିସ୍ତାର କରିଥିଲା । କବିଗଣ ରାମ ଅଥବା କୃଷ୍ଣଙ୍କ ଜୀବନ ଚରିତକୁ ଅବଲମ୍ବନ କରି ନାନା ଗ୍ରନ୍ଥ ରଚନା କରିବାକୁ ଲାଗିଲେ । ଏହି ଯୁଗର ପ୍ରାରମ୍ଭରେ ପ୍ରଧାନତଃ ତିନିଜଣ କବି ଯଥେଷ୍ଟ ପ୍ରାଧାନ୍ୟ ଲାଭ କରିଥିଲେ । ସେମାନେ ହେଲେ ମାଧବ ପାଣିକ୍କର, ଶଙ୍କର ପାଣିକ୍କର, ରାମ ପାଣିକ୍କର । ଏହି କବି ତ୍ରୟଙ୍କୁ ନିରଣମ କବି କୁହାଯାଏ । କାରଣ ଏମାନେ ନିରଣମ ନାମକ ଗ୍ରାମରେ ଗୋଟିଏ ପରିବାରରେ ଜନ୍ମଗ୍ରହଣ କରିଥିଲେ । ମାଧବ ଏବଂ ଶଙ୍କର ଦୁଇ ଭାଇ ଥିଲେ । ରାମ ଏମାନଙ୍କର ନାତି ଥିଲେ । ଏହି କବି ପରିବାର ମଧ୍ୟଯୁଗୀୟ ମଳୟାଳି ସାହିତ୍ୟର ଯଥେଷ୍ଟ ସମୃଦ୍ଧି କରିଯାଇଅଛନ୍ତି ।

ଏମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ କବି ମାଧବ ପାଣିକ୍କର "ଭଗବତ୍ ଗୀତା"ର ଅନୁବାଦ କରିଥିଲେ । ଭାରତର ପ୍ରାନ୍ତୀୟ ସାହିତ୍ୟ ସଂସାରରେ ଏହି ଅନୁବାଦଟି ପ୍ରାଚୀନତମ ବୋଲି ଦାବୀ କରାଯାଇଥାଏ । ଏହି କବି ତ୍ରୟୀଙ୍କ ମଧ୍ୟରୁ ଅନ୍ୟତମ ଶଙ୍କର ପାଣିକ୍କର "ଶ୍ରୀକୃଷ୍ଣ ବିଜୟମ୍" ନାମକ ଏକ ପ୍ରସିଦ୍ଧ କାବ୍ୟ ରଚନା କରିଥିଲେ । ଏହା ଛଡ଼ା "ଭାରତ-ମାଳା" ନାମରେ ଆଉ ଗୋଟିଏ ଗ୍ରନ୍ଥ ମଧ୍ୟ ଲେଖିଯାଇଅଛନ୍ତି, ମାତ୍ର ଶେଷୋକ୍ତ କବି ରାମ ପାଣିକ୍କର ଏ ଯୁଗର ସର୍ବଶ୍ରେଷ୍ଠ କବି ଭାବରେ ସମ୍ମାନିତ ଏବଂ କେରଳ ସାହିତ୍ୟର ଇତିହାସରେ ତାଙ୍କର ନାମ ସ୍ୱର୍ଣ୍ଣା-କ୍ଷରରେ ଲିପିବଦ୍ଧ ହୋଇଅଛି । ସେ ମଲୟାଲମ ଭାଷାରେ ରାମାୟଣ, ମହାଭାରତ, ବ୍ରହ୍ମାଣ୍ଡ ପୁରାଣ, ଶିବରାତ୍ରି ମହାତ୍ମ୍ୟ, ଭାଗବତ ଦଶମସ୍କନ୍ଧ ଇତ୍ୟାଦି ଗ୍ରନ୍ଥର ପ୍ରଣେତା ଭାବରେ ଅତ୍ୟନ୍ତ ପ୍ରସିଦ୍ଧ ଏବଂ ଲୋକପ୍ରିୟ ।

ତେବେ କୃଷ୍ଣ ଚରିତ ଅବଲମ୍ବନରେ ଯେଉଁମାନେ କାବ୍ୟ ରଚନା କରି କେରଳୀ ସାହିତ୍ୟକୁ ସମୃଦ୍ଧ କରିଯାଇ ଅଛନ୍ତି, ସେମାନଙ୍କ ମଧ୍ୟରେ ସର୍ବଜନପ୍ରିୟ ଏବଂ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ କବି ହେଉଛନ୍ତି 'ଚେରୁଶେରୀ ନମ୍ପୁତିରି"। ତାଙ୍କ ରଚିତ ପ୍ରସିଦ୍ଧ 'କୃଷ୍ଣଗାଥା' କେରଳରେ ଘରେ ଘରେ ସୁପରିଚିତ। ଭାଗବତର ଦଶମସ୍କନ୍ଧ ଅବଲମ୍ବନରେ ଏହି ଗ୍ରନ୍ଥ ରଚିତ ହୋଇଥିବା ଜଣାଯାଏ, ତେବେ କବିଙ୍କର ସ୍ୱକୀୟ ଲେଖନ ଶୈଳୀ ଏବଂ ମୌଳିକ ପ୍ରତିଭାର ପରିଚୟ ଏ ଗ୍ରନ୍ଥରୁ ମିଳିଥାଏ। 'କୋଲତ୍ତୁ-ନାଡ୍' ରାଜ ପରିବାର କବିଙ୍କର ପୃଷ୍ଠପୋଷକ ଥିଲେ। ଏହି ରାଜପରିବାର ଦ୍ୱାରା ଉତ୍ସାହିତ ହୋଇ "ଚେରୁଶେରୀ' କୃଷ୍ଣଗାଥା କାବ୍ୟ ରଚନା କରିବାକୁ ଆଗ୍ରହୀ ହୋଇଥିଲେ। ପାଞ୍ଚଶତ ବର୍ଷ ପୂର୍ବେ ଏ ଗ୍ରନ୍ଥ ରଚିତ ହୋଇଥିଲେ ହେଁ ଲୋକ ଦୃଷ୍ଟିରେ ଏହାର ମହତ୍ତ୍ୱ ଅକ୍ଷୁଣ୍ଣ ରହିଅଛି। ନମ୍ପୁତିରିଙ୍କର କାନ୍ତକୋମଳ ପଦାବଳୀ ଏବେ ମଧ୍ୟ ଶତଶତ ମଳୟାଳୀଙ୍କର ଆଦରର ଧନ ହୋଇଅଛି। ସମଗ୍ର ମଳୟାଲମ ସାହିତ୍ୟରେ ଏ ଗ୍ରନ୍ଥର ତୁଳନା ନାହିଁ କହିଲେ ଚଳେ। ପୁରାଣ ଯୁଗର ସର୍ବଶ୍ରେଷ୍ଠ କବି "ରାମାନୁଜନଏଳୁତଚ୍ଛନ"ଙ୍କ ସଂପର୍କରେ ଆଲୋଚନା ବ୍ୟତୀତ, ଏ ଯୁଗ ସଂପର୍କରେ ସ୍ପଷ୍ଟ ଧାରଣା କରାଯାଇ ପାରିବ ନାହିଁ। ଏଳୁତଚ୍ଛନ ଜଣେ ଅଦ୍ଭୁତକର୍ମା ପୁରୁଷ ଥିଲେ। କେରଳର ଆଲୋଚକ ମଣ୍ଡଳୀରେ ଏଳୁତଚ୍ଛନଙ୍କର ନାମ, ଜୀବନ ଚରିତ ଏବଂ ସମୟ ସଂପର୍କରେ ମତଭେଦ ଥିଲେହେଁ ସମସ୍ତେ ତାଙ୍କର ଭକ୍ତିମତ୍ତା, ପାଣ୍ଡିତ୍ୟ, ବହୁଶାସ୍ତ୍ରଦର୍ଶିତା ଏବଂ ପ୍ରତିଭା ସଂପର୍କରେ ଏକମତ। ଏଳୁତଚ୍ଛନଙ୍କ ରଚିତ 'ଚିନ୍ତା ରତ୍ନମ୍' ପାଠ କଲେ ଜଣାଯାଏ ଯେ ସେ ସମଗ୍ର ଭାରତବର୍ଷର ପ୍ରସିଦ୍ଧ ପୀଠସ୍ଥାନ-ଗୁଡ଼ିକ ପରିଭ୍ରମଣ କରିଥିଲେ। ଏଳୁତଚ୍ଛନ ଉଭୟ ରାମଭକ୍ତ ଏବଂ କୃଷ୍ଣଭକ୍ତ ଥିଲେ। ତତ୍କାଳୀନ ଯୁଗରେ ତାଙ୍କ ପରି ଧର୍ମମତ ସମ୍ପର୍କରେ ଏପରି ଉଦାର ମତ ଆଉ କେହି ପୋଷଣ କରନ୍ତି ନାହିଁ। ରାମ ଏବଂ କୃଷ୍ଣଙ୍କୁ ସେ ଯେଉଁ ଦୃଷ୍ଟିରେ ଆରାଧନା କରିଛନ୍ତି, ଶିବ ଏବଂ ବ୍ରହ୍ମା ମଧ୍ୟ ସେହି ଆସନ ଲାଭ କରିଛନ୍ତି। ତାଙ୍କ ରଚିତ ଗ୍ରନ୍ଥମାନଙ୍କ ମଧ୍ୟରେ "ଆଧ୍ୟାତ୍ମ ରାମାୟଣ, ମହାଭାରତ, ରାମାୟଣ, ଶ୍ରୀମଦ୍‌ଭାଗବତ, ଚିନ୍ତା ରତ୍ନମ୍, ହରିନାମ କୀର୍ତ୍ତନମ୍, ବ୍ରହ୍ମାଣ୍ଡ ପୁରାଣମ୍ ପ୍ରଭୃତି ପ୍ରଧାନ। ତାଙ୍କ ରଚିତ ଆଧ୍ୟାତ୍ମ-ରାମାୟଣ କେରଳର ଘରେ ଘରେ ସୁପରିଚିତ।

ସେଥିପାଇଁ ଆଲୋଚକଗଣ ତାଙ୍କୁ ହିନ୍ଦୀ ସାହିତ୍ୟର ତୁଳସୀଦାସଙ୍କ ସହିତ ତୁଳନା କରିଥାଆନ୍ତି । ମାତ୍ର ତାଙ୍କର ସଂକ୍ଷିପ୍ତ 'ମହାଭାରତ' ଏବଂ 'ରାମାୟଣ' ପୁସ୍ତକରେ ସେ ନିଜର ମୌଳିକ ପ୍ରତିଭାର ଅଧିକ ପରିଚୟ ଦେଇ ଯାଇଅଛନ୍ତି କାଳବକ୍ଷରେ ଏଜୁତଚ୍ଛନଙ୍କ ରଚନା ଅମଳିନ ହୋଇନାହିଁ ।

କେରଳ ସାହିତ୍ୟ ଆକାଶରେ ଆଧୁନିକ ଯୁଗର ପ୍ରଥମ ବାର୍ତ୍ତାବହ ଭାବରେ ଦେଖା ଦେଲେ "କାଳୟୁ କୋଇଲ ଥମ୍ପୁରନ" । ସେ ଥିଲେ ବହୁ-ଶାସ୍ତ୍ରଦର୍ଶୀ ଏବଂ ବିଖ୍ୟାତ ସଂସ୍କୃତପଣ୍ଡିତ । ପୂର୍ବତନ ତ୍ରାଭାଙ୍କୋର କୋଚିନ ଷ୍ଟେଟର ପାଠ୍ୟପୁସ୍ତକ କମିଟିର ଚେୟାରମ୍ୟାନ ଭାବରେ ଆଧୁନିକ ସାହିତ୍ୟର ରଚନା ଏବଂ ପରିପ୍ରସାର ପାଇଁ ସେ ଯଥେଷ୍ଟ ଉଦ୍ୟମ କରିଥିଲେ । ତାଙ୍କ ପରେ ପରେ ଏ. ଆର. ରାଜରାଜବର୍ମା ରକ୍ଷଣଶୀଳ ଶୈଳୀ ବିରୁଦ୍ଧରେ ଦଣ୍ଡାୟମାନ ହୋଇ ଆଧୁନିକ କେରଳୀ ସାହିତ୍ୟରେ ଯୁଗାନ୍ତକାରୀ ପରିବର୍ତ୍ତନ ଆନୟନ କରିଥିଲେ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଇଂରାଜୀ ଏବଂ ବଙ୍ଗଳା ସାହିତ୍ୟର ନିବିଡ଼ ସଂପର୍କରେ ଆସି ମଳୟାଲମ ସାହିତ୍ୟରେ ନବଯୁଗ ସୃଷ୍ଟି ହୋଇଥିଲା । ଏହି ଯୁଗର କବିତ୍ରୟ ହେଲେ— (୧) କୁମାରନ ଆସାନ (୨) ଉଲ୍ଳୁର ପରମେଶ୍ୱର ଆୟାର (୩) ଭେଲୋତୋଲ ନାରାୟଣ ମେନନ ।

କୁମାରନ ଆସାନଙ୍କୁ କେରଳର କବିଗୁରୁ କୁହାଯାଏ । ସର୍ବାନ୍ତଃକରଣରେ ସେ ଥିଲେ ଜଣେ ବିପ୍ଳବୀ ଏବଂ ମାନବଧର୍ମୀ । ସେ ନିଜେ ଏକ ତଥାକଥିତ ଅସ୍ପୃଶ୍ୟ ପରିବାରରେ ଜନ୍ମଗ୍ରହଣ କରିଥିବାରୁ ବାଲ୍ୟକାଳରେ ଯଥେଷ୍ଟ ଅପଦସ୍ଥ ହୋଇଥିଲେ । ମଣିଷ ପ୍ରତି ମଣିଷର ଅବିଚାର ତାଙ୍କ ମନରେ ଦାରୁଣ ରେଖାପାତ କରିଥିଲା । ସେ ଭାରତର ବିଭିନ୍ନ ପ୍ରାନ୍ତ ଭ୍ରମଣ କରି ବହୁ ଅଭିଜ୍ଞତା ଲାଭ କରିଥିଲେ । ନିଜର ସାଧନା ବଳରେ ସଂସ୍କୃତ ସାହିତ୍ୟରେ ସେ ଅଗାଧ ପାଣ୍ଡିତ୍ୟ ହାସଲ କରିଥିଲେ । ତାଙ୍କର କବିପ୍ରାଣ ସମାଜର ନାନା ଦୋଷ ଦୁର୍ବଳତା ଏବଂ କୁସଂସ୍କାର ପ୍ରତି ପ୍ରବଳ ବିଦ୍ରୋହ କରିଥିଲା । ସେ ଗୋଟିଏ ଜାତିରେ ବିଶ୍ୱାସ କରୁଥିଲେ—ତାହା ହେଉଛି ମାନବ ଜାତି । ତାଙ୍କର ମତରେ ଜଗତର ଗୋଟିଏ ମାତ୍ର ଧର୍ମ ପ୍ରଣିଧାନଯୋଗ୍ୟ—ତାହା ହେଲା ମାନବଧର୍ମ । ଈଶ୍ୱର

ଏକ ବୋଲି ସେ ପ୍ରଶଂସିତ କରାଯାଇଅଛନ୍ତି । ତାଙ୍କର ରଚନା ମଧ୍ୟରେ "ବୀଣପୂବ", "ନଳିନୀ", "ଲୀଳା", "କରୁଣା" ଇତ୍ୟାଦି ପ୍ରଧାନ । 'କରୁଣା'ର କଥାବସ୍ତୁ ବୌଦ୍ଧଧର୍ମ ଗ୍ରନ୍ଥରୁ ଗ୍ରହଣ କରାଯାଇଥିବା ଜଣାଯାଏ । ସେ 'ବୁଦ୍ଧ ଚରିତମ୍' ବୋଲି ଅନ୍ୟ ଏକ ଗ୍ରନ୍ଥ ମଧ୍ୟ ରଚନା କରି ଯାଇଅଛନ୍ତି । "ଦୁଖସ୍ଥା" କବିଙ୍କର ସର୍ବଶ୍ରେଷ୍ଠ ଖଣ୍ଡକାବ୍ୟ । ଏହି କାବ୍ୟରେ ବ୍ରାହ୍ମଣ ଯୁବତୀ ସାବିତ୍ରୀ ଏବଂ ଚଣ୍ଡାଳ ପୁତ୍ରର ପ୍ରଣୟ କାହାଣୀ ବର୍ଣ୍ଣିତ । କୁମାରନ ଅସ୍ପୃଶ୍ୟତା, ଜାତିଭେଦ ବିରୁଦ୍ଧରେ ପ୍ରବଳ ଆନ୍ଦୋଳନ କରିଥିଲେ । ସେ ଥିଲେ ଏକାଧାରରେ ଜଣେ କବି, ସଂସ୍କାରକ ଏବଂ ପଣ୍ଡିତ । ଆଧୁନିକ ସାହିତ୍ୟକୁ ତାଙ୍କର ଦାନ ମଧ୍ୟ ଉଲ୍ଲେଖଯୋଗ୍ୟ ।

ଏ ଯୁଗର ଦ୍ୱିତୀୟ କବି ହେଲେ ଉଲ୍ଲୁର ପରମେଶ୍ୱର ଆୟାର । ଉଲ୍ଲୁର କାବ୍ୟ କବିତା ଅପେକ୍ଷା ଗଦ୍ୟ, ସମାଲୋଚନା, ଇତିହାସ ଏବଂ ଗବେଷଣା କ୍ଷେତ୍ରରେ ଅଧିକ ପ୍ରତିଷ୍ଠା ଅର୍ଜନ କରିଅଛନ୍ତି । "ଉମାକେରଳମ୍" କବିଙ୍କର ଶ୍ରେଷ୍ଠ ମହାକାବ୍ୟ । ଏତଦ୍‌ବ୍ୟତୀତ ତାଙ୍କର ଅନେକ ଖଣ୍ଡକାବ୍ୟ ଏବଂ ଚମ୍ପୂ ରଚନା ମଧ୍ୟ ଅଛି । କବି 'ଅମ୍ବା' ଶୀର୍ଷକ ନାଟକ ରଚନା କରିଅଛନ୍ତି । ଏହାର ଗଦ୍ୟ ଶୈଳୀ ଏପରି ଚମତ୍କାର ଯେ 'ଅମ୍ବା'କୁ ଏକ ଗଦ୍ୟକାବ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏ ଯୁଗର ଅନ୍ୟତମ ପ୍ରସିଦ୍ଧ କବି ଭେଲ୍ଲୋତୋଲ ନାରାୟଣ ମେନନ କେବଳ କେରଳ ନୁହେ, ସମଗ୍ର ଭାରତରେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିଅଛନ୍ତି । ତାଙ୍କୁ ରାଷ୍ଟ୍ରକବି ଭାବରେ ସମ୍ମାନିତ କରାଯାଇଅଛି । ଭେଲ୍ଲୋତୋଲ ବାଲ୍ମୀକି ରାମାୟଣର ଅନୁବାଦ କରିଥିବା ଜଣାଯାଏ । ସେ ଏକ ମହାକାବ୍ୟ ମଧ୍ୟ ରଚନା କରିଅଛନ୍ତି । ମାତ୍ର ଜାତୀୟତାବୋଧକ ସଙ୍ଗୀତ ରଚନା ପାଇଁ ତାଙ୍କୁ କେରଳବାସୀ ସ୍ମରଣ କରୁଅଛନ୍ତି ।

ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ କେରଳର ସମାଜରେ ଏବଂ ମଳୟାଲମ ସାହିତ୍ୟରେ ନବଯୁଗର ଅଭ୍ୟୁଦୟ ହେଲା । ଫଳରେ ପ୍ରାଚୀନ କାବ୍ୟ ମହାକାବ୍ୟ ପରିବର୍ତ୍ତେ ଆଧୁନିକ ଯୁଗ-ରୁଚି ଅନୁସାରେ ନାଟକ, ଉପନ୍ୟାସ ଭ୍ରମଣ କାହାଣୀ ସମାଲୋଚନା ପ୍ରଭୃତି ରଚିତ ହେଲା । ଉକ୍ତ

ରଚନା ଏବଂ ଅନୁବାଦ ସାହିତ୍ୟ ମଧ୍ୟ ଆଧୁନିକ କେରଳ ସାହିତ୍ୟକୁ ସମୃଦ୍ଧ କରିବାର ସୁଯୋଗ ମିଳିଲା ।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ୧୮୮୭ ଖ୍ରୀଷ୍ଟାବ୍ଦରେ ମଳୟାଲମ ଭାଷାର ପ୍ରଥମ ଉପନ୍ୟାସ 'କୁନ୍ଦଲତା'' ପ୍ରକାଶିତ ହୋଇଥିଲା । ଏହି ପ୍ରାଥମିକ ଯୁଗରେ ଔପନ୍ୟାସିକ ଚନ୍ଦୁମେନନ ଏବଂ ସି. ଭି. ରମଣ ପିଲ୍ଲାଇ ଅତ୍ୟନ୍ତ ସ୍ମରଣୀୟ । ସେମାନେ ସାମାଜିକ ଏବଂ ଐତିହାସିକ ଉପନ୍ୟାସ ରଚନା କରି ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରିଥିଲେ । ଚନ୍ଦୁମେନନଙ୍କ ଉପନ୍ୟାସଗୁଡ଼ିକ ଅଧିକ ବାସ୍ତବ ଏବଂ ଜୀବନ୍ତ । ରମଣ ପିଲାଇଙ୍କ ଐତିହାସିକ ଉପନ୍ୟାସ ମଧ୍ୟରେ "ମାର୍ଥାଣ୍ଡ ବର୍ମା", ଧର୍ମରାଜ, ରାମରାଜ ବାହାଦୁର ପ୍ରଭୃତି ଅତ୍ୟନ୍ତ ଉତ୍କୃଷ୍ଟ ବିବେଚିତ ହୋଇଥାଏ । ଅତ୍ୟାଧୁନିକ ଉପନ୍ୟାସ ମଧ୍ୟରେ ନମ୍ବୁଦ୍ରୀଙ୍କ "ଅପନ୍ତେ ମାକାଲ" ବସୀରଙ୍କ "ରାଣ୍ଡୀ ଚଙ୍ଗାପୀ", ଉରବୁଙ୍କ "ଉମାଚୁ" ଉଲ୍ଲେଖଯୋଗ୍ୟ ।

କେରଳରେ ବହୁ ପୂର୍ବରୁ କଥକଳୀ ଏବଂ ତୁଲ୍ଲଲ ଜାତୀୟ ଅଭିନୟ କଳା ପ୍ରଚଳନ ଥିଲା ଏବଂ ଲେଖକମାନେ ଏଥିପାଇଁ ଗୀତିନାଟ୍ୟ ରଚନା କରୁଥିଲେ । କିନ୍ତୁ ଏ ସମସ୍ତ ରଚନାକୁ ନାଟକ କୁହାଯିବ ନାହିଁ । ଊନବିଂଶ ଶତାବ୍ଦୀରେ ପ୍ରଥମେ ନାଟକ ରଚିତ ହୋଇଥିଲା । ଶ୍ରୀ ସି. ଭି. ରମଣ ପିଲାଇଙ୍କୁ ମଳୟାଲମ ନାଟକ ସାହିତ୍ୟର ପିତା ବୋଲି ସମ୍ମାନ କରାଯାଏ । ତାଙ୍କ ରଚିତ "ଚନ୍ଦ୍ରମୁଖୀ ବିଳାସ" ମଳୟାଲମ ଭାଷାର ପ୍ରଥମ ନାଟକ ଭାବରେ ସ୍ମରଣୀୟ । କେରଳବର୍ମା ତମ୍ପୁରାନ କାଳିଦାସଙ୍କର ନାଟକଗୁଡ଼ିକ ଅନୁବାଦ କରି ପୁନର୍ବାର ମଳୟାଲମ ସାହିତ୍ୟ ସଙ୍ଗେ ସଂସ୍କୃତ ସାହିତ୍ୟର ନିବିଡ଼ ସମ୍ପର୍କ ସ୍ଥାପନ କଲେ । ତମ୍ପତିଲ କୁଞ୍ଜୁକୁଟ୍ଟି ମଧ୍ୟ ଭବଭୂତିଙ୍କର ନାଟକ "ଉତ୍ତରରାମ ଚରିତ" କେରଳୀ ଭାଷାରେ ଅନୁବାଦ କରିଥିଲେ । ଏହି ଯୁଗରେ ସଂସ୍କୃତର ପ୍ରତ୍ୟେକ ଉଲ୍ଲେଖଯୋଗ୍ୟ ନାଟକ ମଳୟାଲମ ଭାଷାରେ ଅନୂଦିତ ହୋଇଥିଲା । ପଡ଼ୋଶୀ ତାମିଲ ନାଟକର ପ୍ରଭାବରେ ପ୍ରଭାବିତ ହୋଇ ବହୁ ନାଟ୍ୟକାର ନାଟକ ପ୍ରଣୟନ କରିବା ଦେଖା ଯାଇଥିଲା । କେରଳ ନାଟ୍ୟସାହିତ୍ୟରେ ଶ୍ରୀ ରାମକୁରୁପ ମୁନ୍‌ସୀ ହାସ୍ୟରସର ସାର୍ଥକ ପରିବେଷଣ ପାଇଁ ଅତ୍ୟନ୍ତ ସୁପରିଚିତ । "ଚକ୍‌କୀ ଚକର" ପୁସ୍ତକରେ

ତାଙ୍କର ଏ ଦକ୍ଷତା ଅଧିକ ରୂପାୟିତ । ମୌଳିକ ନାଟକ ଅପେକ୍ଷା ପ୍ରଥମ କାଳରେ କେରଳର ନାଟ୍ୟକାରଗଣ ଅନୁବାଦ ରଚନାରେ ଅଧିକ ଧ୍ୟାନ ଦେଇଥିଲେ । ତେଣୁ ମଲୟାଲମ ଭାଷାରେ ସଂସ୍କୃତ ନାଟକ ଗୁଡ଼ିକର ଅନୁବାଦ ସହିତ ଇଂରେଜୀ ଏବଂ ବଙ୍ଗଳା ସାହିତ୍ୟର ବହୁ ପ୍ରସିଦ୍ଧ ନାଟକ ଅନୁବାଦ ହୋଇ କେରଳୀ ସାହିତ୍ୟସଂସାରକୁ ସମୃଦ୍ଧ କରିଥିଲା । କେରଳ ନାଟକ ସାହିତ୍ୟରେ ସର୍ଦ୍ଦାର କେ. ଏମ୍. ପାନିକରଙ୍କର କୃତିତ୍ୱ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ସେ "ଧ୍ରୁବସ୍ୱାମିନୀ" ନାଟକ ରଚନା କରି ଅମର ହୋଇଅଛନ୍ତି ।

ପ୍ରଗତିଧର୍ମୀ ଆନ୍ଦୋଳନ ପ୍ରଭାବରେ କେରଳର ଆଧୁନିକ ସାହିତ୍ୟ ବିଭିନ୍ନ ଦିଗରେ ଗତିଶୀଳ ଏବଂ ସମୃଦ୍ଧ । ନାଟକ, ଉପନ୍ୟାସ, ଗଳ୍ପ, ଭ୍ରମଣ କାହାଣୀ, ଗବେଷଣା ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ମଲୟାଲମ ସାହିତ୍ୟର ଉଲ୍ଲେଖଯୋଗ୍ୟ ପ୍ରଗତି ସାଧିତ ହୋଇଅଛି । ଭାରତର ଅନ୍ୟାନ୍ୟ ପ୍ରାନ୍ତ ଅପେକ୍ଷା କେରଳ ଭୂଖଣ୍ଡରେ ସମ୍ବାଦପତ୍ର ଓ ସାମୟିକ ପତ୍ରର ପ୍ରଚାର ଓ ପ୍ରକାଶ ସବୁଠାରୁ ଅଧିକ । ଆଧୁନିକ ସାହିତ୍ୟର ବିକାଶରେ ଏମାନଙ୍କର ଭୂମିକା ଉଲ୍ଲେଖଯୋଗ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଆଧୁନିକ କେରଳରେ ୧୯୪୫ ରେ ପ୍ରତିଷ୍ଠିତ ଲେଖକ ସହଯୋଗ ସମିତି ଯେଉଁ ସଫଳ ପଦକ୍ଷେପ ଗ୍ରହଣ କରିଅଛନ୍ତି, ଭାରତରେ ତାହାର ତୁଳନା ନାହିଁ । ସେଥିପାଇଁ ମଲୟାଲମ ସାହିତ୍ୟର ଭବିଷ୍ୟତ ଯେ ଅତ୍ୟନ୍ତ ଉଜ୍ଜ୍ୱଳ ଏଥିରେ ଆଦୌ ସନ୍ଦେହ ନାହିଁ ।

# କନ୍ନଡ ସାହିତ୍ୟ

କନ୍ନଡ଼ ଦେଶରେ 'ନାଡ୍‌ଡୁ'ର ଅର୍ଥ ହେଉଛି ଦେଶ । ପଣ୍ଡିତମାନଙ୍କ ମତରେ କର୍ଣ୍ଣାଟ ଶବ୍ଦର ବ୍ୟୁତ୍ପତ୍ତି ହେଲା, କରୁ+ନାଡ଼ୁ=କରୁନାଡ଼ୁ । ଏହି ଶବ୍ଦର ଅର୍ଥ ହେଲା କଳା ମାଟିର ଦେଶ । ପୁନଶ୍ଚ କେତେକ ପଣ୍ଡିତ କନ୍ନଡ଼ ଶବ୍ଦ ସଂସ୍କୃତ 'କର୍ଣ୍ଣାଟ' ଶବ୍ଦର ତଦ୍‌ଭବ ରୂପ ବୋଲି ମତ ପ୍ରକାଶ କରନ୍ତି । ଏହି ଶବ୍ଦର ବ୍ୟୁତ୍ପତ୍ତି ହେଲା—କମ୍ପୁ+ନାଡ଼ୁ= କନ୍ନାଡ଼ୁ । ଏହାର ଅର୍ଥ, ସୁଗନ୍ଧିତ ଦେଶ । ମହୀଶୂର ରାଜ୍ୟରେ ପ୍ରଚୁର ଚନ୍ଦନ କାଠ ମିଳୁଥିବାରୁ ଏହାକୁ ସୁଗନ୍ଧିତ ଦେଶ କୁହାଯାଇ ଥାଇପାରେ । ମୋଟ ଉପରେ କନ୍ନଡ଼ ଦେଶ ହେଉଛି ବର୍ତ୍ତମାନର ମହୀଶୂର ରାଜ୍ୟ ।

କନ୍ନଡ, କର୍ଣାଟ ଏବଂ କର୍ଣାଟକ ସମାନ ଅର୍ଥରେ ପ୍ରାଚୀନ ଗ୍ରନ୍ଥମାନଙ୍କରେ ବ୍ୟବହୃତ ହୋଇଅଛି । ସଂସ୍କୃତ ମହାଭାରତରେ କର୍ଣାଟ ଶବ୍ଦର ବାରମ୍ବାର ପ୍ରୟୋଗ ଦେଖାଯାଏ । ଦକ୍ଷିଣ ଭାରତର ଭାଷା ଗୋଷ୍ଠୀକୁ ପଞ୍ଚଦ୍ରାବିଡ ନାମରେ ଆଖ୍ୟାତ କରାଯାଏ । ଏହି ପାଞ୍ଚଟି ଭାଷା ମଧ୍ୟରୁ କନ୍ନଡ଼ ଭାଷାର ଲିପି ସହିତ ତେଲୁଗୁ ଲିପିର ବହୁ ସାମ୍ୟ ପରିଲକ୍ଷିତ ହୁଏ । ଆଲୋଚକମାନଙ୍କ ମତରେ ପ୍ରାଚୀନ ବ୍ରାହ୍ମୀ ଲିପିରୁ କନ୍ନଡ ଲିପିର ଉଦ୍ଭବ ହୋଇଥିଲା ।

ତାମିଲ ସାହିତ୍ୟକୁ ବାଦ୍ ଦେଲେ ବୋଧହୁଏ ଦ୍ରାବିଡ଼ୀୟ ସାହିତ୍ୟମାନଙ୍କ ମଧ୍ୟରେ କନ୍ନଡ଼ ସାହିତ୍ୟ ଅଧିକ ପ୍ରାଚୀନତା ଦାବୀ କରିଥାଏ । ବର୍ତ୍ତମାନ ମହୀଶୂର ରାଜ୍ୟର ପ୍ରଧାନ ଭାଷା ହେଉଛି କନ୍ନଡ଼ ।

ଐତିହାସିକଗଣ କନ୍ନଡ଼ ଭାଷାକୁ ଦୁଇ ହଜାର ବର୍ଷର ପ୍ରାଚୀନ ଭାଷା ବୋଲି ଦାବୀ କରନ୍ତି ଏବଂ ସେମାନଙ୍କ ମତରେ ପ୍ରାୟ ଦେଢ଼ ହଜାର ବର୍ଷ ପର୍ଯ୍ୟନ୍ତ କନ୍ନଡ଼ ଭାଷାର ପ୍ରାଚୀନତାର ପ୍ରମାଣ ମିଳୁଅଛି ।

ମହୀଶୂର ରାଜ୍ୟର ହାଲମିଦ ଗ୍ରାମରୁ ମିଳିଥିବା ଶିଳାଲେଖରେ ପ୍ରାଚୀନତମ କନ୍ନଡ଼ ଭାଷାର ପରିଚୟ ମିଳିଥାଏ । ଏହି ଶିଳାଲେଖର ରଚନା ମଧ୍ୟରେ କୌଣସି କାଳର ସଙ୍କେତ ନ ଥିଲେହେଁ ଐତିହାସିକଗଣ ୪୫୦ ଖ୍ରୀଷ୍ଟାବ୍ଦରେ ଏହି ଲିପି ଖୋଦିତ ହୋଇଥିଲା ବୋଲି ଅନୁମାନ କରନ୍ତି । ଏହାଛଡ଼ା ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଥିବା କନ୍ନଡ଼ ଭାଷାର ପ୍ରାଚୀନତମ ସାହିତ୍ୟ ମଧ୍ୟରେ 'କବିରାଜମାର୍ଗ' ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ନବମ ଶତାବ୍ଦୀରେ ରାଷ୍ଟ୍ରକୂଟ ନରପତିଗଣ କନ୍ନଡ଼ ରାଜ୍ୟରେ ରାଜତ୍ୱ କରିଥିଲେ ଏବଂ ଏହି ରାଜବଂଶର ନୃପତୁଙ୍ଗ ନରପତିଙ୍କ ରାଜସଭାର କୌଣସି ପଣ୍ଡିତ ବୋଧହୁଏ ଏହି ଗ୍ରନ୍ଥ ପ୍ରଣୟନ କରିଥିଲେ । 'କବିରାଜମାର୍ଗ' ଏକ ଅଳଙ୍କାର ଗ୍ରନ୍ଥ ହୋଇଥିବାରୁ ଏ ଗ୍ରନ୍ଥ ରଚନା ପୂର୍ବରୁ ସାହିତ୍ୟ ନିଶ୍ଚୟ ସମୃଦ୍ଧ ଏବଂ ସୃଷ୍ଟିଶୀଳ ହୋଇ ସାରିଥିଲା । ଏହି ଗ୍ରନ୍ଥର ରଚନା କାଳ ସାଧାରଣତଃ ୮୧୫-୮୭୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ଗ୍ରହଣ କରାଯାଇଥାଏ । ଏହି ପ୍ରାଚୀନ ଗ୍ରନ୍ଥରେ ଶ୍ରୀ ବିଜୟ, କବୀଶ୍ୱର, ଲୋକପାଳ, ବିମଳ, ଉଦୟ, ନାଗାର୍ଜ୍ଜୁନ, ଜୟବନ୍ଧୁ ପ୍ରଭୃତି କବିମାନଙ୍କର ନାମୋଲ୍ଲେଖ ରହିଛି । ମ ନ ଦୁଃଖର କଥା ଯେ ଏହି କବିମାନଙ୍କ ରଚିତ କୌଣସି ପୁସ୍ତକର ଆବିଷ୍କାର ଏ ପର୍ଯ୍ୟନ୍ତ ହୋଇନାହିଁ ।

ଏହି ସାହିତ୍ୟର ଆଦିମ ଯୁଗରେ 'ବଡ୍ଡାରାଧନେ' ନାମକ ଅନ୍ୟ ଏକ ଗ୍ରନ୍ଥର ପରିଚୟ ମିଳୁଅଛି । ଏହି ଗ୍ରନ୍ଥରେ ୨୧ ଜଣ ଜୈନ ମହାପୁରୁଷଙ୍କର ଜୀବନଚରିତ ଗଦ୍ୟରେ ଲିଖିତ ହୋଇଅଛି । ଶିବକୋଟ୍ୟାଚାର୍ଯ୍ୟ ନାମରେ ଜଣେ ଜୈନକବି ଏହି ଗ୍ରନ୍ଥ ରଚନା କରିଥିଲେ ଏବଂ ଏ ଗ୍ରନ୍ଥର ରଚନାକାଳ ଖ୍ରୀଷ୍ଟାବ୍ଦ ୧୦୦୦-୧୦୭୦ ମଧ୍ୟରେ ବୋଲି ଅନୁମାନ କରାଯାଏ । ପ୍ରାକୃତ ସାହିତ୍ୟର 'ଭଗବତୀ-ଆରାଧନା' ଗ୍ରନ୍ଥର ଅବଲମ୍ବନରେ ଏ ଗ୍ରନ୍ଥ ରଚିତ ହୋଇଥିଲେ ହେଁ ପ୍ରାଚୀନତମ କନ୍ନଡ଼ ଗଦ୍ୟର ଆଭାସ ଏଥିରୁ ମିଳୁଥିବାରୁ ଏ ପୁସ୍ତକର ଐତିହାସିକ ମୂଲ୍ୟ ଅତ୍ୟନ୍ତ ସ୍ୱୀକୃତ ।

କନ୍ନଡ଼ ସାହିତ୍ୟର ପ୍ରାଥମିକ ଯୁଗରେ ଶହ ଶହ ବର୍ଷକାଳ ଘନ ଅନ୍ଧକାର ରାଜତ୍ୱ କରିଛି । ଅସଂଖ୍ୟ ସୃଷ୍ଟି ସମ୍ପଦର ସଙ୍କେତ ମିଳୁଥିଲେ ହେଁ କାଳବକ୍ଷରେ ସେ ସବୁର ସତ୍ତା ବିଲୁପ୍ତ ହୋଇଅଛି । କନ୍ନଡ଼

ସାହିତ୍ୟର ମହାନ୍ କବି ପମ୍ପାଙ୍କର ଆବିର୍ଭାବ ପୂର୍ବରୁ କେବଳ ଅତୀତର ବିଶାଳ ଗହ୍ୱର ମଧ୍ୟରୁ ନୃପତୁଙ୍ଗ କମ୍ଭ ଗୁଣବର୍ମାଙ୍କ ଭଳି କବିପୁରୁଷଙ୍କୁ ସ୍ମରଣ କରାଯାଇଥାଏ । ପରବର୍ତ୍ତୀ କାଳର ସାହିତ୍ୟରେ ସାହିତ୍ୟସାଧକମାନଙ୍କୁ ଚାରିଭାଗରେ ବିଭକ୍ତ କରାଯାଇଛି । ତାହା ହେଲା (୧) କବି (୨) ଗାମକ (୩) ବଦି (୪) ବାଗ୍ମି । ଏମାନଙ୍କର ଯଥାକ୍ରମେ ଅର୍ଥ ହେଲା ଯେ ରଚନା କରନ୍ତି, ଯେଉଁ ବ୍ୟକ୍ତି ଗାନ କରନ୍ତି, ଯେଉଁ ବ୍ୟକ୍ତି ଯୁକ୍ତି କରନ୍ତି ଏବଂ ପରିଶେଷରେ ଯେ ବ୍ୟାଖ୍ୟାନ ପ୍ରଦାନ କରନ୍ତି । ଏହି ଶବ୍ଦଗୁଡ଼ିକରୁ ପ୍ରମାଣିତ ହେଉଛି ଯେ କନ୍ନଡ଼ ଦେଶରେ ବହୁକାଳ ପୂର୍ବରୁ ସାହିତ୍ୟିକ ସାଧନା ଏବଂ ସାଂସ୍କୃତିକ ଅଭ୍ୟୁଦୟ ହୋଇ ଆସିଛି ।

ସାଧାରଣତଃ କନ୍ନଡ଼ ସାହିତ୍ୟର ଇତିହାସକୁ ନିମ୍ନ କେତେଗୋଟି ବିଭାଗରେ ବିଭକ୍ତ କରାଯାଇଥାଏ । (୧) ଜୈନ କାଳ (୨) ବୀର ଶୈବକାଳ (୩) ବ୍ରାହ୍ମଣ କାଳ (୪) ଆଧୁନିକ କାଳ ।

ପ୍ରାଚୀନ ସମାଜ ଧର୍ମପ୍ରଧାନ ଥିଲା । ତେଣୁ ପ୍ରାଚୀନ ଯୁଗର କବିମାନଙ୍କର ଧର୍ମମତ ଓ ବିଶ୍ୱାସ ଅନୁସାରେ ସାହିତ୍ୟର କାଳ ନିର୍ଣ୍ଣୟ କରାଯାଇଛି ।

ଆଲୋଚକଗଣ 'ପମ୍ପା'ଙ୍କୁ ପ୍ରାଚୀନ କନ୍ନଡ଼ ସାହିତ୍ୟର ସର୍ବଶ୍ରେଷ୍ଠ କବି ଭାବରେ ସମ୍ମାନ କରିଥାଆନ୍ତି । କନ୍ନଡ଼ ସାହିତ୍ୟରେ ପମ୍ପାଙ୍କ ଯୁଗକୁ ସୁବର୍ଣ୍ଣଯୁଗ ଭାବରେ ନାମିତ କରା ଯାଇଥାଏ । ଏ ଯୁଗକୁ ଜୈନଯୁଗ ଭାବରେ ମଧ୍ୟ ଚିହ୍ନିତ କରାଯାଏ । କାରଣ କନ୍ନଡ଼ ରାଜ୍ୟରେ ତତ୍କାଳୀନ ସମାଜ ଜୈନ ଧର୍ମକୁ ରାଷ୍ଟ୍ରଧର୍ମ ଭାବରେ ଗ୍ରହଣ କରିଥିଲା । ଏ ଯୁଗରେ ଯେଉଁ କବିଗଣ କନ୍ନଡ଼ ସାହିତ୍ୟର ଶ୍ରୀବୃଦ୍ଧି ସାଧନ କରିଥିଲେ, ସେମାନେ ପ୍ରାୟ ସମସ୍ତେ ଜୈନଧର୍ମାବଲମ୍ବୀ ଥିଲେ ଏବଂ ସେମାନଙ୍କ ରଚିତ ସାହିତ୍ୟରେ ଜୈନଧର୍ମର ସାରବତ୍ତା କୀର୍ତ୍ତିତ ହୋଇଥିଲା ।

ଏହି ଜୈନ କବିଗଣ ଦୁଇଶ୍ରେଣୀର କାବ୍ୟ ରଚନା କରି ଯାଇଛନ୍ତି । ସେଗୁଡିକ ହେଲା (୧) ଜୈନ ଧର୍ମ ସମ୍ବନ୍ଧୀୟ ଆଧ୍ୟାତ୍ମିକ କାବ୍ୟ (୨) ଲୌକିକ କାବ୍ୟ । ପ୍ରଥମ ଶ୍ରେଣୀର କାବ୍ୟରେ ଜୈନ

କବିଗଣ ଜୈନ ଧର୍ମର ସିଦ୍ଧ ପୁରୁଷମାନଙ୍କ ଜୀବନଚରିତ ସମ୍ପର୍କରେ ଲେଖିଥାଆନ୍ତି ଏବଂ ଦ୍ୱିତୀୟ ଶ୍ରେଣୀର କାବ୍ୟ ମଧ୍ୟରେ ସଂସ୍କୃତ ସାହିତ୍ୟର କାବ୍ୟ ପୁରାଣ ପ୍ରଭୃତିର ବିଷୟାବଲମ୍ବନ ରହିଥାଏ । ଏହା ଫଳରେ ସଂସ୍କୃତ ସାହିତ୍ୟ ଏବଂ କନ୍ନଡ଼ ସାହିତ୍ୟ ମଧ୍ୟରେ ନିବିଡ଼ ଆଦାନ ପ୍ରଦାନ ସମ୍ଭବ ହେବା ସଙ୍ଗେ ସଙ୍ଗେ ସଂସ୍କୃତ ସାହିତ୍ୟର ସମୃଦ୍ଧ ଶବ୍ଦ ସମ୍ଭାର ଦ୍ୱାରା କନ୍ନଡ଼ ସାହିତ୍ୟ ବିଶେଷ ଋଦ୍ଧିମନ୍ତ ହୋଇଥିଲା ।

ଏହି ଯୁଗରେ ତିନିଜଣ ବିଶିଷ୍ଟ କବିଙ୍କୁ କନ୍ନଡ଼ ସାହିତ୍ୟ ଚିରକାଳ ସ୍ମରଣ କରି ଆସିଛି । ସେହି କବି ତିନିଜଣ ହେଉଛନ୍ତି ପମ୍ପା, ପୋନ୍ନ ଏବଂ ରନ୍ନ । ମହାକବି ପମ୍ପା 'ଆଦି ପୁରାଣ' ଏବଂ 'ବିକ୍ରମାର୍ଜ୍ଜୁନ ବିଜୟ' ନାମକ ଦୁଇଟି ପ୍ରସିଦ୍ଧ ଗ୍ରନ୍ଥ ପ୍ରଣୟନ କରିଥିଲେ । ଆଦିପୁରାଣରେ ଆଦି ତୀର୍ଥଙ୍କର ବୃଷଭନାଥଙ୍କ ଜୀବନଚରିତ ବର୍ଣ୍ଣନା କରାଯାଇଥିଲା । ଦ୍ୱିତୀୟ ପୁସ୍ତକ 'ବିକ୍ରମାର୍ଜ୍ଜୁନ ବିଜୟ'କୁ 'ମହାଭାରତ' ମଧ୍ୟ କୁହାଯାଏ । ବ୍ୟାସଙ୍କ ରଚିତ ସଂସ୍କୃତ ମହାଭାରତର ଅବଲମ୍ବନରେ ଏହି ଗ୍ରନ୍ଥ ରଚିତ ହୋଇଅଛି । ଅତ୍ୟନ୍ତ ସଂକ୍ଷିପ୍ତ ଅଥଚ ସାର୍ଥକ ଭାବରେ ପମ୍ପା ଏ ଗ୍ରନ୍ଥ ମୂଳ ସଂସ୍କୃତ ମହାକାବ୍ୟର ଅନୁସରଣ କରି ପ୍ରଣୟନ କରିଅଛନ୍ତି । ମୂଳ ଗ୍ରନ୍ଥର ଚରିତ୍ର ବର୍ଣ୍ଣନା ଏବଂ ବିଷୟ ବର୍ଣ୍ଣନର ସୌନ୍ଦର୍ଯ୍ୟ ଏ ଗ୍ରନ୍ଥରେ ଅକ୍ଷୁଣ୍ଣ ରହିଅଛି ।

ପମ୍ପା, ପୋନ୍ନ ଏବଂ ରନ୍ନ ସମକାଳୀନ ବିଭିନ୍ନ ରାଜବଂଶର ପୃଷ୍ଠପୋଷକତା ଲଭି କରିଥିଲେ । ପମ୍ପାଙ୍କ ପରି ପୋନ୍ନ ପୁରାଣ ରଚନା କରିଥିଲେ ହେଁ କାଳବଶରେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ପମ୍ପାଙ୍କ ତିନିଶହ ବର୍ଷ ପରେ କେଶୀରାଜ ନାମରେ ଜଣେ କବି ପୋନ୍ନଙ୍କ ରଚନାବଳୀର ବହୁ ଅଂଶ ଉଦ୍ଧାର କରି ନିଜ ଗ୍ରନ୍ଥରେ ଲେଖି ଦେଇଅଛନ୍ତି । ତେଣୁ କେଶୀରାଜଙ୍କୁ ପାଠ କରି ଜନସାଧାରଣ ପୋନ୍ନଙ୍କ ସାଧନାର ପରିଚୟ ଲଭି କରିଥାଆନ୍ତି । କିନ୍ତୁ ଏହି ସ୍ୱର୍ଣ୍ଣଯୁଗର ତୃତୀୟ ପ୍ରସିଦ୍ଧ କବି ରନ୍ନ ପମ୍ପାଙ୍କ ପରି ମହାଭାରତ ଅବଲମ୍ବନରେ ଏକ ରସାଳ ପୁରାଣ ଗ୍ରନ୍ଥ ରଚନା କରିଥିଲେ । କନ୍ନଡ଼ଭାଷୀ ଅଞ୍ଚଳରେ ରନ୍ନଙ୍କର ଲୋକପ୍ରିୟତାର ତୁଳନା ନାହିଁ ।

ପମ୍ପା ଯୁଗର କବିତ୍ରୟଙ୍କୁ ବାଦ୍ ଦେଲେ ବହୁ ଶକ୍ତିଶାଳୀ ଲେଖକ ଅବତୀର୍ଣ୍ଣ ହୋଇଥିବା ଜଣାଯାଏ । ସେମାନଙ୍କ ମଧ୍ୟରେ ଚୂଡାମଣିରାୟ, ନାଗବର୍ମା (୧ମ), ଚନ୍ଦ୍ରରାଜ, ନାଗବର୍ମା (୨ୟ), ନାଗଚନ୍ଦ୍ର ଇତ୍ୟାଦି ଉଲ୍ଲେଖଯୋଗ୍ୟ । ଚୂଡାମଣିରାୟଙ୍କ ରଚିତ ଚୂଡାମଣିରାୟ ପୁରାଣରେ ଅତି ପ୍ରାଚୀନତମ କନ୍ନଡ ରାଜ୍ୟର ପରିଚୟ ମିଳେ । ନାଗବର୍ମା ୧ମ) ସଂସ୍କୃତ ସାହିତ୍ୟର ବାଣଭଟ୍ଟଙ୍କର କାଦମ୍ବରୀ କାବ୍ୟ ଅନୁବାଦ କରିଥିଲେ । ଏହାଛଡ଼ା 'ଛନ୍ଦୋବୁଧି' ନାମରେ ଏକ ଅଳଙ୍କାର ଗ୍ରନ୍ଥ ମଧ୍ୟ ସେ ପ୍ରଣୟନ କରିଅଛନ୍ତି । କନ୍ନଡ ସାହିତ୍ୟ ସଂସାରରେ ନାଗବର୍ମାଙ୍କ ଅନୁବାଦର ସଫଳତା ଅତୁଳନୀୟ । ଏ ଯୁଗର ଅନ୍ୟ ଏକ କବି ଚନ୍ଦ୍ରରାଜ କାମଶାସ୍ତ୍ରର ଆଧାର ଉପରେ 'ମଦନ ତିଳକ' ଗ୍ରନ୍ଥ ରଚନା କରିଥିଲେ ଏବଂ ଶ୍ରୀଧରାଚାର୍ଯ୍ୟ 'ଜାତକତିଳକ' ଶୀର୍ଷକ ଏକ ଜ୍ୟୋତିଷ ଗ୍ରନ୍ଥ ପ୍ରଣୟନ କରିଥିଲେ । ଦୁର୍ଗାସିଂହ ନାମକ ଜଣେ ସମକାଳୀନ ଲେଖକ ସଂସ୍କୃତ 'ପଞ୍ଚତନ୍ତ୍ର'ର ଅନୁବାଦ କରିଥିଲେ ।

ଦ୍ୱାଦଶ ଶତାବ୍ଦୀର ନାଗଚନ୍ଦ୍ର ନାମରେ ଜଣେ ପ୍ରସିଦ୍ଧ କବି ଅବତୀର୍ଣ୍ଣ ହୋଇଥିଲେ । ପମ୍ପାଙ୍କ ଭାରତ ଗ୍ରନ୍ଥ ଭଳି ସେ କନ୍ନଡ ଭାଷାରେ ସଂସ୍କୃତ ରାମାୟଣର ଆଧାର ଉପରେ ଏକ ରାମାୟଣ ଗ୍ରନ୍ଥ ରଚନା କରିଥିଲେ । ସେ ଏତେ ଲୋକପ୍ରିୟ ହୋଇଥିଲେ ଯେ ଜନସାଧାରଣ ତାଙ୍କୁ 'ଅଭିନବ ପମ୍ପା' ଭାବରେ ସମ୍ମାନିତ କଲେ ଏବଂ ତାଙ୍କ ରଚିତ 'ରାମଚନ୍ଦ୍ର-ଚରିତ ପୁରାଣ'କୁ ପମ୍ପା ରାମାୟଣ ନାମରେ ଆଖ୍ୟାତ କଲେ । ଏହି ଦ୍ୱିତୀୟ ପମ୍ପା 'ମଲ୍ଲିନାଥ ପୁରାଣ' ନାମରେ ଅନ୍ୟ ଏକ ଜୈନ ପୁରାଣ ମଧ୍ୟ ରଚନା କରିଥିଲେ ।

ଦ୍ୱାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପମ୍ପା ଯୁଗର ଅବସାନ ହେଲା । ପମ୍ପା ଯୁଗରେ ପ୍ରାୟ ଏକ ହଜାର ବର୍ଷ କାଳ ସଂସ୍କୃତ ସାହିତ୍ୟର ପ୍ରବଳ ଆଧିପତ୍ୟ ଥିଲା । ସଂସ୍କୃତ ଶବ୍ଦ ସମ୍ଭାର ଏବଂ ସଂସ୍କୃତ ରଚନା ଶୈଳୀଦ୍ୱାରା କନ୍ନଡ଼ ସାହିତ୍ୟ ସର୍ବତୋଭାବେ ପ୍ରଭାବିତ ହୋଇଥିଲା । ସଂସ୍କୃତ ପୁରାଣ ସାହିତ୍ୟର ଅବଲମ୍ବନରେ ଅସଂଖ୍ୟ ପୁରାଣ ଏବଂ ଆଖ୍ୟାୟିକା ଗ୍ରନ୍ଥ ରଚିତ ହୋଇ କନ୍ନଡ ସମାଜକୁ ବହୁ ପରିମାଣରେ ଉଦ୍‌ବୁଦ୍ଧ କରୁଥିଲା । ଅବଶ୍ୟ ଏ ଯୁଗର ପ୍ରଧାନ ଆଧ୍ୟାତ୍ମିକ ଚେତନା ଥିଲା

ଜୈନ ଧର୍ମର ପ୍ରଚାରରେ । ତେଣୁ ପ୍ରତ୍ୟେକ କବି ଜୈନଧର୍ମ ସମ୍ପର୍କୀୟ ପୁରାଣ ଅଥବା ଜୀବନ କଥା ଲେଖି ଯାଇଅଛନ୍ତି । ମାତ୍ର ଦ୍ୱାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ କନ୍ନଡ଼ ସାହିତ୍ୟରେ ଏକ କ୍ରାନ୍ତିକାରୀ ଯୁଗ ଆସି ଉପସ୍ଥିତ ହେଲା । ପ୍ରାୟ ପଞ୍ଚଦଶ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏ କ୍ରାନ୍ତିକାରୀ ଅଭ୍ୟୁଦୟ ଯୁଗର ପ୍ରତିଷ୍ଠା ରହିଥିବା ଜଣାଯାଏ । ଏ ଯୁଗରେ ଏକ ନିର୍ଦ୍ଦିଷ୍ଟ ଧର୍ମ ସମାଜକୁ ନିୟନ୍ତ୍ରିତ ନ କରି ନାନା ଧର୍ମ ଆନ୍ଦୋଳନର ପ୍ରଭାବରେ କନ୍ନଡ ସମାଜ ଅନୁପ୍ରାଣିତ ହୋଇଥିଲା । ଏ ଯୁଗର ପ୍ରଥମ ପ୍ରସିଦ୍ଧ କବି ହେଉଛନ୍ତି ବସବ । ତାଙ୍କୁ କେହି କେହି ବସବଣ୍ଣ ଅଥବା ବସବେଶ୍ୱର ବୋଲି କହିଥାନ୍ତି । ତେଣୁ ତାଙ୍କର ନାମାନୁସାରେ ଏ ଯୁଗକୁ ବସବ ଯୁଗ ବୋଲି ମଧ୍ୟ କୁହାଯାଇଥାଏ । ପମ୍ପାଙ୍କ ଯୁଗରେ ଜୈନ ଧର୍ମର ମହତ୍ତ୍ୱ ପ୍ରତିପାଦନ ପାଇଁ ପୁରାଣ ଗୁଡ଼ିକର ବ୍ୟାଖ୍ୟା କରାଯାଉଥିଲା ମାତ୍ର ଏ କ୍ରାନ୍ତିଯୁଗରେ ଜୈନଧର୍ମ ରାଜପୃଷ୍ଠପୋଷକତା ହରାଇ ବସିଲା । ତାର ବଦଳରେ ଶୈବଧର୍ମ ଏବଂ ବୈଷ୍ଣବଧର୍ମର ପ୍ରବଳ ପ୍ରଚାର କନ୍ନଡ ସମାଜରେ ଏକ ଅଭାବନୀୟ ପରିବର୍ତ୍ତନ ଆନୟନ କଲା । ଭକ୍ତି ଭାବନାର ପ୍ରାବଲ୍ୟ କନ୍ନଡ ଲେଖକମାନଙ୍କୁ ସାହିତ୍ୟ ସାଧନାରେ ପ୍ରେରଣାଦେବା ସ୍ୱାଭାବିକ ହୋଇ ପଡ଼ିଲା । ଏହି ଯୁଗର ପ୍ରଥମ କାଳରେ ଶୈବ ଧର୍ମର ପ୍ରଭାବ ଲକ୍ଷ୍ୟ କରାଯାଇଥାଏ । ସଂସ୍କୃତ ରୀତି ପରିହାର କରି ଲେଖକଗଣ ସଂପୂର୍ଣ୍ଣ ଭାବରେ କନ୍ନଡ ଭାଷା ଏବଂ ଶୈଳୀକୁ ଅନୁସରଣ କଲେ । ବସବ ଏ ଯୁଗର ସର୍ବଶ୍ରେଷ୍ଠ କବି କହିଲେ ଅତ୍ୟୁକ୍ତି ହେବ ନାହିଁ । ସମାଜର ସଂସ୍କାର ଉଦ୍ଦେଶ୍ୟରେ ବସବ ତାଙ୍କର ଭକ୍ତି ଭାବନାର ପରିବେଷଣ କରିଥିଲେ । ସେ ଜାତିହୀନ, ବର୍ଣ୍ଣହୀନ ଏକ ଉଚ୍ଚ କୋଟୀର ସମାଜଧର୍ମ ସମ୍ପର୍କରେ ପ୍ରଚାର କରିଥିଲେ । ହିନ୍ଦୁଧର୍ମର କର୍ମକାଣ୍ଡ ଏବଂ ଯାବତୀୟ କୁସଂସ୍କାର ପ୍ରତି ତାଙ୍କ ରଚନାରେ ଦାରୁଣ କଟାକ୍ଷ ରହିଥିଲା । ଏ ଯୁଗରେ ଶୈବ ଧର୍ମର ପ୍ରାଧାନ୍ୟ ସ୍ୱୀକୃତ ହେଲେହେଁ ବହୁ ଜୈନ ଏବଂ ବ୍ରାହ୍ମଣ୍ୟ-ଧର୍ମ ମତାବଲମ୍ବୀ କବି ଲେଖନୀ ଚାଳନା କରିଥିବା ଜଣାଯାଏ । ଧର୍ମ ଧାରଣାରେ ସଂପୂର୍ଣ୍ଣ ସହନଶୀଳତା ଉଦାର ଭାବନା ରାଜପଣ କରୁଥିବାର ଏହା ଏକ ପ୍ରକୃଷ୍ଟ ପ୍ରମାଣ । ଏ ଯୁଗରେ ଅଙ୍କ ଶାସ୍ତ୍ର, ଦର୍ଶନ, ଅଳଙ୍କାର ଗ୍ରନ୍ଥ, କୋଷ ଗ୍ରନ୍ଥ ପ୍ରଭୃତି ରଚିତ ହୋଇଥିବାର ଜଣାଯାଏ । ମାତ୍ର ସେ ଗୁଡ଼ିକ ଗଦ୍ୟ ପରିବର୍ତ୍ତେ ପଦ୍ୟ ମାଧ୍ୟମରେ ପ୍ରଚାରିତ ହୋଇଥିଲା ।

ତେବେ ଏହି 'ବସବ ଯୁଗ'ରେ କ୍ରମଶଃ କନ୍ନଡ଼ ସାହିତ୍ୟିକଗଣ ଗଦ୍ୟ ରଚନା ପ୍ରତି ଅଧିକ ଧ୍ୟାନ ଦେଉଥିଲେ ।

ପଞ୍ଚଦଶ ଶତାବ୍ଦୀରେ ବିଜୟନଗର ଏବଂ ମହୀଶୂରର ରାଜ ପରିବାର କନଡ଼ ସାହିତ୍ୟର ଯଥେଷ୍ଟ ପୃଷ୍ଠପୋଷକତା କରିଥିଲେ । ଏମାନେ ବୈଷ୍ଣବ ଧର୍ମମତର ପୃଷ୍ଠପୋଷକ ଥିବାରୁ କନ୍ନଡ଼ ସାହିତ୍ୟରେ ବୈଷ୍ଣବ ଭକ୍ତି ଭାବନାର ପ୍ରାବଲ୍ୟ ଦୃଷ୍ଟିଗୋଚର ହୁଏ । ଏ ଯୁଗର ସର୍ବଶ୍ରେଷ୍ଠ କବି ହେଉଛନ୍ତି କୁମାର ବ୍ୟାସ । ସେଥିପାଇଁ ତାଙ୍କର ନାମାନୁସାରେ ଏ ଯୁଗକୁ କୁମାରବ୍ୟାସ ଯୁଗ କୁହାଯାଏ । କୁମାରବ୍ୟାସ 'କନ୍ନଡ଼ ଭାରତ' ଅଥବା 'ଗଦୁଗିନ ଭାରତ' ରଚନା କରିଥିଲେ । ସେ ପୁନଶ୍ଚ 'ଏରାବତ' ନାମକ ଏକ କାବ୍ୟ ମଧ୍ୟ ପ୍ରଣୟନ କରିଥିଲେ । 'କନ୍ନଡ଼ ଭାରତ'ରେ ବ୍ୟାସଙ୍କ ମହାଭାରତର ପ୍ରଥମ ଦଶଟି ପର୍ବକୁ ଅନୁସରଣ କରି ପୁରାଣ ରଚନା କରାଯାଇଛି । ବହୁ ଶହ ବର୍ଷ ପୂର୍ବେ ପମ୍ପା କନ୍ନଡ଼ ଭାଷାରେ ସଂସ୍କୃତ ମହାଭାରତର ଏକ ସଂକ୍ଷିପ୍ତ ସଂସ୍କରଣ ପ୍ରକାଶ କରିଥିଲେ ସତ, ମାତ୍ର ତାହା ଅତ୍ୟନ୍ତ ପାଣ୍ଡିତ୍ୟପୂର୍ଣ୍ଣ ହୋଇଥିବାରୁ ଜନସମାଜରେ ଲୋକପ୍ରିୟ ହୋଇ ପାରି ନ ଥିଲା । ମାତ୍ର କୁମାରବ୍ୟାସଙ୍କ ରଚିତ ମହାଭାରତ ଅତ୍ୟନ୍ତ ଲୋକପ୍ରିୟ ହୋଇ ପଡ଼ିଲା । କୁମାରବ୍ୟାସଙ୍କ ନାମ ଥିଲା ନାରଣପ୍ପ । ମାତ୍ର ମହାଭାରତ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବାରୁ ଇତିହାସରେ ସେ କୁମାରବ୍ୟାସ ନାମରେ ଆଖ୍ୟାତ ହୋଇ ପଡ଼ିଲେ । ସେହିପରି ତାଙ୍କର ସମକାଳୀନ କବି ନରହରି ବାଲ୍ମୀକି ରାମାୟଣ ଅବଲମ୍ବନରେ 'ତୋରବେରା' ରାମାୟଣ ପ୍ରଣୟନ କରିଥିଲେ । ନରହରିଙ୍କୁ କୁମାର ବାଲ୍ମୀକି ନାମରେ ସେଥିପାଇଁ ସମ୍ମାନ କରାଯାଏ । ଏ ଯୁଗର କବି ତିମ୍ମଣ, ଚାଟୁ ବିଠ୍‌ଠଲନାଥ ଲକ୍ଷ୍ମୀଶ ନାଗରସ ପ୍ରଭୃତି କୁମାରବ୍ୟାସଙ୍କ ପ୍ରେରଣାରେ ଲେଖନୀ ଚାଳନା କରିଥିଲେ । ତିମ୍ମଣ କବି ମହାଭାରତର ଶେଷ ଆଠ ପର୍ବ ଅବଲମ୍ବନ କରି କୃଷ୍ଣରାଜ-ଭାରତ' କାବ୍ୟ ପ୍ରଣୟନ କଲେ । ଚାଟୁ ବିଠ୍‌ଠଲନାଥ କନ୍ନଡ଼ ସାହିତ୍ୟର ଭାଗବତକାର କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ତାଙ୍କ ପୂର୍ବରୁ କୌଣସି କବି ଭାଗବତର ସମ୍ପୂର୍ଣ୍ଣ ଅନୁବାଦ ପ୍ରକାଶ କରି ନ ଥିଲେ । ଏ ଯୁଗର ଅନ୍ୟତମ ପ୍ରସିଦ୍ଧ କବି ଲକ୍ଷ୍ମୀଶ ସଂସ୍କୃତର ଜୈମିନୀ-ଭାରତ ଅବଲମ୍ବନରେ

ଏକ କାବ୍ୟ ପ୍ରଣୟନ କଲେ । ଏ କାବ୍ୟର ଲୋକପ୍ରିୟତାର ପଟାନ୍ତର ନାହିଁ । ସମଗ୍ର କନ୍ନଡ଼ ସାହିତ୍ୟରେ କୁମାର ବ୍ୟାସଙ୍କ ମହାଭାରତକୁ ବାଦ ଦେଲେ ଜୈମିନୀ ଭାରତ ଭଳି ଲୋକପ୍ରିୟ ଗ୍ରନ୍ଥ ଆଉ ଦୃଷ୍ଟିଗୋଚର ହୁଏ ନାହିଁ ।

କନ୍ନଡ଼ ସାହିତ୍ୟରେ ଭକ୍ତିକାଳ ଅତ୍ୟନ୍ତ ସମୃଦ୍ଧ । କୁମାରବ୍ୟାସ, କୁମାର ବାଲ୍ମୀକି ଏବଂ ଲକ୍ଷ୍ମୀଶ ପ୍ରଭୃତି କବିଗଣ ଭାରତ, ରାମାୟଣ ଏବଂ ଭାଗବତ ପ୍ରଭୃତି ଗ୍ରନ୍ଥର ଅବଲମ୍ବନରେ ଯେପରି ଭକ୍ତିଭାବପୂର୍ଣ୍ଣ କାବ୍ୟ ପ୍ରଣୟନ କରିଥିଲେ, ସେହିପରି ଭକ୍ତିଧର୍ମକୁ ଉପଲକ୍ଷ୍ୟ କରି ଅସଂଖ୍ୟ ଗୀତ ଭଜନ କୀର୍ତ୍ତନ ପ୍ରଭୃତି ରଚନା କରା ଯାଇଥିଲା । ଜନସାଧାରଣ ଭକ୍ତିଧର୍ମ ପ୍ରତି ଆକୃଷ୍ଟ ହୋଇଥିବାରୁ ଏହି କାଳର ସାହିତ୍ୟ କନ୍ନଡ଼ର ଘରେ ଘରେ ପ୍ରଚରିତ ହେବାର ସୁଯୋଗ ଲାଭ କରିଥିଲା । ଏ ଯୁଗର ଭକ୍ତ ସଂପ୍ରଦାୟ ସାଧାରଣତଃ ଦୁଇ ଦଳରେ ପରିଚିତ ଥିଲେ । ସେମାନେ ହେଲେ (୧) ବ୍ୟାସକୂଟ (୨) ଦାସକୂଟ । ବ୍ୟାସକୂଟ ଦଳରେ ସାଧାରଣତଃ ବ୍ରାହ୍ମଣମାନେ ରହୁଥିଲେ । ସେମାନେ ନିଜର ଭକ୍ତିଭାବନାକୁ ସଂସ୍କୃତ ମାଧ୍ୟମରେ ପ୍ରକାଶ କରିବାକୁ ସୁଖ ପାଉଥିଲେ । ଅଥଚ ଦାସକୂଟ ଦଳ ସମାନ ମତାବଲମ୍ବୀ ହେଲେ ହେଁ ଠିକ୍ ଏହାର ବିପରୀତ ଥିଲେ । ଏହି ଦଳରେ କୌଣସି ଜାତିଭେଦ ନ ଥିଲା ଏବଂ ଏମାନେ କନ୍ନଡ଼ ଭାଷା ମାଧ୍ୟମରେ ଭଜନ, କୀର୍ତ୍ତନ ରଚନା କରିଥିବାର ଜଣାଯାଏ । ଏମାନଙ୍କ ଦ୍ୱାରା କନ୍ନଡ଼ ସାହିତ୍ୟ ବହୁ ପରିମାଣରେ ସମୃଦ୍ଧ ହୋଇଅଛି ।

ସପ୍ତଦଶ ଶତାବ୍ଦୀରେ ମୈଶୂରର ରାଜା ଚିକ୍‌ମଦେବ ରାୟ ବୈଷ୍ଣବ ଧର୍ମୀ ଥିଲେ । ତେଣୁ ତାଙ୍କର ପୃଷ୍ଠପୋଷକତାରେ ଚିକୁପାଧ୍ୟାୟ ସିଂଗରାୟ ହେନ୍ନମ୍ମା, ହେଳବନ କଟେଗିରିୟମ୍ମା ପ୍ରଭୃତି କବିଗଣ ଅନେକ ପ୍ରସିଦ୍ଧ କାବ୍ୟ ରଚନା କଲେ । ଏହି କବିଗଣ ବୈଷ୍ଣବଦର୍ଶନକୁ ପ୍ରାଞ୍ଜଳ ଭାଷାରେ କବିତା ମାଧ୍ୟମରେ ବ୍ୟାଖ୍ୟା କରିଥିଲେ । ଏହି ଯୁଗରେ ବୀର ଶୈବ ମତାବଲମ୍ବୀ କବି ଗୃମରସ, ବିରୂପାକ୍ଷ ପଣ୍ଡିତ, ଷଡକ୍ଷରଦେବ ପ୍ରଭୃତି ଚରିତ କାବ୍ୟ ରଚନା କରି ପ୍ରସିଦ୍ଧି ଲାଭ କରିଥିଲେ । ଗୃମରସଙ୍କ ଦ୍ୱାରା ଲିଖିତ 'ପ୍ରଭୁଲିଙ୍ଗଲୀଲେ' ଏକ ଶ୍ରେଷ୍ଠ ଚରିତ କାବ୍ୟ ଭାବରେ ଅଗ୍ରଗଣ୍ୟ ।

ଏତଦ୍‌ବ୍ୟତୀତ ଏ ଯୁଗରେ ଚମ୍ପୂ କାବ୍ୟର ମଧ୍ୟ କମ୍ ପ୍ରଚୁର ହୋଇ ନ ଥିଲା । ଅବଶ୍ୟ ପମ୍ପାଯୁଗ ପରେ ପରେ ବହୁକାଳ ପର୍ଯ୍ୟନ୍ତ ଚମ୍ପୂ କାବ୍ୟର ବିଶେଷ ପ୍ରସାର ହୋଇ ନ ଥିଲା । ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧରେ ବୀରଶୈବ କବି ଷଡ଼କ୍ଷର ଦେବ ଚମ୍ପୂ ଶୈଳୀରେ ତିନିଗୋଟି ପ୍ରସିଦ୍ଧ କାବ୍ୟ ପ୍ରଣୟନ କରିଥିଲେ । ସେଗୁଡ଼ିକ ହେଲା—(୧) ରାଜଶେଖର ବିଳାସ (୨) ଶବର ଶଙ୍କର ବିଳାସ (୩) ବୃଷଭେନ୍ଦ୍ର ବିଜୟ । ଶେଷୋକ୍ତ କାବ୍ୟଟି ବସବଙ୍କ ଜୀବନବୃତ୍ତାନ୍ତ ଅବଲମ୍ବନରେ ଲିଖିତ ହୋଇଥିଲା । ଏ ଯୁଗରେ ପ୍ରସିଦ୍ଧ ବୀରଶୈବ କବି 'ସର୍ବଜ୍ଞ' ତ୍ରିପଦୀ ଛନ୍ଦରେ ବହୁ ଲୋକପ୍ରିୟ କବିତା ରଚନା କରି ଯାଇଅଛନ୍ତି । ଅଷ୍ଟାଦଶ ଶତାବ୍ଦୀରେ ପୁନଶ୍ଚ କେତେକ ଜୈନମତାବଲମ୍ବୀ କବି କନ୍ନଡ଼ ସାହିତ୍ୟର ବିକାଶ ଦିଗରେ ଉଦ୍ୟମ କରିଥିବା ଜଣାଯାଏ । ମାତ୍ର ଊନବିଂଶ ଶତାବ୍ଦୀର ଶେଷଭାଗରେ 'ମୁଦ୍ଦଣ' ନାମକ ଏକ କବି ତିନି ଗୋଟି ପ୍ରସିଦ୍ଧ କାବ୍ୟ ରଚନା କରିଯାଇଛନ୍ତି । ସେ ଗୁଡ଼ିକ ହେଲା—(୧) ଅଦ୍ଭୁତ ରାମାୟଣ (୨) ରାମପଟ୍ଟାଭିଷେକ (୩) ରାମାଶ୍ୱମେଧ । ମୁଦ୍ଦଣଙ୍କ ରଚିତ ଅଦ୍ଭୁତ ରାମାୟଣ ଓ ରାମାଶ୍ୱମେଧ ଗ୍ରନ୍ଥଦ୍ୱୟ ଗଦ୍ୟ ଶୈଳୀରେ ଲେଖା । ଏଥିରେ ଗଦ୍ୟ ରଚନାର ଶୈଳୀ ନୂତନ ଯୁଗର ସଂକେତ ଦେଇଥାଏ ।

ଊନବିଂଶ ଶତାବ୍ଦୀର ଶେଷଭାଗରେ କନ୍ନଡ଼ ସାହିତ୍ୟରେ ଆଧୁନିକ ଯୁଗର ଅଭ୍ୟୁଦୟ ହେଲା । ଭାରତର ଅନ୍ୟ ପ୍ରାନ୍ତ ଭଳି କନ୍ନଡ଼ ଭାଷୀ ଅଞ୍ଚଳରେ ପାଶ୍ଚାତ୍ୟ ଶିକ୍ଷା ଏବଂ ମିସନାରୀମାନଙ୍କ ଉଦ୍ୟମହିଁ ସାହିତ୍ୟରେ ଆଧୁନିକତାର ସଞ୍ଚାର କରିଥିଲା । ପ୍ରାଚୀନ ସାହିତ୍ୟ ନାନା ଧର୍ମମତକୁ କେନ୍ଦ୍ର କରି ଗଢ଼ି ଉଠିଥିଲା । ମାତ୍ର ଆଧୁନିକ ସାହିତ୍ୟ ସମ୍ପୂର୍ଣ୍ଣ ଭାବରେ ହେଲା ବାସ୍ତବ ଅଭିମୁଖୀ । ଏଥିରେ ମାନବ ଜୀବନର ଦୈନନ୍ଦିନ ସୁଖ ଦୁଃଖ, ଅଭାବ ଅନୁଭୂତି, ରୂପାୟିତ ହେଲା । ଆଧୁନିକ ସମସ୍ୟା ସଚେତନ ମାନବର ବିଭିନ୍ନ ପ୍ରତିକ୍ରିୟା ସାଂପ୍ରତିକ ସାହିତ୍ୟର ପ୍ରଧାନ ଉପଜୀବ୍ୟ ହୋଇ ପଡ଼ିଲା । ଏହି ପରିପ୍ରେକ୍ଷୀରେ ଆଧୁନିକ କନ୍ନଡ଼ ସାହିତ୍ୟର ଜନ୍ମ କହିଲେ ଚଳେ । ଆଧୁନିକ କନ୍ନଡ଼ ଲେଖକଗଣ ଇଂରାଜୀ ସାହିତ୍ୟ ଦ୍ୱାରା ପ୍ରଭାବିତ ହେଲେ । ବି. ଭେଙ୍କଟାଚାର୍ଯ୍ୟ ପ୍ରଥମେ ବଙ୍ଗଳା ସାହିତ୍ୟର ପ୍ରସିଦ୍ଧ ଔପନ୍ୟାସିକ ବଙ୍କିମଚନ୍ଦ୍ରଙ୍କ ଉପନ୍ୟାସର କନ୍ନଡ଼ ଅନୁବାଦ କରିବା ଫଳରେ କନ୍ନଡ଼ ଭାଷାରେ ଏକ ଗୁଞ୍ଜନ ସୃଷ୍ଟି

ହୋଇଗଲା । ପ୍ରଥମ କାଳରେ ବିଭିନ୍ନ ପ୍ରାନ୍ତର କେତେକ ପ୍ରସିଦ୍ଧ ଉପନ୍ୟାସ ଅନୁବାଦ ହୋଇଥିଲେ ହେଁ ପରେ ପରେ ବହୁ ମୌଳିକ ଉପନ୍ୟାସ ରଚିତ ହେଲା । ଏ ଯୁଗର ଗାଳ୍ପିକ ଏବଂ ଉପନ୍ୟାସକାର ଭାବରେ ଏମ୍. ଭେଙ୍କଟେଶ ଆୟ୍ୟାଙ୍ଗାର, କେ. ଗୋପାଳକୃଷ୍ଣ ରାଓ, ଏମ. ଭି. ସୀତାରାମେୟା, କେ. ଏସ୍. କର୍ଣ୍ଣାଥ୍, ଏନ୍. ଏନ୍. କୃଷ୍ଣରାଓ, ଭି. ଏନ୍. ଇନାମଜାର ପ୍ରଭୃତିଙ୍କ ନାମ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ।

ନାଟକ କ୍ଷେତ୍ରରେ ମଧ୍ୟ ଆଧୁନିକ କନ୍ନଡ଼ ସାହିତ୍ୟର ଅଗ୍ରଗତି ଅତ୍ୟନ୍ତ ସନ୍ତୋଷଜନକ । ପ୍ରଥମ କାଳରେ ସଂସ୍କୃତ ଓ ଇଂରାଜୀ ନାଟକରୁ ବହୁ ଅନୁବାଦ ପ୍ରକାଶିତ ହୋଇଥିଲେହେଁ ଟି. ପି. କୈଳାଶମ୍ କନ୍ନଡ ନାଟ୍ୟ ସାହିତ୍ୟରେ ନୂତନ ଯୁଗର ପ୍ରବର୍ତ୍ତନ କରିଥିଲେ । ସେ ଏକାଧାରରେ ଜଣେ ଅଭିନେତା ଏବଂ ନାଟକଲେଖକ ଥିଲେ । ସେ ପ୍ରମାଣ କରିଦେଲେ ଯେ ନାଟକ ଏକ ଦୃଶ୍ୟକାବ୍ୟ । ତାଙ୍କର ରଚିତ ପୌରାଣିକ ନାଟକଗୁଡ଼ିକରେ ବାସ୍ତବତାର ଅଭିମୁଖ୍ୟ ଅଧିକ ପ୍ରକଟିତ ହେଲା । ଏ ଯୁଗର ନାଟ୍ୟକାରଗଣ ସମାଜର ନାନା ଦୋଷ ଦୁର୍ବଳତା ଉପରେ ଆଘାତ କରି ଲେଖମା ରଚନା କରିଥିଲେ । ପ୍ରଥମେ ମୌଳିକ ନାଟକ ରଚନା କରି କନ୍ନଡ ସାହିତ୍ୟରେ ଯେଉଁ କେତେଜଣ ଅତ୍ୟନ୍ତ ସ୍ମରଣୀୟ ସେମାନଙ୍କ ମଧ୍ୟରେ ଟି. ପି. କୈଳାଶମ୍, ମାସ୍ତି ଭେଙ୍କଟେଶ ଏଂଗାର, ଡ଼. ଵ. ଗୁଡ଼ପ୍ପା, ଏ. ଆର. ଶ୍ରୀନିବାସମୂର୍ତ୍ତି ପ୍ରଭୃତି ପ୍ରଧାନ । କନ୍ନଡ଼ ସାହିତ୍ୟର ଉପନ୍ୟାସ ସମ୍ରାଟ୍ ଶ୍ରୀଶିବରାମକାରନ୍ତ ମଧ୍ୟ ଅନେକ ନାଟକ ରଚନା କରିଛନ୍ତି । ଅତ୍ୟାଧୁନିକ ନାଟକରେ ନାନା ଟେକନିକ୍ ଏବଂ ବିଚିତ୍ରଧାରାର ପ୍ରୟୋଗ ଚାଲିଅଛି । ପ୍ରଗତିବାଦୀ ଭାବଧାରା ଆଧୁନିକ କନ୍ନଡ଼ ନାଟକକୁ ମଧ୍ୟ ପ୍ରଭାବିତ କରୁଅଛି । ଉପନ୍ୟାସ ଓ ନାଟକ ପରି ସାହିତ୍ୟର ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ କନ୍ନଡ ସାହିତ୍ୟ ଆଧୁନିକତାର ବାର୍ତ୍ତା ବହନ କରି ପ୍ରଗତିଶୀଳ । ଦ୍ୱିତୀୟ ମହାଯୁଦ୍ଧ, ସ୍ୱାଧୀନତା ଏବଂ ସର୍ବୋପରି ଆଧୁନିକ ବୈଜ୍ଞାନିକ ଯୁଗର ପଦଧ୍ୱନି ଅତ୍ୟାଧୁନିକ କନ୍ନଡ଼ ସାହିତ୍ୟକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଅଛି । ସେଥିପାଇଁ କନ୍ନଡ ସାହିତ୍ୟରେ ଏକ ଉଜ୍ଜ୍ୱଳ ସମ୍ଭାବନା ଲକ୍ଷ୍ୟ କରାଯାଇପାରେ ।

# ପ୍ରାକୃତ ସାହିତ୍ୟ

ପ୍ରାକୃତ ଭାଷା ଅତି ପ୍ରାଚୀନ । ବୈଦିକ ଯୁଗରେ ସାହିତ୍ୟର ଭାଷା ବୈଦିକ ସଂସ୍କୃତ ଥିଲେ ହେଁ ଜନସାଧାରଣଙ୍କର କଥିତ ଭାଷା ଥିଲା । ଆର୍ଯ୍ୟ ଅପଭ୍ରଂଶ ବା ଆର୍ଯ୍ୟ ପ୍ରାକୃତ । ଏହି ଆର୍ଯ୍ୟ ପ୍ରାକୃତ ବା କଥିତ ଭାଷା କାଳକ୍ରମେ ସାହିତ୍ୟିକ ଭାଷାରେ ପରିଣତ ହୋଇ 'ପ୍ରାକୃତ' ଭାବରେ ପରିଚିତ ହୋଇଥିଲା । ସାଧାରଣ ଲୋକଙ୍କର କଥିତ ଭାଷାକୁ ପ୍ରାକୃତ ଭାଷା କୁହାଯାଉଥିଲା । 'ପ୍ରାକୃତ ଜନାନାଂ ଭାଷା ପ୍ରାକୃତମ୍ ।'

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ କବି ବାକ୍‌ପତି ତାଙ୍କର 'ଗୌଡ଼ବଧ' ନାମକ ମହାକାବ୍ୟରେ ପ୍ରାକୃତ ଭାଷା ସମ୍ବନ୍ଧରେ ନିମ୍ନଲିଖିତ ପଦ୍ୟଟି ଲେଖିଥିଲେ । ତାହା ହେଲା—

"ସଯ୍ଲାଓ ଇମଂ ବାୟା ବିସନ୍ତି
ଏତୋୟ ଣେନ୍ତି ବାୟା ଓ
ଏନ୍ତି ସମୁଦଂଚିୟ ଣେନ୍ତି
ସାୟରାଓଚିୟ ଜଲ ଇଂ ।"

ଏହାର ଅର୍ଥ ହେଲା—ପ୍ରାକୃତଭାଷାରେ ସକଳ ଭାଷା ନିବିଷ୍ଟ ହୋଇଅଛି ଏବଂ ପ୍ରାକୃତ ଭାଷାରୁ ସକଳ ଭାଷା ନିର୍ଗତ ହୋଇଅଛି; ଯେପରି ଜଳ ସମୁଦ୍ରରେ ପ୍ରବେଶ କରେ ଏବଂ ତହିଁରୁ ବାଷ୍ପରୂପେ ପୁନଶ୍ଚ ନିର୍ଗତ ହୁଏ ।

ଏହି ଶ୍ଳୋକର ବ୍ୟାଖ୍ୟା କରିବାକୁ ଯାଇ କୁହାଯାଇଛି ଯେ, ପ୍ରାକୃତ ଭାଷା ଅନ୍ୟ କୌଣସି ଭାଷାରୁ ଉତ୍ପନ୍ନ ହୋଇ ନାହିଁ ।

ଭାଷା ସର୍ବଦା ଗତିଶୀଳ । ଯୁଗ ଭେଦରେ ତା'ର ରୀତି ଓ ଧର୍ମ ବଦଳିବା ସ୍ୱାଭାବିକ । ଭାଷାର ରୀତି ଓ ପ୍ରୟୋଗକୁ ଲକ୍ଷ୍ୟ କରି ବ୍ୟାକରଣ

ରଚିତ ହୁଏ । ଏଥିପାଇଁ ବ୍ୟାକରଣ ସାହିତ୍ୟକୁ ଅନୁସରଣ କରିଥାଏ; ମାତ୍ର ସଂସ୍କୃତ ସାହିତ୍ୟର ବିଖ୍ୟାତ ବୈୟାକରଣ ପାଣିନୀ ତାଙ୍କର ବ୍ୟାକରଣ ଗ୍ରନ୍ଥ ପ୍ରଣୟନ କରିସାରିଲା ପରେ ସଂସ୍କୃତ ସାହିତ୍ୟ ସୀମାବଦ୍ଧ ହୋଇଗଲା ଏବଂ ଏକ ରକ୍ଷଣଶୀଳ ପରିବେଶ ମଧ୍ୟରେ ବିକାଶପ୍ରାପ୍ତ ହେବାକୁ ଲାଗିଲା । ସେହି କାରଣରୁ ସଂସ୍କୃତ ସାହିତ୍ୟର ସମୃଦ୍ଧି ହୋଇଥିଲେ ହେଁ ସଂସ୍କୃତ ଭାଷାର ଆଉ ନୈସର୍ଗିକ ବିକାଶ ସମ୍ଭବ ହେଲାନାହିଁ । ସଂସ୍କୃତ କେବଳ ଉଚ୍ଚ ଶ୍ରେଣୀର ବ୍ୟବହାରରେ ଆବଦ୍ଧ ହୋଇଗଲା । ତେଣୁ ପ୍ରାକୃତ ଭାଷାର ସମଧିକ ପ୍ରଚଳନ ପାଇଁ ଅଧିକ ସୁଯୋଗ ଉପସ୍ଥିତ ହେଲା । ପ୍ରାକୃତ ଭାଷା କ୍ରମେ କ୍ରମେ ପରବର୍ତ୍ତୀକାଳର ସଂସ୍କୃତ ନାଟକର ସଂଳାପଗୁଡ଼ିକରେ ସ୍ଥାନଲାଭ କଲା ।

ପ୍ରାକୃତ ଭାଷା ଅତ୍ୟନ୍ତ ସରଳ ଏବଂ ତୁଳନାତ୍ମକ ବିଚାରରେ ସଂସ୍କୃତ ଅପେକ୍ଷା ଅଧିକ ମଧୁର ଏବଂ ସହଜରେ ଉଚ୍ଚାରିତ । ସ୍ୱରବହୁଳ ପ୍ରାକୃତ ଭାଷା ବ୍ୟଞ୍ଜନବହୁଳ ସଂସ୍କୃତ ଭାଷା ଅପେକ୍ଷା ସାଧାରଣ ଜନସମାଜରେ ଅଧିକ ସମାଦୃତ ।

ପ୍ରାକୃତ ଶବ୍ଦ ପ୍ରକୃତି ଶବ୍ଦରୁ ନିଷ୍ପନ୍ନ ହୋଇଅଛି । ପ୍ରକୃତିର ଅର୍ଥ ହେଲା, କୌଣସି ପଦାର୍ଥର ପ୍ରାରମ୍ଭିକ ରୂପ । ପ୍ରାକୃତ ଭାଷା ବିଷୟରେ ବୈୟାକରଣିକ ବରରୁଚି କହିଥିଲେ—

'ପ୍ରକୃତିଃ ମୂଳଂ ସଂସ୍କୃତମ୍ ତତଃ ଆଗତମ୍ ଉଦ୍ଭୂତଂ ବା ପ୍ରାକୃତଂ'; ମାତ୍ର ଏ କଥାଟି ଆଦୌ ଇତିହାସସମର୍ଥିତ ଅବା ବିଜ୍ଞାନସମ୍ମତ ନୁହେଁ । ମାତ୍ର ପ୍ରାକୃତ ବୈୟାକରଣିକଗଣ ଏହି କଥାରେ ବିଶ୍ୱାସ କରି ପ୍ରାକୃତ ଶବ୍ଦର ବ୍ୟୁତ୍ପତ୍ତି ସଂସ୍କୃତ ଶବ୍ଦରୁ ବାହାର କରିଥାଆନ୍ତି । ପାଣିନୀ ଏବଂ ପାତଞ୍ଜଳୀଙ୍କ ମାର୍ଜିତ ଭାଷାହିଁ ସଂସ୍କୃତ ଭାଷା । ଏହାର ବହୁ ପୂର୍ବରୁ ପ୍ରାକୃତ ଭାଷା ପ୍ରଚଳିତ ଥିଲା । ତେଣୁ ପ୍ରାକୃତ ଭାଷା ଏବଂ ବୈଦିକ ଭାଷାର ସମନ୍ୱୟରେ ଯେଉଁ ଭାଷା ସୃଷ୍ଟି ହୋଇଥିଲା, ତାହା ମାର୍ଜିତ ହୋଇ ସଂସ୍କୃତ ଭାଷା ଭାବରେ ଖ୍ୟାତି ଅର୍ଜନ କରିଥିଲା । ସେହି କାରଣରୁ ପ୍ରାକୃତ ଭାଷା ସଂସ୍କୃତର ଜନନୀ ସ୍ଥାନୀୟା ହୋଇପାରେ ।

ପ୍ରାକୃତ ଭାଷାର ବ୍ୟାକରଣ ନିୟମ ସଂସ୍କୃତ ବ୍ୟାକରଣ ଅପେକ୍ଷା ବହୁ ପରିମାଣରେ ସରଳ । କାରକବୋଧକ ପ୍ରତ୍ୟୟ ଏବଂ କ୍ରିୟା ସଂଖ୍ୟା ପ୍ରାକୃତରେ ବହୁତ କମ୍ ଦେଖାଯାଏ । ପ୍ରାକୃତ ଭାଷାରେ ସମ୍ପ୍ରଦାନ କାରକର ପ୍ରଚଳନ ନାହିଁ । କର୍ତ୍ତା ଓ କର୍ମ କାରକରେ ବହୁବଚନର ରୂପ ପ୍ରାୟ ଏହି ଭାଷାରେ ସମାନ କହିଲେ ଚଳେ । ପ୍ରାକୃତରେ ଦ୍ୱିବଚନର ଆବଶ୍ୟକତା ନାହିଁ ଏବଂ ସଂଯୁକ୍ତ ବ୍ୟଞ୍ଜନବର୍ଣ୍ଣ ପରିବର୍ତ୍ତେ ଦ୍ୱିବଚନ ବର୍ଣ୍ଣର ପ୍ରଚୁର ପ୍ରୟୋଗ ଦେଖାଯାଏ ।

ପ୍ରାକୃତ ଭାଷା ସହିତ ବୈଦିକ ଭାଷାର ଅନେକ ସାମ୍ୟ ଲକ୍ଷିତ ହୁଏ । ତେଣୁ ପ୍ରାକୃତ ସାହିତ୍ୟକୁ ଅନେକାଂଶରେ ସଂସ୍କୃତ ସାହିତ୍ୟ ଅପେକ୍ଷା ପ୍ରାଚୀନତର ବୋଲି ପ୍ରମାଣ କରାଯାଇ ପାରିବ ।

ପ୍ରାକୃତରେ ବ୍ୟଞ୍ଜନାନ୍ତ ଶବ୍ଦର ପ୍ରୟୋଗ ଆଦୌ ହୁଏ ନାହିଁ । ସଂସ୍କୃତ ବ୍ୟଞ୍ଜନାନ୍ତ ଶବ୍ଦ ପ୍ରୟୋଗ କରିବାକୁ ହେଲେ ପ୍ରାକୃତରେ ଏହି ଶେଷ ବ୍ୟଞ୍ଜନଟି ଲୁପ୍ତ ହୋଇଯାଏ । ବୈଦିକ ଭାଷାରେ ବ୍ୟଞ୍ଜନାନ୍ତ ଶବ୍ଦର ଶେଷ ବ୍ୟଞ୍ଜନ କେତେବେଳେ ଲୁପ୍ତ ହୋଇଯାଏ ଏବଂ କେତେକ ସମୟରେ ରହେ ମଧ୍ୟ । ପ୍ରାକୃତରେ ପଦର ପ୍ରଥମ ବର୍ଣ୍ଣଗତ 'ର' ଫଳା ଓ ଯ'ଫଳା ପ୍ରାୟ ଲୋପ ହୋଇଯାଏ । ବୈଦିକ ସାହିତ୍ୟରେ ମଧ୍ୟ ଏପରି ପ୍ରୟୋଗ ଦେଖିବାକୁ ମିଳେ । ପ୍ରାକୃତରେ ବହୁ ସ୍ଥଳରେ 'ର୍' କାର ସ୍ଥାନରେ 'ଳ୍' କାର ହୋଇଥାଏ । ବୈଦିକ ସାହିତ୍ୟରେ ମଧ୍ୟ ସେହି ନୀତି ଅନୁସୃତ ହୁଏ । ବୈଦିକ ସାହିତ୍ୟ ପରି ପ୍ରାକୃତରେ ମଧ୍ୟ 'ଅବ' ସ୍ଥାନରେ 'ଓ' ଏବଂ 'ଅୟ' ସ୍ଥାନରେ 'ଏ' ହୋଇଥାଏ ।

ପ୍ରାକୃତ ବ୍ୟାକରଣ ସମ୍ପର୍କରେ ଛଅଗୋଟି ପ୍ରଧାନ ଗ୍ରନ୍ଥ ଦେଖିବାକୁ ମିଳେ । ସେମାନଙ୍କ ମଧ୍ୟରେ ପ୍ରାଚୀନତମ ରଚନା ହେଉଛି—ବରରୁଚିଙ୍କର 'ପ୍ରାକୃତ-ପ୍ରକାଶ' । ତାଙ୍କ ପରେ ବିଖ୍ୟାତ ଜୈନ-ଦାର୍ଶନିକ ହେମଚନ୍ଦ୍ର 'ହୈମ-ବ୍ୟାକରଣ' ପ୍ରଣୟନ କରିଥିଲେ । ସେ ଦ୍ୱାଦଶ ଖ୍ରୀଷ୍ଟାବ୍ଦରେ ଗୁଜୁରାଟ ଅଞ୍ଚଳରେ ଆବିର୍ଭୂତ ହୋଇଥିଲେ । ବରରୁଚିଙ୍କ ଅପେକ୍ଷା ହେମଚନ୍ଦ୍ର ଜୈନସାହିତ୍ୟର ଅଧିକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଯାଇଅଛନ୍ତି ।

ବରରୁଚି ପ୍ରାକୃତ ପ୍ରକାଶ ଗ୍ରନ୍ଥରେ ଚାରିଗୋଟି ପ୍ରାକୃତ ଭାଷାର ନାମୋଲ୍ଲେଖ କରିଯାଇଅଛନ୍ତି । ସେଗୁଡ଼ିକ ହେଲା—ମହାରାଷ୍ଟ୍ରୀ ସୌରସେନୀ, ମାଗଧୀ ଏବଂ ପୈଶାଚୀ । ପ୍ରଥମ ତିନିଗୋଟି ପ୍ରାକୃତର ନାମକରଣରୁ ସେମାନେ ସେହି ନାମାଙ୍କିତ ଅଞ୍ଚଳ ଅଥବା ପ୍ରଦେଶରେ କଥିତ ହେଉଥିଲେ ବୋଲି ଅନୁମାନ କରିଯାଇ ପାରେ; ମାତ୍ର ପୈଶାଚୀ ପ୍ରାକୃତ ସମ୍ପର୍କରେ ପଣ୍ଡିତମାନେ ସନ୍ଦେହ ପ୍ରକାଶ କରିଥାଆନ୍ତି । ପୈଶାଚୀ ଭାଷା କେଉଁ ଅଞ୍ଚଳରେ ପ୍ରଚଳିତ ଥିଲା, ତାହା ଅନୁମାନ କରିବା ମଧ୍ୟ କଷ୍ଟକର ହେଉଅଛି । ତେବେ ଏହି ଭାଷାରେ ଜଗତପ୍ରସିଦ୍ଧ ଗୁଣାଢ୍ୟଙ୍କର 'ବୃହତ୍ କଥା' ଲିଖିତ ହୋଇଥିଲା । ଏହି ବୃହତ୍ କଥା ପୈଶାଚୀ ଭାଷାରେ 'ବଡ୍‌ଡକହା' ନାମରେ ବିଦିତ; ମାତ୍ର ପୈଶାଚୀ ଭାଷାରେ ଏହି ମୌଳିକ ଗ୍ରନ୍ଥ ଆଜି ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୋଇ ନାହିଁ । କାଶ୍ମୀରର ଦୁଇ ଜଣ ବିଖ୍ୟାତ ପଣ୍ଡିତ କ୍ଷେମେନ୍ଦ୍ର ଓ ସୋମଦେବ ଏହି ବୃହତ୍ କଥା ଅବଲମ୍ବନରେ ସଂସ୍କୃତରେ "ବୃହତ୍ କଥାସରିତ ସାଗର" ପ୍ରଣୟନ କରିଥିଲେ ।

ବରରୁଚି ପ୍ରାକୃତ ଭାଷାର ଯେଉଁ ଚାରିଗୋଟି ବିଭାଗ କରିଛନ୍ତି, ସେମାନଙ୍କ ମଧ୍ୟରେ ମହାରାଷ୍ଟ୍ରୀ ପ୍ରାକୃତ ଶ୍ରେଷ୍ଠ ବୋଲି ବିବେଚିତ ହୋଇଛି । ଆଚାର୍ଯ୍ୟ ଦଣ୍ଡୀ ତାଙ୍କ 'କାବ୍ୟାଦର୍ଶ' ପୁସ୍ତକରେ ଲେଖିଅଛନ୍ତି—

"ମହାରାଷ୍ଟ୍ରାଶ୍ରୟାଂ ଭାଷାଂ ପ୍ରକୃଷ୍ଟଂ ପ୍ରାକୃତଂ ବିଦୁଃ
ସାଗରଃ ସୂକ୍ତିରତ୍ନାନାଂ ସେତୁବନ୍ଧାଦିଯନ୍ମୟମ୍ ।"

ଅର୍ଥାତ୍ ମହାରାଷ୍ଟ୍ର ଅଞ୍ଚଳରେ ପ୍ରଚଳିତ ପ୍ରାକୃତ ଭାଷା ସର୍ବଶ୍ରେଷ୍ଠ ଅଟେ । ପ୍ରାକୃତ ଭାଷାସାହିତ୍ୟରେ ଏହା ରତ୍ନଗର୍ଭ ପରି ମନେହୁଏ । 'ସେତୁବନ୍ଧ' ଏହି ପ୍ରାକୃତ ସାହିତ୍ୟର ଅନ୍ୟତମ ବିଶିଷ୍ଟ ଗ୍ରନ୍ଥ ।

'ସେତୁବନ୍ଧ' ଗ୍ରନ୍ଥଟି ମହାକବି କାଳିଦାସ ଲେଖିଛନ୍ତି ବୋଲି କେତେକ ସ୍ତରରେ ପ୍ରଗୃହୀତ ହୋଇଥିଲେ ହେଁ ପ୍ରକୃତରେ 'ପ୍ରବର ସେନ' ନାମରେ ଜଣେ ଲେଖକ ଏହି ଗ୍ରନ୍ଥର ରଚୟିତା । ମହାକବି ବାଣ ତାଙ୍କର "ହର୍ଷଚରିତ"ରେ ଏହି ଲେଖକଙ୍କ ବିଷୟରେ ମତ ଦେଇ କହିଅଛନ୍ତି ଯେ, ପ୍ରବରସେନଙ୍କର ଖ୍ୟାତି 'ସେତୁବନ୍ଧ' ରଚନା ପାଇଁ

ମହାସମୁଦ୍ର ଅପର ପାର୍ଶ୍ୱକୁ ମଧ୍ୟ ବ୍ୟାପ୍ତ ହୋଇଥିଲା । ସେ ଯାହାହେଉ, ମହାରାଷ୍ଟ୍ରୀ ପ୍ରାକୃତ ଅତ୍ୟନ୍ତ ସାହିତ୍ୟ ଉପଯୋଗୀ ଭାଷା ଥିଲା । ସାଂପ୍ରତିକ ଯୁଗର ମହାରାଷ୍ଟ୍ରୀଭାଷା ସହିତ ଏହି ପ୍ରାକୃତର କୌଣସି ସାଦୃଶ୍ୟ ଦେଖିବାକୁ ନ ପାଇ କେତେକ ପଣ୍ଡିତ ଏହା ମହାରାଷ୍ଟ୍ରରେ ପ୍ରଚଳିତ ଥିବା ସମ୍ପର୍କରେ ସନ୍ଦେହ ପ୍ରକାଶ କରିଛନ୍ତି ।

ବରଂ ସେମାନଙ୍କ ମଧ୍ୟରେ ଏହି ପ୍ରାକୃତ ସାରା ଉତ୍ତର-ଭାରତର ଶିଷ୍ଟ ସମାଜର ପ୍ରଚଳିତ ଭାଷା ଥିଲା । 'ସେତୁବନ୍ଧ' ବ୍ୟତୀତ 'ଗୌଡ଼ବନ୍ଧ' 'କୁମାରପାଳ ଚରିତ' ପ୍ରଭୃତି ମହାକାବ୍ୟଗୁଡ଼ିକ ଏହି ଭାଷାରେ ରଚିତ ହୋଇଥିଲା ।

ସୌରସେନୀ ପ୍ରାକୃତ ସୂରସେନ ଅର୍ଥାତ୍ ମଥୁରା ଅଞ୍ଚଳରେ ପ୍ରଚଳିତ ଥିଲା । 'ମନୁସଂହିତା'ରୁ ସୁରସେନ ଶବ୍ଦର ଅର୍ଥ 'ମଥୁରା' ବୋଲି ଜଣାଯାଇଛି । ପଣ୍ଡିତମାନଙ୍କ ମତରେ ସୌରସେନୀ ସାଧାରଣ କଥୋପକଥନର ଭାଷା ରୂପେ ବ୍ୟବହୃତ ହେଉଥିଲା । ନାଟକରେ ଭଦ୍ର ଏବଂ ଅଭିଜାତସମ୍ପନ୍ନ ଲୋକେ ସଂସ୍କୃତ ଭାଷାରେ କଥୋପକଥନ କରୁଥିଲେ । ଉଚ୍ଚବଂଶଜା ରମଣୀଗଣ ଗଦ୍ୟରେ କଥାବାର୍ତ୍ତା କଲାବେଳେ, ସୌରସେନୀ ପ୍ରାକୃତ ଏବଂ ସଙ୍ଗୀତ ଗାନ କଲାବେଳେ, ମହାରାଷ୍ଟ୍ରୀ ପ୍ରାକୃତର ଆଶ୍ରୟ ଗ୍ରହଣ କରୁଥିଲେ । ମାଗଧୀ ଏବଂ ପୈଶାଚୀ ପ୍ରାକୃତଭାଷାକୁ ଅତି ନିମ୍ନଶ୍ରେଣୀର ଚରିତ୍ରମାନଙ୍କର ସଂଳାପ ରୂପେ ଦିଆଯାଉଥିଲା ।

ବିଖ୍ୟାତ 'କର୍ପୂର ମଞ୍ଜରୀ' ନାଟକ ସୌରସେନୀ ଭାଷାରେ ଲିଖିତ ହୋଇଥିଲା । 'ମାଗଧୀ' ପ୍ରାକୃତ ମଗଧ ଅର୍ଥାତ ଆଧୁନିକ ବିହାର ଅଞ୍ଚଳର ଭାଷା ରୂପେ ପ୍ରଚଳିତ ଥିଲା ।

ବହୁକାଳ ପର୍ଯ୍ୟନ୍ତ ସଂସ୍କୃତ ନାଟକର ସଂଳାପଗୁଡ଼ିକରେ ବିଭିନ୍ନ ପ୍ରାକୃତ ଭାଷା ବ୍ୟବହୃତ ହେଉଥିଲା । ସୁଦ୍ରକ ତାଙ୍କର 'ମୃଚ୍ଛକଟିକ' ନାଟକରେ ପ୍ରାକୃତ ସଂଳାପ ବ୍ୟବହାର କରିଅଛନ୍ତି । କାଳିଦାସ ତାଙ୍କର 'ବିକ୍ରମୋର୍ବଶୀ' ନାଟକରେ ଅପଭ୍ରଂଶ ଭାଷାରେ ସଙ୍ଗୀତ ଯୋଜନା

କରିଅଛନ୍ତି; ମାତ୍ର ଦ୍ୱାଦଶ ଖ୍ରୀଷ୍ଟାବ୍ଦ ପରେ ନାଟକରେ ପ୍ରାକୃତ ଭାଷାର ଅବତାରଣା ଆଉ ବିଶେଷ ଲୋକପ୍ରିୟ ହୋଇ ନ ଥିଲା । ତେଣୁ ଏହି ସମୟରେ 'ହନୁମାନ' ନାଟକର ଲେଖକ ପ୍ରାକୃତ ଭାଷାର ନିନ୍ଦାବାଦ କରିଅଛନ୍ତି । ତେବେ ଶୂଦ୍ରକ, କାଳିଦାସ, ବିଶାଖାଦତ୍ତ ପ୍ରଭୃତି ସେମାନଙ୍କ ନାଟକରେ ପ୍ରାକୃତ ସଙ୍ଗୀତ ଯୋଜନା କରି ଅମର ହୋଇଅଛନ୍ତି ।

ପ୍ରାକୃତ ସାହିତ୍ୟରେ ବହୁ ଉଚ୍ଚକୋଟିର 'ସଟ୍ଟକ' ନାଟକ ରଚିତ ହୋଇଅଛି । ସଂସ୍କୃତ ସାହିତ୍ୟର ନାଟିକା ସହିତ ପ୍ରାକୃତ 'ସଟ୍ଟକ' ରଚନାକୁ ତୁଳନା କରାଯାଇପାରେ । ନବମ ଖ୍ରୀଷ୍ଟାବ୍ଦରେ ରଚିତ ରାଜଶେଖରଙ୍କ 'କର୍ପୂରମଞ୍ଜରୀ' ଏହି ଶ୍ରେଣୀର ଏକ ଉଲ୍ଲେଖଯୋଗ୍ୟ ଗ୍ରନ୍ଥ । ସପ୍ତଦଶ ଖ୍ରୀଷ୍ଟାବ୍ଦରେ ରୁଦ୍ରଦାସ 'ଚନ୍ଦ୍ରଲେଖା' ସଟ୍ଟକ ରଚନା କରିଥିଲେ । କାଳିକଟର ଶାସକ ଏହି ଲେଖକଙ୍କର ପ୍ରଧାନ ପୃଷ୍ଠପୋଷକ ଥିଲେ । ଅଷ୍ଟାଦଶ ଶତାବ୍ଦୀର ଘନଶ୍ୟାମ 'ଆନନ୍ଦସୁନ୍ଦରୀ' ସଟ୍ଟକ ପ୍ରଣୟନ କରିଥିଲେ । ସେ ତାଞ୍ଜୋର ରାଜାଙ୍କର ସଭାକବି ଭାବରେ ସମ୍ମାନିତ ହୋଇଥିବା ଜଣାଯାଏ । ପ୍ରାକୃତ ଭାଷାରେ 'ରମ୍ଭାମଞ୍ଜରୀ' ଏବଂ 'ଶୃଙ୍ଗାରମଞ୍ଜରୀ' ଶୀର୍ଷକ ଆଉ ଦୁଇଗୋଟି ବିଖ୍ୟାତ ସଟ୍ଟକ ଗ୍ରନ୍ଥ ଥିବାର ଜଣାଯାଇଛି । ସଟ୍ଟକ ଗ୍ରନ୍ଥରେ ସ୍ତ୍ରୀ ଚରିତ୍ରର ପ୍ରାଧାନ୍ୟ ସ୍ୱୀକୃତ ହୋଇଥାଏ ଏବଂ ସମଗ୍ର ରଚନାଟି କେବଳ ପ୍ରାକୃତ ଭାଷାରେ କରାଯାଇଥାଏ ।

ମହାରାଷ୍ଟ୍ରୀ ପ୍ରାକୃତରେ ପ୍ରାକୃତ କାବ୍ୟ ସାହିତ୍ୟର ବିକାଶ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ହୋଇଥିଲା । ସପ୍ତମ ଶତାବ୍ଦୀ ପୂର୍ବରୁ ରଚିତ 'ରାବଣବହୋ' ବା 'ରାବଣବଧ' କାବ୍ୟ ପ୍ରାକୃତ ସାହିତ୍ୟରେ ଏକ ଉଲ୍ଲେଖଯୋଗ୍ୟ ଗ୍ରନ୍ଥ । ମହାକବି 'ବାଣ' ତାଙ୍କ ରଚିତ 'ହର୍ଷଚରିତ'ରେ ଏହି ଗ୍ରନ୍ଥ ସମ୍ପର୍କରେ ସୂଚନା ଦେଇଅଛନ୍ତି । ଆଚାର୍ଯ୍ୟ ଦଣ୍ଡୀ ମଧ୍ୟ ତାଙ୍କ ପ୍ରଣୀତ 'କାବ୍ୟାଦର୍ଶ'ରେ ଏହି ଗ୍ରନ୍ଥ ସମ୍ପର୍କରେ ମତପ୍ରକାଶ କରି ତାହା ବାଣଙ୍କ ପୂର୍ବ-ରଚିତ କାବ୍ୟ ବୋଲି ସ୍ଥିର କରିଛନ୍ତି । କାଶ୍ମୀର ରାଜା ପ୍ରବରସେନ (ଦ୍ୱିତୀୟ) ଏହି ଗ୍ରନ୍ଥର ଲେଖକ ଥିଲେ । ଏହି କାବ୍ୟର ପୂର୍ବାର୍ଦ୍ଧରେ ସେତୁବନ୍ଧ ବନ୍ଧନ ପର୍ଯ୍ୟନ୍ତ ଏବଂ ଉତ୍ତରାର୍ଦ୍ଧରେ ରାବଣବଧ ତଥା ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ପର୍ଯ୍ୟନ୍ତ ବର୍ଣ୍ଣନା କରାଯାଇଅଛି । ଭାଷା, ଶୈଳୀ ଏବଂ ବର୍ଣ୍ଣନାର ପାଠବତା ଦୃଷ୍ଟିରୁ ଏ ଗ୍ରନ୍ଥର ତୁଳନା ନାହିଁ ।

ସେଥିପାଇଁ ଆଲୋଚ୍ୟ କାବ୍ୟ, ସଂସ୍କୃତ ଏବଂ ଜର୍ମାନ୍ ଭଳି ଭାଷାରେ ଭାଷାନ୍ତରିତ ହୋଇଅଛି । ମହାରାଷ୍ଟ୍ରୀ ପ୍ରାକୃତରେ ଦ୍ୱିତୀୟ ଉଲ୍ଲେଖଯୋଗ୍ୟ କାବ୍ୟ ହେଉଛି, 'ଗଉଡ଼ବହୋ' । ଏ କାବ୍ୟର ଲେଖକ ହେଉଛନ୍ତି, 'ବପ୍ପଇରାଅ' ଅଥବା ବାକ୍‌ପତିରାଜ । କନୌଜର ରାଜା ଯଶୋବର୍ମନଙ୍କ ସଭାକବି ଭାବରେ ବାକ୍‌ପତିରାଜ ଖ୍ୟାତି ଅର୍ଜନ କରିଥିଲେ । ଏହି ଲେଖକ ଅଷ୍ଟମ ଶତାବ୍ଦୀରେ ଆବିର୍ଭୂତ ହୋଇଥିଲେ । ଏହାଙ୍କର ରଚିତ କାବ୍ୟଟି ଐତିହାସିକ କଥାବସ୍ତୁକୁ ଭିତ୍ତି କରି ବର୍ଣ୍ଣିତ ହୋଇଥିଲା । ରାଜା ଯଶୋବର୍ମନଙ୍କ ଗୌଡ଼ଦେଶ ଆକ୍ରମଣ ଏ କାବ୍ୟର ପ୍ରଧାନ ଉପଜୀବ୍ୟ କଥାବସ୍ତୁ । ଏହି କବିଙ୍କର ଦ୍ୱିତୀୟ କାବ୍ୟ 'ମହୁମହବିଅଅ'; ମାତ୍ର ଏ କାବ୍ୟଟି ଅନୁପଲବ୍ଧ ହୋଇଥିବାରୁ ସେ ସମ୍ପର୍କରେ ସବିଶେଷ ଆଲୋଚନା ଜଣାଯାଏ ନାହିଁ । ତେବେ ଏହି ଗ୍ରନ୍ଥ ବିଷୟରେ 'ଧ୍ୱନ୍ୟାଲୋକ' ଏବଂ 'ସରସ୍ୱତୀ କଣ୍ଠାଭରଣ' ପ୍ରଭୃତି ଅଳଙ୍କାର ଶାସ୍ତ୍ରମାନଙ୍କରେ ସୂଚନା ଦିଆଯାଇଛି । ପ୍ରାକୃତ ସାହିତ୍ୟରେ ଅନ୍ୟ ଏକ ପରିଚିତ କାବ୍ୟ ଭାବରେ 'ଲୀଳାବଇ'କୁ ଗ୍ରହଣ କରାଯାଇଥାଏ । ଏ ଗ୍ରନ୍ଥରୁ ଲେଖକଙ୍କର ନାମ ସମ୍ପର୍କରେ କୌଣସି ପ୍ରମାଣ ମିଳୁ ନ ଥିଲେ ହେଁ ଆଲୋଚକମାନଙ୍କ ମତରେ ମହାରାଷ୍ଟ୍ରନିବାସୀ ବ୍ରାହ୍ମଣ 'କୁତୂହଳ' ଏ କାବ୍ୟର ଲେଖକ ଥିଲେ । ପ୍ରାୟ ଦଶମ ଖ୍ରୀଷ୍ଟାବ୍ଦରେ ଏହି ଗ୍ରନ୍ଥ ରଚିତ ହୋଇଥିଲା ବୋଲି ଅନୁମାନ କରାଯାଏ । ଏହି ପ୍ରେମ ପ୍ରଧାନ କାବ୍ୟରେ ପ୍ରତିଷ୍ଠାନର ରାଜା ସାତବାହନ ଏବଂ ସିଂହଳ ରାଜକୁମାରୀଙ୍କର ପ୍ରଣୟ ବର୍ଣ୍ଣିତ ହୋଇଅଛି । ଲୌକିକ ପ୍ରେମ ବର୍ଣ୍ଣନା ଦୃଷ୍ଟିରୁ ଏ କାବ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ସ୍ୱୀକାର କରାଯାଏ ।

ପ୍ରାକୃତ ସାହିତ୍ୟରେ ବହୁ ଖଣ୍ଡକାବ୍ୟ ରଚିତ ହୋଇଥିବା ଜଣାଯାଏ । କେରଳ ପ୍ରାନ୍ତର ଅଧିବାସୀ ରାମପାଣିପାଦ ଦୁଇଟି ଉଲ୍ଲେଖଯୋଗ୍ୟ ପ୍ରାକୃତ ଖଣ୍ଡକାବ୍ୟର ରଚୟିତା ଭାବରେ ଅତ୍ୟନ୍ତ ସ୍ମରଣୀୟ । ସେ ଦୁଇଟି ଗ୍ରନ୍ଥ ହେଲା—(୧) 'ଉଷାଣିରୁଦ୍ଧ', (୨) 'କଂସବହୋ' । ପ୍ରଥମ କାବ୍ୟରେ ଉଷା ଏବଂ ଅନିରୁଦ୍ଧଙ୍କ ପ୍ରେମକାହାଣୀ ଏବଂ ସେମାନଙ୍କର ବିବାହ, ମୁଖ୍ୟ ପ୍ରସଙ୍ଗ ଭାବରେ ଗୃହୀତ ହୋଇଅଛି । ଦ୍ୱିତୀୟ ଗ୍ରନ୍ଥଟି କଂସବଧ ପ୍ରସଙ୍ଗକୁ ଅବତାରଣା କରି ଲିଖିତ । ଏତଦ୍‌ବ୍ୟତୀତ ପ୍ରାକୃତ ସାହିତ୍ୟରେ 'ହରି ବିଜୟ', 'ରାବଣ

ବିଜୟ', 'କୁଣାଳଯ୍ଵାଶ୍ଵଚରିଅ' ପ୍ରଭୃତି ବହୁ କାବ୍ୟ ରଚିତ ହୋଇଥିବାର ସୂଚନା ଥିଲେ ହେଁ କାଳବକ୍ଷରେ ସେହି ଗ୍ରନ୍ଥ ଗୁଡ଼ିକ ନଷ୍ଟ ହୋଇଯାଇଥିବ ଅନୁମିତ ହୁଏ ।

ପ୍ରାକୃତ ସାହିତ୍ୟରେ ଆଉ ଏକ ପ୍ରକାର କାବ୍ୟରଚନାର ସନ୍ଧାନ ମିଳେ ଯାହାକୁ ମୁକ୍ତକ କାବ୍ୟର ଅନ୍ତର୍ଗତ କରାଯାଇଥାଏ । ଏହି କାବ୍ୟ ମଧ୍ୟରେ ଗାହାସତ୍ତସଈ' ଏକ ପ୍ରସିଦ୍ଧ ଗ୍ରନ୍ଥ । 'ଗାଥାସପ୍ତଶତୀ' ନାମରେ ଏ ଗ୍ରନ୍ଥ ଅତ୍ୟନ୍ତ ସୁପରିଚିତ । ଏ ଗ୍ରନ୍ଥରେ ବହୁ କବିଙ୍କର କବିତାର ସଙ୍କଳନ କରାଯାଇଛି । ଆଲୋଚ୍ୟ ଗ୍ରନ୍ଥର ସଙ୍କଳକ ଭାବରେ ମହାକବି 'ହାଳ'ଙ୍କୁ ଗ୍ରହଣ କରାଯାଏ । କେହି କେହି ଦାକ୍ଷିଣାତ୍ୟର କୌଣସି ରାଜା ସାତବାହନ ଏ ଗ୍ରନ୍ଥ ସଂକଳନ କରିଛନ୍ତି ବୋଲି ମତପ୍ରକାଶ କରିଥାଆନ୍ତି । ଏହି ଗ୍ରନ୍ଥର ଅନୁକରଣରେ ସଂସ୍କୃତରେ 'ଆର୍ଯ୍ୟାସପ୍ତଶତୀ' ରଚିତ ହୋଇଥିଲା । ଆନନ୍ଦବର୍ଦ୍ଧନାଚାର୍ଯ୍ୟଙ୍କ କୃତ 'ବିଷମବାଣଲୀଳା' ପୁସ୍ତକ ସଂପର୍କରେ 'ଧ୍ଵନ୍ୟାଲୋକ' ଉଲ୍ଲେଖ କରିଥିଲେ ହେଁ ଏ ଗ୍ରନ୍ଥ ଅନୁପଲବ୍ଧ ହୋଇଅଛି । ତେବେ ଏହା ଶୃଙ୍ଗାରରସାଶ୍ରିତ କାବ୍ୟ ହୋଇଥିବା ଜଣାଯାଏ । ପ୍ରାକୃତ ଭାଷାରେ ରଚିତ ବହୁ କାବ୍ୟ ସଂସ୍କୃତ ଏବଂ ଜର୍ମାନ୍ ପ୍ରଭୃତି ଭାଷାରେ ଅନୂଦିତ ହୋଇଥିବାରୁ ପ୍ରାକୃତ କାବ୍ୟସାହିତ୍ୟର ମହତ୍ତ୍ଵ ଉପଲବ୍ଧି କରାଯାଇପାରେ ।

ପ୍ରାକୃତ ସାହିତ୍ୟ ସାଧାରଣତଃ ଦୁଇ ଭାଗରେ ବିଭକ୍ତ । (୧) ସାଧାରଣ ସାହିତ୍ୟ ଏବଂ (୨) ଜୈନ ସାହିତ୍ୟ । ସୀମିତ ଆଲୋଚନାର ପରିସର ମଧ୍ୟରେ ଏହି ସାଧାରଣ ସାହିତ୍ୟ ସମ୍ପର୍କରେ ଏକ ଧାରଣା ଦିଆଯାଇଛି । ତେବେ ଜୈନ ଧର୍ମକୁ ଅବଲମ୍ବନ କରି ପ୍ରାକୃତ ସାହିତ୍ୟ ଯଥେଷ୍ଟ ବିକାଶପ୍ରାପ୍ତ ହୋଇଥିଲା । ବିଶେଷତଃ ଜୈନସାହିତ୍ୟ ରଚିତ ପ୍ରାକୃତ ଭାଷାକୁ ସାଧାରଣତଃ 'ଅର୍ଦ୍ଧମାଗଧୀ' ନାମରେ ନାମିତ କରା-ଯାଇଥାଏ । ଜୈନଧର୍ମର ପ୍ରଚାରକ ସ୍ଵୟଂ ମହାବୀର ଅର୍ଦ୍ଧମାଗଧୀ ପ୍ରାକୃତରେ ନିଜର ଧର୍ମମତ ପ୍ରଚାର କରିଥିଲେ । ଜୈନଧର୍ମର ଶେଷତୀର୍ଥଙ୍କର ମହାବୀରଙ୍କର ଉପଦେଶାବଳୀ ଅର୍ଦ୍ଧମାଗଧୀ ପ୍ରାକୃତ ଭାଷାରେ ସଂକଳିତ ହୋଇଅଛି ଏବଂ ଜୈନ-ସମାଜରେ ଏହା 'ଆଗମ' ଗ୍ରନ୍ଥ ଭାବରେ ସୁପରିଚିତ । ଏହି ଆଗମଗ୍ରନ୍ଥ ଅଙ୍ଗ, ଉପାଙ୍ଗ, ସୂତ୍ର ଇତ୍ୟାଦି ଭାଗରେ ବିଭକ୍ତ । 'ଅଙ୍ଗ' ବିଭାଗରେ ଉଭୟ ଗଦ୍ୟ ଏବଂ

ପଦ୍ୟର ବ୍ୟବହାର କରାଯାଇଅଛି । ଏଥିରେ ତୀର୍ଥଙ୍କରମାନଙ୍କର ଜୀବନୀ, ବ୍ରାହ୍ମଣ୍ୟ ତଥା ଅନ୍ୟ ଧର୍ମର ଖଣ୍ଡନ, ନିର୍ବାଣ, ମୋକ୍ଷ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଅଛି । ସେହିପରି 'ଉପାଙ୍ଗ' ବିଭାଗରେ ମୃତ୍ୟୁ, ପୁନର୍ଜନ୍ମ, ଆତ୍ମା, ନକ୍ଷତ୍ରଲୋକ, ସ୍ୱର୍ଗ, ନର୍କ ଇତ୍ୟାଦି ବିଷୟରେ ସିଦ୍ଧାନ୍ତ ଦିଆଯାଇଅଛି । ସୂତ୍ର ଗ୍ରନ୍ଥମାନଙ୍କରେ ଜୈନଧର୍ମ ସମ୍ପର୍କୀୟ ଆଚାର, ବ୍ୟବହାର, ନାନା ବିଧିବିଧାନ ସମ୍ପର୍କରେ ଉଲ୍ଲେଖ ଅଛି ।

କାଳକ୍ରମେ ଜୈନଧର୍ମର ଅନୁଚରଗଣ ଦୁଇଟି ସ୍ୱତନ୍ତ୍ର ସମ୍ପ୍ରଦାୟରେ ବିଭକ୍ତ ହୋଇଗଲେ । (୧) ଶ୍ୱେତାମ୍ବର (୨) ଦିଗମ୍ବର । ଶ୍ୱେତାମ୍ବର ସମ୍ପ୍ରଦାୟର ଜୈନମାନେ ମହାରାଷ୍ଟ୍ରୀ ପ୍ରାକୃତରେ ଏବଂ ଦିଗମ୍ବର ସମ୍ପ୍ରଦାୟର ଜୈନମାନେ ସୌରସେନୀ ପ୍ରାକୃତରେ ନିଜର ମନୋଭାବ ପ୍ରକାଶ କରିବାକୁ ଉଚିତ ମନେକଲେ । ଏଣୁ ଜୈନଧର୍ମକୁ ଅବଲମ୍ବନ କରି ମହାରାଷ୍ଟ୍ରୀ ଏବଂ ସୌରସେନୀ ପ୍ରାକୃତ ଭାଷାରେ ଉଭୟ ଗଦ୍ୟ ଏବଂ ପଦ୍ୟରେ ବହୁ ମୂଲ୍ୟବାନ ଗ୍ରନ୍ଥ ରଚିତ ହୋଇ ପ୍ରାକୃତ ସାହିତ୍ୟକୁ ସମୃଦ୍ଧ କରିଥିଲା ।

ମହାରାଷ୍ଟ୍ରୀ ଜୈନ ସାହିତ୍ୟରେ 'ସମରାଇ ଚ୍ଚ କହା' (ସମରାଦିତ୍ୟ କଥା) 'କଥାକୋଷ ପ୍ରକରଣ', 'ଧୂର୍ତ୍ତାଖ୍ୟାନ' 'କଥାମହୋଦଧି', 'ବିଜୟଚନ୍ଦ୍ର କେବଳନ୍' ପ୍ରଭୃତି ପ୍ରସିଦ୍ଧ ଆଖ୍ୟାନଗ୍ରନ୍ଥ ଭାବରେ ସୁପରିଚିତ । 'ତରଙ୍ଗବଇ' 'ସୁରସୁନ୍ଦରୀ ଚରିଅ', 'କାଳକାଚ୍ଚରିଅ କଥାନକ', 'ସିରିସିରିବାଳକାହା', 'ନମ୍ମୟାସେହରକହା' ପ୍ରଭୃତି ପ୍ରସିଦ୍ଧ କଥାଗ୍ରନ୍ଥ ପଦ୍ୟାତ୍ମକ ଶୈଳୀରେ ରଚିତ ହୋଇଥିଲା । ସେହିପରି ଚରିତ ସାହିତ୍ୟ ଭାବରେ 'ପଉମଚରିମ୍ 'ବସୁଦେବହିଣ୍ଡୀ', 'କୁମାରପାଳଚରିୟ' ଆଦି ପ୍ରଧାନ ।

ସେହିପରି ସୌରସେନୀ ପ୍ରାକୃତରେ ଦିଗମ୍ବର ସଂପ୍ରଦାୟର କେତେକ ବିଖ୍ୟାତ ଗ୍ରନ୍ଥ ରଚିତ ହୋଇଥିବାର ଜଣାଯାଏ । ସେମାନଙ୍କ ମଧ୍ୟରେ 'ପ୍ରବୟଣସାର' (ପ୍ରବଚନ ସାର), 'ସମୟସାର', 'ନିୟମସାର', 'ଛପ୍ପାହୁଡ଼' (ଷଟ୍‌ପ୍ରାକୃତ), 'କତ୍ତିଗେୟାଣୁପେକ୍ଷା', 'ମୂଳାଚ୍ଚର', 'ଶ୍ରାବକଚ୍ଚର', ଦର୍ଶନଚ୍ଚର', 'ଆରାଧନା ସାର', 'ଜୀବ ବିଚ୍ଚର' ପ୍ରଭୃତି ଗ୍ରନ୍ଥଗୁଡ଼ିକ ପଦ୍ୟରେ ରଚିତ ହୋଇଥିଲା । 'ଷଟ୍‌ଖଣ୍ଡାଗମ' ଓ 'କାଷାୟ'

ପ୍ରଭୃତି ପ୍ରସିଦ୍ଧ ସୂତ୍ରଗ୍ରନ୍ଥ ମଧ୍ୟ ସୌରସେନୀ ପ୍ରାକୃତରେ ରଚିତ ହୋଇଥିଲା । ଏହି ଶେଷୋକ୍ତ ଗ୍ରନ୍ଥଗୁଡିକରେ ଜୈନଧର୍ମର ସିଦ୍ଧାନ୍ତ ସମ୍ପର୍କରେ ସବିଶେଷ ଆଲୋଚନା ମିଳିଥାଏ । ଜୈନ ତୀର୍ଥଙ୍କରମାନଙ୍କ ସମ୍ପର୍କରେ ଅନେକ ସ୍ତୁତି-ଗ୍ରନ୍ଥ ମଧ୍ୟ ପ୍ରାକୃତରେ ରଚିତ ହୋଇଥିଲା । 'ଋଷଭ-ପଞ୍ଚାସିକା', 'ମହାବୀର', 'ଶାନ୍ତିନାଥସ୍ତବକ' ଗ୍ରନ୍ଥଗୁଡ଼ିକ ଏହି ଶ୍ରେଣୀସ୍ଥ ରଚନାର ଅନ୍ତର୍ଗତ ।

ଚତୁର୍ଥ ଖ୍ରୀଷ୍ଟାବ୍ଦରେ 'ବିମଳା' ନାମରେ ଜଣେ ଲେଖକ 'ପୌମା କାରିୟୁ' ଶୀର୍ଷକ ଏକ ବିଖ୍ୟାତ ଜୈନ ପୁରାଣ-କାବ୍ୟ ରଚନା କରିଥିଲେ । ରାମାୟଣ ପ୍ରସିଦ୍ଧ ରାମଚନ୍ଦ୍ରଙ୍କ କାହାଣୀକୁ ଅବଲମ୍ବନ କରି ଏ ଗ୍ରନ୍ଥ ରଚିତ ହୋଇଥିଲେ ହେଁ ଏହି ଜୈନ-ରାମାୟଣ ସହିତ ସଂସ୍କୃତ ରାମାୟଣର ବହୁ ସ୍ଥଳରେ ଅମେଳ ଦେଖାଯାଏ । ଏହି ଜୈନ ରାମାୟଣରେ ରାବଣ ଅସୁର ବଂଶଜ ନୁହେଁ କିମ୍ବା ହନୁମାନ ବାନର କୁଳରେ ଜାତ ହୋଇ ନ ଥିଲେ । ବରଂ ଉଭୟେ ବିଦ୍ୟାଧର ବଂଶରେ ଜନ୍ମ ଗ୍ରହଣ କରିଥିଲେ ।

ଲୋକଙ୍କର ଭାଷା ପ୍ରାକୃତ, କାଳକ୍ରମେ ଏକ ସମୃଦ୍ଧ ସାହିତ୍ୟିକ ଭାଷାରେ ପରିଣତ ହୋଇଥିଲା । ଏ ଭାଷାରେ ବହୁ କାବ୍ୟ, ନାଟକ ଏବଂ ଗଦ୍ୟଗ୍ରନ୍ଥ ମଧ୍ୟ ରଚିତ ହେଲା । ପ୍ରାକୃତ କାବ୍ୟ, ଆଖ୍ୟାୟିକା ଏବଂ ନାଟକଗୁଡିକ ଏପରି ଲୋକପ୍ରିୟତା ଅର୍ଜନ କରିଥିଲା ଯେ, ସେଥିରୁ ଅଧିକାଂଶ ପ୍ରସିଦ୍ଧ ସଂସ୍କୃତ ଏବଂ ଜର୍ମାନ ଭାଷାରେ ପରବର୍ତ୍ତୀ ଯୁଗରେ ଅନୂଦିତ ହୋଇଥିଲା । ପ୍ରାକୃତ ଭାଷାରେ ରଚିତ ସଙ୍ଗୀତ, ସଂସ୍କୃତ ନାଟ୍ୟକାରଗଣ ବହୁ ସଂଖ୍ୟାରେ ଗ୍ରହଣ କରିଥିବା ଜଣାଯାଏ । ପୁନଶ୍ଚ ସଂସ୍କୃତ ଆଳଙ୍କାରିକଗଣ ନିଜ ନିଜ ଅଳଙ୍କାର ଗ୍ରନ୍ଥରେ ପ୍ରାକୃତ ସାହିତ୍ୟର ପ୍ରଚୁର ଉଦ୍ଧୃତି ଦେଇଥିବା ଜଣାଅଛି । ବିଶେଷତଃ ଜୈନଧର୍ମର ଆଧ୍ୟାତ୍ମିକ ତତ୍ତ୍ୱ ଏବଂ ଉପଦେଶାବଳୀ ପ୍ରାକୃତ ସାହିତ୍ୟ ମାଧ୍ୟମରେ ପ୍ରଚାରିତ ହୋଇଥିବାରୁ ତାହା ପୃଥିବୀର ସାହିତ୍ୟ ସଂସାରରେ ଏକ ପ୍ରଧାନ ସ୍ଥାନ ଗ୍ରହଣ କରିଅଛି । ଦୀର୍ଘ ଦୁଇ ହଜାର ବର୍ଷର ପରମ୍ପରାର ଅଧିକାଂଶ ପ୍ରାକୃତ ସାହିତ୍ୟ ତତ୍କାଳୀନ ସମାଜ, ରାଜନୀତି, ଧର୍ମ ଏବଂ ଆଧ୍ୟାତ୍ମିକ ଜୀବନର ଅକ୍ଷୟ ସ୍ମୃତି ବହନ କରି ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ହୋଇଅଛି । ପ୍ରାକୃତ ଭାଷା ଆଜି ଏକ ଜୀବନ୍ତ ଭାଷା ଭାବରେ ଗଣ୍ୟ ନୁହେଁ, ତଥାପି ସୁଧୀ ରସ-ପିପାସୁଗଣ ଯୁଗେ ଯୁଗେ ସଂସ୍କୃତ ସହିତ ପ୍ରାକୃତ ସାହିତ୍ୟକୁ ଚର୍ଚ୍ଚା କରି ନିଜକୁ ଧନ୍ୟ ମନେ କରୁଥିବେ ।

# ପାଲି ସାହିତ୍ୟ

ପାଲି ଏକ ବିଶାଳ ଓ ସମୃଦ୍ଧ ସାହିତ୍ୟ । ସମଗ୍ର ବୌଦ୍ଧ-ଜଗତର ପ୍ରିୟ ସାହିତ୍ୟ ଭାବରେ ପାଲି ଭାଷା ଓ ସାହିତ୍ୟ ଜଗତପ୍ରସିଦ୍ଧ । ବିଶେଷତଃ ସିଂହଳ, ଶ୍ୟାମ ଏବଂ ବ୍ରହ୍ମଦେଶର ଏବଂ ଭାରତର ବୌଦ୍ଧଗଣ ପାଲି ଭାଷାକୁ ଏକ ପବିତ୍ର ଭାଷା ବୋଲି ଏବେ ମଧ୍ୟ ମନେ କରନ୍ତି ।

ବୌଦ୍ଧ ସାହିତ୍ୟ ମୁଖ୍ୟତଃ ଦୁଇଟି ଭାଷାରେ ପ୍ରକାଶିତ ହୋଇଥିଲା । (୧) ପାଲି ଏବଂ (୨) ସଂସ୍କୃତ । ବୌଦ୍ଧହୀନଯାନ ସଂପ୍ରଦାୟ ପାଲି ଭାଷାରେ ଏବଂ ମହାଯାନ ସଂପ୍ରଦାୟ ସଂସ୍କୃତ ଭାଷାରେ ନିଜ ନିଜର ଧର୍ମଗ୍ରନ୍ଥମାନ ପ୍ରଣୟନ କରିଥିଲେ ।

ଭାରତରେ ଯେଉଁଗୁଡ଼ିଏ ପ୍ରାଚୀନ ଶିଳାଲେଖ ଆବିଷ୍କୃତ ହୋଇଅଛି, ସେ ଗୁଡ଼ିକ ସଂସ୍କୃତ ଭାଷାରେ କିମ୍ବା ପାଲି ଭାଷାରେ ଖୋଦିତ ହୋଇଥିଲା । ବିଶେଷତଃ ପାଲି ଭାଷା ବୌଦ୍ଧଧର୍ମ ପ୍ରଚାର ସହିତ ଅତି ନିବିଡ଼ ଭାବରେ ସମ୍ପୃକ୍ତ ହୋଇ ପଡ଼ିଥିଲା । ଭାରତର ବିଭିନ୍ନାଞ୍ଚଳରେ ବୌଦ୍ଧସମ୍ରାଟ ଅଶୋକଙ୍କ ଦ୍ୱାରା ଖୋଦିତ ଅନୁଶାସନ ଗୁଡ଼ିକ ପ୍ରାୟତଃ ପାଲି ଅଥବା ପ୍ରାକୃତ ଭାଷାରେ ଖୋଦିତ ହୋଇଥିଲା ।

ଅନେକ ପଣ୍ଡିତଙ୍କ ମତରେ ପାଲି ଅଶୋକଙ୍କ ସାମ୍ରାଜ୍ୟର ରାଷ୍ଟ୍ରଭାଷା ଥିଲା । ତେବେ ପାଲି କେଉଁ ଅଞ୍ଚଳର ଭାଷା ଥିଲା, ସେ ବିଷୟରେ ମତଭେଦ ଥିବା ଜଣାଯାଏ । ମହାପୁରୁଷ ବୁଦ୍ଧଦେବ ମାଗଧୀ ଭାଷାରେ ନିଜର ଧର୍ମମତ ପ୍ରଚାର କରିଥିଲେ ବୋଲି ବିଶ୍ୱାସ କରାଯାଇଥାଏ । ଦକ୍ଷିଣାଞ୍ଚଳର ବୌଦ୍ଧମାନେ ତାଙ୍କର ଧର୍ମଗ୍ରନ୍ଥ ବୁଦ୍ଧଦେବଙ୍କ ନିଜ ମାତୃଭାଷାରେ ରଚିତ ବୋଲି ଗ୍ରହଣ କରନ୍ତି । ବୁଦ୍ଧଦେବଙ୍କ ବାଣୀ ପାଲି

ଭାଷାରେ ସଂକଳିତ ହୋଇଥିବାରୁ ତାହା ବୁଦ୍ଧଦେବଙ୍କର ମାତୃଭାଷା ଏବଂ ପାଲିର ଅନ୍ୟ ନାମ ମାଗଧୀ ବୋଲି ଧରି ନିଆଯାଏ । କେତେକ ପଣ୍ଡିତ ପାଲିକୁ ଉଜ୍ଜୟିନୀର ଭାଷା ବୋଲି ମନେ କରନ୍ତି । ପୁନଶ୍ଚ ଆଉ କେତେକ ପଣ୍ଡିତଙ୍କ ମତରେ କଳିଙ୍ଗ ସାମ୍ରାଜ୍ୟର ଭାଷା ଥିଲା ପାଲି । ମହାରାଜା ଅଶୋକଙ୍କ କଳିଙ୍ଗ ବିଜୟ ପରେ ସେ ସେହିଠାରେ ବିଖ୍ୟାତ ଧଉଳିଗିରି ଅନୁଶାସନ ଜରିଆରେ ପାଲି ଭାଷାରେ ବୌଦ୍ଧଧର୍ମର ସାର କଥା ପ୍ରଚାର କରିଯାଇ ଥିବାରୁ ଏପରି ଅନୁମାନ କରାଯାଇଥାଏ ।

'ପାଲି' ନାମକରଣ ସମ୍ପର୍କରେ ନାନା ମତ ଦେଖାଯାଏ । "ତଥାଗତ ସ୍ୱର ପଂକ୍ତି"—ପାଲି ଅର୍ଥାତ୍ ଧର୍ମଶାସ୍ତ୍ରର ଭାଷାକୁ ପଲି କୁହାଯାଏ । ଅନ୍ୟ କେତେକଙ୍କ ମତରେ ପଲ୍ଲୀର ଭାଷାକୁ ମଧ୍ୟ ପାଲି ଭାବରେ ନାମିତ କରାଯାଇଛି । ମଗଧରେ ପ୍ରଥମେ ବୌଦ୍ଧଧର୍ମ ପ୍ରଚରିତ ହୋଇଥିଲା । ସେ କାଳରେ ମଗଧର ରାଜଧାନୀ ଥିଲା ପାଟଳୀପୁତ୍ର । ତେଣୁ କେହି ପାଟଳୀ-ପୁତ୍ରର ଭାଷାକୁ ପାଲି ବୋଲି ମଧ୍ୟ ମନେ କରନ୍ତି । କିନ୍ତୁ 'ପାଲି' ଶବ୍ଦର ପ୍ରକୃତ ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି ରକ୍ଷା କରିବା । 'ପା' ଧାତୁର ଅର୍ଥ ରକ୍ଷା କରିବା ଅର୍ଥାତ୍ ଯେଉଁ ଭାଷାରେ ବୁଦ୍ଧଦେବଙ୍କର ବାଣୀ ରକ୍ଷିତ ହୋଇଅଛି ।

ପାଲିଭାଷା ପ୍ରାକୃତ ପରି ସରଳ, ମଧୁର ଏବଂ କଥିତ ଭାଷା । କିନ୍ତୁ ପ୍ରାକୃତ ଅପେକ୍ଷା ଦୁଇ ସ୍ୱରଗୋଟି ଅତିରିକ୍ତ ବର୍ଣ୍ଣର ଅସ୍ତିତ୍ୱ ପାଲିରେ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ 'ଯ' ଫଳା ଏବଂ 'ର' ଫଳାର ଅସ୍ତିତ୍ୱ ପ୍ରାକୃତ ଭାଷାରେ ନ ଥିଲେ ମଧ୍ୟ ପାଲିଭାଷାରେ ଏହା ଦୃଷ୍ଟିଗୋଚର ହୁଏ । ସେହିପରି ପାଲି ଭାଷାର ଦନ୍ତ୍ୟ 'ନ' କାର ପ୍ରାକୃତ ଭାଷାରେ ପ୍ରଚଳିତ ନାହିଁ । ପାଲି ଭାଷା ବ୍ୟଞ୍ଜନ-ବହୁଳ ନ ହେଲେହେଁ ପ୍ରାକୃତ ପରି ସ୍ୱରବହୁଳ ନୁହେ । ପାଲି ଓ ପ୍ରାକୃତ ଏହି ଉଭୟ ଭାଷାରେ ଋ, ଌ, ଶ, ଷ ପ୍ରଭୃତି ବର୍ଣ୍ଣଗୁଡ଼ିକର ଆଦୌ ଅସ୍ତିତ୍ୱ ନାହିଁ ।

ପାଲି ଭାଷା ଅତି ପୂର୍ବ କାଳରୁ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ସାହିତ୍ୟରେ ବ୍ୟବହୃତ ହୋଇଥିବା ଜଣାଯାଏ । ବୌଦ୍ଧଜାତକ ବିନୟ ପିଟକ ଅନୁସାରେ ବୁଦ୍ଧଦେବ ଜନସାଧାରଣଙ୍କ ଭାଷାରେ ଧର୍ମମତ ପ୍ରଚାର

ପାଇଁ ଆଦେଶ ଦେଇଥିଲେ । ଅଶ୍ୱଘୋଷ ଏହି ଭାଷାକୁ ମାଗଧୀ ବୋଲି ଆଖ୍ୟାତ କରିଥିଲେ । କାଳକ୍ରମେ ତାହା ପାଲି ନାମରେ ପରିଚିତ ହେଲା । ବୌଦ୍ଧମାନଙ୍କ ମଧ୍ୟରେ ଏକ ଦୃଢ଼ ଧାରଣା ବହୁକାଳ ଯାଏଁ ପ୍ରଚଳିତ ଥିଲା ଯେ ମାଗଧୀ ଭାଷାହିଁ ଜଗତର ଆଦି ଭାଷା ।

ବୌଦ୍ଧମାନଙ୍କର ପ୍ରଧାନ ଧର୍ମଗ୍ରନ୍ଥ 'ତ୍ରିପିଟକ' ଏହି ପାଲି ଭାଷାରେ ଲିଖିତ ହୋଇଥିଲା । ବୌଦ୍ଧଧର୍ମର ବହୁ ମୂଳଗ୍ରନ୍ଥ ପାଲି ଭାଷାରେ ନଷ୍ଟ ହୋଇ ଯାଇଅଛି । କେବଳ ଚୀନ କମ୍ବା ତିବ୍ବତୀୟ ଅନୁବାଦ ଗ୍ରନ୍ଥରୁ ସେହି ମୂଳ ଗ୍ରନ୍ଥଗୁଡ଼ିକ ଆଜିକାଲି ପାଠ କରିବାକୁ ମିଳୁଅଛି । ମାତ୍ର 'ତ୍ରିପିଟକ' ପାଲିଭାଷାରେ ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇଅଛି ।

'ତ୍ରିପିଟକ' ତିନି ଭାଗରେ ବିଭକ୍ତ । (୧) ବିନୟ ପିଟକ (୨) ସୁତ୍ତ ପିଟକ (୩) ଅଭିଧର୍ମ ପିଟକ । ଏହି ଗ୍ରନ୍ଥରେ ବହୁ ଧର୍ମ ସମ୍ପର୍କୀୟ ଭାଷଣ, ଭାଷ୍ୟ, ଆଲୋଚନା, ସଙ୍ଗୀତ ଇତ୍ୟାଦି ସ୍ଥାନ ପାଇଅଛି । ତ୍ରିପିଟକ କୌଣସି ଜଣେ ଲୋକଦ୍ୱାରା ରଚିତ ହୋଇନାହିଁ । ବୁଦ୍ଧଦେବ ତାଙ୍କର ଧର୍ମ ଉପଦେଶ ମୌଖିକ ଭାବରେ ପ୍ରଦାନ କରିଥିଲେ ଏବଂ ତାଙ୍କର ଶିଷ୍ୟମାନେ ଏହି ଉପଦେଶଗୁଡ଼ିକ ମନେ ରଖୁଥିଲେ । ବୁଦ୍ଧଦେବଙ୍କ ମୃତ୍ୟୁର ଅବ୍ୟବହିତ ପରେ ପରେ ବୌଦ୍ଧଜଗତର ସନ୍ନ୍ୟାସୀମାନେ ଏକ ସମ୍ମିଳନୀରେ ମିଳିତ ହୋଇଥିଲେ । ଖ୍ରୀ. ପୂ. ୪୮୩ ଅବ୍ଦରେ ପାଟଣା ନିକଟବର୍ତ୍ତୀ ରାଜଗ୍ରିହ (ରାଜଗୃହ) ନାମକ ସ୍ଥାନରେ ବିଖ୍ୟାତ ବୌଦ୍ଧ ସନ୍ନ୍ୟାସୀ ମହାକସ୍ସପ (ମହାକାଶ୍ୟପ)ଙ୍କ ଅଧିନାୟକତ୍ୱରେ ଏହି ପ୍ରଥମ ବୌଦ୍ଧଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ବୌଦ୍ଧ ଧର୍ମଶାସ୍ତ୍ର ସଂକଳନ ଏବଂ ଧର୍ମ ସମ୍ପର୍କରେ ମତ ପ୍ରଣୟନ କରାଯାଇଥିଲା । ପୁନଶ୍ଚ ଏକଶତ ବର୍ଷ ପରେ ବୌଦ୍ଧସନ୍ନ୍ୟାସୀ-ମାନେ ବୈଶାଳୀ ନଗରୀରେ ଦ୍ୱିତୀୟ ବୌଦ୍ଧଧର୍ମ ସମ୍ମିଳନୀ ଆହ୍ୱାନ କରିଥିଲେ । ଏହି ସମ୍ମିଳନୀରେ ମହାସ୍ଥବିର ରେବତ ମୁଖ୍ୟ ସଂଚାଳକ ଭାବରେ କାର୍ଯ୍ୟ ପରିଚାଳନା କରିଥିଲେ । ତୃତୀୟ ବୌଦ୍ଧଧର୍ମ ସମ୍ମିଳନୀ ମହାରାଜା ସମ୍ରାଟ ଅଶୋକଙ୍କ ପ୍ରେରଣାରେ ଆହୂତ ହୋଇଥିଲା । ଏହି

ସମ୍ମିଳନୀ ପରେ ଅଶୋକଙ୍କ ପୁତ୍ର ମହେନ୍ଦ୍ର ସିଂହଳ ଦେଶକୁ ଧର୍ମପ୍ରଚାର କରିବା ପାଇଁ ପ୍ରେରିତ ହୋଇଥିଲେ ।

'ତ୍ରିପିଟକ'ରେ ବୁଦ୍ଧଙ୍କର ବାଣୀ ସଂଗୃହୀତ ହୋଇଥିଲେ ହେଁ ତହିଁର କେତେକ ଅଂଶ ପ୍ରକ୍ଷିପ୍ତ ବୋଲି ପଣ୍ଡିତମାନେ ମତବ୍ୟକ୍ତ କରି-ଥାଆନ୍ତି । 'ତ୍ରିପିଟକ' ଗ୍ରନ୍ଥର ସୂତ୍ର ବିଭାଗରେ ସାଧାରଣ କଥୋପକଥନ ଛଳରେ ଭଗବାନ ବୁଦ୍ଧଦେବଙ୍କର ଉପଦେଶ ସଂଗ୍ରହ କରାଯାଇଅଛି; ଏତଦବ୍ୟତୀତ 'ସାରିପୁତ୍ର' ଏବଂ 'ମୋଗ୍‌ଗଲାନ' ପ୍ରଭୃତିଙ୍କ ପ୍ରଦତ୍ତ ଉପଦେଶାବଳୀ ମଧ୍ୟ ଏଥିରେ ସଂକଳିତ ହୋଇଅଛି । 'ସୂତ୍ର ପିଟକ' 'ପାଞ୍ଚନିକାୟ'ରେ ବିଭକ୍ତ ହୋଇଥିଲା । ଯଥା— (୧) ଦୀଘନିକାୟ (୨) ମଜ୍ଝିମନିକାୟ (୩) ସଂଯୁତ୍ତନିକାୟ (୪) ଅଂଗୁତ୍ତର ନିକାୟ (୫) ଖୁଦ୍ଦ୍‌କନିକାୟ ।

ଏହି ଶେଷୋକ୍ତ ନିକାୟ ମଧ୍ୟରେ ପନ୍ଦର ଖଣ୍ଡି ପ୍ରସିଦ୍ଧ ବୌଦ୍ଧ ଗ୍ରନ୍ଥକୁ ଗ୍ରହଣ କରାଯାଇଥିଲା । ସେମାନେ ହେଲେ—(୧) ଖୁଦ୍ଦ୍‌କ ପାଠ (୨) ଧମ୍‌ମପଦ (୩) ଉଦାନ (୪) ଇତିବୁତ୍ତକ (୫) ସୁତ୍ତନିପାତ (୬) ବିମାନବତ୍ଥୁ (୭) ପ୍ରେତବତ୍ଥୁ (୮) ଥେରଗାଥା (୯) ଥେରୀଗାଥା (୧୦) ଜାତକ (୧୧) ନିଦ୍ଦେଶ (୧୨) ପଟିସମ୍ଭିଦାମଗ୍‌ଗ (୧୩) ଅପାଦାନ (୧୪) ବୁଦ୍ଧବଂସ (୧୫) ଚରିୟାପିଟକ ।

ସୂତ୍ର ପିଟକର ସିଦ୍ଧାନ୍ତକୁ ଅବଲମ୍ବନ କରି ଅଭିଧର୍ମ ପିଟକର ବିକାଶ ହୋଇଥିଲା । ଏହି ପିଟକରେ ସାତଗୋଟି ଉଲ୍ଲେଖଯୋଗ୍ୟ ବୌଦ୍ଧ ଗ୍ରନ୍ଥର ପରିଚୟ ମିଳେ । ଯଥା - (୧) ଧମ୍‌ମ ସଂଗିନି (୨) ବିଭଂଗ (୩) କଥାବତ୍ଥୁ (୪) ପୁଗ୍‌ଗଲ ପଜ୍‌ଜତି (୫) ଧାତୁକଥା ଅଥବା ଧାତୁକଥାପକରଣ (୬) ଯମକ (୭) ପଟ୍‌ଠାନପ୍ପକରଣ ଅଥବା ମହାପଟ୍‌ଠାନ । ଏ ଗୁଡ଼ିକୁ ବୌଦ୍ଧଧର୍ମର ଦର୍ଶନ ଗ୍ରନ୍ଥ କୁହାଯାଏ । ଅଭିଧମ୍ମ ପିଟକର ସର୍ବପ୍ରାଚୀନ ଗ୍ରନ୍ଥ ହେଉଛି ଧମ୍‌ମସଂଗିନି । ଏ ଗ୍ରନ୍ଥରେ ଧର୍ମର ପୂର୍ଣ୍ଣ ବିଶ୍ଳେଷଣ ଏବଂ ବିଭାଗ କରାଯାଇଅଛି । ଅନ୍ୟାନ୍ୟ ଗ୍ରନ୍ଥ-ଗୁଡ଼ିକରେ ଧର୍ମର ସ୍ୱରୂପ ଏବଂ ପରସ୍ପର ମଧ୍ୟରେ ସମ୍ବନ୍ଧ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଅଛି ।

ଏତଦ୍‌ବ୍ୟତୀତ ବିନୟପିଟକରେ ଭଗବାନ ବୁଦ୍ଧଙ୍କର ସଂଘ ପରିଚାଳନା ବିଷୟରେ ଉପଦେଶାବଳୀ ସଂଗୃହୀତ ହୋଇଥିଲା ।

ତ୍ରିପିଟକ ରଚିତ ହେବା ପରେ ପାଲି ସାହିତ୍ୟକୁ ଦୁଇଟି ଯୁଗରେ ବିଭକ୍ତ କରାଯାଇଥାଏ । ଏହି ପ୍ରଥମ ଯୁଗରେ 'ନେତ୍ତିପକରଣ' ଏବଂ "ପେଟକୋପଦେଶ" ଭଳି ବ୍ୟାଖ୍ୟାସୂଚକ ଗ୍ରନ୍ଥ ପ୍ରଣୀତ ହୋଇଥିଲେ ହେଁ ଏ ଯୁଗର ସର୍ବଶ୍ରେଷ୍ଠ ଗ୍ରନ୍ଥ ହେଉଛି "ମିଳିନ୍ଦ ପଞ୍ହ" । ବୌଦ୍ଧ ଦର୍ଶନ ସଂପର୍କରେ ଏହା ଏକ ବିଖ୍ୟାତ ଗ୍ରନ୍ଥ । ଏ ଗ୍ରନ୍ଥରେ ରାଜା ମିଳିନ୍ଦ ଏବଂ ଭିକ୍ଷୁ ନାଗସେନଙ୍କ ପ୍ରଶ୍ନ ଉତ୍ତର ଛଳରେ ଧର୍ମର ନିଗୂଢ଼ ସମସ୍ୟାଗୁଡ଼ିକ ଆଲୋଚନା କରାଯାଇଛି । ପାଲି ସାହିତ୍ୟରେ "ଜାତକ"ଗୁଡ଼ିକୁ ବାଦ ଦେଲେ ଏପରି ପ୍ରସିଦ୍ଧ ଗ୍ରନ୍ଥ ଦୁର୍ଲଭ କହିଲେ ଚଳେ । ମାତ୍ର ଏହି ପ୍ରସିଦ୍ଧ ଗ୍ରନ୍ଥର ଲେଖକଙ୍କ ସଂପର୍କରେ ଏବେ ମଧ୍ୟ ଇତିହାସ ନୀରବ ।

ବୁଦ୍ଧଦେବଙ୍କର ପୂର୍ବଜନ୍ମ ସଂପର୍କରେ ଜାତକ କଥାଗୁଡ଼ିକ ରଚିତ । ଅନ୍ତତଃ ୫୫୦ ଗୋଟି ଜାତକ କଥାର ସନ୍ଧାନ ମିଳିଅଛି । ପାଲି ସାହିତ୍ୟରେ 'ଜାତକ କଥା' ଅତ୍ୟନ୍ତ ମୂଲ୍ୟବାନ ଏବଂ ଆଦରଣୀୟ । ଜାତକ କଥାରେ ତତ୍କାଳୀନ ଭାରତୀୟ ସମାଜର ବହୁ ଚିତ୍ର ଦେଖିବାକୁ ମିଳେ । ତେଣୁ କେବଳ ସାହିତ୍ୟ ଭାବରେ ନୁହେଁ, ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ପଞ୍ଚମ ଶତାବ୍ଦୀ ପର୍ଯ୍ୟନ୍ତ ଭାରତୀୟ ସମାଜର ଇତିହାସ ଭାବରେ ମଧ୍ୟ ଜାତକ କଥାର ମହତ୍ତ୍ୱ ସ୍ୱୀକାର କରାଯାଇଥାଏ ।

ପଞ୍ଚମ ଶତାବ୍ଦୀ ଠାରୁ ଏକାଦଶ ଶତାବ୍ଦୀ ମଧ୍ୟରେ ପାଲି ସାହିତ୍ୟର ଦ୍ୱିତୀୟ ଯୁଗର ଅଭ୍ୟୁଦୟ ହୋଇଥିଲା । ଏ ଯୁଗରେ ତ୍ରିପିଟକର ନାନା ବ୍ୟାଖ୍ୟା ପ୍ରକାଶ କରାଯାଇଥିଲା । ବୌଦ୍ଧ ଧର୍ମଗ୍ରନ୍ଥର ବ୍ୟାଖ୍ୟାକାର-ମାନଙ୍କ ମଧ୍ୟରେ ବୁଦ୍ଧଦତ୍ତ, ବୁଦ୍ଧଘୋଷ ଏବଂ ଧର୍ମପାଳ ପ୍ରସିଦ୍ଧ ଥିଲେ । ବୁଦ୍ଧଦତ୍ତ ବିନୟପିଟକର ଆଲୋଚନା କରି "ବିନୟବିନିଶ୍ଚୟ" ଗ୍ରନ୍ଥ ପ୍ରଣୟନ କରିଥିଲେ । ବୁଦ୍ଧଘୋଷ 'ତ୍ରିପିଟକ' ସଂପର୍କରେ ଅନେକଗୁଡ଼ିଏ ବ୍ୟାଖ୍ୟାନ ଗ୍ରନ୍ଥ ପ୍ରକାଶ କରିଥିଲେ । ତେବେ ତାଙ୍କର ସର୍ବଶ୍ରେଷ୍ଠ କୃତି ହେଉଛି "ବିଶୁଦ୍ଧି ମାର୍ଗ" । ଏ ଯୁଗର ତୃତୀୟ ବିଶିଷ୍ଟ ବ୍ୟାଖ୍ୟାକାର 'ବିମାନବତ୍ଥୁ' ଏବଂ ଥେରଥେରୀ ଗାଥା' ରଚନା କରିଥିଲେ । ଏ

ଯୁଗର ଆଉଜଣେ ଟୀକାକାର ଆନନ୍ଦ 'ମୂଳଟୀକା' ଏବଂ 'ଅଭିଧମ୍ମଟୀକା' ରଚନା କରିଥିଲେ ।

ପାଲି ସାହିତ୍ୟରେ 'ଦୀପବଂଶ' ଏବଂ "ମହାବଂଶ" ଅନ୍ୟ ଦୁଇଟି ଉଲ୍ଲେଖଯୋଗ୍ୟ ଗ୍ରନ୍ଥ । ଏ ଦୁଇଟି ଗ୍ରନ୍ଥ ସିଂହଳର ଇତିହାସ କହିଲେ ଚଳେ । 'ଦୀପବଂଶ' ଏବଂ 'ମହାବଂଶ'ର ବିଷୟବସ୍ତୁ ପ୍ରାୟ ସମାନ ହେଲେ ହେଁ କାବ୍ୟକଳା ଦୃଷ୍ଟିରେ 'ମହାବଂଶ' ଶ୍ରେଷ୍ଠତର ମନେ ହୋଇଥାଏ । ପାଲି ସାହିତ୍ୟରେ ମହାକାବ୍ୟ ନାହିଁ କହିଲେ ଚଳେ । ପାଲି ସାହିତ୍ୟରେ କୌଣସି ବିଜ୍ଞାନ ପୁସ୍ତକ ରଚିତ ହୋଇଥିବାର ଜଣାନାହିଁ । କିନ୍ତୁ କାତ୍ୟାୟନ, ମୋଗ୍‌ଗଲାୟନ ପ୍ରଭୃତି ବୈୟାକରଣଗଣ ପାଲି ସାହିତ୍ୟର ବିଖ୍ୟାତ ବ୍ୟାକରଣ ଲେଖିଯାଇ ଅଛନ୍ତି । ଏହା ବ୍ୟତୀତ ବହୁ ଅଳଙ୍କାର ଗ୍ରନ୍ଥ ମଧ୍ୟ ପାଲି ସାହିତ୍ୟରେ ରଚିତ ହୋଇଅଛି ।

ପାଲି ବ୍ୟତୀତ ବୌଦ୍ଧଧର୍ମ ସମ୍ପର୍କୀୟ ବହୁ ଗ୍ରନ୍ଥ ସଂସ୍କୃତ ଭାଷାରେ ରଚିତ ହୋଇଥିଲା । ନାଗାର୍ଜୁନ, ଆର୍ଯ୍ୟଦେବ, ବସୁବନ୍ଧୁ, ଅସଙ୍ଗ, ଦିଗନାଗ ପ୍ରଭୃତି ସଂସ୍କୃତ ଭାଷାରେ ବହୁ ମୂଲ୍ୟବାନ ଦର୍ଶନ, ତର୍କଶାସ୍ତ୍ର ଏବଂ ବ୍ୟାଖ୍ୟାନ ଗ୍ରନ୍ଥ ପ୍ରକାଶ କରିଥିଲେ ।

ବୌଦ୍ଧଧର୍ମକୁ କେନ୍ଦ୍ର କରି ପାଲି ଭାଷା ଓ ସାହିତ୍ୟର ବିକାଶ ଏବଂ ସମୃଦ୍ଧି ସାଧିତ ହୋଇଥିଲା । ବୌଦ୍ଧଧର୍ମର ପ୍ରଭାବ ହ୍ରାସ ହୋଇଗଲା ଫଳରେ ପାଲି ଭାଷା ଓ ସାହିତ୍ୟ ମଧ୍ୟ ଆଉ ଜୀବନ୍ତ ହୋଇ ରହି ପାରିଲା ନାହିଁ ।

# ସଂସ୍କୃତ ସାହିତ୍ୟ

ସଂସ୍କୃତ ଭାଷା ଓ ସାହିତ୍ୟ ପୃଥିବୀର ପ୍ରାଚୀନତମ ଭାଷାମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ଏହି ଭାଷାର ଆଦି ସାହିତ୍ୟ ଋକ୍‌ବେଦ । ସଂସ୍କୃତ ଭାଷା ଦେବତାଙ୍କର ଭାଷା ବୋଲି ହିନ୍ଦୁ ସମାଜରେ ବହୁକାଳ ପର୍ଯ୍ୟନ୍ତ ବଦ୍ଧମୂଳ ଧାରଣା ରହି ଆସିଥିଲା । ଏହି ପ୍ରାଚୀନତମ ଭାଷାରେ ପୃଥିବୀର ସବୁଠାରୁ ସମୃଦ୍ଧ ଏବଂ ମୂଲ୍ୟବାନ ସାହିତ୍ୟ ରଚିତ ହୋଇଥିଲା ବୋଲି ଏ ପ୍ରଗତିଶୀଳ ବୈଜ୍ଞାନିକ ଯୁଗରେ ମଧ୍ୟ ପଣ୍ଡିତମାନେ ସ୍ୱୀକାର କରନ୍ତି ।

ସଂସ୍କୃତ ଭାଷାର ଶ୍ରେଷ୍ଠତ୍ୱ ସଂପର୍କରେ ଜଣେ ପାଶ୍ଚାତ୍ୟ ପଣ୍ଡିତ ଅଧ୍ୟାପକ ବପ୍ କହିଥିଲେ—"Sanskrit was at one time the only language of the world. Sanskrit is more copious and perfect than Greek and Latin." ଅର୍ଥାତ୍ ଏକ ସମୟରେ ସମଗ୍ର ଜଗତରେ ସଂସ୍କୃତ ଏକମାତ୍ର ଭାଷା ଥିଲା । ଗ୍ରୀକ ଓ ଲାଟିନ୍ ଭାଷା ତୁଳନାରେ ସଂସ୍କୃତ ଭାଷା ଅଧିକ ସାରବାନ ଓ ପୂର୍ଣ୍ଣାଙ୍ଗ ଭାଷା ଅଟେ । ଅନେକ ପଣ୍ଡିତଙ୍କ ମତରେ ଇଣ୍ଡୋ-ଇଉରୋପୀୟ ଭାଷାଗୋଷ୍ଠୀ ମଧ୍ୟରେ ସଂସ୍କୃତ ଭାଷା ପ୍ରାଚୀନତମ ଭାଷା ଏବଂ ଏହି ଭାଷା-ଗୋଷ୍ଠୀର ସମସ୍ତ ଭାଷା ସଂସ୍କୃତରୁ ଉତ୍ପନ୍ନ ହୋଇଛନ୍ତି କହିଲେ ଚଳେ । ସଂସ୍କୃତ ଭାଷା ପୃଥିବୀର ଅନ୍ୟ ଦୁଇଗୋଟି ପ୍ରାଚୀନ ଭାଷା ଲାଟିନ ଏବଂ ଗ୍ରୀକ୍ ଅପେକ୍ଷା ସବୁ ଗୁଣରେ ଶ୍ରେଷ୍ଠତର ବୋଲି ବିଖ୍ୟାତ ପାଶ୍ଚାତ୍ୟ ପଣ୍ଡିତ ସାର୍ ଉଇଲିୟମ ଜୋନ୍‌ସ ମତ ପ୍ରକାଶ କରି ଲେଖିଥିଲେ "The Sanskrit language, whatever be to antiquity, is of a wonderful structure; more perfect than the Greek, more copious than the Latin, and more exquisitely refined than either."

ଆର୍ଯ୍ୟମାନଙ୍କର ପ୍ରାଚୀନତମ ଭାଷା ହେଉଛି ସଂସ୍କୃତ । ଏହି ଭାଷାରେ ଆର୍ଯ୍ୟମାନେ ତାଙ୍କର ଧର୍ମ ପୁସ୍ତକ, ଦର୍ଶନ, ପୁରାଣ ଏବଂ କାବ୍ୟ

ନାଟକ, ଅଳଙ୍କାର ଇତ୍ୟାଦି ରଚନା କରିଥିଲେ । ଏ ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ସୁଦ୍ଧା ଭାରତୀୟ ହିନ୍ଦୁମାନେ ଦୈନନ୍ଦିନ କାର୍ଯ୍ୟରେ ଭଗବତ୍ ପ୍ରାର୍ଥନା କଲାବେଳେ ସଂସ୍କୃତ ଭାଷାର ଆଶ୍ରୟ ନେଇଥାନ୍ତି । ନାନା ଉତ୍ସବ ଅନୁଷ୍ଠାନରେ ସଂସ୍କୃତ ମନ୍ତ୍ର ଉଚ୍ଚାରିତ ହୋଇଥାଏ । ପଣ୍ଡିତ ଆଲୋଚକମାନେ ସଂସ୍କୃତ ସାହିତ୍ୟ ଚର୍ଚ୍ଚା କରି ଅପୂର୍ବ ରସାସ୍ୱାଦନ କରିଥାଆନ୍ତି ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ପାଶ୍ଚାତ୍ୟ ପଣ୍ଡିତମାନେ ସଂସ୍କୃତ ସାହିତ୍ୟର ନିକଟ ସଂପର୍କରେ ଆସିବାର ସୁଯୋଗ ଲାଭ କଲେ । ସେ ପର୍ଯ୍ୟନ୍ତ ପାଶ୍ଚାତ୍ୟ ସାହିତ୍ୟରେ ଭାଷା ବିଜ୍ଞାନ ଏବଂ ଦାର୍ଶନିକ ସାହିତ୍ୟ ଅତ୍ୟନ୍ତ ସଂକୀର୍ଣ୍ଣ ଦୃଷ୍ଟିରୁ ବିଚାର କରାଯାଉଥିଲା । ସଂସ୍କୃତ ସାହିତ୍ୟର ଉନ୍ନତ ଭାଷାବିଜ୍ଞାନ, ଧ୍ୱନିତତ୍ତ୍ୱ ଏବଂ ସମୃଦ୍ଧ ଦର୍ଶନ ସଂପର୍କରେ ଜ୍ଞାନଲାଭ କରି ପାଶ୍ଚାତ୍ୟ ପଣ୍ଡିତମାନେ ବିସ୍ମିତ ହୋଇଥିଲେ । କାଳକ୍ରମେ ସଂସ୍କୃତ ସାହିତ୍ୟ ପାଶ୍ଚାତ୍ୟ ସାହିତ୍ୟର ଏହି ବିଭାଗରେ ଅଭାବନୀୟ ପରିବର୍ତ୍ତନ ଆନୟନ କରିବା ପାଇଁ କ୍ଷମ ହୋଇଥିଲା । ତେଣୁ ସଂସ୍କୃତ ସାହିତ୍ୟର ଭୂୟସୀ ପ୍ରଶଂସା କରି ସୁନାମଧନ୍ୟ ଆମେରିକାର ବିଶ୍ୱକୋଷ ଲେଖିଛନ୍ତି—
"Since the revival of classical learning, there has been no event in the history of culture as important as the discovery of Sanskrit ( by Western Scholars) in the latter part of the 18th century. Linguistic Science, comparative grammar, comparative mythology, science of religion ..either owe their very existence to the discovery of Sanskrit or were profoundly influenced by its study."

(Encyclopedia Americana)

ଆର୍ଯ୍ୟମାନଙ୍କର ପ୍ରାଚୀନତମ ସାହିତ୍ୟ ହେଲା ବେଦ । ବେଦର ଆକ୍ଷରିକ ଅର୍ଥ ହେଲା ଜ୍ଞାନ । ବେଦର ଅନ୍ୟ ନାମ ଶ୍ରୁତି । ଅର୍ଥାତ୍ ପୃଥିବୀର ଅନ୍ୟାନ୍ୟ ଧର୍ମଗ୍ରନ୍ଥ ଭଳି ବେଦକୁ କେହି ରଚନା କରି ନାହାନ୍ତି । ତାହା ସେପରିକି ଈଶ୍ୱରଙ୍କ ବାଣୀ । ଋଷିମାନେ ଶୁଣି ଶୁଣି ବେଦକୁ ମନେ ରଖି ଆସିଥିଲେ । ବେଦ ପରେ 'ସ୍ମୃତି' ସାହିତ୍ୟର ବିକାଶ ହୋଇଥିଲା ।

ତାହାକୁ ବେଦାଙ୍ଗ କୁହାଯାଏ । ତେଣୁ ସମଗ୍ର ସଂସ୍କୃତ ସାହିତ୍ୟକୁ ସେ କାଳରେ ମୋଟାମୋଟି ଶ୍ରୁତି ଏବଂ ସ୍ମୃତି ଏହିଭଳି ଦୁଇଭାଗରେ ବିଭକ୍ତ କରାଯାଇଥିଲା ।

ବେଦ ଜନକର ଅଥବା କୌଣସି ଜଣକର ରଚନା ନୁହେଁ । ବେଦ ରଚିତ ହେବାପାଇଁ ଶହ ଶହ ବର୍ଷର ପରମ୍ପରା ଆବଶ୍ୟକ ହୋଇଥିଲା । ବେଦ ଅଥବା ଶ୍ରୁତି ସାଧାରଣତଃ ତିନି ଭାଗରେ ବିଭକ୍ତ । ଯଥା—(୧) ମନ୍ତ୍ର ଅଥବା ସଂହିତା (୨) ବ୍ରାହ୍ମଣ (୩) ଆରଣ୍ୟକ । ସଂହିତା ହେଉଛି କେବଳ ମନ୍ତ୍ରର ସମାହାର । ଚାରି ବେଦକୁ କେନ୍ଦ୍ର କରି ଋକ୍‌ବେଦ ସଂହିତା, ଯଜୁର୍ବେଦ ସଂହିତା ସାମବେଦ ସଂହିତା ଏବଂ ଅଥର୍ବ ବେଦ ସଂହିତା—ଏହିପରି ଚାରି ଭାଗରେ ବିଭକ୍ତ କରାଯାଇଥିଲା । ସଂହିତାମାନଙ୍କ ମଧ୍ୟରେ ଋକ୍‌ବେଦ ସଂହିତା ସର୍ବ ପ୍ରାଚୀନ । 'ବ୍ରାହ୍ମଣ' ଗ୍ରନ୍ଥ ସାଧାରଣତଃ ଗଦ୍ୟ ରଚନା ଏବଂ ଏ ଗୁଡିକରେ ଯଜ୍ଞ ଏବଂ ନାନା ଆଧ୍ୟାତ୍ମିକ ଅନୁଷ୍ଠାନ ସମ୍ପର୍କରେ ବିଚାର କରାଯାଇଛି । ସେହିପରି 'ଆରଣ୍ୟକ' ଏବଂ ଉପନିଷଦକୁ କେହି କେହି 'ବ୍ରାହ୍ମଣ'ର ଅନ୍ତର୍ଭୁକ୍ତ କଲେ ହେଁ ତାହା ସ୍ୱତନ୍ତ୍ର ଭାବରେ ବିଚାର୍ଯ୍ୟ । 'ଉପନିଷଦ'ଗୁଡିକରେ ପ୍ରାଚୀନତମ ହିନ୍ଦୁ ଦର୍ଶନ ସଂପର୍କରେ ବିଶେଷ ଆଲୋଚନା ଦେଖିବାକୁ ମିଳେ ।

ଏଣୁ ସମଗ୍ର ବୈଦିକ ସାହିତ୍ୟକୁ ମୋଟା ମୋଟି ପାଞ୍ଚଗୋଟି ବିଭାଗରେ ଅଧ୍ୟୟନ କରାଯାଇପାରେ । ଯଥା—(୧) ଚାରିଗୋଟି ସଂହିତା (୨) ବ୍ରାହ୍ମଣ (୩) ଆରଣ୍ୟକ ଏବଂ ଉପନିଷଦ (୪) ସୂତ୍ର ସାହିତ୍ୟ (୫) ଅନ୍ୟାନ୍ୟ ବେଦାଙ୍ଗ ସାହିତ୍ୟ ।

ବେଦରୁ ଜଣାଯାଏ ଯେ ଆର୍ଯ୍ୟମାନେ ପ୍ରକୃତିପୂଜକ ଥିଲେ । ବେଦର ବହୁ ମନ୍ତ୍ର ଏହି ପ୍ରକୃତିଦେବତା ଉଦ୍ଦେଶ୍ୟରେ ଉଚ୍ଚାରିତ ହୋଇଥିଲା । ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ଆକାଶ ପ୍ରଭୃତି ପୂଜିତ ହେଉଥିଲେ । ବରୁଣ, ମିତ୍ର, ସୂର୍ଯ୍ୟ, ମରୁତ୍, ପୁଷାନ ପ୍ରଭୃତି ଦେବତା ଏବଂ ଉଷା ରାତ୍ରି, ପ୍ରଭୃତି ଦେବୀମାନଙ୍କ ଆର୍ଯ୍ୟମାନେ ବେଦ ମନ୍ତ୍ରରେ ବନ୍ଦନା କରିଛନ୍ତି । ଋକ୍‌ବେଦ ଦ୍ୱାରା ଅନ୍ୟ ତିନିଗୋଟି ବେଦ ବହୁଳ ଭାବରେ ପ୍ରଭାବିତ

ହୋଇଥିଲେ ହେଁ ସେମାନେ ପ୍ରତ୍ୟେକେ ସ୍ୱତନ୍ତ୍ର ଭାବରେ ନିଜ ନିଜର ବିଷୟର ଉପସ୍ଥାପନ କରିଛନ୍ତି । ସାମବେଦ ସଙ୍ଗୀତ ବେଦ ନାମରେ ଏବଂ ଅଥର୍ବବେଦ ପ୍ରାର୍ଥନା ବେଦ ନାମରେ ସୁପରିଚିତ ।

ବେଦ-କାଳ ପରେ ବ୍ରାହ୍ମଣ ରଚିତ ହେଲା । ଋକ୍‌ବେଦ ସହିତ ଐତ୍ତରେୟ ବ୍ରାହ୍ମଣ, ଜୈମିନେୟ ବ୍ରାହ୍ମଣ ସାମବେଦ ସହିତ, ତୈତ୍ତିରେୟ ବ୍ରାହ୍ମଣ ଯଜୁର୍ବେଦ ସହିତ ଏବଂ ସତପଥ ବ୍ରାହ୍ମଣ ଅଥର୍ବବେଦ ସହିତ ସମ୍ପର୍କ ରଖି ରଚିତ ହେଲା । ଏହି ବ୍ରାହ୍ମଣ-ଗ୍ରନ୍ଥଗୁଡ଼ିକରେ ବିଭିନ୍ନ ବେଦ ନାମରେ ପରିଚିତ ହେଉଥିବା ଆର୍ଯ୍ୟମାନଙ୍କର କର୍ତ୍ତବ୍ୟ ନିର୍ଦ୍ଧାରଣ କରାଯାଇଥିଲା । ବେଦ-କାଳ ଅପେକ୍ଷା ବ୍ରାହ୍ମଣକାଳରେ ସାଂସ୍କୃତିକ ଅବସ୍ଥା ଅନେକ ପରିମାଣରେ ବଦଳି ଯାଇଥିଲା । ଋକ୍‌ବେଦ କାଳରେ ବିଷ୍ଣୁ, ପ୍ରଜାପତି, ରୁଦ୍ର ଅଥବା ଶିବ ପ୍ରଭୃତି ଦେବତାମାନଙ୍କର କୌଣସି ପ୍ରାଧାନ୍ୟ ନ ଥିଲା । ମାତ୍ର ବ୍ରାହ୍ମଣ-ଯୁଗରେ ଏମାନେ ପ୍ରତିଷ୍ଠିତ ଦେବତା ଭାବରେ ସ୍ୱୀକୃତ ହୋଇଥିଲେ । 'ଅସୁର' ଶବ୍ଦର ଅର୍ଥ ମଧ୍ୟ ଏକ ଅଭାବନୀୟ ପରିବର୍ତ୍ତନର ସମ୍ମୁଖୀନ ହୋଇଥିଲା । ଏ କାଳରେ ଯଜ୍ଞ ଅନୁଷ୍ଠାନ ଅତ୍ୟନ୍ତ ପବିତ୍ର କାର୍ଯ୍ୟ ବୋଲି ମନେ କରାଯାଉଥିଲା । ଶାସକମାନେ ନାନା ଯଜ୍ଞାନୁଷ୍ଠାନ କରି ନିଜକୁ ଧନ୍ୟ ମନେ କରୁଥିଲେ । ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ ଯଜ୍ଞାନୁଷ୍ଠାନର ବିଧି ବିଧାନର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇଁ ଋଷିମାନେ ବହୁ କାଳ୍ପନିକ ଗଳ୍ପ, ଆଖ୍ୟାୟିକାର ଆଶ୍ରୟ ଗ୍ରହଣ କରିଛନ୍ତି । ସେହି ଗଳ୍ପଗୁଡ଼ିକ ମଧ୍ୟରେ ପୁରୁରବା-ଉର୍ବଶୀ, ଇଳା-ମନୁ, ହରିଶ୍ଚନ୍ଦ୍ର-ସୁନସେଫ, ପ୍ରଭୃତି ପ୍ରଧାନ । ଜଗତର ସୃଷ୍ଟି ପ୍ରକ୍ରିୟା ସମ୍ପର୍କରେ ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ ଅନେକ ଆଲୋଚନା କରାଯାଇଛି । ପ୍ରଜାପତି ସମସ୍ତ ସୃଷ୍ଟିର ମୂଳାଧାର ପୁରୁଷ ରୂପେ କଳ୍ପିତ ହୋଇଛନ୍ତି ।

ଉପନିଷଦ-କାଳରେ ବ୍ରାହ୍ମଣମାନଙ୍କ ବ୍ୟତୀତ ବହୁ କ୍ଷତ୍ରିୟ ଦାର୍ଶନିକ ମଧ୍ୟ ଧର୍ମର ତତ୍ତ୍ୱାନୁସନ୍ଧାନରେ ରତ ଥିବାର ପ୍ରମାଣ ମିଳୁଅଛି । ଉପନିଷଦରେ ଗାର୍ଗିଙ୍କ ଭଳି ରମଣୀ ଯାଜ୍ଞବଲ୍‌କ୍ୟଙ୍କୁ ଧର୍ମର ଜଟିଳ ପ୍ରଶ୍ନ ପଚାରି ଆଲୋଚନା କରୁଥିବାର ଜଣାଯାଇଛି । ଯାଜ୍ଞବଲ୍‌କ ତାଙ୍କ ସ୍ତ୍ରୀ ମୈତ୍ରେୟୀଙ୍କ ସହିତ ଆତ୍ମା ଏବଂ ପରମାତ୍ମାଙ୍କର ସମ୍ପର୍କ ବିଷୟରେ

ଆଲୋଚନା କରିଛନ୍ତି । ସତ୍ୟକାମ—ଜାବାଲ ଗଳ୍ପରୁ ଜଣାଯାଏ ଯେ ନିଜର ସାଧନା ଏବଂ ଜ୍ଞାନ ଦ୍ୱାରା ଯେ କୌଣସି ବ୍ୟକ୍ତି ବ୍ରାହ୍ମଣ ହୋଇପାରେ । କେବଳ ଜନ୍ମ ଜାତକ ବ୍ରାହ୍ମଣର ଏକମାତ୍ର ପରିଚୟ ନୁହେଁ ।

ଉପନିଷଦରେ କର୍ମକାଣ୍ଡର ଲେଶମାତ୍ର ସତ୍ତା ନାହିଁ କହିଲେ ଚଳେ । ଏଥିରେ କେବଳ ଈଶ୍ୱର ଏବଂ ପ୍ରକୃତି ଏହି ଉଭୟଙ୍କ ସମ୍ପର୍କରେ ଆଲୋଚନା କରାଯାଇଛି । କର୍ମକାଣ୍ଡର ପାଳନରେ ସ୍ୱର୍ଗ ପ୍ରାପ୍ତିର ସୂଚନା ଦିଆଯାଇଛି । ମାତ୍ର ଉପନିଷଦରେ ବ୍ରହ୍ମବିଦ୍ୟାର ସାଧନା ଏବଂ ଚିରନ୍ତନ ଆନନ୍ଦ ଲାଭର ଉପାୟ ନିର୍ଦ୍ଧାରିତ ହୋଇଅଛି ।

ଉପନିଷଦ ସାଧାରଣତଃ ୧୦୮ ପ୍ରକାର ଦୃଷ୍ଟିଗୋଚର ହୁଏ । ଏହି ଉପନିଷଦ ମଧ୍ୟରେ ଈଶୋପନିଷଦ, କଠୋପନିଷଦ, କେନୋପନିଷଦ, ଶ୍ୱେତାଶ୍ୱତର ଉପନିଷଦ, ମୁଣ୍ଡକ ଉପନିଷଦ, ମାଣ୍ଡୁକ୍ୟ ଉପନିଷଦ, ବୃହଦାରଣ୍ୟକ ଉପନିଷଦ, ଛାନ୍ଦୋଗ୍ୟ ଉପନିଷଦ, ଐତରେୟ ଉପନିଷଦ, ତୈତ୍ତିରୀୟ ଉପନିଷଦ, ମୈତ୍ରାୟଣ ଉପନିଷଦ ଏବଂ କୌଷୀତକୀ ଉପନିଷଦ ଅତ୍ୟନ୍ତ ପ୍ରାଚୀନ । ଅନ୍ୟାନ୍ୟ ଉପନିଷଦଗୁଡ଼ିକ ବହୁପରେ ରଚିତ ହୋଇଥିଲା । ଏପରିକି 'ଅଲ୍ଲୋପନିଷଦ' ମୁସଲମାନ ଶାସନ କାଳରେ ରଚିତ ହୋଇଥିବା ଜଣାଯାଏ । ବିଭିନ୍ନ ସମ୍ପ୍ରଦାୟ ନିଜ ନିଜର ଦୃଷ୍ଟିକୋଣରୁ ଉପନିଷଦର ବ୍ୟାଖ୍ୟା କରିଛନ୍ତି । ସେଥିପାଇଁ ଧର୍ମ ସମ୍ପ୍ରଦାୟ ମଧ୍ୟରେ ଉପନିଷଦର ତାତ୍ତ୍ୱିକ ବିଷୟର ସମ୍ପର୍କରେ ନାନା ମତଭେଦ ଦୃଷ୍ଟିଗୋଚର ହୁଏ । ଉପନିଷଦ ଭଳି ଉଚ୍ଚକୋଟିର ସାହିତ୍ୟ ବିଶ୍ୱସାହିତ୍ୟରେ ଦୁର୍ଲଭ ।

ପ୍ରାଚୀନ କାଳରେ ବେଦ ସହିତ ବେଦାଙ୍ଗ ମଧ୍ୟ ଅଧ୍ୟୟନ କରାଯାଉଥିଲା । ବେଦାଙ୍ଗ ଛ'ଅ ଭାଗରେ ବିଭକ୍ତ—(୧) ଶିକ୍ଷା (୨) ବ୍ୟାକରଣ (୩) ଛନ୍ଦ (୪) ନିରୁକ୍ତ (୫ ଜ୍ୟୋତିଷ (୬) କଳ୍ପ ।

ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ ବେଦାଙ୍ଗର ସ୍ୱରୂପ ଲକ୍ଷ୍ୟ କରାଯାଏ । ବେଦାଙ୍ଗର ଏହି ବ୍ୟାକରଣ ପଦର ବିଶ୍ଳେଷଣ ଏବଂ ସେ ସମ୍ପର୍କୀୟ ଜ୍ଞାନରେ ହିଁ ଆବଦ୍ଧ । ଶିକ୍ଷାରେ ବେଦର ଧ୍ୱନି ସମ୍ପର୍କରେ ବିଚାର

କରାଯାଇଛି । ଛନ୍ଦରେ ବେଦ-ମନ୍ତ୍ରର ପଦ-ବିଭାଜନ ସମ୍ପର୍କରେ କୁହାଯାଇଛି । ନିରୁକ୍ତ ଶାସ୍ତ୍ରରେ ବୈଦିକ ପଦର ଅର୍ଥ ଏବଂ ବ୍ୟାଖ୍ୟା ଦେଖିବାକୁ ମିଳେ । ଜ୍ୟୋତିଷ ଶାସ୍ତ୍ରରେ କାଳ-ବିଭାଜନ ସମ୍ପର୍କରେ ବିଚାର କରାଯାଇଛି ଏବଂ କଳ୍ପରେ କର୍ମ-କାଣ୍ଡର ବିବରଣ ଦେଖିବାକୁ ମିଳେ । ବେଦ ପଢ଼ିବା ପାଇଁ ବେଦାଙ୍ଗ ଚର୍ଚ୍ଚାର ଆବଶ୍ୟକତା ଅନୁଭୂତ ହୋଇଥିଲା ।

ବୌଦ୍ଧଧର୍ମ ବୈଦିକ ସମାଜ ବିରୁଦ୍ଧରେ ଏକ ପ୍ରବଳ ବିଦ୍ରୋହର ପରିଣତି ମାତ୍ର । ତେଣୁ ବୁଦ୍ଧଙ୍କର ଆବିର୍ଭାବ ପୂର୍ବରୁ ବେଦର ସମସ୍ତ ସଂହିତା, ବ୍ରାହ୍ମଣ, ଆରଣ୍ୟକ ଏବଂ ଉପନିଷଦ ଇତ୍ୟାଦି ରଚିତ ହୋଇ ସାରିଥିଲା । ବେଦର କାଳ ସମ୍ପର୍କରେ ନାନାମତ ଜଣାଗଲେ ହେଁ ବିଖ୍ୟାତ ପାଶ୍ଚାତ୍ୟ ପଣ୍ଡିତ ମାକ୍ସମୁଲାର ଖ୍ରୀ. ପୂ. ୧୦୦୦ ବର୍ଷ ପୂର୍ବେ ବେଦ ରଚିତ ହୋଇଥିଲା ବୋଲି ମତ ପ୍ରକାଶ କରିଯାଇଅଛନ୍ତି ।

ବୈଦିକ ଯୁଗ ପରେ ସଂସ୍କୃତ ସାହିତ୍ୟରେ ପୁରାଣ ଯୁଗର ପ୍ରତିଷ୍ଠା ହୋଇଥିଲା । ପୁରାଣର ଆକ୍ଷରିକ ଅର୍ଥ ହେଲା ଯାହା ପୂର୍ବରୁ ରହି ଆସିଛି । ପୁରାଣ ଆଧୁନିକ ଅର୍ଥରେ ଇତିହାସ ବ୍ୟତୀତ ଆଉ କିଛି ନୁହେଁ ।

କାଳ କାଳ ଧରି ଜନଶ୍ରୁତିରେ ଅସଂଖ୍ୟ କଥା ଓ କାହାଣୀ ପ୍ରଚଳିତ ଥିଲା । ବେଦକାଳ ପରେ ତାହା ପୁରାଣର ଗଳ୍ପ ଛଳରେ ସଂକଳିତ ହେଲା । ବୌଦ୍ଧ ଏବଂ ଜୈନ ଯୁଗରେ ମଧ୍ୟ ସେମାନଙ୍କ ସାହିତ୍ୟରେ ପୁରାଣର ବହୁ ଆଖ୍ୟାୟିକା ସଂକଳିତ ହୋଇଅଛି । ପୁରାଣମାନଙ୍କରୁ ପ୍ରାଚୀନ ଯୁଗର ରାଜ୍ୟ, ରାଜା ଏବଂ ରାଜବଂଶ ସମ୍ପର୍କରେ ଅନେକ କଥା ଜଣାଯାଏ । ପୁରାଣମାନଙ୍କରେ ସାଧାରଣତଃ ପାଞ୍ଚଗୋଟି ମୌଳିକ ବିଷୟ ସ୍ଥାନ ପାଇଥାଏ । ସେ ଗୁଡ଼ିକ ହେଲା—(୧) ସୃଷ୍ଟି (୨) ପ୍ରଳୟ (୩) ବଂଶ (୪) ମାନବତାର (୫) ବଂଶାନୁଚରିତ ।

ଏଥିରୁ ଜଣାଯାଉଛି ଯେ ପୁରାଣଗୁଡ଼ିକ ମୁଖ୍ୟତଃ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଲିଖିତ ହୋଇ ନ ଥିଲା । ପରବର୍ତ୍ତୀ କାଳରେ ପୁରାଣ

ସାହିତ୍ୟର ଅଙ୍ଗ ଭାବରେ ଆଉ କେତେକ ବିଷୟ ମଧ୍ୟ ଅଙ୍ଗୀଭୂତ ହେଲା । ତାହା—(୧) ଦାନ (୨) ବ୍ରତ (୩) ତୀର୍ଥ ଏବଂ (୪) ଶ୍ରାଦ୍ଧ ।

ପୁନଶ୍ଚ ପୁରାଣମାନଙ୍କରେ ବ୍ରହ୍ମା, ବିଷ୍ଣୁ, ସୂର୍ଯ୍ୟ, ରୁଦ୍ର ପ୍ରଭୃତି ଦେବତାମାନଙ୍କର ଯଶୋଗାନ ହେବା ସଙ୍ଗେ ସଙ୍ଗେ ସେଥିରେ ଧର୍ମ, ଅର୍ଥ, କାମ, ମୋକ୍ଷ ସମ୍ପର୍କରେ ଆଲୋଚନା କରାଯାଇଛି ।

ପୁରାଣ ବା ଇତିହାସର କଥାବସ୍ତୁ ପ୍ରାଚୀନ କାଳରେ 'ସୂତ' ଏବଂ 'କୁଶୀଲବ' ମାନେ ପୁରୁଷାନୁକ୍ରମେ ସମାଜକୁ ଶୁଣାଇ ଆସୁଥିଲେ । ସୂତ ଏବଂ କୁଶୀଳବଙ୍କ ବଦଳରେ ରାଜସଭାର ପଣ୍ଡିତ ଅଥବା ଧର୍ମମନ୍ଦିରର ପୁରୋହିତମାନେ ପୁରାଣ ଚର୍ଚ୍ଚା କଲେ । ତେଣୁ ନାନା ଧର୍ମ ସଂପ୍ରଦାୟକୁ କେନ୍ଦ୍ର କରି ପୁରାଣମାନ ରଚିତ ହେଲା ଏବଂ ବ୍ୟାଖ୍ୟା ମଧ୍ୟ କରାଗଲା । ତେବେ ପୁରାଣମାନଙ୍କରେ ବ୍ରାହ୍ମଣ୍ୟଧର୍ମର ମହତ୍ତ୍ୱ କୀର୍ତ୍ତନ ପାଇଁ ସବିଶେଷ ଯତ୍ନ କରାଯାଇଅଛି ।

ପୁରାଣ ସାହିତ୍ୟକୁ ସାଧାରଣତଃ ୧୮ଟି ମହାପୁରାଣ ଏବଂ ୧୮ଟି ଉପ ପୁରାଣରେ ବିଭକ୍ତ କରାଯାଇଅଛି । ଏହି ୧୮ଟି ମହାପୁରାଣର ନାମ ସମାନ କ୍ରମରେ ବିଭିନ୍ନ ପୁରାଣମାନଙ୍କରେ ଦେଖିବାକୁ ମିଳେ । ସେମାନଙ୍କର ନାମ ହେଲା—୧ ବ୍ରହ୍ମ ପୁରାଣ ୨-ପଦ୍ମ ପୁରାଣ ୩-ବିଷ୍ଣୁ ପୁରାଣ ୪-ବାୟୁ ପୁରାଣ ୫-ଭାଗବତ ପୁରାଣ ୬-ନାରଦୀୟ ପୁରାଣ ୭-ମାର୍କଣ୍ଡେୟ ପୁରାଣ ୮-ଅଗ୍ନି ପୁରାଣ ୯-ଭବିଷ୍ୟ ପୁରାଣ ୧୦-ବ୍ରହ୍ମବୈବର୍ତ୍ତ ପୁରାଣ ୧୧-ବରାହ ପୁରାଣ ୧୨-ଲିଙ୍ଗ ପୁରାଣ ୧୩-ସ୍କନ୍ଦ ପୁରାଣ ୧୪-ବାମନ ପୁରାଣ ୧୫-କୂର୍ମ ପୁରାଣ ୧୬-ମତ୍ସ୍ୟ ପୁରାଣ ୧୭-ଗରୁଡ଼ ପୁରାଣ ୧୮-ବ୍ରହ୍ମାଣ୍ଡ ପୁରାଣ ।

ଉପପୁରାଣ ଗୁଡ଼ିକ ନିର୍ଦ୍ଦିଷ୍ଟ ଧର୍ମମତ-ଗୋଷ୍ଠୀର ଦର୍ଶନ ଉପରେ ସୁପ୍ରତିଷ୍ଠିତ ଓ ପ୍ରଚଳିତ । ଉପପୁରାଣ ଗୁଡ଼ିକ କାଳ ଦୃଷ୍ଟିରୁ ଅତ୍ୟନ୍ତ ଅର୍ବାଚୀନ ଏବଂ ଏ ଗୁଡ଼ିକର ଐତିହାସିକ ମୂଲ୍ୟବୋଧ ଅତ୍ୟନ୍ତ କମ୍ । ଏହି ୧୮ଗୋଟି ଉପ ପୁରାଣର ନାମ ହେଲା ୧-ସନତକୁମାର ୨-ନରସିଂହ ୩-ନନ୍ଦ ୪-ଶିବ ଧର୍ମ ୫-ଦୁର୍ବାସା ୬-ନାରଦୀୟ ୭-କପିଳ ୮-ବାମନ ୯-ଉଶାନସ ୧୦-ମାନବ ୧୧-ବରୁଣ ୧୨-କଲି ୧୩-ମହେଶ୍ୱର ୧୪-ସାମ୍ବ ୧୫-ସୌର ୧୬-ପରାଶର ୧୭-ମାରିଚ ୧୮-ଭାର୍ଗବ ।

ଏତଦ୍‌ବ୍ୟତୀତ ବହୁ ଉପପୁରାଣର ନାମୋଲ୍ଲେଖ ମଧ୍ୟ ଦେଖାଯାଏ ।

ବେଦ-କାଳ ପରେ ପରେ ସଂସ୍କୃତ ସାହିତ୍ୟରେ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ରଚନା ହେଉଛି ମହାଭାରତ ଓ ରାମାୟଣ । ଭାଷା ଆଉ ଶୈଳୀ ଦୃଷ୍ଟିରୁ ବିଚାର କଲେ ମହାଭାରତ ରାମାୟଣ ଅପେକ୍ଷା ପ୍ରାଚୀନ ରଚନା ବୋଲି ପ୍ରମାଣିତ ହେବ । ମହାଭାରତର କୌରବ-ପାଣ୍ଡବ ଯୁଦ୍ଧ ଦ୍ୱାପର ଯୁଗରେ ଏବଂ ତାର ପୂର୍ବ ଯୁଗରେ ରାମାୟଣ ବର୍ଣ୍ଣିତ ରାବଣ-ରାମ ଯୁଦ୍ଧ ସଂଘଟିତ ହୋଇଥିଲା । ଭାରତୀୟ ସାମାଜିକ ଜୀବନରେ ଉଭୟ ରାମାୟଣ ଓ ମହାଭାରତ ଶହ ଶହ ବର୍ଷ ହେଲା ପ୍ରଭାବ ବିସ୍ତାର କରି ଆସିଅଛନ୍ତି । ବୋଧହୁଏ ଖ୍ରୀ. ପୂ. ୪ର୍ଥ ଶତାବ୍ଦୀ ପୂର୍ବରୁ ମହାଭାରତ ରଚିତ ହୋଇଥିଲା । ବ୍ୟାସଦେବଙ୍କର ମହାଭାରତ ପଞ୍ଚମ ବେଦ ଭାବରେ ସମ୍ମାନିତ ହୋଇଥାଏ । ପୃଥିବୀର ସାହିତ୍ୟରେ ୧୮ଖଣ୍ଡ ବ୍ୟାପି ଏପରି ଦୀର୍ଘ ରଚନା ନାହିଁ କହିଲେ ଚଳେ । ପାଶ୍ଚାତ୍ୟ ଜଗତର ବିଖ୍ୟାତ ପୁରାଣ ମହାକବି ହୋମରଙ୍କର 'ଇଲିଆଡ୍' ଓ 'ଓଡ଼େସୀ' ଉଭୟଙ୍କୁ ଏକାଠି କରିଦେଲେ ମଧ୍ୟ କଳେବର ଦୃଷ୍ଟିରୁ ମହାଭାରତ ଆଠଗୁଣ ଦୀର୍ଘ ହେବ । ଏତେ ବଡ଼ ବିଶାଳ ଗ୍ରନ୍ଥ ବ୍ୟାସଦେବଙ୍କ ନାମରେ ପ୍ରଚଳିତ ହୋଇଥିଲେହେଁ ଏହା ଜଣେ କବିଙ୍କର ଜୀବନ କାଳରେ ରଚିତ ହେବା ସମ୍ଭବ ନୁହେ । ଭାରତୀୟ ସାଂସ୍କୃତିକ ଜୀବନର ଏକ ଦୀର୍ଘ ପରମ୍ପରା ମହାଭାରତ ରଚନାରୁ ପ୍ରତିପାଦିତ ହେଉଅଛି । ମହାଭାରତକୁ ବିଶାଳ ଭାରତବର୍ଷର ଏକମାତ୍ର ଜାତୀୟ ମହାକାବ୍ୟ କୁହାଯାଇପାରେ । କାରଣ ଏହି ଗ୍ରନ୍ଥରେ ସେ କାଳର ବୀରତ୍ୱ, ରାଜ୍ୟଶାସନ, ବିଭିନ୍ନ ଜାତି ଓ ରାଜବଂଶ ଏବଂ ସର୍ବୋପରି ଭାଗବତ ପ୍ରସିଦ୍ଧ କୃଷ୍ଣଙ୍କ ଚରିତର ମହତ୍ତ୍ୱ କୀର୍ତ୍ତିତ ହୋଇଅଛି । ମହାଭାରତର ୧୮ଟି ପର୍ବ ମଧ୍ୟରେ ଅସଂଖ୍ୟ କାହାଣୀ ଦେଖିବାକୁ ମିଳେ । ପୁନଶ୍ଚ ତାର ମଧ୍ୟରୁ ଭଗବାନ କୃଷ୍ଣଙ୍କ ମୁଖନିଃସୃତ ଭଗବଦ୍‌ଗୀତା ପୃଥିବୀର ଅନବଦ୍ୟ ସାହିତ୍ୟ ଭାବରେ ସ୍ୱୀକୃତ ହୋଇଅଛି ।

ଏ ଯୁଗର ଦ୍ୱିତୀୟ ଉଲ୍ଲେଖଯୋଗ୍ୟ ଗ୍ରନ୍ଥ ହେଲା ମହାକବି ବାଲ୍ମୀକଙ୍କ ରଚିତ ରାମାୟଣ । ରାମାୟଣ ସାତଟି କାଣ୍ଡରେ ବିଭକ୍ତ

ହେଲେ ହେଁ, କେତେକ ପାଶ୍ଚାତ୍ୟ ଆଲୋଚକଙ୍କ ମତରେ ରାମାୟଣର ବାଲକାଣ୍ଡ (ପ୍ରଥମ) ଏବଂ ଉତ୍ତରକାଣ୍ଡ (ଶେଷ) ହିଁ ପ୍ରକ୍ଷିପ୍ତ ।

ବାଲ୍ମୀକିଙ୍କୁ ସଂସ୍କୃତ ସାହିତ୍ୟରେ ଆଦିକବିର ସମ୍ମାନ ଦିଆଯାଏ । ପ୍ରାଚୀନ ଭାରତର ଇତିହାସ-ପୁରାଣ ସାହିତ୍ୟକୁ ତିନୋଟି ଭାଗରେ ବିଭକ୍ତ କରାଯାଏ । ତାହା ହେଲା (୧) ଇତିହାସ (୨) କାବ୍ୟ (୩) ପୁରାଣ । ଏହି ବିଭାଗର ପ୍ରଥମ ପର୍ଯ୍ୟାୟରେ ମହାଭାରତ, ଦ୍ୱିତୀୟ ପର୍ଯ୍ୟାୟରେ ରାମାୟଣ ଏବଂ ତୃତୀୟ ପର୍ଯ୍ୟାୟରେ ବିଭିନ୍ନ ପୁରାଣ ଓ ଉପପୁରାଣ ଗୁଡ଼ିକ ଗୃହୀତ ହେବେ ।

ରାମାୟଣ ମହାଭାରତ ଠାରୁ ଯେ ଅର୍ବାଚୀନ, ଆଜି ଏ ବିଷୟରେ ଆଲୋଚକମାନଙ୍କ ମଧ୍ୟରେ ଆଦୌ ସନ୍ଦେହ ନାହିଁ । କାରଣ ପାତଞ୍ଜଳୀ ଏବଂ ପାଣିନୀ ପ୍ରଭୃତି ସେମାନଙ୍କ ରଚନାରେ ମହାଭାରତର ବାସୁଦେବ ଅର୍ଜୁନ, ଯୁଧିଷ୍ଠିର ପ୍ରଭୃତି ଚରିତ୍ରମାନଙ୍କର ନାମୋଲ୍ଲେଖ କରିଥିଲେ ହେଁ ରାମାୟଣରେ କୌଣସି ଚରିତ୍ର ବିଷୟରେ ଆଲୋଚନା କରି ନାହାନ୍ତି । ପୁନଶ୍ଚ ମହାଭାରତ ବର୍ଣ୍ଣିତ ସଭ୍ୟତା ଓ ସଂସ୍କୃତି ଅପେକ୍ଷା ରାମାୟଣ ବର୍ଣ୍ଣିତ ସଭ୍ୟତା ଓ ସଂସ୍କୃତି ଅଧିକ ମାର୍ଜିତ, ଉଦାର ଏବଂ ସମୃଦ୍ଧ ଥିବା ଜଣାଯାଉଛି ।

ଏହି ଦୁଇଟି ଗ୍ରନ୍ଥ ପରେ ପୁରାଣର ଯୁଗ ଆରମ୍ଭ ହେଲା । ବେଦ ବର୍ଣ୍ଣିତ ବହୁ କାହାଣୀ ପୁରାଣର ଗଳ୍ପ ଛଳରେ ପ୍ରବର୍ତ୍ତିତ ହେଲା ।

ପରବର୍ତ୍ତୀକାଳରେ ସଂସ୍କୃତ ସାହିତ୍ୟ ମୋଟାମୋଟି ମହାକାବ୍ୟ, ଖଣ୍ଡ କାବ୍ୟ, ନାଟ୍ୟ ସାହିତ୍ୟ, ଚମ୍ପୂ, କଥା ସାହିତ୍ୟ ଆଦି ବିଭାଗରେ ଆଲୋଚିତ ହେଲା । ବାଲ୍ମୀକି ମହାକାବ୍ୟର ପ୍ରାଣ ପ୍ରତିଷ୍ଠାତା ହେଲେ ହେଁ କାଳିଦାସଙ୍କର କୁମାରସମ୍ଭବ, ରଘୁବଂଶ, 'ଭାରବି'ଙ୍କର 'କିରାତାର୍ଜୁନୀୟ', ମାଘଙ୍କର ଶିଶୁପାଳ ବଧ, ଏବଂ ଶ୍ରୀହର୍ଷଙ୍କ 'ନୈଷଧୀୟ ଚରିତ' ପ୍ରଭୃତି ଗ୍ରନ୍ଥ ଗୁଡ଼ିକ ମହାକାବ୍ୟ ଶ୍ରେଣୀ ଅନ୍ତର୍ଭୁକ୍ତ ।

ଖଣ୍ଡକାବ୍ୟ ବର୍ଗରେ କାଳିଦାସଙ୍କର ମେଘଦୂତ, ଧୋୟୀ କବିଙ୍କ 'ପବନଦୂତ' ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଏତଦ୍‌ବ୍ୟତୀତ ଶୃଙ୍ଗାରତିଳକ,

ଘଟକର୍ପର କାବ୍ୟ, ଭର୍ତ୍ତୃହରି ଶତକ, ଯୋଗିନୀ ବିଳାସ, ଗୀତ ଗୋବିନ୍ଦ ପ୍ରଭୃତି ମଧ୍ୟ ଗ୍ରହଣ କରାଯାଇପାରେ ।

ସଂସ୍କୃତ ନାଟକ ସାହିତ୍ୟରେ ଭରତ ମୁନି ଚିରସ୍ମରଣୀୟ । କାରଣ ସେ ପ୍ରଥମେ ନାଟ୍ୟଶାସ୍ତ୍ର ରଚନା କରି ନାଟକ ରଚନା ପାଇଁ ପ୍ରେରଣା ସୃଷ୍ଟି କରିଥିଲେ । ପ୍ରଥମ କାଳର ନାଟକ ଭିତରେ ଅଶ୍ୱଘୋଷଙ୍କ "ଶାରିପୁତ୍ର ପ୍ରକରଣ" ଏବଂ କାଳିଦାସଙ୍କ ରଚିତ 'ଅଭିଜ୍ଞାନ ଶାକୁନ୍ତଳ' ବିକ୍ରମୋର୍ବଶୀୟ, ମାଳବିକାଗ୍ନି ମିତ୍ର ପ୍ରଭୃତି ଗ୍ରହଣୀୟ । କାଳିଦାସ ପୃଥିବୀର ସାହିତ୍ୟରେ ଅନ୍ୟତମ ଶ୍ରେଷ୍ଠ ନାଟ୍ୟକାର ବୋଲି ସମ୍ମାନିତ ହୋଇଥାଅନ୍ତି । ତାଙ୍କ ବ୍ୟତୀତ ଭବଭୂତିଙ୍କ "ଉତ୍ତରରାମଚରିତ", 'ମାଳତୀ ମାଧବ', ଭଟ୍ଟ ନାରାୟଣଙ୍କ 'ବେଣୀ ସଂହାର' ବିଶାଖାଦତ୍ତଙ୍କ 'ମୁଦ୍ରାରାକ୍ଷସ', ମୁରାରିଙ୍କ "ଅନର୍ଘ ରାଘବ", ଜୟଦେବଙ୍କ 'ପ୍ରସନ୍ନ ରାଘବ' ପ୍ରଭୃତି ବହୁ ପ୍ରସିଦ୍ଧ ନାଟକର ସନ୍ଧାନ ମିଳିଥାଏ ।

ବହୁ ପ୍ରାଚୀନ କାଳରୁ ସଂସ୍କୃତରେ ଗଦ୍ୟ ଲେଖାର ପ୍ରଚଳନ ହୋଇ ଆସିଅଛି । ଯଜୁର୍ବେଦରେ ପ୍ରାଚୀନ ଗଦ୍ୟର ନମୁନା ଦେଖିବାକୁ ମିଳେ । ପରବର୍ତ୍ତୀ କାଳରେ ବ୍ରାହ୍ମଣ ଗ୍ରନ୍ଥରେ ମଧ୍ୟ ଗଦ୍ୟ ଲେଖାର ପ୍ରଚଳନ କରାଯାଇଥିଲା । ମାତ୍ର ସୁବନ୍ଧୁଙ୍କ 'ବାସବଦତ୍ତା', ଦଣ୍ଡୀଙ୍କ 'ଦଶକୁମାର ଚରିତ' ବାଣଭଟ୍ଟଙ୍କ 'ହର୍ଷଚରିତ' ଏବଂ 'କାଦମ୍ବରୀ' ସଂସ୍କୃତ ସାହିତ୍ୟର ପ୍ରତିଷ୍ଠିତ କାବ୍ୟଗ୍ରନ୍ଥ ।

ଏତଦ୍‌ବ୍ୟତୀତ ଉଭୟ ଗଦ୍ୟ ଏବଂ ପଦ୍ୟ ମିଶ୍ରିତ ରଚନାକୁ ସଂସ୍କୃତରେ ଚମ୍ପୂକାବ୍ୟ କୁହାଯାଏ । ପ୍ରାଚୀନ ତ୍ରିବିକ୍ରମ ଭଟ୍ଟଙ୍କ ଦ୍ୱାରା ରଚିତ ନଳଚମ୍ପୂ ଅଥବା ଦମୟନ୍ତୀକଥା ଅତ୍ୟନ୍ତ ବିଖ୍ୟାତ । ଏ ଚମ୍ପୂ-କାବ୍ୟର ଲେଖକ ଦଶମ ଶତାବ୍ଦୀରେ ଆବିର୍ଭୂତ ହୋଇଥିଲେ ବୋଲି ଅନୁମାନ କରାଯାଏ । ଯଶସ୍ତିଳକ, ରାମାୟଣ ଚମ୍ପୂ, ଭାଗବତ ଚମ୍ପୂ ଇତ୍ୟାଦି କେତେକ ପ୍ରସିଦ୍ଧ ଚମ୍ପୂ କାବ୍ୟର ନିଦର୍ଶନ ମଧ୍ୟ ସଂସ୍କୃତ ସାହିତ୍ୟରୁ ମିଳେ ।

ସଂସ୍କୃତରେ କଥା ସାହିତ୍ୟ ଅତ୍ୟନ୍ତ ପ୍ରାଚୀନ । ବେଦ ଓ ବ୍ରାହ୍ମଣ ସାହିତ୍ୟରେ ମଧ୍ୟ ବହୁତ କାହାଣୀ ଦୃଷ୍ଟିଗୋଚର ହୁଏ । ପଶୁପକ୍ଷୀମାନଙ୍କୁ କେନ୍ଦ୍ର କରି ବୌଦ୍ଧ ଜାତକର ଅସଂଖ୍ୟ କାହାଣୀ ଖ୍ରୀ. ପୂ. ଦ୍ୱିତୀୟ ଶତାବ୍ଦୀରୁ

ପ୍ରଚଳିତ ଥିବା ଜଣାଯାଏ । ପରବର୍ତ୍ତୀ କାଳରେ ଏହି କାହାଣୀ ଗୁଡ଼ିକ ମୌଖିକ ପ୍ରଚାରର ପାଇଁ ପରିବେଷଣ କରାଯାଇଥିଲା । ରାଜପୁତ୍ରମାନଙ୍କୁ ରାଜନୀତି ଓ ଧର୍ମନୀତିର ଗୂଢ଼ କଥା ଗୁଡ଼ିକ କାହାଣୀ ଛଳରେ ବ୍ରାହ୍ମଣମାନେ ଶିକ୍ଷା ଦେଉଥିଲେ । ଗୁରୁ ବିଷ୍ଣୁଶର୍ମା ରାଜା ଅମରଶକ୍ତିଙ୍କର ପୁତ୍ରମାନଙ୍କୁ ଏହିପରି ଶିକ୍ଷା ଦେଉଥିବା ଜଣାଯାଏ । ସେ କାହାଣୀ ଛଳରେ ଯେଉଁ ନୈତିକ ଶିକ୍ଷା ପ୍ରଦାନ କରିଥିଲେ ତାହା 'ତନ୍ତ୍ରାଖ୍ୟାୟିକା' ଅଥବା 'ପଞ୍ଚତନ୍ତ୍ର' ପୁସ୍ତକରେ ସଂକଳିତ ହୋଇଅଛି । ପୃଥିବୀର କଥାସାହିତ୍ୟରେ ବୋଧହୁଏ ଏହା ପ୍ରାଚୀନତମ ଗ୍ରନ୍ଥ । ଏକାଦଶ ଖ୍ରୀଷ୍ଟାବ୍ଦରେ ଗୁଣାଢ଼୍ୟ ତାଙ୍କର ବିଖ୍ୟାତ 'ବୃହତ୍ କଥା' ପ୍ରଚାର କରିଥିଲେ । ପରବର୍ତ୍ତୀ କାଳରେ ଏହି ପୁସ୍ତକର ଅବଲମ୍ବନରେ କ୍ଷେମେନ୍ଦ୍ରଙ୍କର 'ବୃହତ୍ କଥା ମଞ୍ଜରୀ' ଏବଂ ସୋମଦେବଙ୍କର 'କଥାସରିତ ସାଗର' ରଚିତ ହୋଇଥିଲା । ପଞ୍ଚତନ୍ତ୍ରର ବହୁ ପରେ 'ହିତୋପଦେଶ'ର ଗଳ୍ପଗୁଡ଼ିକ ସଂକଳିତ ହୋଇଥିଲା । ଏତଦ୍‌ବ୍ୟତୀତ ଶିବଦାସଙ୍କ ରଚିତ 'ବେତାଳ ପଞ୍ଚବିଂଶତି' ଅନ୍ୟ ଏକ ପ୍ରସିଦ୍ଧ କାହାଣୀ ଗ୍ରନ୍ଥ । ରାଜା ବିକ୍ରମଙ୍କ ଅଲୌକିକ ପ୍ରତିଭା ଏବଂ ସାଧନା ସମ୍ପର୍କରେ ଏହି କାହାଣୀଗୁଡ଼ିକ ରଚିତ ହୋଇଅଛି । ପୁନଶ୍ଚ ରାଜପୁତ୍ରର ଅବର୍ତ୍ତମାନରେ ବିଭ୍ରାନ୍ତ ରାଜକନ୍ୟା ପାଳିତ ଶୁକ ମୁଖରୁ ୭୦ଟି ଉପଦେଶାତ୍ମକ କାହାଣୀ ଶୁଣି ନିଜର ଭ୍ରମ ବିଷୟରେ ସଚେତନ ହୋଇଅଛି । ଏହାହିଁ ହେଉଛି 'ଶୁକସପ୍ତତି'ର କଥାବସ୍ତୁ । ସେହି 'ସିଂହାସନ ଦ୍ୱାତ୍ରିଂଶିକା'ରେ ରାଜା ବିକ୍ରମାଦିତ୍ୟଙ୍କ ସିଂହାସନ ଆରୋହଣ ପ୍ରସଙ୍ଗରେ ବତିଶ ଗୋଟି ଗଳ୍ପର ସଂକଳନ ହୋଇଅଛି । କଥା-ସାହିତ୍ୟ ପର୍ଯ୍ୟାୟରେ ଅଭିନନ୍ଦଙ୍କ 'କାଦମ୍ବରୀ କଥାସାର' ଏବଂ ଜୈନ ହେମଚନ୍ଦ୍ରଙ୍କ 'ପରିଶିଷ୍ଟ-ପର୍ବଣ' ଦୁଇଟି ଉଲ୍ଲେଖଯୋଗ୍ୟ ଗ୍ରନ୍ଥ ।

ସଂସ୍କୃତ ସାହିତ୍ୟ ପରି ତାହାର ସମାଲୋଚନା ଗ୍ରନ୍ଥ ମଧ୍ୟ ଅତି ସମୃଦ୍ଧ । ଅତି ପ୍ରାଚୀନ କାଳରୁ ସଂସ୍କୃତ ସାହିତ୍ୟରେ ବହୁ ମୂଲ୍ୟବାନ ଅଳଙ୍କାର ଗ୍ରନ୍ଥ ରଚିତ ହୋଇଅଛି । ଖ୍ରୀ. ପୂ. ୭ମ ଶତାବ୍ଦୀରେ ପାଣିନୀଙ୍କ ଅଷ୍ଟାଧ୍ୟାୟୀ ଏବଂ ପରେ ପାଣିନୀଙ୍କ ବ୍ୟାକରଣ ସମ୍ପର୍କରେ ମହର୍ଷି ପାତଞ୍ଜଳୀଙ୍କ ଭାଷ୍ୟ—ଏହି ଦୁଇଟି ଗ୍ରନ୍ଥରେ କାବ୍ୟ ସମ୍ପର୍କରେ ଚମତ୍କାର ବିଶ୍ଳେଷଣ କରାଯାଇଅଛି । ସଂସ୍କୃତ ଦୃଶ୍ୟକାବ୍ୟ ସମ୍ପର୍କରେ ସର୍ବପ୍ରାଚୀନ ଆଲୋଚନା ଗ୍ରନ୍ଥ ରଚନା କରିଥିଲେ, ମହର୍ଷି 'ଭରତ' । ସେ ୭ମ ଶତାବ୍ଦୀରେ

ଆବର୍ତ୍ତିତ ହୋଇଥିଲେ । ଏକ ହଜାର ବର୍ଷ ପରେ ମଧ୍ୟ ଏ ଗ୍ରନ୍ଥ ପୃଥିବୀର ସାହିତ୍ୟରେ ଦୃଶ୍ୟକାବ୍ୟ ସମ୍ପର୍କରେ ଏକ ପ୍ରାମାଣିକ ଗ୍ରନ୍ଥ ବୋଲି ସ୍ୱୀକାର କରାଯାଇଛି । ସଂସ୍କୃତ ଶ୍ରାବ୍ୟକାବ୍ୟ ସମ୍ପର୍କରେ ବିଭିନ୍ନ ଯୁଗରେ ବହୁ ଅଳଙ୍କାର ଗ୍ରନ୍ଥ ରଚିତ ହୋଇଥିବା ଜଣାଯାଏ । ସେମାନଙ୍କ ମଧ୍ୟରେ ଦଣ୍ଡୀଙ୍କର କାବ୍ୟାଦର୍ଶ (୬ଷ୍ଠ ଶତାବ୍ଦୀ), ଭାମହଙ୍କର 'କାବ୍ୟାଳଙ୍କାର', ରୁଦ୍ରଭଟ୍ଟଙ୍କର 'ଶୃଙ୍ଗାର ତିଳକ' (ନବମ ଶତାବ୍ଦୀ), ରୁଦ୍ରଙ୍କର 'ଦଶରୂପ' (ଦଶମ ଶତାବ୍ଦୀ), ମମ୍ମଟଙ୍କର 'କାବ୍ୟ ପ୍ରକାଶ' (ଦ୍ୱାଦଶ ଶତାବ୍ଦୀ) ଏବଂ ବିଶ୍ୱନାଥ କବିରାଜଙ୍କର 'ସାହିତ୍ୟ ଦର୍ପଣ' (ପଞ୍ଚଦଶ ଶତାବ୍ଦୀ) ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଶେଷୋକ୍ତ ଆଳଙ୍କାରିକ ବିଶ୍ୱନାଥ କବିରାଜ ଉତ୍କଳରେ ଜନ୍ମଗ୍ରହଣ କରିଥିଲେ ଏବଂ ସଂସ୍କୃତ ସାହିତ୍ୟରେ 'ସାହିତ୍ୟ ଦର୍ପଣ' ଏକ ଉଚ୍ଚ କୋଟିର ଅଳଙ୍କାର ଗ୍ରନ୍ଥ, ଭାବରେ ସର୍ବତ୍ର ଆଦୃତ ହୋଇଅଛି । ଏତଦ୍-ବ୍ୟତୀତ ବାମନଙ୍କର 'କାବ୍ୟାଳଙ୍କାର ସୂତ୍ର', ଆନନ୍ଦବର୍ଦ୍ଧନଙ୍କ ଧ୍ୱନ୍ୟାଲୋକ, ଜଗନ୍ନାଥ ପଣ୍ଡିତଙ୍କ 'ରସଗଙ୍ଗାଧର' ପ୍ରଭୃତି କେତେକ ପ୍ରସିଦ୍ଧ ଅଳଙ୍କାର ଗ୍ରନ୍ଥ ମଧ୍ୟ ରଚିତ ହୋଇଥିଲି ।

ଅଳଙ୍କାର ପରି ସଂସ୍କୃତ ବ୍ୟାକରଣ ଗ୍ରନ୍ଥ ମଧ୍ୟ ଅତି ପ୍ରାଚୀନ ଏବଂ ବିକାଶପ୍ରାପ୍ତ । ମହର୍ଷି ପାଣିନୀ ଖ୍ରୀ: ପୂ: ଷଷ୍ଠ ଶତାବ୍ଦୀ କାଳରୁ ସଂସ୍କୃତ ବ୍ୟାକରଣ ସଂପର୍କରେ ବୈଜ୍ଞାନିକ ଆଲୋଚନା କରିଥିଲେ । ପାଣିନୀଙ୍କ ବ୍ୟାକରଣ ବିଷୟରେ ପରବର୍ତ୍ତୀ କାଳରେ ବହୁ ଆଲୋଚକ ଅତି ପାଣ୍ଡିତ୍ୟ ପୂର୍ଣ୍ଣ ଭାଷ୍ୟ ଏବଂ ଟୀକା କରି ଯାଇଅଛନ୍ତି । କାତ୍ୟାୟନ, ପାତଞ୍ଜଳୀ, ନାଗୋଜୀଭଟ୍ଟ, ଭର୍ତ୍ତୃହରି, ଜୟାଦିତ୍ୟ, ବାମନ, ଭରଦ୍ୱାଜ ପ୍ରଭୃତି ସଂସ୍କୃତ ସାହିତ୍ୟରେ ପ୍ରମୁଖ ବୈୟାକରଣ ଭାବରେ ସୁପରିଚିତ ।

ରତ୍ନଗର୍ଭା ସଂସ୍କୃତ ସାହିତ୍ୟରେ ବହୁ ପ୍ରାଚୀନ କାଳରୁ ଦର୍ଶନର ବିକାଶ ହୋଇଥିଲା । ଯଜୁର୍ବେଦ ଏବଂ ପ୍ରଥମକାଳର ଉପନିଷଦ ଗୁଡ଼ିକରେ ଆର୍ଯ୍ୟ ଦର୍ଶନର ସୂଚନା ମିଳିଥିଲା । ବୈଦିକ ସାହିତ୍ୟରେ ଦର୍ଶନର ମୂଳ ବୀଜ ନିହିତ ଥିଲା । ଉତ୍ତରକାଳରେ ହିନ୍ଦୁ ଦର୍ଶନ ଛଅ ଭାଗରେ ପ୍ରକାଶିତ ହୋଇଥିଲା ।— ତାହା ହେଉଛି ୧-ସାଂଖ୍ୟ ୨-ଯୋଗ ୩-ବୈଶେଷିକ ୪-ନ୍ୟାୟ ୫-ମୀମାଂସା ୬-ବେଦାନ୍ତ; ଏହା ଛଡ଼ା ସଂସ୍କୃତ ସାହିତ୍ୟରେ ବୌଦ୍ଧ ଦର୍ଶନ ଏବଂ ଜୈନ ଦର୍ଶନ ସଂପର୍କୀୟ ପ୍ରଚୁର ଆଲୋଚନା ହୋଇଅଛି ।

ମହର୍ଷି କପିଳ ତାଙ୍କର ସାଂଖ୍ୟ ଦର୍ଶନର ବ୍ୟାଖ୍ୟା କରିଥିଲେ ବୌଦ୍ଧ ଧର୍ମ ଓ ଜୈନ ଧର୍ମର ଅଭ୍ୟୁଦୟ ପୂର୍ବରୁ । କାରଣ ଏହି ଦୁଇଟି ଧର୍ମ ସାଂଖ୍ୟ ଦର୍ଶନକୁ ଭିତ୍ତି କରି ପ୍ରବର୍ତ୍ତିତ ହୋଇଥିଲା । କପିଳଙ୍କ ସାଂଖ୍ୟ ଦର୍ଶନ ବ୍ୟତୀତ ପାତଞ୍ଜଳିଙ୍କ ଯୋଗସୂତ୍ର, ଜୈମିନିଙ୍କ ପୂର୍ବମୀମାଂସା, ବାଦରାୟଣଙ୍କ ଉତ୍ତରମୀମାଂସା, କଣାଦଙ୍କ ବୈଶେଷିକ ସୂତ୍ର,' ଗୌତମଙ୍କ ନ୍ୟାୟସୂତ୍ର ପ୍ରଧାନ । ଏମାନଙ୍କ ବ୍ୟତୀତ ବହୁ ଦାର୍ଶନିକ ବ୍ୟାଖ୍ୟାକାର ଏବଂ ମନୀଷୀ ଭାରତୀୟ ଦର୍ଶନର ବିକାଶ କ୍ଷେତ୍ରରେ ଯଥେଷ୍ଟ କାର୍ଯ୍ୟ କରି ଯାଇଅଛନ୍ତି । ସେମାନଙ୍କ ମଧ୍ୟରେ ରାମାନୁଜ, ନିମ୍ବାର୍କ, ମାଧ୍ୱ, ଶଙ୍କର, ଗୁବାକ ପ୍ରଭୃତି ଅତ୍ୟନ୍ତ ସ୍ମରଣୀୟ ।

ସଂସ୍କୃତ ସାହିତ୍ୟ ଏକ ଅମୂଲ୍ୟ ଗନ୍ତାଘର । ଏଥିରେ ପୁରାଣ ଧର୍ମ, ଦର୍ଶନ, ମହାକାବ୍ୟ, ଦୃଶ୍ୟକାବ୍ୟ, ଗଦ୍ୟ, ଚମ୍ପୂ ବ୍ୟତୀତରେ ଆୟୁର୍ବେଦ, ଧନୁର୍ବେଦ, ଗାନ୍ଧର୍ବବେଦ, ଅର୍ଥବେଦ ପ୍ରଭୃତି ବିଭିନ୍ନ ବିଭାଗରେ ପ୍ରଚୁର ଉନ୍ନତି ସମ୍ଭବ ହୋଇଥିଲା । ଏହିସବୁ ଗ୍ରନ୍ଥ ପାଠକଲେ ପ୍ରାଚୀନ ଭାରତୀୟ ଆର୍ଯ୍ୟମାନେ କିପରି ବିଜ୍ଞାନ କ୍ଷେତ୍ରରେ ପ୍ରଭୂତ ପ୍ରଗତି ସାଧନ କରିଥିଲେ ତାହାର ପ୍ରମାଣ ମିଳେ । ଖ୍ରୀ: ପୂ: ଦ୍ୱିତୀୟ ଶତାବ୍ଦୀରେ ଚରକଙ୍କର ବିଖ୍ୟାତ ଆୟୁର୍ବେଦ ଗ୍ରନ୍ଥ 'ଚରକ ସଂହିତା' ରଚିତ ହୋଇଥିଲା । ଏହା ହେଉଛି ସର୍ବପ୍ରାଚୀନ ଆୟୁର୍ବେଦ ଗ୍ରନ୍ଥ । ଭରତଙ୍କ ନାଟ୍ୟଶାସ୍ତ୍ର ଏବଂ ସାମ ବେଦରୁ ଗାନ୍ଧର୍ବ ବିଦ୍ୟାର ପରିଚୟ ମିଳେ । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର' ସଂସ୍କୃତ ସାହିତ୍ୟରେ ଏକ ମୂଲ୍ୟବାନ ଗ୍ରନ୍ଥ । ଏଥିରେ ରାଜନୀତି, ସମାଜନୀତି ଏବଂ ତତ୍କାଳୀନ ଅର୍ଥନୀତିର ସମସ୍ୟାର ବିଶଦ ବିବରଣ ଦିଆଯାଇଛି । କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଆଇନ, ଅଙ୍କ, ଜ୍ୟୋତିଷ, କୋଷଗ୍ରନ୍ଥ ପ୍ରଭୃତି ଜ୍ଞାନ ବିଜ୍ଞାନର ପ୍ରତ୍ୟେକ ବିଭାଗରେ ସଂସ୍କୃତ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ ହୋଇଥିଲା ।

ସଂସ୍କୃତ ଭାଷା ଆଜି ଗତିଶୀଳ ନୁହେଁ । ତଥାପି ସଂସ୍କୃତ ଭାଷା ଓ ସାହିତ୍ୟ ଭାରତୀୟ ପ୍ରାନ୍ତୀୟ ସାହିତ୍ୟମାନଙ୍କର ପ୍ରଧାନ ସମନ୍ୱୟ କେନ୍ଦ୍ର । କଥା ଏବଂ ଭାଷା ଉଭୟ କ୍ଷେତ୍ରରେ ପ୍ରାନ୍ତୀୟ ଭାଷା ଗୋଷ୍ଠୀ ଦୀର୍ଘ ଶତ ଶତ ବର୍ଷ ଦେଇ ସଂସ୍କୃତ ସାହିତ୍ୟ ନିକଟରେ ଅତ୍ୟନ୍ତ ଋଣୀ । ଅଧିକାଂଶ ପ୍ରାନ୍ତୀୟ ସାହିତ୍ୟ ସେମାନଙ୍କର ଅଭ୍ୟୁଦୟର ପ୍ରଥମ ବହୁ ଶତାବ୍ଦୀ ପର୍ଯ୍ୟନ୍ତ

କେବଳ ସଂସ୍କୃତ ସାହିତ୍ୟର ଆଦର୍ଶରେ ହିଁ ବିକଶିତ ହୋଇଥିଲେ । ବହୁଭାଷା, ଧର୍ମ ଓ ଗୋଷ୍ଠୀର ଦେଶ ହେଲେ ହେଁ ଭାରତୀୟ ସଂସ୍କୃତିର ସମନ୍ୱୟ ଏବଂ ଐକ୍ୟବୋଧ କେବଳ ସଂସ୍କୃତ ଭାଷା ଓ ସାହିତ୍ୟ ଯୋଗୁ ସମ୍ଭବ ହୋଇ ପାରିଛି । ତେଣୁ ଆନ୍ତର୍ଜାତିକ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସଂସ୍କୃତ ସାହିତ୍ୟ ହିଁ ଭାରତୀୟ ସଂସ୍କୃତିର ପରିଚୟ ଦେବାକୁ କ୍ଷମ ହୋଇଅଛି ।

# ଅପଭ୍ରଂଶ ସାହିତ୍ୟ

ଅପଭ୍ରଂଶ ଶବ୍ଦଟି ପତିତ ଅର୍ଥରେ ପ୍ରଥମେ ବ୍ୟବହାର କରାଯାଇ-ଥିଲା । ସେ କାଳରେ ପଣ୍ଡିତ ସମାଜ ଅପଭ୍ରଂଶ ଅଥବା ଭାଷାରେ ଅପଶବ୍ଦକୁ ଅନାଦର ଅର୍ଥରେ ବ୍ୟବହାର କରୁଥିଲେ । ମହାଭାଷ୍ୟକାର ପତଞ୍ଜଳି ଅପଶବ୍ଦ ବହୁଳତାକୁ ଶିଷ୍ଟଭାଷାରୁ ପାର୍ଥକ୍ୟ କରିବାପାଇଁ 'ଅପଭ୍ରଂଶ' ଶବ୍ଦର ପ୍ରୟୋଗ କରିଥିଲେ । ସେତେବେଳେ ଅପଭ୍ରଂଶ କହିଲେ ତାଙ୍କ ଦୃଷ୍ଟିରେ କୌଣସି ସ୍ୱତନ୍ତ୍ର ଭାଷା ନ ଥିଲା ।

ସଂସ୍କୃତ ସାହିତ୍ୟର ଶ୍ରେଷ୍ଠତମ ବୈୟାକରଣ ହେଉଛନ୍ତି ପାଣିନି । ସେ ସଂସ୍କୃତ ସାହିତ୍ୟର ବୈଜ୍ଞାନିକ ଧାରା ନିର୍ଦ୍ଦେଶ କରି ଦେଇଯାଇ-ଅଛନ୍ତି । ପାଣିନୀଙ୍କୁ ବ୍ୟତିକ୍ରମ କରି ସଂସ୍କୃତ ସାହିତ୍ୟର ଅଥବା ଭାରତୀୟ ଶିଷ୍ଟମଣ୍ଡଳୀର ସାହିତ୍ୟ ଆଲୋଚନା ସମ୍ଭବ ନୁହେଁ । ତେଣୁ ଅପଭ୍ରଂଶ କହିଲେ ଏକଦା ବୁଝାଉଥିଲା ଯାହା ପାଣିନୀଙ୍କର ନିର୍ଦ୍ଦେଶ ବହିର୍ଭୂତ । ଅସାଧୁ ଶବ୍ଦଗୁଡ଼ିକୁ ଅପଭ୍ରଂଶ ବୋଲି କୁହାଯାଉଥିଲା ।

ସବୁ ଯୁଗରେ ଲୋକଙ୍କର କଥିତ ଭଷାକୁ ପ୍ରାକୃତ ଭାଷା ନାମରେ ନାମିତ କରାଯାଇଛି । ବୈଦିକ ଯୁଗରେ ମଧ୍ୟ ଏକ ସ୍ୱତନ୍ତ୍ର ପ୍ରାକୃତ ଭାଷାର ପରିଚୟ ମିଳୁଛି । ବିଭିନ୍ନ ଯୁଗରେ ପ୍ରାକୃତ ଭାଷା ରୂପାନ୍ତରିତ ହୋଇ କେତେକ ବିଭାଗରେ ପରିଣତ ହୋଇ ଯାଇଅଛି । ସଂସ୍କୃତ ଭାଷାର ରାଜତ୍ୱ କାଳରେ ପ୍ରାକୃତ ଭାଷା କଥିତ ଭାଷା ଭାବରେ ବହୁକାଳ ପ୍ରଚଳିତ ହେଲା ଏବଂ କ୍ରମେ କ୍ରମେ ଏହା ସାହିତ୍ୟିକ ସମ୍ମାନ ମଧ୍ୟ ଗ୍ରହଣ କଲା । ସଂସ୍କୃତ ନାଟକରେ ସ୍ଥାନେ ସ୍ଥାନେ ସଂଳାପ ଗୁଡ଼ିକ ପ୍ରାକୃତ ଭାଷାରେ ପ୍ରଦତ୍ତ ହେଲା । ଆଳଙ୍କାରିକଗଣ ଏଥିପାଇଁ ସ୍ୱତନ୍ତ୍ର ନୀତିନିୟମ ମଧ୍ୟ ଘୋଷଣା କରିଗଲେ । ପରେ ପରେ କେବଳ ପ୍ରାକୃତ ଭାଷାରେ ମଧ୍ୟ ମୌଳିକ ସାହିତ୍ୟ ସୃଷ୍ଟି କରାଗଲା । ଏଣୁ ପ୍ରାକୃତ ଭଷା ସାହିତ୍ୟିକ ରୂପ ପରିଗ୍ରହଣ ପରେ ସ୍ୱଭାବତଃ ଜନସାଧାରଣଙ୍କ ଭାଷା ଆଉ ପ୍ରାକୃତ ହୋଇ ରହିଲା ନାହିଁ । ଏହି

ସମୟରେ ଜନ୍ମଗ୍ରହଣ କଲା ଅପଭ୍ରଂଶ । ଅପଭ୍ରଂଶ ବହୁକାଳ ଯାବତ କଥିତ ଭାଷା ଭାବରେ ଅଗ୍ରସର ହୋଇ ସାହିତ୍ୟିକ ଭାଷାର ମର୍ଯ୍ୟାଦା ଲାଭ କରିବାରୁ ଆଧୁନିକ ଭାରତୀୟ ଭାଷାଗୁଡ଼ିକର ଉଦ୍ଭବ ହୋଇଅଛି । ଅପଭ୍ରଂଶ ସାହିତ୍ୟିକ ଭାଷା ରୂପରେ ପରିଚିତ ହେଲାବେଳେ ଆଧୁନିକ ଭାରତୀୟ ଭାଷା-ଗୁଡ଼ିକ କଥିତ ଭାଷା ହେବା ସ୍ୱାଭାବିକ ଥିଲା ।

ପ୍ରାକୃତ ଭାଷାର ଏହି ବିକାଶକୁ କେତେକ ଆଲୋଚକ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି । (୧) ପ୍ରଥମ କାଳର ପ୍ରାକୃତକୁ ପାଲି ଭାଷା ବୋଲି ଚିହ୍ନିତ କରାଯାଇଛି । (୨) ଦ୍ୱିତୀୟ କାଳର ପ୍ରାକୃତ ସୌରସେନୀ ଓ ଅନ୍ୟାନ୍ୟ ପ୍ରାକୃତ ନାମରେ ନାମିତ ହୋଇଅଛି । (୩) ପ୍ରାକୃତର ବିକାଶ ପଥରେ ତୃତୀୟ ଅବସ୍ଥା ହେଲା "ଅପଭ୍ରଂଶ" । ଭାଷାତତ୍ତ୍ୱବିତ୍‌ଗଣଙ୍କ ମତରେ ମଧ୍ୟଭାରତୀୟ ଆର୍ଯ୍ୟଭାଷାର ବିକାଶପଥରେ ଶେଷ ଅଧ୍ୟାୟ ହେଉଛି ଅପଭ୍ରଂଶ ।

ଏଥିରୁ ଜଣାଯାଉଅଛି ଯେ ପ୍ରଥମକାଳରେ ଶିଷ୍ଟ, ପଣ୍ଡିତ ଏବଂ ସ୍ୱାକ୍ଷର ଲୋକେ ସାଧୁଭାଷାରେ କଥୋପକଥନ କରୁଥିଲେ । ଅଶିକ୍ଷିତ ନିରକ୍ଷର ଲୋକେ ଯେଉଁ ଅନୁନ୍ନତ ଭାଷାରେ କଥୋପକଥନ କରୁଥିଲେ, ତାହା ଅପଭାଷା ବୋଲି ନିନ୍ଦିତ ହେଉଥିଲା । ପାତଞ୍ଜଳି ଏହା ଅପଶବ୍ଦ ବୋଲି କହିଅଛନ୍ତି । କଥିତଭାଷା ଅଧିକ ପରିବର୍ତ୍ତନଶୀଳ । ସାହିତ୍ୟିକ ଅଥବା ଲିଖିତ ଭାଷାର ପରିବର୍ତ୍ତନ ଅଧିକ ମନ୍ଥର । ତେଣୁ ପ୍ରାକୃତ ଭାଷା ସାହିତ୍ୟିକ ରୂପ ଗ୍ରହଣ କରିବାରୁ ଲୋକଙ୍କର କଥିତ ଭାଷା ଅପଭ୍ରଂଶ ବୋଲି ଖ୍ୟାତ ହୋଇଗଲା ।

ଇତିହାସ ଆଲୋଚନାରୁ ଜଣାଯାଉଛି ଯେ ମୋଟାମୋଟି ଦ୍ୱିତୀୟ ଶତାବ୍ଦୀ ବେଳକୁ ଅପଭ୍ରଂଶ ଭାଷା ପ୍ରଚଳିତ ହୋଇ ସାରିଲାଣି । ସମ୍ରାଟ ଅଶୋକଙ୍କ କାଳରେ ଅର୍ଦ୍ଧମାଗଧୀ ଅପଭ୍ରଂଶ ଭାରତର ଏକପ୍ରକାର ରାଷ୍ଟ୍ରଭାଷା ଥିଲା । ଏହି ଭାଷାରେ ବୁଦ୍ଧଦେବ ଧର୍ମପ୍ରଚାର କରିଥିଲେ ଏବଂ ଅଶୋକଙ୍କ ଗିରନାର, ଶହବାଜଗଡ଼ୀ ମାନସେରାର ଅଭିଲେଖ ଗୁଡ଼ିକରେ ଏହି ଅର୍ଦ୍ଧମାଗଧୀ ଅପଭ୍ରଂଶର ପ୍ରଭାବ ପ୍ରତିଫଳିତ ହୋଇଅଛି ।

ଏହି ପ୍ରାଚୀନ ଅର୍ଦ୍ଧମାଗଧୀ ଅପଭ୍ରଂଶ କୋଶଳ ଦେଶର କଥିତ ଭାଷା ଥିଲା । କୋଶଳ ଦେଶ, ଶୂରସେନ ଏବଂ ମଗଧ ରାଜ୍ୟର ମଧ୍ୟବର୍ତ୍ତୀ ହୋଇଥିବାରୁ ଅତି ସହଜରେ ଅନୁମାନ କରାଯାଇପାରେ ଯେ ଶୌରସେନୀ ଏବଂ ମାଗଧୀ ଅପଭ୍ରଂଶର ମିଶ୍ରଣରେ ଅର୍ଦ୍ଧମାଗଧୀ ଅପଭ୍ରଂଶର ସୃଷ୍ଟି ହୋଇଥିଲା । ଏହି ଅର୍ଦ୍ଧମାଗଧୀ ଅପଭ୍ରଂଶରୁ ଅବଧୀ ଏବଂ ବଘେଲୀ ପ୍ରଭୃତି ଭାଷାର ଉଦ୍ଭବ ହୋଇଥିବା ଅନୁମିତ ।

ଆଧୁନିକ ଭାଷାତତ୍ତ୍ୱବିତ୍‌ଗଣ ଏହି ପ୍ରାକୃତ ଭାଷାକୁ ତିନିଭାଗରେ ବିଭକ୍ତ କରିଅଛନ୍ତି—(୧) ବହିରଙ୍ଗ ପ୍ରାକୃତ । ଏହାର ଅନ୍ତର୍ଗତ ହେଲା ମହାରାଷ୍ଟ୍ରୀ ଏବଂ ମାଗଧୀ (୨) ମଧ୍ୟବର୍ତ୍ତୀ ପ୍ରାକୃତ-ଅର୍ଦ୍ଧମାଗଧୀ ଏହି ଶ୍ରେଣୀରେ ଗ୍ରହଣ କରାଯାଏ । (୩) ଅନ୍ତରଙ୍ଗ ପ୍ରାକୃତ ଏହି ଶେଷୋକ୍ତ ପର୍ଯ୍ୟାୟରେ ଶୌରସେନୀ ସ୍ଥାନ ଲାଭ କରିଛି । ମାତ୍ର ବରରୁଚିଙ୍କ ମତରେ ଏହା ଚାରିଭାଗରେ ବିଭକ୍ତ ତାହା ହେଲା— (୧) ମହାରାଷ୍ଟ୍ରୀ (୨) ପୈଶାଚୀ (୩) ମାଗଧୀ (୪) ଶୌରସେନୀ । ବରରୁଚି ପୈଶାଚୀକୁ ଏହାର ଅନ୍ତର୍ଗତ ବୋଲି ବିଚାର କରିଛନ୍ତି । ପୈଶାଚୀ ଭାଷାର କୌଣସି ଅବଶେଷ ମିଳୁ ନ ଥିଲେ ହେଁ ସଂସ୍କୃତ ସାହିତ୍ୟର "ଗାଥା ସପ୍ତସତୀ" ଏକଦା ପୈଶାଚୀଭାଷାରେ ଲିଖିତ ହୋଇଥିଲା ବୋଲି ପ୍ରମାଣିତ ହେଉଅଛି । ପ୍ରାକୃତ ବୈୟାକରଣ ହେମଚନ୍ଦ୍ର ପ୍ରାକୃତର ତିନିପ୍ରକାର ଶ୍ରେଣୀ ବିଭାଗ କରି ଅପଭ୍ରଂଶକୁ ଶେଷୋକ୍ତ ପର୍ଯ୍ୟାୟରେ ଗ୍ରହଣ କରିଅଛନ୍ତି । ତାଙ୍କ ମତରେ ଏହି ବିଭାଗଗୁଡ଼ିକ ହେଲା— (୧) ଅର୍ଦ୍ଧମାଗଧୀ (୨) ଚୂଳିକା ପୈଶାଚିକା (୩) ଅପଭ୍ରଂଶ ।

ବଲଭୀର ରାଜା ଧରସେନଙ୍କ ଏକ ତମ୍ବାପଟା ଲେଖାରୁ ପ୍ରମାଣିତ ହେଉଛି ଯେ ଷଷ୍ଠ ଶତାବ୍ଦୀବେଳକୁ ଅପଭ୍ରଂଶ ଭାଷାରେ କିଛି କିଛି ସାହିତ୍ୟିକ ରଚନା ଉପଲବ୍ଧ ହେଲାଣି । ଦ୍ୱିତୀୟ ତୃତୀୟ ଶତାବ୍ଦୀରେ ରଚିତ "ପଉମ ଚରିଅ" ନାମକ ପ୍ରାକୃତ ଗ୍ରନ୍ଥରେ ଅପଭ୍ରଂଶର କେତେକ ସୂଚନା ମିଳିଥାଏ । କାଳିଦାସଙ୍କ "ବିକ୍ରମୋର୍ବଶୀୟ" ନାଟକରେ ପୁରୁରବାଙ୍କ ଉକ୍ତିରୁ ଅପଭ୍ରଂଶର ସ୍ୱରୂପ ଜଣାପଡ଼େ । ଅପଭ୍ରଂଶ କ୍ରମଶଃ ସାହିତ୍ୟିକ ଭାଷାରେ ସମ୍ମାନିତ ହେବାରୁ ଆଚାର୍ଯ୍ୟ ହେମଚନ୍ଦ୍ର ଏହି ଭାଷାର ବ୍ୟାକରଣ ପ୍ରଣୟନ କଲେ । ଷଷ୍ଠ ଶତାବ୍ଦୀରେ ପ୍ରାକୃତ ବୈୟା-

କରଣ "ଚଣ୍ଡ" ତାଙ୍କର "ପ୍ରାକୃତ ଲକ୍ଷଣମ" ଗ୍ରନ୍ଥରେ ଅପଭ୍ରଂଶକୁ ଭାଷା ଅର୍ଥରେ ସ୍ୱୀକାର କରି ବ୍ୟବହାର କରିଥିଲେ । ରାଜା ଧରସେନଙ୍କ ତମ୍ରାପଟ୍ଟରେ ମଧ୍ୟ ଅପଭ୍ରଂଶ ଭାଷାର ସ୍ୱତନ୍ତ୍ର ସତ୍ତା ସ୍ୱୀକାର କରି କୁହା-ଯାଇଥିଲା—"ସଂସ୍କୃତ—ପ୍ରାକୃତାପଭ୍ରଂଶ ଭାଷାତ୍ରୟ ପ୍ରତିବଦ୍ଧ ପ୍ରବନ୍ଧ—ରଚନା—ନିପୁଣାନ୍ତଃକରଣଃ ।" ଆଚାର୍ଯ୍ୟ ଭାମହ ସୁଦ୍ଧା ତାଙ୍କର କାବ୍ୟା-ଳଙ୍କାର ଗ୍ରନ୍ଥରେ ସଂସ୍କୃତ ଏବଂ ପ୍ରାକୃତ ସହିତ ଅପଭ୍ରଂଶକୁ ସ୍ୱୀକାର କରି କହିଲେ—"ସଂସ୍କୃତଂ ପ୍ରାକୃତଂ ଚାନ୍ୟଦପଭ୍ରଂଶ ଇତିତ୍ରିଧା" ଆଚାର୍ଯ୍ୟ ଦଣ୍ଡୀ ଅପଭ୍ରଂଶକୁ ଆଭୀର ଆଦିଙ୍କର ଭାଷା ବୋଲି "କାବ୍ୟାଦର୍ଶ" ପୁସ୍ତକରେ ଘୋଷଣା କରିଗଲେ । ବୋଧହୁଏ ଆଚାର୍ଯ୍ୟ ଦଣ୍ଡୀଙ୍କର ମତକୁ ଉପଲକ୍ଷ୍ୟ କରି ଡକ୍ଟର କୀଥ୍ ତାଙ୍କର "ସଂସ୍କୃତ ସାହିତ୍ୟର ଇତିହାସ" ଗ୍ରନ୍ଥର ପ୍ରଥମ ଖଣ୍ଡରେ ପ୍ରମାଣ କରିବାକୁ ଚେଷ୍ଟାକଲେ ଯେ ଅପଭ୍ରଂଶ କେବେହେଲେ ଲୋକ ସାଧାରଣଙ୍କର କଥିତଭାଷା ନ ଥିଲା । ଏହା ଆଭୀର, ଗୁର୍ଜର ପ୍ରଭୃତି ବିଦେଶୀ ଆକ୍ରମଣକାରୀଙ୍କର ଭାଷା ଥିଲା ବୋଲି ତାଙ୍କର ମତ । ତେଣୁ ଅପଭ୍ରଂଶ ଭାଷାକୁ ଏକ ଆର୍ଯ୍ୟଭାଷା ବୋଲି ସ୍ୱୀକାର କରିପାରି ନାହାନ୍ତି । ମାତ୍ର ଆଧୁନିକ କାଳର ଭାଷାତତ୍ତ୍ୱବିତ୍ ପଣ୍ଡିତଗଣ ଏ ମତର ସମର୍ଥନ କରନ୍ତି ନାହିଁ । ସେମାନେ ନିଃସନ୍ଦେହରେ ପ୍ରତିପାଦନ କରିଛନ୍ତି ଯେ ଅପଭ୍ରଂଶ କେବଳ ଲୋକଭାଷା ନ ଥିଲା । ଏହା ଏକଦା ସମଗ୍ର ଉତ୍ତର ଭାରତର ଲୋକଭାଷା ହୋଇ ପଡ଼ିଥିଲା । ଅବଶ୍ୟ ବିଭିନ୍ନ ପ୍ରାନ୍ତରେ ଏହା ପ୍ରାନ୍ତୀୟ ଅପଭ୍ରଂଶ ଭାବରେ ପରିଚିତ ହେଉଥିଲା । ଦଣ୍ଡୀ କହିଛନ୍ତି ଯେ ନାଟକରେ ଆଭୀରମାନଙ୍କର ଭାଷା ଅପଭ୍ରଂଶ ହେବ । ମାତ୍ର ନାଟକର ପାତ୍ରପାତ୍ରୀଙ୍କର ଭାଷା ଯେ ପ୍ରକୃତରେ ସେମାନଙ୍କର ମାତୃଭାଷା ହୋଇଥିବ, ଏପରି ଅନୁମାନ କରିବାର କୌଣସି କାରଣ ନାହିଁ । ଆଲୋଚକମାନଙ୍କର ଧାରଣା ଯେ ଏକଦା ଆଭୀର ଆଦି ଜାତିର ଲୋକେ ହୁଏ ତ ଭାରତୀୟ କଥିତ ଭାଷାକୁ ବିକୃତ ଭାବରେ ଉଚ୍ଚାରଣ କରିଥିବେ । ଏହି ବିକୃତ କଥିତ ଭାଷାକୁ ଆଭୀର ଭାଷା ବୋଲି ଦଣ୍ଡୀ କଳ୍ପନା କରିଥିବା ଅସମ୍ଭବ ନୁହେଁ ।

ଯେ କୌଣସି ଭାଷା ସାହିତ୍ୟିକ ରୂପ ଗ୍ରହଣ କରିବା ପୂର୍ବରୁ ଅନେକ କ୍ଷେତ୍ରରେ କେତେକ ବିଭାଷାରେ ପରିଣତ ହୋଇଥାଏ । ବୈୟା-

କରଣମାନଙ୍କର ମତରେ ଅପଭ୍ରଂଶର କେତେଗୋଟି ବିଭାଗ ଦୃଷ୍ଟିଗୋଚର ହୁଏ । ଯଥା—(୧) ଉପନାଗର (୨) ଆଭୀର (୩) ଗ୍ରାମ୍ୟ । ଆଜି ମଧ୍ୟ କାହାରି କାହାରି ମତରେ ଏହି ବିଭାଗଗୁଡ଼ିକ ହେଲା—(୧) ନାଗର (୨) ଉପନାଗର (୩) ବ୍ରାଚଡ଼ । ପୁନଶ୍ଚ ମାର୍କଣ୍ଡେୟ ଅପଭ୍ରଂଶର ୨୭ ପ୍ରକାର ଭେଦ ଦର୍ଶାଇଅଛନ୍ତି । ପ୍ରାନ୍ତୀୟ ପ୍ରଭାବରେ ଗୋଟିଏ ଭାଷାରୁ ଅନେକଗୁଡ଼ିଏ ବିଭାଷା ସୃଷ୍ଟି ହୋଇଯାଏ । ତେବେ ପଣ୍ଡିତମାନଙ୍କ ମତରେ ଅପଭ୍ରଂଶ ସାହିତ୍ୟର ପ୍ରଧାନ ବିକାଶକ୍ଷେତ୍ର ଥିଲା ମାଳବ, ଗୁଜରାଟ ଏବଂ ରାଜସ୍ଥାନ । ସାହିତ୍ୟ ଭାବରେ ଏହାର ବିକାଶ ଅବଶ୍ୟ ଅନ୍ୟ ପ୍ରାନ୍ତକୁ ବିସ୍ତାରିତ ହୋଇଥିଲା ।

ଭରତଙ୍କ ନାଟ୍ୟଶାସ୍ତ୍ର (ଖ୍ରୀ ୩୦୦) ରେ ଅପଭ୍ରଂଶର ସର୍ବ ପ୍ରାଚୀନ ଉଦାହରଣ ଦୃଷ୍ଟିଗୋଚର ହୁଏ । ଭରତଙ୍କ ଲେଖାରୁ ପ୍ରମାଣିତ ହେଉଛି ଯେ ଏହି ଭାଷା ଭାରତର ଉତ୍ତର ପଶ୍ଚିମ ପ୍ରଦେଶରେ ବିଶେଷ ଭାବରେ ପ୍ରଚଳିତ ଥିଲା । ଦଶମ ଶତାବ୍ଦୀ ବେଳକୁ ଅପଭ୍ରଂଶଭାଷା ରାଜପୁତନା, ବିପାଶା ଏବଂ ସିନ୍ଧୁନଦୀର ଅବବାହିକାରେ ଖୁବ୍ ପ୍ରଚଳିତ ବୋଲି ରାଜଶେଖରଙ୍କ "କାବ୍ୟ ମୀମାଂସା"ରୁ ସୂଚନା ମିଳୁଛି । ଆଧୁନିକ ଯୁଗରେ ବଙ୍ଗଳା, ବୁନ୍ଦେଲଖଣ୍ଡ, ଗୁଜରାଟ, ରାଜସ୍ଥାନ, ପଶ୍ଚିମ ଉତ୍ତର ଭାରତ ଅଞ୍ଚଳରୁ ଅପଭ୍ରଂଶ ସାହିତ୍ୟ ଯଥେଷ୍ଟ ପରିମାଣରେ ଉପଲବ୍ଧ ହେଉଅଛି । ତେଣୁ ଏହି ବିସ୍ତୃତ ଅଞ୍ଚଳରେ ଅପଭ୍ରଂଶ ସାହିତ୍ୟିକ ଭାଷା ଥିଲା ବୋଲି ନିଃସନ୍ଦେହରେ କୁହାଯାଇ ପାରିବ ।

ଷଷ୍ଠ ଶତାବ୍ଦୀରେ ଯେଉଁ ଭାଷା କଥିତ ଥିଲା ବୋଲି ପ୍ରମାଣ ମିଳୁଅଛି, ଆଚାର୍ଯ୍ୟ ରୁଦ୍ରଟଙ୍କ ଲେଖାରୁ ସୂଚିତ ହେଉଛି ଯେ ସେହି ଭାଷା ନବମ ଶତାବ୍ଦୀ ସମୟକୁ ସାହିତ୍ୟିକ ରୂପ ଗ୍ରହଣ କରିଛି । ପୁନଶ୍ଚ ପ୍ରାକୃତ ବୈୟାକରଣ ପୁରୁଷୋତ୍ତମ ଦ୍ୱାଦଶ ଶତାବ୍ଦୀରେ ସ୍ୱୀକାର କଲେଣି ଯେ, ଅପଭ୍ରଂଶ ପଣ୍ଡିତ ଏବଂ ସାଧୁମାନଙ୍କର ଭାଷା ହୋଇ ଯାଇଅଛି । ଏକାଦଶ ଦ୍ୱାଦଶ ଶତାବ୍ଦୀବେଳକୁ ଶୌରସେନୀ ଅପଭ୍ରଂଶ ଏକ ପ୍ରକାର ସମସ୍ତ ଉତ୍ତରାପଥର ସାହିତ୍ୟିକ ଭାଷା ହୋଇଥିଲା ବୋଲି ପ୍ରମାଣିତ ହେଉଛି । ପଣ୍ଡିତମାନେ ଏକଥା ମଧ୍ୟ କହନ୍ତି ଯେ ଭାରତରେ ଯେତେ ପ୍ରକାର ପ୍ରାକୃତ ଥିଲା, ପରେ ପରେ ସେତିକି ପ୍ରକାର ଅପଭ୍ରଂଶର ସୃଷ୍ଟି ହୋଇଗଲା । ଅର୍ଦ୍ଧ-

ମାଗଧୀ ଏବଂ ମାଗଧୀ ପ୍ରାକୃତ ପ୍ରଚଳିତ ପ୍ରଦେଶରେ ବହୁକାଳ ପର୍ଯ୍ୟନ୍ତ ଶୌରସେନୀ ଅପଭ୍ରଂଶରେ କବିତା ରଚନା କରାଯାଉଥିଲା । ଅତି ପ୍ରାଚୀନ ବଙ୍ଗଳା ସାହିତ୍ୟରେ ସୌରସେନୀ ଅପଭ୍ରଂଶର ପ୍ରୟୋଗ ପରିଲକ୍ଷିତ ହୁଏ । ପଞ୍ଚଦଶ ଖ୍ରୀଷ୍ଟାବ୍ଦରେ ମିଥିଳାର କବି ବିଦ୍ୟାପତି ମୈଥିଳୀ ଭାଷାରେ କବିତା ରଚନା କରିଥିଲେ ହେଁ ଅପଭ୍ରଂଶର ରୂପ ଗ୍ରହଣ କରିଛନ୍ତି ।

ମନେହୁଏ ଶୌରସେନୀ ଅପଭ୍ରଂଶର ପରବର୍ତ୍ତୀ ରୂପକୁ "ଅବହଟ୍ଠ" ବା ଅପଭ୍ରଷ୍ଟ ବୋଲି କୁହାଯାଇଛି । ଏହାକୁ କେହି କେହି ପିଙ୍ଗଳ ବୋଲି ମଧ୍ୟ କହନ୍ତି । ରାଜପୁତାନାର ଭାଟମାନେ ଆପଣାର ଡ଼ିଙ୍ଗଲ ଭାଷା ସହିତ ଏହି ପିଙ୍ଗଳ ଭାଷାରେ ମଧ୍ୟ ଗୀତ ରଚନା କରିଥିଲେ । ବ୍ରଜଭାଷା ସହିତ ଏହି ଅବହଟ୍ଠରେ ସାମ୍ୟ ରହିଅଛି । ମୋଟ ଉପରେ ଏହି ଅବହଟ୍ଠ ହିଁ ପ୍ରାଚୀନ ହିନ୍ଦୀ ଅପଭ୍ରଂଶରୁ କେବେ ଆଧୁନିକ ଭାରତୀୟ ଭାଷା ଜନ୍ମ ପ୍ରଦାନ କଲା, ଏହାର ସୀମାରେଖା ଟଣାଯାଇ ନ ପାରିଲେ ହେଁ ଧ୍ୟୋଦଶ ଶତାବ୍ଦୀ ବେଳକୁ ଅପଭ୍ରଂଶ ସାହିତ୍ୟର ଅସ୍ତକାଳ ବୋଲି କୁହାଯାଇ ପାରିବ । କାରଣ ଚତୁର୍ଦ୍ଦଶ ପଞ୍ଚଦଶ ଶତାବ୍ଦୀରେ ହିଁ ଭାରତୀୟ ଆଧୁନିକ ପ୍ରାନ୍ତୀୟ ସାହିତ୍ୟର ବିକାଶ ଲକ୍ଷ୍ୟ କରାଯାଇ ପାରୁଛି ।

ଅପଭ୍ରଂଶ ଏକଦା ସର୍ବଭାରତୀୟ ଭାଷା ହୋଇଯିବା ଯୋଗୁ କେବଳ ଦଣ୍ଡୀ, ରାଜଶେଖର ନୁହନ୍ତି, ଆନନ୍ଦବର୍ଦ୍ଧନ, ମମ୍ମଟ, ଭୋଜ, ବାଗ୍‌ଭଟ, ରାମଚନ୍ଦ୍ର, ଗୁଣଚନ୍ଦ୍ର, ଜିନଦତ୍ତ, ଅମରଚନ୍ଦ୍ର, ଶାରଦାତନୟ ପ୍ରଭୃତି ବହୁ ଆଲୋଚକ ଅପଭ୍ରଂଶ ସମ୍ପର୍କରେ ଉଲ୍ଲେଖ କରିଯାଇଅଛନ୍ତି । ପୁନଶ୍ଚ ବୈୟାକରଣ ହେମଚନ୍ଦ୍ର, ଚଣ୍ଡ, ପୁରୁଷୋତ୍ତମ ଦେବଙ୍କ ବ୍ୟତୀତ ଆହୁରି ଅନେକ ଅପଭ୍ରଂଶର ସାହିତ୍ୟିକ ମର୍ଯ୍ୟାଦା ସମ୍ପର୍କରେ ଆଲୋଚନା କରିଅଛନ୍ତି । ସେମାନଙ୍କ ମଧ୍ୟରେ ଉଲ୍ଲେଖଯୋଗ୍ୟ ହେଉଛନ୍ତି—ସିଂହରାଜ, କ୍ରମଦୀଶ୍ୱର ପ୍ରଭୃତି ।

ଭାଷାବିଜ୍ଞାନୀମାନଙ୍କ ମତରେ ଅପଭ୍ରଂଶର ନିମ୍ନ କେତେଗୋଟି ବୈଶିଷ୍ଟ୍ୟ ଉଲ୍ଲେଖଯୋଗ୍ୟ । ତାହା ହେଲା— (୧) ସଂସ୍କୃତ ଏବଂ ପ୍ରାକୃତରୁ ପ୍ରାପ୍ତ ଅନ୍ତ୍ୟସ୍ୱରର ହ୍ରାସ (୨) ଉପାନ୍ତ ସ୍ୱର ମାତ୍ରାର ସୁରକ୍ଷା (୩) ସମୀପବର୍ତ୍ତୀ ସ୍ୱରର ସଙ୍କୋଚ (୪) ଆଦ୍ୟ ଅକ୍ଷରର କ୍ଷତିପୂରକ ଦୀର୍ଘୀ-

କରଣ ଦ୍ୱାରା ଦୁଇଟି ବ୍ୟଞ୍ଜନ ସ୍ଥାନରେ ଗୋଟିଏ ବ୍ୟଞ୍ଜନର ପ୍ରୟୋଗ । ଅପଭ୍ରଂଶ ପଦ୍ୟରେ ଏହିପରି କେତେକ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରାଯାଏ— (୧) 'ଅ' କାରାନ୍ତ ପୁଲିଙ୍ଗ ଶବ୍ଦରୂପର ପ୍ରାଧାନ୍ୟ (୨) ଲିଙ୍ଗଭେଦ ପ୍ରାୟ ସମାନ (୩) ପ୍ରଥମା ଦ୍ୱିତୀୟା ସଂବୋଧନରେ ବିଭକ୍ତି ପ୍ରତ୍ୟୟର ଅପ୍ରୟୋଗ (୪) ପୁରୁଷବାଚକ ସର୍ବନାମର ସ୍ୱଳ୍ପତା (୫) ନାମ ଅନୁସାରେ ବିଶେଷଣମୂଳକ ସର୍ବନାମ (୬) କୃଦନ୍ତ ରୂପର ଆଧିକ୍ୟ (୭) ଧାତୁ ରୂପର ସ୍ୱଳ୍ପତା ।

ପ୍ରାକୃତ ଭାଷାର ସମସ୍ତ ଧ୍ୱନିବର୍ଗର ଅପଭ୍ରଂଶ ଭାଷା ପ୍ରତି ପ୍ରଯୋଜ୍ୟ ହୋଇଥାଏ ।

ଅପଭ୍ରଂଶ ଭାଷାରେ ଉଭୟ ବୌଦ୍ଧ ଏବଂ ଜୈନ ସାଧକ କବିଗଣ ନିଜର ରଚନା କରିଯାଇଥିବାରୁ ଏ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ ହୋଇ-ପାରିଥିଲା । ବୌଦ୍ଧ ଓ ଜୈନ କାଳରେ ରାଜପୃଷ୍ଠପୋଷକତା ଲାଭ କରି ଅପଭ୍ରଂଶ ସାହିତ୍ୟର ବିକାଶ ଅଧିକ ସୁଗମ ହୋଇଗଲା । ସପ୍ତମ ଶତାବ୍ଦୀରେ ଦେବସେନ ନାମରେ ଜଣେ ଜୈନମତାବଲମ୍ବୀ ଗ୍ରନ୍ଥକାର ଥିଲେ । ତାଙ୍କ ଶ୍ରାବକାଚାର ଗ୍ରନ୍ଥରେ ଅପଭ୍ରଂଶ ଭାଷାରେ ଲିଖିତ କବିତାର ପରିଚୟ ମିଳୁଅଛି । ଏହି କାଳରେ ଅନେକ ଦୋହା ଓ ଚରିତ କାବ୍ୟ ଅପଭ୍ରଂଶ ଭାଷାରେ ରଚିତ ହୋଇଥିବାର ପ୍ରମାଣ ମିଳିଥାଏ ।

ତେବେ ବୌଦ୍ଧଧର୍ମ ପରବର୍ତ୍ତୀ ସମାଜରେ ବିକୃତ ହୋଇ ବଜ୍ରଯାନ ସଂପ୍ରଦାୟରେ ପରିଣତ ହେଲା । ଏହି ସଂପ୍ରଦାୟର ବହୁ ସିଦ୍ଧ ପୁରୁଷ ଅପଭ୍ରଂଶ ଭାଷାରେ ଅସଂଖ୍ୟ ଦୋହା ରଚନା କରିଯାଇଅଛନ୍ତି । ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ପ୍ରଥମେ ଏହି ଦୋହାଗୁଡ଼ିକ ନେପାଳରୁ ଆବିଷ୍କାର କରି ସଂପାଦନପୂର୍ବକ ପ୍ରକାଶ କଲେ । ଖ୍ରୀଷ୍ଟୀୟ ନବମ ଦଶମ ଶତାବ୍ଦୀରେ ବୌଦ୍ଧ ସିଦ୍ଧାଚାର୍ଯ୍ୟଗଣ ଯେଉଁ ଦୋହାଗୁଡ଼ିକ ଅପଭ୍ରଂଶ ଭାଷାରେ ଲେଖିଥିଲେ, ତାହା ବର୍ତ୍ତମାନ ବୌଦ୍ଧଗାନ ଓ ଦୋହା ନାମରେ ସୁପରିଚିତ । ବଜ୍ରଯାନ ଧର୍ମ ସଂପ୍ରଦାୟର ବହୁ ସାଧନାଗ୍ରନ୍ଥ ଏକଦା ଅପଭ୍ରଂଶ ଭାଷାରେ ଲିଖିତ ହୋଇଥିଲା । ବୌଦ୍ଧଗାନ ଓ ଦୋହା ଗୁଡ଼ିକରେ ବୌଦ୍ଧଧର୍ମର ତାନ୍ତ୍ରିକ ମତବାଦ ନାନାଭାବରେ ରୂପାୟିତ ହୋଇଅଛି । ଏଗୁଡ଼ିକ

ସଙ୍କେତଧର୍ମୀ ଏବଂ ଧର୍ମର ତାତ୍ତ୍ୱିକ ଅଥଚ ଗୁମ୍ଫିତ ଭାବନାଗୁଡ଼ିକ ଅତ୍ୟନ୍ତ କୁଶଳତାର ସହିତ ଏହି ଦୋହା ସାହିତ୍ୟରେ ଲିପିବଦ୍ଧ ହୋଇ-ଅଛି । ବଜ୍ରଯାନୀଙ୍କ ପରି ନାଥପନ୍ଥୀଗଣ ମଧ୍ୟ ସେମାନଙ୍କର ଧର୍ମମତଗୁଡ଼ିକ ତତ୍କାଳୀନ ଅପଭ୍ରଂଶ ଭାଷାରେ ଲିପିବଦ୍ଧ କରିଥିଲେ । ନାଥଧର୍ମର ନାନା ବିଷୟର ଆଲୋଚନା ଅପଭ୍ରଂଶ ଭାଷାରେ ପ୍ରକାଶିତ ହୋଇଅଛି । ନାଥ ସିଦ୍ଧ ପୁରୁଷମାନଙ୍କର ଜୀବନ ଚରିତ ଏବଂ ସେମାନଙ୍କର ଭକ୍ତିଭାବନା ଏହି କାଳର ପ୍ରଧାନ ବିଷୟବସ୍ତୁ ଥିଲା । ଉଦାହରଣସ୍ୱରୂପ ବିଭିନ୍ନ କାଳର ଅପଭ୍ରଂଶ ସାହିତ୍ୟର କେତେକ ଉଦାହରଣ ପ୍ରଦତ୍ତ ହେଲା:—

ନବମ ଶତାବ୍ଦୀର ବୌଦ୍ଧ ତୀର୍ଥଙ୍କରମାନଙ୍କ ମଧ୍ୟରୁ 'ବିରୂପା'ଙ୍କର ଏକ ଦୋହାର ନମୁନା—

"ସହଜେ ଥିର କରି ବାରୁଣୀ ସାଧ,
ଜେ ଅଜରାମର ହୋଇ ଦିଢ଼ କାଁଧ ।
ଦଶମି ଦୁଆରତ ଚିହ୍ନ ଦେଖଇଆ,
ଆଇଲ ଗରାହକ ଅପଣେ ବହିଆ ।
ଚଉଶଠି ଘଡ଼ିଏ ଦେଟ ପସାରା,
ପଇଠଲ ଗରାହକ ନାହିଁ ନିସାରା ।"

ଦ୍ୱାଦଶ ଶତାବ୍ଦୀର ହେମଚନ୍ଦ୍ରଙ୍କ ରଚନାରୁ ଏକ ଉଦାହରଣ :—

ଭଲ୍ଲା ହୁଆ ଜୁ ମାରିଆ ବହିଣି ମହାରା କଂତୁ,
ଲଜ୍ଜେ ଜଂ ତୁ ବୟଂ ସିଅହୁ ଜଇ ଭଗ୍‌ଗାଘରୁଏଂତୁ" ।

ଚତୁର୍ଦ୍ଦଶ ଶତାବ୍ଦୀର ଜୈନାଚାର୍ଯ୍ୟ ମେରୁତୁଙ୍ଗଙ୍କ ଏକ ସଂସ୍କୃତ ଗ୍ରନ୍ଥରୁ ଏହି ଅପଭ୍ରଂଶ ପଦଟି ଉଦ୍ଧାର କରାଯାଇଛି :—

"ଜା ମତି ପଚ୍ଛଇ ସଂପଜଇ ସା ମତି ପହିଲୀ ହୋଇ
ମୁଂଜ ଭଣଇ ମୁଣାଲ ବଇ ! ବିଘନ ନ ବେଢ଼ଇ କୋଇ ।"

ଅପଭ୍ରଂଶ ଭାଷାରେ ସଂସ୍କୃତର ତତ୍ସବ ଶବ୍ଦକୁ ପ୍ରାୟତଃ ପରିହାର କରାଯାଉଥିଲା । ଉପକାର, ନଗର, ବଚନ ପ୍ରଭୃତି ଅତ୍ୟନ୍ତ ପ୍ରଚଳିତ

ଶବ୍ଦଗୁଡ଼ିକ 'ଉଅଥାର,' ନଅର, ବଅଣ ଭାବରେ ଗ୍ରହଣ କରାଯାଇଛି । ଅପଭ୍ରଂଶ ଭାଷାର ବୈଶିଷ୍ଟ୍ୟ ସଂପର୍କରେ ପୂର୍ବରୁ ଆଲୋଚନା ହୋଇ ସାରିଛି । ତେବେ ଆଧୁନିକ ଭାରତୀୟ ଭାଷା ସାହିତ୍ୟର ଗବେଷଣାରେ ଅପଭ୍ରଂଶ ସାହିତ୍ୟ-ଚର୍ଚ୍ଚାର ଯେ ଏକ ସ୍ୱତନ୍ତ୍ର ମୂଲ୍ୟବୋଧ ଅଛି, ଏ କଥା ଅସ୍ୱୀକାର କରାଯାଇ ପାରିବ ନାହିଁ ।

# ସିନ୍ଧୀ ସାହିତ୍ୟ

ସ୍ୱାଧୀନତା ପରେ ଦେଶ ବିଭାଗ ଯୋଗୁ ସିନ୍ଧୁ ପ୍ରଦେଶ ପାକିସ୍ଥାନର ଅଂଶ ବିଶେଷ ହୋଇଗଲା । ତେଣୁ ସ୍ୱାଧୀନ ଭାରତର ଅନ୍ୟତମ ଭାଷା ଭାବରେ ସିନ୍ଧୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ମିଳିଲା ନାହିଁ । ସିନ୍ଧୁ ପ୍ରଦେଶ ଅଲଗା ହୋଇଗଲେ ସୁଦ୍ଧା ସ୍ୱାଧୀନ ଭାରତରେ ସିନ୍ଧୀ ଭାଷୀ ଲୋକଙ୍କର ସଂଖ୍ୟା ନଗଣ୍ୟ ନୁହେଁ । ସିନ୍ଧୀ ସମ୍ପ୍ରଦାୟ ମଧ୍ୟ ଭାରତୀୟ ସାମାଜିକ ଜୀବନରେ ଏକ ପ୍ରଭାବଶାଳୀ ଅଂଶ ଗ୍ରହଣ କରିଅଛନ୍ତି ଏବଂ ସିନ୍ଧୀ ଭାଷାଭାଷୀଙ୍କର ସାହିତ୍ୟ ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଦାବୀ କରିଅଛି । ତେଣୁ ସ୍ୱାଧୀନତାର ଦୀର୍ଘ କୋଡ଼ିଏ ବର୍ଷ ପରେ ସିନ୍ଧୀ ଭାଷାକୁ ଭାରତର ଅନ୍ୟତମ ସାହିତ୍ୟିକ-ଭାଷା ଭାବରେ ସାମ୍ବିଧାନିକ ସ୍ୱୀକୃତି ମିଳିଅଛି ।

ଏକଦା ସିନ୍ଧୁ ନଦୀର ଅବବାହିକାରେ ଏହି ଭାଷା ପ୍ରସିଦ୍ଧି ଲାଭ କରିଥିଲା ଏବଂ ଏହି ଭାଷା ଅନୁକ୍ରମେ ତତ୍କାଳୀନ ଇଂରେଜ ଶାସକଗଣ ସିନ୍ଧୁ ପ୍ରଦେଶ ସୃଷ୍ଟି କରିଥିଲେ । ସିନ୍ଧୀ ପ୍ରାନ୍ତରେ ଭାରତର ପ୍ରାଚୀନତମ ସଭ୍ୟତାର ଅବଶେଷ ମିଳୁଅଛି । ମହେଞ୍ଜୋଦାରୋର ଖୋଦିତ ଅଂଶ ଆଲୋଚନା କରି ଐତିହାସିକ ପଣ୍ଡିତଗଣ ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି । ଭାରତର ଏକ ସୀମାନ୍ତ ଅଞ୍ଚଳ ହେବା ଯୋଗୁ ଇତିହାସର ପୃଷ୍ଠାରେ ସିନ୍ଧୁ ପ୍ରଦେଶ ଅସଂଖ୍ୟ ବିଦେଶୀ ଆକ୍ରମଣକାରୀମାନଙ୍କର ଚରାଭୂଇଁ ହୋଇଥିଲା । ବିଭିନ୍ନ ଯୁଗରେ ଏହି ବିଦେଶୀମାନଙ୍କର ସମ୍ପର୍କରେ ଆସି ସିନ୍ଧୁ ସଭ୍ୟତା ଓ ସମାଜ ନାନା ଭାବରେ ବିଖଣ୍ଡିତ ଏବଂ ଧ୍ୱଂସ ଲୀଳାର ସମ୍ମୁଖୀନ ହୋଇଥିଲେ । ସିନ୍ଧୀ ଭାଷା ବହୁ ବିଦେଶୀ ଶବ୍ଦକୁ ନିଜର କରି ପାରିଥିଲା । ଏଥିପାଇଁ ଏ ଯୁଗର କେତେକ ଆଲୋଚକ ସିନ୍ଧୀକୁ ଏକ ବିଦେଶୀ ଭାଷା ବୋଲି ସନ୍ଦେହ କରିଥାଆନ୍ତି । ମାତ୍ର ଭାଷାତତ୍ତ୍ୱବିତ୍‌ଗଣ ପ୍ରମାଣ କରିଛନ୍ତି ଯେ, ପ୍ରାକୃତ ଭାଷା ସଂସାରରେ ସିନ୍ଧୀ ଅନ୍ୟତମ ପ୍ରାଚୀନ ପ୍ରାକୃତ ଏବଂ ଏହା ସଂସ୍କୃତ ଭାଷାର ଅଧିକ ନିକଟବର୍ତ୍ତୀ । ବ୍ରିଟିଶ ଅମଳରେ ସିନ୍ଧୀ ଭାଷା ଆରବୀ ଲିପି ମାଧ୍ୟମରେ ପ୍ରକାଶିତ ହେବାରୁ

ଭାରତର ଏହା ଅନ୍ୟତମ ପ୍ରାକୃତ ଭାଷା ବୋଲି ଅନେକଙ୍କର ସନ୍ଦେହ ଉପୁଜଥାଏ । ମାତ୍ର ସିନ୍ଧୀ ଭାଷାର ଅଧିକାଂଶ ଶବ୍ଦ ସଂସ୍କୃତରୁ ଉଦ୍ଭବ ହୋଇଅଛି ।

ଅବଶ୍ୟ ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷା ପରି ସିନ୍ଧୀ ଭାଷାରେ ମଧ୍ୟ ଆରବୀ, ପାର୍ସି, ଏବଂ ଦ୍ରାବିଡ଼ ଭାଷାର ପ୍ରଭାବ ଲକ୍ଷ୍ୟ କରାଯାଏ ।

ସିନ୍ଧୀ ଭାଷାର ଛଅ ଗୋଟି ବିଭାଷା ଥିବାର ଭାଷାତତ୍ତ୍ୱବିତ୍‌ଗଣ ସିଦ୍ଧାନ୍ତ କରିଅଛନ୍ତି । ତାହା ହେଲା—(୧) ବିଚୋଲୀ (୨) ସିରାଇକୀ (୩) ଲସୀ (୪) ଥରେଲୀ (୫) କଚ୍ଛୀ (୬) ଲାଡୀ । ସିନ୍ଧୀ ଲିପିକୁ ଲଣ୍ଡା କହନ୍ତି । ଏ ଦେଶର ଭାଷା ବିଷୟରେ ଅନୁସନ୍ଧାନ କରି ଭାଷାତତ୍ତ୍ୱବିତ୍ ଗ୍ରୀୟରସନ୍ ଭାରତର ଭାଷାଗୋଷ୍ଠୀକୁ ତିନିଗୋଟି ଭାଗରେ ବିଭକ୍ତ କରିଥିଲେ । ସେହି ବର୍ଗୀକରଣ ମଧ୍ୟରେ ଏ ଦେଶର ଉତ୍ତର ପଶ୍ଚିମର ଭାଷା ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ସେ ଲହଁଦା ଅଥବା ପଶ୍ଚିମୀ-ପଞ୍ଜାବୀ ଏବଂ ସିନ୍ଧୀକୁ ରଖିଥିଲେ । ଭାଷାବିତ୍ ଡକ୍ଟର ସୁନୀତିକୁମାର ଚାଟାର୍ଜୀ ଭାରତୀୟ ଭାଷାକୁ ଉତ୍ତର ପଶ୍ଚିମ, ପୂର୍ବ, ଦକ୍ଷିଣ ଏହିପରି ଚାରି ଭାଗରେ ବିଭକ୍ତ କରି ଉତ୍ତର ବିଭାଗର ଭାଷା ପର୍ଯ୍ୟାୟରେ ସିନ୍ଧୀ, ଲହଂଦୀ ଏବଂ ପୂର୍ବୀ ପଞ୍ଜାବୀକୁ ନିର୍ଦ୍ଦିଷ୍ଟ କରିଥିଲେ । ସିନ୍ଧୀ ଭାଷା ବ୍ରାଚଡ଼ ଅପଭ୍ରଂଶରୁ ଉତ୍ପତ୍ତି ବୋଲି ନିଶ୍ଚିତ ରୂପେ ଜଣାଯାଇଅଛି । ପ୍ରାଚୀନ ଯୁଗରେ ସିନ୍ଧୁ ଅନ୍ତର୍ଗତ ବ୍ରାଚଡ଼ ପ୍ରଦେଶ ଅତ୍ୟନ୍ତ ପ୍ରସିଦ୍ଧ ଥିଲା ଏବଂ ଏହି ନାମରେ ଏଠାରେ ଅପଭ୍ରଂଶ ଏବଂ ପ୍ରାକୃତ ଭାଷା ବିକାଶପ୍ରାପ୍ତ ହୋଇଥିଲା । 'ଲଣ୍ଡା' ଲିପିରେ ସିନ୍ଧୀ ସାହିତ୍ୟ ରଚିତ ହେଲେ ହେଁ କେହି କେହି ପାରସୀ ଲିପି ଏବଂ ଗୁରୁମୁଖୀ ଲିପିରେ ମଧ୍ୟ ଏହି ଭାଷାର ସାହିତ୍ୟ ରଚନା କରିଥାଆନ୍ତି । ସିନ୍ଧୀର ବିଭାଷାମାନଙ୍କ ମଧ୍ୟରୁ "ବିଚୋଲୀ" ହିଁ ସାହିତ୍ୟିକ ଭାଷା ଭାବରେ ସ୍ଥାନ ଗ୍ରହଣ କରିଅଛି । ସିନ୍ଧୀ ଭାଷାରେ ଗ୍, ଜ୍, ଡ୍, ବ ଅକ୍ଷରଗୁଡ଼ିକର ଉଚ୍ଚାରଣ ଅନ୍ୟାନ୍ୟ ପ୍ରାକୃତ ତୁଳନାରେ ଅତ୍ୟନ୍ତ ବିଚିତ୍ର ଭାବରେ ଉଚ୍ଚାରିତ ହୋଇଥାଏ ।

ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ଲୋକ ସିନ୍ଧୀ ଭାଷାର ସାହିତ୍ୟ ସଂସାରକୁ ସମୃଦ୍ଧ କରିଅଛନ୍ତି । ତେବେ ପାକିସ୍ଥାନ ସୃଷ୍ଟି ହେଲା

ପରେ ସିନ୍ଧୀଭାଷୀ ହିନ୍ଦୁମାନେ ପାକିସ୍ଥାନ ପରିତ୍ୟାଗ କରି ଭାରତରେ ଅବସ୍ଥାନ କରିବା ଫଳରେ ସିନ୍ଧୀଭାଷୀ ସମାଜରେ ଏକ ମହା ଆଲୋଡ଼ନ ସୃଷ୍ଟି ହୋଇଗଲା ଏବଂ କିଛିକାଳ ପାଇଁ ସିନ୍ଧୀ ସାହିତ୍ୟର ପାଠକ ସଂସାର ମଧ୍ୟ ଦରିଦ୍ର ହୋଇ ପଡ଼ିଲେ । ତେବେ ପରମ୍ପରାର ସୂତ୍ର ଧରି ସିନ୍ଧୀ ସାହିତ୍ୟ ଆଜି ଭାରତର ଅନ୍ୟାନ୍ୟ ଆଞ୍ଚଳିକ ସାହିତ୍ୟ ପରି ଅଗ୍ରସର ହେଉଅଛି ।

ଅଧିକାଂଶ ପ୍ରାଦେଶିକ ସାହିତ୍ୟ ପରି ସିନ୍ଧୀ ସାହିତ୍ୟର ପ୍ରାଚୀନତମ ସାହିତ୍ୟିକ ଲେଖାର ପ୍ରମାଣ ପ୍ରାୟ ପଞ୍ଚଦଶ ଶତାବ୍ଦୀ ବେଳକୁ ମିଳୁଅଛି । ଏହି କାଳରେ ଦୋହା ଆକାରରେ ଅନେକ ଭକ୍ତିସଙ୍ଗୀତ ରଚିତ ହୋଇଥିଲା । ତେବେ ସିନ୍ଧୀ ସାହିତ୍ୟ ଉଭୟ ହିନ୍ଦୁ ଓ ମୁସଲମାନ ଦର୍ଶନର ଏକ ମିଳନ ପୀଠ । ଏହି ଉଭୟ ଧର୍ମଧାରାର ତାତ୍ତ୍ୱିକ ଭାବନାର ସମନ୍ୱୟ ବିସ୍ତାର କରି ସିନ୍ଧୀ ସାହିତ୍ୟ ପରିବେଷିତ ହୋଇଥିଲା । ସିନ୍ଧୀ ସାହିତ୍ୟର ପ୍ରାରମ୍ଭିକ କାଳର କବି କାଜୀ କାଜନ ଇତିହାସରେ ଅତ୍ୟନ୍ତ ପ୍ରସିଦ୍ଧ ହୋଇଅଛନ୍ତି । କାଜୀ କାଜନଙ୍କ ପରେ ବହୁ କବି ଆବିର୍ଭୂତ ହୋଇଥିଲେ ହେଁ ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ଶାହ ଅବଦୁଲ କରୀମ ଅତ୍ୟନ୍ତ ବିଖ୍ୟାତ ହୋଇଥିଲେ । ତାଙ୍କର ଦାର୍ଶନିକ ଭାବପୂର୍ଣ୍ଣ କବିତାଗୁଡ଼ିକ ସଂକଳିତ ହୋଇ ଯଥେଷ୍ଟ ଆଦର ଲାଭ କରିଅଛି । ତେବେ ସିନ୍ଧୀ ସାହିତ୍ୟରେ ଶାହ ଅବଦୁଲ ଲତିଫ ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କ କାବ୍ୟ ଗ୍ରନ୍ଥ ସିନ୍ଧୀ ଜନସାଧାରଣଙ୍କର ଅତ୍ୟନ୍ତ ଆଦରର ଧନ । ଏହି ଗ୍ରନ୍ଥରେ ସିନ୍ଧୀ ସମାଜ ଓ ସଂସ୍କୃତିର ପରମ୍ପରା ଅତ୍ୟନ୍ତ ମର୍ମଳ ଭାବରେ ରୂପାୟିତ ହୋଇଅଛି । ସିନ୍ଧୀ ସାହିତ୍ୟର ଆଲୋଚକ ମାନଙ୍କ ମତରେ ଅବଦୁଲ ଲତିଫଙ୍କ କାବ୍ୟାବଳୀ ବିଶ୍ୱ ସାହିତ୍ୟର ଦରବାରରେ ଅନ୍ୟତମ ଶ୍ରେଷ୍ଠ ସାହିତ୍ୟ ଭାବରେ ସମ୍ମାନ ପାଇବାପାଇଁ ଯୋଗ୍ୟ ।

ଶାହ ଅବଦୁଲ ଜଣେ ପ୍ରତିଭାଶାଳୀ କବି ଥିଲେ । ସେ ଥିଲେ ଏକାଧାରରେ କବି ଏବଂ ଗଦ୍ୟ ଲେଖକ । ତାଙ୍କର କବିତାରେ ପ୍ରକୃତି-ପ୍ରାଣତା ଲକ୍ଷ୍ୟ କରାଯାଇଥାଏ । ରହସ୍ୟବାଦୀ ଚିନ୍ତାଧାରାର ଅଭିବ୍ୟକ୍ତି ପାଇଁ ଅବଦୁଲ ଲତିଫଙ୍କ ରଚନାବଳୀ ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ ।

ଅବଦୁଲ ଲତିଫଙ୍କୁ ମହାକବିର ଆସନରେ ଅଧିଷ୍ଠିତ କରାଯାଇଛି । କାରଣ ସିନ୍ଧୀ ସମାଜର ଏପରି କିଛି ଚରିତ୍ର ନାହିଁ, ଯାହାର କଥା ସେ ତାଙ୍କର ସାହିତ୍ୟ ମାଧ୍ୟମରେ ଚିତ୍ର କରି ନାହାନ୍ତି । ରାଜା, ପ୍ରଜା, ଶ୍ରମିକ ପ୍ରଭୃତି ପ୍ରତ୍ୟେକ ଶ୍ରେଣୀର ଲୋକ ତାଙ୍କ କାବ୍ୟ କବିତାରେ ସ୍ଥାନ ଲାଭ କରିଅଛନ୍ତି । ଅତ୍ୟନ୍ତ ସରଳ ଭାଷା ମାଧ୍ୟମରେ ଜଟିଳ ଦାର୍ଶନିକ ତଥ୍ୟ ପରିବେଷଣ କରିବାରେ କବି ଲତିଫ ଥିଲେ ଜଣେ ସଫଳ କଳାକାର । ତାଙ୍କୁ ସେଥିପାଇଁ ହିନ୍ଦୀ ସାହିତ୍ୟର ତୁଳସୀଦାସଙ୍କ ସହିତ ତୁଳନା କରାଯାଏ । ଓଡ଼ିଆ ପାଠକ ସଂସାରରେ ଭକ୍ତକବି ଜଗନ୍ନାଥ ଦାସ ଯେଉଁ ସ୍ଥାନ ଦାବୀ କରିଥାଆନ୍ତି, ସିନ୍ଧୀ ସାହିତ୍ୟରେ କବି ଲତିଫ ସେହି ଆସନର ଅଧିକାରୀ ବୋଲି ସମାଲୋଚକମାନଙ୍କର ମତ ।

ଶାହ ଅବଦୁଲ ଲତିଫଙ୍କ ପରେ ସିନ୍ଧୀ ସାହିତ୍ୟରେ ଯେଉଁ କେତେଜଣ ଉଜ୍ଜ୍ୱଳ ସିଦ୍ଧିର ଅଧିକାରୀ ହୋଇଅଛନ୍ତି ସେମାନଙ୍କ ମଧ୍ୟରେ ସଚଲ ଏବଂ ସାମୀ ପ୍ରଧାନ । ଏମାନଙ୍କର କବିତା ଏବେ ମଧ୍ୟ ସିନ୍ଧୀ ସମାଜକୁ ବିହ୍ୱଳିତ କରିଥାଏ । ମୋଟ ଉପରେ ଶାହ—ସାମୀ—ସଚଲ ଏହି କବିତ୍ରୟୀଙ୍କ ବାଦ ଦେଇ ସିନ୍ଧୀ ସାହିତ୍ୟର ଆଲୋଚନା ସମ୍ଭବ ନୁହେ । ଏକାଳର ସିନ୍ଧୀ ସାହିତ୍ୟର କୌଣସି ସମ୍ପ୍ରଦାୟଗତ ବିଶ୍ୱାସର ପ୍ରାଧାନ୍ୟ ଦୃଷ୍ଟିଗୋଚର ହୁଏନାହିଁ । ଏହି ପ୍ରସିଦ୍ଧ କବିତ୍ରୟୀଙ୍କ ଅନୁସରଣ କରି ବହୁ କବିଙ୍କର ଅଭ୍ୟୁଦୟ ହୋଇଥିଲେ ହେଁ "ବେଦିଲ" ଥିଲେ ଏମାନଙ୍କ ମଧ୍ୟରେ ଉଲ୍ଲେଖଯୋଗ୍ୟ । ତାଙ୍କ ପରେ ଆସିଲେ 'ରୋହଲ' ଏବଂ "ଦୋଲପତ" । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଏବଂ ଊନବିଂଶର ପ୍ରଥମ ଭାଗରେ ଏମାନଙ୍କର ସାହିତ୍ୟ ସାଧନା ସମ୍ଭବ ହୋଇଥିଲା । ସେମାନେ ଆତ୍ମା ଏବଂ ପରମାତ୍ମାର ସମ୍ପର୍କ ଯୋଡ଼ି କବିତା ରଚନା କରିଯାଇଅଛନ୍ତି । ଏ ସିନ୍ଧୀ କବିତାର ପରମ୍ପରାରେ ଶାନ୍ତି, ପ୍ରୀତି ଓ ମୈତ୍ରୀର ବାଣୀ ପ୍ରସ୍ଫୁରିତ ହୋଇଅଛି । ପୂର୍ବ ପରମ୍ପରାର ସୂତ୍ର ଧରି ହମଲ, ଲୁଗାରି, ମୁରାଦ, ଦରୀଖାନ, ବେକସ ଏବଂ ଜୀବତ ସିଂହ କାବ୍ୟ ସାଧନା କରିଯାଇ ଅଛନ୍ତି । ଏମାନେ ପୂର୍ବ ଲିଖିତ କବିତ୍ରୟୀଙ୍କ ପରି ପ୍ରସିଦ୍ଧ ନ ହେଲେ ହେଁ ସିନ୍ଧୀ ସାହିତ୍ୟର ବିକାଶରେ ଏମାନଙ୍କର ଦାନ ଅବହେଳିତ ନୁହେ ।

୧୮୪୩ ଖ୍ରୀଷ୍ଟାବ୍ଦ ସିନ୍ଧୀ ସାହିତ୍ୟର ବିବର୍ତ୍ତନରେ ଏକ ସନ୍ଧିକ୍ଷଣ ପରି ସ୍ମରଣ ହୋଇଥାଏ । ଇଂରେଜ ଶାସନ ଓ ସଭ୍ୟତାର ଆଗମନରେ ସିନ୍ଧୀ ସାହିତ୍ୟ କେତେକ କ୍ଷେତ୍ରରେ ପରମ୍ପରା ଧର୍ମରୁ ବିଚ୍ୟୁତ ହୋଇ ପଡ଼ିଲା । ପାର୍ସି ପରିବର୍ତ୍ତେ ଇଂରେଜୀ ରାଜକୀୟ ଭାଷା ହେବାଯୋଗୁ ପାର୍ସି ସଂସ୍କୃତିର ଆକର୍ଷଣ ଲୋପ ହେବାକୁ ବସିଲା ।

ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଖଲିଫା ଗୁଲ ମୋହମ୍ମଦ ସିନ୍ଧୀ ସାହିତ୍ୟରେ ଯୁଗାନ୍ତକାରୀ ପରିବର୍ତ୍ତନ ଆନୟନ କଲେ । ତାଙ୍କର 'ଗଜଲ' ଗୁଡ଼ିକ ଥିଲା ସମ୍ପୂର୍ଣ୍ଣ ମୌଳିକ ଏବଂ ପରମ୍ପରା ବିରୁଦ୍ଧରେ ଏକ ବିଦ୍ରୋହ । ଗତାନୁଗତିକତାକୁ ପରିହାର କରି ଗୁଲମୋହମଦ କେତେକ ନୂତନ ଶୈଳୀର ପ୍ରବର୍ତ୍ତନ କରିଥିବାରୁ ସିନ୍ଧୀ ସାହିତ୍ୟରେ ସ୍ମରଣୀୟ ହୋଇଅଛନ୍ତି । ଅତ୍ୟାଧୁନିକ ଯୁଗରେ ସୁଦ୍ଧା ଗୁଲମୋହମଦଙ୍କର ଗଜଲ-ଗୁଡ଼ିକ ଲୋକପ୍ରିୟତା ହରାଇ ନାହିଁ । 'ଗୁଲ'ଙ୍କ ବ୍ୟତୀତ ଊନବିଂଶ ଶତାବ୍ଦୀରେ ସାଙ୍ଗୀ, ମାଙ୍ଗ, ମିର୍ଜା କଲୀଚବେଗ, ହାସି ହକଦାର ନେତା, ଶମସୁଦ୍ଦୀନ ବୁଲବୁଲ, ଲେଖରାଜ ଅଜୀଜ ପ୍ରଭୃତି ବହୁ କବି ଲେଖନୀ ଧାରଣ କରି ସ୍ୱ ସ୍ୱ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ତେବେ ଏମାନଙ୍କ ମଧ୍ୟରେ ଅତ୍ୟନ୍ତ ପ୍ରଭାବଶାଳୀ କବି ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ଏମାନଙ୍କ ରଚନାରେ କୌଣସି ବୈପ୍ଳବିକ ନୂତନ ଦିଗ୍‌ଦର୍ଶନ ନାହିଁ । ତଥାପି ସିନ୍ଧୀ ସାହିତ୍ୟର ଇତିହାସରେ ସେମାନଙ୍କର କୀର୍ତ୍ତି ଅବିସ୍ମରଣୀୟ । ଏମାନେ ପ୍ରାୟତଃ ପାର୍ସି ସାହିତ୍ୟର ଆଦର୍ଶରେ କବିତା ରଚନା କରିବା ଦେଖାଯାଇଥିଲା ।

ଇଂରାଜୀ ଶିକ୍ଷାର ପ୍ରଭାବରେ ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟ ପରି ସିନ୍ଧୀ ସାହିତ୍ୟରେ ମଧ୍ୟ ନବଯୁଗର ସୂତ୍ରପାତ ହେଲା; ନୂତନ ଆଦର୍ଶ ଓ ଶୈଳୀର ପରୀକ୍ଷା ଚାଲିଲା । ପାର୍ସି ପ୍ରଭାବରୁ ମୁକ୍ତ କରି ଆଧୁନିକ ସିନ୍ଧୀ ସାହିତ୍ୟରେ ଏ ଯୁଗର ଲେଖକଗଣ ଏକ ନୂତନ ମୂଲ୍ୟବୋଧ ସଞ୍ଚାର କଲେ । ପାରସ୍ୟ କାହାଣୀର ବୁଲବୁଲ ଏବଂ ଗୋଲାପ ଫୁଲ, ସୁରା ଓ ସାକୀ, ଲୈଲା-ମଜନୁ କାହାଣୀ ସିନ୍ଧୀ ଲେଖକମାନଙ୍କୁ ଆଉ ଅନୁପ୍ରାଣିତ କରି ପାରିଲା ନାହିଁ । ଏଣିକି ଲୋକଙ୍କର ଭାଷାରେ ଲୋକ ଜୀବନର ସୁଖ ଦୁଃଖ, ଆଶା ଆକାଙ୍‌କ୍ଷା, ଅଭାବ ଅନୁଭୂତି ରୂପାୟିତ ହେଲା । ଜଣେ ସାଧାରଣ

ସ୍କୁଲ ଶିକ୍ଷକ ଭାବରେ ଜୀବନଯାତ୍ରା ଆରମ୍ଭ କରିଥିଲେ ହେଁ କେଶବଚନ୍ଦ୍ର ବେବସ ଏହି ଦିଗରେ ନୂତନ ଆଦର୍ଶର ଦିଗ୍‌ଦର୍ଶକ ହେଲେ । ବେବସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ହରି ଦିଲଗୀର, ହୁନ୍ଦରାଜ ଦୁଖାୟଲ, ରାମ ପଞ୍ଜବାଣୀ, ଗୋବିନ୍ଦ ଭାଟିଆ ପ୍ରଭୃତି ବହୁ ଲୋକପ୍ରିୟ କାବ୍ୟ କବିତା ସୃଷ୍ଟି କଲେ ।

ସୁଖର କଥା ଯେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାଯୋଗୁ ବହୁଦିନର ଆନ୍ଦୋଳନ ପରେ ସିନ୍ଧୀ ସାହିତ୍ୟର ଅଧ୍ୟୟନ ଓ ଅଧ୍ୟାପନ ପାଇଁ ବାତାବରଣ ସୃଷ୍ଟି ହେଲା । ନୂତନ ଅଭିମୁଖ୍ୟ ଗ୍ରହଣ କରି ଅନେକ ଚଳଚଣ ସିନ୍ଧୀ ସାହିତ୍ୟର ଅନୁଶୀଳନ କଲେ । ଦେଶାତ୍ମବୋଧ ଏବଂ ନୂତନ ଚେତନାର ଆବେଗରେ ଶିକ୍ଷାୟତନରେ ଅଂଶ ଗ୍ରହଣ କରୁଥିବା ଶିକ୍ଷକ, ଅଧ୍ୟାପକ ଏବଂ ପ୍ରଗତିଶୀଳ ଏକ ସମାଜ ସାହିତ୍ୟ ଚର୍ଚ୍ଚା ପ୍ରତି ଅଧିକ ଆକୃଷ୍ଟ ହେଲେ ଏବଂ ସେମାନଙ୍କ ପ୍ରଚେଷ୍ଟାରେ ଅତ୍ୟାଧୁନିକ ସିନ୍ଧୀ ସାହିତ୍ୟ ବିଭିନ୍ନ ଦିଗରେ ବିକାଶପ୍ରାପ୍ତ ହୋଇଅଛି ।

ଆଧୁନିକ ସିନ୍ଧୀ ସାହିତ୍ୟରେ ଉଭୟ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ସାହିତ୍ୟରୁ ଅନେକ ମୂଲ୍ୟବାନ ଗ୍ରନ୍ଥ ଅନୂଦିତ ହୋଇଅଛି । ସେମାନଙ୍କ କଲବାଣୀ, ମୂଳଚନ୍ଦ ଲାଲ ଏବଂ ହରିନାରାୟଣ ବୁଲଚନ୍ଦ ପ୍ରଭୃତି ଅନୁବାଦ କ୍ଷେତ୍ରରେ ସୁନାମ ଅର୍ଜନ କରିଅଛନ୍ତି । ହୈଦରବକ୍‌ସ ଜତୋଇ ଇକବାଲଙ୍କ ଢଙ୍ଗରେ କବିତା ରଚନା କରିବାରୁ ପ୍ରାଚୀନ ପନ୍ଥୀମାନଙ୍କ ଦ୍ୱାରା ସଂଅଷ୍ଟ ସମାଲୋଚିତ ହୋଇଥିଲେ ହେଁ ତାଙ୍କର ଲେଖାଗୁଡ଼ିକ ସାହିତ୍ୟର ଚିରନ୍ତନ ସମ୍ପଦ ହୋଇଅଛି । କେଶବଚନ୍ଦ୍ର ବେବସଙ୍କ ପରେ ହୈଦରବକ୍‌ସ ଜତୋଇ ହେଉଛନ୍ତି ଦ୍ୱିତୀୟ ପ୍ରଧାନ କବି ଯାହାଙ୍କର କୃତି ପାଠକମାନଙ୍କ ମନରେ ଗଭୀର ଭାବରେ ରେଖାପାତ କରିଅଛି । ଏ ଯୁଗର ଅନ୍ୟତମ କବି ଜୀବନଦାସ ଆଜାଦ ଇଂରେଜୀ କବି ମାଥ୍ୟୁଆର୍ଣ୍ଣଲ୍‌ଡଙ୍କ ଲିଖିତ 'ଲାଇଟ ଅଫ୍ ଏସିଆ" ପୁସ୍ତକର ସିନ୍ଧୀ ଅନୁବାଦ କରିଥିଲେ । ଏହି ଅନୁବାଦ ଗ୍ରନ୍ଥଟି 'ପୂରବ ସନ୍ଦେଶ' ନାମରେ ସୁପରିଚିତ ଏବଂ ସିନ୍ଧୀ ପାଠକଗଣ ଏହି ସାର୍ଥକ ଅନୁବାଦ ଗ୍ରନ୍ଥ ପ୍ରତି ଅତ୍ୟନ୍ତ ଆକୃଷ୍ଟ ହୋଇଥିବା ଜଣାଯାଏ ।

ଆଧୁନିକ ସିନ୍ଧୀ ସାହିତ୍ୟରେ ଜଣେ କ୍ରାନ୍ତିକାରୀ ଲେଖକ ହେଉଛନ୍ତି ଧେୟାରାମ ଗିଦୁମଲ । ସେ ଥିଲେ ଜଣେ ସୁପଣ୍ଡିତ ଏବଂ ଦାର୍ଶନିକ । ତାଙ୍କର ବିଖ୍ୟାତ ଦାର୍ଶନିକ ଭାବଧାରା ସମ୍ବଳିତ କାବ୍ୟଗ୍ରନ୍ଥ "ମନ-ଜା-ଚାବୁକ" ଗ୍ରନ୍ଥ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ଏହି ଗ୍ରନ୍ଥର ପ୍ରଭାବ ସର୍ବତ୍ର ସ୍ୱୀକୃତ ହୋଇଅଛି । ଆଧୁନିକ ସାହିତ୍ୟରେ ପାଶ୍ଚାତ୍ୟ ସାହିତ୍ୟର ଆଦର୍ଶ ଅନୁସରଣ କରି ମୁକ୍ତଛନ୍ଦର କବିତା ପ୍ରଚଳନ କରିବାରେ ଦୟାରାମ ଗିଦୁମଲ ଅଗ୍ରଗଣ୍ୟ ହୋଇଅଛନ୍ତି । ତାଙ୍କର ପ୍ରଭାବରେ ଅନୁପ୍ରାଣିତ ହୋଇ ବହୁ ତରୁଣ କବି ଏହି ଛନ୍ଦର ଆଶ୍ରୟ ଗ୍ରହଣ କରିଥିବା ଜଣାଯାଏ । ନାରାୟଣ ଶ୍ୟାମ ଏବଂ ଅୟାଜ ମୁକ୍ତଛନ୍ଦ କବିତା ରଚନାରେ ଅଧିକ ସଫଳତା ଅର୍ଜନ କରିଅଛନ୍ତି । ଆଧୁନିକ ସାହିତ୍ୟରେ ଅୟାଜଙ୍କ ରଚନା ଅଧିକ ଶକ୍ତିଶାଳୀ ମନେ ହୋଇଥାଏ ତେଣୁ ତାଙ୍କର ଲୋକପ୍ରିୟତା ମଧ୍ୟ ସମଧିକ ଦୃଷ୍ଟିଗୋଚର ହୁଏ । ଏମାନଙ୍କ ସହିତ ଗୋବର୍ଧନ ମହବୁବାଣୀ, ଖିଯୁଲଦ ସଫାମା, ମୋତୀ ପ୍ରକାଶ, ଅର୍ଜନ ଶାଦ ପ୍ରଭୃତି ସମକାଳୀନ ସିନ୍ଧୀ କବିତାରେ ନିଜ ନିଜର ସ୍ୱାକ୍ଷର ଲିପିବଦ୍ଧ କରିଅଛନ୍ତି । ବିଶେଷତଃ ଖିମ୍ନଲଦାସ ଫାନିଙ୍କର ବିଖ୍ୟାତ ଦେଶାତ୍ମବୋଧକ କବିତା "ଓ ମେରେ ବତନ ! ମେରେ ବତନ" ଅକୁମାରୀ ହିମାଚଳର ଶ୍ରୋତାମାନଙ୍କୁ ବିଚଳିତ କରିଦିଏ ।

ସିନ୍ଧୀ ଗଦ୍ୟ ସାହିତ୍ୟର ବୟସ ହୁଏ ତ ଶହେବର୍ଷରୁ କିଛି ଅଧିକ କାଳ ହୋଇପାରେ । ମାତ୍ର ଏହି ସମୟ ମଧ୍ୟରେ ଏହାର ଆଶାତୀତ ବିକାଶ ହୋଇଅଛି । ଅନୁବାଦ ଏବଂ ମୌଳିକ ସୃଷ୍ଟି, ଉଭୟ କ୍ଷେତ୍ରରେ ସିନ୍ଧୀ ଗଦ୍ୟର ଉଲ୍ଲେଖଯୋଗ୍ୟ ଅବଦାନ ଲକ୍ଷ୍ୟ କରାଯାଏ । ଇଂରେଜୀ ସାହିତ୍ୟ ସମ୍ପର୍କରେ ଭାରତୀୟ ସମାଜରେ ବସ୍ତୁବାଦୀ ଚିନ୍ତାଧାରା ପ୍ରବୃତ୍ତି ହୁଏ ଏବଂ ପାଶ୍ଚାତ୍ୟ ଶିଳ୍ପବିପ୍ଳବର ପ୍ରଭାବରେ ଏ ଦେଶକୁ ମୁଦ୍ରାଯନ୍ତ୍ର ଆମଦାନି ହୋଇ ଗଦ୍ୟ ସାହିତ୍ୟର ପ୍ରାଣ-ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ । ଭାରତର ବିଭିନ୍ନ ପ୍ରାନ୍ତରେ ଆଧୁନିକ ଗଦ୍ୟ ସାହିତ୍ୟର ଇତିହାସର ଅନୁଶୀଳନରେ ଏହି ସତ୍ୟଟି ସମାନ ଭାବରେ ପ୍ରମାଣିତ ।

୧୮୫୩ ସାଲରେ ଲିଖିତ ସିନ୍ଧୀ ସାହିତ୍ୟର ପ୍ରଥମ ଗଦ୍ୟ ପୁସ୍ତକ ମିଳୁଅଛି । ଏହା ଏକ କାହାଣୀ ସଂଗ୍ରହ ଏବଂ ଗୁଲାମ ହୁସେନଙ୍କ ଦ୍ୱାରା

ଲିଖିତ । ଏହି କାଳର ଅବ୍ୟବହିତ ପରେ 'ସାଗ୍' 'ଗୁଲସ୍ତାଁ'' କେବଳରାମ ସଲାମତରାୟଙ୍କ "ସୁଖସା" ଏବଂ ଆରବ୍ୟକହାଣୀର ଅନୁବାଦ ପ୍ରଭୃତି କେତେକ ଗଦ୍ୟଗ୍ରନ୍ଥ ଲେଖାଯାଇଛି । ବିଶେଷତଃ ଏହି ପ୍ରାରମ୍ଭ କାଳରେ ଅନୁବାଦ ଦ୍ୱାରା ସିନ୍ଧୀ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରାଯାଇଅଛି । ପ୍ରାୟ ବିଂଶ ଶତାବ୍ଦୀର ପ୍ରଥମ ଦଶକ ପର୍ଯ୍ୟନ୍ତ କେବଳ ଅନୁବାଦ ଉପରେ ହିଁ ପ୍ରାଧାନ୍ୟ ଦିଆଯାଇଥିଲା । ଭାଷାବିଜ୍ଞାନ ବ୍ୟାକରଣ ଏବଂ କେତେକ କୋଷ ଗ୍ରନ୍ଥ ମଧ୍ୟ ଏହି କାଳରେ ରଚିତ ହୋଇ ସିନ୍ଧୀ ସାହିତ୍ୟର ସମୃଦ୍ଧି ସାଧିତ ହୋଇଅଛି । ଏ ଯୁଗର ଦୁଇ ଜଣ ପ୍ରଧାନ ଅନୁବାଦକ ହେଲେ ମିର୍ଜା କଲ୍ଲୀଚ ବେଗ ଏବଂ କୌଡ଼ୋମଲ ଚନ୍ଦନମଲ । ଇଂରାଜୀ ସାହିତ୍ୟ ଏବଂ ବଙ୍ଗଳା ସାହିତ୍ୟର କେତେଗୋଟି ଅମୂଲ୍ୟ ଗ୍ରନ୍ଥ ସେମାନଙ୍କର ପ୍ରଚେଷ୍ଟାରେ ସିନ୍ଧୀ ସାହିତ୍ୟର ନିଜସ୍ୱ ହୋଇ ପାରିଥିଲା । ଇଂରାଜୀ ଔପନ୍ୟାସିକ ସ୍କଟଙ୍କର କେତେକ ଉପନ୍ୟାସ ଏବଂ ଜନସନଙ୍କ କେତେକ ଉତ୍କୃଷ୍ଟ ଗଦ୍ୟ ଲେଖା ଏହି ସାହିତ୍ୟରେ ଅନୁବାଦ ହେବା ଯୋଗୁ ଆଧୁନିକ ଯୁଗର ଲେଖକଗଣ ଯଥେଷ୍ଟ ପ୍ରେରଣା ଲାଭ କରିଥିଲେ । ପୁନଶ୍ଚ ବାସୁମଲ ଜୈରାମଦାସ ତୁଳସୀ ଦାସଙ୍କ ରାମାୟଣର ଅନୁବାଦ କରି ସିନ୍ଧୀ ପାଠକମାନଙ୍କର ଏକ ଅଭାବ ଦୂର କରିଅଛନ୍ତି । ସିନ୍ଧୀ ଗଦ୍ୟ ସାହିତ୍ୟର ଅନ୍ୟତମ ବିଶିଷ୍ଟ ଲେଖକ ହେଉଛନ୍ତି ପରମାନନ୍ଦ ମେବାରାମ । ଅନୁଶୀଳନାତ୍ମକ ମୌଳିକ ଗଦ୍ୟ ପ୍ରବନ୍ଧ ପାଇଁ ସେ ଯଶସ୍ୱୀ ହୋଇଛନ୍ତି । ଆଲୋଚକଗଣ ଶ୍ରଦ୍ଧାରେ ତାଙ୍କୁ ସିନ୍ଧୀ ସାହିତ୍ୟର "ଏଡ଼ିସନ" ବୋଲି ନାମିତ କରିଥାଆନ୍ତି ।

୧୮୭୦ ଖ୍ରୀଷ୍ଟାବ୍ଦରେ ମିର୍ଜାକଲ୍ଲୀଚ ବେଗ "ଜୀନତ" ରଚନା କରି ସିନ୍ଧୀ ସାହିତ୍ୟରେ ପ୍ରଥମ ଔପନ୍ୟାସିକର ସମ୍ମାନ ଲାଭ କରିଅଛନ୍ତି । ପ୍ରୀତମ ଦାସ ଏହାର ଦୁଇବର୍ଷ ପରେ "ଅଜୀବ ଭେଟ" ଶୀର୍ଷକ ଏକ ଉପନ୍ୟାସ ରଚନା କଲେ । ୧୮୮୫ ସାଲରେ 'ସାମୀଜା-ଶ୍ଲୋକ'' ସଂପାଦିତ ହୋଇ ପ୍ରକାଶିତ ହେଲା । ଏହା କୌଡ଼ୋମଲ ଚନ୍ଦନମଲଙ୍କର ସିନ୍ଧୀ ସାହିତ୍ୟକୁ ଉଲ୍ଲେଖଯୋଗ୍ୟ ଅବଦାନ । ଊନବିଂଶର ଶେଷ ଦଶକରେ ଏବଂ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ପରମାନନ୍ଦ ମେବାରାମ ଅନେକ ଉତ୍କୃଷ୍ଟ ପ୍ରବନ୍ଧ ଲେଖି ସିନ୍ଧୀ ସାହିତ୍ୟକୁ ସମୃଦ୍ଧ କରିଯାଇଅଛନ୍ତି ।

ଏହି ପ୍ରବନ୍ଧଗୁଡ଼ିକ "ଗୁଲ ଫୁଲ୍" ଏବଂ 'ବହାର' ନାମକ ସଂକଳନ ହିସ୍ୱରେ ପ୍ରକାଶିତ ହୋଇଅଛି । ପରମାନନ୍ଦ ମଧ୍ୟ "ଇମିଟେସନ ଅଫ କ୍ରାଇଷ୍ଟ" ନାମକ ପୁସ୍ତକର ସାର୍ଥକ ଗଦ୍ୟାନୁବାଦ କରିଥିଲେ । ସିନ୍ଧୀ ଭାଷାରେ ୧୯୧୦ ସାଲରେ ସେ ଯେଉଁ ଅଭିଧାନ ସଂକଳନ କରିଥିଲେ, ତାହାର ମୂଲ୍ୟବୋଧ ଏବେ ମଧ୍ୟ ହ୍ରାସ ପାଇନାହିଁ । ପରମାନନ୍ଦଙ୍କ ପରେ ପରେ ନିବନ୍ଧ ଲେଖକ ଭାବରେ ସୁଖ୍ୟାତି ଅର୍ଜନ କରିଥିଲେ ବାଧୂମଲ ଗଙ୍ଗାରାମ । ବିଂଶ ଶତାବ୍ଦୀରେ ସିନ୍ଧୀ ଭାଷାରେ ଅନେକଗୁଡ଼ିଏ ଉଚ୍ଚ କୋଟିର ପତ୍ରିକା ପ୍ରକାଶିତ ହେଲା । ଏହି ପତ୍ରିକା ମାଧ୍ୟମରେ ଆଧୁନିକ ଗଦ୍ୟ ସାହିତ୍ୟର ପୁଷ୍କଳ ବିକାଶ ପାଇଁ ଯଥେଷ୍ଟ ଧ୍ୟାନ ଦିଆଯାଇ ପାରିଲା । ବହୁ ଶକ୍ତିଶାଳୀ ଲେଖକ ସାହିତ୍ୟର ନାନା ବିଭାଗରେ ଲେଖମା ଚୂଳନା କରି ଅତ୍ୟାଧୁନିକ ଗଦ୍ୟ ସାହିତ୍ୟର ପ୍ରସାର କଲେ । ଇସ୍‌ଲାମ୍, ହିନ୍ଦୁ, ଏବଂ ସୁଫୀ ମତବାଦର ଦାର୍ଶନିକ ଅନୁଚିନ୍ତାଗୁଡ଼ିକ ବହୁଳ ଭାବରେ ସିଂଧୀ ଗଦ୍ୟରେ ରୂପାୟିତ ହେଲା । ସିନ୍ଧୀ ପ୍ରଦେଶ ଗଠିତ ହେବା ଯୋଗୁ ସିଂଧୀ ଭାଷାଭାଷୀଙ୍କର ଜାତୀୟ ଚେତନା ଏବଂ ସାଂସ୍କୃତିକ ଏକତାର ଯେଉଁ ସୁଯୋଗ ଉପସ୍ଥିତ ହେଲା, ତାହା ଫଳରେ ସାହିତ୍ୟରେ ମଧ୍ୟ ଏହି ସାଂସ୍କୃତିକ ଉଦାର ଭାବନା ରୂପାୟିତ ହେବାକୁ ଲାଗିଲା ।

ଅତ୍ୟାଧୁନିକ ସିଂଧୀ ଗଦ୍ୟ ସାହିତ୍ୟର ତିନିଜଣ ପ୍ରଭାବଶାଳୀ ନିର୍ମାତା ହେଲେ ଜେଠମଲ ପରସରାମ, ଭେରୁମଲ ମେହେରଚନ୍ଦ ଓ ଲାଲଚନ୍ଦ ଅମରଡ଼ିନୋମଲ । ଜେଠମଲ ଜଣେ ରହସ୍ୟବାଦୀ ଲେଖକ ଥିଲେ । ସିନ୍ଧୀ ସାହିତ୍ୟର ବହୁ ଦାର୍ଶନିକ କବିଙ୍କ ସେ ଆଲୋଚନା କରି ଯାଇ-ଅଛନ୍ତି । ତାଙ୍କର ସାହିତ୍ୟସାଧନା ମାଧ୍ୟମରେ ହିନ୍ଦୁ-ମୁସଲମାନ ଏକତାର ମନ୍ତ୍ର ସେ ପ୍ରଚାର କରିଅଛନ୍ତି । ଭେରୁମଲଙ୍କର ସାହିତ୍ୟସାଧନାର କ୍ଷେତ୍ର ମଧ୍ୟ ଅତ୍ୟନ୍ତ ବିସ୍ତୃତ । ତେବେ ଏହି ତିନି ମଧ୍ୟରୁ ଶେଷୋକ୍ତ ଲେଖକ ଲାଲଚନ୍ଦ ପାକିସ୍ଥାନ ଓ ହିନ୍ଦୁସ୍ଥାନ ଉଭୟ ଦେଶରେ ସିନ୍ଧୀ ସାହିତ୍ୟର ଜଣେ ଲୋକପ୍ରିୟ ଅଥଚ ଶକ୍ତିଶାଳୀ ଲେଖକ ବୋଲି ପରିଗଣିତ ହୁଅନ୍ତି । ସିନ୍ଧୀ ଗଳ୍ପ ଶୈଳୀରେ ସେ ବୈପ୍ଳବିକ ପରିବର୍ତ୍ତନ ଆନୟନ କରିବାପାଇଁ କ୍ଷମ ହୋଇଅଛନ୍ତି । ଆଧୁନିକ ଯୁଗରେ ସିନ୍ଧୀ ଗଳ୍ପ ଏବଂ ଉପନ୍ୟାସ ଅତ୍ୟନ୍ତ ସମୃଦ୍ଧିଶାଳୀ ଏବଂ ପ୍ରଗତିଶୀଳ । ଏ ଗୁଡ଼ିକରେ ଏ ଯୁଗର ନାନା

ରାଜନୈତିକ ମତବାଦ, ବାସ୍ତବଧର୍ମୀ ଆଦର୍ଶ, ମାନବବାଦୀ ଅନୁପ୍ରେରଣା ଏବଂ ମନୋବୈଜ୍ଞାନିକ ବିଶ୍ଳେଷଣର ଚେଷ୍ଟା ଚାଲିଅଛି । କେତେକ ଉଚ୍ଚ କୋଟିର ସାହିତ୍ୟ ପତ୍ରିକା ଜରିଆରେ ସିନ୍ଧୀ ସାହିତ୍ୟର ଅଭ୍ୟୁଦୟର ଜୟଯାତ୍ରା ଘୋଷିତ ହେଉଅଛି ।

ଏ ଯୁଗରେ କେତେ ଜଣ ନାରୀ ଲେଖିକା ସିନ୍ଧୀ ସାହିତ୍ୟରେ ଲେଖନୀ ଚାଳନା କରି ଉଜ୍ଜ୍ୱଳ ସିଦ୍ଧିର ଅଧିକାରିଣୀ ହୋଇଅଛନ୍ତି । ଭାରତ ବିଭାଗ ପୂର୍ବରୁ ଗୁଲ ସଦାରଂଗାଣୀ ଏକ ଖ୍ୟାତନାମା ଔପନ୍ୟାସିକା ଥିଲେ । ସେ ରବୀନ୍ଦ୍ରନାଥଙ୍କର 'ଗୋରା' ଉପନ୍ୟାସର ଅନୁବାଦ କରିଥିଲେ । ତାହା ଛଡ଼ା ତାଙ୍କର ମୌଳିକ ଉପନ୍ୟାସ "ଇତହାଦ" ତତ୍କାଳୀନ ସମାଜରେ ଚହଳ ସୃଷ୍ଟି କରିଥିଲା । ଏହି ଉପନ୍ୟାସରେ ଜଣେ ହିନ୍ଦୁ ଝିଅ ଏବଂ ମୁସଲମାନ ପୁଅର ପ୍ରେମ କାହାଣୀ ଏବଂ ପରିଶେଷରେ ସେମାନଙ୍କର ବିବାହ ଦର୍ଶାଇ ଦିଆଯାଇଅଛି । ପୁନଶ୍ଚ ପୋପଟୀ ହିରାନନ୍ଦାଣୀ, ସୁନ୍ଦରୀ ଉତ୍ତମଚନ୍ଦାଣୀ ଆନନ୍ଦ ଗୋଲାଣୀ, ପ୍ରଭୃତି ନାରୀ ଲେଖିକାଗଣ ଉପନ୍ୟାସ ଏବଂ ଗଳ୍ପ ସାହିତ୍ୟ ଦୃଷ୍ଟିରେ ଯଥେଷ୍ଟ ସଫଳତା ଅର୍ଜନ କରିଅଛନ୍ତି । ମଂଘାରାମ ମଲକାଣୀ ନାଟକ, ନିବନ୍ଧ ଏବଂ ଇତିହାସ କ୍ଷେତ୍ରରେ ନିଜର ସାର୍ଥକ ସ୍ୱାକ୍ଷର ଲିପିବଦ୍ଧ କରି ସ୍ମରଣୀୟ ।

ଗଦ୍ୟ ଏବଂ କବିତା ପରି ନାଟକ କ୍ଷେତ୍ରରେ ସିନ୍ଧୀ ସାହିତ୍ୟ ଯଥେଷ୍ଟ ଅଗ୍ରସର ହୋଇପାରି ନାହିଁ । ପେଶାଦାରୀ ମଞ୍ଚର ଅଭାବରେ ବହୁକାଳ ପର୍ଯ୍ୟନ୍ତ ନାଟକର ବିକାଶ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇପାରି ନ ଥିଲା । କଲେଜ କ୍ଲବ ଏବଂ କେତେକ ସୌଖୀନ କ୍ଲବର ଆନୁକୂଲ୍ୟରେ ଇଂରାଜୀ ଏବଂ ବଙ୍ଗଳା ନାଟକର ଅନୁବାଦ ହୋଇ ଅଭିନୀତ ହେଲା । ବହୁଦିନ ପର୍ଯ୍ୟନ୍ତ ମୌଳିକ ସିନ୍ଧୀ ନାଟକ ଲେଖିବା ପାଇଁ ଉଦ୍ୟମ ହୋଇ ନ ଥିବା ଜଣାଯାଏ । ରାମାୟଣ ଓ ମହାଭାରତ ଅବଲମ୍ବନରେ ପ୍ରଥମେ କେତେକ ପୌରାଣିକ ନାଟକ ରଚିତ ହେଲା । ଅବଶ୍ୟ ଏ ଯୁଗରେ ସମାଜଧର୍ମୀ କେତେକ ନାଟକ ରଚିତ ହୋଇ ଲୋକପ୍ରିୟ ହୋଇଅଛି । ନାଟ୍ୟକାରମାନଙ୍କ ମଧ୍ୟରେ ମିର୍ଜା କଲ୍ଲିଚ-ବେଗଙ୍କର ସାଧନା ଅନସ୍ୱୀକାର୍ଯ୍ୟ । ତାଙ୍କର ନାଟକଗୁଡ଼ିକର ମଞ୍ଚମୂଲ୍ୟ ସହିତ ସାହିତ୍ୟିକ ମର୍ଯ୍ୟାଦା ମଧ୍ୟ ସ୍ୱୀକାର କରାଯାଏ ।

ଦେଶ ବିଭାଗ ଯୋଗୁ ନିଜର ମାତୃଭୂମିରେ ସିନ୍ଧୀ ଲୋକେ ଶରଣାର୍ଥୀ ଭାବରେ ଆଶ୍ରୟ ଗ୍ରହଣ କଲେ । ସେମାନଙ୍କର କାଳ କାଳର ଜୀବନଧାରା ଓଲଟ ପାଲଟ ହୋଇଗଲା । ଉଭୟ ପାକିସ୍ଥାନ ଏବଂ ହିନ୍ଦୁସ୍ଥାନରେ ସିନ୍ଧୀ ଜନସାଧାରଣ ଖେଳାଇ ହୋଇ ରହିଗଲେ । ସିନ୍ଧୀ ସମାଜର ସଂହତି ଚହଲିଗଲା । ତେବେ ଦେଶବିଭାଜନର ଏହି ଦାରୁଣ ପରିଣତିକୁ ସାହସର ସହିତ ସିନ୍ଧୀ ସମାଜ ଗ୍ରହଣ କରି ନୂତନ ଆଭିମୁଖ୍ୟ ନେଇ ଆଜ ଅଗ୍ରସର ହେଉଅଛି । ସିନ୍ଧୀ ସାହିତ୍ୟରେ ଆଜ ନୂତନ ସୃଷ୍ଟି ଓ ଅଭିନବ ପରୀକ୍ଷା ପାଇଁ ଉଦ୍ୟମ ଚାଲିଅଛି ।

———

Printed by K. Kar at Annapurna Press, Cuttack-2